# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ମାର୍ଚ୍ଚ ୨୪/୨୦୧୯ (୨୦ ପୃଷ୍ଠା+ଛୁଟିଦିନ) Sambalpur, Sunday, March 24 / 2019 ★★

୧୫୫ଶ ଭାଗ ୯୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ଜୟଲଲିଥାଙ୍କ ବାୟୋପିକ୍‌ରେ କଙ୍ଗନା**

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ଵତ୍ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଲିଥାଙ୍କ ବାୟୋପିକ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। ୦୨

୧୮ **ଜ୍ୟାକ୍ସଙ୍କ ଦ୍ରୁତ ଶତକ**

ଇଂଲିଶ କାଉଣ୍ଟି କ୍ରିକେଟ କ୍ଲବ ସରେ ବ୍ୟାଟ୍ସମ୍ୟାନ ୱିଲ୍ ଜ୍ୟାକ୍ସ ମାତ୍ର ୨୫ ବଲ୍‌ରେ ଶତକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି।



# ଟିକେଟ ପାଇଁ ବାୟା

## ଦଳଡିଆଁ ଖୁସ୍, ଅନେକ ଆଶାୟୀ ହତାଶ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ବିଧାନସଭା ଓ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜ୍ୟରେ ରାଜନୈତିକ ଉଷ୍ମତା ସେତିକି ବଢ଼ିଚାଲିଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିଜେଡି, କଂଗ୍ରେସ ଓ ଭାଜପାରେ ରାଜନୈତିକ ହଟଚମଟ ଜୋରଦାର ହୋଇଛି। ଟିକେଟ ନ ମିଳିବାରୁ ଏମ୍‌ପି, ବିଧାୟକ, ଆଶାୟୀମାନେ ଦଳୀୟ ନେତୃତ୍ୱଙ୍କ ବିରୋଧରେ ବିଷୋଦ୍‌ଗାର କରୁଛନ୍ତି। ନିଜ ଦଳରୁ ହତାଶ ହେବା ପରେ ସେମାନେ ଅନ୍ୟ ଦଳକୁ ଆବୋରି ନେଉଛନ୍ତି। ଦଳବଦଳ ଟିକେଟ ପାଇ ଖୁସି ହେଉଥିବାବେଳେ ଦୀର୍ଘବର୍ଷ ଦଳ ପାଇଁ ଖଟୁଥିବା ଆଶାୟୀମାନେ ନିରାଶ ହେବାରେ ଲାଗିଛନ୍ତି। ଟିକେଟ ବଣ୍ଟନ ପରେ ୩ ପ୍ରମୁଖ ଦଳ ମଧ୍ୟରେ ଦେଖାଦେଇଛି ପ୍ରବଳ ଉତ୍ତେଜନା। ଦଳୀୟ ନେତା ଓ କର୍ମୀମାନେ ପାର୍ଟି କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ କେତେକ ସ୍ଥାନରେ ଭଙ୍ଗାରୁଜା ମଧ୍ୟ କରିଛନ୍ତି। ଟିକେଟ ପାଇ ନ ଥିବା ଦଳୀୟ ଆଶାୟୀ ନେତାଙ୍କ ଅଭିଯୋଗ ହେଲା ଦୀର୍ଘବର୍ଷ ଧରି ଦଳ ପାଇଁ କାର୍ଯ୍ୟ କରୁଥିଲେ ମଧ୍ୟ ଦଳ ପ୍ରକୃତ କର୍ମୀଙ୍କୁ ଅଣଦେଖା କରି ଦଳବଦଳଙ୍କୁ ଟିକେଟ ଦେଉଛି। ଏ ନେଇ ଚାରିଆଡ଼େ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷର ନିଆଁ ବ୍ୟାପିବାରେ ଲାଗିଛି।

ଟିକେଟ ପାଇ ନ ଥିବା ବିଜେଡି, ଭାଜପା ଓ କଂଗ୍ରେସର ଆଶାୟୀମାନେ ଦଳୀୟ ନେତୃତ୍ୱକ ମଧ୍ୟ ଖୋଲାଖୋଲି ଚ୍ୟାଲେଞ୍ଜ କରିଛନ୍ତି। ଟିକେଟରୁ ବଞ୍ଚିତ ଅନେକ ଏମ୍‌ପି, ବିଧାୟକ ଓ ଆଶାୟୀ ଦଳରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ସୁନ୍ଦରଗଡ, ନୟାଗଡ, କଳାହାଣ୍ଡି, କୋରାପୁଟ, ବରଗଡ, ସଇଁତଳା, ପାରଳାଖେମୁଣ୍ଡି, ବ୍ରହ୍ମଗିରି, ଫୁଲବାଣୀ, ଦିଗପହଣ୍ଡି, କନ୍ଧମାଳ, ଝାରସୁଗୁଡା, ନୀଳଗିରି, ମୋହନା ଆଦି ଆସନରୁ ଟିକେଟ ନ ମିଳିବାରୁ ଦଳ ବିରୋଧରେ ବିଦ୍ରୋହ ଆରମ୍ଭ ହୋଇଛି।

କଂଗ୍ରେସରୁ ବିଜେଡିକୁ ଯାଇଥିବା ପୂର୍ବତନ ବିରୋଧୀ ଦଳ ନେତା ଭୂପିନ୍ଦର ସିଂ, ପୂର୍ବତନ ଏମ୍‌ପି ଚନ୍ଦ୍ର ଶେଖର ସାହୁ, ବିଧାୟକ ନବ କିଶୋର ଦାଶ ଓ ଯୋଗେଶ ସିଂଙ୍କୁ ବିଜେଡି ଚଳିତ ନିର୍ବାଚନରେ ଟିକେଟ ଦେଇଛି। ଏପରି କି କେତେକ ଆସନରେ ସମ୍ପୂର୍ଣ୍ଣ ନୂଆମୁହଁକୁ ନିର୍ବାଚନ ମଇଦାନକୁ ଓହ୍ଲାଯାଇଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ତାରିଖ ଘୋଷଣା ହେବା ପରେ ବିଜେଡି ୯ ଏମ୍‌ପି ଓ ୧୪ ଜଣ ବିଧାୟକଙ୍କୁ ଟିକେଟ ଦେଇନାହିଁ। ଏ ନେଇ ମଧ୍ୟ ଦଳରେ ଅସନ୍ତୋଷର ନିଆଁ କୁହୁଳୁଛି।

ଭାଜପାରେ ମଧ୍ୟ ଅନୁରୂପ ଅବସ୍ଥା ସୃଷ୍ଟି ହୋଇଛି। ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ସଦ୍ୟ ଯୋଗଦେଇଥିବା ଏମ୍‌ପି ବଳଭଦ୍ର ମାଝି, ☞ପୃଷ୍ଠା–୪



ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଚୟନକୁ ନେଇ ଅସନ୍ତୁଷ୍ଟ କର୍ମୀମାନେ କେନ୍ଦୁଝର ଜିଲା ଭାଜପା କାର୍ଯ୍ୟାଳୟରେ ଭଙ୍ଗାରୁଜା କରୁଛନ୍ତି। (ରିପୋର୍ଟ ପୃଷ୍ଠା–୧୩)

# କରମବୀର ସିଂ ହେବେ ନୌସେନା ମୁଖ୍ୟ



ନୂଆଦିଲ୍ଲୀ,୨୩।୩(ପି.ଟି.)

ଭାଇସ୍ ଆଡମିରାଲ କରମବୀର ସିଂଙ୍କୁ ଦେଶର ପରବର୍ତ୍ତୀ ନୌସେନା ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନର ନୌସେନା ମୁଖ୍ୟ ଆଡମିରାଲ ସୁନୀଲ ଲାନ୍‌ବା ଆସନ୍ତା ମେ ୩୦ରେ ଅବସର ନେବାକୁ ଯାଉଥିବାବେଳେ ତାଙ୍କ ଉତ୍ତରାଧିକାରୀ ଭାବେ କରମବୀରଙ୍କୁ ଚୟନ କରାଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ନୌସେନା ମୁଖ୍ୟ ନିଯୁକ୍ତିରେ ପାରମ୍ପରିକ ଭାବେ ସର୍ବବରିଷ୍ଠ ଯୋଗ୍ୟ ଅଧିକାରୀଙ୍କୁ ଚୟନ କରାଯାଇ ଆସୁଥିବାବେଳେ ଏଥର ମେଧା ଭିତ୍ତିରେ କରମବୀରଙ୍କୁ ବଛାଯାଇଛି। ବରିଷ୍ଠତା ଦୃଷ୍ଟିରୁ ଆଣ୍ଡାମାନ ନିକୋବର କମାଣ୍ଡର ମୁଖ୍ୟ ଥିବା ଭାଇସ୍ ଆଡମିରାଲ ବିମଳ ବର୍ମା ଏହି ଦୌଡରେ ଥିଲେ। ଭାଇସ୍ ଆଡମିରାଲ କରମବୀର ବିଶାଖାପାଟଣାସ୍ଥିତ ଇଷ୍ଟର୍ନ ନାଭାଲ କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ ଇନ୍ ଚିଫ୍ ଅଛନ୍ତି। ଏହା ପୂର୍ବରୁ ସେ ନାଭାଲ ଷ୍ଟାଫ୍‌ର ଡେପୁଟି ଚିଫ୍ ଏବଂ ଭାଇସ୍ ଚିଫ୍ ଭାବେ କାର୍ଯ୍ୟ କରିଥିଲେ। ମେ ୩୧ରେ ସେ ନୌସେନା ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ। ୧୯୫୯ ନଭେମ୍ବର ୩ରେ ଜନ୍ମିତ ଭାଇସ୍ ଆଡମିରାଲ କରମବୀର ୧୯୮୦ ଜୁଲାଇରେ ଭାରତୀୟ ନୌସେନାରେ ଭର୍ତ୍ତି ହୋଇଥିଲେ। ସେ ପ୍ରଥମ ହେଲିକପ୍ଟର ପାଇଲଟ, ଯିଏ ନୌସେନା ମୁଖ୍ୟ ହେବାକୁ ଯାଉଛନ୍ତି ବୋଲି ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି। କରମବୀରଙ୍କୁ ପରମ ବିଶିଷ୍ଟ ସେବା ମେଡାଲ(ପିଭିଏସ୍ଏମ୍) ଏବଂ ଅତିବିଶିଷ୍ଟ ସେବା ମେଡାଲ (ଏଭିଏସ୍ଏମ୍) ମିଳିଛି।

# ଚାପରେ ବିଜେଡି, ଝୁଲିଲା ତାଲିକା

## ଖୁବ୍‌ଶୀଘ୍ର ବିଜେଡି ପ୍ରାର୍ଥୀ ଘୋଷଣା: ନବୀନ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ବିଜେଡି ପକ୍ଷରୁ ଖୁବ୍‌ଶୀଘ୍ର ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏହା କହିଛନ୍ତି। ଖରିଆର ବିଧାୟକ ଦୁର୍ଯ୍ୟୋଧନ ମାଝିଙ୍କ ମିଶ୍ରଣ ପରେ ନବୀନ ଗଣମାଧ୍ୟମକୁ ଏନେଇ ପ୍ରତିକ୍ରିୟା ଦେଇଥିଲେ। ବିଜେଡି ପ୍ରଥମ ଦଫାରେ ୯ ଲୋକ ସଭା ଏବଂ ୫୪ ବିଧାନସଭା ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ରାଜ୍ୟର ଆହୁରି ୧୨ ଲୋକ ସଭା ଏବଂ ୯୩ ବିଧାନସଭା ପ୍ରାର୍ଥୀ ତାଲିକା ଝୁଲିରହିଛି। ଏପରି କି ପ୍ରଥମ ଦୁଇଟି ପର୍ଯ୍ୟାୟରେ ହେବାରୁ ଥିବା ୯ ବିଧାନସଭା ପାଇଁ ମଧ୍ୟ ପ୍ରାର୍ଥୀ ଘୋଷଣା ହୋଇନାହିଁ। ରବିବାର ଦଳ ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା ହେବାର ସମ୍ଭାବନା ରହିଛି।

ପ୍ରାର୍ଥୀ ଘୋଷଣା ହୋଇ ନ ଥିବା ବିଧାନସଭା ଆସନଗୁଡ଼ିକ ହେଉଛି- ବ୍ରଜରାଜ ନଗର, ମାଲକାନଗିରି, ଝରିଗାଁ, ବଲାଙ୍ଗୀର, ବୀରମିତ୍ରପୁର, ଲୋଇସିଂହା, ଲାଞ୍ଜିଗଡ଼, ପଟାଙ୍ଗୀ ଏବଂ ଫୁଲବାଣୀ। ଦୁଇଦିନ ପୂର୍ବେ ଭାଜପା ପ୍ରାର୍ଥୀ ତାଲିକା ବିଳମ୍ବ କରୁଥିବା କହି ବିଜେଡି ସମାଲୋଚନା କରୁଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଭାଜପା ଏବଂ କଂଗ୍ରେସ ଅଧିକାଂଶ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ତେଣୁ ବିଜେଡି ଚାପରେ ରହିଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ବିଜେଡି ପ୍ରଥମ ଦଫା ପ୍ରାର୍ଥୀ ତାଲିକା ଘୋଷଣା କରିବା ପରେ ଅନେକ ନେତା ଭାଜପାମୁହାଁ ହୋଇଥିଲେ। ତେଣୁ ଦଳଡିଆଁକୁ ହ୍ରାସ କରିବା ପାଇଁ ବିଜେଡି ଏପରି ବିଳମ୍ବ କରୁଥିବା କୁହାଯାଉଛି।



# ଭାଜପାରେ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା

ଭୁବନେଶ୍ୱର,୨୩।୩(ବ୍ୟୁରୋ)

**ଲଢ଼ିବେନି ନିର୍ବାଚନ**



ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ଟିକେଟ ନ ମିଳିବାରୁ ଜଣକ ପରେ ଜଣେ ଏମ୍‌ପି, ବିଧାୟକ ଓ ଆଶାୟୀ ଦଳବଦଳ କରୁଛନ୍ତି। ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଥିବାବେଳେ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଶନିବାର ଭାଜପାରେ ଯୋଗଦେଇଛନ୍ତି। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ତଥା ମୁଖପାତ୍ର ବୈଜୟନ୍ତ ପଣ୍ଡା, ☞ପୃଷ୍ଠା–୪



**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**

**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

# ଏପ୍ରିଲ ୨ରୁ ସକାଳୁଆ ସ୍କୁଲ, ମେ’ ୬ରୁ ଗ୍ରୀଷ୍ମ ଛୁଟି

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

ଆସନ୍ତା ୨ ତାରିଖରୁ ସକାଳୁଆ ସ୍କୁଲ ହେବ। ସକାଳ ସାଢ଼େ ୬ଟାରୁ ସ୍କୁଲ ଆରମ୍ଭ ହୋଇ ପୂର୍ବାହ୍ନ ସାଢ଼େ ୧୦ଟାରେ ଶେଷ ହେବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ ସମୟରେ ଏହି ପରିବର୍ତ୍ତନ କରାଯାଇଛି। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆଦି ୧୦ ବିଭାଗକୁ ଚିଠି କରାଯାଇଛି। ଏହି ନିୟମ ସରକାରୀ, ବେସରକାରୀ ତଥା ପବ୍ଲିକ୍ ସ୍କୁଲଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଅଟେ। ତେବେ ସରକାରୀ ସ୍କୁଲ୍‌ରେ ମଧ୍ୟାହ୍ନଭୋଜନ ପୂର୍ବାହ୍ନ ୧୦ଟାରେ ପ୍ରଦାନ କରାଯିବ। କୌଣସି ସ୍ଥିତିରେ ବି ସ୍କୁଲଗୁଡ଼ିକ ୧୧ଟା ପରେ ଖୋଲା ରହିବ ନାହିଁ। ଆସନ୍ତା ୩୦ ତାରିଖ ସୁଦ୍ଧା ସମସ୍ତ ବିଦ୍ୟାଳୟରେ ପରୀକ୍ଷା ଶେଷ ହେବ ଏବଂ ପରୀକ୍ଷା କେନ୍ଦ୍ରରେ ପାଣି ଓ ଫାଷ୍ଟଏଡ୍ ସୁବିଧା ରଖିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏପ୍ରିଲ ୩ରୁ ୨୦୧୯–୨୦ ☞ପୃଷ୍ଠା–୪

# ଆଡଭାନୀଙ୍କ ଆସନ ଛଡ଼ାଇ ନେଲେ ଶାହ

ନୂଆଦିଲ୍ଲୀ,୨୩।୩

ଭାରତୀୟ ଜନତା ପାର୍ଟି (ଭାଜପା)ର ସର୍ବବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କ ଗାନ୍ଧୀନଗର ଆସନକୁ ତାଙ୍କଠାରୁ ଦଳ ଅଧ୍ୟକ୍ଷ ଅମିତ ଶାହ ଛଡ଼ାଇ ନେଇଛନ୍ତି। ଉକ୍ତ ଆସନରୁ ଆଡଭାନୀ ଲଗାତର ୬ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ ଏବଂ ଅତୀତରେ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ଉପପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଏଥର ଉକ୍ତ ଆସନରୁ ଅମିତ ଶାହଙ୍କୁ ପ୍ରାର୍ଥୀ କରିଛି ଭାଜପା। ଫଳରେ ୯୧ ବର୍ଷୀୟ ଉତ୍ତୁଙ୍ଗ ନେତାଙ୍କ ରାଜନୈତିକ କ୍ୟାରିୟରରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡିଛି। ଭାଜପାକୁ ନାମମାତ୍ର ସ୍ଥିତିରୁ ବୃହତ ରାଜନୈତିକ ଦଳର ପରିଚୟ ଦେବାରେ ଆଡଭାନୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତେବେ ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ପ୍ରଧାନମନ୍ତ୍ରୀ ପ୍ରାର୍ଥିତ୍ୱକୁ ବିରୋଧ କରିବା ତାଙ୍କ ପାଇଁ ମହଙ୍ଗା ପଡିଥିଲା। ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ବୟସାଧିକ୍ୟ କାରଣ ଦର୍ଶାଇ ଆଡଭାନୀଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରି ନ ଥିଲେ କି କୌଣସି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇ ନ ଥିଲେ। ତାଙ୍କୁ ନାମକୁ ମାତ୍ର ମାର୍ଗଦର୍ଶକ ମଣ୍ଡଳର ସଦସ୍ୟ ପଦରେ ରଖାଯାଇଥିଲା। ପ୍ରଣବ ମୁଖାର୍ଜୀଙ୍କ ପରେ ଆଡଭାନୀଙ୍କୁ ରାଷ୍ଟ୍ରପତି କରାଯାଇପାରେ ବୋଲି ଚର୍ଚ୍ଚା ହେଉଥିଲେ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡିଥିଲା। ଶେଷରେ ଲୋକ ସଭା ନିର୍ବାଚନ ପାଇଁ ତାଙ୍କୁ ଦଳୀୟ ଟିକେଟରୁ ବଞ୍ଚିତ କରାଯାଇଛି। ରାଜ୍ୟ ସଭା ସଦସ୍ୟ ଶାହ ଏହି ଆସନରୁ ପ୍ରଥମ ଥର ପାଇଁ ଲୋକ ସଭା ନିର୍ବାଚନ ଲଢ଼ିବେ।





ଅନ୍ୟପକ୍ଷରେ ଲୋକ ସଭାରେ ଆଡଭାନୀ ରହନ୍ତୁ ଅବା ନ ରହନ୍ତୁ ସେ ଭାଜପାର ସର୍ବୋଚ୍ଚ ନେତା ହୋଇ ରହିବେ ବୋଲି ଶିବସେନା ପକ୍ଷରୁ କୁହାଯାଇଛି। ଶିବସେନା ଏହାର ମୁଖପତ୍ର ‘ସାମନା’ର ସମ୍ପାଦକୀୟରେ ଉଲ୍ଲେଖ କରିଛି, ଆଡଭାନୀଙ୍କ ସ୍ଥାନରେ ଅମିତ ଶାହ ନିର୍ବାଚନ ଲଢ଼ିବା ଦ୍ୱାରା ଭାରତୀୟ ରାଜନୀତିର ଭୀଷ୍ମାଚାର୍ଯ୍ୟଙ୍କୁ ଅବସର ନେବାକୁ ବାଧ କରାଯାଇଛି। ଭାଜପା ପ୍ରାର୍ଥୀ ତାଲିକାରେ ଆଡଭାନୀଙ୍କ ନାଁ ସ୍ଥାନ ନ ପାଇବା କିଛି ଆଶ୍ଚର୍ଯ୍ୟ କଥା ନୁହେଁ। ତାଙ୍କୁ ଦୀର୍ଘଦିନ ହେଲା ସକ୍ରିୟ ରାଜନୀତିରୁ ଦୂରେଇ ରଖାଯାଇଥିଲା। ପ୍ରାର୍ଥୀ କରା ନ ଯିବା ଫଳରେ ଭାଜପାରେ ଆଡଭାନୀଙ୍କ ଯୁଗର ଅବସାନ ହେଲା ବୋଲି ସେନା କହିଛି। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା


NATIONAL EGG CO-ORDINATION COMMITTEE 23.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 95 | 152 | 162 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply

Eggs Retail Price- 43/-Dozen

Issued in the Interest of Consumers


**ଆଜିର ମନ୍ତବ୍ୟ**

“ଶହୀଦଙ୍କୁ ଅପମାନିତ କରି ଜାତୀୟ ନିରାପତ୍ତା ଉପରେ ପ୍ରଶ୍ନ ଉଠାଇଛି କଂଗ୍ରେସ।

– ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ















"ଯେଉଁମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗାଳି ଦେବା ପ୍ରତିଯୋଗିତାରେ ଲିପ୍ତ ରହିଆସିଥିଲେ, ସେମାନେ ଏବେ ସୁରକ୍ଷା ବଳର ବୀରତ୍ୱକୁ ଅପମାନିତ କରୁଛନ୍ତି।
– ମୁଖ୍‌ତାର ଆବାସ ନକ୍‌ଭି, କେନ୍ଦ୍ରମନ୍ତ୍ରୀ

## ସଂକ୍ଷେପରେ

### ଶପଥ ନେଲେ ଲୋକପାଳ ମୁଖ୍ୟ



**ନୂଆଦିଲ୍ଲୀ,୨୩।୩(ପି.ଟି.):** ଦେଶର ପ୍ରଥମ ଲୋକପାଳ ଭାବେ ବିଚାରପତି ପିନାକୀ ଚନ୍ଦ୍ର ଘୋଷ ଶନିବାର ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦେଶର ପ୍ରଥମ ଲୋକପାଳ ଭାବେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଘୋଷ୍‌ଙ୍କ ନାମ ମଙ୍ଗଳବାର ଘୋଷଣା କରାଯାଇଥିଲା।

### ଜେଇଏମ୍ ଆତଙ୍କବାଦୀ ସଜାଦ୍ ଗିରଫ

**ନୂଆଦିଲ୍ଲୀ,୨୩।୩(ପି.ଟି.):** ପୁଲ୍‌ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ମୁଦାସିର୍‌ର ଘନିଷ୍ଠ ସହଯୋଗୀ ତଥା ଜୈଶ-ଇ-ମହମ୍ମଦ୍ ଆତଙ୍କବାଦୀ ସଜାଦ୍ ଖାନ୍‌ଙ୍କୁ ଦିଲ୍ଲୀରେ ଗିରଫ କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସଜାଦ୍ ଖାନ୍(୨୭) ହେଉଛନ୍ତି ପୁଲ୍‌ୱାମାର ବାସିନ୍ଦା। ଗୁରୁବାର ରାତିରେ ଲାଜପତ୍ ରାୟ ମାର୍କେଟ ନିକଟରେ ତାଙ୍କୁ ଗିରଫ କରାଯାଇଛି। ନିକଟରେ ଜମ୍ମୁ-କଶ୍ମୀରରେ ନିରାପତ୍ତା ବାହିନୀ ସହ ଗୁଳି ବିନିମୟରେ ପୁଲ୍‌ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ମୁଦାସିର୍ ନିହତ ହୋଇଥିବା ଡେପୁଟି କମିଶନର ଅଫ୍ ପୋଲିସ (ସ୍ୱତନ୍ତ୍ର ସେଲ୍) ପ୍ରମୋଦ ସିଂ କୁଶୱାହ ସୂଚନା ଦେଇଛନ୍ତି। ଶନିବାରଠାରୁ ତାଙ୍କୁ ଏନ୍‌ଆଇଏ ହାତକୁ ନିଆଯାଇଛି।

### ଭାଜପାରେ ଗୌତମ ଗମ୍ଭୀର



**ନୂଆଦିଲ୍ଲୀ,୨୩।୩:** ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀର ଶୁକ୍ରବାର ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ତାଙ୍କୁ ଦିଲ୍ଲୀରୁ ପ୍ରାର୍ଥୀ କରାଇବା ଆଶା କରାଯାଉଛି। ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ୍ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏବଂ ରବିଶଙ୍କର ପ୍ରସାଦଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ପ୍ରଭାବିତ ହୋଇ ଭାଜପାରେ ଯୋଗ ଦେଇଛନ୍ତି ବୋଲି ଗମ୍ଭୀର ପ୍ରକାଶ କରିଛନ୍ତି। ୨୦୧୧ ୱାର୍ଲଡ କପ୍ ଏବଂ ୨୦୦୭ ଟି୨୦ ୱାର୍ଲଡ କପ୍‌ରେ ଭାରତ ବିଜୟୀ ହୋଇଥିବାବେଳେ ଏଥିରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ଗମ୍ଭୀର। ତାଙ୍କୁ ନିକଟରେ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ଲୋକ ସଭା ଆସନରୁ ଗମ୍ଭୀରଙ୍କୁ ପ୍ରାର୍ଥୀ କରାଯାଇପାରେ ବୋଲି ଭାଜପା ସୂତ୍ରରୁ ସୂଚନା ମିଳୁଛି।

### ୧୨୦ କେଜି ସୁନା ଜବତ

**ମୋଦିନଗର,୨୩।୩:** ପୋଲିସ ଶୁକ୍ରବାର ଉତ୍ତରପ୍ରଦେଶର ମୋଦିନଗର ଅଞ୍ଚଳରୁ ୧୨୦ କିଲୋଗ୍ରାମ ସୁନା ଜବତ କରିଛି। ଏହାର ମୂଲ୍ୟ ପାଖାପାଖି ୪୦କୋଟି ଟଙ୍କା ହେବ। ପୋଲିସ ଏକ ସନ୍ଦିଗ୍ଧ କାର୍‌କୁ ଅଟକାଇ ଯାଞ୍ଚ କରିଥିଲା। ଉକ୍ତ ସୁନା ଦିଲ୍ଲୀରୁ ହରିଦ୍ୱାରସ୍ଥିତ ଏକ କାରଖାନାକୁ ଚାଲାଣ କରାଯାଉଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଫିସର ସୂଚନା ଦେଇଛନ୍ତି। ଉକ୍ତ ମାମଲାରେ ଦୁଇଜଣ ସିକ୍ୟୁରିଟି ଗାର୍ଡ ସମେତ ଜଣେ କର୍ମଚାରୀ ଏବଂ ଡ୍ରାଇଭରକୁ ଗିରଫ କରାଯାଇଛି।

[ଇତିହାସର ଆଇନାରେ]

### ମାର୍ଚ୍ଚ ୨୪ର ପ୍ରମୁଖ ଘଟଣା

୧୯୯୮ ମାର୍ଚ୍ଚ ୨୪ରେ ଭାରତର ଦାନ୍ତାନ୍ ଅଞ୍ଚଳରେ ଭୟଙ୍କର ଘୂର୍ଣ୍ଣିଝଡ ଯୋଗୁ ୨୫୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୩,୦୦୦ ଲୋକ ଆହତ ହୋଇଥିଲେ। ପଶ୍ଚିମବଙ୍ଗର ମେଦନୀପୁର ଜିଲା ଅନ୍ତର୍ଗତ ଖଡଗପୁର ସବ୍‌ଡିଭିଜନ୍ ଅଧୀନରେ ଏହି ଗାଁ ଅବସ୍ଥିତ।

୨୦୧୫ ମାର୍ଚ୍ଚ ୨୪ରେ ଫ୍ରେଞ୍ଚ୍ ଆଲପ୍ସଠାରେ ଜର୍ମାନୱିଙ୍ଗ୍ସ ଫ୍ଲାଇଟ୍ ୯୫୨୫ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ସମସ୍ତ ୧୫୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଫ୍ରେଞ୍ଚ୍ ଆଲପ୍ସଠାରୁ ଉତ୍ତର-ପଶ୍ଚିମ ଦିଗ ୧୦୦କିଲୋମିଟର ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ୧୪୪ ଯାତ୍ରୀଙ୍କ ସମେତ ୬ ବିମାନ କର୍ମଚାରୀ ପ୍ରାଣ ହରାଇଥିଲେ। ଜର୍ମାନ ୱିଙ୍ଗ୍ସ କମ୍ପାନୀର ୧୮ବର୍ଷ ଇତିହାସରେ ଏହା ଥିଲା ପ୍ରଥମ ବିମାନ ଦୁର୍ଘଟଣା।

■ ବାଲାକୋଟ କାର୍ଯ୍ୟାନୁଷ୍ଠାନ ଭୁଲ ନିଷ୍ପତ୍ତି

# ପିତ୍ରୋଡାଙ୍କ ମନ୍ତବ୍ୟକୁ ନେଇ ଝଡ଼

**ନୂଆଦିଲ୍ଲୀ,୨୩।୩(ପି.ଟି.)**



ସାମ୍ ପିତ୍ରୋଡା

■ପୁଲ୍‌ୱାମା ଭଳି ଆକ୍ରମଣ ସବୁବେଳେ ଘଟୁଛି
■ମୃତ ଆତଙ୍କବାଦୀଙ୍କ ସଂଖ୍ୟାକୁ ନେଇ ପ୍ରଶ୍ନ
■ଆତଙ୍କବାଦୀ ବୁଝି ପାରୁଥିବା ଭାଷାରେ ସେମାନଙ୍କୁ ଜବାବ ଦେବାକୁ ହେବ: ମୋଦି
■ଦଳର ଆଭିମୁଖ୍ୟ ରାହୁଲ ସ୍ପଷ୍ଟ କରନ୍ତୁ: ଶାହ

ପୁଲ୍‌ୱାମା ଆକ୍ରମଣ ପରେ ପାକିସ୍ତାନ ଭିତରେ ପଶି ଭାରତୀୟ ବାୟୁସେନା ଆକ୍ରମଣ କରିବା ଭୁଲ୍ ନିଷ୍ପତ୍ତି ଥିଲା କହି ଭାରତୀୟ ଦରିଆପାରି କଂଗ୍ରେସ ମୁଖ୍ୟ ସାମ୍ ପିତ୍ରୋଡା ବଡ଼ ବିବାଦ ସୃଷ୍ଟି କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ପିତ୍ରୋଡା ଶୁକ୍ରବାର କହିଛନ୍ତି, ପୁଲ୍‌ୱାମା ଭଳି ଆକ୍ରମଣ ସବୁବେଳେ ଘଟୁଛି। କେତେଜଣ ଆତଙ୍କବାଦୀଙ୍କ ପାଇଁ ପାକିସ୍ତାନକୁ ଦଣ୍ଡଦେବା ଠିକ୍ ନୁହେଁ।

ଏଥିସହିତ ବାଲାକୋଟ ଆକ୍ରମଣ ଜନିତ ମୃତ୍ୟୁସଂଖ୍ୟାକୁ ନେଇ ପିତ୍ରୋଡା ପ୍ରଶ୍ନ ଉଠାଇଛନ୍ତି। ବାୟୁସେନା ୩୦୦ ଆତଙ୍କବାଦୀଙ୍କୁ ମାରିଥିବା ଦାବି କରୁଛି। ଯଦି ଏହା ସତ୍ୟ, ତାହାର ଅଧିକ ତଥ୍ୟ ପ୍ରମାଣ ଦେଇପାରିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି କିଛି ଲୋକ ଆସି ଆକ୍ରମଣ କରନ୍ତି, ଏଥିପାଇଁ ସମ୍ପୃକ୍ତ ଦେଶକୁ ଦାୟୀ କରିବା ଅନଭିଜ୍ଞତା। ପୂର୍ବରୁ ମୁମ୍ବାଇରେ ମଧ୍ୟ ଆକ୍ରମଣ ହୋଇଥିଲା। ସେତେବେଳେ ଆମେ ପ୍ରତିକ୍ରିୟାଶୀଳ ହୋଇଥିଲେ ଏବଂ ସୀମାକୁ ବିମାନ ପଠାଇଥିଲେ। ତେବେ ଏହା ଠିକ୍ ନୁହେଁ ବୋଲି କହିଛନ୍ତି ପିତ୍ରୋଡା। ବାଲାକୋଟରେ ବାୟୁସେନା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସତକଥା ଦେଶବାସୀ ଜାଣିବାକୁ ହକ୍‌ଦାର ବୋଲି ସେ ମତ ଦେଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ବର୍ତ୍ତମାନର ପ୍ରଧାନମନ୍ତ୍ରୀଙ୍କ ଭଳି କାର୍ଯ୍ୟାନୁଷ୍ଠାନରେ ନିର୍ଣ୍ଣୟାତ୍ମକ ଥିଲେ କି ବୋଲି ଏକ ପ୍ରଶ୍ନରେ ପିତ୍ରୋଡା କହିଥିଲେ, ମନମୋହନ ଦେଶର ଅନ୍ୟତମ ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ। ତାଙ୍କୁ ପରିହାସ କରିବା, ତାଙ୍କ ବିରୋଧରେ ଲେଖିବା ତଥା ଚଳଚ୍ଚିତ୍ର ପ୍ରସ୍ତୁତ କରିବା ଭୁଲ୍ ଚିନ୍ତାଧାରା ବୋଲି ଏକ ଟେଲିଭିଜନ ସାକ୍ଷାତ୍‌କାରରେ ସେ କହିଛନ୍ତି।

ପିତ୍ରୋଡାଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଭାଜପା ବିରୋଧୀ ଦଳକୁ ସମାଲୋଚନା କରିଛି। ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସର ଆଗ୍ରହ ନ ଥିବା ପିତ୍ରୋଡାଙ୍କ ମନ୍ତବ୍ୟ ସ୍ପଷ୍ଟ କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ବିରୋଧୀ ଦଳ ସେନାକୁ ବାରମ୍ବାର ଅପମାନିତ କରୁଛି। ଦେଶବାସୀ ଏହାକୁ ଭୁଲିବେ ନାହିଁ ଏବଂ ସେମାନଙ୍କୁ କ୍ଷମା ଦେବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ନୂଆ ଭାରତ। ଏଠାରେ ଆତଙ୍କବାଦୀଙ୍କୁ ସେମାନେ ବୁଝିପାରୁଥିବା ଭାଷାରେ ଜବାବ ଦେବାକୁ ହେବ ବୋଲି ମୋଦି କହିଛନ୍ତି। କେବଳ ମୋଦି ନୁହନ୍ତି, ବରିଷ୍ଠ ଭାଜପା ନେତା ତଥା ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ, ରେଳମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ଅନ୍ୟମାନେ ମଧ୍ୟ ପିତ୍ରୋଡା ଏବଂ କଂଗ୍ରେସ ଉପରେ ପ୍ରଶ୍ନ ଉଠାଇଛନ୍ତି। ଭାଜପା ଓ ବିରୋଧୀ ଦଳ ମଧ୍ୟରେ ପାର୍ଥକ୍ୟ ସ୍ପଷ୍ଟ ହୋଇଛି। ଆମେ ଦେଶର ସୈନ୍ୟବାହିନୀ ପାଇଁ ଗର୍ବିତ, ସେମାନେ ସେନାକୁ ସନ୍ଦେହ କରୁଛନ୍ତି ବୋଲି ଭାଜପା ଅଧ୍ୟକ୍ଷ ଅମିତ ଶାହ କହିଛନ୍ତି। ଆଗାମୀ ନିର୍ବାଚନରେ ଦେଶବାସୀ ସେମାନଙ୍କ ଭୋଟ ଶକ୍ତିବଳରେ କଂଗ୍ରେସ ସଂସ୍କୃତି ଉପରେ ସର୍ଜିକାଲ ଷ୍ଟ୍ରାଇକ୍ କରିବାକୁ ଶାହ ଆହ୍ୱାନ ଦେଇଛନ୍ତି। ପିତ୍ରୋଡାଙ୍କ ମନ୍ତବ୍ୟ ଉପରେ ରାହୁଲ ଗାନ୍ଧୀ ତାଙ୍କ ଦଳର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ଭାଜପା ଅଧ୍ୟକ୍ଷ କହିଛନ୍ତି। ନିର୍ବାଚନ ବେଳେ ବିରୋଧୀ ଦଳ ଭୋଟ ବ୍ୟାଙ୍କ ଏବଂ ତୁଷ୍ଟୀକରଣ ରାଜନୀତି ପାଇଁ ଜଣାଶୁଣା। ଏହା ଜାତୀୟ ସ୍ୱାର୍ଥର ଊର୍ଦ୍ଧ୍ୱରେ କି ଏବଂ ବଳିଦାନ ଦେଇଥିବା ଯବାନଙ୍କ ପରିବାରର ବିଷାଦ ଉପରେ ଏଭଳି ରାଜନୀତି କରାଯାଇପାରିବ କି ଏହା ରାହୁଲ ସ୍ପଷ୍ଟ କରିବାକୁ ଶାହ ଆହ୍ୱାନ ଦେଇଛନ୍ତି।

■ ୨୨୦ ଆସନରେ ଭାଜପା ପ୍ରାର୍ଥୀ ଘୋଷଣା

# ମୋଦି ବାରାଣସୀ, ଶାହ ଗାନ୍ଧୀନଗରରୁ ଲଢ଼ିବେ





**ନୂଆଦିଲ୍ଲୀ,୨୩।୩(ପି.ଟି.)**

ଭାଜପା ଦୁଇ ପର୍ଯ୍ୟାୟରେ ୨୨୦ ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପ୍ରଦେଶର ବାରାଣସୀ ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ ଦଳର ଅଧ୍ୟକ୍ଷ ଅମିତ ଶାହ ଗୁଜରାଟର ଗାନ୍ଧୀନଗର ଆସନରୁ ଲଢ଼ିବେ। ଏହି ଆସନରେ ପୂର୍ବରୁ ଦଳର ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡଭାନୀ ଲୋକ ସଭାକୁ ନିର୍ବାଚିତ ହୋଇ ଆସୁଥିଲେ। ଗୁରୁବାର ପ୍ରଥମ ପର୍ଯ୍ୟାୟରେ ପ୍ରକାଶ ପାଇଥିବା ୧୮୪ ପ୍ରାର୍ଥୀଙ୍କ ମଧ୍ୟରେ ଭାଜପାର ଅନେକ ହେଭିୱେଟ ନେତା ଅଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କୁ ଲକ୍ଷ୍ନୌରୁ ପ୍ରାର୍ଥୀ କରାଯାଇଥିବାବେଳେ ସଡକ ପରିବହନ ମନ୍ତ୍ରୀ ନୀତୀନ ଗଡକରୀ ନାଗପୁର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଅମେଠିରୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ଲଢ଼ିବେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଭି.କେ. ସିଂ, ମହେଶ ଶର୍ମା, କିରେନ ରିଜିଜୁ, ଡି.ଭି. ସଦାନନ୍ଦ ଗୌଡ଼ା, ବାବୁଲ ସୁପ୍ରିୟୋ ଯଥାକ୍ରମେ ଗାଜିଆବାଦ, ଗୌତମବୁଦ୍ଧ ନଗର, ଅରୁଣାଚଳ ପଶ୍ଚିମ, ବେଙ୍ଗାଲୁରୁ ଉତ୍ତର, ଆସାନସୋଲ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ମଥୁରା ଆସନରୁ ପୂର୍ବତନ ବଲିଉଡ ଅଭିନେତ୍ରୀ ହେମାମାଳିନୀ ପୁଣି ଥରେ ପ୍ରାର୍ଥୀ ହୋଇଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶାର ୫ ପ୍ରାର୍ଥୀଙ୍କ ସମେତ ମୋଟ ୩୬ ପ୍ରାର୍ଥୀଙ୍କ ନାଁ ପ୍ରକାଶ ପାଇଛି। ଏଥିରେ ଆନ୍ଧ୍ରପ୍ରଦେଶ ପାଇଁ ୨୩ ପ୍ରାର୍ଥୀଙ୍କ ନାଁ ରହିଛି।

# 'ଭୋଟ ପାଇଁ ଯବାନଙ୍କୁ ହତ୍ୟା କରାଯାଇଛି'

**ନୂଆଦିଲ୍ଲୀ,୨୩।୩**

ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଫେବୃୟାରୀ ୧୪ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଏକ ଷଡ଼ଯନ୍ତ୍ର। ଭୋଟ ପାଇଁ ଦେଶର ଯବାନମାନଙ୍କୁ ହତ୍ୟା କରାଯାଇଛି ବୋଲି ସମାଜବାଦୀ ପାର୍ଟି (ଏସ୍‌ପି)ର ବରିଷ୍ଠ ନେତା ରାମଗୋପାଳ ଯାଦବ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୋଟ ପାଇଁ ପୁଲ୍‌ୱାମା ଆକ୍ରମଣ କରାଇଥିବା ସେ ଅଭିଯୋଗ କରିଛନ୍ତି। ରାଜନୈତିକ ସ୍ୱାର୍ଥ ପାଇଁ ୪୯ ସିଆରପିଏଫ୍ ଯବାନଙ୍କୁ ସରକାର ବଳିଦେଇଛନ୍ତି। ନୂଆ ସରକାରରେ ତଦନ୍ତ ହେଲେ ଆକ୍ରମଣ ପଛରେ ଥିବା ବଡ଼ ନେତାଙ୍କ ନାଁ ପଦାକୁ ଆସିବ ବୋଲି ରାମଗୋପାଳ କହିଛନ୍ତି। ମୋଦି ସରକାରଙ୍କୁ ନେଇ ଅର୍ଦ୍ଧସାମରିକ ବାହିନୀ ଦୁଃଖୀ। ଜମ୍ମୁ-ଶ୍ରୀନଗର ରାସ୍ତାରେ ଯାଞ୍ଚ ହେଉ ନ ଥିଲା। ଯବାନମାନଙ୍କୁ ସାଧାରଣ ବସ୍‌ରେ ଉକ୍ତ ରାସ୍ତାରେ ନିଆଯାଇଥିଲା। ଏହା ସମ୍ପୂର୍ଣ୍ଣ ଷଡଯନ୍ତ୍ର ଥିଲା ବୋଲି ଏସ୍‌ପି ନେତା କହିଛନ୍ତି।



### ରାମଗୋପାଳ କ୍ଷମା ମାଗନ୍ତୁ:ଆଦିତ୍ୟନାଥ

ରାମଗୋପାଳ କୁତ୍ସିତ ରାଜନୀତି କରୁଛନ୍ତି ବୋଲି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି । ଏସ୍‌ପି ନେତା ସୁରକ୍ଷା ବଳର ଉତ୍ସାହ ଭଙ୍ଗ କରିବାକୁ ଉଦ୍ୟମ କରୁଛନ୍ତି। ଏଥିପାଇଁ ସେ କ୍ଷମା ମାଗିବାକୁ ଆଦିତ୍ୟନାଥ ଦାବି କରିଛନ୍ତି।



# ମୋଦିଙ୍କ ବିରୋଧରେ ଲଢ଼ିବେ ୧୧୧ କୃଷକ

**ତିରୁଚିରାପଲ୍ଲୀ,୨୩।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ନିର୍ବାଚନରେ ତାମିଲନାଡୁର କୃଷକମାନଙ୍କଠାରୁ ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ଯାଉଛନ୍ତି। ରାଜଧାନୀ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରି ଏହି କୃଷକମାନେ ଦାବି ଉପସ୍ଥାପନ କରିଥିଲେ ମଧ୍ୟ କେନ୍ଦ୍ର ସରକାର ତାହାକୁ ଅଣଦେଖା କରିଥିଲେ। ଏବେ ସେମାନେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ବାରାଣସୀ ଆସନରୁ ତାଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ୧୧୧ କୃଷକ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ସେମାନଙ୍କ ନେତା ପି.



ପି. ଆୟାକାନୁ

ଆୟାକାନୁ ଶନିବାର ସୂଚନା ଦେଇଛନ୍ତି। ଜାତୀୟ ଦକ୍ଷିଣ ଭାରତୀୟ ନଦୀ ସଂଯୋଗୀକରଣ କୃଷକ ସଂଗଠନର ଅଧ୍ୟକ୍ଷ ଥିବା ଆୟାକାନୁ କହିଛନ୍ତି, କୃଷି ଉତ୍ପାଦିତ ସାମଗ୍ରୀର ଲାଭଦାୟକ ମୂଲ୍ୟ ପ୍ରଦାନ ସାଙ୍ଗକୁ ଭାଜପା ନିର୍ବାଚନୀ ଇସ୍ତାହାରରେ କୃଷକମାନଙ୍କ ଦାବିକୁ ସ୍ଥାନ ଦେବା ନିମନ୍ତେ ସେମାନେ ଆହ୍ୱାନ ଦେଇଛନ୍ତି। ଏଥିପାଇଁ ସେମାନେ ଉତ୍ତରପ୍ରଦେଶରୁ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୭ରେ ଦିଲ୍ଲୀରେ ତାମିଲନାଡୁ କୃଷକମାନଙ୍କ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଆୟାକାନୁ। ଏହି ଆନ୍ଦୋଳନ ୧୦୦ରୁ ଅଧିକ ଦିନ ଧରି ଚାଲିଥିଲା। ଏଥର ଦାବି ପୂରଣ କରାଯିବ ବୋଲି ଭାଜପା ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଲେ କୃଷକମାନେ ନିର୍ବାଚନ ଲଢ଼ିବା ନିଷ୍ପତ୍ତିରୁ ଓହରିଯିବେ ବୋଲି ଆୟାକାନୁ କହିଛନ୍ତି। ସୂଚନାଯୋଗ୍ୟ, କଂଗ୍ରେସ କୃଷିଋଣ ଛାଡ ପ୍ରତିଶ୍ରୁତି ଦେଇଥିବାବେଳେ ତାମିଲନାଡୁରେ ଡିଏମ୍‌କେ ଏବଂ ଆମ୍ମା ମକ୍କାଲ ମୁନେତ୍ରା କାଜାଗାମ୍ ଦଳ କୃଷିଋଣ ଛାଡ ପାଇଁ ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରିଛି।

# ବେଗୁସରାଇରେ ଗିରିରାଜଙ୍କୁ ଟକ୍କର ଦେବେ କହ୍ନେୟା କୁମାର





**ନୂଆଦିଲ୍ଲୀ,୨୩।୩:** ଆଗାମୀ ଲୋକ ସଭା ନିର୍ବାଚନ ଲାଗି ଏନ୍‌ଡିଏ ବିହାର ପାଇଁ ପ୍ରାର୍ଥୀ ଘୋଷଣା କରିବା ପରେ ଏବେ ବେଗୁସରାଇ ହଟ୍ ସିଟ୍‌ରେ ପରିଣତ ହୋଇଛି। ଏହି ଆସନକୁ ନେଇ ସବୁଠୁ ବେଶି ଚର୍ଚ୍ଚା। ଭାଜପା ଏଠାରେ ଅଗ୍ନିବର୍ଷୀ ନେତା ତଥା କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂଙ୍କୁ ପ୍ରାର୍ଥୀ କରିଥିବାବେଳେ ଜେଏନ୍‌ୟୁର ପୂର୍ବତନ ଛାତ୍ରସଂସଦ ସଭାପତି ତଥା ଯୁବନେତା କହ୍ନେୟା କୁମାରଙ୍କୁ ପ୍ରାର୍ଥୀ କରିଛି ସିପିଆଇ। ଉଭୟେ ଭୂମିହାର ସମ୍ପ୍ରଦାୟର। ଗିରିରାଜ ଜଣେ କଠୋରପନ୍ଥୀ ହିନ୍ଦୁବାଦୀ ହୋଇଥିବା ବେଳେ କହ୍ନେୟାକୁମାରଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଥିଲା।

ଫୁର୍‌ସତ

# 'ରାମ ଜନ୍ମଭୂମି'କୁ ନେଇ ବିବାଦ

**ଲକ୍ଷ୍ନୌ:** ମଧ୍ୟସ୍ଥତା ମାଧ୍ୟମରେ ରାମ ଜନ୍ମଭୂମି-ବାବ୍ରୀ ମସଜିଦ୍ ଜମି ବିବାଦର ସମାଧାନ ପାଇଁ ଉଦ୍ୟମ ହେଉଥିବା ବେଳେ ରାମ ଜନ୍ମଭୂମି ଫିଲ୍ମର ରିଲିଜକୁ ନେଇ ଆଉ ଏକ ବିବାଦ ମୁଣ୍ଡ ଟେକିଛି। ଏପ୍ରିଲ ୨୯ରେ ଏହା ରିଲିଜ ହେବାକୁ ଯାଉଥିବା ବେଳେ ମୁସଲମାନ ଧର୍ମଗୁରୁଙ୍କର ଏକ ଗୋଷ୍ଠୀ ଏହା ବିରୋଧରେ ନିଷେଧାଜ୍ଞା ଜାରି ପାଇଁ ଦାବି କରିଛି। ମଧ୍ୟପ୍ରଦେଶର ଏକ ମୁସଲମାନ ଗୋଷ୍ଠୀ ଦୁଇଟି 'ଫତୱା' ଜାରି କରିଛି। ଫଳରେ ମୁସଲମାନ ଗୋଷ୍ଠୀ ରାଜ ଜନ୍ମଭୂମି ଫିଲ୍ମ ଦେଖିବେ ନାହିଁ ଏବଂ ଏହାର ମହିଳା ଅଭିନେତ୍ରୀ ଇସଲାମ୍ ଧର୍ମରେ ନିଜ ଆସ୍ଥା ଓ




ବିଶ୍ୱାସ ପୁନଃ ସ୍ଥାପନ କରିବେ। ଉକ୍ତ ଫିଲ୍ମ ରିଲିଜ ଉପରେ ନିଷେଧାଜ୍ଞା ଜାରି କରିବାକୁ ଅଲ୍ ଇଣ୍ଡିଆ ଉଲେମା ବୋର୍ଡ (ଏଆଇୟୁବି) କେନ୍ଦ୍ର ଓ ମଧ୍ୟପ୍ରଦେଶ ସରକାରଙ୍କ ନିକଟରେ ଦାବି କରିଛି। ଫିଲ୍ମ ରିଲିଜ ଦ୍ୱାରା ଦୁଇ ସମ୍ପ୍ରଦାୟ ମଧ୍ୟରେ ଘୃଣାଭାବ ସୃଷ୍ଟିହେବ ବୋଲି ଅଭିଯୋଗ କରାଯାଇଛି। ଉତ୍ତରପ୍ରଦେଶର ଶିହା ୱାକଫ ବୋର୍ଡ ପ୍ରେସିଡେଣ୍ଟ ସୟଦ ୱାସିମ୍ ରିଜ୍‌ଭି ଉକ୍ତ ଫିଲ୍ମର କାହାଣୀ ରଚନା କରିବା ସହିତ ପ୍ରସ୍ତୁତ ମଧ୍ୟ କରିଛନ୍ତି। ରାମ ଜନ୍ମଭୂମି ଆନ୍ଦୋଳନ ସମ୍ପର୍କିତ ବିଭିନ୍ନ ଘଟଣାବଳୀ ଏଥିରେ ଦେଖିବାକୁ ମିଳିବ। ଅପରପକ୍ଷରେ ଉକ୍ତ ଫିଲ୍ମର ସମୀକ୍ଷା ପାଇଁ ଚାରି ସଦସ୍ୟ ବିଶିଷ୍ଟ ଏକ ପ୍ୟାନେଲ ଗଠନ କରିବାକୁ ଏଆଇୟୁବିର ଏମ୍‌ପି ଶାଖା ଉପସଭାପତି ନୁର୍ ଉଲ୍ଲା ୟୁସୁଫ୍‌ଜାଇ ଦାବି କରିଛନ୍ତି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୮ | ୨୦.୫ |
| ଚାନ୍ଦବାଲି | ୩୬.୭ | ୨୩.୦ |
| କଟକ | ୩୭.୨ | ୨୨.୫ |
| ପାରାଦ୍ୱୀପ | ୩୩.୭ | ୨୫.୧ |
| ଭୁବନେଶ୍ୱର | ୩୭.୭ | ୨୩.୨ |
| ଗୋପାଳପୁର | ୩୪.୦ | ୨୪.୨ |
| ପୁରୀ | ୩୩.୨ | ୨୬.୮ |
| ଅନୁଗୋଳ | ୩୬.୯ | ୨୦.୦ |
| ବାରିପଦା | ୩୫.୫ | ୨୩.୦ |
| ଝାରସୁଗୁଡ଼ା | ୩୫.୫ | ୨୦.୫ |
| କେନ୍ଦୁଝର | ୩୨.୯ | ୧୯.୦ |
| ସମ୍ବଲପୁର | ୩୫.୮ | ୨୦.୪ |
| ସୁନ୍ଦରଗଡ଼ | ୩୪.୫ | ୧୮.୦ |
| ହୀରାକୁଦ | ୩୬.୧ | ୨୧.୫ |
| ତାଳଚେର | ୩୭.୩ | ୨୦.୭ |
| ଭବାନୀପାଟଣା | ୩୬.୦ | ୨୨.୫ |
| ବଲାଙ୍ଗୀର | ୩୬.୦ | ୨୨.୦ |
| କୋରାପୁଟ | ୩୫.୨ | ୧୮.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୬.୫ | ୨୧.୦ |
| ମାଲକାନଗିରି | ୪୦.୦ | ୨୧.୦ |
| ସୋନପୁର | ୩୫.୪ | ୨୦.୪ |
| ଦାରିଙ୍ଗିବାଡ଼ି | ୩୨.୦ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

# ଜୟଲଳିତାଙ୍କ ବାୟୋପିକ୍‌ରେ କଙ୍ଗନା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିତାଙ୍କ ବାୟୋପିକ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। ଅଭିନେତ୍ରୀରୁ ରାଜନେତ୍ରୀ ସାଜିଥିବା ଜୟଲଳିତା ୨୦୧୬ ଡିସେମ୍ବର ୫ରେ ହୃଦ୍‌ଘାତ ଯୋଗୁ ପ୍ରାଣ ହରାଇଥିଲେ। ସେ ଜଣେ ବିପ୍ଳବୀ ନେତ୍ରୀ ବା 'ପୁରଚି ଥାଲାଇଭି' ନାମରେ ପରିଚିତ। ଏହି ଫିଲ୍ମର ଟାଇଟଲ୍ ତାମିଲରେ 'ଥାଲାଇଭି' ଏବଂ ହିନ୍ଦୀରେ 'ଜୟା' ରଖାଯାଇଛି। ଜୟଲଳିତାଙ୍କ ଆତ୍ମଜୀବନୀମୂଳକ ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ଦକ୍ଷିଣ ଭାରତୀୟ ଫିଲ୍ମ ନିର୍ମାତା ବିଜୟ। ଏ ସମ୍ପର୍କରେ କଙ୍ଗନା କହନ୍ତି, ଜୟଲଳିତାଜୀ ହେଉଛନ୍ତି ଚଳିତ ଶତାବ୍ଦୀର ସଫଳ ମହିଳାଙ୍କ ମଧ୍ୟରୁ ଜଣେ। ସେ ଅଭିନୟ ଜୀବନରୁ ଜଣେ ବିଶିଷ୍ଟ ରାଜନେତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ। ତେବେ ଏହି ବୃହତ୍ ପ୍ରକଳ୍ପର ଅନ୍ୟତମ ଅଂଶୀଦାର ହେଉଥିବାରୁ ସେ ଖୁସି ଅନୁଭବ କରୁଥିବା ପ୍ରକାଶ କରିଛନ୍ତି। ଜଣେ ପ୍ରଗତିଶୀଳ ନେତ୍ରୀ ଭୂମିକାରେ କଙ୍ଗନା ଅଭିନୟ କରିବାକୁ ଯାଉଥିବାରୁ ଗର୍ବ ଅନୁଭବ କରୁଛନ୍ତି ବୋଲି ବିଜୟ ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମର କାହାଣୀ ରଚନା କରୁଛନ୍ତି କେ. ଭି. ବିଜୟେନ୍ଦ୍ର ପ୍ରସାଦ।



“ କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ






# ବିଜୟଙ୍କୁ ମନାଇବା ପାଇଁ ଭାଜପାର ପ୍ରୟାସ ଜାରି

**ଭୁବନେଶ୍ୱର,୨୩।୩(ବ୍ୟୁରୋ)**

ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ମନାଇବା ପାଇଁ ଭାଜପା ତା’ର ସମସ୍ତ ଉଦ୍ୟମ ଜାରି ରଖିଛି। ଏହି କ୍ରମରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ ଏବଂ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଶନିବାର ବିଜୟଙ୍କୁ ସାକ୍ଷାତ କରିଛନ୍ତି। ସାକ୍ଷାତ ସମ୍ପର୍କରେ ଉଭୟ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ଭାଜପାରୁ ଇସ୍ତଫା ଦେବା ପରେ ବି ବିଜୟ ଏଯାଏ କେଉଁଆଡ଼େ ଯାଇନାହାନ୍ତି। ତେଣୁ ତାଙ୍କୁ ମନାଇ ପୁନର୍ବାର ଭାଜପାକୁ ଆଣିବା ପାଇଁ ଚେଷ୍ଟା ଚାଲିଛି। ବିଜୟଙ୍କ ସହ ଭାଜପା ନେତାଙ୍କ ସାକ୍ଷାତ୍‌କୁ ଦଳୀୟ ମହଲରେ ସକାରାତ୍ମକ ବୋଲି କୁହାଯାଇଛି। ହେଲେ ବିଜୟ ନିଜ ନିଷ୍ପତ୍ତି ସ୍ପଷ୍ଟ କରି ନ ଥିବାରୁ ତାଙ୍କ ପରବର୍ତ୍ତୀ ରଣନୀତି କ’ଣ ହେବ ତା’ ଉପରେ ସମସ୍ତଙ୍କ ନଜର ରହିଛି। ଦୁଇରୁ ତିନିଦିନ ମଧ୍ୟରେ ବିଜୟ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଏହି ସାକ୍ଷାତ ବିଜୟଙ୍କ ବାସଭବନରେ ହୋଇଥିଲା।

ସେହିପରି ବିଜୟଙ୍କ ରାଜନୈତିକ ସହଯୋଗୀ ଦିଲୀପ ରାୟ କିଛିଦିନ ତଳେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ଉଭୟଙ୍କ ସାକ୍ଷାତ୍ ପରେ ବିଜେଡିରେ ତାଙ୍କ ଯୋଗଦାନ ନେଇ ଚର୍ଚ୍ଚା ଜୋର ଧରିଥିଲା। ଉକ୍ତ ସାକ୍ଷାତ୍‌କୁ ସପ୍ତାହେ ପୂରିଥିଲେ ବି ଦିଲୀପ ବିଜେଡିରେ ସାମିଲ ହୋଇନାହାନ୍ତି। ପଶ୍ଚିମ ଓଡ଼ିଶାରୁ ଆସିଥିବା କଂଗ୍ରେସର ନବ ଦାସଙ୍କୁ ବିଜେଡି ଗୁରୁତ୍ୱ ଦେଉଥିବାରୁ ଦିଲୀପଙ୍କ ରୋଷର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ଏତେସବୁ ପରେ ମଧ ବିଜେଡି ଆଉଥରେ ଦିଲୀପଙ୍କୁ ମନାଇବାକୁ ପ୍ରୟାସ ଆରମ୍ଭ କରିଛି। ଦଳ ପକ୍ଷରୁ ଏବେ ବି କେନ୍ଦ୍ରାପଡ଼ା ପାଇଁ ତାଙ୍କ ନାଁ ବିଚାର କରାଯାଉଥିବା ସୂତ୍ରରୁ ପ୍ରକାଶ। ତେଣୁ ଦିଲୀପ ବିଜେଡି ଫେରୁଛନ୍ତି ନା ଅନ୍ୟ କିଛି ନିଷ୍ପତ୍ତି ନେଉଛନ୍ତି, ତା’ ଉପରେ ସମସ୍ତଙ୍କ ନଜର ରହିଛି।



ବିଜୟ ମହାପାତ୍ରଙ୍କ ବାସଭବନ ସମ୍ମୁଖରେ ଭାଜପା ନେତା ବୈଜୟନ୍ତ ପଣ୍ଡା, କେ.ଭି. ସିଂଦେଓ ଓ ଅନ୍ୟମାନେ।

- କେ.ଭି, ବୈଜୟନ୍ତ ବିଜୟଙ୍କୁ ଭେଟିଲେ
- ଦିଲୀପଙ୍କୁ ବିଜେଡିର ଆଶା

# ବିଜେଡି ଛାଡ଼ିଲେ ବୃନ୍ଦାବନ ମାଝି

**ଭୁବନେଶ୍ୱର/କୁଚିଣ୍ଡା, ୨୩।୩ (ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର ଜିଲା କୁଚିଣ୍ଡା ଓ ଝାରସୁଗୁଡ଼ା ଜିଲା ଲଇକେରାରର ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ଶନିବାର ବିଜେଡିରୁ ଇସ୍ତଫା ଦେଇଛନ୍ତି । ମାଝିଙ୍କ ସହ ତାଙ୍କର କେତେକ ସମର୍ଥକ ମଧ୍ୟ ଦଳରୁ ଇସ୍ତଫା ଦେଇଛନ୍ତି । ଏଥର ସେ କୁଚିଣ୍ଡା ନିର୍ବାଚନମଣ୍ଡଳୀ ପାଇଁ ଟିକେଟ ଆଶାୟୀ ଥିଲେ । ମାତ୍ର ଭାଜପା ନେତା କିଶୋର ନାୟକ ବିଜେଡିରେ ଯୋଗଦେବା ପରେ ତାଙ୍କର ଟିକେଟ ଏକ ପ୍ରକାରର ବୃତାନ୍ତ ହୋଇଯାଇଛି । କିଶୋରଙ୍କ ପ୍ରାର୍ଥୀତ୍ୱକୁ ମାଝିଙ୍କ ନେତୃତ୍ୱରେ ୬ଜଣ ଆଶାୟୀ ପ୍ରାର୍ଥୀ ବିରୋଧ କରିଥିଲେ । ଏପରି କି ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ । ମାତ୍ର ଦଳ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବୃନ୍ଦାବନ ତାଙ୍କର ସମର୍ଥକ ଜମନକିରା ବ୍ଲକ ବିଜେଡି ଉପସଭାପତି ପ୍ରମୋଦ କୁମାର ପଟ୍ଟନାୟକ, ବଡମାଳ ଗ୍ରାମ ପଞ୍ଚାୟତ ବିଜେଡି ସଭାପତି ଭରତ ଚନ୍ଦ୍ର ମହାକୁଳ, କୁଲୁଣି ଗ୍ରାମ ପଞ୍ଚାୟତ ସଭାପତି ଅକ୍ଷୟ ବିଶ୍ୱାଳ ପ୍ରମୁଖଙ୍କ ସହ ଦଳରୁ ଇସ୍ତଫା ଦେଇଛନ୍ତି । ଏମାନେ ତାଙ୍କର ଇସ୍ତଫା ପତ୍ର ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ପଠାଇ ଦେଇଛନ୍ତି ।



# ବିଜେଡିକୁ ଫେରିଲେ ଦୁର୍ଯ୍ୟୋଧନ ମାଝି

**ଭୁବନେଶ୍ୱର, ଖଡିଆଳ, ୨୩।୩(ବ୍ୟୁରୋ/ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡିଆଳ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦୁର୍ଯ୍ୟୋଧନ ମାଝି ଶନିବାର ବିଜେଡିରେ ଯୋଗଦେଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମାଝି ଶୁକ୍ରବାର ଭାଜପାରୁ ଇସ୍ତଫା ଦେଇଥିଲେ। ଭାଜପାରେ ତାଙ୍କ ଭଳି ବରିଷ୍ଠ ନେତାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ କରି ସେ ଇସ୍ତଫା ଦେଇଥିଲେ। ଭାଜପା ଯାଦବ କାର୍ଡ ଖେଳି ଚିଟ୍‌ଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ଥିବା ଖରିଆରର ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତିଙ୍କ ସ୍ତ୍ରୀ ରୀତାରାଣୀ ବଗର୍ତ୍ତିଙ୍କୁ ଟିକେଟ ପ୍ରଦାନ କରିଛି।

ଆଗାମୀ ନିର୍ବାଚନରେ ବିଧାୟକ ମାଝି ପୁଣିଥରେ ଭାଜପା ଟିକେଟରୁ ନିର୍ବାଚନ ଲଢ଼ିବା ପାଇଁ ଆଶାୟୀ ଥିଲେ । ଅନ୍ୟପକ୍ଷେ ଦୁର୍ଯ୍ୟୋଧନଙ୍କ ଇସ୍ତଫା ପ୍ରସଙ୍ଗରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଗଣମାଧ୍ୟମକୁ କହିଥିଲେ ଯେ, ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ପ୍ରାର୍ଥୀଙ୍କୁ ଦଳ ଟିକେଟ ଦେବନାହିଁ ବୋଲି ନିଷ୍ପତ୍ତି ନେଇଛି, ସେଥିପାଇଁ ତାଙ୍କୁ ଟିକେଟ ମିଳିନାହିଁ । ଦୁର୍ଯ୍ୟୋଧନ ୧୯୯୦ ଓ ୧୯୯୫ରେ ଜନତା ଦଳ ଏବଂ ୨୦୦୦ ଓ ୨୦୦୪ ନିର୍ବାଚନରେ ବିଜୁ ଜନତା ଦଳ ଟିକେଟରେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ୨୦୦୯ରେ ବିଜୁ ଜନତା ଦଳ ଟିକେଟରେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ୨୦୧୪ ନିର୍ବାଚନରେ ତାଙ୍କୁ ବିଜେଡି ଟିକେଟ ଦେଇ ନ ଥିଲା। ତେଣୁ ସେ ଭାଜପା ଟିକେଟରେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ।



# ବିଜେଡି ପକ୍ଷରୁ ତାରକା ପ୍ରଚାରକଙ୍କ ତାଲିକା ଜାରି

**ଭୁବନେଶ୍ୱର,୨୩।୩(ବ୍ୟୁରୋ)**

- ବହୁ ବରିଷ୍ଠ ନେତା ସାମିଲ
- ସିନେ ଷ୍ଟାରଙ୍କୁ ମଧ ମିଳିଛି ସ୍ଥାନ

ବିଜେଡି ପକ୍ଷରୁ ବିଧାନସଭା ଓ ସାଧାରଣ ନିର୍ବାଚନ ପ୍ରଚାର ପାଇଁ ଶନିବାର ତାରକା ପ୍ରଚାରକଙ୍କ ତାଲିକା ପ୍ରକାଶ ପାଇଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରକାଶିତ ଏହି ୪୦ ଜଣିଆ ତାଲିକାରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସମେତ କେତେଜଣ ମନ୍ତ୍ରୀ, ବିଧାୟକ ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ସ୍ଥାନ ପାଇଛନ୍ତି। ତାଲିକାରେ ଦଳର ଉପସଭାପତି ଅନଙ୍ଗ ଉଦୟ ସିଂଦେଓ, ପ୍ରସନ୍ନ ଆଚାର୍ଯ୍ୟ, ସୂର୍ଯ୍ୟ ନାରାୟଣ ପାତ୍ର, ଡ. ପ୍ରସନ୍ନ ପାଟ୍ଟଶାଣୀ, ଏନ୍. ଭାସ୍କର ରାଓ ଏବଂ ପ୍ରମିଳା ମଲିକ ପ୍ରମୁଖଙ୍କ ନାମ ରହିଛି। ଦଳର ସାଧାରଣ ସମ୍ପାଦକ ପଦ୍ମନାଭ ବେହେରା, ପ୍ରଣବ ପ୍ରକାଶ ଦାସ ଓ ସଞ୍ଜୟ ଦାସବର୍ମାଙ୍କୁ ଏହି ତାଲିକାରେ ସ୍ଥାନ ମିଳିଛି।

ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରତାପ କେଶରୀ ଦେବ, ପ୍ରଶାନ୍ତ ନନ୍ଦ ଏବଂ ଅନୁଭବ ମହାନ୍ତିଙ୍କୁ ମଧ ଷ୍ଟାର କ୍ୟାମ୍ପେନର ତାଲିକାରେ ସ୍ଥାନ ମିଳିଛି। ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିକ୍ରମ କେଶରୀ ଆରୁଖ, ପ୍ରତାପ ଜେନା, ଚନ୍ଦ୍ରସାରଥି ବେହେରା, ପ୍ରଫୁଲ୍ଲ ମଲିକ, ସୁଶାନ୍ତ ସିଂ ଏବଂ ରମେଶ ମାଝିଙ୍କୁ ଏଥିରେ ସାମିଲ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରବି ନାରାୟଣ ପାଣି, କିଶୋର ମହାନ୍ତି, ନବ ଦାସ, ଦିଲୀପ ତିର୍କୀ, ସୁବାସ ସିଂ, ଅନନ୍ତ ନାରାୟଣ ଜେନା, ବିଧାୟକ ଆକାଶ ଦାସନାୟକ, ମୁନ୍ନା ଖାଁ ଏବଂ ମହିଳା ବିଜେଡି ସଭାନେତ୍ରୀ ମିନତି ବେହେରାଙ୍କୁ ସ୍ଥାନ ମିଳିଛି। ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ, କୁନା ତ୍ରିପାଠୀଙ୍କୁ ମଧ ଏହି ତାଲିକାରେ ରଖାଯାଇଛି। ସେହିପରି ଯୁବ ବିଜେଡି ସଭାପତି ଅମରେଶ ପତ୍ରି, ଛାତ୍ର ବିଜେଡି ସଭାପତି ରାଣା ପ୍ରତାପ ପାତ୍ର, ମହିଳା ନେତ୍ରୀ କସ୍ତୁରୀ ମହାପାତ୍ର, ଶ୍ରୀମୟୀ ମିଶ୍ର, ଲୋପାମୁଦ୍ରା ବକ୍ସିପାତ୍ରଙ୍କୁ ତାରକା ପ୍ରଚାରକ ଭାବେ ସ୍ଥାନ ମିଳିଛି। ଯୁବନେତା ତେଜେଶ୍ୱର ପରିଡ଼ା ଏବଂ ଆଇନଜୀବୀ ଅସିତ୍ ଅମିତାଭ ଦାସଙ୍କୁ ମଧ ଏହି ତାଲିକାରେ ଥିବା ଦେଖିବାକୁ ମିଳିଛି।


**STATE BANK OF INDIA**
BC & DM Dept., SBI, Local Head Office, Bhubaneswar

**PUBLIC NOTICE**

Public at large is hereby informed that **Sri Jyoti Prakash,** Officer in MMGS-II, P.F. No. 3767868 working in State Bank of India, presently posted at its Balasore Branch as Dy. Manager, has been **dismissed** from Bank's service by virtue of **Order No.: HO/BC & DM /409 dated 21/03/2019** of the Appointing Authority, General Manager, Network-II, SBI at Local Head Office, Bhubaneswar. The said order has been sent through speed post on **21/03/2019 vide receipt No. 6979432668171 & 6979432668185** to his residential address at Balasore and Berhampur, recorded at SBI. Since Sri Jyoti Prakash is not available at his place of posting at Balasore, the said order was pasted at his residence at Balasore and also sent to him by e-mail & WhatsApp in his registered mobile number with SBI. He is requested to come & collect the above order from the **Chief Manager, SBI, Balasore Branch.** The Public at large is advised not to deal with Sri Jyoti Prakash in any manner in connection with Bank's affairs and if anybody does so inspite of the present notice, he will be doing so at his own risk and responsibility.

**Date: 21.03.2019** **Asst. General Manager**













ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର




**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................



ତୁମାନ୍
ପରିବାରବର୍ଗ



ଶଶିକାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପଠାଇବା ଆବଶ୍ୟକ।


■ଦଶପଲ୍ଲାରେ ମାଓବାଦୀ ପୋଷ୍ଟର

# ବିଜେଡି ପ୍ରାର୍ଥୀଙ୍କୁ ହତ୍ୟା ଧମକ

**ଦଶପଲ୍ଲା,୨୩।୩(ଡି.ଏନ.ଏ.)**



ନୟାଗଡ ଜିଲା ଦଶପଲ୍ଲାରେ ମାଓବାଦୀଙ୍କ ୨ଟି ଧମକପୂର୍ଣ୍ଣ ପୋଷ୍ଟର ଜବତ ହୋଇଛି। ମାଓବାଦୀମାନେ ଚଳିତ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ଦଶପଲ୍ଲାର ବିଜେଡି ବିଧାୟକ ପ୍ରାର୍ଥୀ ଏବଂ ଥାନା ଆଇଆଇସିଙ୍କୁ ହତ୍ୟା ଧମକ ଦେଇଛନ୍ତି।

ପ୍ରକାଶ ଯେ, ଦଶପଲ୍ଲା ବ୍ଲକଠାରୁ ୮ କିମି ଦୂର ପର୍ଯ୍ୟଟନ କ୍ଷେତ୍ର କୁଆଁରିଆ ଓ ମୃଗବିହାରରେ ମାଓବାଦୀ ପୋଷ୍ଟର ଲଗାଯାଇଥିବା ହୋଲିଦିନ ସକାଳେ ଦେଖିବାକୁ ମିଳିଥିଲା। ମୃଗବିହାର ସମ୍ମୁଖସ୍ଥ ବାଡ଼ ଏବଂ କୁଆଁରିଆ ବଙ୍ଗଳା ନିକଟସ୍ଥ ଏକ ଫଳକ ଉପରେ ମାଓବାଦୀ ପୋଷ୍ଟର ମରାଯାଇଥିବା ଖବରପାଇ ପୋଲିସ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ଦୁଇଟି ଜବତ କରିଛି।

ମାଓବାଦୀଙ୍କ ନାମରେ ଲିଖିତ ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି ଯେ, ଦଶପଲ୍ଲାର ବିଜେଡି ଟିକେଟ ପାଇଥିବା ରମେଶ ବେହେରାଙ୍କୁ ତୁରନ୍ତ ହତ୍ୟା କରାଯିବ, ଆମେ ଜନସାଧାରଣଙ୍କୁ ଜଣାଇଦେଲୁ ଦଶପଲ୍ଲା ଥାନା ଜେଲ କୋର୍ଟ ଉଡେଇ ଦିଆଯିବ, ଗଣିଆ ଥାନା, ଦଶପଲ୍ଲା ଥାନା, ମହୀପୁର ଥାନା, ନୂଆଗାଁ ଥାନାକୁ ଆସନ୍ତା ୨୫ ତାରିଖ ଠାରୁ ଏପ୍ରିଲ ୧୦ ଭିତରେ ଆମେ ଆସିବୁ ବୋଲି ଚେତାବନୀ ଦେଇଛନ୍ତି। ଏଥିସହ ଦଶପଲ୍ଲା ଆଇଆଇସି ବିଶ୍ୱଜିତଙ୍କୁ ଉଡେଇ ଦିଆଯିବ, ଆମେ ଦଶପଲ୍ଲା ଜଙ୍ଗଲରେ ଅଛୁ, ସିପିଆଇ ମାଓବାଦୀ ଏବଂ ସିପିଆଇ(ଏମ୍) ବୋଲି ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ଦଶପଲ୍ଲା ଥାନା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କୁ ପଚାରିବାରେ ସେ କହିଛନ୍ତି, କୁଆଁରିଆ ଡ୍ୟାମ ନିକଟରୁ ହାତ ଲେଖା ଦୁଇଟି ମାଓବାଦୀ ପୋଷ୍ଟର ଜବତ କରାଯାଇଛି ଏବଂ ତଦନ୍ତ ଜାରି ରହିଛି।

# ବଡମ୍ବା ବିଧାୟକ ଦେବୀ ମିଶ୍ରଙ୍କୁ ବିରୋଧ

**ଭୁବନେଶ୍ୱର,୨୩।୩(ବ୍ୟୁରୋ)**

ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କୁ ନିଜ ନିର୍ବାଚନମଣ୍ଡଳୀର ବିଜେଡି କର୍ମୀଙ୍କ ରୋଷର ଶିକାର ହେବାକୁ ପଡିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେତେକ କର୍ମୀ ଭେଟି ଦେବୀଙ୍କ ବିରୋଧରେ ଫେରାଦ ହୋଇଛନ୍ତି। ନବୀନ ନିବାସ ସମ୍ମୁଖରେ ଏକାଠି ହୋଇ କେତେକ କର୍ମୀ ବିଧାୟକ ମିଶ୍ରଙ୍କ ବିରୋଧରେ ବିଷୋଦ୍‌ଗାର କରିବା ସହ ସ୍ଲୋଗାନ ଦେଇଥିଲେ। 'ଆମେ ନବୀନ ଚାହୁଁ, ଦେବୀ ମିଶ୍ର ନୁହେଁ' ବୋଲି ଲେଖାଥିବା ବ୍ୟାନର ଧରି ବଡମ୍ବା-ନରସିଂହପୁରର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆସିଥିବା କର୍ମୀମାନେ ସ୍ଥାନୀୟ ସଙ୍ଗଠକ ପ୍ରତାପ ବେହେରାଙ୍କ ସମର୍ଥକ ବୋଲି ସୂତ୍ରରୁ ପ୍ରକାଶ। ୨୦୧୭ରେ ହୋଇଥିବା ପଞ୍ଚାୟତ ନିର୍ବାଚନରେ କଟକ ଜିଲାରେ ବଡମ୍ବାରେ ବିଜେଡି ଧରାଶାୟୀ ହୋଇଥିଲା। ସେହିପରି କେନ୍ଦୁଝର ଜିଲା ଆନନ୍ଦପୁରରେ ନାରାୟଣ ଜେନାଙ୍କୁ ପ୍ରାର୍ଥୀ କରିବା ପାଇଁ କେତେକ ସମର୍ଥକ ନବୀନ ନିବାସ ଆସି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ। ସେହିପରି ମୟୁରଭଞ୍ଜ ଜିଲା ମୋରଡାର ଆଦିତ୍ୟ କୁମାର ପଣ୍ଡା, ଛତିଶଚନ୍ଦ୍ର ଧଳ, ସମ୍ପା ମଜୁମ୍‌ଦାର, କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ବିଜେଡି ସଭାପତିଙ୍କୁ ଭେଟି ସ୍ଥାନୀୟ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ବୈଠକରେ କଂଗ୍ରେସ କର୍ମୀ ହାତାହାତି



ବୈଠକରେ ବିଧାୟକ ପ୍ରାର୍ଥିନୀ ମନୋଜା ମଞ୍ଜରୀ ଦେବୀ ବକ୍ତବ୍ୟ ଦେଉଥିବାବେଳେ ଅସନ୍ତୁଷ୍ଟ କର୍ମୀଙ୍କ ବିରୋଧ।

**ସଜନାଗଡ଼, ୨୩।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବିଧାନସଭା କ୍ଷେତ୍ର ପାଇଁ ମନୋଜା ମଞ୍ଜରୀ ଦେବୀଙ୍କୁ କଂଗ୍ରେସ ଦଳ ପ୍ରାର୍ଥୀ ଘୋଷଣା କରିଛି। ଏହି ପରିପ୍ରେକ୍ଷୀରେ ଶନିବାର ଅନ୍ୟ ଅଶାୟୀ ପ୍ରାର୍ଥୀଙ୍କ ସମର୍ଥକଙ୍କ ଉପସ୍ଥିତିରେ ସ୍ଥାନୀୟ ଏନ୍‌ଏସି କଲ୍ୟାଣମଣ୍ଡପରେ 'ନବନିର୍ମାଣ ଏବଂ କାର୍ଯ୍ୟକର୍ତ୍ତା ସଶକ୍ତିକରଣ ସମ୍ବାଦ' ଶୀର୍ଷକ ଏକ ବୈଠକ ଆୟୋଜିତ ହୋଇଥିଲା। ଏନ୍‌ଏସି ସଭାପତି ରଘୁନାଥ ସିଂହ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ ଏବଂ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ବହୁ ସମର୍ଥକ ଉପସ୍ଥିତ ରହି ଦଳର ସଙ୍ଗଠନ ବାବଦରେ ଆଲୋଚନା କରୁଥିଲେ। ଏହି ସମୟରେ କଂଗ୍ରେସର ବିଧାୟିକା ପ୍ରାର୍ଥିନୀ ସମର୍ଥକଙ୍କ ସହ ଆସି ବୈଠକ ସ୍ଥଳରେ ପହଞ୍ଚିଥିଲେ। ପରେ ଦଳର ଅସନ୍ତୁଷ୍ଟ କର୍ମୀ ଓ ପ୍ରାର୍ଥୀଙ୍କ ସମର୍ଥକମାନେ ମୁହାଁମୁହିଁ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ନୀଳଗିରି ବ୍ଲକର ଜଣେ ପୂର୍ବତନ ବ୍ଲକ ସଭାପତି ମଞ୍ଚକୁ ଯାଇ ମାଇକ୍ରୋଫୋନ୍ ଛଡ଼ାଇ ଆଣିଥିଲେ। ଏ ନେଇ ଉଭୟ ପକ୍ଷଙ୍କ ସମର୍ଥକଙ୍କ ମଧ୍ୟରେ ଠେଲାପେଲା ଓ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଭଳି ବିଶୃଙ୍ଖଳା ଦେଖି ନେତାମାନେ ଅଧାରୁ ବୈଠକ ବନ୍ଦ କରି ଦେଇଥିଲେ। ଦଳର ଅସନ୍ତୁଷ୍ଟ ଗୋଷ୍ଠୀ ଏ ନେଇ ରାଜ୍ୟ ନେତୃତ୍ୱ ପାଖରେ ଫେରାଦ ହେବେ ବୋଲି କହିଛନ୍ତି। ପ୍ରାର୍ଥିନୀ ମନୋଜା ମଞ୍ଜରୀ ଦେବୀଙ୍କୁ ପଚାରିବାରୁ କହିଥିଲେ, ସେ ଦଳର କର୍ମୀ ଓ ବରିଷ୍ଠ ନେତାଙ୍କ ସହ ମିଶି ନୀଳଗିରିବାସୀଙ୍କ ସେବା କରିବାକୁ ଚାହୁଁଛନ୍ତି। ତେବେ ଆଜିର ଘଟଣା ସମ୍ପର୍କରେ ରାଜ୍ୟ ନେତୃତ୍ୱଙ୍କ ସହ ଆଲୋଚନା କରିବେ।

**କିଛି ତଥ୍ୟ**

ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ୩.୬୦୨ ବିଲିୟନ ଡଲାର ବୃଦ୍ଧି ଘଟି ୪୦୫.୬୩୮ ବିଲିୟନ ଡଲାର ଛୁଇଁଛି। **-ଆର୍‌ବିଆଇ**

# ଓୟୁଏଟି କୁଳପତି ପଦବୀରୁ ହଟିଲେ ପଶୁପାଳକ



ଭୁବନେଶ୍ୱର, ୨୩।୩(ବ୍ୟୁରୋ)- ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର କୁଳପତି ପଦବୀରୁ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକଙ୍କୁ ହଟାଇ ଦିଆଯାଇଛି। ଗତ ମଙ୍ଗଳବାର ପଶୁପାଳକ ଡାକ ଯୋଗେ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ନିକଟକୁ ତାଙ୍କର ଇସ୍ତଫାପତ୍ର ପଠାଇଥିଲେ। ଏହି ଆଧାରରେ କୁଳାଧିପତି ତାଙ୍କୁ ବୁଧବାର ମଧ୍ୟରେ ରାଜଭବନରେ ହାଜର ହେବାକୁ କହିଥିଲେ। କିନ୍ତୁ ପଶୁପାଳକ ହାଜର ହୋଇ ନ ଥିବାରୁ ଶନିବାର ତାଙ୍କୁ ବିଧିବଦ୍ଧ ଭାବେ ଓୟୁଏଟି କୁଳପତି ପଦବୀରୁ ପଦଚ୍ୟୁତ କରାଯାଇଥିବା ରାଜଭବନ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ଚଳିତ ମାସରେ ପଶୁପାଳକ ଚାକିରିରୁ ଅବସର ନେଇଥାନ୍ତେ। କିନ୍ତୁ ଏହାପୂର୍ବରୁ ପଶୁପାଳକ ତାଙ୍କ ପଦବୀର ଅପବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଓୟୁଏଟିରେ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ଜାଲିଆତି ହୋଇଥିବା ନେଇ ତାଙ୍କ ନାଁରେ ଅଭିଯୋଗ ଥିଲା। ଭିଜିଲାନ୍ସ ମଧ୍ୟ ଏହାର ତଦନ୍ତ କରୁଥିଲା। ଅଭିଯୋଗକୁ ଭିତ୍ତିକରି କୁଳାଧିପତି ପଶୁପାଳକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। କିନ୍ତୁ ପଶୁପାଳକ ଏହାର କୌଣସି ଉତ୍ତର ଦେଇ ନ ଥିଲେ। କିଛିଦିନ ପୂର୍ବରୁ ତାଙ୍କୁ ରାଜ୍ୟପାଳ ଛୁଟିରେ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପଶୁପାଳକ ଏହାକୁ ବିରୋଧ କରି କହିଥିଲେ ଯେ, ମୁଁ କିଛି ଭୁଲ କରିନାହିଁ, ଜାଣିଶୁଣି କିଛି କୁଚକ୍ରୀ ବ୍ୟକ୍ତି ମୋ ବିରୋଧରେ ଷଡ଼ଯନ୍ତ୍ର କରିଛନ୍ତି। ଏପରି କି ପକ୍ଷ ରଖିବା ପାଇଁ ତାଙ୍କୁ ସୁଯୋଗ ଦିଆଯାଉ ନାହିଁ ବୋଲି ପଶୁପାଳକ ଅଭିଯୋଗ ଆଣିଥିଲେ।

# ତପସ୍ୱିନୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ



ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ବଗି।

**ପୁରୀ ଅଫିସ,୨୩।୩**

■ଜଳିଗଲା ୩ ସ୍ଲିପର କୋଚ
■କେହି ନିଆଁ ଲଗାଇଥିବା ସନ୍ଦେହ
■ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଜାରି
■ସିସିଟିଭି ଫୁଟେଜ ଯାଞ୍ଚ, ୨ ଅଟକ
■ଯାତ୍ରୀଙ୍କ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

ହୋଲିକୁ ନେଇ ପୁରୀ ସହର ଉତ୍ସବମୁଖର ଥିଲା ବେଳେ ଶୁକ୍ରବାର ମଧ୍ୟାହ୍ନରେ ପୁରୀ ଷ୍ଟେଶନରେ ଘଟିଥିଲା ବଡ଼ ଧରଣର ଅଗ୍ନିକାଣ୍ଡ। ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସ୍‌ରେ ଲାଗିଥିଲା ନିଆଁ। ସୌଭାଗ୍ୟବଶତଃ ସେହି ସମୟରେ ଟ୍ରେନ୍‌ରେ କୌଣସି ଯାତ୍ରୀ ନ ଥିଲେ। କିନ୍ତୁ ୩ଟି ସ୍ଲିପର କୋଚ ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ଜଣାପଡି ନ ଥିଲେ ମଧ୍ୟ ଷ୍ଟେଶନରେ ଏକାଧିକଥର ଅଗ୍ନିକାଣ୍ଡ ହେବା ଘଟଣା ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ଛିଡା କରିଛି। ଟ୍ରାକ୍‌ରେ ଟ୍ରେନ ରହିଥିବା ବେଳେ କିପରି ନିଆଁ ଲାଗିଲା ସେ ନେଇ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଛି। ଅନ୍ୟପକ୍ଷରେ ଷ୍ଟେଶନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚକୁ ଆଧାର କରି ଜିଆର୍‌ପି ପୋଲିସ ୨ ଜଣଙ୍କୁ ଅଟକ ରଖିଛି।

ତପସ୍ୱିନୀ ଏକ୍ସପ୍ରେସ୍ ଶୁକ୍ରବାର ସକାଳ ୭ଟା ୩୫ରେ ପୁରୀରେ ପହଞ୍ଚିଥିଲା। ରାତିରେ ଏହା ହାଟିଆ ଅଭିମୁଖେ ଯାଇଥାନ୍ତା। ହେଲେ ଏହା ପୂର୍ବରୁ ଘଟିଥିଲା ଅଘଟଣ। ୪ ନଂ. ପ୍ଲାଟଫର୍ମରେ ଠିଆ ହୋଇଥିବା ବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ୫୦ରେ ହଠାତ୍ ନିଆଁ ଲାଗିଥିଲା। ସ୍ଲିପର କୋଚ୍ ଏସ୍-୪(୦୧୮୨୪୫)ରେ ପ୍ରଥମେ ଧୂଆଁ ବାହାରିଥିଲା। ସଙ୍ଗେ ସଙ୍ଗେ ପାଖ ବଗିକୁ ନିଆଁ ବ୍ୟାପି ଯାଇଥିଲା। ଏସ୍-୩ (୦୧୮୨୦୩) ଏବଂ ଏସ୍-୫(୧୫୨୩୨)ରେ ନିଆଁ ଲାଗି ଯାଇଥିଲା। ହୁତୁହୁତୁ ହୋଇ ଜଳିଥିଲା ତପସ୍ୱିନୀ ଏକ୍ସପ୍ରେସ୍‌ର ଏହି ୩ଟି ସ୍ଲିପର କୋଚ୍। ଷ୍ଟେଶନ କର୍ତ୍ତୃପକ୍ଷ ପୁରୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ ନିଆଁ ଲିଭା କାର୍ଯ୍ୟରେ ସାମିଲ ହୋଇଥିଲେ। ୧ ଘଣ୍ଟା ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲା।

କେଉଁ ପରିସ୍ଥିତିରେ ଏବଂ କିପରି ନିଆଁ ଲାଗିଲା ସେ ନେଇ ଜିଆର୍‌ପି ଖୋଳତାଡ଼ ଚଳାଇଛି। ଖବର ପାଇ ପୂର୍ବତଟ ରେଳପଥର ୫ ଜଣିଆ ଟିମ୍ ପହଞ୍ଚି ଅନୁଧ୍ୟାନ କରିଥିଲେ। କେହି ନିଆଁ ଲଗାଇ ଦେଇଥିବା ତଦନ୍ତକାରୀ ଦଳ ସନ୍ଦେହ କରିଛନ୍ତି। ବିଦ୍ୟୁତ୍ ସରବରାହ ବନ୍ଦ ଥିବାରୁ ଶର୍ଟସର୍କିଟ ଆଶଙ୍କା କରିପାରୁନାହାନ୍ତି ଏହି ଟିମ୍। ଅନ୍ୟପକ୍ଷରେ ଷ୍ଟେଶନରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଇଛି। ଏସ୍-୪ ବଗିରେ ନିଆଁ ଲାଗିବା ପରେ ୩/୪ ଜଣ ସେହି ବଗିରୁ ବାହାରି ଯାଉଥିବା ଫୁଟେଜରୁ ଜଣାପଡିଛି। ଏହାକୁ ଆଧାର କରି ଜିଆର୍‌ପି ୨ ଜଣଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରୁଛି। କିନ୍ତୁ ଅଟକଦ୍ୱୟ ସିସିଟିଭି ଫୁଟେଜରେ ଯେଉଁମାନେ ପଳାଇ ଯାଉଛନ୍ତି ସେମାନେ କି ନୁହେଁ, ତାହା ଜିଆର୍‌ପି ସ୍ପଷ୍ଟ କରିନାହିଁ। ଅପରପକ୍ଷେ ଶନିବାର ପୂର୍ବାହ୍ନରେ ଭୁବନେଶ୍ୱରରୁ ଏକ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ସହ ନମୂନା ସଂଗ୍ରହ କରିଛନ୍ତି। କୋଲକାତାରୁ ଏକ ସାଇଣ୍ଟିଫିକ୍ ଟିମ୍ ରବିବାର ପୁରୀ ଆସିବାର ଅଛି। ଏଥିରେ କେମିକାଲ ବ୍ୟବହାର ହୋଇଛି କି ନାହିଁ ତାହା ଏହି ଟିମ୍ ଯାଞ୍ଚ କରିବ। ସେମାନେ ରିପୋର୍ଟ ଦେବା ପରେ ଅଗ୍ନିକାଣ୍ଡ ସମ୍ପର୍କରେ ଅଧିକ କିଛି ସ୍ପଷ୍ଟ ହୋଇପାରିବ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଜିଆର୍‌ପି ଥାନାରେ ଏକ ମାମଲା (ନଂ.୨୫/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

ପ୍ରଥମ ପୃଷ୍ଠାରୁ...

## ଟିକେଟ...

ବୈଜୟନ୍ତ ପଣ୍ଡା, ପାରାଦୀପ ବିଧାୟକ ଡା. ଦାମୋଦର ରାଉତ, ସାଲେପୁର ବିଧାୟକ ପ୍ରକାଶ ବେହେରା, ବାବୁ ସିଂଙ୍କୁ ଗୈରିକ ଦଳ ଟିକେଟ ଦେଇ ନିର୍ବାଚନ ମୈଦାନକୁ ଓହ୍ଲାଇଛି। ତେବେ ନିକଟରେ ବିଜେଡିରୁ ଇସ୍ତଫା ଦେଇଥିବା ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଏବଂ ନୀଳଗିରି ବିଧାୟକ ସୁକାନ୍ତ ନାୟକ ଭାଜପାରେ ଯୋଗଦେଇଛନ୍ତି। ସେମାନଙ୍କୁ ଦଳ ପକ୍ଷରୁ ଟିକେଟ ଦେବା ନେଇ ଚର୍ଚ୍ଚା ହେଉଛି। ତେବେ ପ୍ରତ୍ୟୁଷା ଚଳିତ ନିର୍ବାଚନ ଲଢିବେ ନାହିଁ ବୋଲି ଘୋଷଣା କରିଛନ୍ତି। ଖଡିଆଳ ବିଧାୟକ ଦୁର୍ଯ୍ୟୋଧନ ମାଝି ଟିକେଟ ନ ମିଳିବାରୁ ଶନିବାର ଭାଜପାରୁ ଇସ୍ତଫା ଦେଇ ବିଜେଡିକୁ ଫେରିଥିବାବେଳେ ଲୋକ ସଭା ପ୍ରାର୍ଥୀ ଟିକେଟ ଚୟନକୁ ନେଇ ବରଗଡ଼ ଓ କଳାହାଣ୍ଡିରେ ଭାଜପା କର୍ମୀ ଓ ନେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୨୦୧୪ରେ ଭାଜପାରୁ ବରଗଡ ଲୋକ ସଭା ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ସୁବାସ ଚୌହାନଙ୍କୁ ଚଳିତ ଥର ଟିକେଟରୁ ବଞ୍ଚିତ କରାଯାଇଛି। ଏହାକୁ ନେଇ ତାଙ୍କ ସମର୍ଥକମାନେ ହୋହଲ୍ଲା କରିବା ସହ ଦଳୀୟ ନେତାଙ୍କ ବିରୋଧରେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା ପ୍ରଦୀପ ନାଏକ କଳାହାଣ୍ଡି ଆସନରୁ ଲୋକ ସଭା ପ୍ରାର୍ଥୀ ହେବାକୁ ଚାହୁଁଥିବାବେଳେ ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡାଙ୍କୁ ସେଠାରୁ ଦଳୀୟ ପ୍ରାର୍ଥୀ କରାଯିବାକୁ ନେଇ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି ଭୁବନେଶ୍ୱର ଏକାମ୍ର ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବା ବାବୁ ସିଂଙ୍କୁ ବିରୋଧ କରି ଅମିୟ ଦାଶଙ୍କ ସମର୍ଥକମାନେ ରାଜ୍ୟ ଭାଜପା କାର୍ଯ୍ୟାଳୟ ଫାଟକକୁ ତାଲା ପକାଇ ଧାରଣାରେ ବସିରହିଛନ୍ତି। ଦିଗପହଣ୍ଡିରେ ଅଭିନେତ୍ରୀ ପିଙ୍କି ପ୍ରଧାନଙ୍କୁ ଟିକେଟ ଦିଆଯାଇଥିବାରୁ ସ୍ଥାନୀୟ ଆଶାୟୀମାନେ ପ୍ରବଳ ବିରୋଧ କରିଛନ୍ତି। ୨୦୧୪ ବିଧାନସଭା ନିର୍ବାଚନରେ ସୁନ୍ଦରଗଡ଼ରୁ ବିଜେଡି ପ୍ରାର୍ଥୀ ହୋଇଥିବା କୁସୁମ ଟେଟେଙ୍କୁ ଭାଜପା ଚଳିତ ନିର୍ବାଚନରେ ପ୍ରାର୍ଥୀ କରିଛି। ସେଠାରେ ମଧ୍ୟ ତାଙ୍କୁ ବିରୋଧ କରାଯାଉଛି।

ଟିକେଟ ବଣ୍ଟନକୁ ନେଇ ରାଜ୍ୟ କଂଗ୍ରେସ ମଧ୍ୟ କଡା ବିରୋଧର ସମ୍ମୁଖୀନ ହୋଇଛି। କେଇଦିନ ତଳେ କଂଗ୍ରେସରେ ଯୋଗଦେଇଥିବା ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କୁ ଢେଙ୍କାନାଳ ବିଧାନସଭା ଆସନ ପାଇଁ ଟିକେଟ ଦିଆଯାଇଛି। ସୁନ୍ଦରଗଡରେ ଅମିତା ବିଶ୍ୱାଳଙ୍କୁ ପ୍ରାର୍ଥୀ କରାଯିବାରୁ ଆଶାୟୀ ପ୍ରାର୍ଥୀ ଜଟିଆ ମୁଣ୍ଡାଙ୍କ ସମର୍ଥକ ତାଙ୍କୁ କଡା ବିରୋଧ କରିଛନ୍ତି। ଝାରସୁଗୁଡାରେ କଂଗ୍ରେସ ମହେନ୍ଦ୍ର ନାୟକଙ୍କୁ ଟିକେଟ ଦେଇଥିବାରୁ ସେଠାରେ ବିରୋଧ ଆରମ୍ଭ ହୋଇଛି। ନୀଳଗିରିରେ ମନୋଜମଞ୍ଜରୀ ଦେବୀଙ୍କୁ ଟିକେଟ ମିଳିବା ପରେ ସେଠାରେ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଛି। ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଟିକେଟ ବଣ୍ଟନକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଟିକେଟ ବଣ୍ଟନକୁ ନେଇ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ମଧ୍ୟ ଶନିବାର ଭଙ୍ଗାରୁଜା ହୋଇଛି।

## ଏପ୍ରିଲ ୨ରୁ...

ଶିକ୍ଷାବର୍ଷ ଆରମ୍ଭ ହେବ। ଏପ୍ରିଲ ୨କୁ ପ୍ରବେଶ ଉତ୍ସବ ଭାବେ ପାଳନ କରାଯିବ। ଆଗୁଆ ପରୀକ୍ଷା ସାରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ମାର୍ଚ୍ଚ ୩୦ ପର୍ଯ୍ୟନ୍ତ କୋର୍ସ ରିଭିଜନ ବ୍ୟବସ୍ଥା କରାଯିବ। ବିଦ୍ୟାଳୟକୁ ଆସିବାବେଳେ ଛାତ୍ରୀଛାତ୍ରମାନେ ଛତା ଓ ପାଣି ବୋତଲ ଆଣିବେ। ଯେଉଁ ବିଦ୍ୟାଳୟରେ ନଳକୂପ ନାହିଁ ସେଠାରେ ପିଇବା ପାଣି ବ୍ୟବସ୍ଥା କରିବାକୁ ବିଦ୍ୟାଳୟ ପ୍ରଧାନଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଖରାଦିନେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଶାରୀରିକ ପ୍ରଶିକ୍ଷଣ ବାଧ୍ୟତାମୂଳକ ନୁହେଁ। ଆସନ୍ତା ମେ' ୬ ତାରିଖରୁ ଗ୍ରୀଷ୍ମକାଳୀନ ଛୁଟି ଆରମ୍ଭ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି।

## ଭାଜପାରେ...

ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ପ୍ରତ୍ୟୁଷା ଭାଜପାରେ ଯୋଗଦାନ କରିଛନ୍ତି। ତାଙ୍କୁ ଦଳୀୟ ଟୋପି, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ଦଳ ପକ୍ଷରୁ ସ୍ୱାଗତ କରାଯାଇଛି।
ପ୍ରତ୍ୟୁଷା କହିଛନ୍ତି ଯେ, ବିଜେଡିରୁ ନିର୍ବାଚିତ ହୋଇଥିଲେ ମଧ୍ୟ ମୋ ସ୍ୱାମୀ ସ୍ୱର୍ଗତ ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ପ୍ରତିମୂର୍ତ୍ତି ସେ ଅଞ୍ଚଳରେ ସ୍ଥାପନ କରିବାକୁ ମନା କରାଗଲା। ମୁଁ ଏଥିପାଇଁ ଦୁଃଖିତ। ବିଜେଡି ଶାସନରେ ବିକାଶ ଏବଂ ପ୍ରଗତି ଅସମ୍ଭବ ବୋଲି କହିବା ସହ ଶାସକ ଦଳର କୁଶାସନରେ ଅତିଷ୍ଠ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଶାସନ ଓ ବିକାଶଧାରାରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଛନ୍ତି ବୋଲି ସେ କହିଛନ୍ତି । ଏଥିସହ ନୟାଗଡ଼ ସମେତ ରାଜ୍ୟର ବିକାଶ ପାଇଁ ଭାଜପା ହିଁ ଏକମାତ୍ର ବିକଳ୍ପ। ବିଜେଡି ନେତାମାନେ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଲିପ୍ତ ବୋଲି ସିଂ ଅଭିଯୋଗ କରିଛନ୍ତି। ମୁଁ ସର୍ବଦା ନୟାଗଡ଼ବାସୀଙ୍କ ସେବା କରିଚାଲିଥିବି ବୋଲି କହିଛନ୍ତି। ଏହି ମିଶ୍ରଣ ପର୍ବରେ ବଲାଙ୍ଗୀର ଏମ୍‌ପି ପ୍ରାର୍ଥୀ ସଙ୍ଗୀତା ସିଂଦେଓ, ପୂର୍ବତନ ମନ୍ତ୍ରୀ ତଥା ରଣପୁର ବିଧାନସଭା ପ୍ରାର୍ଥୀ ସୁରମା ପାଢ଼ୀ ଏବଂ ନୟାଗଡ଼ ବିଧାନସଭା ପ୍ରାର୍ଥୀ ଇରାନି ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥର ଲୋକସଭା ନିର୍ବାଚନ ଲଢିବେ ନାହିଁ ବୋଲି ପ୍ରତ୍ୟୁଷା ସ୍ପଷ୍ଟ କରିଛନ୍ତି।

## ଆଡଭାନୀଙ୍କ...

ଆଡଭାନୀ ଭାଜପାର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ। ସେ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଦଳର ମଙ୍ଗ ଧରି ଏହାକୁ ଆଗେଇ ନେଇଥିଲେ। ଏବେ ସେମାନଙ୍କ ସ୍ଥାନ ନେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳ ଅଧ୍ୟକ୍ଷ ଅମିତ ଶାହ । ଫଳରେ ବରିଷ୍ଠଙ୍କୁ ଏଥର କୌଣସି ଦାୟିତ୍ୱ ମିଳୁ ନ ଥିବା ଭଳି ଏକ ବାତାବରଣ ଦଳ ଭିତରେ ସୃଷ୍ଟି ହୋଇଛି ବୋଲି ସାମନାରେ ପ୍ରକାଶ ପାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରେ ଆଜି ପାରିବାରିକ ସ୍ଥିତି, କର୍ମକ୍ଷେତ୍ର ଓ ଅର୍ଥ ସମ୍ପର୍କ ଭଲ ରହିବ। ମିତ୍ରମାନେ ପ୍ରଶଂସା ଗାଇ କାମ ହାସଲର ଅପଚେଷ୍ଟା କରିପାରନ୍ତି। ଏକ ନିର୍ଦ୍ଦିଷ୍ଟ କାମ ସକାଶେ ରଖିଥିବା ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇ ଯାଇପାରେ। ଅବହେଳା ଜନିତ କର୍ମକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କ ରୋଷର ଶିକାର ହୋଇପାରନ୍ତି।

**ବୃଷ** ବିଭିନ୍ନ ପ୍ରକାର କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଖୁସି ରହିପାରନ୍ତି। ଦେବଦର୍ଶନର ସୁଯୋଗ ପାଇବେ। ରବି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ଯୋଗୁ ଉଚ୍ଚ ଆଶା ଆଶାରେ ହିଁ ରହିଯିବ।

**ମିଥୁନ** ରବିଙ୍କ ଦୃଷ୍ଟିରୁ ନୂତନ ବନ୍ଧୁଙ୍କ ସମ୍ପର୍କ ସୃଷ୍ଟି ହେବାର ସୂଚନା ରହିଛି। ସଂଗଠନ, ରାଜନୀତି କିମ୍ବା ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ମୃଗଶିରା ନକ୍ଷତ୍ର ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ଯାତ୍ରା ପାଇଁ ସମସ୍ୟା ରହିବ ନାହିଁ।

**କର୍କଟ** ରାଶିରେ ରାହୁ ପ୍ରଭାବରେ ପ୍ରତ୍ୟେକ କାର୍ଯ୍ୟ କୁଶଳତାର ସହ ସମାପନ କରିପାରିବେ। ଆତ୍ମୀୟମାନଙ୍କ ସାହାଯ୍ୟରେ ସମସ୍ୟା ସମାଧାନ ହେବା କଷ୍ଟକର ହୋଇପାରେ । ପରିବାରରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ଆନୁଷ୍ଠାନିକ କାମରେ କିମ୍ବା ଧର୍ମ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ଫାଇଲ୍ କାମରେ ବ୍ୟସ୍ତ ରହିବା ସହ ଅଧିକାଂଶ ଟେନ୍‌ସନ ଲାଗି ରହିବ। ଆଗାମୀ ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ବିଭିନ୍ନ ଘରୋଇ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିପାରନ୍ତି। ଯାତ୍ରା ସମୟରେ ସତର୍କତା ଅବଲମ୍ବନ ନ କଲେ ବିବାଦ ଘେରରେ ପଡିବେ। କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର, ଯାତ୍ରା, ବାଣିଜ୍ୟ, ରାଜନୀତି, ଆଲୋଚନା କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ବୁଧଙ୍କ ଅଶୁଭତ୍ୱ କାରଣରୁ ଯେତେ ଭଲ କାମ କଲେ ମଧ୍ୟ କର୍ମ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ଆତ୍ମୀୟମାନଙ୍କ ଆକସ୍ମିକ ଦୁର୍ବଳ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇବ। ବନ୍ଧୁଙ୍କ ନିକଟରୁ ବକେୟା ଆଦାୟକୁ କେନ୍ଦ୍ର କରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଔଷଧ, ବହିପତ୍ର, ଲୁଗାପଟା ତଥା ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ତୁଳା** ଶନିକ୍ଷେତ୍ରସ୍ଥ ଶୁକ୍ର ଆପଣଙ୍କ ମନ ପସନ୍ଦର କାମକୁ ପୂର୍ଣ୍ଣତଃ କରାଇଦେବେ ନାହିଁ। ଭୁଲ୍ ବୁଝାମଣାରେ ନିକଟସ୍ଥ ବ୍ୟକ୍ତି ବିଶେଷଙ୍କ ଆପଣଙ୍କ ପ୍ରତି ଥିବା ମନୋଭାବ ବଦଳିଯିବ। କଚେରି ମାମଲା କ୍ଷେତ୍ରରେ ସମସ୍ୟା ସମାଧାନ ହେବାର ସମ୍ଭାବନା ରହିଛି। ପୂର୍ବରୁ କଳହ ଲାଗିଥିବା ସହକର୍ମୀଟି ପ୍ରତି ସତର୍କ ରୁହନ୍ତୁ।

**ବିଛା** ସ୍ୱାସ୍ଥ୍ୟହାନି ସାଙ୍ଗକୁ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା କାରଣରୁ ମନୋବଳ କ୍ରମଶଃ ହ୍ରାସ ପାଇବ। ତଥାପି ଆପଣ ମନ ବୁଝିଲା ଭଳି କଥା କହି ପାଖ ପଡ଼ୋଶୀଙ୍କୁ ଆପଣେଇ ନେବେ। ସକାଳ ସମୟରେ ଶୁଣା କଥାକୁ ବିଶ୍ୱାସ କରି ଟେନସନ୍ ବଢ଼ିପାରେ। ଅଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଓ ଆଳସ୍ୟ ଅନୁଭବ କରିପାରନ୍ତି।

**ଧନୁ** ଆପଣଙ୍କୁ ସହାନୁଭୂତି ଦେଖାଇ ନିଜ ପରିସରର ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଚେଷ୍ଟା କରୁଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବେ। ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ବିପଦ ଘଟିବାର ସମ୍ଭାବନା ନାହିଁ। ନିଜର ଭୁଲକୁ ଆଖିବୁଜି ଦେଇ ଅନ୍ୟ ଉପରେ ଦୋଷ ଢାଳିବାର ଅପଚେଷ୍ଟା କଲେ ସମାଲୋଚିତ ହେବାକୁ ପଡ଼ିପାରେ।

**ମକର** ଦୀର୍ଘଦିନରୁ ପରିବାରରେ କୁହୁଳୁଥିବା ଅଶାନ୍ତି ହଠାତ୍ ପରିବେଶକୁ ବଦଳାଇ ଦେଇପାରେ। ପରିବାରର ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବେ। ଈର୍ଷାପରାୟଣ ମନୋଭାବ ପୋଷଣ କରି କୌଣସି ନିକଟ ସମ୍ପର୍କୀୟମାନେ ଟାହିଟାପରା କରିପାରନ୍ତି। ସବୁ କଥା ପଛକୁ ପକାଇ ଅନ୍ୟମାନଙ୍କ ମନ ଧରି ଚଳିବାକୁ ଚେଷ୍ଟା କଲେ ଉପକୃତ ହେବେ।

**କୁମ୍ଭ** ଆଜିର କର୍ମକ୍ଷେତ୍ରରେ ମନ ଭୁଲାଣିଆ କଥା କହି ସହକର୍ମୀଙ୍କ ଦ୍ୱାରା କାମଟି କରାଇନେବେ। ପରିବାର, ବନ୍ଧୁ ସମ୍ପର୍କ, ସଭାସମିତି କ୍ଷେତ୍ରରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ। କିଣାବିକା କାରବାରରେ ସତର୍କତା ଅଭାବରୁ ଅପଦସ୍ଥ ହେବାର ସମ୍ଭାବନା ରହିଛି। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ କିଛି ହରାଇବାକୁ ପଡ଼ିପାରେ।

**ମୀନ** କର୍ମକ୍ଷେତ୍ରରେ ଦକ୍ଷତାକୁ ନେଇ ପ୍ରତିଷ୍ଠା ଓ ପ୍ରଶଂସା ପାଇବେ। ବୁଧଙ୍କ ଦୁର୍ବଳତା କାରଣରୁ ଦାୟିତ୍ୱ ନେଇଥିବା ଲୋକଟି ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ଅର୍ଥ ଆଦାୟ କରିବାରେ ଯେତେ ଚେଷ୍ଟା କଲେ ମଧ୍ୟ ନେଇଥିବା ବ୍ୟକ୍ତିଟି ବିଭିନ୍ନ କଥା କହି କେବଳ ମିଥ୍ୟା ପ୍ରତିଶ୍ରୁତି ଦେବ। ବିବାଦୀୟ ଘଟଣା କିଏ ଜଟିଳ ଆଡ଼କୁ ଗତି କରିବାର ସୂଚନା ରହିଛି ।

ଆଜି ଚୈତ୍ର କୃଷ୍ଣ ଚତୁର୍ଥୀ ରବିବାର, ମାର୍ଚ୍ଚ ୨୪ ତାରିଖ, ବିଶ୍ୱ ଯକ୍ଷ୍ମା ଦିବସ, ରାଶିନକ୍ଷତ୍ର-ସକାଳ ଘ୯।୨୦ମି. ପର୍ଯ୍ୟନ୍ତ ସ୍ୱାତୀ/ତୁଳା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ସକାଳ ଘ୭।୨୧ମି. ଗତେ ଘ୮।୫୧ମି. ମଧ୍ୟେ ଅମୃତବେଳା। ଦିବା ଘ୮।୫୧ମି. ଗତେ ଘ୧୦।୨୧ମି. ମଧ୍ୟେ, ଘ୧।୨୧ମି. ଗତେ ଘ୨।୫୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୨୪ମି. ଗତେ ଘ୫।୫୫ମି. ମଧ୍ୟେ ରାହୁକାଳ।

ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।

- ଚାଣକ୍ୟ

■ ଆର୍‌ପିଏଫ୍ କବ୍ଜାରେ ଆନ୍ତଃ ରାଜ୍ୟ ଲୁଟେରା ଗ୍ୟାଙ୍ଗ୍

# ୨.୨୩ କୋଟି ଟଙ୍କା ଜବତ, ୩ ଗିରଫ

ରାଉରକେଲା ଅଫିସ,୨୩।୩

ଟ୍ରେନ୍ ଯାତ୍ରୀଙ୍କଠାରୁ କୌଶଳ କ୍ରମେ ଲୁଟ୍ କରୁଥିବା ଏକ ଆନ୍ତଃ ରାଜ୍ୟ ଲୁଟେରା ଗ୍ୟାଙ୍ଗ୍‌ର ୩ ସଦସ୍ୟଙ୍କୁ ଆର୍‌ପିଏଫ୍ ଶୁକ୍ରବାର ରାଉରକେଲା ରେଳଷ୍ଟେଶନରୁ ଗିରଫ କରିଛି। ସେମାନେ ହେଲେ ରାଞ୍ଚିର ରଞ୍ଜନ ଶ୍ରୀବାସ୍ତବ (୫୮), ପାଟନାର ସଞ୍ଜୟ ଗୁପ୍ତା (୪୨) ଓ ସୁନୀଲ ଗୁପ୍ତା (୩୯)। ସଞ୍ଜୟ ଓ ସୁନୀଲ ଦୁଇଭାଇ ବୋଲି ଜଣାପଡ଼ିଛି। ଏମାନଙ୍କ ନିକଟରୁ ୨ କୋଟି ୨୩ ଲକ୍ଷ ଟଙ୍କା ଜବତ କରାଯାଇଛି। ଏଥିସହ ୧୭ଟି ଏସି ବଗିର ଟିକେଟ ମଧ୍ୟ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଦଫା ୩୭୯ ଆଧାରରେ ଝାରସୁଗୁଡ଼ା ଜିଆର୍‌ପି ଥାନାରେ ଏକ ମାମଲା (ନଂ. ୨୬/୨୦୧୯) ରୁଜୁ କରାଯାଇଛି। ଶନିବାର ଅଭିଯୁକ୍ତମାନଙ୍କୁ ଝାରସୁଗୁଡ଼ା ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିବା ରେଳପଥ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି।

ସୂଚନାନୁସାରେ ଗତ ମାର୍ଚ୍ଚ ୩ ତାରିଖରେ କୋଲକାତାର ବ୍ୟବସାୟୀ ଗୌରବ କୁମାର (୫୧)ଙ୍କଠାରୁ ୩କୋଟି ୧୪ଲକ୍ଷ ୯ ହଜାର ଟଙ୍କା ଲୁଟ୍ ହୋଇଥିଲା। ଗୌରବ ତାଙ୍କର ଦୁଇଜଣ କର୍ମଚାରୀଙ୍କ ସହ ଗତ ୨ ତାରିଖରେ ଟ୍ରେନ୍ ନଂ. ୧୨୯୦୬ ଯୋଗେ ହାଓଡ଼ାରୁ ଅହମଦାବାଦ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ସାଥିରେ ଟଙ୍କା ଓ କିଛି କପଡ଼ା ଭର୍ତ୍ତି ୨ ଟ୍ରଲି ବ୍ୟାଗ ରହିଥିଲା। ଟ୍ରେନ୍ ଝାରସୁଗୁଡ଼ା ଷ୍ଟେଶନରେ ପହଞ୍ଚିବା ବେଳକୁ ଟ୍ରଲି ବ୍ୟାଗ ଦୁଇଟି ନ ଥିବା ଗୌରବ ଦେଖିବାକୁ ପାଇଥିଲେ। ଏ ନେଇ ସେ ଝାରସୁଗୁଡ଼ା ଜିଆରପିରେ ଅଭିଯୋଗ କରିଥିଲେ। ହାଓଡ଼ା ରେଳବାଇ ପୋଲିସ ମଧ୍ୟ ଘଟଣା ସମ୍ପର୍କରେ ଗତ ୨୪ ତାରିଖରେ ଗୌରବଙ୍କ ଅଭିଯୋଗ ଉପରେ ଏକ ଚିଠି ନଂ. ୬୫୬ ମାଧ୍ୟମରେ ରାଉରକେଲା ରେଳପଥ ପୋଲିସକୁ ତଦନ୍ତ କରିବାକୁ ସୂଚନା ଦେଇଥିଲା। ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଜାରି ରଖିଥିଲା। ରଞ୍ଜନ, ସଞ୍ଜୟ ଓ ସୁନୀଲ ଶୁକ୍ରବାର ଗୋଟିଏ ଏୟାରବ୍ୟାଗ୍‌ରେ ବିପୁଳ ଟଙ୍କା ଧରି ରାଉରକେଲା ଷ୍ଟେଶନରେ ଟ୍ରେନ୍ ଅପେକ୍ଷାରେ ଥିବାବେଳେ ସ୍ୱତନ୍ତ୍ର ସୁରକ୍ଷା ଅଧିକାରୀ ସେମାନଙ୍କୁ ଯାଞ୍ଚ କରି ଗିରଫ କରିଥିଲେ। ଗିରଫ ଅଭିଯୁକ୍ତମାନେ ରାଞ୍ଚିରୁ ହାଓଡ଼ା ମଧ୍ୟରେ ଚଳାଚଳ କରୁଥିବା ଏକ୍ସପ୍ରେସ ଟ୍ରେନ୍‌ଗୁଡ଼ିକୁ ଟାର୍ଗେଟ କରୁଥିଲେ। ସୁବିଧା ସୁଯୋଗ ଦେଖି ମୋଟା ଅଙ୍କର ଅର୍ଥ ଲୁଟୁଥିବା ସ୍ୱୀକାର କରିଛନ୍ତି। ଆବଶ୍ୟକ ହେଲେ ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ପଚରାଉଚୁରା କରାଯିବ ବୋଲି ରେଳପଥ ଏସ୍‌ପି ସ୍ୱାଇଁ ପ୍ରକାଶ କରିଛନ୍ତି। ସେପଟେ ଗୌରବ ଅହମ୍ମଦାବାଦରୁ ଫେରିବା ପରେ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ହସ୍ତଗତ ହେବ ବୋଲି ପୋଲିସ କହିଛି।



ପୋଲିସ କର୍ମଚାରୀଙ୍କ ସହ ଗିରଫ ୩ ଲୁଟେରା ଓ ଜବତ ଟଙ୍କା।




■ ଲୁହରେ ଧୋଇଗଲା ହୋଲିର ରଙ୍ଗ

# ଭେଡେନ ନଦୀରେ ବୁଡ଼ି ବାପା, ଝିଅପୁଅ ମୃତ

■ ରଙ୍ଗ ଖେଳି ସାରି ଗାଧୋଇବାକୁ ଯାଇଥିଲେ

■ କାଳ ହେଲା ବାଲି ନେବାକୁ ଜେସିବି ଖୋଳିଥିବା ଗାତ

ରେଙ୍ଗାଲି, ୨୩।୩ (ଡି.ଏନ.ଏ.)

ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ଖେରୁଆଲ ଭେଡେନ ନଦୀରେ ଶୁକ୍ରବାର ୩ ଜୀବନ ଯାଇଛି। ରଙ୍ଗ ଖେଳି ସାରିବା ପରେ ଗାଧୋଇବାକୁ ଯାଇଥିବା ଜଣେ ବ୍ୟକ୍ତି ଓ ତାଙ୍କ ଝିଅପୁଅ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି । ଲୁହରେ ଧୋଇ ହୋଇ ଯାଇଛି ହୋଲିର ରଙ୍ଗ । ନଦୀରୁ ବାଲି ନେବାକୁ ଜେସିବି ଖୋଳିଥିବା ଗାତ ସେମାନଙ୍କ ପାଇଁ କାଳ ସାଜିଛି। ମୃତକମାନେ ହେଲେ ଠେଲକଲୋଇସ୍ଥିତ ଭୂଷଣ କାରଖାନାରେ କାମ କରୁଥିବା ଏକ ଠିକା ସଂସ୍ଥାର ରାଜୁ ପାସୱାନ (୨୯) ତାଙ୍କ ପୁଅ ବାଦଲ ପାସୱାନ (୮), ଝିଅ ଶୁଭ ପାସୱାନ (୭) । ରାଜୁ ବିହାର ମୂଳ ବାସିନ୍ଦା ବୋଲି ଜଣାପଡିଛି।

ଶୁକ୍ରବାର ହୋଲିରେ ସମସ୍ତେ ରଙ୍ଗ ଖେଳରେ ମସଗୁଲ ଥିଲେ । ରାଜୁ ପାସୱାନ ପୁଅ ବାଦଲ ଓ ଝିଅ ଶୁଭ ସହ ମିଶି ରଙ୍ଗ ଖେଳି ଥିଲେ। ଅପରାହ୍ନ ପ୍ରାୟ ୩ଟାରେ ଦୁଇ ପିଲାଙ୍କୁ ନେଇ ରାଜୁ ଭେଡେନ ନଦୀକୁ ଗାଧୋଇବାକୁ ଯାଇଥିଲେ। ନଦୀରେ ପାଣି ବେଶି ନ ଥିଲା । ହେଲେ ବାଲି ନେବାକୁ ଜେସିବି ଖୋଳିଥିବା ଗାତରେ ଗଭୀର ପାଣି ଥିଲା । ସେହି ଗାତରେ ରାଜୁ ଓ ଝିଅପୁଅ ବୁଡି ଯାଇଥିଲେ। ପହଁରା ଜାଣି ନ ଥିବାରୁ କେହି ବାହାରକୁ ବାହାରି ପାରି ନ ଥିଲେ। ଘରକୁ ଫେରିବାକୁ ବିଳମ୍ବ ହେବାରୁ ରାଜୁଙ୍କ ସ୍ତ୍ରୀ ନଦୀକୁ ଯାଇ ଖୋଜାଖୋଜି କରି ଥିଲେ। ହେଲେ କାହାକୁ ପାଇ ନ ଥିଲେ। ପୁଅ ଝିଅର ନାଁ ଧରି ଡାକିଥିଲେ ବି କେହି ଶୁଣି ନ ଥିଲେ। ଏ କଥା ସେ ଘରକୁ ଫେରି ପଡୋଶୀଙ୍କୁ ଜଣାଇଥିଲେ। ଶେଷରେ ରାତି ୮ଟାରେ ସେ ଠେଲକୋଲେଇ ଥାନାରେ ଏ ନେଇ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଅଗ୍ନିଶମ ବିଭାଗ ସହାୟତାରେ ପୋଲିସ ନଦୀରେ ଖୋଜାଖୋଜି କରିଥିଲା। ହେଲେ କାହାର ପତ୍ତା ମିଳି ନ ଥିଲା । ଶନିବାର ସକାଳେ ଅଗ୍ନିଶମ କର୍ମଚାରୀମାନେ ପୁଣିଥରେ ନଦୀରେ ପଶି ଖୋଜିବା ଆରମ୍ଭ କରିଥିଲେ। ଶେଷରେ ରାଜୁ ଓ ତାଙ୍କ ଝିଅପୁଅର ମୃତଦେହ ଉଦ୍ଧାର କରାଯାଇଥିଲା । ଆଖି ଆଗରେ ସ୍ୱାମୀ, ଝିଅ ପୁଅର ମୃତଦେହ ଦେଖି ରାଜୁଙ୍କ ସ୍ତ୍ରୀ କାନ୍ଦି କାନ୍ଦି ଲୋଟି ପଡିଥିଲେ। ସେହି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା । ପୋଲିସ ମୃତଦେହଗୁଡିକୁ ବ୍ୟବଚ୍ଛେଦ ଲାଗି ବୁର୍ଲା ପଠାଇଥିଲା। ଅପରାହ୍ନରେ ବ୍ୟବଚ୍ଛେଦ ସରିବା ପରେ ମୃତଦେହକୁ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଥିଲା । ଏ ନେଇ ଠେଲକଲୋଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।




ଗ୍ରାମୀଣ ଡାକ ଜୀବନ ବୀମା ଦୀର୍ଘକାଳ ଧରି ଗ୍ରାମୀଣ ଭାରତର ଜୀବନକୁ ସୁରକ୍ଷା ଦେଇଆସୁଛି

ଏବେ, ଆଉ ଚିନ୍ତା କିମ୍ବା ଉଦ୍‌ବେଗର କାରଣ ନାହିଁ କାରଣ ଆପଣଙ୍କ ଜୀବନକୁ ସୁରକ୍ଷା ଦେବା ପାଇଁ ଗ୍ରାମୀଣ ଡାକ ଜୀବନ ବୀମା ଅନେକ ବୀମା ପଲିସିର ସମ୍ଭାର ଆଣିଛି। ତେଣୁ, ଗ୍ରାମୀଣ ଡାକ ଜୀବନ ବୀମାର ଆଶ୍ୱାସନା ସହିତ କମ୍ ପ୍ରିମିୟମ୍‌ରେ ଅଧିକ ବୋନସ୍‌ର ଲାଭ ଉଠାନ୍ତୁ ।

ଆର୍‌ପିଏଲ୍‌ଆଇର ପଲିସିଗୁଡ଼ିକ

ସମ୍ପୂର୍ଣ୍ଣ ଲାଇଫ୍ ଆସ୍ୟୁରାନ୍ସ (ଗ୍ରାମ ସୁରକ୍ଷା) । କନ୍‌ଭର୍ଟିବଲ୍ ସମ୍ପୂର୍ଣ୍ଣ ଲାଇଫ୍ ଆସ୍ୟୁରାନ୍ସ (ଗ୍ରାମ ସୁବିଧା) ଏଣ୍ଡାଓମେଣ୍ଟ ଆସ୍ୟୁରାନ୍ସ (ଗ୍ରାମ ସନ୍ତୋଷ) । ଆଣ୍ଟିସିପେଟେଡ୍ ଏଣ୍ଡାଓମେଣ୍ଟ ଆସ୍ୟୁରାନ୍ସ (ଗ୍ରାମ ସୁମଙ୍ଗଳମ୍) ୧୦ ବର୍ଷିଆ ପଲିସି (ଗ୍ରାମ ପ୍ରିୟ) । ଚିଲ୍‌ଡ୍ରେନ୍ ପଲିସି (ଗ୍ରାମ ବାଲ ଜୀବନ ବୀମା)

ଲାଭ ଓ ବୈଶିଷ୍ଟ୍ୟାବଳୀ:

୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ପଲିସି । ଋଣ ସୁବିଧା । ଆୟକର ଛାଡ଼

ଗ୍ରାମୀଣ ଡାକ ଜୀବନ ବୀମା ଦିବସ

୨୪।୦୩।୨୦୧୯

ଆସନ୍ତୁ ଆମ ପରିବାର ସଦସ୍ୟଙ୍କ ଜୀବନକୁ ସୁରକ୍ଷା ଦେବା ପାଇଁ ସଂକଳ୍ପ ନେବା

ଦେୟପୈଠ ପଦ୍ଧତି

ଅନ୍‌ଲାଇନ୍‌ରେ www.indiapost.gov.inରେ । ଭାରତର ଯେକୌଣସି ଡାକଘରେ

RPLI
ଗ୍ରାମୀଣ ଡାକ ଜୀବନ ବୀମା
Rural Postal Life Insurance

davp 06302/13/0023/1819

www.indiapost.gov.in । ଟୋଲ୍ ଫ୍ରି : 1800 180 52 32 / 155232

ଆର୍‌ପିଏଲ୍‌ଆଇ - ଏହାଠାରୁ ଭଲ କିଛି ନାହିଁ

# ୩୧ ଯାଏ ମେଘୁଆ ପାଗ

■ ଉପକୂଳରେ ତାତି କମିବ, ଆଭ୍ୟନ୍ତରୀଣରେ ବଢ଼ିବ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ଆସନ୍ତା ୩୧ ତାରିଖ ଯାଏ ରାଜ୍ୟରେ ପାଗ ମେଘୁଆ ରହିବ। ଉପକୂଳବର୍ତ୍ତୀ ଜିଲାଗୁଡ଼ିକର କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳରେ ସର୍ବୋଚ୍ଚ ତାପମାତ୍ରା ୩୦ରୁ ୩୬ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିବ। ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ବୃଦ୍ଧି ପାଇବ। ସର୍ବୋଚ୍ଚ ତାପମାତ୍ରା ୩୫ରୁ ୪୧ ଡିଗ୍ରୀ ପର୍ଯ୍ୟନ୍ତ ଉଠିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଆସନ୍ତା ୨୬ ତାରିଖ ଯାଏ ପାଗ ଶୁଖିଲା ରହିବ। ୨୬ ଓ ୨୭ ତାରିଖ ଦୁଇଦିନ ଉତ୍ତର ଏବଂ ଉପକୂଳ ଓଡିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତର ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାକୁ ଥିବାବେଳେ ରାୟଗଡ଼ା, ଗଜପତି, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହେବା ଆଶଙ୍କା ରହିଛି। ସେହିପରି ୨୭ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଢେଙ୍କାନାଳ, ଯାଜପୁର, ଭଦ୍ରକ ଏବଂ କେନ୍ଦୁଝର ଜିଲାର ଅଳ୍ପ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଶନିବାର ରାଜ୍ୟର କେତେକ ଅଞ୍ଚଳରେ ପାଗ ମେଘୁଆ ରହିଥିଲେ ମଧ୍ୟ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଛୁଇଁଛି। ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କଟକ ୩୭.୨, ଭୁବନେଶ୍ୱର ୩୭.୭, ଅନୁଗୋଳ ୩୬.୯, ହୀରାକୁଦ ୩୬.୧ ଏବଂ ତାଳଚେରରେ ସର୍ବାଧିକ ୩୭.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

■ ଏସ୍‌ସିବି ଏବେ ତାଲିମ କେନ୍ଦ୍ର

# ବଦଳିବ ଏମ୍‌ବିବିଏସ୍ ପାଠ୍ୟସୂଚୀ

କଟକ ଅଫିସ,୨୩।୩

**ତାଲିମ ନେଉଛନ୍ତି ଦେଶର ୨୩ ମେଡିକାଲ କଲେଜର ଡାକ୍ତର**

୨୦ ବର୍ଷ ପରେ ଏମ୍‌ବିବିଏସ୍ ପାଠ୍ୟସୂଚୀରେ ପରିବର୍ତ୍ତନ ଅଣାଯିବ। ୧୯୯୭ ମସିହାରୁ ପ୍ରଚଳିତ ପାଠ୍ୟସୂଚୀ ଅନୁଯାୟୀ ଡାକ୍ତରୀ ଛାତ୍ରୀଛାତ୍ରମାନେ ପାଠ ପଢୁଥିଲେ। ହେଲେ ମେଡିକାଲ କାଉନ୍‌ସିଲ ଅଫ ଇଣ୍ଡିଆ(ଏମ୍‌ସିଆଇ) ପକ୍ଷରୁ ଆସନ୍ତା ଅଗଷ୍ଟ ମାସରୁ ଆରମ୍ଭ ହେଉଥିବା ଶିକ୍ଷାବର୍ଷରୁ ଏଥିରେ ଆମୂଳଚୂଳ ପରିବର୍ତ୍ତନ କରାଯିବ। ନୂଆ ପାଠ୍ୟସୂଚୀ ସହିତ ମେଡିକାଲ କଲେଜ ଅଧ୍ୟାପକମାନଙ୍କୁ ଅଭ୍ୟସ୍ତ କରିବାକୁ ଏମ୍‌ସିଆଇ ପକ୍ଷରୁ ଏସ୍‌ସିବି ମେଡିକାଲ କଲେଜକୁ ଆଞ୍ଚଳିକ ତାଲିମ କେନ୍ଦ୍ରଭାବେ ଚୟନ କରାଯାଇଛି। ଏହି ତାଲିମ କେନ୍ଦ୍ରରେ ରାଜ୍ୟର ସମସ୍ତ ମେଡିକାଲ କଲେଜର ଅଧ୍ୟାପକମାନଙ୍କ ସହିତ ଛତିଶଗଡ, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟର ମୋଟ୍ ୨୩ଟି ମେଡିକାଲ କଲେଜର ଅଧ୍ୟାପକମାନେ ତାଲିମ ନେବେ। ଏଥିପାଇଁ ଏମ୍‌ସିଆଇ ପକ୍ଷରୁ ଏସ୍‌ସିବିରେ ଏକ ତାଲିମଦାତା ଟିମ୍ ଗଠନ କରାଯାଇଛି। ସର୍ଜରୀ ବିଭାଗର ସହଯୋଗୀ ପ୍ରଫେସର ଡା. ଶ୍ରୀକାନ୍ତ ପଣ୍ଡା ଉକ୍ତ ଟିମ୍‌ର ଆବାହକ ଥିବାବେଳେ ଏଫଏମ୍‌ଟି ବିଭାଗର ଡା. ଗୀତା ସାହୁ, ଡା. ଅମରେନ୍ଦ୍ର ନାୟକ, ଫାର୍ମାକୋଲୋଜି ବିଭାଗର ଡା. ସବିତା ମହାପାତ୍ର, କମ୍ୟୁନିଟି ମେଡିସିନ ବିଭାଗର ଡା. ସିକତା ନନ୍ଦ, ମୀନାକ୍ଷୀ ମହାନ୍ତି, ପାଥୋଲୋଜି ବିଭାଗର ଡା. ଅସରନ୍ତି କର, ଶରୀରଗଠନ ବିଭାଗର ଡା. ମଧୁସ୍ମିତା ପଣ୍ଡା, ଶିଶୁଶଲ୍ୟ ବିଭାଗର ଡା. ପି.କେ. ଜେନା, ଶିଶୁ ରୋଗ ବିଭାଗର ଡା. ଲିପ୍ସା ସିଂ ଓ ବାଇଓକେମିଷ୍ଟ୍ରି ବିଭାଗର ଡା. ରମା ରତନ ପ୍ରମୁଖ ରହିଛନ୍ତି। ଇତିମଧ୍ୟରେ ଗତ ୧୩ରୁ ୧୫ ତାରିଖ ମଧ୍ୟରେ ପ୍ରଥମ ବ୍ୟାଚରେ ୨୬ଜଣ ଡାକ୍ତର ତାଲିମ ନେଇ ଫେରିଥିବାବେଳେ ଆସନ୍ତା ୨୭ରୁ ଦ୍ୱିତୀୟ ପ୍ରର୍ଯ୍ୟାୟରେ ୩୨ଜଣ ଡାକ୍ତର ତାଲିମ ନେବେ। ଏପ୍ରିଲ ସୁଦ୍ଧା ବିଭିନ୍ନ ପର୍ଯ୍ୟାୟରେ ମୋଟ୍ ୧୧୦ଜଣ ଡାକ୍ତରଙ୍କୁ ତାଲିମ ଦିଆଯିବ ବୋଲି ଟିମ୍‌ର ଆବାହକ ଡା. ପଣ୍ଡା କହିଛନ୍ତି। ଡା. ପଣ୍ଡାଙ୍କ କହିବାନୁଯାୟୀ, ନୂଆ ପାଠ୍ୟସୂଚୀ ଅନୁଯାୟୀ, ଏଣିକି ଏମ୍‌ବିବିଏସ ଛାତ୍ରୀଛାତ୍ରମାନେ କେବଳ ଶ୍ରେଣୀଗୃହରେ ବସି ପାଠ ପଢିବେ ନାହିଁ। ବିଭିନ୍ନ ସମୟରେ ସେମାନଙ୍କୁ ପ୍ରାଥମିକ, ଗୋଷ୍ଠୀ ଓ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ପଠାଯିବ। ସେଠାରେ ସେମାନେ ଚିକିତ୍ସିତ ହେଉଥିବା ରୋଗୀ ଓ ରୋଗ ସମ୍ପର୍କରେ ଅବଗତ ହୋଇ ଶ୍ରେଣୀଗୃହରେ ଶିକ୍ଷକମାନଙ୍କୁ ସିଧାସଳଖ ପ୍ରଶ୍ନ ପଚାରିବେ। ଏହାଦ୍ୱାରା ଛାତ୍ରୀଛାତ୍ର ଓ ଶିକ୍ଷକ ଏଣିକି ଭଲ ଭାବେ ପ୍ରସ୍ତୁତ ହୋଇ ଶ୍ରେଣୀଗୃହକୁ ଆସିବାକୁ ବାଧ୍ୟ ହେବେ ବୋଲି ଡା. ପଣ୍ଡା କହିଛନ୍ତି।



ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା

# ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା



ଆକାର ପଟେଲ

ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଚାଲିଛି ଏବଂ ପ୍ରାର୍ଥୀମାନଙ୍କୁ ମାର୍ଚ୍ଚ ୨୫ ସୋମବାର ପୂର୍ବରୁ ଏହା ଦାଖଲ କରିବାକୁ ପଡ଼ିବ। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲର ଧାର୍ଯ୍ୟ ଅନ୍ତିମ ଦିବସ ହେଉଛି ମଙ୍ଗଳବାର। ମୁଁ ଏଠାରେ କେତେକ ବିଷୟ ଆଲୋଚନା କରିବାକୁ ଚାହୁଁଛି, ଯାହା ପ୍ରାର୍ଥୀମାନଙ୍କ ପାଇଁ ସାଧାରଣ କଥା ମାତ୍ର ଭୋଟରମାନେ ସେ ବିଷୟରେ ସଚେତନ ନ ଥାନ୍ତି। ପ୍ରାର୍ଥିପତ୍ର ଦାଖଲର ଅନ୍ତିମ ଧାର୍ଯ୍ୟ ଦିବସ ଅଲଘଂନୀୟ, ଯାହା ଭିତରେ ସମସ୍ତେ ପ୍ରାର୍ଥିପତ୍ର ଦାଖଲ କରିବାକୁ ବାଧ୍ୟ। ଅନେକ ବର୍ଷ ତଳେ ପୂର୍ବତନ କୂଟନୀତିଜ୍ଞ ସୟଦ ଶାହବୁଦ୍ଦିନ ମୋତେ କହିଥିଲେ ଯେ, ବିହାରର କିଷନଗଞ୍ଜ ନିର୍ବାଚନମଣ୍ଡଳୀ ପାଇଁ ତାଙ୍କର ନାମାଙ୍କନପତ୍ର ଦାଖଲ କରିବାର ଥିଲା। କିନ୍ତୁ ତାଙ୍କୁ ଶାରୀରିକଭାବେ ଅଟକେଇ ଦିଆଗଲା। ସେତେବେଳେ ତାଙ୍କର ବିପକ୍ଷ ଥିଲେ ଜଣେ କଂଗ୍ରେସ ନେତା। ସେ ଏବେ ଭାଜପାରେ ଅଛନ୍ତି। ଏହା ୧୯୮୦ ଦଶକ ଶେଷାର୍ଦ୍ଧର ଘଟଣା।

ମୁଁ ଭାବୁଛି ନିର୍ବାଚନ ଏବେ ଅଧିକ ସ୍ୱଚ୍ଛନ୍ଦ ହୋଇଯାଇଛି। ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଉପରେ ଆଖି ପକାନ୍ତୁ। ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ ଏବଂ ତାଙ୍କୁ ନିର୍ବାଚନ ଆୟୋଗର ଫର୍ମ ୨ଏ ଦାଖଲ କରିବାକୁ ପଡ଼ିବ। ଏହା ଲୋକ ସଭା ନିର୍ବାଚନ ଲଢ଼ିବା ପାଇଁ ନାମାଙ୍କନପତ୍ର ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ଯେଉଁ ଫର୍ମରେ ନାମାଙ୍କନପତ୍ର ଦାଖଲ ହୁଏ, ତାହା ହେଉଛି ଫର୍ମ ୨ବି। ଜଣେ ଭୋଟରଙ୍କ ଦ୍ୱାରା ଏହି ଫର୍ମ ପୂରଣ କରିବାକୁ ହୁଏ, ଯିଏ ପ୍ରାର୍ଥୀଙ୍କୁ ଜାଣିଥାନ୍ତି ଏବଂ ସେ ତାଙ୍କୁ ପ୍ରାର୍ଥୀ ହେବା ପାଇଁ ପ୍ରସ୍ତାବ ଦିଅନ୍ତି। ରିଟର୍ନିଂ ଅଫିସରଙ୍କ ପାଖରେ ଫର୍ମ ଦାଖଲ କରିବା ପୂର୍ବରୁ ପ୍ରାର୍ଥୀ ଜଣକ ଭାରତୀୟ ସମ୍ବିଧାନ, ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ପ୍ରତିବଦ୍ଧ ବୋଲି ଶପଥ କରିବାକୁ ହୁଏ। କେତେକ ପ୍ରାର୍ଥୀ ଏକାଧିକ ସ୍ଥାନରୁ ନିର୍ବାଚନ ଲଢ଼ନ୍ତି, ଯେପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୦୧୪ ନିର୍ବାଚନ ବେଳେ ବାରାଣସୀ ଓ ବଡ଼ୋଦରାରୁ ଠିଆ ହୋଇଥିଲେ। ଉଭୟ ସ୍ଥାନରୁ ଜିତିଲେ ତାଙ୍କୁ ଗୋଟିଏ ସ୍ଥାନ ଛାଡ଼ିବାକୁ ପଡ଼େ। ଅବଶ୍ୟ ଦ୍ୱିତୀୟ ସ୍ଥାନ ପାଇଁ ଦାଖଲ କରାଯାଇଥିବା ଅମାନତ ତାଙ୍କୁ ଆଉ ଫେରସ୍ତ ମିଳେ ନାହିଁ। ଯେଉଁ ପ୍ରାର୍ଥୀମାନେ ଜେଲରୁ ନାମାଙ୍କନପତ୍ର ଦାଖଲ କରନ୍ତି, ସେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଆଗରେ ଶପଥ ନେଇପାରିବେ। ଆପଣ ଈଶ୍ୱରଙ୍କ ନାମରେ ଶପଥ ନେଇପାରନ୍ତି କିମ୍ବା ଆପଣ ଯଦି ନାସ୍ତିକ ହୋଇଥାନ୍ତି, ତେବେ 'ମୁଁ ସତ୍ୟନିଷ୍ଠାପୂର୍ବକ ଦୃଢ଼ୋକ୍ତି କରୁଛି' (I solemnly affirm) ବୋଲି କହିପାରିବେ। ତା'ପରେ ପ୍ରାର୍ଥୀମାନଙ୍କୁ ତାଙ୍କ ବିରୋଧରେ କିଛି ଆପରାଧିକ ଅଭିଯୋଗ ଥିଲେ ତା'ର ପୁଙ୍ଖାନୁପୁଙ୍ଖ ବିବରଣୀ ଦାଖଲ କରିବାକୁ ପଡ଼େ।

ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଆସନରୁ ଲଢ଼ିବାକୁ ଚାହିଁଲେ ପ୍ରାର୍ଥୀ ଜଣଙ୍କ ନାମ ଭାରତର ଯେକୌଣସି ସ୍ଥାନରେ ଅନୁସୂଚିତ ଜାତି ତାଲିକାରେ ଥିବା ଦରକାର। (ଅନୁସୂଚିତ ଜାତି ପାଇଁ ଭାରତରେ ମୋଟ ୮୪ଟି ଆସନ ସଂରକ୍ଷିତ ଅଛି।) କିନ୍ତୁ ଆସାମ ବା ଲାକ୍ଷାଦ୍ୱୀପରେ ଅନୁସୂଚିତ ଉପଜାତି ପାଇଁ ସଂରକ୍ଷିତ ଆସନରୁ ଲଢ଼ିବାକୁ ହେଲେ ସେହି ଆସାମ ବା ଲାକ୍ଷାଦ୍ୱୀପରେ ହିଁ ନିର୍ଦ୍ଦିଷ୍ଟ ଅନୁସୂଚିତ ଉପଜାତି ତାଲିକାରେ ତାଙ୍କର ନାମ ରହିଥିବା ଦରକାର।

ଯେଉଁ ପ୍ରାର୍ଥୀଙ୍କୁ କୋର୍ଟ ମାନସିକ ବିକାରଗ୍ରସ୍ତ ବା ପାଗଳ ବୋଲି ଘୋଷଣା କରିଥାନ୍ତି ବା ଯିଏ ଦେବାଳିଆ ଘୋଷିତ ହୋଇଥାନ୍ତି, ସେ ପ୍ରାର୍ଥୀ ହୋଇପାରିବେ ନାହିଁ। ତେବେ ଏହି ଦୁଇ କାରଣରୁ କେବେ କାହାକୁ ଅଯୋଗ୍ୟ ଘୋଷଣା କରାଯାଇଥିବା ଆଜିଯାଏ ମୁଁ ଜାଣିନାହିଁ। ବୋଧହୁଏ ବର୍ତ୍ତମାନର ଦେବାଳିଆ ନିୟମ ଅନୁସାରେ ଏଥିରେ ପରିବର୍ତ୍ତନ ଆବଶ୍ୟକ। ଯେଉଁ ବ୍ୟକ୍ତି ନିର୍ଦ୍ଦିଷ୍ଟ କେତେକ ଅପରାଧ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥାନ୍ତି, ସେ ମଧ୍ୟ ପ୍ରାର୍ଥୀ ହୋଇପାରିବେ ନାହିଁ। ଏହି ଅପରାଧଗୁଡ଼ିକ ମଧ୍ୟରେ ରହିଛି ବିଭିନ୍ନ ଗୋଷ୍ଠୀ ଭିତରେ ଘୃଣାର ପ୍ରସାର କରିବା, ଲାଞ୍ଚ, ବଳାତ୍କାର, ଜାତିଆଣ ଭେଦଭାବ ସୃଷ୍ଟି, ଚୋରା କାରବାର, ଆତଙ୍କବାଦ, ଡ୍ରଗ୍ସ କାରବାର, ଜାତୀୟ ପତାକାକୁ ଅସମ୍ମାନ କରିବା ଏବଂ ସତୀପ୍ରଥାକୁ ପ୍ରୋତ୍ସାହନ ଦେବା। ତେବେ ଏହି ବ୍ୟକ୍ତିମାନେ ଦୋଷୀ ସାବ୍ୟସ୍ତ ହେବା ତାରିଖଠାରୁ ଛଅବର୍ଷ ପାଇଁ ଅଯୋଗ୍ୟ ଘୋଷିତ ହୋଇଥାନ୍ତି। ଯଦି କୌଣସି ପ୍ରାର୍ଥୀଙ୍କ ପ୍ରାର୍ଥିତ୍ୱ ବିରୋଧରେ ଅଭିଯୋଗ ଆସେ, ତେବେ ଏ ଅଭିଯୋଗ ଭିତ୍ତିହୀନ ବୋଲି ପ୍ରାର୍ଥୀ ନିଜେ ରିଟର୍ନିଂ ଅଫିସରଙ୍କ ପାଖରେ ଯୁକ୍ତି ଓ ତଥ୍ୟ ଉପସ୍ଥାପନ କରିପାରିବେ। ତାଙ୍କର ଯୁକ୍ତି ଗ୍ରହଣୀୟ ନ ହେଲେ ନାମାଙ୍କନପତ୍ର ରଦ୍ଦ ହୋଇପାରିବ। ମୁଁ ଭାବୁଛି ଏ ପ୍ରକ୍ରିୟା ବହୁତ ଭଲ। କେବଳ ଅମାନତ ବାଜ୍ୟାପ୍ତି କଥାଟାକୁ ମୁଁ ଗ୍ରହଣ କରିପାରୁନି। ବର୍ତ୍ତମାନର ନିୟମ ଅନୁସାରେ ଜଣେ ପ୍ରାର୍ଥୀ ପଡ଼ିଥିବା ମୋଟ ଭୋଟର ୧୬.୬ ପ୍ରତିଶତରୁ କମ୍ ଭୋଟ ପାଇଲେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତ କରାଯାଏ। ଗଣମାଧ୍ୟମରେ ଏହା ପ୍ରକାଶ ପାଏ ଏବଂ ବିରୋଧୀମାନେ ହସନ୍ତି।

ପ୍ରଥମ ନିର୍ବାଚନଠାରୁ ଆରମ୍ଭ କରି ଆଜିଯାଏ ୭୫ ପ୍ରତିଶତ ପ୍ରାର୍ଥୀ ଅର୍ଥାତ୍ ୬୪,୦୦୦ରୁ ଅଧିକ ବ୍ୟକ୍ତି ଅମାନତ ହରାଇଛନ୍ତି। ନିର୍ବାଚନ ଆୟୋଗଙ୍କ ହ୍ୟାଣ୍ଡବୁକ୍ ଅନୁଯାୟୀ ଏହି ଅମାନତ ରାଶିର ପରିମାଣ ୧୦,୦୦୦ ଟଙ୍କା ଏବଂ ଅନୁସୂଚିତ ଜାତି ଓ ଉପଜାତିର ପ୍ରାର୍ଥୀଙ୍କ ପାଇଁ ୫,୦୦୦ ଟଙ୍କା। ଏ ପରିମାଣ ବେଶି ନୁହେଁ। ଏହି ସାମାନ୍ୟ ପରିମାଣ ଯୋଗୁ ମାତ୍ରାଧିକ ସଂଖ୍ୟକ ଲୋକ ନିର୍ବାଚନରେ ଅଂଶଗ୍ରହଣ କରି ବ୍ୟାଲଟ୍ ପେପରକୁ ବହୁତ ଗହଳିଆ ଓ ଲମ୍ବା କରିଦିଅନ୍ତି। କିଛି ଲୋକ ମନ୍ଦ ଉଦ୍ଦେଶ୍ୟ ରଖି ନାମାଙ୍କନପତ୍ର ଦାଖଲ କରିଥାନ୍ତି ଏବଂ ପରେ ଅନ୍ୟ ପ୍ରାର୍ଥୀଙ୍କଠାରୁ ବିପୁଳ ପରିମାଣର ଲାଞ୍ଚ ନେଇ ନାମାଙ୍କନପତ୍ର ପ୍ରତ୍ୟାହାର କରନ୍ତି। ଅମାନତ ରାଶି ବାଜ୍ୟାପ୍ତ କରାଯିବା ପ୍ରଥା ଅଧିକାଂଶ ରାଜ୍ୟଗୋଷ୍ଠୀ ଦେଶରେ ରହିଛି। ଭାରତ ଭଳି ଜନବହୁଳ ଦେଶରେ ମାତ୍ର ୧୬% ଭୋଟ ପାଇ ନ ପାରିବା ଏକ ବଡ଼ ବିଫଳତା ଭାବେ ଗଣାଯାଏ। ଏ ଅମାନତ ବ୍ୟବସ୍ଥା ଯୋଗୁ ଛୋଟ ଛୋଟ ଗୋଷ୍ଠୀର ଲୋକେ ନିର୍ବାଚନ ଲଢ଼ିବାରୁ ବିରତ ରହନ୍ତି। କିନ୍ତୁ ସବୁ ଭାରତୀୟଙ୍କୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଆମେ ଉତ୍ସାହିତ କରିବା ଉଚିତ। ତେଣୁ ଯେଉଁ ବ୍ୟବସ୍ଥା ଯୋଗୁ ଲୋକମାନେ ଏଥିପ୍ରତି ନିରୁତ୍ସାହିତ ହେଉଛନ୍ତି, ତାହାର ପୁନର୍ବିଚାର କରାଯିବା ଆବଶ୍ୟକ।

Email: aakar.patel@gmail.com

## su|do|ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ F ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗୁରୁବାର ପ୍ରକାଶିତ ଉତ୍ତର

# କିୱିର ଆଖିରେ ଲୁହ



ପ୍ରକାଶ ତ୍ରିପାଠୀ

ମାତ୍ର ପାଞ୍ଚ ମିନିଟ୍‌ର ଭିଡିଓଟି କୌଣସି ଏକ ଆକ୍ସନଧର୍ମୀ ସିନେମାର ଲୋମ ଟାଙ୍କୁରା ଦୃଶ୍ୟଠାରୁ କମ୍ ନ ଥିଲା। ଏକ ଅତ୍ୟାଧୁନିକ ବନ୍ଧୁକ ହାତରେ ଧରି ବୀରଠାଣିରେ ଦୁଇ ଦୁଇଟି ମସଜିଦ୍ ଭିତରେ ଶାନ୍ତିର ରାହା ଖୋଜୁଥିବା ମଣିଷଗୁଡ଼ାଙ୍କୁ ପୋକମାଛି ପରି ମାରି ପକାଇବାଠାରୁ ବଳି ନାରକୀୟ ହିଂସା ଆଉ କ'ଣ ହୋଇପାରେ। ଘଟଣାଟି ଘଟିଛି ବିଶ୍ୱର ସର୍ବାଧିକ ଶାନ୍ତିପୂର୍ଣ୍ଣ ଦେଶ ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ନ୍ୟୁଜିଲାଣ୍ଡରେ। ଏବେ ସେଠାରେ ଭୟ, ଆତଙ୍କ ଓ ଅଶାନ୍ତିର ରାଜୁତି। ଗତ ମାର୍ଚ୍ଚ ୧୫ ତାରିଖ ଶୁକ୍ରବାର ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚ ସହରର ଦୁଇଟି ମସ୍‌ଜିଦରେ ଜଣେ ୨୮ ବର୍ଷୀୟ ଯୁବକ ଯେଭଳି ଭାବେ ୫୦ ଜଣ ନିରୀହ ମଣିଷଙ୍କୁ ନିର୍ମମ ହତ୍ୟା କରି ସୋସିଆଲ ମିଡିଆରେ ଏହାର ସିଧାପ୍ରସାରଣ କରିବାରେ ସଫଳ ହୋଇପାରିଲେ, ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇପାରିଛି ଯେ, ବିଶ୍ୱର କୌଣସି ରାଷ୍ଟ୍ର ଆତଙ୍କବାଦର ଲୋଲୁପ ଦୃଷ୍ଟିରୁ ମୁକ୍ତ ନୁହନ୍ତି। କିଏ କହିବ, କେଉଁ ମୁହୂର୍ତ୍ତରେ କେଉଁଠି କିଏ ଏହାର ଶିକାର ନ ହେବ!

ନ୍ୟୁଜିଲାଣ୍ଡରେ ଘଟିଥିବା ଗଣନରସଂହାର ପୁଣି ପ୍ରମାଣିତ କରିଛି ଯେ, ବିଶ୍ୱରେ ବର୍ଣ୍ଣବିଦ୍ୱେଷ ଓ ଧର୍ମୀୟ ଅସହିଷ୍ଣୁତା ମରିନାହିଁ। ଏହା ଜୀବିତ ଅଛି ଓ ପୁଷ୍ଟ ବି ହେଉଛି। ବୀଭତ୍ସ ନରସଂହାର ଘଟାଇଥିବା ୨୮ ବର୍ଷୀୟ ଯୁବକ ହେଉଛନ୍ତି ବ୍ରିଟେନ୍‌ର ମୂଳବାସିନ୍ଦା ଅଷ୍ଟ୍ରେଲୀୟ ବ୍ରେଣ୍ଟନ ଟେରାଣ୍ଟ। ନରସଂହାର ଘଟାଇବା ପୂର୍ବଦିନ ସୋସିଆଲ ମିଡିଆରେ ସେ ଏକ ଦୀର୍ଘ ବାର୍ତ୍ତା ପୋଷ୍ଟ କରିଥିଲେ, ଯେଉଁଥିରେ କି ଇସଲାମଧର୍ମୀ ଅନୁପ୍ରବେଶକାରୀ ଶରଣାର୍ଥୀ ତଥା ଅଣଶ୍ୱେତାଙ୍ଗମାନଙ୍କ ପ୍ରତି ଥିବା ତାଙ୍କ ତୀବ୍ର ଘୃଣାଭାବ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା। ତା'ପରଦିନ ୫ ମିନିଟର ନରସଂହାରର ଭିଡିଓକୁ ସିଧାପ୍ରସାରଣ କରି ସେ ପ୍ରମାଣ କରିଦେଲା ଯେ ଏ ବିଶ୍ୱରେ କେବଳ ଶ୍ୱେତାଙ୍ଗମାନେ ହିଁ ଶ୍ରେଷ୍ଠ ଓ ବଞ୍ଚିବାର ଅଧିକାର କେବଳ ସେହିମାନଙ୍କର ଅଛି। ତାଙ୍କ ପୈଶାଚିକ କାର୍ଯ୍ୟର ପ୍ରତିଟି ମୁହୂର୍ତ୍ତ ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା ଓ ଏହି ସଙ୍କେତ ଦେଇଥିଲା ଯେ, ଧର୍ମୀୟ ଅସହିଷ୍ଣୁତା, ଆପ୍ରବାସୀ ବିଦେଶୀ, ଉଗ୍ର ଦକ୍ଷିଣପନ୍ଥୀ ରାଷ୍ଟ୍ରବାଦର ବିଷ ସମଗ୍ର ବିଶ୍ୱକୁ ସଞ୍ଚରିଯିବାକୁ ବେଶି ସମୟ ଲାଗିବ ନାହିଁ।

ବ୍ରେଣ୍ଟନ ଭଲ ଭାବେ ଜାଣିଥିଲେ ଯେ, ଶୁକ୍ରବାର ଖ୍ରୀଷ୍ଟଚର୍ଚ୍ଚରେ ଥିବା ଦୁଇଟି ପ୍ରମୁଖ ମସ୍‌ଜିଦ ଅଲନୁର ଓ ଲିନବୁଡ୍‌ରେ ନିଶ୍ଚିତ ଅଣଶ୍ୱେତାଙ୍ଗ ମୁସଲମାନମାନେ ପ୍ରାର୍ଥନା ପାଇଁ ଉପସ୍ଥିତ ଥିବେ ଓ ସେମାନଙ୍କୁ ନିପାତ କରି ଅତିକମ୍‌ରେ ବିଶ୍ୱରୁ କିଛି ଅଣଶ୍ୱେତାଙ୍ଗ ତଥା ଇସ୍‌ଲାମଧର୍ମୀଙ୍କ ସଂଖ୍ୟାକୁ କମାଇଦେବ। ଅତ୍ୟାଧୁନିକ ଲେଜର ସଂଯୁକ୍ତ ବନ୍ଧୁକରେ ମସ୍‌ଜିଦ ଭିତରେ ଥିବା ଆବାଳବୃଦ୍ଧବନିତାଙ୍କୁ ମାରିସାରିବା ପରେ ମଧ୍ୟ ଦ୍ୱିତୀୟ ଦଫାରେ ଶବଗୁଡ଼ିକ ଉପରକୁ ପୁନର୍ବାର ଗୁଳିଚାଳନା ପ୍ରମାଣ ଦେଉଥିଲା ତାଙ୍କ ନିଷ୍ଠୁରତା ଓ ତୀବ୍ର ଧର୍ମୀୟ ଅସହିଷ୍ଣୁତାର। ସୋସିଆଲ ମିଡିଆରେ ସେ ପୋଷ୍ଟ କରିଥିବା ଦୀର୍ଘ ବାର୍ତ୍ତାକୁ ଅନେକ ବିଶେଷଜ୍ଞ 'ଦି ଗ୍ରେଟ ରିପ୍ଲେସମେଣ୍ଟ' ସହ ତୁଳନା କରନ୍ତି। ପ୍ରକାଶଯୋଗ୍ୟ ଯେ ଦି ଗ୍ରେଟ ରିପ୍ଲେସମେଣ୍ଟ ସ୍ଲୋଗାନ ଫ୍ରାନ୍ସରୁ ସୃଷ୍ଟି ଓ ଏହା ୟୁରୋପରେ ବସବାସ କରୁଥିବା ଅଣୟୁରୋପୀୟଙ୍କ ବିରୋଧରେ ଥିଲା ଏକ ଆନ୍ଦୋଳନ ଓ ଅଭିଯାନ। କିଛି କଟ୍ଟରବାଦୀ ଓ ମୌଳବାଦୀ ଶ୍ୱେତାଙ୍ଗଙ୍କର ଏହା ଥିଲା ଏକ ଆନ୍ଦୋଳନ, ଯାହା ମାଧ୍ୟମରେ ୟୁରୋପରେ ବସବାସ ପୂର୍ବକ ପ୍ରତି କ୍ଷେତ୍ରରେ ନିଜର ସ୍ଥିତି ଜାହିର କରୁଥିବା ଅଣଶ୍ୱେତାଙ୍ଗଙ୍କୁ ଦେଶରୁ ବହିଷ୍କାର କରାଯିବା ପାଇଁ ଦାବି କରାଯାଉଥିଲା। ବ୍ରେଣ୍ଟନ ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଥିଲେ ଯେ, ଶ୍ୱେତାଙ୍ଗମାନଙ୍କ ଦେଶରେ ଅଣଶ୍ୱେତାଙ୍ଗମାନଙ୍କ ସ୍ଥାନ ନାହିଁ। ସେମାନେ କଦାପି ୟୁରୋପୀୟମାନଙ୍କ ସ୍ଥାନ ନେଇ ପାରିବେ ନାହିଁ। ସେ ଆଶଙ୍କା ପ୍ରକାଶ କରିଥିଲେ ଯେ ଯେଉଁପରି ଭାବେ ୟୁରୋପୀୟ ଦେଶଗୁଡ଼ିକରେ ଅଣୟୁରୋପୀୟ, ବିଶେଷକରି ଏସୀୟ ଦେଶଗୁଡ଼ିକର ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଚାଲିଛି, ତାହାଦ୍ୱାରା ନିଜ ଦେଶରେ ୟୁରୋପୀୟମାନେ ଅର୍ଥାତ୍ ଶ୍ୱେତାଙ୍ଗମାନେ ସଂଖ୍ୟାଲଘୁ ହେବା ପାଇଁ ବେଶି ସମୟ ଲାଗିବ ନାହିଁ।

୫୦ ଜଣ ଇସଲାମ୍‌ଧର୍ମୀଙ୍କୁ ହତ୍ୟା କରିବା ପରେ ଆତ୍ମସମର୍ପଣ କରିଥିଲେ ବ୍ରେଣ୍ଟନ ଓ ସେ ସମୟରେ ତାଙ୍କ ମୁଖମଣ୍ଡଳରେ କୌଣସି ଦୁଃଖ ବା ଅନୁଶୋଚନାର ଚିହ୍ନ ନ ଥିଲା। କୋର୍ଟରେ ହାଜର ହେଲାବେଳେ ସେ ହସୁଥିଲେ ଓ ନିଜ ପାଇଁ କୌଣସି ଓକିଲଙ୍କ ଆବଶ୍ୟକତା ନାହିଁ ବୋଲି ଘୋଷଣା କରିଥିଲେ। ନିଜ ପାଇଁ ନିଜେ ଓକିଲାତି କରିବାକୁ ଘୋଷଣା କରିଥିବା ବ୍ରେଣ୍ଟନ 'ଯାହା କରିଛି ଠିକ୍ କରିଛି' ଓ ସେଥିପାଇଁ ତାଙ୍କ ପାଖରେ ବଳିଷ୍ଠ ଯୁକ୍ତି ଥିବା କହିବା ପଛରେ ତାଙ୍କ ଉଗ୍ର ମୌଳବାଦୀ ତଥା ଧର୍ମୀୟ ଅସହିଷ୍ଣୁତା ସ୍ୱଭାବର ପରିଚୟ ମିଳେ। ୱାର୍ଲଡ ଟ୍ରେଡ୍ ସେଣ୍ଟର ଓ ବିଶ୍ୱର ଅନ୍ୟାନ୍ୟ ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଯୋଡୁଥିବା ଲୋକଙ୍କ ଧାରଣାକୁ ଭୁଲ୍ ପ୍ରମାଣିତ କରିଛନ୍ତି ବ୍ରେଣ୍ଟନ ଓ ପୁଣିଥରେ ଏକଥା କୁହାଯାଇପାରେ ଯେ, ଆତଙ୍କବାଦୀର କୌଣସି ଧର୍ମ ନାହିଁ। ଅଷ୍ଟ୍ରେଲିଆରେ ରହୁଥିବା ବ୍ରେଣ୍ଟନଙ୍କ ଜେଜେମା'ଙ୍କ ବୟାନ ଅନୁଯାୟୀ ୨୦୧୪ରେ ବ୍ରେଣ୍ଟନ କିଛି ଏସୀୟ ରାଷ୍ଟ୍ର ଓ ଇସ୍ରାଏଲ ଗସ୍ତ କରି ଫେରିବା ପରେ ତା' ସ୍ୱଭାବ ଓ ଆଚରଣରେ ଅନେକ ପରିବର୍ତ୍ତନ ଆସିଥିଲା। କିନ୍ତୁ ମୌଳବାଦୀ ଓ ଦକ୍ଷିଣପନ୍ଥୀ ରାଷ୍ଟ୍ରବାଦୀଙ୍କ ସଂସ୍ପର୍ଶରେ ଆସି ଏଭଳି ଜଘନ୍ୟ କାଣ୍ଡ ଘଟାଇଥିବା ସେ ଅନୁମାନ କରନ୍ତି। ଏହା ନିଶ୍ଚିତ ଯେ ସାରା ବିଶ୍ୱରେ ଶ୍ୱେତରାଷ୍ଟ୍ରବାଦ ମୁଣ୍ଡ ଟେକିବାକୁ ଯାଉଛି ଓ ଏହାକୁ ପରୋକ୍ଷ ପ୍ରୋତ୍ସାହନ ଦେଉଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କର କେତେଜଣ ୟୁରୋପୀୟ ରାଷ୍ଟ୍ରମୁଖ୍ୟ। ଭାଷା, ଜାତି, ସମ୍ପ୍ରଦାୟ ଓ ଧର୍ମ ଆଧାରରେ ଲୋକଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରାଯାଇ ସେମାନଙ୍କର ବାସ୍ତବ ଓ ଜରୁରୀ ସମସ୍ୟାକୁ ଗୌଣ କରିଦିଆଯାଉଛି। ଗରିବୀ, ବେରୋଜଗାରୀ, କ୍ଷୁଧା, ବେମାରୀ ଆଦି ସମସ୍ୟାରୁ ସୃଷ୍ଟି ହେଉଥିବା ଅସନ୍ତୋଷ ଓ କ୍ରୋଧକୁ ଧର୍ମାନ୍ଧତାରେ ଉପଯୋଗ କରାଯାଇ ଆତଙ୍କବାଦର ରୂପରେଖ ଦିଆଯାଉଛି। ଆପ୍ରବାସୀମାନଙ୍କ ପାଇଁ ସେଠାକାର ଲୋକମାନଙ୍କର ସମସ୍ୟା ସୃଷ୍ଟି ହେଉଛି ବୋଲି ଧାରଣା ସୃଷ୍ଟି କରାଯାଇ ଅସନ୍ତୋଷ ଓ ଅସହିଷ୍ଣୁତାର ମଞ୍ଜି ପୋତାଯାଉଛି। ବିଦେଶୀମାନଙ୍କ ପାଇଁ ବିଶେଷକରି ଏସୀୟ ଓ ଆଫ୍ରିକୀୟ ରାଷ୍ଟ୍ରଗୁଡ଼ିକର ଲୋକମାନଙ୍କ ଲାଗି ସେମାନଙ୍କର ରୋଜଗାର, ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟର ସୁବିଧା ସୁଯୋଗ ବାଧାପ୍ରାପ୍ତ ହେଉଛି ବୋଲି ଭ୍ରାନ୍ତ ଧାରଣା ସୃଷ୍ଟି କରାଯାଉଛି। ଦକ୍ଷିଣପନ୍ଥୀ ରାଷ୍ଟ୍ରବାଦ, ଚରମ ବର୍ଣ୍ଣବିଦ୍ୱେଷ ଓ ଧର୍ମୀୟ ଅସହିଷ୍ଣୁତା ତଥା ଆପ୍ରବାସୀମାନଙ୍କୁ ନେଇ ଜନ୍ମନେଉଥିବା ଆତଙ୍କବାଦକୁ କିଛି ସମୃଦ୍ଧିଶାଳୀ ରାଷ୍ଟ୍ରମୁଖ୍ୟଙ୍କ ପରୋକ୍ଷ ସମର୍ଥନ ବିଶ୍ୱକୁ ଆଗାମୀ ଦିନରେ ଅଧିକ ଅଶାନ୍ତ କରିବ ଏଥିରେ ସନ୍ଦେହ ନାହିଁ।

ନ୍ୟୁଜିଲାଣ୍ଡରେ ସଂଘଟିତ ଗଣସଂହାର ପରେ ଶାନ୍ତିପ୍ରିୟ ଦେଶବାସୀ ଅସୀମ ଧୈର୍ଯ୍ୟ ଓ ସହନଶୀଳତାର ପ୍ରମାଣ ଦେଇଛନ୍ତି। ଦେଶରେ ବସବାସ କରୁଥିବା ପ୍ରାୟ ପଚାଶ ହଜାର ମୁସଲିମ୍ ସମ୍ପ୍ରଦାୟର ଅଧିବାସୀଙ୍କୁ ସେମାନେ ଗଭୀର ସମବେଦନା ଜ୍ଞାପନ ସହ ଉତ୍ତମ ଭାଇଚାରାର ସନ୍ଦେଶ ପ୍ରଦାନ କରିଛନ୍ତି। ସବୁଠାରୁ ବଡ଼ ଆଶ୍ୱାସନାର କଥା ହେଲା ଯେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ୫୦ ଜଣଙ୍କୁ ନିର୍ମମ ହତ୍ୟା ଘଟଣା ପରେ ବି ନ୍ୟୁଜିଲାଣ୍ଡରେ ଏହାକୁ ନେଇ କୌଣସି ସାମ୍ପ୍ରଦାୟିକ ଦଙ୍ଗା ବା ଗଣ୍ଡଗୋଳ ଘଟିନାହିଁ। ଏହା ହିଁ ପ୍ରମାଣିତ କରେ ନ୍ୟୁଜିଲାଣ୍ଡ ଅଧିବାସୀଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଉତ୍ତମ ଭାଇଚାରା। ଅପରପକ୍ଷେ ଏହି ନୃଶଂସ ହତ୍ୟାକାଣ୍ଡକୁ ତୀବ୍ର ନିନ୍ଦା ପୂର୍ବକ ହିଂସାର ଶିକାର ହୋଇଥିବା ପରିବାରଗୁଡ଼ିକୁ ସମଗ୍ର ନ୍ୟୁଜିଲାଣ୍ଡ ସମବେଦନା ଜଣାଇଛି। ଦେଶ ସାରା ବଡ ବଡ ହୋର୍ଡିଂରେ ନ୍ୟୁଜିଲାଣ୍ଡର ଜାତୀୟ ପକ୍ଷୀ କିୱିର ଆଖିରୁ ଲୁହ ଝରୁଥିବାର ଚିତ୍ର ଦର୍ଶାଯାଇ ଏହା ପାଖରେ ଏକ ହୃଦୟସ୍ପର୍ଶୀ ବାର୍ତ୍ତା ଲେଖାଯାଇଛି ଏହିପରି– ''ଏ ଦେଶ ତୁମର ଘର। ଏଠାରେ ତୁମକୁ ସୁରକ୍ଷା ଦିଆଯାଇ ପାରି ନ ଥିବାରୁ ଆମେ ଦୁଃଖିତ ଓ ଲଜ୍ଜିତ।'' ସୋସିଆଲ ମିଡିଆ ଓ ଗଣମାଧ୍ୟମରେ ଏହି ବାର୍ତ୍ତାର ବହୁଳ ପ୍ରସାରଣ ପ୍ରମାଣ ଦିଏ ଆତଙ୍କବାଦ ନୁହେଁ, ଶାନ୍ତିପୂର୍ଣ୍ଣ ସହାବସ୍ଥାନରେ ନ୍ୟୁଜିଲାଣ୍ଡ ବିଶ୍ୱାସ କରେ। ନ୍ୟୁଜିଲାଣ୍ଡ ଘଟଣାରୁ ଭାରତ ଅନେକ କିଛି ଶିକ୍ଷା ଲାଭ କରିବ ବୋଲି ଆଶା କରାଯାଏ।

ମୋ-୯୪୩୭୨୩୨୪୬୩

# ପରିବେଶ ଚିନ୍ତକ

## ବ୍ୟକ୍ତିତ୍ୱ



ଅଞ୍ଜଳି ଚଢ଼ା

ପରିବେଶ ପ୍ରସଙ୍ଗକୁ ନେଇ ଏବେ ପୃଥିବୀବ୍ୟାପୀ ଆଲୋଚନା ହେଉଛି। ବିଭିନ୍ନ କାରଣ ଯୋଗୁ ପରିବେଶ ପ୍ରଦୂଷିତ ହେବା ଚିନ୍ତାର ବିଷୟ ହୋଇଥିବା ବେଳେ ଏ ଦିଗରେ କ୍ୱଚିତ ଭାବୁଛନ୍ତି। ଏଭଳି ସମୟରେ ୪ ଜଣ ଭାରତୀୟ ଆମେରିକୀୟ ଛାତ୍ରୀ ପରିବେଶ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରି ପୁରସ୍କୃତ ହେବା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଏହି ଛାତ୍ରୀମାନେ ହେଲେ କେଣ୍ଟୁକୀର ଅଞ୍ଜଳି ଚଢ଼ା, ଡେଲାୱେରର ପ୍ରୀତି ସାଇ କ୍ରିଷ୍ଣାମଣି, ନର୍ଥ କରୋଲିନାର ନଭାମି ଜୈନ ଏବଂ ପେନ୍‌ସିଲଭାନିଆର ସାଇ ପ୍ରୀତି ମମିଡାଲା। ଅନ୍ୟ ସମସ୍ତେ ୧୭ ବର୍ଷ ବୟସର ହୋଇଥିବା ବେଳେ ଅଞ୍ଜଳିଙ୍କୁ ୧୬ ବର୍ଷ। ହେଲେ ତାଙ୍କ କାର୍ଯ୍ୟ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ସାମାଜିକ ନେତୃତ୍ୱ ଓ ପରିବେଶ କ୍ଷେତ୍ରରେ ଅଭିନବତ୍ୱ ଆଣିପାରିଥିବାରୁ ଏବେ ତାଙ୍କ ବ୍ୟକ୍ତିତ୍ୱ ସାଥୀମାନଙ୍କଠାରୁ ସର୍ବାଗ୍ରେ ରହିଛି।

ଅଞ୍ଜଳି ଆମେରିକା କେଣ୍ଟୁକୀ ପ୍ରଦେଶର ଡୁପଣ୍ଟ ମାନୁଆଲ ମାଗ୍‌ନେଟ୍ ହାଇସ୍କୁଲର ସିନୟର ଛାତ୍ରୀ। ତାଙ୍କର ପ୍ରଯୁକ୍ତିବିଦ୍ୟା ଓ ନବକୌଶଳ ସୃଷ୍ଟି ପାଇଁ ରହିଛି ଦୁର୍ବାର ଇଚ୍ଛା। ସେ ବାସ କରୁଥିବା ଅଞ୍ଚଳଠାରୁ ୯୦ କିଲୋମିଟର ଦୂରରେ ଭୂତଳ ଜଳରେ ପ୍ରଚୁର ପରିମାଣର ଆର୍ସେନିକ୍ ଥିବା ଦେଖିବାକୁ ପାଇଥିଲେ। ଜଳ ଆର୍ସେନିକ୍ ଦ୍ୱାରା ସଂକ୍ରମିତ ହେଲେ ତାହା କର୍କଟ ରୋଗର କାରଣ ପାଲଟିଥାଏ। ଆମେରିକାରେ ୫ କୋଟି ଲୋକ କୂପ ଜଳକୁ ବ୍ୟବହାର କରିଥାଆନ୍ତି। ଜଳରେ ଆର୍ସେନିକ୍‌ର ବହୁଳ ଉପସ୍ଥିତି ଅଞ୍ଜଳିଙ୍କୁ ବ୍ୟଥିତ କରିଥିଲା। ଏହାର ପ୍ରତିକାର କରିବା ଲାଗି ସେ ଗବେଷଣା ଆରମ୍ଭ କରିଦେଇଥିଲେ। ଜଳରେ ଆର୍ସେନିକ୍ ଅଂଶ ରହିଥିବା ଜାଣିବା ପାଇଁ ସେ ବିକଶିତ କରିଥିବା ସେନ୍‌ସର ଆଜି ସେଠାକର ଲୋକଙ୍କ ସକାଶେ ଉପାଦେୟ ହୋଇପାରିଛି। ନିଜ ଚାରିପାଖରେ ଦେଖାଦେଉଥିବା ବାସ୍ତବ ସମସ୍ୟାକୁ ସମାଧାନ କରିବା ଦିଗରେ ସେ ଅନବରତ ଚେଷ୍ଟା ଜାରି ରଖିଛନ୍ତି। ୩ ବର୍ଷ ତଳେ କ୍ୱାଟର ଜିରୋ କାଟାପଲ୍ଟ ଇନ୍‌କୁବେଟର ପ୍ରୋଗ୍ରାମ୍‌ରେ ଭାଗ ନେବାର ସୁଯୋଗ ପାଇଥିଲେ। ସେତିକି ବେଳେ ତାଙ୍କ ମୁଣ୍ଡକୁ ଢୁକିଥିଲା ବାଳିକା ସଶକ୍ତୀକରଣ ଚିନ୍ତା। 'ଏମ୍ପାୱାର୍ଡ' ନାମରେ ଏକ ଅଣଲାଭଦାୟକ ସଙ୍ଗଠନ ଗଢ଼ିଲେ। ସଂଖ୍ୟାଲଘୁ, ହାଇସ୍କୁଲରେ ପଢ଼ୁଥିବା ବାଳିକାଙ୍କ ମଧ୍ୟରେ ପ୍ରଯୁକ୍ତିବିଦ୍ୟା ପ୍ରତି ଆକର୍ଷଣ ସୃଷ୍ଟି କରିବା, ନିଜ ବର୍ଗ ମଧ୍ୟରେ ଥିବା ସଂଖ୍ୟାଲଘୁ ମହିଳା ଉଦ୍ୟୋଗୀଙ୍କ ସହ ବାଳିକାମାନଙ୍କୁ ଯୋଡ଼ିବା ଥିଲା ସଙ୍ଗଠନର ମୂଳ ଲକ୍ଷ୍ୟ। କାର୍ଯ୍ୟ ପ୍ରତି ଅଙ୍ଗୀକାରବଦ୍ଧତା ତାଙ୍କ ଲକ୍ଷ୍ୟକୁ ସଫଳକାମ ଆଡ଼କ ନେଇଯାଇଛି। ଏଥିପାଇଁ ମିଳିଥିବା ପାଣ୍ଠିରୁ ସେ ଗତ ଦୁଇଟି ଗ୍ରୀଷ୍ମ ଅବକାଶରେ ୬୫,୦୦୦ ଡଲାର ବିନିଯୋଗ କରି ବାଳିକାମାନଙ୍କୁ ସଶକ୍ତ କରିପାରିଛନ୍ତି। ଫଳସ୍ୱରୂପ ତାଙ୍କୁ ୨୦୧୮ ମସିହା ପାଇଁ ଷ୍ଟେଟ୍ ଅଫ୍ କେଣ୍ଟୁକୀର ପ୍ରୁଡେନ୍‌ସିଆଲ ସ୍ପିରିଟ୍ ଅଫ୍ କମ୍ୟୁନିଟି ଆୱାର୍ଡ ପାଇପାରିଛନ୍ତି। ଅଭିନବତ୍ୱ ଓ ଗବେଷଣା ଦିଗରେ ଉତ୍କର୍ଷ ପ୍ରତିପାଦନ କରିବା ପାଇଁ ଅଞ୍ଜଳିଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବିଜ୍ଞାନ ମେଳାରେ ଯୋଗଦେବାକୁ ପଡ଼ିଛି। ସେଥିରେ ସେ ନିଜର ଉନ୍ନତ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରକଳ୍ପ ପ୍ରଦର୍ଶନ କରି ନ୍ୟାଶନାଲ ଜୁନିୟର ସାଇନ୍ସ ଆଣ୍ଡ ହ୍ୟୁମାନିଟିଜ୍ ସିମ୍ପୋଜିୟମ୍, ଇନ୍‌ଟେଲ୍ ଆଇଏସ୍‌ଇଏଫ୍ ଏବଂ ଷ୍ଟକହୋମ୍ ଜୁନିୟର ୱାଟର ପ୍ରାଇଜ୍ ଆଦି ପାଇପାରିଛନ୍ତି।

ଗବେଷଣା, ସାଙ୍ଗଠନିକ ନେତୃତ୍ୱ ନେବା, ବିଭିନ୍ନ ସାହିତ୍ୟ ପୁସ୍ତକ ପଢ଼ିବାରେ ଅଞ୍ଜଳି ଅଧିକ ରୁଚି ରଖିଛନ୍ତି। ଏସବୁଥିରୁ ସମୟ ବାହାର କରି ସେ ନିଜର ଅନ୍ୟତମ ଇଚ୍ଛା ଭାରତୀୟ ଶାସ୍ତ୍ରୀୟ ନୃତ୍ୟରେ ଢାଳି ଦେଇଛନ୍ତି। ଭାରତ, ଆମେରିକା ସମେତ ବିଭିନ୍ନ ଦେଶରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏଥିସହିତ ସାଇନ୍ସ ଫେୟାର ବୃତ୍ତଚିତ୍ରରେ ଅଭିନୟ କରିଥିବା ୯ ଜଣ ଛାତ୍ରଙ୍କ ମଧ୍ୟରେ ଅଞ୍ଜଳିଙ୍କୁ ଦେଖିବାକୁ ମିଳିଛି। ବହୁ ପ୍ରତିଭାରେ ବିଭୂଷିତା ଏହି ଲଳନାଙ୍କ ପ୍ରତିଟି ପଦକ୍ଷେପ ଏବେ ନୂଆ କିଛି କରିବାକୁ ଚାହୁଁଥିବା ବାଳିକାଙ୍କୁ ପ୍ରେରଣା ଦେବା ସ୍ୱାଭାବିକ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କଥାରେ ଅଛି–'ପରଜାପତି ତରକା ଅତି।' ଅର୍ଥାତ୍ ପ୍ରଜାପତିକୁ ଧରିବାକୁ ଗଲେ ତାହା ସହଜରେ ଧରା ଦିଏନାହିଁ। ସାମାନ୍ୟ ଆଭାସ ପାଇବା ମାତ୍ରେ ଏହି ସୁନ୍ଦର ପତଙ୍ଗଟି ଉଡି ପଳାଇଯାଇଥାଏ। ତଥାପି ପିଲାମାନେ ପ୍ରଜାପତି ଧରିବାକୁ ଖୁବ୍ ଆଗ୍ରହ ସହକାରେ ତା' ପଛରେ ଧାଇଁଥାଆନ୍ତି। ଏପରି ଜଣେ ପିଲାକୁ ପ୍ରଜାପତିମାନେ ଡରି ନ ଯାଇ ବରଂ ତା'ର ସାଥୀ ହୋଇଛନ୍ତି। ଉତ୍ତରପ୍ରଦେଶର ବରେଲୀର ଡିଗରା ଗାଁରେ ରହୁଥିବା ଜୀବନେଶ ପାଲଟିଛନ୍ତି ପ୍ରଜାପତିଙ୍କ ନିଆରା ସାଥୀ। ସେ ବଗିଚାକୁ ଗଲେ ପ୍ରଜାପତି ଉଡ଼ିଆସି ତାଙ୍କ ଦେହସାରା ବସୁଛନ୍ତି। ଜୀବନେଶଙ୍କ ବୟସ ୧୪ବର୍ଷ। ସତେ ଯେପରି ଜୀବନେଶଙ୍କୁ ପ୍ରାଣଭରି ଭଲ ପାଉଛନ୍ତି ପ୍ରଜାପତି! ପ୍ରଜାପତି ଦେହରେ ବସିଲେ ଜୀବନେଶ ଅତି ଆନନ୍ଦରେ ସେଗୁଡ଼ିକୁ ଆଉଁସିଥାଆନ୍ତି। ତାଙ୍କ ବଗିଚାରେ ୬୨ ପ୍ରଜାତିର ପ୍ରଜାପତି ରହିଛନ୍ତି ବୋଲି ଜୀବନେଶଙ୍କ ପିତା କହନ୍ତି। ପ୍ରଜାପତି ଓ ଜୀବନେଶଙ୍କ ମଧ୍ୟରେ ଥିବା ସମ୍ପର୍କର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦେଶ ବିଦେଶରେ ଜୀବନେଶଙ୍କୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

### ଚିରନ୍ତନୀ

ପରମାଣୁ ସମ ମୁହିଁ
ପାଇଛି ଯେତିକି ଅଧିକାର
ତବ ଅଙ୍ଗେ, ମୋର ବୋଲି
ଯେଉଁ ସ୍ଥାନ ଅଛି କହିବାର।
(ଶୂନ୍ୟ ଚିନ୍ତା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୪ ମାର୍ଚ୍ଚ ୧୯୯୪

- ଭାରତୀୟ ସାହିତ୍ୟ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ଓଡିଆ କବି ସୀତାକାନ୍ତ ମହାପାତ୍ରଙ୍କୁ ଜ୍ଞାନପୀଠ ପୁରସ୍କାର।
- ଅର୍ଥମନ୍ତ୍ରୀ ମନମୋହନ ସିଂ, କପିଳଦେବ ଏବଂ ସୋନିଆ ଗାନ୍ଧୀଙ୍କୁ ୧୯୯୪ ମସିହାର ରାଜାଜୀ ରତ୍ନ ପୁରସ୍କାର।

## ପାଠକ ଶ୍ରେଷ୍ଠ ବିଚାରକ

### ଜେନେରିକ୍ ମେଡିସିନ୍

ମହାଶୟ,

ଜେନେରିକ୍ ମେଡିସିନ୍‌ର ଦାମ୍ କମ୍ ଥିବାରୁ ଏହାକୁ ନିମ୍ନମାନର ଭାବି ବହୁତ ଲୋକ ଖାଉନାହାନ୍ତି। ମାତ୍ର ଏହା ଭୁଲ ଧାରଣା। ଗୁଣବତ୍ତା ଦୃଷ୍ଟିରୁ ଏହା ବ୍ରାଣ୍ଡେଡ୍ ଔଷଧ ସହ ସମାନ। ବ୍ରାଣ୍ଡେଡ୍ ଔଷଧରେ ନକଲି ଥାଇପାରେ। ମାତ୍ର ଜେନେରିକ୍‌ରେ ନକଲି ଆଦୌ ନାହିଁ। ଏହାର ଦର କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ, ନିୟନ୍ତ୍ରିତ ଓ ଅନୁମୋଦିତ। ଜେନେରିକ୍ ଔଷଧର ଉପାଦେୟତା ସମ୍ପର୍କରେ ବ୍ୟାପକ ଜନସଚେତନତା ଦରକାର। ଏହା ସହଜରେ ମିଳିବା ପାଇଁ ବହୁସଂଖ୍ୟାରେ ଦୋକାନ ଖୋଲାଯିବା ଦରକାର।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଇଭିଏମ୍‌ର ଠିକ୍ ବ୍ୟବହାର

ବ୍ଲକସ୍ତରରେ ଇଭିଏମ୍‌ର ବ୍ୟବହାର ସମ୍ପର୍କରେ ଯେଉଁମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ସେହିମାନେ କେବଳ ଭୋଟ୍ ଦେବେ କି? ରାଜନୈତିକ ଦଳର ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରଶିକ୍ଷଣ ନେଇ ଘରେ ବସିବେ। ଏମାନଙ୍କ ଘରକୁ ଯାଇ ସାଧାରଣ ଜନତା ଭୋଟ୍ ଦେବାର କୌଶଳ ଶିଖିପାରିବେ ନାହିଁ। କାରଣ ମୋର ବ୍ୟକ୍ତିଗତ ଅନୁଭୂତିରୁ ଜାଣିଛି, ଏମାନଙ୍କ ପଛରେ ଗୋଡାଇଲେ ବି ଏମାନେ କାହା କଥା ଶୁଣନ୍ତି ନାହିଁ କି କୌଣସି ଉତ୍ତର ଦିଅନ୍ତି ନାହିଁ। କର୍ତ୍ତୃପକ୍ଷ ଏହାକୁ ଗମ୍ଭୀରତାର ସହିତ ବିଚାର କରିବା ଦରକାର।

ଅଦ୍ୱୈତ୍ରପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ନିଜ ସ୍ୱାର୍ଥ ପାଇଁ ଦଳତ୍ୟାଗ

ସେତେବେଳେ ପ୍ରକୃତ ନେତା ଥିଲେ ଯେଉଁମାନେ କି ନିଜ ଦଳ ପାଇଁ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ରାଜ୍ୟ ବା ଦେଶ ପାଇଁ କାର୍ଯ୍ୟ କରୁଥିଲେ। ଜନତାଙ୍କର ଉନ୍ନତି ଥିଲା ତାଙ୍କର ଏକମାତ୍ର କାମ୍ୟ। ଏବେ ନିଜ ସ୍ୱାର୍ଥ ପାଇଁ ନେତାମାନେ ସବୁକିଛି କରିପାରନ୍ତି। ଦୀର୍ଘଦିନ ଗୋଟିଏ ଦଳରେ ଥାଇ ମଧ୍ୟ ଟିକିଏ ଟିକିଏ କଥାରେ ଦଳ ତ୍ୟାଗ କରି ଅନ୍ୟ ଦଳରେ ସାମିଲ ହେଉଛନ୍ତି। ଏମାନେ ରଙ୍ଗ ବଦଳାଉଥିବା ଏଣ୍ଡୁଅ ପରି। ଏପରି ମଧ୍ୟ ଦେଖାଯାଉଛି ଯେ, ପୁଅ, ସ୍ତ୍ରୀ ବା ଝିଅ ଗୋଟିଏ ଦଳରେ ଥିବା ବେଳେ ନିଜେ ଅନ୍ୟ ଦଳରେ ସାମିଲ ହେଉଛନ୍ତି ସ୍ୱାର୍ଥ ସାଧନ ପାଇଁ। ରାଜ୍ୟ ବା ଦେଶର ସ୍ୱାର୍ଥସାଧନ ଆଦୌ ଏମାନଙ୍କ ଲକ୍ଷ୍ୟ ନୁହେଁ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଭଲ କାମଟିଏ କଲେ ବିଳମ୍ବରେ ହେଉ ପଛକେ ନିଶ୍ଚୟ ପୁରସ୍କାର ମିଳେ।
- ଭଲଟାୟାର

## ସଂକ୍ଷେପରେ

### କଂଗ୍ରେସରୁ ଇସ୍ତଫା ଦେଲେ ବାଲାରାଜୁ କପେ



**ମାଲକାନଗିରି,୨୩।୩ (ଡି.ଏନ୍.ଏ.):** ମାଲକାନଗିରି ଜିଲା କଂଗ୍ରେସର ଯୁବନେତା ବାଲାରାଜୁ କପେ ଶନିବାର କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି। କପେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ମାଥିଲି ଅଞ୍ଚଳର ବରିଷ୍ଠ ନେତା ସ୍ମୃତି ରଞ୍ଜନଙ୍କ ସହ ତାଙ୍କର ଶତାଧିକ ସମର୍ଥକ କପେଙ୍କୁ ଟିକେଟ ଦେବାକୁ ଚାପ ପକାଇଥିଲେ। ଶେଷରେ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ପାଇଁ ମହିଳା ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଟିକେଟ ଦେବା ଏବଂ ସେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହାର ପ୍ରତିବାଦରେ କପେ ଏବଂ ତାଙ୍କର ସମର୍ଥକ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, କପେ ମାଥିଲି ୩ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ଅଛନ୍ତି। ସେ ଜିଲା ପରିଷଦ ସଭ୍ୟ ପଦବୀରୁ ଇସ୍ତଫା ଦେବେ ନାହିଁ କିମ୍ବା ଅନ୍ୟ କୌଣସି ଦଳରେ ମଧ ଯୋଗ ଦେବେ ନାହିଁ ବୋଲି ପ୍ରକାଶ କରି ମାଥିଲି ଅଞ୍ଚଳରେ ସାମାଜିକ କର୍ମୀ ଭାବେ ଲୋକଙ୍କ ସେବା କରିବେ ବୋଲି କହିଛନ୍ତି।

### ପରଲୋକରେ ଦାମୋଦରଙ୍କ ସ୍ତ୍ରୀ



**ତିର୍ତ୍ତୋଲ,୨୩।୩ (ଡି.ଏନ.ଏ.):** ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କ ସ୍ତ୍ରୀ ସ୍ନେହଲତା ମହାପାତ୍ରଙ୍କ ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଚିକିତ୍ସାଧୀନ ଥିଲେ। ସ୍ନେହଲତାଙ୍କ ପରଲୋକ ଖବରପାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ଦଳର ନେତା, ବହୁ ବରିଷ୍ଠ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଅପରାହ୍ନରେ ମରଶରୀରକୁ ତିର୍ତ୍ତୋଲସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଗ୍ରାମ ପରିକ୍ରମା ପରେ ମରଶରୀରକୁ ତିର୍ତ୍ତୋଲ ବାଳିକା ଉଚ୍ଚ ବିଦ୍ୟାଳୟକୁ ନିଆଯାଇଥିଲା। ସେଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଶେଷ ଦର୍ଶନ କରିଥିଲେ। ସ୍ନେହଲତା ଏହି ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରିବା ସହ ତିର୍ତ୍ତୋଲ ଶିକ୍ଷାଜିଲା ଅଧିକାରୀ ଭାବେ ୨୦୦୬ରେ ଅବସର ନେଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ସମ୍ବିତ ରାଉତରାୟ ମୁଖାଗ୍ନି ଦେଇଥିଲେ।

## ଆସିକା ଲୋକ ସଭା ଆସନ: ବିଳମ୍ବରେ ଘୋଷଣା ହେଲା ଭାଜପା ପ୍ରାର୍ଥୀ ତାଲିକା

# ଭାଜପାରୁ ଅନୀତା, ବିଜେଡିରୁ ପ୍ରମିଳା

**ବ୍ରହ୍ମପୁର ଅଫିସ,୨୩।୩**

ବ୍ରହ୍ମପୁର ଓ ଆସିକା ଲୋକ ସଭା କ୍ଷେତ୍ର ପାଇଁ ବିଳମ୍ବରେ ଭାଜପା ପକ୍ଷରୁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ଆସିକା ଏମ୍‌ପି ପ୍ରାର୍ଥୀ ହୋଇଛନ୍ତି ଅନୀତା ଶୁଭଦର୍ଶିନୀ । ସେ ହେଉଛନ୍ତି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ଝିଅ । ବିଜେଡିରୁ ପ୍ରମିଳା ବିଶୋୟୀ ଏମ୍‌ପି ପ୍ରାର୍ଥୀ ହୋଇଛନ୍ତି । ଅପରପକ୍ଷେ ଏହି ଲୋକ ସଭା କ୍ଷେତ୍ରର ଖଲ୍ଲିକୋଟ, କବିସୂର୍ଯ୍ୟନଗର ଓ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩ ମହିଳାଙ୍କୁ ଟିକେଟ ଦେଇଛି ବିଜେଡି। ଭାଜପା ମାତ୍ର ଜଣେ ମହିଳା ଭାରତୀ ବେହେରାଙ୍କୁ ଖଲ୍ଲିକୋଟ ସେଗମେଣ୍ଟରୁ ପ୍ରାର୍ଥୀ କରିଛି। ବ୍ରହ୍ମପୁର ଲୋକ ସଭା ଆସନର ପାରଳାଖେମୁଣ୍ଡି, ଚିକିଟି ଓ ସାନଖେମୁଣ୍ଡି ସେଗମେଣ୍ଟରେ ମହିଳାଙ୍କୁ ବିଜେଡି ଟିକେଟ ମିଳିଥିବା ବେଳେ ଅଭିନେତ୍ରୀରୁ ରାଜନୀତି କରୁଥିବା ପିଙ୍କି ପ୍ରଧାନଙ୍କୁ ଦିଗପହଣ୍ଡି ସେଗମେଣ୍ଟ ପାଇଁ ପ୍ରାର୍ଥୀ କରିଛି ଭାଜପା। ଦୁଇ ଲୋକ ସଭା କ୍ଷେତ୍ରରେ ବିଜେଡିରେ ୬ ମହିଳା ପ୍ରାର୍ଥୀ ହୋଇଥିବା ବେଳେ ଭାଜପା ମାତ୍ର ଦୁଇଜଣ ମହିଳାଙ୍କୁ ପ୍ରାର୍ଥୀ କରିଛି।

ଅପରପକ୍ଷେ ୨ ଲୋକ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୪ ବିଧାନସଭା କ୍ଷେତ୍ର ଲାଗି ଭାଜପା ପକ୍ଷରୁ ଶନିବାର ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିରେ ଭାଜପାରୁ କିଏ ଲଢ଼ିବେ ତାହା ଅସ୍ପଷ୍ଟ ରହିଛି। ବ୍ରହ୍ମପୁର ସେଗମେଣ୍ଟରୁ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ଏବଂ ଗୋପାଳପୁର ପାଇଁ ଭାଜପା ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ଜେନାଙ୍କୁ ପ୍ରାର୍ଥୀ କରାଯାଇଛି । ଜେନା ତୃତୀୟଥର ଲାଗି ଏହି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ଛତ୍ରପୁର ପ୍ରଶାନ୍ତ କର, ଚିକିଟି ମନୋରଞ୍ଜନ ଦ୍ୟାନସାମନ୍ତରା, ସାନଖେମୁଣ୍ଡି ବିଜୟ ସ୍ୱାଇଁ, ପୋଲସରା ଗୋକୁଳାନନ୍ଦ ମଲିକ, କବିସୂର୍ଯ୍ୟନଗର ରଞ୍ଜନ ପଲେଇ, ଭଞ୍ଜନଗର ପ୍ରଦ୍ୟୁମ୍ନ ନାୟକ, ସୋରଡ଼ା ନୀଳମଣି ବିଶୋୟୀ, ମୋହନାରୁ ପ୍ରଶାନ୍ତ ମଲିକ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ଟିକେଟରୁ ବଞ୍ଚିତ ବିଧାୟକ ଦେବରାଜ ମହାନ୍ତି ଭାଜପାରେ ଯୋଗଦେବା ପରେ ତାଙ୍କୁ ଆସିକା ସେଗମେଣ୍ଟରୁ ଏବଂ ବିଜେଡି ଟିକେଟ ନ ପାଇ ଭାଜପାରେ ସାମିଲ ହୋଇଥିବା ପୂର୍ବତନ ବିଧାୟକ କେ. ନାରାୟଣ ରାଓଙ୍କୁ ଦଳ ପକ୍ଷରୁ ପାରଳାଖେମୁଣ୍ଡି ଆସନରେ ପ୍ରାର୍ଥୀ କରାଯାଇଛି।

ଭାଜପାର ପ୍ରାର୍ଥୀ ଘୋଷଣା ପରେ ଅସନ୍ତୁଷ୍ଟମାନେ ବିଦ୍ରୋହୀ ସାଜିଛନ୍ତି। ଶନିବାର ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ନିର୍ବାଚନ କାର୍ଯ୍ୟାଳୟ ଆଗରେ ଦିଗହପଣ୍ଡି ସେଗମେଣ୍ଟରୁ ଆଶାୟୀ ମହନ୍ତ ଚିନ୍ମୟାନନ୍ଦ ଟିକେଟ ପାଇ ନ ଥିବାରୁ ସେ ଓ ତାଙ୍କ ସମର୍ଥକମାନେ ହୋହଲ୍ଲା କରିଥିଲେ । ନିର୍ବାଚନ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ପାରଳାଖେମୁଣ୍ଡି ଗସ୍ତରେ ଥିବା ଏମ୍‌ପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଟେଲିଫୋନ ଯୋଗେ ବୁଝାଶୁଝା କରିବାରୁ ଆନ୍ଦୋଳନରୁ ଓହରିଥିଲେ । ଭୃଗୁ ଫେରିବା ପରେ ପୁଣି ଆଲୋଚନା ହେବ ଓ ବିଫଳ ହେଲେ ଗଣଧାରଣା ସହ ବିକ୍ଷୋଭ କରାଯିବ ବୋଲି ମହନ୍ତ ଚେତାବନୀ ଦେଇଥିଲେ। ସେହିପରି ଦିଗପହଣ୍ଡି ଆସନରେ ଭାଜପା ପ୍ରାର୍ଥୀ ପାଇଁ ଦୀର୍ଘଦିନରୁ ଆଶାୟୀ ଥିବା ଏବଂ ତାଲିକାରେ ନାଁ ନ ଥିବାରୁ ଇଂ. ଉତ୍ତମ ପାଣିଗ୍ରାହୀ ତାଙ୍କ ସମର୍ଥକଙ୍କୁ ନେଇ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଯାଇଛନ୍ତି। ଯିବା ପୂର୍ବରୁ ଦିଗପହଣ୍ଡିରେ ବିଦ୍ରୋହ କରାଯାଇଥିବା ବ୍ରହ୍ମପୁର ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ଖବର ମିଳିଛି। ତେଣୁ ପ୍ରାର୍ଥୀ ତାଲିକାକୁ ନେଇ ଅସନ୍ତୋଷର ନିଆଁ ଜଳିବା ଆରମ୍ଭ ହୋଇଛି। ସମସ୍ୟାର ଖୁବଶୀଘ୍ର ସମାଧାନ ହୋଇଯିବ ବୋଲି ଜିଲା ଭାଜପା ଉପସଭାପତି ସୁନୀଲ କୁମାର ସାହୁ ସୂଚନା ଦେଇଛନ୍ତି ।



ଅନୀତା ଶୁଭଦର୍ଶିନୀ



ପ୍ରମିଳା ବିଶୋୟୀ

**ବ୍ରହ୍ମପୁର, ଆସିକା ସଂସଦୀୟ କ୍ଷେତ୍ର**

- ପ୍ରଥମକରି ଆସିକା ସଂସଦୀୟ କ୍ଷେତ୍ରରେ ଲଢ଼ିବେ ୨ ମହିଳା
- ନିର୍ବାଚନ କାର୍ଯ୍ୟାଳୟରେ ତାଲା ପକାଇଲେ ଟିକେଟରୁ ବଞ୍ଚିତ ଆଶାୟୀ

## ୩ ଉପସଭାପତି ନିଯୁକ୍ତ କଲା ଭାଜପା

**ଭୁବନେଶ୍ୱର,୨୩।୩(ବ୍ୟୁରୋ)**

ଭାଜପା ଟିକେଟରୁ ବଞ୍ଚିତ ହୋଇଥିବା ନେତାମାନଙ୍କୁ ବିଭିନ୍ନ ସାଙ୍ଗଠନିକ ପଦପଦବୀରେ ଥଇଥାନ କରାଯାଇଛି। ବିଜେଡି ଛାଡ଼ି ଶନିବାର ଭାଜପାରେ ଯୋଗଦେଇଥିବା କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ବରଗଡ଼ ଭାଜପା ନେତା ସୁବାସ ଚୌହାନ ଏବଂ ଦଳର ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟଙ୍କୁ ରାଜ୍ୟ ଉପସଭାପତି ଭାବେ ମନୋନୀତ କରାଯାଇଛି। ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା ଉପରୋକ୍ତ ସମସ୍ତ ନେତାଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ଦଳୀୟ ମୁଖପାତ୍ର ଗୋଲକ ମହାପାତ୍ର ଏହି ନିଯୁକ୍ତି ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇଛନ୍ତି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, କଟକ ଲୋକ ସଭାରେ ପୂର୍ବତନ ଡିଜି (ପୋଲିସ) ପ୍ରକାଶ ମିଶ୍ରଙ୍କୁ ଦଳ ପ୍ରାର୍ଥୀ କରିପାରେ। ତେଣୁ ସେଠାରୁ ଆଶାୟୀ ଥିବା ପୀତାମ୍ବର ଆଚାର୍ଯ୍ୟଙ୍କୁ ରାଜ୍ୟ ଉପସଭାପତି ଭାବେ ଥଇଥାନ କରାଯାଇଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ପ୍ରତ୍ୟୁଷାଙ୍କୁ ନେଇ ହଡ଼ବଡ଼େଇଲେ ନିରଞ୍ଜନ

**ଭୁବନେଶ୍ୱର, ୨୩।୩ (ବ୍ୟୁରୋ)**

ବିଜୁ ଜନତା ଦଳ (ବିଜେଡି)ରୁ ଟିକେଟ ନ ପାଇ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ଦଳରୁ ଇସ୍ତଫା ଦେବା ପରେ ସେ କେଉଁଥିରେ ଯୋଗଦେବେ ତାହାକୁ ନେଇ ଚର୍ଚ୍ଚା ଚାଲିଥିଲା। କେତେକେ କହୁଥିଲେ ସେ କଂଗ୍ରେସ ଯିବେ, ଆଉ କିଛି ଭାଜପା କଥା ଉଠାଉଥିଲେ। ଏଭଳି ଆଲୋଚନା ହେଉଥିବା ବେଳେ ପ୍ରତ୍ୟୁଷା କଂଗ୍ରେସରେ ଯୋଗ ଦେଉଥିବା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଆଗୁଆ କହିଥିଲେ। କିନ୍ତୁ ଶନିବାର କଳ୍ପନାଜଳ୍ପନାର ଅବସାନ ଘଟାଇ ଶେଷରେ ପ୍ରତ୍ୟୁଷା ଭାଜପାକୁ ଆପଣାଇଛନ୍ତି।

ପ୍ରତ୍ୟୁଷା ବିଜେଡିରୁ ଯିବା ପରେ ୨୧ ମାର୍ଚ୍ଚରେ ପିସିସି ସଭାପତି ନିରଞ୍ଜନ କହିଲେ ଯେ ସେ ଖୁବ୍‌ଶୀଘ୍ର ତାଙ୍କ ଦଳରେ ସାମିଲ ହେବାକୁ ଯାଉଛନ୍ତି। ମାର୍ଚ୍ଚ ୨୩ କିମ୍ବା ୨୪ରେ ଆନୁଷ୍ଠାନିକ ଭାବେ ପ୍ରତ୍ୟୁଷା କଂଗ୍ରେସରେ ମିଶିବେ ବୋଲି ନିରଞ୍ଜନ ଗଣମାଧ୍ୟମକୁ କହିଥିଲେ। ତେବେ ତାଙ୍କୁ କେଉଁଠାରୁ ପ୍ରାର୍ଥୀ କରାଯିବ ସେନେଇ ସୂଚନା ଦେଇ ନ ଥିଲେ। ଶନିବାର ନିରଞ୍ଜନଙ୍କ ଅଙ୍କକଷା ଭୁଲ ପ୍ରମାଣିତ ହେଲା ଯେତେବେଳେ ପ୍ରତ୍ୟୁଷା ଭାଜପାରେ ଯୋଗଦେଲେ। ଏ କଥା ପ୍ରଚାର ହେବା ପରେ ନିରଞ୍ଜନ ହଡ଼ବଡ଼େଇ ଯାଇଛନ୍ତି। କେବଳ ପ୍ରତ୍ୟୁଷାଙ୍କ କଥା ନୁହେଁ, ଅନେକ କ୍ଷେତ୍ରରେ ନିରଞ୍ଜନ ହଡ଼ବଡ଼େଇ ଯାଉଥିବା ଦେଖିବାକୁ ମିଳିଛି। ପିସିସି ଦାୟିତ୍ୱ ନେବା ପରେ ଦଳର ନେତା ରାହୁଲ ଗାନ୍ଧୀ ଓଡ଼ିଶା ଆସିବେ ବୋଲି ବାରମ୍ବାର କହୁଥିଲେ। ହେଲେ ଛତିଶଗଡ଼, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ କଂଗ୍ରେସ ସରକାର ଗଢ଼ିବା ପରେ ରାହୁଲ ଓଡ଼ିଶା ଆସିଥିଲେ। ଏପରି କି ରାହୁଲଙ୍କ ଜୟପୁର ଓ ବରଗଡ଼ ଗସ୍ତ ତାରିଖ ଘୋଷଣା ନେଇ ମଧ ନିରଞ୍ଜନ ହଡ଼ବଡ଼େଇ ଯାଇଥିଲେ। ସେହିପରି ଗତବର୍ଷ ଜୁଲାଇରୁ ସାଧାରଣ ନିର୍ବାଚନ ଲାଗି ପ୍ରାର୍ଥୀ ଘୋଷଣା ହେବ କହି ଆସୁଥିଲେ ହେଁ ନିକଟରେ ତାଲିକା ପଦାକୁ ଆଣିଛନ୍ତି। ପରିବାର ପିଛା ଗୋଟିଏ ଟିକେଟ ମିଳିବ ବୋଲି ସେ କହୁଥିଲେ। ପରେ ପରିବାରରେ ଏକାଧିକ ବ୍ୟକ୍ତି ରାଜନୀତିରେ ସକ୍ରିୟ ଥିଲେ ସେମାନଙ୍କୁ ସୁଯୋଗ ମିଳିବ ବୋଲି କହିବା ନିରଞ୍ଜନଙ୍କ ହଡ଼ବଡ଼କୁ ପଦାରେ ପକାଇଛି।



ନିରଞ୍ଜନ ପଟ୍ଟନାୟକ



ପ୍ରତ୍ୟୁଷା ରାଜେଶ୍ୱରୀ

## ବିଜେଡି ଛାଡ଼ି ଭାଜପାରେ ମିଶିଲେ ବିଧାୟିକା ବାସନ୍ତୀ ମଲିକ

**ଭୁବନେଶ୍ୱର,୨୩।୩(ବ୍ୟୁରୋ)**

ବିଜେଡି ନେତ୍ରୀ ତଥା ମୋହନା ବିଧାୟିକା ବାସନ୍ତୀ ମଲିକ ବିଜେଡି ଛାଡି ଭାଜପାରେ ଯୋଗଦେଇଛନ୍ତି। ବିଜେଡି ପକ୍ଷରୁ ତାଙ୍କୁ ଟିକେଟ ନ ମିଳିବାରୁ ସେ ଦଳ ଛାଡିଥିବା ଜଣାପଡିଛି। ତାଙ୍କ ବଦଳରେ ବିଜେଡି ପୂର୍ଣ୍ଣବାସୀ ନାୟକଙ୍କୁ ପ୍ରାର୍ଥୀ କରିଛି। ଭାଜପା କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଏକ ମିଶ୍ରଣ ପର୍ବରେ ବାସନ୍ତୀ ଦଳରେ ସାମିଲ ହୋଇଥିଲେ। ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ, ରାଜ୍ୟ ଉପସଭାପତି ସମୀର ମହାନ୍ତି ପ୍ରମୁଖ ମଲିକଙ୍କୁ ଦଳୀୟ ଟୋପି ଏବଂ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ । ବିଧାୟିକା ମଲିକଙ୍କ ସମେତ ଜି.ଉଦୟଗିରି ବିଜେଡି ବ୍ଲକ ସଭାପତି ଭୀମସେନ ଘଡ଼ାଇ, ବିଜେଡି ନେତା ଅମ୍ବିକା ପ୍ରସାଦ ଘଡ଼ଇ, ଲାବଣ୍ୟ ମଲ୍ଲିକ, ଅନୁକ ଶବର, ବିପ୍ରଚରଣ ବଳିଆରସିଂହ, କାହ୍ନୁ ପାଢ଼ୀ, ଅଜିତ କୁମାର ପାତ୍ର, ଉପେନ୍ଦ୍ର ବଳିଆରସିଂହ, ଗୁଣମଣି ନାୟକ, ଶେଖର ମଲ୍ଲିକ, ଜୁନେଓ ଶବର, କୁନା ଘଡ଼େଇ, ଗୋପାଳ ରାଉତ ପ୍ରମୁଖ ଭାଜପାରେ ଯୋଗଦାନ କରିଛନ୍ତି।



ଭାଜପା କାର୍ଯ୍ୟାଳୟରେ ମୋହନା ବିଧାୟିକା ବାସନ୍ତୀ ମଲିକ ଓ ଅନ୍ୟମାନେ ।

# ପ୍ରଶାନ୍ତ ନନ୍ଦଙ୍କ ପୁଅ ଭାଜପାରେ

- ସାମିଲ ହେଲେ ଭୁବନେଶ୍ୱର, ଢେଙ୍କାନାଳର ଶତାଧିକ କର୍ମୀ

**ଭୁବନେଶ୍ୱର,୨୩।୩(ବ୍ୟୁରୋ)**

ରାଜନୀତିରେ କେହି କାହାର ଶତ୍ରୁ କିମ୍ବା ମିତ୍ର ନୁହନ୍ତି। ସେହିପରି ଗୋଟିଏ ପରିବାର ଲୋକ ମଧ ଭିନ୍ନଭିନ୍ନ ଦଳରେ ରହିଥାନ୍ତି। ଜାତୀୟସ୍ତରରୁ ଆରମ୍ଭ କରି ରାଜ୍ୟସ୍ତରରେ ଏହାର ଅନେକ ଉଦାହରଣ ରହିଛି। ଏହି କ୍ରମରେ ବିଜେଡି ରାଜ୍ୟ ସଭା ସଦସ୍ୟ ତଥା ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ପ୍ରଶାନ୍ତ ନନ୍ଦଙ୍କ ପୁତ୍ର ରିଷଭ ନନ୍ଦ ଭାଜପାରେ ଯୋଗଦେଇଛନ୍ତି। ଦୋଳପୂର୍ଣ୍ଣିମା ତଥା ଗୁରୁବାର ରିଷଭ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓ ପ୍ରମୁଖ ରିଷଭଙ୍କୁ ଦଳୀୟ ଟୋପି ଏବଂ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ । ରିଷଭଙ୍କ ଯୋଗଦାନ ଖୋର୍ଦ୍ଧା ଜିଲା ବିଶେଷକରି ବେଗୁନିଆ-ବୋଲଗଡ଼ ରାଜନୀତିକୁ ବହୁଳ ଭାବେ ପ୍ରଭାବିତ କରିବ। ଦଳ ପକ୍ଷରୁ ଏଯାଏ ଏହି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇନାହିଁ। ତେଣୁ ରିଷଭ ଭାଜପା ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ରିଷଭଙ୍କ ବ୍ୟତୀତ ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ମାନସ ରଞ୍ଜନ ନାୟକଙ୍କ ନେତୃତ୍ୱରେ ପ୍ରସନଜିତ୍ ମଲ୍ଲ, ସୁଧୀର କୁମାର ବେବର୍ତ୍ତା, ଅଶୋକ ଦାଶ, ସନାତନ ମଲ୍ଲିକ, ଦେବାଶିଷ ଦାଶ, ଉମାକାନ୍ତ ସାହୁ, ସଦାଶିବ ସ୍ୱାଇଁ, ସଞ୍ଜୟ ସାମନ୍ତରାୟ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ପଳାଶୁଣୀ ଓ ରସୁଲଗଡ଼ ଅଞ୍ଚଳର ସଞ୍ଜୟ ଦାଶ, ମନୋରଞ୍ଜନ ସାହୁ, ବିଶ୍ୱଜିତ୍ ପ୍ରଧାନ, ଆଶୀର୍ବାଦ ମହାନ୍ତି, ଗୌରୀ ପ୍ରସାଦ ଦାଶ ଓ ବିଶିଷ୍ଟ ଶିକ୍ଷାବିତ ତଥା ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଶଶାଙ୍କ ଶେଖର ସାହୁ ଭାଜପାରେ ସାମିଲ ହୋଇଛନ୍ତି।

ସେହିପରି ଖୋର୍ଦ୍ଧା ଜିଲା ଜୟଦେବ ନିର୍ବାଚନମଣ୍ଡଳୀରୁ ପୂର୍ବତନ ଜିଲା ପରିଷଦ ସଭ୍ୟ ବାବୁନି ସାହୁ, ବାଲିପାଟଣାର ଯୁବନେତା ସୁବାସ ଚନ୍ଦ୍ର ଜେନା, ଜୀବନ ପରିଡା, ଅକ୍ଷୟ ବେହେରା, ବିଷ୍ଣୁପ୍ରସାଦ ବେହେରା ମଧ ପଦ୍ମ ଦଳରେ ସାମିଲ ହୋଇଛନ୍ତି। ଢେଙ୍କାନାଳ ଜିଲା କାମାକ୍ଷାନଗରରୁ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରବାଳକାନ୍ତି ସାହୁ, ଭୁବନ ବ୍ଲକ ବିଜେଡି ନେତା ସଞ୍ଜୟ କୁମାର ଦାସ, ପୂର୍ବତନ କାଉନ୍‌ସିଲର ସନ୍ତୋଷ ପୃଷ୍ଟି, ପୁରୁଷୋତ୍ତମ ପୃଷ୍ଟି, ଅରବିନ୍ଦ ସାହୁ, ଅନାମ ମହାଳିକ, ଚୈତନ୍ୟ ବେହେରା, ଅଶୋକ ଦତ୍ତ, ବିଜୟ କୁମାର ଦାସ, ସମୀର କୁମାର ସାହୁ ପ୍ରମୁଖ ଭାଜପାରେ ମିଶିଛନ୍ତି। ପରଜଙ୍ଗ ନିର୍ବାଚନମଣ୍ଡଳୀରୁ ପୂର୍ବରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ହୋଇଥିବା ଲକ୍ଷ୍ମୀଧର ସାହୁ, ସନ୍ତୋଷ ବିଶ୍ୱାଳ, ପାପୁନ ବିଶ୍ୱାଳ, ପ୍ରହଲ୍ଲାଦ ବିଶ୍ୱାଳ, ସୁଧାକର ସାହୁ, ଦୁଷ୍ମନ୍ତ ନାୟକ, ନବକୃଷ୍ଣ ବେହେରା, ଅମର ବେହେରା, ପ୍ରିୟବ୍ରତ ବିଶ୍ୱାଳ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ହିନ୍ଦୋଳରୁ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ବିନୋଦିନୀ ସାମଲ, କିଶୋର ଚନ୍ଦ୍ର ପାଲ, ମନୋରଞ୍ଜନ ସାମଲ, ସୁବ୍ରତ କୁମାର ପାଲ, କୃଷ୍ଣଚନ୍ଦ୍ର ନାୟକ, ବିନୋଦ ନାୟକ, ପ୍ରଫୁଲ୍ଲ ନାୟକ, ରତ୍ନପ୍ରଭା ସର, ରଣଜିତ ବେହେରା, ପ୍ରାଣବନ୍ଧୁ ଖୁଣ୍ଟିଆ, କିଶୋର ଚନ୍ଦ୍ର ପାଲ, ସୁବ୍ରତ କୁମାର ପାଲ, ବରୁଣ କୁମାର ସର, ପଦ୍ମଚରଣ ନାୟକ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି କିନ୍ନର ନେତ୍ରୀ ମେନକା ପରିଡାଙ୍କ ନେତୃତ୍ୱରେ ଶୁଭା ରଥ, ଶ୍ରୀୟା କିନ୍ନର, ସୋନାଲି କିନ୍ନର, କୁମାରୀ କିନ୍ନର, ପାୟଲ କିନ୍ନର, ବିଷ୍ଣୁପ୍ରିୟା କିନ୍ନର, ପୂଜା କିନ୍ନର ପ୍ରମୁଖ ଭାଜପାରେ ଯୋଗଦେଇଛନ୍ତି।




ଭାଜପାରେ ମିଶିବା ଅବସରରେ ରିଷଭ ନନ୍ଦ ଓ ଦଳୀୟ ନେତୃବୃନ୍ଦ ।

## ସୁଣ୍ଢିରାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ଖଇରା,୨୩।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଢିରା ଗଣ୍ଡିବେଡ଼ ପଞ୍ଚାୟତ ଅଧୀନ ତ୍ରିଲୋଚନପୁର ଗ୍ରାମରେ ବୁଧବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୱାର୍ଡ଼ସଭ୍ୟା ସୁଭଦ୍ରା ଘଡ଼େଇଙ୍କ ନେତୃତ୍ୱରେ ମହିଳା ଗୋଷ୍ଠୀର ସଦସ୍ୟା ଜୟନ୍ତୀ ବେହେରା, ଶାନ୍ତିଲତା ବେହେରା, ସୁନନ୍ଦା ସାମଲ, ସରସ୍ୱତୀ ବେହେରା, ମମତା ବେହେରା, ସତ୍ୟଭାମା ବେହେରା, ଅର୍ଣ୍ଣପୂର୍ଣ୍ଣା ରାଉଳ ପ୍ରମୁଖ ପ୍ରତ୍ୟେକ ଘରକୁ ଯାଇ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ବୁଝାଇଥିଲେ। ଜୟଦେବ ଘଡ଼େଇ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କ ଉପକ୍ରମ)
**ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯**

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଓ ଜାମିନଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତି ଗୁଡ଼ିକୁ ଦଖଲକୁ ନେଇଛନ୍ତି ।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।
***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଋଣଗ୍ରହୀତା/ ଜାମିନଦାରଙ୍କ ନାମ ଓ ଠିକଣା/ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ନୀଳାଚଳ ପେଟ୍ରୋପ୍ରଡକ୍ଟସ୍ (ପ୍ରା.) ଲିଃ**, ୫୬୪, ଲୁଇସ୍ ରୋଡ, ସାମନ୍ତରାପୁର, ଭୁବନେଶ୍ୱର-୭୫୧୦୦୨, **(୧) ଶ୍ରୀ ନରସିଂହ ପୂଜାପଣ୍ଡା**, ପିତା-ଶ୍ରୀ ଗୋପିନାଥ ପୂଜାପଣ୍ଡା, ବାସେଳିସାହି, ପୁରୀ-୭୫୨୦୦୧, **(୨) ଶ୍ରୀମତୀ ଝରଣା ପୂଜାପଣ୍ଡା**, ସ୍ୱା-ହରିହର ପୂଜାପଣ୍ଡା, ବାସେଳିସାହି, ପୁରୀ-୭୫୨୦୦୧, **(୩) ଶ୍ରୀମତୀ ଶୁଭଲକ୍ଷ୍ମୀ ପୂଜାପଣ୍ଡା**, ପିତା- ଗୋପିନାଥ ପୂଜାପଣ୍ଡା, ବାସେଳିସାହି, ପୁରୀ-୭୫୨୦୦୧, **(୪) ଶ୍ରୀ ଜଗନ୍ନାଥ ପୂଜାପଣ୍ଡା**, ପିତା-ଶ୍ରୀ ଗୋପିନାଥ ପୂଜାପଣ୍ଡା, ପ୍ରଭୁକୃପା ଦିଗମ୍ବର ନଗର, ଗିନାରାବନ୍ତ, ଖଦୀପଡା, ସଙ୍କରପୁର, ପୁରୀ-୭୫୨୦୦୨, **(୫) ଶ୍ରୀ ହରିହର ପୂଜାପଣ୍ଡା**, ପିତା-ଶ୍ରୀ ଶ୍ୟାମ ସୁନ୍ଦର ପୂଜାପଣ୍ଡା, ବାସେଳିସାହି, ପୁରୀ-୭୫୨୦୦୧, **(୬) ଶ୍ରୀ ଗୋପିନାଥ ପୂଜାପଣ୍ଡା**, ପିତା-ଶ୍ରୀ ବନମାଳୀ ପୂଜାପଣ୍ଡା, ବାସେଳିସାହି, ପୁରୀ-୭୫୨୦୦୧, **(୭) ଶ୍ରୀ ଅମରକାନ୍ତ ପଣ୍ଡା**, ୫୬୪, ଲୁଇସ୍ ରୋଡ, ସାମନ୍ତରାପୁର, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୦୨, **(୮) ଶ୍ରୀ ଶୁଭକାନ୍ତ ପଟ୍ଟନାୟକ**, ପ୍ଲଟ ନଂ.-ପିପି-୧୬, ପାଣ୍ଡବ ନଗର, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮, **(୯) ଶ୍ରୀ ଉଗ୍ରସେନ ଦାଶ**, ୯୪/୧୦୧୭, ସାମନ୍ତରାପୁର, ବିସାଲ୍ ସିଟି, ପୋ-ଶିଶୁପାଳଗଡ, ଭୁବନେଶ୍ୱର-୭୫୧୦୦୨ । **ସମ୍ପତ୍ତି ନଂ.-୧ର ମାଲିକ: ନରସିଂହ ପୂଜାପଣ୍ଡା, ସମ୍ପତ୍ତି ନଂ.-୨ର ମାଲିକ: ଗୋପିନାଥ ପୂଜାପଣ୍ଡା, ସମ୍ପତ୍ତି ନଂ.-୩ର ମାଲିକ: ହରିହର ପୂଜାପଣ୍ଡା** । | **(୧) ନରସିଂହ ପୂଜାପଣ୍ଡା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୧୯୨୪, ଖାତା ନଂ.୩୯୭, ଏରିଆ-ଏକର୦.୦୫୦ ଡିସିମିଲି, ମୌଜା-ପୁରୀ ସଦର, ଜିଲ୍ଲା-ପୁରୀ, ଚଉହଦି: ଉତର-କେ ପଣ୍ଡା, ଦକ୍ଷିଣ- ହରି ସାହୁ, ପଶ୍ଚିମ-ବି ବିଶ୍ୱାଳ, ପୂର୍ବ-ରାସ୍ତା, **(୨) ଗୋପିନାଥ ପୂଜାପଣ୍ଡା**ଙ୍କ ନାମରେ ଥିବା ଜମି ଯାହାର ପ୍ଲଟ ନଂ.-୧୦୪୦/୧୪୭୬, ଖାତା ନଂ.-୭୮୬/୧୦୭, ଏରିଆ-ଏକର୦.୦୦୯୫ ଡିସିମିଲି, ମୌଜା-ପୁରୀ ସହର, ୟୁନିଟ୍ ନଂ.-୮, ବାସୁଳି ସାହି, ଜିଲ୍ଲା-ପୁରୀ। **(୩) ହରିହର ପୂଜାପଣ୍ଡା**ଙ୍କ ନାମରେ ଥିବା ଜମି ଯାହାର ପ୍ଲଟ ନଂ.-୧୦୪୦/୧୪୭୬, ଖାତା ନଂ.-୭୮୬/୧୦୭, ଏରିଆ-ଏକର୦.୦୦୯୫ ଡିସିମିଲି, ମୌଜା-ପୁରୀ ସହର, ୟୁନିଟ୍ ନଂ.-୮, ବାସୁଳି ସାହି, ଜିଲ୍ଲା-ପୁରୀ। (ସମ୍ପତ୍ତି କ୍ର.ନଂ.୨ ଏବଂ ୩ ର କମନ୍ ଚଉହଦି: ଉତର-ରାମଚନ୍ଦ୍ର କର, ଦକ୍ଷିଣ-ରଘୁନାଥ ପୂଜାପଣ୍ଡା, ପଶ୍ଚିମ- ଜଗନ୍ନାଥ ପୂଜାପଣ୍ଡା, ପୂର୍ବ-ରାସ୍ତା । | ୨୯.୧୨.୨୦୧୮ ଏବଂ ୧୯.୦୧.୨୦୧୯ (ଖବରକାଗଜ ପ୍ରକାଶନ ମାଧ୍ୟମରେ) | ୨୧.୦୩.୨୦୧୯ | ତା.୨୮.୧୨.୨୦୧୮ ସୁଦ୍ଧା ଟ.୩,୦୩,୫୩,୩୭୮/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସ୍ଥାନ-ଭୁବନେଶ୍ୱର, ତାରିଖ-୨୧.୦୩.୨୦୧୯** **କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**

**NATIONAL INSTITUTE OF OPEN SCHOOLING (NIOS)**
(An Autonomous Organisation under the MHRD, Govt. of India)
ISO 9001-2008 Certified
NIOS, Regional Centre, ELTI Campus, Maitrivihar, C.S. Pur, Bhubaneswar-23
Ph: 0674-2302688, E.mail: rcbbsr@nios.ac.in

**The NIOS invites application for Opening of Study Centres for Vocational Courses in all the Districts of Odisha**

**SALIENT FEATURES OF VOCATIONAL COURSES**

Wide range of courses on
- Agriculture
- Engineering and Technology
- Health and Paramedical
- Home Science and Hospitality Management
- Computer and Information Technology
- Business and Commerce
- Teachers Training

- ବର୍ଷସାରା ନାମଲେଖାର ସୁବିଧା
- ଦଶମ ଓ +୨ ପାସ୍ କରିବା ପାଇଁ ସାଧାରଣ ବିଷୟ ଓ ଧନ୍ଦାମୂଳକ ବିଷୟ ଚୟନ କରିବାର ସୁବିଧା
- ଶହେରୁ ଅଧିକ ଧନ୍ଦାମୂଳକ ପାଠ୍ୟକ୍ରମ
- ନାମଲେଖା ପାଇଁ ନ୍ୟୁନତମ ବୟସ – ୧୪, ଅଧିକତମ ବୟସ ସୀମା ନାହିଁ
- ଅଧ୍ୟୟନ କେନ୍ଦ୍ର (Study Centre)ରେ ପ୍ରଶିକ୍ଷଣର ସୁବିଧା

Accreditation ସମ୍ବନ୍ଧିତ ସମସ୍ତ ନିୟମାବଳୀ, ଆବେଦନ ପତ୍ର ଓ ଅନ୍ୟାନ୍ୟ ବିବରଣୀ NIOS ର website www.nios.ac.in ରେ ଉପଲବ୍ଧ ଅଛି ।
ଆସନ୍ତୁ ଏକ କୁଶଳ ଭାରତ ନିର୍ମାଣରେ ଯୋଗଦାନ କରିବା
**NIOS is the Largest Open Schooling System in the World**



ବଡ଼ ମାଛ ଧରିବାକୁ ହେଲେ ବନ୍‌ଶି ପକାଇ ଘଣ୍ଟା ଘଣ୍ଟା ଧରି ଚୁପ୍‌ଚାପ ଅପେକ୍ଷା କରିବାକୁ ପଡ଼େ। ସେହିଭଳି ଭକ୍ତଙ୍କୁ ଧୈର୍ଯ୍ୟ ସହକାରେ ପ୍ରାର୍ଥନା କରିବାକୁ ହୁଏ। ପ୍ରାର୍ଥନା କରୁ କରୁ ଦିନେ ନା ଦିନେ ଭଗବାନଙ୍କ ଦର୍ଶନ ହେବ। - ଶ୍ରୀ ରାମକୃଷ୍ଣ ପରମହଂସ

## ସେଲ୍‌ଫି କର୍ଣ୍ଣର



@ ସତ୍ୟବ୍ରତ



@ ବିଶ୍ୱଜିତ୍



@ ସୁଦିପ୍ତ



@ ସୁଧୀର



@ ରାକେଶ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ସାମୁଦ୍ରିକ ଥାନାରେ ଲଙ୍କାକାଣ୍ଡ

**ଉତ୍ତ୍ୟକ୍ତ ଲୋକଙ୍କ ଭଙ୍ଗାରୁଜା, ପୋଲିସକୁ ମାଡ଼**

- ୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ
- ୪୮ ଗିରଫ, ୬ ବାଇକ୍ ଜବତ
- ଘଟଣା ଅନୁଧ୍ୟାନ କଲେ ଏସ୍‌ପି

ବାସୁଦେବପୁର, ୨୩।୩ (ଡି.ଏନ.ଏ.)

ଦୁଇ ଗାଁ ମଧ୍ୟରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶନିବାର ପୂର୍ବାହ୍ନରେ ଉତ୍ତ୍ୟକ୍ତ ଲୋକେ ଭଦ୍ରକ ଜିଲା କଷିଆ ସାମୁଦ୍ରିକ ଥାନା ଉପରେ ଆକ୍ରମଣ କରି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ସେମାନେ ପୋଲିସକୁ ମାଡ଼ ମାରିବା ସହ ଥାନା ଗାଡ଼ିକୁ ବାଡ଼େଇ ଭାଙ୍ଗିଦେଇଥିଲେ। ଏଥିସହ ଭିଏଚ୍‌ଏଫ୍ ମେଶିନ, କମ୍ପ୍ୟୁଟର ସମେତ ଚେୟାର ଟେବୁଲ ଆଦି ସାମଗ୍ରୀ ଭାଙ୍ଗି ପକାଇଥିଲେ। ଉତ୍ତ୍ୟକ୍ତ ଲୋକେ ପ୍ରାୟ ଅଧଘଣ୍ଟା ଧରି ଥାନାରେ ଏଭଳି ଲଙ୍କାକାଣ୍ଡ ଘଟାଇ କ୍ରୋଧ ପ୍ରକଟ କରିଥିଲେ। ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ପରେ ଥାନା ପରିସରରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଏସ୍‌ପି ରାଜେଶ ପଣ୍ଡିତ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଥାନା ଭଙ୍ଗାରୁଜା ଘଟଣାରେ ସାମୁଦ୍ରିକ ଥାନା ପୋଲିସ ବାସୁଦେବପୁର ବିନୋବାନଗର ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଚଢ଼ାଉ କରି ୪୮ ଜଣଙ୍କୁ ଗିରଫ କରିଛି। ଏଥିସହ ୬ ବାଇକ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଭଦ୍ରକ ନିଆଯାଇ କୋର୍ଟ ଚାଲାଣ କରାଯାଇଛି। ପ୍ରେମବିବାହ କରିଥିବା ଜଣେ ଯୁବତୀ ଶାଶୁଘରକୁ ବିଳମ୍ବରେ ଫେରିବା ଘଟଣା



ଥାନା ଚେୟାର ଭଙ୍ଗାରୁଜା।

ନେଇ ଦୁଇ ପରିବାର ମଧ୍ୟରେ ଘଟିଥିବା ମାର୍‌ପିଟ୍ ଘଟଣାଜନିତ ବିବାଦ ଦୁଇ ଗାଁକୁ ବ୍ୟାପୀ ପରିସ୍ଥିତି ଏଭଳି ବିସ୍ଫୋରକ ରୂପ ନେଇଛି।

ଉଲ୍ଲେଖନୀୟ ଯେ, ଗତ କିଛିଦିନ ତଳେ ବିନୋବାନଗର ଅଞ୍ଚଳର ବିକାଶ ମଣ୍ଡଳ ନାମକ ଜଣେ ବଙ୍ଗାଳି ଯୁବକଙ୍କୁ ପାରାପୋଖରୀ ଗ୍ରାମର ଗୋପାଳ ସମ୍ପ୍ରଦାୟର ପ୍ରତିମା ବେହେରା ନାମ୍ନୀ ଜଣେ ଯୁବତୀ ପ୍ରେମବିବାହ କରିଥିଲେ। କିଛିଦିନ ତଳେ ସେ ତାଙ୍କ ବାପଘରକୁ ଯାଇଥିଲେ। ପରେ ପ୍ରତିମାଙ୍କୁ ଶାଶୁଘରେ ଆଣି ଛାଡ଼ିଦେବା ଲାଗି ସ୍ୱାମୀ ବିକାଶ ଶ୍ୱଶୁର ଘର ଲୋକଙ୍କୁ ଶୁକ୍ରବାର କହିଥିଲେ। ତଦନୁଯାୟୀ ମହିଳାଙ୍କ ଭାଇ ପ୍ରଦୀପ ଭଉଣୀଙ୍କୁ ଧରି ବିକାଶଙ୍କ ଘରେ ପହଞ୍ଚିଥିଲେ। ତାଙ୍କୁ ଆଣିବାରେ ବିଳମ୍ବ ହେଲା ବୋଲି କହି ବିକାଶ ସ୍ତ୍ରୀଙ୍କ ଉପସ୍ଥିତିରେ ପ୍ରଦୀପଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ଦୁଇ ପରିବାର ମଧ୍ୟରେ ବିବାଦ ଦେଖାଦେଇଥିଲା। ଏହି ବିବାଦ ଅଧିକ ବଢ଼ିବାରୁ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ସହ ମାର୍‌ପିଟ୍ ହୋଇଥିଲା। ଏଥିରେ ୪ରୁ ୫ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ବିକାଶ ଓ ପ୍ରତିମା ଶୁକ୍ରବାର କଷିଆ ସାମୁଦ୍ରିକ ଥାନାକୁ ଯାଇ ପରସ୍ପର ବିରୋଧରେ ଏତଲା ଦେଇଥିଲେ। ଦୁଇପକ୍ଷର ଏତଲାକ୍ରମେ ଶନିବାର ଘଟଣା ବୁଝାଶୁଝା ହେବାର ଥିଲା। ବିନୋବାନଗର ଗ୍ରାମର ଗୀତା ବୈଦ୍ୟ ନାମ୍ନୀ ଜଣେ ମହିଳା ଶନିବାର ସକାଳେ ତାଙ୍କର ୨୦ ଦିନର ଶିଶୁଙ୍କୁ ଧରି ଜଣେ ସମ୍ପର୍କୀୟଙ୍କ ସହିତ ବାସୁଦେବପୁର ଡାକ୍ତରଖାନାକୁ ଯାଉଥିଲେ। ପାରାପୋଖରୀ ଛକଠାରେ କେତେକ ବ୍ୟକ୍ତି ଓ ପ୍ରଦୀପଙ୍କ ସମ୍ପର୍କୀୟ ତାଙ୍କୁ ଅଟକାଇ ମାଡ଼ ମାରିବା ସହ ଶିଶୁକୁ ଫିଙ୍ଗି ଦେଇଥିଲେ। ସମ୍ପୃକ୍ତ ମହିଳା ଓ ଶିଶୁ ଅଧାବାଟରୁ ବିନୋବାନଗର ଗ୍ରାମକୁ ଫେରିଆସିବା ପରେ ଏହି ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ସମ୍ପୃକ୍ତ ମହିଳା ଏ ସମ୍ପର୍କରେ ଥାନାରେ ଏତଲା ଦେଇଥିଲେ। ଆକ୍ରମଣକାରୀଙ୍କ ବିରୋଧରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ବିନୋବାନଗର ଗ୍ରାମ ସମେତ ଆଖପାଖର ଶତାଧିକ ଉତ୍ତ୍ୟକ୍ତ ଲୋକେ ଥାନାକୁ ଯାଇ ଭଙ୍ଗାରୁଜା କରିଥିଲେ। ଏଥିରେ ମଧ୍ୟ ବହୁ ମହିଳା ସାମିଲ ଥିଲେ। ଖବର ପାଇ ଭଦ୍ରକ ଏସ୍‌ପି ପଣ୍ଡିତଙ୍କ ସମେତ ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ା, ବିକାଶ ଚନ୍ଦ୍ର ଦାସ, ଏସ୍‌ଡିପିଓ ଜଳନ୍ଧର ଜାଲି, ବିଡିଓ ବୀରକିଶୋର ପାଣିଗ୍ରାହୀ, ତହସିଲଦାର ପ୍ରକାଶ ରାଉଳ, ଅତିରିକ୍ତ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ସେଠାରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଚୂଡ଼ାମଣି ସାମୁଦ୍ରିକ ଥାନାଧିକାରୀଙ୍କ ସମେତ ବାସୁଦେବପୁର ଥାନା ଆଇଆଇସି ଉମାଶଙ୍କର ନାୟକ, ନାୟକାଣିଡିହୀ ଥାନା ଆଇଆଇସି ରତିକାନ୍ତ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛେଳିର ବୋଲି ଲାଙ୍ଗୁଡ଼ ଛିଣ୍ଡିଗଲା ତିନି ଆଙ୍ଗୁଳ ।**

ଛେଳିର ଲାଞ୍ଜ ଖୁବ୍ ଛୋଟ। ଏଥିରୁ ତିନି ଆଙ୍ଗୁଳ ପୁଣି କଟିଯିବା କଥା କହିବା ଭଳି ବାହାଦୁରି ଦେଖାଇ କିଛି ବ୍ୟକ୍ତି ବଡ଼ ବଡ଼ କରି କଥା କହିଥାନ୍ତି। ପରୋକ୍ଷରେ ଦୀନହୀନ ଅନ୍ୟ ସମ୍ବଳ ବ୍ୟକ୍ତି ଆଗରେ ନିଜର ବୃଥା ବଡ଼ପଣ ଦେଖାଇବାକୁ ଯାଇ ଥଟ୍ଟା ପରିହାସର ପାତ୍ର ହେଉଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

**ଛିଲୋ ଛିଆ ଏତେ ହଟହଟା ନ ମଲୁ କିଆଁ ?**

ଯେତେବେଳେ ଜଣକ ପାଇଁ ଅନ୍ୟଜଣେ ହଇରାଣ ହରକତ ହୁଏ ସେତେବେଳେ ଭୁକ୍ତଭୋଗୀ ବ୍ୟକ୍ତି ମନରେ ଏକପ୍ରକାର ଅସନ୍ତୋଷ ଭାବ ଆସିଯାଏ। ଏହାର ମାତ୍ରା କ୍ରମଶଃ ଯେତେ ଅଧିକ ହୁଏ ମନରେ ବିତୃଷ୍ଣା ଭାବ ସେତେ ଅଧିକ ବୃଦ୍ଧିପାଏ। ଏପରିସ୍ଥଳେ ଉକ୍ତ ବ୍ୟକ୍ତି ପ୍ରତି ମନରେ ଥିବା ପୂର୍ବ ସ୍ନେହ ସରାଗ ଭାବ କମିଯିବା ସହ ତା'ର ମୁହଁ ନ ଦେଖିବା ଲାଗି ଇଚ୍ଛା ପ୍ରକାଶ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ତୃତୀୟ ପର୍ଯ୍ୟାୟ 'ଅପରେଶନ ଗଜେନ୍ଦ୍ର'

# ନୀଳଗିରି ଛାଡ଼ିଲେ ଝାଡ଼ଖଣ୍ଡୀ ହାତୀ



ଫେରନ୍ତା ରାସ୍ତାରେ ହାତୀ।

ସଜନାଗଡ଼, ୨୩।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଗତ ୧୮ ତାରିଖରୁ ୩୧ ଝାଡ଼ଖଣ୍ଡୀ ହାତୀ ତାଣ୍ଡବ ଚଳାଇଥିଲେ। ଏହାକୁ ନଜରରେ ରଖି ବନ ବିଭାଗ ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶରେ ତୃତୀୟଥର ପାଇଁ ଅପରେଶନ ଗଜେନ୍ଦ୍ର ଆରମ୍ଭ ହୋଇଥିଲା। ନୀଳଗିରି ରେଞ୍ଜର ସୁକୁମାର ଦାସ, କୁଲଡିହା ଏସିଏଫ୍ ଓ ୫୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ଏହି ଅପରେଶନରେ ଭାଗ ନେଇଥିଲେ। ଗୋପାଳପୁର ସଂରକ୍ଷିତ ଜଙ୍ଗଲ ଓ ଏହାର ଆଖପାଖ ଅଞ୍ଚଳରେ ହାତୀମାନେ ୫ଦିନ ଘୂରି ବୁଲିବା ପରେ ୨୨ ତାରିଖ ରାତିରେ ପୁଣି ଝାଡ଼ଖଣ୍ଡମୁହାଁ ହୋଇଛନ୍ତି। ଜଙ୍ଗଲ ବିଭାଗର ତୀକ୍ଷ୍ଣ ନଜରରେ ଥିବା ହାତୀଗୁଡ଼ିକ ଜଙ୍ଗଲ ମଧ୍ୟରେ ଖାଦ୍ୟ ନ ପାଇ ଏଠାରେ ଅଧିକ ଦିନ ରହି ନ ଥିବା ଜଣାଯାଇଛି।

# ସୀତାକୁଣ୍ଡରେ ବୁଡି ଯୁବକଙ୍କ ମୃତ୍ୟୁ

ବାରିପଦା ଅଫିସ, ୨୩।୩

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକସ୍ଥିତ ସୀତାକୁଣ୍ଡ ଜଳ ପ୍ରପାତରେ ଶୁକ୍ରବାର ସ୍ନାନ କରୁଥିବାବେଳେ ୨୨ବର୍ଷର ଯୁବକ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ବାଲେଶ୍ୱର ଜିଲା ସହରର ଅଞ୍ଚଳର ଅକ୍ଷୟ ଶର୍ମା। ବାରିପଦା ସଦର ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରିଛି। ହୋଲିରେ ବାଲେଶ୍ୱର ସହର ଚିଡ଼ିଆ ପୋଲ ନିକଟସ୍ଥ ରାମବାବୁ ଫ୍ୟାଶନ ସୋ' ବ୍ୟବସାୟ ପ୍ରତିଷ୍ଠାନରେ ସେଲସମ୍ୟାନ ଅକ୍ଷୟଙ୍କ ସମେତ ୪ଜଣ ଯୁବକ ୨ଟି ବାଇକରେ ସୀତାକୁଣ୍ଡ ପିକନିକ କରିବାକୁ ଆସିଥିଲେ। ଯୁବକମାନେ ସୀତାକୁଣ୍ଡରେ ଗାଧୋଉ ଥିବା ବେଳେ ଅକ୍ଷୟଙ୍କ ପାଦ ଖସି ଯାଇଥିଲା ଫଳରେ ସେ ଗଭୀର ଜଳକୁ ପଳାଇଯାଇଥିଲେ। ସେ ପହଁରା ଜାଣି ନ ଥିବାରୁ କୂଳକୁ ଆସି ନ ପାରି ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଅକ୍ଷୟଙ୍କୁ ପାଣିରୁ ଉଦ୍ଧାର କରି ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ମେଡ଼ିକାଲ କଲେଜକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

# ବାହାବଙ୍ଗା ପର୍ବରେ ଆଦିବାସୀ ନୃତ୍ୟ

ବିଶୋଇ, ୨୩।୩(ଡି.ଏନ୍.ଏ.)

ବିଶୋଇ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ବିଶୋଇ ଦିଶମ ଜାହେରଠାରେ ବିଶୋଇ ଦିଶମ ବାହା ପରବ କମିଟି ଆନୁକୂଲ୍ୟରେ ୨୨ତମ ବିଶୋଇ ପିଳ ଦିଶମ ଜାହେର ବାହାବଙ୍ଗା ପର୍ବ ପାଳିତ ହୋଇଯାଇଛି। ପାରମ୍ପାରିକ ପ୍ରଥା ଅନୁଯାୟୀ ଗ୍ରାମରେ ଫୁଲଭାଙ୍ଗୁଣୀ ପୂଜା ସାରିବା ପରେ ଦୋଳ ପୂର୍ଣ୍ଣିମା ପୂର୍ବ ଦିଶମ ଜାହେର କମିଟିର ଆବାହକତ୍ୱରେ ପାଳନ କରାଯାଇଥାଏ। ଆଦିବାସୀ ଏବଂ ବିଭିନ୍ନ ସମ୍ପ୍ରଦାୟର ଜନସାଧାରଣ ପାରମ୍ପାରିକ ବେଶଭୂଷାରେ ସଜ୍ଜିତ ହୋଇ ଏହି ପର୍ବରେ ସାମିଲ ହୋଇଥିଲେ। ଜାହିରାଠାରେ ଶାଳଗଛ ମୂଳରେ ସ୍ଥାପିତ ଜାହେର ଆୟ, ମାରାଙ୍ଗ ବୁରୁ, ଲିଟା ଗୋଷାୟଂ, ମଣେକ ତୁରୁୟକ ଦେବାଦେବୀଙ୍କୁ ରୀତିନୀତି ଅନୁସାରେ ନାୟକେ ବାବା ଯଦୁନାଥ ମୁର୍ମୁ ପୂଜାର୍ଚ୍ଚନା କରିଥିଲେ।



ଆଦିବାସୀ ସମ୍ପ୍ରଦାୟ ସଦସ୍ୟମାନେ ନାଚ ଗୀତରେ ମସ୍‌ଗୁଲ୍।

ଅପରାହ୍ନରେ ମହିଳାମାନେ ନାୟକେ ବାବାଙ୍କଠାରୁ ଗ୍ରହଣ କରିଥିବା ଶାଳଫୁଲ ଗଭାରେ ଏବଂ ପୁରୁଷମାନେ ଦୁଇ କାନରେ ଖୋସିବା ସହ ପାରମ୍ପରିକ ରୀତିରେ ମାଦଳ ଓ ଧୁମସା ତାଳେତାଳେ ନାଚିଥିଲେ। ସନ୍ଧ୍ୟାରେ ଦିଶମ ଜାହେର ନାୟକେ ବାବାଙ୍କୁ ବିଶୋଇସ୍ଥିତ ୪୯ ନଂ ଜାତୀୟ ରାଜପଥ ଦେଇ ଘରବାହୁଡ଼ା କରାଯାଇଥିଲା। ଉତ୍ସବରେ ଗ୍ରାମର ମାଝୀ ବାବା, ନାୟକେ, ମଣେକ, ମାଝି ବାବା ବସନ୍ତ ବାସ୍କେ, ସୁପାଇ ସୋରେନ, କମିଟି ସମ୍ପାଦକ ସୁରାଇ ହାଁସଦା, ଗଡେତ ଭୀମସେନ ଟୁଡୁ, ରାମ ମୁର୍ମୁ, କ୍ଷେତ୍ର ମୋହନ ସରେନ, ମାନସିଂ ଟୁଡୁ, ଜାସାଇ ମାର୍ଣ୍ଡି, ଖେଳାରାମ ଟୁଡୁ, ସୁନାରାମ ହେମ୍ବ୍ରମ, ଗୋପୀନାଥ ମୁର୍ମୁ, କଲ୍ୟାଣ ମାର୍ଣ୍ଡି, ବାଜିନାଥ ଟୁଡୁ ସହଯୋଗ କରିଥିବା ବେଳେ ମୟୂରଭଞ୍ଜ ଏମ୍‌ପି ରାମଚନ୍ଦ୍ର ହାଁସଦା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତୁଳସୀ ରାମ ଟୁଡୁଙ୍କ ସମେତ ହଜାର ହଜାର ଆଦିବାସୀ ସମ୍ପ୍ରଦାୟର ଜନସାଧାରଣ ସାମିଲ ଥିଲେ।

# ଗାଡ଼ି ଚଢ଼ିଯିବାରୁ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତ୍ୟୁ

ସଜନାଗଡ଼, ୨୩।୩ (ଡି.ଏନ.ଏ.):

ଏମ ବଙ୍ଗୀୟ ଦମ୍ପତି ନିଜ ମାରୁତି ଭ୍ୟାନ୍ (ନଂ.ଡବ୍ଲ୍ୟୁବି-୦୨ଏଡି-୯୪୭୯) ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଆସିଥିଲେ। ସେମାନେ ପୁରୀରୁ ଫେରି ଶନିବାର କୁଲଡିହା ଅଭୟାରଣ୍ୟକୁ ବୁଲି ଆସିଥିଲେ। କୁଲଡିହା ଅଭୟାରଣ୍ୟରେ ଥିବା ନେଚର ପାର୍କରେ ବୁଲାବୁଲି କରି ଯାଉଥିବା ବେଳେ ବାଲିଆନାଳ ଗେଟ୍ ନିକଟରେ ସ୍ୱାମୀ ଜୟ ବାନାର୍ଜୀ ମୋବାଇଲ୍‌ର ନେଟ୍‌ୱାର୍କ ଆସୁ ନ ଥିବାରୁ ଗାଡ଼ିକୁ ଷ୍ଟାର୍ଟରେ ଛିଡ଼ା କରି ବାହାରକୁ ଆସି ଫୋନ୍ କରୁଥିଲେ। ହଠାତ୍ ଗାଡ଼ି ଗଡ଼ିଆସିବା ଦେଖି ଫୋନ୍ କରୁଥିବା ଜୟ ତାହାକୁ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଚକ ତଳେ ସେ ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ନୀଳଗିରି ପୋଲିସ୍ ପହଞ୍ଚି ତଦନ୍ତ ଜାରି ରଖିଛି।

# ନକଲି ବିଦେଶୀ ମଦ ଜବତ: ଯୁବକ ଗିରଫ

ଭଦ୍ରକ ଅଫିସ, ୨୩।୩: ଭଦ୍ରକ ସଦର ଅବକାରୀ ଟିମ୍ ରାଣୀତାଲ ଚୁଡଙ୍ଗପୁର ନିକଟରୁ ଶନିବାର ସକାଳେ ଜଣେ ଯୁବକଙ୍କ ପାଖରୁ ବ୍ୟାପକ ନକଲି ବିଦେଶୀ ମଦ ଭର୍ତ୍ତି ଏକ ବ୍ୟାଗ୍ ଜବତ କରିଛି। ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରିଛି। ସୂଚନା ମୁତାବକ ଚୁଡଙ୍ଗପୁର ଗାଁର ଜିତେନ୍ଦ୍ର ପଣ୍ଡା ତେଜରାତି ଦୋକାନରେ ମଦ ବିକ୍ରି କରିଆସୁଥିଲେ। ସେ ରାଣୀତାଲ ନିକଟରେ ନକଲି ନମ୍ବର ୱାନ୍ ସେଲିବ୍ରେଶନ ବ୍ରାଣ୍ଡର ୫୧ଟି ବୋତଲ ଏକ ବ୍ୟାଗ୍‌ରେ ଭର୍ତ୍ତି କରି ନିଜ ଗାଁକୁ ଯାଉଥିବା ଭଦ୍ରକ ସଦର ଇନ୍ସପେକ୍ଟର ଧନେଶ୍ୱର ବରାଡ ଖବର ପାଇଥିଲେ। ତାଙ୍କ ଟିମ୍ ଜିତେନ୍ଦ୍ରଙ୍କୁ କାବୁ କରିବା ପରେ ସେ ବ୍ୟାଗ୍‌ରେ କଲେଜର ବହି ଧରି ଯାଉଥିବା କହିଥିଲେ। ଯାଞ୍ଚ ପରେ ସେଥିରେ ବିଦେଶୀ ମଦ ଥିବା ଜଣାପଡ଼ିଥିଲା। ଶନିବାର ଜିତେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## PRESS RELEASE

No.112-T :- The Lokayukta of Odisha will ensure that the gentle and simple people of the wonderful State does not become victim of corruption and I as Chairperson appeal to all public servants of the State to co-operate in this regard.

Dt.20.03.2019

By order of the Hon'ble Chairperson Lokayukta, Odisha

09010/11/0001/1819

Sd./- Secretary to Lokayukta

## OHPC PENSION FUND TRUST

OHPC Corporate Office, Janpath, Bhoinagar, Bhubaneswar-751 022
Phone: 0674-2541052 / 2542826- Fax: 0674-2542102,
E-mail:ohpcpensionfund@gmail.com
ISO 9001, 14001 & OHSAS 18001

**CORRIGENDUM NOTICE FOR PENSIONERS**

No. OHPC Trust/Pen-I/1/2015 (Vol.II)/564 Dated 23.03.2019

Inviting attention to the earlier Notice No. OHPC Trust/Pen-I/1/2015 (Vol.II)/ 534 dated 19.03.2019 published in The Samaja, The Dharitri & The Times of India on Dtd. 21.03.2019, this is for information of all that the **date** mentioned in the last but one line of the 3rd paragraph may be read as Dtd **26.02.2019** instead of Dtd. 26.09.2019 . All other contents of the earlier notice shall remain unchanged.

Sr.G.M (FINANCE) & SECRETARY
OHPC PENSION TRUST

## OFFICE OF THE PRINCIPAL CHIEF CONSERVATOR OF FORESTS, KENDU LEAVES, ODISHA, Plot No- GD 2/12, 5th FLOOR, ARANYA BHAWAN, CHANDRASEKHARPUR, BHUBANESWAR, PIN-751023 Contact Phone No.0674-2300916, E-mail Id:-pccfkldak@gmail.com

Notice No.1019 / 3KL (WFA) 22 /2019
Dated, Bhubaneswar the 23rd **March, 2019**

**SHORT TENDER CALL NOTICE FOR HIRING OF PRIVATE VEHICLE**

Sealed Tenders are invited from interested Vehicle Owners/Travel Agencies for providing Toyota (Innova) equivalent SUV for official use on Hiring in the Office of the Principal Chief Conservator of Forests, Kendu Leaves, Odisha on terms & conditions mentioned in the Standard Bidding Document. Detailed terms & conditions can be downloaded from the Kendu Leaf Organization Website :- www.odishakenduleaves.com / Notice Board. The last date of submission of the Tender is 30.03.2019 up to 1.30 PM. and to be opened on 30.03.2019 at 4.00 PM.

Sd./- Addl. Principal Chief Conservator of Forests, Kendu Leaves, Odisha

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ିବାକୁ ମନା କଲେ ମୁକ୍ତିକାନ୍ତ


ମୁକ୍ତିକାନ୍ତ ବିଶ୍ୱାଳ

**ରାଉରକେଲା ଅଫିସ,୨୩।୩**

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ନିରାଶ ଟିକେଟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଖୋଲାଖୋଲି ବିଦ୍ରୋହର ରୂପ ନେଉଛି। ଶନିବାର ରାଉରକେଲା ଜିଲା କଂଗ୍ରେସରେ ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଟିକେଟରୁ ବଞ୍ଚିତ ନେତା ଉଦିତନଗର ରାଧାକୃଷ୍ଣ ମନ୍ଦିରରେ ଏକାଠି ହୋଇ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ନାପସନ୍ଦ କରିଥିବା ଜଣାଯାଇଛି। ରାତି ସୁଦ୍ଧା ନିଷ୍ପତ୍ତି ନ ବଦଳାଇଲେ ଦଳରେ ବିଦ୍ରୋହ ଆଶଙ୍କା ସୃଷ୍ଟି ହୋଇଛି। ରାଉରକେଲା ବିଧାନସଭା କ୍ଷେତ୍ର ପାଇଁ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି ଓ ବର୍ତ୍ତମାନ ଜିଲା କଂଗ୍ରେସ ସଭାପତି ରବି ରାୟଙ୍କ ସମେତ ଅନ୍ୟ କେତେଜଣ ଆବେଦନକାରୀ ଟିକେଟରୁ ବଞ୍ଚିତ ହୋଇଥିଲେ। ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳଙ୍କୁ କଂଗ୍ରେସ ଟିକେଟ ପ୍ରଦାନ କରିବା ଘଟଣାକୁ ଏମାନେ ନାପସନ୍ଦ କରିଥିଲେ। ଅପରପକ୍ଷେ ମୁକ୍ତିକାନ୍ତ କଂଗ୍ରେସ ଟିକେଟ ନେବାକୁ ମନା କରିଦେଇଥିବା ତାଙ୍କ ନିକଟତମ ବନ୍ଧୁ ତଥା ଯୁବ ଜାଗୃତି ମଞ୍ଚ ଆବାହକ ଗୋପାଳ ଜେନା ପ୍ରକାଶ କରିଛନ୍ତି। ଏଭଳି ଖବର ପ୍ରଚାରିତ ହେବା ପରେ କଂଗ୍ରେସ ମହଲରେ ସୃଷ୍ଟି ହୋଇଥିବା ଝଡ଼ ଥମିବ ବୋଲି ଆଶା କରାଯାଉଛି। ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ, ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲ ଦାବି ନେଇ ଗତବର୍ଷ ମୁକ୍ତିକାନ୍ତ ଚାଲି ଚାଲି ନୂଆଦିଲ୍ଲୀ ଯାତ୍ରା କରିଥିଲେ। ସେଠାରୁ ତାଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଥିଲା। ପରେ ସେ ଆଇଏଜିଚ୍ ସମ୍ମୁଖରେ ଧାରଣାରେ ବସିଥିବାବେଳେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଫଳରସ ପିଆଇ ମୁକ୍ତିକାନ୍ତଙ୍କ ଅନଶନ ଭଙ୍ଗ କରିଥିଲେ। ଏହା ପୂର୍ବରୁ ମୁକ୍ତିକାନ୍ତ ପଦଯାତ୍ରାରେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବ୍ରାହ୍ମଣୀ ସେତୁ ପ୍ରସଙ୍ଗରେ ସାକ୍ଷାତ କରିଥିଲେ। ଜଣେ ସଂଗ୍ରାମୀ ସ୍ୱେଚ୍ଛାସେବୀ ଭାବେ ମୁକ୍ତିକାନ୍ତଙ୍କ ଦାବି ପ୍ରତି ସେତେବେଳେ ସହରବାସୀ ଅକୁଣ୍ଠ ସମର୍ଥନ ଜ୍ଞାପନ କରିଥିଲେ। ମୁକ୍ତିକାନ୍ତଙ୍କୁ କଂଗ୍ରେସ ଟିକେଟ ଦେବା ଓ ସେ ଏହାକୁ ସମ୍ମାନର ସହ ପ୍ରତ୍ୟାଖ୍ୟାନ କରିବା ଘଟଣା ସହରରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ମୁକ୍ତିକାନ୍ତଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏଣୁ ରାଉରକେଲା ଟିକେଟ ନେଇ ଦଳୀୟ ହାଇକମାଣ୍ଡ ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଆଶାବ୍ୟକ୍ତ କରାଯାଇଛି।

■ ସାଧାରଣ ନିର୍ବାଚନକୁ ମାଓବାଦୀଙ୍କ ବିରୋଧ

# ଲଗାଇଲେ ପୋଷ୍ଟର, ଖଞ୍ଜିଲେ ବୋମା


ଟାନୱାଟ ଛକରେ ଟଙ୍ଗାଯାଇଥିବା ମାଓବାଦୀ ବ୍ୟାନର।



ଟାନୱାଟ ଗେଟ ସମ୍ମୁଖରେ ଝୁଲାହୋଇଥିବା ଅଡିଓ ଟେପ।

**ନୂଆପଡା ଅଫିସ,୨୩।୩**

ଗୋଟିଏ ପଟେ ପ୍ରଶାସନ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ସରଳ ଏବଂ ଅବାଧ କରିବାକୁ ଅଣ୍ଟା ଭିଡି ଦିନରାତି କସରତ ଚଳାଇଛି। ଏପଟେ ମାଓବାଦୀମାନେ ଖୋଦ ଜିଲା ମୁଖ୍ୟାଳୟରେ ପୋଷ୍ଟର ମାରି ପ୍ରଶାସନର ନାକତଳେ ଉପସ୍ଥିତି ଜାହିର କରିବା ସହ ନିର୍ବାଚନକୁ ବିରୋଧ କରିଛନ୍ତି। ଜିଲା ସଦର ମହକୁମାର ଏସ୍‌ପିଙ୍କ ନିବାସ କାର୍ଯ୍ୟାଳୟରୁ ଅନତି ଦୂରରେ ଟାନୱାଟ ଛକରେ ପୋଷ୍ଟର ସହ ବୋମା ଖଞ୍ଜିଥିଲେ। ପ୍ରଶାସନ ତରଫରୁ ଏହାକୁ ଉଦ୍ଧାର କରି ନିଷ୍କ୍ରିୟ କରାଯାଇଛି। ଏହି ଖବର ଜିଲାରେ ଚହଳ ପକାଇଛି। ପୋଲିସ ପ୍ରଶାସନ କୋମ୍ବିଂ ଅପରେଶନକୁ ଜୋରଦାର୍ କରିଦେଇଛି। ପ୍ରକାଶ ଯେ, ଆସନ୍ତା ମାସ ୧୧ତାରିଖ ନୂଆପଡା ଜିଲାରେ ସାଧାରଣ ନିର୍ବାଚନ ହେବ। ଏହି ଦିନ ଜିଲାର ଦୁଇଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ମୋଟ ୬୦୪ଟି ବୁଥରେ ଭୋଟ ଗ୍ରହଣ ସକାଶେ ଜିଲା ପ୍ରଶାସନ ସମସ୍ତ ପ୍ରକ୍ରିୟା ଶେଷ କରିଛି। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ତରଫରୁ ସଜବାଜ ଆରମ୍ଭ ହୋଇଛି। ହେଲେ ଜିଲାରେ ଅନ୍ୟପଟେ କରିଡର କରି ରହିଥିବା ମାଓବାଦୀମାନେ ପ୍ରଶାସନ କେମିତି ନିର୍ବାଚନ କରିବ ସେଥିପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛନ୍ତି। ଜିଲାପୋଲିସ ବାହିନୀ ହୋଲି ପାଇଁ ପ୍ରସ୍ତୁତି ଚଳାଇଥିବା ସମୟରେ ଗୁରୁବାର ବିଳମ୍ବିତ ରାତିରେ ଟାନୱାଟ ଛକ, ସାରାବଙ୍ଗ–ଭଇଁଷମୁଣ୍ଡି ଛକ, ଡୁମେରପାଣି ଛକରେ ମାଓବାଦୀମାନେ ପୋଷ୍ଟର ଲଗାଇଥିଲେ। ଟାନୱାଟ ଗେଟ ସମ୍ମୁଖରେ ଅଡିଓଟେପ ଯନ୍ତ୍ର ବାନ୍ଧିଥିବାବେଳେ ନିକଟରେ ଥିବା ବରଗଛତଳେ ବୋମା ଖଞ୍ଜି ଚାଲିଯାଇଥିଲେ। ଏଥିରେ ଜିଲା ବ୍ୟାପୀ ସବୁବେଳେ ସବୁଜାଗାରେ ଉପସ୍ଥିତି ରଖିଥିବା ଜାହିର କରିଥିବାବେଳେ ଚଳିତ ନିର୍ବାଚନକୁ ବିରୋଧ କରି ବର୍ଜନ କରିବାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମାଓବାଦୀ ଲୋକଙ୍କୁ ଅପିଲ କରିଛି। ପୋଲିସ ଏହାକୁ ଚତୁରତାର ସହ ଜବତ କରିଥିବାବେଳେ ବୋମାକୁ ନଷ୍ଟ କରିଥିବା ପ୍ରକାଶ। ସୂଚନାଯୋଗ୍ୟ ଯେ, ପ୍ରଶାସନ ତରଫରୁ ଜିଲାବ୍ୟାପି ମୋଟ ୮୦ଟି ବୁଥକୁ ମାଓବାଦୀ ପ୍ରବଣ ବୋଲି ଚିହ୍ନଟ କରିଥିବାବେଳେ ସେଗୁଡିକରେ କିପରି ସଫଳ ଭାବେ ମତଦାନ କରାଯିବ ସେଥିପାଇଁ ପ୍ରସ୍ତୁତି କରାଯାଉଥିବା ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଡା. ପୋମା ଟୁଡୁ ସୂଚନା ଦେଇଛନ୍ତି। ତେବେ ନିର୍ବାଚନକୁ କିପରି ପ୍ରଶାସନ ପରିଚାଳନା କରୁଛି ତାହା ଏକ ପ୍ରଶ୍ନବାଚୀ ହୋଇପଡିଛି।

# ବସନ୍ତଙ୍କ ଏମ୍‌ପି ଟିକେଟକୁ ବିରୋଧ

**ଭବାନୀପାଟଣା,୨୩।୩(ସ୍ୱ.ପ୍ର)**

ଶୁକ୍ରବାର ବିଳମ୍ବିତ ରାତିରେ ଭାଜପା ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏଥିରେ କଳାହାଣ୍ଡି ଏମ୍‌ପି ପ୍ରାର୍ଥୀ ଭାବେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନାମ ଘୋଷଣା କରାଯାଇଛି । ଏହି ଖବର ଜଣାପଡିବା ପରେ ଶନିବାର କଳାହାଣ୍ଡି ଜିଲା ଭାଜପା କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏମ୍‌ପି ପ୍ରାର୍ଥୀ ଭାବେ ପୂର୍ବତନ ମନ୍ତ୍ରୀ ତଥା ଭାଜପା କଳାହାଣ୍ଡି ଜିଲା ସଭାପତି ପ୍ରଦୀପ୍ତ ନାଏକଙ୍କୁ ଦଳ ଟିକେଟ ନ ଦେଇ ବସନ୍ତଙ୍କୁ ଟିକେଟ ଦେଇଥିବାରୁ ଏହାର ପ୍ରତିବାଦରେ ଭବାନୀପାଟଣା ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ କର୍ମକର୍ତ୍ତା ବସନ୍ତଙ୍କୁ ବିରୋଧ କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ତୁରନ୍ତ ଏମ୍‌ପି ପ୍ରାର୍ଥୀଙ୍କ ନାମ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଦାବି ପୂରଣ ନ ହେଲେ ନିର୍ବାଚନରେ ଦଳୀୟ କର୍ମକର୍ତ୍ତା ସହଯୋଗ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ,ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ଜିଲା ସଭାପତି ପ୍ରଦୀପ୍ତ କୁମାର ନାଏକଙ୍କ ନେତୃତ୍ୱରେ


ଭାଜପା ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ କର୍ମକର୍ତ୍ତା ବିରୋଧ କରୁଛନ୍ତି।

**ନିର୍ବାଚନରେ ସହଯୋଗ ନ କରିବାକୁ ଚେତାବନୀ**

କଳାହାଣ୍ଡି ଜିଲାରେ ଭାଜପା ବିଜେଡି ଓ କଂଗ୍ରେସକୁ ଚକ୍‌ମା ଦେଇ ୩୬ଟି ଜିଲାପରିଷଦ ଆସନରୁ ୩୩ଟି ଆସନ ଅକ୍ତିଆର କରିଥିଲା। ଗତ ନିର୍ବାଚନରେ ପ୍ରଦୀପ୍ତ ଭାଜପା ଏମ୍‌ପି ପାର୍ଥୀ ଭାବେ ଛିଡା ହୋଇ ଅଳ୍ପ ଭୋଟରେ ପରାଜୟ ହୋଇଥିବା ବେଳେ ଭାଜପାର କିନ୍ତୁ ଭୋଟ ପ୍ରତିଶତ ବଢିଥିଲା। ଅନ୍ୟପକ୍ଷେ ଭାଜପା ରାଜ୍ୟ ସଭାପତିଙ୍କ ନିଜ ଜିଲା ନୁଆପଡ଼ାରେ ଭାଜପା ଜିଲାପରିଷଦ ଖାତା ମଧ୍ୟ ଖୋଲି ପାରି ନ ଥିଲା। ଯାହାକି ଭାଜପା ରାଜ୍ୟ ସଭାପତିଙ୍କ ଦୁର୍ବଳ ସଂଗଠନର ନମୁନା ବୋଲି ଜଣାପଡିଥିଲା।

# ପଦ୍ମ ଧରିବେ ବୃନ୍ଦାବନ ମାଝି

## ଘର ବାହୁଡା ପାଇଁ ଭାଜପା ଶିବିରରେ ଖୁସିର ଲହରି

**ବାମରା, ୨୩।୩ (ସ୍ୱ.ପ୍ର.)**

ଭାଜପା ଛାଡି ବିଜେଡିରେ ମିଶିଥିବା ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ପୁଣିଥରେ ଶଙ୍ଖ ଛାଡି ପଦ୍ମ ଆଡକୁ ମୁହାଁଉଛନ୍ତି। ଶନିବାର ସେ ଇସ୍ତଫା ପତ୍ର ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି । ତାଙ୍କର ଅନେକ ସମର୍ଥକ ମଧ୍ୟ ବିଜେଡି ଛାଡିଛନ୍ତି। ଏ ନେଇ ବୃନ୍ଦାବନ କହିଛନ୍ତି, ଦଳରେ ପୁରୁଖା କର୍ମୀଙ୍କୁ ଅଣଦେଖା କରାଯାଉଛି। ନବାଗତଙ୍କୁ ଟିକେଟ ଦେବା ପାଇଁ ଦଳ ବ୍ୟବସ୍ଥା କରୁଛି। କୁଚିଣ୍ଡାରେ କେତେଜଣ ଲୋକ ଦଳକୁ ନିଜ ବ୍ୟବସାୟିକ ଫାଇଦା ପାଇଁ ବ୍ୟବହାର କରି ଲାଭବାନ ହେଉଛନ୍ତି। ଏଣୁ ସେ ଇସ୍ତଫା ଦେଇଛନ୍ତି। ରବିବାର ସେ ଭାଜପାରେ ମିଶିବେ ବୋଲି ମଧ୍ୟ ସ୍ପଷ୍ଟ କରିସାରିଛନ୍ତି । ଏହା ସହିତ ଅନ୍ୟ କେତେକ ଟିକେଟ ଆଶାୟୀ ମଧ୍ୟ ଆଗାମୀ ଦିନରେ ଦଳ ଛାଡି ପାରନ୍ତି ବୋଲି ସେ କହିଛନ୍ତି। ଏହି ଖବର ଜଣାପଡିବା ପରେ ଭାଜପା ଶିବିରରେ ଖୁସି ପ୍ରକାଶ ପାଇଛି। ଅନ୍ୟପକ୍ଷେ ଗତଥର ବିଜେଡି ପ୍ରାର୍ଥୀ ରହିଥିବା ଭୁବନେଶ୍ୱର କିସାନ ନିଜ ମତ ରଖି କହିଛନ୍ତି, ବୃନ୍ଦାବନ ଜଣେ ବରିଷ୍ଠ କାର୍ଯ୍ୟକର୍ତ୍ତା। ସେ ଦଳ ଛାଡିବାରୁ ନିଶ୍ଚୟ ଭାବେ ଦଳକୁ କ୍ଷତି ସହିବାକୁ ପଡିବ । କିନ୍ତୁ ଟିକେଟ ବଣ୍ଟନରେ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ଆମେ ସମସ୍ତେ ଗ୍ରହଣ କରିବୁ । ଏ ପର୍ଯ୍ୟନ୍ତ ବିଜେଡିର ପ୍ରାର୍ଥୀ ନାଁ ଘୋଷଣା ହୋଇ ନାହିଁ । ଘୋଷଣା ପରେ ବୃନ୍ଦାବନ ନିଷ୍ପତ୍ତି ନେବା କଥା । ଅବଶ୍ୟ ଦଳ ଛାଡିବା ତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ହେଲେ ଦଳ ଯଦି ତାଙ୍କୁ (ଭୁବନେଶ୍ୱରଙ୍କୁ)ଟିକେଟ ନ ଦିଏ ତାଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ରହିବ ବୋଲି ପଚାରିବାରୁ ଭୁବନେଶ୍ୱର କହିଛନ୍ତି ଯେ, ସେ ଦଳ ସହିତ ଅଛନ୍ତି। କାହାରିକୁ ମଧ୍ୟ ଟିକେଟ ଦିଆଗଲେ ସେ ମିଳିମିଶି କାମ କରିବେ। ସଜ ସଜ ଭାଜପା ଛାଡି ବିଜେଡିରେ ମିଶିଥିବା କିଶୋର ନାଏକଙ୍କୁ ଏଥର କୁଚିଣ୍ଡା ବିଧାନସଭା ଆସନରୁ ଟିକେଟ ମିଳିବା ନେଇ ଚର୍ଚ୍ଚା ଜୋର ଧରିଛି। ହେଲେ ତାଙ୍କୁ ଟିକେଟ ଦେଲେ ନିଶ୍ଚୟ ବିଜେଡି ପୁଣି ଥରେ କୁଚିଣ୍ଡାରେ ପରାଜିତ ହେବା ବୋଲି ବିଜେଡି ଛାଡିଥିବା ବୃନ୍ଦାବନ କହିଛନ୍ତି। ସୂଚନାଯୋଗ୍ୟ, ବୃନ୍ଦାବନ ଜମନକିରା ବ୍ଲକ ଅଧ୍ୟକ୍ଷ ଭାବେ ୧୯୮୪ରୁ ରାଜନୀତି ଆରମ୍ଭ କରିଥିଲେ । ଜନତା ଦଳ ଟିକେଟରୁ ୧୯୯୦ରେ କୁଚିଣ୍ଡା ବିଧାନସଭା ଆସନ ଓ ୨୦୦୦ରେ ଭାଜପା ଟିକେଟରୁ ଲଇକେରା ବିଧାନସଭା ଆସନରୁ ବିଧାୟକ ହୋଇଛନ୍ତି । ୧୯୯୭ରେ ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷ ସମେତ ବିଭିନ୍ନ ପଦପଦବୀରେ ରହି ସାରିଛନ୍ତି ।

# ମହୀଧରଙ୍କୁ କନ୍ଧମାଳରେ ସ୍ୱାଗତ

**ଘଣ୍ଟାପଡା, ୨୩।୩ (ଡି.ଏନ.ଏ)**

କନ୍ଧମାଳ ନିର୍ବାଚନ ମଣ୍ଡଳୀ ବିଜେଡିରେ ଅନେକ ବାଦ ବିବାଦ ସତ୍ତ୍ୱେ ବିଧାୟକ ମହୀଧର ରଣାଙ୍କୁ ପୁଣି ଦଳୀୟ ଟିକେଟ ମିଳିଛି । ଏହାପରେ ସେ ଗୁରୁବାର ଭୁବନେଶ୍ୱରରୁ ନିଜ ଘରକୁ ଫେରିଛନ୍ତି । ଫେରିବା ବାଟରେ ତାଙ୍କର ସମର୍ଥକମାନେ ଏକ ବାଇକ ରୋଡ ଶୋ ମାଧ୍ୟମରେ ବିଧାୟକ ପ୍ରାର୍ଥୀ ମହୀଧର ରଣାଙ୍କୁ ବିଭିନ୍ନ ସ୍ଥାନରେ ଫୁଲମାଳ ଦେଇ ବିପୁଳ ସ୍ୱାଗତ ଓ ଶୁଭେଚ୍ଛା ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ଏକ ବାଇକ ରଲି ସାହାଲପାଲଠାରୁ ବାହାରି ଅଏଁଲାପାଲି, ବାଉଁଶୁଣୀ, ଦହ୍ୟା, ମନମୁଣ୍ଡା, ଖଟଖଟିଆ, ପଲଶାଗୋରା, କନ୍ଧମାଳ, ମଲିକୁଦ ଦେଇ ଶେଷରେ ଘଣ୍ଟାପଡା ପହଞ୍ଚିଥିଲା । ଘଣ୍ଟାପଡାରେ ପହଞ୍ଚିବା ପରେ ମହୀଧର ପ୍ରଥମେ ସମଲେଇ ମନ୍ଦିର ଦର୍ଶନ କରିଥିଲେ । ପରେ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଏକ ସାଧାରଣ ସଭାରେ ମହୀଧର ତାଙ୍କ ପ୍ରତିକ୍ରିୟାରେ କହିଥିଲେ, କୌଣସି ରାଜନୈତିକ ପଦ ପଦବୀ ପାଇଁ ଯୋଗ୍ୟତାର ଆବଶ୍ୟକତା ନୁହେଁ, କାର୍ଯ୍ୟ ଦକ୍ଷତା ଦରକାର । ଏହି କାର୍ଯ୍ୟକ୍ରମରେ କନ୍ଧମାଳ ବ୍ଲକ ବିଜେଡି ସଭାପତି ବିପିନ ଭୋଇ, ଯୁବ ବିଜେଡି ସଭାପତି ଶମ୍ଭୁ ପ୍ରସାଦ ସାହୁ, ବୌଦ୍ଧ ବିଜୁ ମହିଳା ସଭାନେତ୍ରୀ ରୀତା ବେହେରା, କନ୍ଧମାଳ ବ୍ଲକ ସଭାନେତ୍ରୀ ପଦ୍ମାଳୟା ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ସରୋଜ କୁମାର ତ୍ରିପାଠୀ, ସହ ସମ୍ପାଦକ ସୁଜିତ ମେହେର, ଯୁବନେତା ପ୍ରେମରାଜ ରଣା, ସରପଞ୍ଚ ଜ୍ୟୋତିକୃଷ୍ଣ ଦନ୍ତା, ଅଳକା ପ୍ରଧାନ, ପଦ୍ମାବତୀ ରଣା, ରାମଦାସ ରଣା, ପୂର୍ବ ଜିଲା ପରିଷଦ ସଦସ୍ୟା ଅଏଁଲା ରଣା, ବରିଷ୍ଠ ବିଜେଡି ନେତା ଅଜିତ ମେହେର, ଅଭୟ ମହାକୁଡ ଓ କନ୍ଧମାଳ ନିର୍ବାଚନ ମଣ୍ଡଳୀର ବହୁ ବିଜେଡି ନେତା, ଯୁବନେତା, କର୍ମୀ, ସମର୍ଥକ ସାମିଲ ହୋଇଥିଲେ ।


ବିଜେଡି ପ୍ରାର୍ଥୀ ମହୀଧର ରଣାଙ୍କୁ ସ୍ୱାଗତ କରାଯାଉଛି ।

# ବୀରମହାରାଜପୁରରେ କଂଗ୍ରେସର ଶକ୍ତି ପ୍ରଦର୍ଶନ

**ବୀରମହାରାଜପୁର, ୨୩।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ଅଦ୍ୟାବଧି କୌଣସି ପ୍ରାର୍ଥୀପତ୍ର ଦାଖଲ ହୋଇନାହିଁ। ତେବେ ଶନିବାର ଭାରତୀୟ ଜାତୀୟ କଂଗ୍ରେସ ଏଠାରେ ତାର ଶକ୍ତି ପ୍ରଦର୍ଶନ କରିଛି। ଏହି ଆସନ ପାଇଁ ଦଳୀୟ ପ୍ରାର୍ଥୀ ବିନୋଦ ପାତ୍ର ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବସ୍ତି ପରିକ୍ରମା କରିବା ପରେ ଉପଖଣ୍ଡ ମୁଖ୍ୟାଳୟ ଛକ ପର୍ଯ୍ୟନ୍ତ ଯାଇଥିଲେ । ତାଙ୍କ ସହିତ ବଲାଙ୍ଗୀର ଲୋକସଭା ଆସନ ପାଇଁ ଘୋଷିତ କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ମଧ୍ୟ ଶୋଭାଯାତ୍ରାରେ ସାମିଲ ଥିଲେ। ଏଥିରେ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ତିନୋଟି ଯାକ ବ୍ଲକ ତଥା ଜିଲାର ପ୍ରମୁଖ ଦଳୀୟ କର୍ମକର୍ତ୍ତା ତଥା ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ନିବାର ସରକାରୀ କାର୍ଯ୍ୟ ଦିବସ ଥିଲେ ସୁଦ୍ଧା ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଚତୁର୍ଥ ଶନିବାର ବ୍ୟାଙ୍କ ଛୁଟି ଯୋଗୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ବନ୍ଦ ରହିଥିଲା। ତେଣୁ ଏହିଦିନ କୌଣସି ରାଜନୈତିକ ଦଳ କିମ୍ବା ସ୍ୱାଧୀନ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିପାରି ନଥିବା ଜଣାପଡିଛି। ତେଣେ ଉକ୍ତ ନିର୍ବାଚନ ମଣ୍ଡଳୀ ପାଇଁ ଭାରତୀୟ ଜନତା ପାର୍ଟି ଇଂ ରଘୁନାଥ ଜଗଦଲାଙ୍କୁ ଦଳୀୟ ଟିକେଟ ପ୍ରଦାନ କରିଥିବା ଜଣାପଡିବା ପରେ ଦଳରେ ବିଦ୍ରୋହ ଦେଖାଦେଇଛି। ଗତ ଦୁଇଟି ବିଧାନସଭା ନିର୍ବାଚନରେ ଏହି ଆସନରୁ ଭାଜପା ଟିକେଟରେ ଲଢେଇ କରିବା ସହ ଏବଂ ଗତଥର ଦ୍ୱିତୀୟ ସ୍ଥାନରେ ରହିଥିବା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ ଦଳୀୟ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ଖୋଲାଖୋଲି ବିରୋଧ କରିଛନ୍ତି। ସେ ଏଠାରୁ ସ୍ୱାଧୀନ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

**ଟିକେଟକୁ ନେଇ ଭାଜପାରେ ବିଦ୍ରୋହ**


ଶନିବାର ବୀରମହାରାଜପୁରରେ ଅନୁଷ୍ଠିତ କଂଗ୍ରେସ ଶୋଭାଯାତ୍ରାରେ ବିଧାୟକ ପ୍ରାର୍ଥୀ ବିନୋଦ ପାତ୍ର ଓ ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର।

# ଟିକେଟ ଆଶା ମଉଳିଲା, ଭାଜପା ଛାଡ଼ିଲେ ରାମକୃଷ୍ଣ

**ବରଗଡ଼ ଅଫିସ,୨୩।୩**

ପ୍ରାର୍ଥୀ ତାଲିକା ଘୋଷଣା ପରେ ଭାଜପାରେ ଅଡୁଆ ବଢ଼ିବାରେ ଲାଗିଛି। ଶନିବାର ଦଳର ସ୍ୱାସ୍ଥ୍ୟସେଲ୍ ରାଜ୍ୟ ସଂଯୋଜକ ଡା. ରାମକୃଷ୍ଣ ପୁରୋହିତ ଭାଜପାରୁ ଇସ୍ତଫା ଦେଇଛନ୍ତି । ସେ ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିକଟକୁ ମେଲ୍ ଯୋଗେ ନିଜ ଇସ୍ତଫା ସମ୍ପର୍କରେ ସୂଚନା ଦେଇଥିବା କହିଛନ୍ତି। ଦଳ ଛାଡ଼ିବାକୁ ନେଇ ଡା. ପୁରୋହିତ କହିଛନ୍ତି, ଦଳର ନୀତି, ଆଦର୍ଶ ଦେଖି ସେ ଗତ ୨୦୧୪ ସାଧାରଣ ନିର୍ବାଚନ ପରେ ଭାଜପାରେ ଯୋଗ ଦେଇଥିଲେ । ମାତ୍ର ଏହି ଦଳରେ ଆଉ ନୀତି, ଆଦର୍ଶ ନାହିଁ। ଏପରିକି ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଦଳର ନୀତି, ଆଦର୍ଶକୁ ଭୁଲି ଗଲେଣି। ଏଠାରେ ନିର୍ବାଚନ ଦଳ ପାଇଁ ଆଦର୍ଶ ହୋଇଛି । ଯେଉଁମାନେ ନିର୍ବାଚନ ପାଇଁ ଟିକେଟ୍ ବାଣ୍ଟିବା କମିଟିରେ ଅଛନ୍ତି, ସ୍ୱାର୍ଥସାଧନ ପାଇଁ ସେମାନେ ନିଜେ ହିଁ ଟିକେଟ୍ ହାତେଇ ନେଉଛନ୍ତି। ବାରମ୍ବାର ହାରିଥିବା ତଥା ଜିଲା ବାହାର ଜଣଙ୍କୁ ବରଗଡ଼ ଲୋକସଭା ଆସନ ପାଇଁ ପ୍ରାର୍ଥୀ କରାଯାଇଛି । ଏହି ଦୃଷ୍ଟିରୁ ଆଗକୁ ପାର୍ଟି କିମ୍ବା ଦଳ ପାଇଁ ତୃଣମୂଳସ୍ତରରେ କାମ କରୁଥିବା କର୍ମୀଙ୍କ ଆଉ କିଛି ଭବିଷ୍ୟତ ନାହିଁ । ଫଳରେ ସେ ଦଳରୁ ଇସ୍ତଫା ଦେଇଛନ୍ତି ଏବଂ କୌଣସି ଦଳରେ ନ ରହି ମଧ୍ୟ ସେ ଜଣେ ଡାକ୍ତର ଭାବେ ଜନସାଧାରଣଙ୍କୁ ସେବା ଯୋଗାଇ ପାରିବେ ବୋଲି ଡା. ପୁରୋହିତ କହିଥିଲେ। ତେବେ ତାହା ଡା. ପୁରୋହିତଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ଏବଂ ତାଙ୍କ ଇସ୍ତଫା ଦଳ ଉପରେ ଆଦୌ ପ୍ରଭାବ ପକାଇବ ନାହିଁ ବୋଲି ଭାଜପା ବରଗଡ଼ ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ କହିଛନ୍ତି । ପ୍ରକାଶଥାଉକି, ଡା. ପୁରୋହିତ ଦଳର ଚା ପେ ଚର୍ଚ୍ଚା କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ସଭା, ସମିତିରେ ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ କାମ କରି ଆସୁଥିଲେ । ଏଥର ସେ ବରଗଡ଼ ଲୋକସଭା ଆସନ ପାଇଁ ଆଶାୟୀ ଥିଲେ। ମାତ୍ର ଶେଷରେ ତାଙ୍କ ଆଶା ମଉଳିଗଲା ଏବଂ ସେ ଦଳ ଛାଡ଼ିବାକୁ ବାଧ୍ୟ ହେଲେ ।


ଡା.ରାମକୃଷ୍ଣ ପୁରୋହିତ ।



ଧନ ଥିଲେ ଦାରିଦ୍ର୍ୟର ଭୟ ଅଛି। ଜ୍ଞାନରେ ଅଜ୍ଞାନର ଭୟ, ସର୍ବୋପରି ଦେହ ଥିଲେ ମୃତ୍ୟୁର ଭୟ ଅଛି। ଏହି ଜଗତର ସମୁଦାୟ ବସ୍ତୁ ଭୟଯୁକ୍ତ। କିନ୍ତୁ ଯେଉଁ ବ୍ୟକ୍ତି ସର୍ବସ୍ୱ ତ୍ୟାଗ କରିଛି ତାହାର କୌଣସି ଭୟ ନାହିଁ। ସେ ଭୟ ଶୂନ୍ୟ ନିର୍ଭୀକ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

ସମ୍ବଲପୁର,୨୩।୩(ବ୍ୟୁରୋ) ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ୮୫୦ ଗ୍ରାମ ଗଞ୍ଜେଇ ଜବତ କରିଛି । ବୌଦ୍ଧ କଣ୍ଡାମାଳ ଗ୍ରାମର ଅଭିଯୁକ୍ତ ସୁଶାନ୍ତ ଛୁରିଆଙ୍କୁ ଗିରଫ କରିଛି । ଏ ନେଇ ଥାନାରେ ଏକ ମାମଲା (ନଂ ୧୧୧/୧୯) ମାମଲା ରୁଜୁ କରିଛି । ଅଇଁଠାପାଲି ଘରୋଇ ବସଷ୍ଟାଣ୍ଡରେ ପୋଲିସ ଚଢ଼ାଉ କରି ଅଭିଯୁକ୍ତ ସୁଶାନ୍ତଙ୍କୁ ଗିରଫ କରିଥିଲା ।

### ଲାୟନ୍ସ କ୍ଲବର ନୂତନ କର୍ମକର୍ତ୍ତା

ହୀରାକୁଦ, ୨୩।୩ (ଡି.ଏନ୍.ଏ.) ଲାୟନ୍ସ କ୍ଲବ ଅଫ୍ ହୀରାକୁଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ସଭାପତି ଭାବରେ ଲାୟନ୍ସ ବାସୁଦେବ ସେଠୀ, ସମ୍ପାଦକ ଭାବେ ଲାୟନ୍ସ ନିଲିମା ପଣ୍ଡା ଏବଂ କୋଷାଧ୍ୟକ୍ଷ ଭାବରେ ଲାୟନ୍ସ ମୃତ୍ୟୁଞ୍ଜୟ ସ୍ୱାଇଁଙ୍କୁ ବଛା ଯାଇଛି । ସେହିପରି ଭାବରେ ଆଇପିପି ଲାୟନ୍ସ ରଞ୍ଜନ ଦାସ, ଉପସଭାପତି ଭାବରେ ରାଜେଶ ପଣ୍ଡା, ଅଜିତ କୁମାର ସିଂହ, ମହେଶ୍ୱର ବିଶୋଇ, ବୋର୍ଡ ଅଫ୍ ଡାଇରେକ୍ଟର ଭାବରେ ପୀୟୂଷ ହୋତା, ଗୋପକୃଷ୍ଣ ଦାସ ଏବଂ ତୀର୍ଥବାସୀ ବାଞ୍ଛି, ସର୍ଭିସ ଚେୟାରମେନ୍ ଭାବରେ ଗୋପକୃଷ୍ଣ ଦାସ, ଲିଡରସିପ୍ ଚେୟାରମ୍ୟାନ ଭାବରେ ନୟନା ପଣ୍ଡା ଏବଂ ପବ୍ଲିକ ରିଲେସନ ଅଫିସର ଭାବରେ ତୀର୍ଥବାସୀ ବାଞ୍ଛିଙ୍କୁ ରଖା ଯାଇଛି । ନିର୍ବାଚିତ ସମସ୍ତ କର୍ମକର୍ତ୍ତା ଆସନ୍ତା ଜୁଲାଇ ୧ ତାରିଖରୁ କାର୍ଯ୍ୟଭାର ଗ୍ରହଣ କରିବେ।

### ଦ୍ୱିତୀୟ ପର୍ଯ୍ୟାୟରେ ତାଲିମ ନେଲେ ୨୨୪୬ ଅଫିସର

ସମ୍ବଲପୁର,୨୩।୩(ବ୍ୟୁରୋ) ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ପାଇଁ ୨ୟ ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯାଇଛି। ୧୧୨୩ ଜଣ ପୁଲିଂ ଓ ୧୧୨୩ ଜଣ ପ୍ରିଜାଇଡଂ ଅଫିସର ତାଲିମ ନେଇଥିଲେ। ସମବାୟ ବିଭାଗ ସଚିବ ଶୁଭ୍ରାଂଶୁ ମୋହାନ ମିଶ୍ର ତଦାରଖ କରିଥିଲେ । କୁଚିଣ୍ଡା କଲେଜର ୫୦୯, ବିଇଡି କଲେଜରେ ୬୫୦, ମୁନସିପାଲଟି ବାଳିକା ସ୍କୁଲରେ ୭୦୦, ରେଢ଼ାଖୋଲ ଭୀମ ଭୋଇ କଲେଜରେ ୩୭୭ ଜଣ ଅଧିକାରୀ ତାଲିମ ଗ୍ରହଣ କରିଥିଲେ । ସୂଚନା ଯୋଗ୍ୟ ଯେ, ଜିଲାର ୪ଟି ନିର୍ବାଚନ ମଣ୍ଡଳୀରେ ୪୦ଟି ବୁଥ୍ କରାଯାଇଛି । ଏହା ସହ ୬ଟି ଅତିରିକ୍ତ ବୁଥ୍ ପାଇଁ ଅନୁରୋଧ କରାଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ ସାମନ୍ତରାୟ ସୂଚନା ଦେଇଛନ୍ତି।

### କବିତା ପାଠୋତ୍ସବ, ଆଲୋଚନାଚକ୍ର

ସମ୍ବଲପୁର,୨୩।୩ (ବ୍ୟୁରୋ) ସମ୍ବଲପୁର ଚିତ୍ରଗୁପ୍ତ କଲ୍ୟାଣ ସଂଘ ସଭାକକ୍ଷରେ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ପ୍ରଣତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କପ୍ରଜ୍ଞା ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ ସଂଯୋଜନା କରିଥିଲେ । ଅତିଥି ଭାବେ ଡା. ରମାବଲ୍ଲଭ ମିଶ୍ର, ଲକ୍ଷ୍ମୀନାରାୟଣ ହୋତା ଯୋଗ ଦେଇଥିଲେ । ମମତା ନାଥ କବିତା ପାଠ ସଂଯୋଜନା କରିଥିଲେ । ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ମନୋରଞ୍ଜନ ପଟ୍ଟନାୟକ, ବିରେନ୍ଦ୍ର ପାଣିଗ୍ରାହୀ, ପ୍ରଫେସର ଗିରିଜା ଶର୍ମା, ଡ. ସିଦ୍ଧାର୍ଥ ପଣ୍ଡା, ସରିତା ମହାନ୍ତି, ଜୟକୃଷ୍ଣ ବେହେରା, ଆଦ୍ୟା ପଟ୍ଟନାୟକ, ଆଭା ପଟ୍ଟନାୟକ, ଜ୍ୟୋତ୍ସ୍ନା ତ୍ରିପାଠୀ, ଗଦାଧର ନିଆଲ, ସସ୍ମିତା ମିଶ୍ର, ନିତାଇ ଚରଣ ସରାଫ, ସବିତା ମିଶ୍ର ପ୍ରମୁଖ କବିତା ବିଷୟରେ ଆଲୋଚନା କରିବା ସହ ସ୍ୱରଚିତ କବିତା ପାଠ କରିଥିଲେ । ପଦ୍ମଳୟା ପଟ୍ଟନାୟକ ଓ ନିର୍ମଳା ପଟ୍ଟନାୟକ ଗୀତ ପରିବେଷଣ କରିଥିଲେ।

### ରାସେଶ୍ୱରୀ କହିଲେ ପ୍ରତିଶ୍ରୁତି ପାଳନ ହୋଇଛି

ସମ୍ବଲପୁର,୨୩।୩(ବ୍ୟୁରୋ) ସମ୍ବଲପୁର ନିର୍ବାଚନ ମଣ୍ଡଳୀ ବୁଥାପଡା ଓ କ୍ଷେତରାଜପୁରରେ ବିଜେଡିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ରସେଶ୍ୱରୀ ପାଣିଗ୍ରାହୀ ଯୋଗ ଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ପ୍ରତିଶ୍ରୁତି ପାଳନ କରି ଅଞ୍ଚଳରେ ଅନେକ ବିକାଶ କାମ ହାତକୁ ନିଆଯାଇଛି । ସେ ମଧ୍ୟରୁ ଅଧିକ ସମ୍ପୂର୍ଣ୍ଣ ହୋଇସାରିଛି । ଆଗକୁ ମଧ୍ୟ ବିକାଶ ଧାରା ଜାରି ରହିବ ବୋଲି ବିଧାୟିକା ପାଣିଗ୍ରାହୀ କହିଥିଲେ। ବିଜେଡି ଟାଉନ ସଭାପତି ପ୍ରଫୁଲ୍ଲ ଦାସ, ଉମେଶ ରନବିଡା, ମହମ୍ମଦ ଜାଫର, ରମେଶ ସୁନା,ସଞ୍ଜୟ ସାହୁ, ସଦାନନ୍ଦ ନାଏକ ଉପସ୍ଥିତ ରହିଥିଲେ । ଏହି ଅବସରରେ ଶତାଧିକ ଯୁବକ ଓ ମହିଳା ବିଜେଡିରେ ଯୋଗ ଦେଇଥିଲେ । ବିଧାୟିକା ପାଣିଗ୍ରାହୀ ସେମାନଙ୍କୁ ସ୍ୱାଗତ କରି ଦଳ ପାଇଁ କାମ କରୁବାକୁ ପରାମର୍ଶ ଦେଇଥିଲେ ।

# ସନ୍ତାନଙ୍କୁ ସଂସ୍କାର ନ ଦେଲେ ସମ୍ପତ୍ତି, ସମ୍ମାନ ଚାଲିଯିବ

ସମ୍ବଲପୁର, ୨୩।୩ (ବ୍ୟୁରୋ)

ମାତାପିତାମାନେ ସନ୍ତାନମାନଙ୍କୁ ସଂସ୍କାର ଦେବା ଆବଶ୍ୟକତା ରହିଛି। ଚିତ୍ରକୁଟର କାମଦ୍‌ଗିରି ପୀଠାଧିଶ୍ୱର ଜଗଦ୍‌ଗୁରୁ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ରାମ ସ୍ୱରୂପାଚାର୍ଯ୍ୟ ଏହା କହିଛନ୍ତି । ଦୁର୍ଗାପାଲି ନିକଟସ୍ଥ ଶ୍ରୀଶ୍ରୀ ଗୁଡ଼େଶ୍ୱରଧାମ ଠାରେ ଆୟୋଜିତ ଶ୍ରୀଶ୍ରୀ ଶତଚଣ୍ଡୀ ମହାଯଜ୍ଞର ଉଦ୍‌ଯାପନୀ ଉତ୍ସବରେ ଜଗତ୍‌ଗୁରୁ ରାମାନନ୍ଦଚାର୍ଯ୍ୟ ଆହୁରି କହିଥିଲେ ଯେ, ସନ୍ତାନ ଜନ୍ମଦେବା ବଡ଼କଥା ନୁହେଁ । ସେମାନଙ୍କୁ ସଂସ୍କାର ଦେବା ନିହାତି ଆବଶ୍ୟକ । ସଂପ୍ରତି ଲୋକମାନେ ଧନ ଓ ଯଶ ବୃଦ୍ଧି ଲାଗି ଦୌଡୁଛନ୍ତି । ଝିଅ ପୁଅମାନଙ୍କୁ ସଂସ୍କାର ଦେବା ପାଇଁ ଭୁଲି ଯାଉଛନ୍ତି । ତେବେ ସଂସ୍କାର ପିଲା ଛୁଆଙ୍କୁ ନ ଦେଲେ ଆସିଥିବା ସମ୍ପତ୍ତି ଓ ସମ୍ମାନ ମଧ୍ୟ ଚାଲିଯିବ । ଜୀବନରେ ଚରିତ୍ର ଥିଲେ ପରମାତ୍ମା ସାଙ୍ଗରେ ରହିଥାନ୍ତି । ତେଣୁ ଜୀବନରେ ଭଗବତ୍ ଅପରାଧ କରିବା ଉଚିତ୍ ନୁହେଁ । ଜୀବରେ ଅନେକ ଗୁଣ ଓ ଦୋଷ ରହିଛି । ତେବେ ପରମାତ୍ମାଙ୍କ ପାଖରେ ଗୁଣ ହିଁ ଗୁଣ ରହିଛି । ଜୀବ ପ୍ରଥମେ ନିଜେ କରିଥିବା ଅପରାଧ ସ୍ୱୀକାର କରିବା ଆବଶ୍ୟକ ବୋଲି କହିଥିଲେ । ଶ୍ରୀ ଶ୍ରୀ ଗୁଡ଼େଶ୍ୱର ମନ୍ଦିର ଟ୍ରଷ୍ଟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱାତ୍ମଚେତନା ପରିଷଦର ଅଧ୍ୟକ୍ଷ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ମାର୍ଗଦର୍ଶନ ଦେଇଥିଲେ । ବୃନ୍ଦାବନସ୍ଥିତ ଓଡ଼ିଆ ବାବାଶ୍ରମର ଦଣ୍ଡିସ୍ୱାମୀ, ସଦାଶିବ ବ୍ରହ୍ମାନନ୍ଦ ସରସ୍ୱତୀ, ଦ୍ୱାରିକା ପୀଠ ଶଙ୍କରାଚାର୍ଯ୍ୟଙ୍କର ଶିଷ୍ୟ ରାୟପୁରର ଶଙ୍କର ଆଶ୍ରମର ବ୍ରହ୍ମଚାରୀ ଇନ୍ଦ୍ର ଭୁବନାନନ୍ଦ ସରସ୍ୱତୀ, ଶ୍ରୀପଞ୍ଚ ଦଶନାମ ଜୁନାଆଖଡ଼ାର ଅଷ୍ଟ କୌଶଲ ମହନ୍ତ ଶମ୍ଭୁପୁରୀ, ଥାନାପତି ଗୋପାଳ ଗିର, ନାଗା ବାବା ପ୍ରେମଗିରି, ପାରସ ଭାରତୀ, ନବରାତ୍ରି ଗିରି ଓ ଛୋଟୁ ଗିରି, ନାଗା ବାବା ଶ୍ରୀ ଜନକପୁରୀ, ବଲାଙ୍ଗୀରର ଶ୍ରୀ ଶ୍ୟାମାନନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ । ନବକୁଣ୍ଡୀୟ ଏହି ମହାଯଜ୍ଞ ରାଜ୍ୟରେ ବିଶିଷ୍ଟ ବିଦ୍ୱାନ ପଣ୍ଡିତମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର ଯଜ୍ଞାଚାର୍ଯ୍ୟ ରହିଥିବା ବେଳେ ଶ୍ରୀଜ୍ଞାନପ୍ରକାଶ ତୁଲଶ୍ୟାନ ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସ୍ୱାମୀ ସତ୍ୟବେଦାନନ୍ଦ, ସ୍ୱାମୀ ଧର୍ମାନନ୍ଦ, ସ୍ୱାମୀ ନିତ୍ୟ ମୁକ୍ତାନନ୍ଦ, ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ହେମନ୍ତ କୁମାର ମହାପାତ୍ର, ସଦସ୍ୟ ଦୀନଦୟାଲ ଅଗ୍ରୱାଲ, ଗୌରୀଶଙ୍କର ଦାଶ, ହରିଶ ଅଗ୍ରୱାଲ, ଲଳିତ ଅଗ୍ରୱାଲ, ରାଜକୁମାର ହୋଣ୍ଡା ଯଜ୍ଞ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପୁରୁଷୋତ୍ତମ ତୁଲଶ୍ୟାନ, ଓମ ପ୍ରକାଶ ସାହା, ମଙ୍ଗତୁରାମ ଅଗ୍ରୱାଲ, ମନୋଜ ଖେମକା, ବିହାରୀଲାଲ ପନ୍‌ସାରୀ, ଜୟଦୟାଲ ଅଗ୍ରୱାଲ, ଅଶୋକ ଜଲାନ, ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖଙ୍କୁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଭଜନ କାର୍ଯ୍ୟକ୍ରମରେ ଦୀପକ ଷଡ଼ଙ୍ଗୀ, ଶିବାନନ୍ଦ ତ୍ରିପାଠୀ, ସୁଶୀଲ ସାହୁ, ପ୍ରଶାନ୍ତ କୁମାର ସାହୁ, ପ୍ରଜ୍ଞାଶକ୍ତି ଚେତନାମୟୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ ।




ଶ୍ରୀଶ୍ରୀ ଶତଚଣ୍ଡୀ ମହାଯଜ୍ଞ ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥିମାନେ ।

## ଆବେଦନ କରିଥିବା ପ୍ରତି ଘରୋଇ ସ୍କୁଲର ଛାତ୍ରୀଛାତ୍ର ପରୀକ୍ଷା ଦେଇ ପାରିବେ

### ଆଜି ଓଡ଼ିଶା ଆଦର୍ଶ ସ୍କୁଲ ପ୍ରବେଶିକା ପରୀକ୍ଷା

ସମ୍ବଲପୁର,୨୩।୩(ବ୍ୟୁରୋ)

ସମ୍ବଲପୁର ଜିଲାରେ ଥିବା ୩ଟି ଆଦର୍ଶ ସ୍କୁଲରେ ଚଳିତବର୍ଷ ନାମଲେଖା ପାଇଁ ରବିବାର ପ୍ରବେଶିକା ପରିକ୍ଷା ଅନୁଷ୍ଠିତ ହେବ । ସରକାରଙ୍କ ରେକୋନାଇଜସନ ସାର୍ଟିଫିକେଟ ନଥିବା ୨୬ ଘରୋଇ ସ୍କୁଲର ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇପାରିବେ । ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି । ଏ ନେଇ ଜିଲାପ୍ରଶାସନ ପକ୍ଷରୁ ସୁଚନା ଦିଆଯାଇଛି । ଜିଲାର ଯୁଯୁମୁରା ହାଇସ୍କୁଲ, ରେଙ୍ଗାଲି ଓ ବାମରାରେ ପ୍ରବେଶିକା କେନ୍ଦ୍ର ରହିଛି। ସୂଚନା ଯୋଗ୍ୟ ଯେ, ଜିଲାରେ ଥିବା ଘରୋଇ ସ୍କୁଲର ରେକୋନାଇଜସନ ସାର୍ଟିଫିକେଟ ନ ଥିଲେ ସେହି ସ୍କୁଲର ଛାତ୍ରଛାତ୍ର ପ୍ରବେଶିକା ପରିକ୍ଷା ଦେଇ ପରିବେ ନାହିଁ ବୋଲି ପ୍ରଥମେ କୁହାଯାଇଥିଲା । ଏ ନେଇ ଅନେକ ଅଭିଭାବକ ମାନେ ଅଭିଯୋଗ କରିଥିଲେ । ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିଛି। ଆବେଦନ କରିଥିବା ପ୍ରତି ଛାତ୍ରୀଛାତ୍ର ଯେପରି ପ୍ରବେଶିକା ପରୀକ୍ଷାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି।

## ପ୍ରାର୍ଥୀ ଘୋଷଣା ପରେ ବାହାରକୁ ଆସୁଛି ଅସନ୍ତୋଷ

ସମ୍ବଲପୁର,୨୩।୩(ବ୍ୟୁରୋ)

ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଆଶାୟୀ ପ୍ରାର୍ଥୀମାନେ ଜିଲା ସଭାପତି ଅଶ୍ୱିନୀ ଗୁରୁଙ୍କ ପାଖରେ ଫେରାଦ ହୋଇଛନ୍ତି। ଦଳପକ୍ଷରୁ ଘୋଷଣା ହୋଇଥିବା ବାଳକଷ୍ଣ ରୋହିଦାସଙ୍କୁ ପରିବର୍ତ୍ତନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ବାଳକୃଷ୍ଣ କଂଗ୍ରେସରେ ଯୋଗ ଦେଇନାହାନ୍ତି । ତାଙ୍କ ପରିବାରର ଭାଜପାରେ ସମ୍ପର୍କ ରହିଛି। ତାଙ୍କୁ କିଭଳି ଭାବେ ଟିକେଟ ପ୍ରଦାନ କରାଗଲା ବୋଲି ପ୍ରଶ୍ନ କରିଛନ୍ତି । ସେହିପରି କୁଚିଣ୍ଡାରେ ଦଳ ଶୋଭାରାମ ପ୍ରଧାନଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ହେଲେ ରାଜେନ୍ଦ୍ର ଛତ୍ରିଆ ଏହାକୁ ବିରୋଧ କରି ନିଜ ସମର୍ଥକଙ୍କ ସହ ଭୁବନେଶ୍ୱରରେ ଟିକେଟ ପାଇଁ ଲବି କରୁଛନ୍ତି।

## ନିର୍ବାଚନ ବେଳେ ସଂଖ୍ୟାଲଘୁଙ୍କୁ ବ୍ୟବହାର କରାଯାଉଛି



ସମ୍ବଲପୁର ସୋନାପାଲି ସୟଦ ଗାର୍ଡେନ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହମ୍ମଦ ନୱାବ ସୂଚନା ଦେଉଛନ୍ତି ।

ସମ୍ବଲପୁର, ୨୩।୩ (ବ୍ୟୁରୋ)

ସମ୍ବଲପୁର ବିଧାନସଭା କ୍ଷେତ୍ରରେ ସଂଖ୍ୟାଲଘୁଙ୍କ ବିକାଶ ହେଉନାହିଁ । କିନ୍ତୁ ରାଜନୈତିକ ଦଳ ଗୁଡିକ ନିର୍ବାଚନ ସମୟରେ ସଂଖ୍ୟାଲଘୁଙ୍କୁ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରୁଛନ୍ତି । ୫ବର୍ଷରେ ବିଧାୟକ, ସାଂସଦ ଓ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ମୁସଲମାନ୍ ଅଧୁଷିତ ଅଞ୍ଚଳରେ କୌଣସି ପ୍ରକାର କାର୍ଯ୍ୟ କରାଯାଇ ନାହିଁ । ଏହି ଅଞ୍ଚଳରେ ରାସ୍ତା ଶୋଚନୀୟ ହୋଇ ପଡିଛି । ଜନସାଧାରଣ ପାନୀୟ ଜଳ ପାଇପାରୁନାହାନ୍ତି । ନର୍ଦ୍ଦମା ଭିତରେ କିଛି ପାଣି ପାଇପ ଯାଇଛି । ତେଣୁ ବିଭିନ୍ନ ପ୍ରକାର ରୋଗ ବ୍ୟାପିବାରେ ଲାଗିଛି । ଶନିବାର ସମ୍ବଲପୁର ସୋନାପାଲି ସୟଦ ଗାର୍ଡେନ୍‌ଠାରେ ସଂଖ୍ୟାଲଘୁ ବିକାଶ ମଞ୍ଚ କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେମାନେ କହିଥିଲେ ଯେ, ୨୦୧୪ ମସିହାରେ ବିଜେଡି ପ୍ରାର୍ଥୀଙ୍କୁ ସଂଖ୍ୟାଲଘୁମାନେ ଭୋଟ ଦେଇଥିଲେ । କିନ୍ତୁ ବିଜୟୀ ହେବା ପରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ କୌଣସି ପ୍ରକାର ଉନ୍ନତି ମୂଳକ କାର୍ଯ୍ୟ କରିନାହାନ୍ତି । ତେଣୁ ଚଳିତ ବର୍ଷ ତାଙ୍କ ପ୍ରାର୍ଥୀତ୍ୱକୁ ମଞ୍ଚ ବିରୋଧ କରିବ ବୋଲି କହିଛନ୍ତି । ଖବରଦାତା ସମ୍ମିଳନୀରେ ଏସ.ଏ. କାସିମ୍, ମହମ୍ମଦ ନୱାବ, ମହମ୍ମଦ ୟୁସୁବ ଓ ହାଜି ମହମ୍ମଦ ୟୁସୁବ ଉପସ୍ଥିତ ଥିଲେ ।

## ଏପ୍ରିଲ ୨ରେ ବିଏସ୍‌ପି ସମ୍ବଲପୁର ବିଧାୟକ, ଏମ୍‌ପି ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ

ସମ୍ବଲପୁର, ୨୩।୩ (ବ୍ୟୁରୋ)

ବହୁଜନ ସମାଜ ପାଟି (ବିଏସପି) ରାଷ୍ଟ୍ରୀୟ ଅଧ୍ୟକ୍ଷା ମାୟାବତୀ ଆସନ୍ତା ଏପ୍ରିଲ ୨ ତାରିଖରେ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡିଆରେ ଜନସମାବେଶରେ ଯୋଗ ଦେଇ ସମ୍ବଲପୁର ଲୋକସଭା ଓ ବିଧାନସଭା କ୍ଷେତ୍ରର ପ୍ରାର୍ଥୀ ଘୋଷଣା କରିବେ। ଶନିବାର ସମ୍ବଲପୁର ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ନିହାଲ ସିଂ ଏହି ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ମହମ୍ମଦ ମୁସ୍ତକିମ୍, ଲୋକସଭା ପ୍ରଭାରୀ ମହମ୍ମଦ ଫାରୁକ୍, ରେଢ଼ାଖୋଲ ବିଧାନସଭା ପ୍ରଭାରୀ ପଦ୍ମା ମହାନନ୍ଦ, ଜିଲା ସାଧାରଣ ସମ୍ପାଦକ ବିପିନ ବିହାରୀ ଷଡଙ୍ଗୀ, କୁନ୍ଦନ ନାଗ, ଟାଉନ ସଭାପତି ମହମ୍ମଦ ଜବିର ହୁସେନ୍, ସଭ୍ୟ ସୁନୀଲ କୁମାର ହଁସଦା ଓ ହମିଦ ରେହେମାନ୍ ପ୍ରମୁଖ ଉପସ୍ଥିତ ଥିଲେ ।



ଶନିବାର ସମ୍ବଲପୁରରେ ବିଏସପି ଜିଲା ସଭାପତି ନିହାଲ ସିଂ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

## ସ୍ୱାଗତ ପାଇଁ କୁନି ହାତରେ ଦଳୀୟ ପତାକା

ସମ୍ବଲପୁର,୨୩।୩(ବ୍ୟୁରୋ)

ସମ୍ବଲପୁର ବିଧାନସଭା ଆସନ ପାଇଁ କଂଗ୍ରେସ ଓ ଭାଜପା ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଥିବା ବେଳେ ବିଜେଡି ସସ୍‌ପେନ୍ସ ରଖିଛି । ହେଲେ ମଧ୍ୟ ମୁଖ୍ୟ ଦାବିଦାର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ପ୍ରତି ୱାର୍ଡରେ ପଡା ପଡା ବୁଲି ସଭା ସମିତି ବୈଠକ କରି ପ୍ରଚାର କରୁଛନ୍ତି । ଶନିବାର ମଧ୍ୟ ସୁନାପାଲି କ୍ଷେତିପଡାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ହେଲେ ଏହି ସଭାରେ ବ୍ୟତିକ୍ରମ ଦେଖା ଦେଇଥିଲା । ଛୋଟ ଛୋଟ ବାଳିକାମାନେ ଦଳୀୟ ପତାକା ଧରି ଛିଡା ହୋଇଥିଲେ । ରାଜନୀତି ପାଇଁ ବାଳିକାମାନଙ୍କୁ ନିୟୋଜିତ କରାଯାଉଥିବା ନେଇ ଚର୍ଚ୍ଚା ହୋଇଥିଲା । ଅନ୍ୟପଟେ ବିଧାୟିକାଙ୍କ ପାଣିଗ୍ରାହୀଙ୍କ ଅପାରଗତାକୁ ନେଇ ସେହି ଅଞ୍ଚଳରେ ସଂଖ୍ୟାଲଘୁ ବିକାଶ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ସଭା କାର୍ଯ୍ୟ ପୂର୍ବରୁ ବିଧାୟିକାଙ୍କୁ ମୁଖ୍ୟରାସ୍ତାରୁ ସ୍ୱାଗତ କରି ସଭାସ୍ଥଳକୁ ନିଆଯାଇଥିଲା। ସେଠାରେ ବୈଠକରେ ବିଧାୟିକା ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରିଥିଲେ । ସଂଖ୍ୟାଲଘୁଙ୍କ ସୁବିଧା ପାଇଁ ରାସ୍ତାଘାଟ ନିର୍ମାଣ କରାଯାଇଛି । ମସଜିଦ ମରାମତି କରାଯାଇଛି । ୩ଟି କଲ୍ୟାଣ ମଣ୍ଡପ ଲୋକାର୍ପଣ କରାଯାଇଛି । ଆଗକୁ ମଧ୍ୟ ବିକାଶ ଧାରା ଜାରି ରହିବ । କିଛି ମୁଷ୍ଟିମେୟ ନିଜ ସ୍ୱାର୍ଥ ପାଇଁ ସଂଖ୍ୟାଲଘୁଙ୍କ ଭିତରେ ଥିବା ଏକତାକୁ ଭଙ୍ଗ କରିବାକୁ ଚାହୁଁଛନ୍ତି। ତେଣୁ ଏଥିରେ ଗୁରତ୍ୱ ଦେବାକୁ ପଡିବ ବୋଲି ବିଧାୟିକା କହିଥିଲେ।

### ଆଜି ଭାରତ ବିକାଶ ପରିଷଦର ରାଜ୍ୟସ୍ତରୀୟ ସମ୍ମିଳନୀ

## ଯୋଗଦେବେ ୩ଶହ ପ୍ରତିନିଧି

ସମ୍ବଲପୁର, ୨୩।୩ (ବ୍ୟୁରୋ)

ଭାରତ ବିକାଶ ପରିଷଦର ରାଜ୍ୟସ୍ତରୀୟ ସମ୍ମିଳନୀ ରବିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ହେବ । ତେଣୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରାଜ୍ୟରେ ଥିବା ୨୩ଟି ଶାଖାର ୩ଶହ ପ୍ରତିନିଧି ଯୋଗ ଦେବେ। ଶନିବାର ମହାନଦୀ କ୍ଲବ ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ଜଗତମୋହନ ପଟ୍ଟନାୟକ ଏହା କହିଛନ୍ତି । ଏହି ସମ୍ମିଳନୀରେ ଝାରସୁଗୁଡା ଶାଖାର ଉଦ୍‌ଘାଟନ କରାଯିବ । ଏଥିସହ ସମ୍ବଲପୁରରେ ପ୍ରାନ୍ତୀୟ କାର୍ଯ୍ୟାଳୟ ସକାଶେ ଆଲୋଚନା ହେବ। ନୂତନ କାର୍ଯ୍ୟପନ୍ଥା ଓ ରାଜ୍ୟ ସଂଗଠନର ଶପଥ ପାଠ ଉତ୍ସବ ହେବ। ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଡା. ବିନୋଦ ବିହାରୀ ନାୟକ ଓ ସତ୍ୟବ୍ରତ ପତି, ଶ୍ୟାମସୁନ୍ଦର ଶର୍ମା, ନନ୍ଦଲାଲ ଅଗ୍ରୱାଲ, ଗୋପିନାଥ ମିଶ୍ର, ବେଣୁମାଧବ ପଣ୍ଡା, ସୁକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।




ଶନିବାର ସମ୍ବଲପୁରରେ ଭାରତ ବିକାଶ ପରିଷଦ ରାଜ୍ୟ ସଭାପତି ଜଗତମୋହନ ପଟ୍ଟନାୟକ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

## ମାନବ ଜାତିର ଉତ୍‌ଥାନ ଲାଗି ପ୍ରେମ ଆବଶ୍ୟକ

ସମ୍ବଲପୁର, ୨୩।୩ (ବ୍ୟୁରୋ)

ମାନବ ଜାତିର ଉତ୍‌ଥାନ ଲାଗି ପ୍ରେମ ଆବଶ୍ୟକ । ମଣିଷକୁ ଭଲ ନ ପାଇଲେ ଜୀବନ ଓ ଚେତନାର ବିବର୍ତ୍ତନ ଅସମ୍ଭବ। ଶ୍ରୀଅରବିନ୍ଦଙ୍କ ସାହିତ୍ୟ, ଆଧ୍ୟାତ୍ମିକ ଦର୍ଶନ ଓ ଜୀବନତତ୍ତ୍ୱ ଏ ଭିତ୍ତି ଉପରେ ପ୍ରତିଷ୍ଠିତ ବୋଲି ଦେବରନୂଆପାଲିସ୍ଥିତ ଉଦୀୟମାନ ମାତୃକ୍ଷେତ୍ରର ରାଜ୍ୟସ୍ତରୀୟ ହୋଲି ଶିବିରରେ ବକ୍ତାମାନେ କହିଛନ୍ତି। ବୁର୍ଲା ଭିମ୍‌ସାର ପ୍ରଫେସର ମହେନ୍ଦ୍ର ଏକ୍କା, ଶିକ୍ଷାବିତ୍ ଭାଗିରଥି ମହାପାତ୍ର, ଅଧ୍ୟାପକ ରାଧାକାନ୍ତ ମିଶ୍ର ବକ୍ତାଭାବେ ଯୋଗ ଦେଇଥିଲେ । ମାତୃକ୍ଷେତ୍ର ଆବାସିକ ଶିକ୍ଷାକେନ୍ଦ୍ରର ପରିଚାଳନା ସଭାପତି ମନୋରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଟ୍ରଷ୍ଟି ବୀରେନ୍ଦ୍ର କୁମାର ପାଣିଗ୍ରାହୀ ବିବରଣୀ ପ୍ରଦାନ ଓ ସଂଯୋଜକ ପ୍ରଫୁଲ୍ଲ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ଉଗ୍ରସେନ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ବସନ୍ତ କୁମାର ପଟ୍ଟନାୟକଙ୍କ ପରିଚାଳନା ପୂର୍ବାହ୍ନରେ ମା'ଙ୍କୁ ଭଲ ପାଅ ବିଷୟ ଉପରେ ଆଲୋଚନାଚକ୍ର ମଧ୍ୟ ହୋଇଥିଲା । ଦେବରାଜ ବେହେରା, ବିନୋଦ ନାୟକ ବକ୍ତା ଭାବେ ଯୋଗ ଦେଇଥିଲେ। ଆଧ୍ୟାତ୍ମିକ ପତାକା ଉତ୍ତୋଳନ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ ଓ ଶାରୀରିକ କ୍ରୀଡ଼ା କୌଶଳ ପ୍ରଦର୍ଶନ କରାଯାଇଥିଲା । ରମେଶ ଚନ୍ଦ୍ର ସାହୁଙ୍କ ପରିଚାଳନାରେ 'ବିଜୟ ସୁନିଶ୍ଚିତ' ଶୀର୍ଷକ ଆଲୋଚନା ଚକ୍ରରେ ଭାଗିରଥି ମହାପାତ୍ର, ଅଧ୍ୟାପକ ଚିତ୍ତରଞ୍ଜନ ସାହୁ ବକ୍ତା ଥିଲେ । ସେହିପରି ଆଜି ମା'ଙ୍କ କାମ କରିବା ଆମ ଜୀବନର ବ୍ରତ ଉପରେ ରାଜ୍ୟ ପୂର୍ଣ୍ଣାଙ୍ଗ ଶିକ୍ଷା ଆନ୍ଦୋଳନର ମୁଖ୍ୟ ସଂଯୋଜକ ପ୍ରସାଦ ତ୍ରିପାଠୀ, ଅଧ୍ୟାପକ ରାଧାକାନ୍ତ ମିଶ୍ର, ପ୍ରାଧ୍ୟାପକ ଚିତ୍ତରଞ୍ଜନ ସାହୁ, ପ୍ରାଧ୍ୟାପକ ସୁପ୍ରକାଶ ଚୌଧୁରୀ, ଶିକ୍ଷାବିତ୍ ଶେଖ ଅବଦୁଲ କାଶମ୍, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନା କରିଥିଲେ । ଏଥିସହ ସୃଜନଶୀଳ କବିତା ପାଠୋତ୍ସବ ହୋଇଥିଲା । ଶିବିରରେ ରାଜ୍ୟର ମାତୃପ୍ରେମୀ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।



ସମ୍ବଲପୁର ଦେବରନୂଆଁପାଲି ଉଦୀୟମାନ ମାତୃକ୍ଷେତ୍ରରେ ଆୟୋଜିତ ହୋଲି ଶିବିରରେ ବକ୍ତାମାନେ ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।

- ଆର.ଡବ୍ଲ୍ୟୁ. ଇମରସନ

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ। ସ୍ଥାନ- ଗୋପାଳମାଳ ହରିହର ନନ୍ଦ କ୍ରିୟାଯୋଗ ଆଶ୍ରମ। ସମୟ- ପୂର୍ବାହ୍ନ ସାଢ଼େ ୯ଟା।
- ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ। ସ୍ଥାନ- ମନ୍ଦଲିଆ ଛକ ସମୟ- ପୂର୍ବାହ୍ନ ୯ଟା।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ବାରକୋଟ,୨୩।୩ (ଡି.ଏନ.ଏ.)- ଦେବଗଡ଼ ଥାନାଠାରୁ ୨୫ କି.ମି ଦୂର ମୁନିଡିହି ଗ୍ରାମରେ ଗୁରୁବାର ଅପରାହ୍ନରେ ଏକ ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁରୁଚରଣ ମୁଣ୍ଡା(୨୨)। ସୂଚନା ଯୋଗ୍ୟ, ଗୁରୁବାର ଅପରାହ୍ନରେ ଓଡି ୨୮ - ୦୭୪୩ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ଟୁସ୍ୱଳା ଗ୍ରାମରୁ ବଳମ ଅଭିମୁଖେ ଆସୁଥିଲା। ହେଲେ ମୁନିଡିହି ଗ୍ରାମ ନିକଟରେ ଟ୍ରକ୍ଟର ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ଘଟଣାସ୍ଥଳରେ ଡ୍ରାଇଭର ଗୁରୁଚରଣଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଦେବଗଡ଼ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଦେବଗଡ଼ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବିଶ୍ୱ ଜଳ ଦିବସ ପାଳିତ

ବାରକୋଟ,୨୩।୩(ଡି.ଏନ.ଏ.) ଦେବଗଡ଼ ଜିଲା ବାରକୋଟ ବ୍ଲକ ଗୁରୁସଙ୍ଗସ୍ଥିତ ପ୍ରକୃତ ପଲ୍ଲୀ କାର୍ଯ୍ୟାଳୟଠାରେ ଜିତା ଅନୁଷ୍ଠାନ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୫ଟି ପଞ୍ଚାୟତର ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା କର୍ମୀ, କିଶୋରୀ ସଂଘର ସଦସ୍ୟା ଯୋଗଦେଇଥିଲେ। ଜିତା ଅନୁଷ୍ଠାନର ସମ୍ପାଦିକା ଅନୁପମା ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଗୁରୁସଙ୍ଗ ସରପଞ୍ଚ ବବିତା ଶବର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସରୁଆଳି ସରପଞ୍ଚ ଭୋଳେଶ୍ୱର ନାୟକ ଉପସ୍ଥିତ ଥିଲେ। ଜଳଯୋଗାଣ କ୍ଷେତ୍ରର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସରୁଳଆଳି ପଞ୍ଚାୟତ ସରପଞ୍ଚ ଭୋଳେଶ୍ୱର ନାୟକ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର ସାମଲଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟ ସଂଯୋଜକ ସୀମାଞ୍ଚଳ ପଣ୍ଡା, ଶ୍ରଦ୍ଧାଞ୍ଜଳି ସାହୁ, ଗୋଲେଖ ବାରିକ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିଙ୍କ ଦ୍ୱାରା ସାଗର ପୃଷ୍ଟିଙ୍କୁ ଜୋସନ୍-୨୦୧୯ ସମ୍ମାନିତ କରାଯାଉଛି।




ଅନ୍ୟ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

### 'ଜୋସନ୍-୨୦୧୯' ଉଦ୍‌ଯାପିତ: ଦେବାଶିଷ ଚାମ୍ପିୟନ

# ସାଗର ପୃଷ୍ଟିଙ୍କୁ ଜୋସନ୍-୨୦୧୯ ସମ୍ମାନ

**ଦେବଗଡ, ୨୩।୩ (ସ୍ୱ.ପ୍ର)**

ଦେବଗଡ଼ ସହର ମହୁଲଢିପା ସାହି ରାଧାକୃଷ୍ଣ ଯାତ୍ରା କମିଟି ଏବଂ ବୀଣାପାଣି କ୍ଲବ ପକ୍ଷରୁ ହୋଲି ପର୍ବ ଅବସରରେ ଚଳିତବର୍ଷର ଦୁଇଦିନ ଧରି ଆୟୋଜିତ 'ଜୋସନ-୨୦୧୯' ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ଅଡିସନ ରାଉଣ୍ଡରେ ଦେବଗଡ ତଥା ଜିଲା ବାହାରୁ ୩୪ ଜଣ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୦ଜଣ ପ୍ରତିଯୋଗୀ ଫାଇନାଲ ରାଉଣ୍ଡକୁ ପ୍ରବେଶ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଦେବଗଡ଼ର ଦେବାଶିଷ ଦାସ ଚାମ୍ପିୟନ ହୋଇଥିଲେ। ତାଙ୍କୁ ନଗଦ ୫୦୦୧ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସରିତା କର୍ମୀ ଦ୍ୱିତୀୟ ହେବା ସହ ୩୦୦୧ ଟଙ୍କା ଓ ସମ୍ବଲପୁରର ଅର୍ପିତା ରାଉତ ତୃତୀୟ ହେବା ସହ ୨୦୦୧ ଟଙ୍କା ସହ ମାନପତ୍ର ପାଇଥିଲେ। ସମସ୍ତଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ଫାଇନାଲ ରାଉଣ୍ଡର ଅନ୍ୟ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ଉକ୍ତ କାର୍ଯ୍ୟକ୍ରମ ଆୟୋଜନରେ କ୍ଲବର ସଦସ୍ୟ ପ୍ରୀତମ ବେହେରା(ଲିପୁ) ଉଦ୍‌ଘୋଷକ ଭାବେ ମଞ୍ଚ ପରିଚାଳନା କରିଥିଲେ। ଦେବଗଡ଼ର ଚଳଚ୍ଚିତ୍ର ଓ ଧାରାବାହିକ ନିର୍ମାତା ପ୍ରେମାନନ୍ଦ ମାଝି, ଅଧ୍ୟାପକ ଡ.ଭାରତ ଭୂଷଣ ନନ୍ଦ, ଜନ୍ମେଜୟ ନାୟକ, ଜ୍ୟୋର୍ତିମୟୀ ଦ୍ୱିବେଦୀ ପ୍ରମୁଖ ବିଚାରକ ରହିଥିଲେ। ଉତ୍ସବରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୃତ୍ୟଶିଳ୍ପୀମାନଙ୍କୁ ଉତ୍ସାହିତ କରି ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଜିଲା ସଂସ୍କୃତି ପରିଷଦ ସଂଯୋଜକ ଦିଲୀପ ଗୁରୁ, ଓଡିଶୀ ନୃତ୍ୟାଙ୍ଗନା ପ୍ରଗତିଲକ୍ଷ୍ମୀ କପରଦାର,ଉପସଭାପତି ଅଲେଖ ପ୍ରଧାନ, ସମ୍ପାଦକ ଯୋଗେଶ ମହାକୁଲ, ଇଂ. ବିଷ୍ଣୁ ପ୍ରସାଦ ଅମାତ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୃତ୍ୟ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ପକ୍ଷରେ ଏମ୍ଆଇ ଲାଇଫଷ୍ଟାଇଲ ଆୟୁଷ କାନୀ ପକ୍ଷରୁ ଚଳଚ୍ଚିତ୍ର ଜଗତରେ 'ରକତ କହିବ କିଏ କାହାର' ଓ 'କେଉଁ ଦୁନିଆରୁ ଆସିଲ ବନ୍ଧୁ' ଅଭିନୟ କରିଥିବା ଦେବଗଡ଼ର ଯୁବ ଦିବ୍ୟାଙ୍ଗ ସାଗର ପୃଷ୍ଟିଙ୍କୁ ଜୋସନ୍-୨୦୧୯ ସମ୍ମାନ ମାନପତ୍ର ଓ ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଥିଲା। କ୍ଲବର ଉପଦେଷ୍ଟା ଟିକେଶ୍ୱର ଗୁରୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନରେ ସଦସ୍ୟ ଅମୂଲ୍ୟ ନାଏକ, ଠୁବୁରୁ ନାଏକ, ବୁଧୁ ସାହୁ, ଜଗନ୍ନାଥ ବେହେରା, କାର୍ତ୍ତିକ ମହାକୁଲ, ଅଟଳ ସ୍ୱାଇଁ, ନିଲୁ ଅମାତ୍ୟ, ଚିନ୍ମୟ ଦାସ, ତନ୍ମୟ ଦାସ, ତନୁ ଘୋଷଙ୍କ ସମେତ ରାଧାକୃଷ୍ଣ ଯାତ୍ର, କମିଟିର ସଭାପତି ଗୌରହରୀ ବେହେରା, ଯୁଧିଷ୍ଠିର ବେହେରା, ବସନ୍ତ କୁମାର ବେହେରା, ଚକ୍ରଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।

### କହ୍ନେଇ ଡାଙ୍ଗ କନ୍ଧମାଳ ଭାଜପା ପ୍ରାର୍ଥୀ

**ମନମୁଣ୍ଡା, ୨୩।୩ (ଡି.ଏନ.ଏ)**

କନ୍ଧମାଳ ବିଧାନସଭା ଆସନ ପାଇଁ ଭାଜପା ବରିଷ୍ଠ ନେତା ତଥା ଆଇନଜୀବୀ କହ୍ନେଇ ଚରଣ ଡାଙ୍ଗଙ୍କ ନାମ ଘୋଷଣା କରିଛି । ସେହିପରି କଂଗ୍ରେସରୁ ପ୍ରଶାନ୍ତ ସାହୁ, ବିଜେଡିରୁ ବିଧାୟକ ମହୀଧର ରଣାଙ୍କ ନାମ ଘୋଷଣା ହୋଇଥିବା ବେଳେ ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ଭାବେ ବୟନିକା ସଭାପତି ତଥା ଆଇନଜୀବୀ ଶେଷ ମେହେର ପ୍ରାର୍ଥୀ ମନୋନୟନ ପତ୍ର ଆଣିଛନ୍ତି । ୨୫ ତାରିଖରେ ବିଜେଡି ଓ କଂଗ୍ରେସ ମନୋନୟନପତ୍ର ଦାଖଲ କରିବାକୁ ସ୍ଥିର କରିଥିବା ବେଳେ ୨୬ ତାରିଖରେ ଭାଜପା ଏବଂ ସ୍ୱାଧୀନ ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିବେ ବୋଲି ଜଣାଯାଇଛି । ଭାଜପା ପ୍ରାର୍ଥୀ କହ୍ନେଇ ଓ ସ୍ୱାଧୀନ ପ୍ରାର୍ଥୀ ଶେଷ ଉଭୟେ ବନ୍ଧୁ ଓ ଗୋଟିଏ ପଞ୍ଚାୟତର ବାସିନ୍ଦା । ଏଠାରେ ଚତୁର୍ମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆଲୋଚନା ଚାଲିଛି ।

### ଗଛରେ ଧକ୍କା ଦେଇ ବାଇକ ଆରୋହୀ ମୃତ

**କୁଚିଣ୍ଡା,୨୩।୩ (ଡି.ଏନ.ଏ.)**

କୁଚିଣ୍ଡା-କୁସୁମୀ ରାସ୍ତାର ପେଟ୍ରୋଲ ପମ୍ପ ନିକଟସ୍ଥ ଏକ ବୁଲାଣୀରେ ଥିବା ଗୋଟିଏ ଗଛରେ ଏକ ବାଇକ୍ ଧକ୍କା ହୋଇଛି। ବାଇକ ଆରୋହୀ ବାପି ଭଇଁସାଙ୍କ ଦୁର୍ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଭଇଁସା କୁସୁମୀରେ ସୁଇପର ଭାବେ କାମ କରୁଥିଲେ।

### ହୀରାକୁଦ କପ୍ ଫୁଟବଲ ଟୁର୍ନାମେଣ୍ଟ

# ଫାଇନାଲରେ ବୌଦ୍ଧ

**ସମ୍ବଲପୁର,୨୩।୩(ବ୍ୟୁରୋ)**

ହୀରାକୁଦ କପ୍ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶନିବାର ସ୍ଥାନୀୟ ସୁଭାଷ ମଇଦାନଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୌଦ୍ଧ ଦଳ ୨-୦ ଗୋଲରେ ଦେବଗଡକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ରବିବାର ଫାଇନାଲ ମ୍ୟାଚ ବୌଦ୍ଧ ବନାମ ରାଉରକେଲା ମଧ୍ୟରେ ହେବ । ସଭାପତି ସଚ୍ଚିକାନ୍ତ ମିଶ୍ରଙ୍କ ପରିଚାଳନାରେ କ୍ଷୀରୋଦ ନାୟକ, ବିଘ୍ନ ପାଣିଗ୍ରାହୀ, ଅଭିଷେକ ଦାଶ, ସୂରଜ ସେଠୀ, ମନୋଜ ଟପ୍ପୋ, ଟିଲୁ ନାୟକ, ସତନାମ ସିଂ ମ୍ୟାଚ ପରିଚାଳନା କରିଥିଲେ । ସୁନୀଲ ସାହୁ ସୂଚନା ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ପ୍ରତାପ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ ।




ହୀରାକୁଦ ସୁଭାଷ ମଇଦାନଠାରେ ବୌଦ୍ଧ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

# ଏମ୍‌ବିସିସି ସିଙ୍ଗୁରି ଚାମ୍ପିୟନ

**ଦେବଗଡ, ୨୩।୩ (ସ୍ୱ.ପ୍ର)**

ଜିଲାର ବାରକୋଟ ବ୍ଲକ ଅଧୀନ ସିଙ୍ଗୁରି ଗ୍ରାମ ଖେଳପଡିଆଠାରେ ଆୟୋଜକ ମା' ଭବାନୀ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବିସିସି କୁଚିଣ୍ଡା ଓ ଏମ୍‌ବିସିସି ସିଙ୍ଗୁରି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଙ୍ଗୁରି ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆରମ୍ଭ କରି ୧୨ ଓଭରରେ ୪ ଉଇକେଟ ହରାଇ ୧୨୯ ରନ କରିଥିଲେ। ଏହାର ଜବାବରେ କୁଚିଣ୍ଡା ୧୨ ଓଭରରେ ୫ ଉଇକେଟ ହରାଇ ୧୧୦ ରନ କରି ପରାଜୟ ବରଣ କରିଥିଲା। ଫଳରେ ସିଙ୍ଗୁରି ଦଳ ଚାମ୍ପିୟନ ଆଖ୍ୟା ପାଇଥିଲା। ଅମ୍ପିୟାର ଭାବେ ଦିପକ କୁମାର ସାହୁ, ଭେସଜ କୁମାର ଜେନା ଖେଳ ପରିଚାଳନା କରିଥିଲେ। ବିକାଶ ସାହୁ, ପପୁ ସାହୁ ସ୍କୋରର ଦାୟୀତ୍ୱ ତୁଲାଇଥିଲେ। ଦେବରାଜ ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସୁଧୀର କୁମାର ବ୍ରହ୍ମା ସମ୍ମାନୀୟ ଅତିଥି ଭାବେ ଗୁରୁବାରି ପାତ୍ର, ଗୌରୀ କିଷାନ, ଫକୀର ମୋହନ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହା ସହ ଚାମ୍ପିୟନ ଏମ୍‌ବିସିସି ସିଙ୍ଗୁରିକୁ ନଗଦ ୧୦ ହଜାର ଏବଂ ରନର୍ସଅପ କୁଚିଣ୍ଡା ଦଳକୁ ୭ହଜାର ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଏମ୍‌ବିସିସି ସିଙ୍ଗୁରି ଟିମର ବାବୁଲୁ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ମ୍ୟାନ ଅଫ ଦି ସିରିଜ ଓ ବେଷ୍ଟ ବ୍ୟାଟ୍ସମ୍ୟାନ ପୁରସ୍କାର ଦିଆଯାଇଥିଲା। ଟୁର୍ନାମେଣ୍ଟ ଆୟୋଜନରେ କ୍ଲବର କ୍ଲବର ସଭାପତି ପ୍ରକାଶ ସାହୁ, ଉପ ସଭାପତି ଦିପକ ସାହୁ, ସମ୍ପାଦକ ପ୍ରିୟବ୍ରତ ସାହୁଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।

**କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**



ଚାମ୍ପିୟନ ଏମ୍‌ବିସିସି ସିଙ୍ଗୁରି ଦଳକୁ ଅତିଥି ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରୁଛନ୍ତି।

# ଜଙ୍ଗଲ ସୁରକ୍ଷା ପାଇଁ ସହଯୋଗ ଆବଶ୍ୟକ

**ଦେବଗଡ, ୨୩।୩ (ସ୍ୱ.ପ୍ର)**

ସ୍ଥାନୀୟ ଟାଉନ ହାଇସ୍କୁଲରେ ଜିଲା ବନ ବିଭାଗ ପକ୍ଷରୁ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାର ବିଭିନ୍ନ ବନସୁରକ୍ଷା ସମିତିର ସଦସ୍ୟା ସଦସ୍ୟ, ବନପାଳ, ବନରକ୍ଷୀ, ଛାତ୍ରୀ ଓ ସାମାଜିକ କର୍ମୀଙ୍କୁ ନେଇ ଜଙ୍ଗଲ ସୁରକ୍ଷା ସମ୍ପର୍କୀତ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହା ସହର ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲା। ପରେ ସ୍କୁଲରେ ଏକ ସଭା ଆୟୋଜିତ ହୋଇଥିଲା। ଦେବଗଡ ଡିଏଫ୍‌ଓ କ୍ଷମା ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଦେବଗଡ ଏସ୍‌ପି ରାହୁଲ ଜୈନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହା ସହ ଜଙ୍ଗଲ ସୁରକ୍ଷା ପାଇଁ ପ୍ରତ୍ୟେକ ଦେବଗଡବାସୀ




ବିଶ୍ୱ ବନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ଆନ୍ତରିକ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀୟ ଅତିଥି ଭାବେ ପିଡି ଡିଆରଡିଏ ଭୀନସେଣ୍ଟ ପୁନମକାନ୍ତ ଏକ୍କା, ମୁଖ୍ୟ ବକ୍ତା ପରିବେଶବିତ ଲଳିତ ମୋହନ ସାହୁ, କେ.ଏଲ ଡିଏଫ୍‌ଓ ଫାଲଗୁନି ସାରଥି ମଲ୍ଲିକ, ଏସିଏଫ୍ ପିଟର ଟିଗା, ଦେବବ୍ରତ ପଟ୍ଟନାୟକ ସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଦିବସର ତଥା ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ, ଲୋକଙ୍କ ସଚେତନ ବିଷୟ ଉପରେ ଆଲୋକପାତ କରିଥିଲେ। ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷା ଏବଂ ସଚେତନତା ଆଦି କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ରିଆମାଲ ବ୍ଲକର ରିଆମାଲ ହାଇସ୍କୁଲକୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ଅବସରରେ ହୋଇଥିବା ଡ୍ରଇଂ ପ୍ରତିଯୋଗିତାର ସିନିୟର, ଜୁନିୟର କୃତୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସିନିୟର ଗ୍ରୁପ ଖମାର ୟୁଜିୟୁ ସ୍କୁଲର ପ୍ରଦୀପ କୁମାର ପ୍ରଧାନ ପ୍ରଥମ, କେନ୍ଦ୍ରିୟ ବିଦ୍ୟାଳୟ ଦେବଗଡର ଶିବାନନ୍ଦ ପୃଷ୍ଟି ଦ୍ୱିତୀୟ ରେଙ୍ଗାଲବେଡା, ଗୋହିରା ନୋଡାଲ ହାଇସ୍କୁଲର ଅନୁସୟା ବେହେରା ତୃତୀୟ ଏବଂ ଜୁନିୟର ଗ୍ରୁପର ଶୁଭ୍ରଜ୍ୟୋତି ଆବାଶିକ ବିଦ୍ୟାଳୟର ସୃଷ୍ଟି ସଞ୍ଚିତା ସାମଲ ପ୍ରଥମ, ସାହାରାଗୁରୁ ଜଙ୍ଗ ୟୁପି ସ୍କୁଲର ରଞ୍ଜିତ ବେହେରା ଦ୍ୱିତୀୟ, ବରଡା ୟୁପି ସ୍କୁଲର ମାମି ମୁଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ରେଞ୍ଜର କେ.ସି ସିଂ, ରମେଶ ଚନ୍ଦ୍ର ସାହୁ, ବି.ଦାଶ ଫରେଷ୍ଟର ପ୍ରଶାନ୍ତ କୁମାର ଶତପଥୀ, ଭୋଳେଶ୍ୱର ସାହୁ, ସୀମା ପ୍ରଧାନ, ରଶ୍ମିତା ମାଝି, ରଞ୍ଜିତା ବେହେରା, ପ୍ରତାପ କିଷାନଙ୍କ ସମତେ ଦେବଗଡ ବନଖଣ୍ଡ ଅଞ୍ଚଳର ବହୁ ସଂଖ୍ୟକ ଫରେଷ୍ଟର, ଫରେଷ୍ଟ ଗାର୍ଡ ପ୍ରଧାନପାଟ ପ୍ରୋଟେକ୍ସନ ସ୍ୱାର୍ଡ ଏବଂ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକଙ୍କୁ ଅଡୁଆ ସ୍ୱାଧୀନ ପ୍ରାର୍ଥୀ

**ବୌଦ୍ଧ,୨୩।୩ (ସ୍ୱ.ପ୍ର)**

ବୌଦ୍ଧ ଜିଲାର କନ୍ଧମାଳ ବିଧାନସଭା କ୍ଷେତ୍ର ପାଇଁ ବିଧାୟକ ମହୀଧର ରଣାଙ୍କୁ ବିଜେଡି ପୁଣିଥରେ ଟିକେଟ ଦେଇଛି । ଦଳର ଅସନ୍ତୁଷ୍ଟ ନେତାମାନେ ମହୀଧରଙ୍କୁ ଟିକେଟ ନ ଦେବା ପାଇଁ ଦାବି କରିଆସୁଥିଲେ । ତେବେ ସେମାନଙ୍କ ଦାବିକୁ ଅଣଦେଖା କରି ପୁଣି ମହୀଧରଙ୍କୁ ଟିକେଟ୍ ଦିଆଯିବାକୁ ନେଇ ବିରୋଧାଭାସ ପ୍ରକାଶ ପାଇଛି । ଏହି କ୍ରମରେ ଅସନ୍ତୁଷ୍ଟ ଗୋଷ୍ଠୀ ପକ୍ଷରୁ ଦଳର ବରିଷ୍ଠ ନେତା ତଥା ରାଜ୍ୟ ବୟନିକା ସଭାପତି ଶେଷ କୁମାର ମେହେରଙ୍କୁ ସ୍ୱାଧୀନ ପ୍ରାର୍ଥୀ କରିବା ପାଇଁ ଏକ ପ୍ରକାର ନିଷ୍ପତ୍ତି ହୋଇଛି ଏବଂ ସେ ଆସନ୍ତା ୨୬ ତାରିଖରେ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡିଛି । ବିଧାୟକ ରଣା ଗତ ଗୁରୁବାର ଟିକେଟ ଧରି ଭୁବନେଶ୍ୱରରୁ ଆସିବା ବେଳେ ଦଳ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । କିନ୍ତୁ ଏହି ଶୋଭାଯାତ୍ରାରେ ଦଳର କୌଣସି ବରିଷ୍ଠ ନେତା, ବୌଦ୍ଧ ଓ କନ୍ଧମାଳ ବ୍ଲକ ଅଧ୍ୟକ୍ଷା, ଜିଲା ପରିଷଦ ସଭାପତି ଓ ସଭ୍ୟ ମାନଙ୍କ ଦେଖା ନ ଥିଲା । ସେପଟେ କନ୍ଧମାଳ ବିଧାନସଭା ପାଇଁ ଭାଜପା ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ଯୁବ ନେତା ପ୍ରଶାନ୍ତ ସାହୁଙ୍କ ପ୍ରାର୍ଥୀ କରିଛି । ଏଥର କନ୍ଧମାଳ ବିଧାନସଭା ନିର୍ବାଚନ ପାଇଁ ସବୁ ପ୍ରାର୍ଥୀ ଯଦି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୁଅନ୍ତି, ତେବେ କଡା ଟକ୍କର ହେବ ବୋଲି ରାଜନୈତିକ ସମୀକ୍ଷକ ମହଲରେ ଚର୍ଚ୍ଚା ଜୋର୍ ଧରିଛି । ବିଶେଷ କରି ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ହିଁ ମହୀଧରଙ୍କୁ ଅଡୁଆରେ ପକାଇବେ ବୋଲି ଆଲୋଚନା ଚାଲିଛି ।

## ଫଟୋରେ ଖବର



ବୁର୍ଲା ଏନଏସି ମହାବିଦ୍ୟାଳୟ ପରିସରରେ ଥିବା ଶହୀଦ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ଭାରତୀୟ ଜନତା ପାର୍ଟି ବୁର୍ଲା ମଣ୍ଡଳର କର୍ମକର୍ତ୍ତା ମାଲ୍ୟାର୍ପଣ କରିବା ଅବସରରେ।



ସମ୍ବଲପୁର ବୁଢ଼ାରଜା ବନ ସଂରକ୍ଷଣ ସମିତି ପକ୍ଷରୁ ବୁଢ଼ାରଜା ପାହାଡ ପାଦ ଦେଶରେ ବୃକ୍ଷ ସହ ହୋଲି ଖେଳିବା ଅବସରରେ କର୍ମକର୍ତ୍ତାମାନେ।




ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ପ୍ରୋଗ୍ରେସିଭ ପକ୍ଷରୁ ଶନିବାର ସନ୍ଧ୍ୟାରେ ଜିଏମୟୁ ମୁଖ୍ୟ ଫାଟକଠାରେ ଛାତ୍ରୀଛାତ୍ର ଶହୀଦ ଭଗତ ସିଂ, ଶୁକଦେବ, ରାଜ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ୬୦ ଲିଟର ମଦ ଜବତ, ଜଣେ ଗିରଫ

**ପଦ୍ମପୁର, ୨୩।୩ (ଡି.ଏନ.ଏ)-** ପଦ୍ମପୁର ଥାନା ଅନ୍ତର୍ଗତ ସଁପିଆ ଗ୍ରାମରେ ପଦ୍ମପୁର ପୋଲିସ ଶୁକ୍ରବାର ରାତିରେ ଚଢ଼ାଉ କରି ମଦରନ୍ଧା ସାମଗ୍ରୀ ସହ ୬୦ ଲିଟର ମଦ ଜବତ କରିଥିଲା । ଏହାସହ ଅଭିଯୁକ୍ତ ବୁଲୁ ବେହେରାଙ୍କୁ ଗିରଫ କରିଛି । ବୁଲୁଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି ।

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ପଦ୍ମପୁର, ୨୩।୩ (ଡି.ଏନ.ଏ)-** ଗତ ୨୦ ତାରିଖରେ ପାଇକମାଳ ରାସ୍ତାରେ ସଂଘଟିତ ଏକ ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ଯୁବକଙ୍କ ଗତ ୨୨ ତାରିଖରେ ମୃତ୍ୟୁ ଘଟିଛି । ମୃତକ ହେଲେ ମହୁଲପାଲି ଗ୍ରାମର ବାସୁଦେବ ସୁନା(୨୫) । ଏକ ବୋଲେରୋ ବାଇକ ଆରୋହୀ ବାସୁଦେବଙ୍କୁ ଧକ୍କା ହେବାରୁ ସେ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ବୁର୍ଲାରୁ କଟକ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା । ପଦ୍ମପୁରରେ ତାଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିଲା । ପୋଲିସ ଡ୍ରାଇଭର ବିରେନ୍ଦ୍ର ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

### ଚକୁଳି ଫାର୍ମରେ ହତ୍ୟାକାଣ୍ଡ

**ସରଣ୍ଡା, ୨୩।୩ (ଡି.ଏନ.ଏ.)-** ବରଗଡ ଜିଲା ଅତାବିରା ଥାନା ଅନ୍ତର୍ଗତ ଚକୁଳି ଫାର୍ମ ସତୀଯୋର ନିକଟରେ ଜଣେ ବ୍ୟକ୍ତିଙ୍କୁ ଗୁରୁବାର ରାତିରେ ହତ୍ୟା କରାଯାଇଛି । ମୃତକ ହେଲେ ଚକୁଳି ଫାର୍ମ ନୂଆ ଖଇରପାଲି ନିବାସୀ ପି. ସତ୍ୟପ୍ରସାଦ ଚୌଧୁରୀ (୫୫) । ହତ୍ୟାକାଣ୍ଡର କାରଣ ଜଣାପଡି ନ ଥିବାବେଳେ ହତ୍ୟାକାରୀ ଫେରାର ଅଛନ୍ତି । ଘଟଣାସ୍ଥଳରେ ଅତାବିରା ଥାନା ଓ ଗୋଡଭଙ୍ଗା ଫାଣ୍ଡି ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି । ଏ ନେଇ ଅତାବିରା ଥାନାରେ ଏକ ମାମଲା ( ନଂ. ୭୬/୧୯) ରୁଜୁ କରାଯାଇଥିବା ଆଇଆଇସି ପୁରୁଷୋତ୍ତମ ଭୋଇ ପ୍ରକାଶ କରିଛନ୍ତି । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି ।

### ବିଜେଡିର କର୍ମୀ ସମ୍ମିଳନୀ

**ବରପାଲି, ୨୩।୩ (ଡି.ଏନ.ଏ)-** ବରପାଲି ରାଜବାଟି ସ୍ଥିତ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ସନ୍ଧ୍ୟାରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଧାୟିକା ରୀତା ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସମାବେଶରେ ବିଜେପୁର ନିର୍ବାଚନରେ ପ୍ରସ୍ତାବିତ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ସହ ନିଃସ୍ୱାର୍ଥପର ଭାବେ କାମ କରିବାକୁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ । ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମାବେଶରେ ବହୁ ସଂଖ୍ୟକ କର୍ମୀ ଯୋଗ ଦେବାକୁ କହିଥିଲେ । ଏଥିରେ ବିଜେଡି ସଦସ୍ୟ ଲାଲବିକ୍ରମ ସିଂଙ୍କ ସମେତ ଦଳର କର୍ମୀ ଉପସ୍ଥିତ ଥିଲେ ।

# ତିନି ପୁରୁଣା ମୁହଁ ମଧ୍ୟରେ ପୁଣି ଲଢ଼େଇ

**ଭେଡ଼େନ, ୨୩।୩ (ଡି.ଏନ.ଏ)**

**ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ**


ମିଳନ ସେଠ


ନିହାର ମହାନନ୍ଦ


ସ୍ନେହାଙ୍ଗିନୀ ଛୁରିଆ

ବରଗଡ଼ ଜିଲା ଅତାବିରା ଏନଏସି, ଭେଡ଼େନ ଏବଂ ଅତାବିରା ବ୍ଲକକୁ ନେଇ ଗଠିତ ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ (ଏସ୍‌ସି) ପାଇଁ ଆସନ୍ତା ୧୮ ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବ । ୨୦୦୯ ଏବଂ ୨୦୧୪ ନିର୍ବାଚନ ପରି ଏଥର ମଧ୍ୟ ତିନି ପୁରୁଖାଙ୍କ ମଧ୍ୟରେ ଲଢ଼େଇ ହେବା ସ୍ପଷ୍ଟ ହୋଇଯାଇଛି । ଏହି ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡ଼ି ପକ୍ଷରୁ ବର୍ତ୍ତମାନର ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥିନୀ ଭାବେ ପ୍ରଥମେ ଘୋଷଣା କରାଯିବା ପରେ କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏବଂ ଭାଜପା ମିଳନ ସେଠଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଛି । ବିଗତ ଦୁଇଟି ନିର୍ବାଚନରେ ଅତାବିରାବାସୀ ଏହି ତିନି ଜଣଙ୍କ ମଧ୍ୟରେ ଲଢ଼େଇ ଦେଖି ଆସିଛନ୍ତି। ୨୦୦୯ ନିର୍ବାଚନରେ କଂଗ୍ରେସର ନିହାର ମହାନନ୍ଦ ୧୩, ୩୨୯ ଭୋଟରେ ବିଜୟୀ ହୋଇଥିଲେ । ଏହି ନିର୍ବାଚନରେ ମୋଟ ଭୋଟର ସଂଖ୍ୟା ୧୮୯୧୪୪ ମଧ୍ୟରୁ ୧୨୪୬୨୦ଜଣ ଭୋଟ ଦେଇଥିଲେ । ସେଥିମଧ୍ୟରୁ କଂଗ୍ରେସ ଦଳର ନିହାର ମହାନନ୍ଦ ୪୯,୩୧୬ ଭୋଟ(୩୯.୬୫%) ପାଇଥିବା ବେଳେ ବିଜେଡ଼ିର ସ୍ନେହାଙ୍ଗିନୀ ଛୁରିଆ ୩୬,୦୬୯(୨୮.୯୫%) ଭୋଟ ପାଇଥିଲେ । ତେବେ ଭାଜପା ପକ୍ଷରୁ ଟିକେଟ ନ ପାଇ ସ୍ୱାଧୀନ ଭାବେ ଲଢ଼ିଥିବା ମିଳନ ସେଠ ୧୬,୩୦୮ (୧୩.୦୯%) ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ । ଭାଜପାର ଦଳୀୟ ପ୍ରାର୍ଥୀ ବିପିନ ଭୋସାଗର ୧୧,୦୬୬ (୮.୮୮%) ଭୋଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ । କିନ୍ତୁ ୨୦୧୪ରେ ଏଥିରେ ପରିବର୍ତ୍ତନ ହୋଇଥିଲା। ସେତେବେଳେ ବିଜେଡ଼ି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ୨୫,୪୭୪ ଭୋଟ ବ୍ୟବଧାନରେ ତତ୍କାଳୀନ ବିଧାୟକ ଥିବା ନିହାର ରଞ୍ଜନ ମହାନନ୍ଦଙ୍କୁ ପରାସ୍ତ କରି ପ୍ରଥମ ଥର ପାଇଁ ବିଧାୟିକା ନିର୍ବାଚିତ ହୋଇଥିଲେ । ଏହି ନିର୍ବାଚନରେ ମୋଟ ୨,୦୨,୫୦୬ରୁ ୧,୫୪, ୯୭୪ ଜଣ ମତଦାନ କରିଥିଲେ। ସେଥି ମଧ୍ୟରୁ ବିଜେଡ଼ି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ୬୯, ୬୦୨ ( ୪୪.୯୨%) ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ନିହାର ରଞ୍ଜନ ମହାନନ୍ଦ ୪୪,୧୨୮(୨୮.୯୮%) ଭୋଟ ପାଇଥିଲେ। ଏହି ନିର୍ବାଚନରେ ଭାଜପା ପକ୍ଷରୁ ମିଳନ ସେଠ ପ୍ରାର୍ଥୀ ହୋଇ ୩୩,୭୩୫(୨୧.୭୭%) ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ । ଚଳିତ ନିର୍ବାଚନରେ ୨୫୬ଟି ପୋଲିଙ୍ଗ ବୁଥ୍‌ରେ ମୋଟ ୨,୧୨,୦୧୪ଜଣ ଭୋଟ ଦେବେ। କିଏ ବିଜୟୀ ହେବେ ତାହା ଆଗାମୀ ଦିନରେ ଜଣାପଡ଼ିବ।

୧୯୬୧ ମସିହାରେ ପ୍ରଥମ ଥର ପାଇଁ ଅତାବିରା ନିର୍ବାଚନ ମଣ୍ଡଳୀ ଗଠିତ ହୋଇ ଅନୁସୂଚିତ ଜାତିର ବର୍ଗଙ୍କ ପାଇଁ ସଂରକ୍ଷିତ ରହିଥିଲା । ସେହି ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଦଳଗଞ୍ଜନ ଛୁରିଆ (ଯେ କି ବର୍ତ୍ତମାନର ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ଅଜା ଶ୍ୱଶୁର) ୨୫୮ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସେ ମୋଟ ୫୫୦୮ ଖଣ୍ଡ (୪୫.୦୨%) ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଗଣତନ୍ତ୍ର ପରିଷଦ ପ୍ରାର୍ଥୀ ଘାସି ଭିଖାରୀଙ୍କୁ ୫୨୫୦ ଖଣ୍ଡ ଭୋଟ ମିଳିଥିଲା। ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଦ୍ୱିତୀ ଗଣ୍ଡଙ୍କୁ ୧୪୭୬ ଭୋଟ ମିଳିଥିଲା । ପରେ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ହୋଇ ଅତାବିରା ନିର୍ବାଚନ ମଣ୍ଡଳୀର ଭେଡ଼େନ ଓ ଅତାବିରା ବ୍ଲକର କିଛି ପଞ୍ଚାୟତ ବରଗଡ଼ ବିଧାନସଭାରେ ମିଶିଥିଲା । ସେହିପରି ଅତାବିରା ବ୍ଲକର ଅନ୍ୟ କେତେକ ପଞ୍ଚାୟତ ସମ୍ବଲପୁର ନିର୍ବାଚନ ମଣ୍ଡଳୀରେ ମିଶିଥିଲା। ଗତ ୨୦୦୯ରେ ଅତାବିରା ନିର୍ବାଚନ ମଣ୍ଡଳୀ ପୁଣିଥରେ ଗଠିତ ହୋଇଥିଲା ।


କଂସ ମହାରାଜା ।

## ଜଗଲପାଟରେ ଫଗୁଣ ଉତ୍ସବ ଉଦ୍‌ଯାପିତ

**ଗାଇସିଲେଟ, ୨୩।୩ (ଡି.ଏନ.ଏ)**

ଗାଇସିଲେଟ ବ୍ଲକ ଜଗଲପାଟ ଗ୍ରାମରେ ଫଗୁଣ ଉତ୍ସବ ଉଦ୍‌ଯାପିତ ହୋଇ ଯାଇଛି। ଏହି ଉପଲକ୍ଷେ ତୁଳସୀ ଦାସ ରାମାୟଣ ପାରାୟଣ, ଗୋଟିଏ ଦିନରେ ଖୋଲା ରଙ୍ଗମଞ୍ଚରେ କଂସବଧ ଦୃଶ୍ୟ ଅଭିନିତ ହୋଇଥିଲା। କଂସ ଭୂମିକାରେ ନବୀନ ଚନ୍ଦ୍ର ଷାଣ୍ଢ ଅଭିନୟ କରିଥିଲେ । ରାମାୟଣ ପାରାୟଣରେ ବଲାଙ୍ଗୀର ରାମଜୀ ପଡାର ପିତାମ୍ବର ମିଶ୍ର ବ୍ୟାସ କାର୍ଯ୍ୟ ସମ୍ପାଦନ କରିଥିଲେ । ଚିନ୍ତାମଣି ଷାଣ୍ଢ ଓ ତାଙ୍କ ସ୍ତ୍ରୀ ଯାଜ୍ଞସେନୀ କର୍ତ୍ତା ଏବଂ ପଣ୍ଡିତ ଚତୁର୍ଭୁଜ ପଣ୍ଡା ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ପୂର୍ବତନ ସରପଞ୍ଚ ସଞ୍ଜୀବ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବରଗଡ଼ ଅଫିସ୍, ୨୩।୩**

ବରଗଡ଼ ସହରରେ ହୋଲିପର୍ବରେ ଲୋକେ ଉତ୍ସାହ, ଉଦ୍ଦୀପନାରେ ମସଗୁଲ୍ ଥିବାବେଳେ ସ୍ଥାନୀୟ ଏକ ଘରୋଇ ଶିକ୍ଷାନୁଷ୍ଠାନ ଛାତ୍ରାବାସରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତ ଛାତ୍ର ଜଣକ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଗାନ୍ଧୀନଗର ନିବାସୀ ରିକି ଭୂମିକ । ଶନିବାର ଇଂଲିଶ ପରୀକ୍ଷା ଥିଲା । ମାତ୍ର ଇଂଲିଶ ପରୀକ୍ଷା ପୂର୍ବଦିନ ଅର୍ଥାତ୍ ଶୁକ୍ରବାର ଛାତ୍ରାବାସରେ ରହୁଥିବା କୋଠରୀରୁ ତାଙ୍କ ମୃତଦେହ ଉଦ୍ଧାର ହେବା ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବରଗଡ଼ ଟାଉନ ଥାନା ଆଇଆଇସି ମାନସ ରଞ୍ଜନ ପ୍ରଧାନ କହିଛନ୍ତି ।

## ବିଜେଡିରେ ମିଶ୍ରଣ ପର୍ବ


ବିଜେଡ଼ିରେ ଅନ୍ୟଦଳର କାର୍ଯ୍ୟକର୍ତ୍ତା ଯୋଗ ଦେଉଛନ୍ତି ।

**ବରଗଡ଼ ଅଫିସ୍, ୨୩।୩**

ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଶନିବାର ବିଜେଡ଼ିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ଏହି ମିଶ୍ରଣ ପର୍ବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମେତ ଦଳର ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ । ଅନ୍ୟ ଦଳର କର୍ମୀମାନେ ବିଜେଡ଼ିରେ ସାମିଲ ହୋଇଥିଲେ । ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ହର୍ଷ ସାହୁ, ଟାଇଟୁନ ବିଶ୍ୱାଳ, ପଣ୍ଡିତ ପଠାନ, ବିଦ୍ୟାଧର ଷାଣ୍ଢଙ୍କ ସମେତ ବହୁ ପୂର୍ବତନ ସରପଞ୍ଚ, ସମିତିସଭ୍ୟ ବିଜେଡ଼ିରେ ସାମିଲ ହୋଇଥିଲେ । ଦଳର ଜିଲା ଉପସଭାପତି ବିମଳ ଦେବତା, କାର୍ଯ୍ୟକାରିଣୀ ସଭ୍ୟ ଅଚ୍ୟୁତାନନ୍ଦ ମହାପାତ୍ର, ସମ୍ପାଦକ ଶ୍ୟାମସୁନ୍ଦର ଅଦାବର, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ସମୀର ସିଂ, ଉମେଶ ପଣ୍ଡା, ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଜୁନିୟର ରେଡ଼କ୍ରସ ଶିବିର ଉଦ୍‌ଯାପିତ

**ବରଗଡ଼ ଅଫିସ୍, ୨୩।୩**

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦ୍ସ୍ଥିତ ନବଜ୍ୟୋତି ହାଇସ୍କୁଲରେ ଚାଲିଥିବା ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିବିର ଉଦ୍‌ଯାପିତ ହୋଇଛି । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଶିକ୍ଷାବିତ୍ ସରୋଜ କୁମାର ଭୋଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜିଲା ବିଜ୍ଞାନ ନିରୀକ୍ଷକ ତ୍ରୈଲୋକ୍ୟ ନାଏକ, ଚିରଞ୍ଜି ପ୍ରଧାନ, ରକ୍ଷାକାରୀ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଜିଲା ଶିକ୍ଷା ଅଧିକାରୀ ଉଦଘାଟନ କରିଥିଲେ । ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ୨୦ଜଣ ରକ୍ତଦାନ କରିଥିଲେ। ଗାଁରେ ସ୍ୱଚ୍ଛ ଭାରତ, ପରିବେଶ ସୁରକ୍ଷା, ନିଶା ନିବାରଣ, ସଡ଼କ ସୁରକ୍ଷା ସକାଶେ ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ଏକ ଜେଆରସି ରାଲି ହୋଇଥିଲା । ଆଇ.ପି ପ୍ରଶାନ୍ତ କୁମାର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସେହିପରି ଜୁନିୟର ଛାତ୍ରୀଛାତ୍ରମାନେ ପ୍ରବନ୍ଧ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ବକ୍ତୃତା, ଦଳଗତ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇଥିଲେ ଏବଂ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରମୋଦ କୁମାର ବେହେରା, ଶୁଭଶ୍ରୀ ଭୋଇ, ଚୂଳସୁନ୍ଦର ମେହେର, ମନୋଜ ସାହୁ, ମୁନସୀ ପାତ୍ର, ଆଦିକନ୍ଦ ସ୍ୱାଇଁ, ଡଃ ଡୋଲାମଣି ଶତପଥୀ, ଜ୍ୟୋତ୍ସ୍ନା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ଆନନ୍ଦ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।



ଜୁନିୟର ରେଡ଼କ୍ରସ ଶିବିରରେ ସଚେତନତା ସୃଷ୍ଟି କରାଯାଉଛି ।

## କାଳିଆ ଯୋଜନାରେ ମିଳିନି ସହାୟତା

**ଜାମଟିକ୍ରା, ୨୩।୩ (ଡି.ଏନ.ଏ)**

ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ବହୁ ହିତାଧିକାରୀ କୌଣସି ସହାୟତା ରାଶି ନ ପାଇବାରୁ ଏହାକୁ ନେଇ ଏବେ ଚାଷୀ ଏବଂ ଭୂମିହୀନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏଥିରେ ଦିଆଯାଉଥିବା ଅର୍ଥକୁ ସଠିକ ବିନିଯୋଗ କରାଯାଉ ନ ଥିବା ବିରୋଧୀ ଭାଜପା ଏବଂ କଂଗ୍ରେସ ଅଭିଯୋଗ କରିଛନ୍ତି। ଅନେକଙ୍କ ମୋବାଇଲକୁ ମେସେଜ୍ ଆସୁଛି କିନ୍ତୁ ଆକାଉଣ୍ଟରେ ଟଙ୍କା ଜମା ହୋଇନାହିଁ। ଫଳରେ ସେମାନେ ବ୍ୟାଙ୍କକୁ ଯାଇ ନିରାଶରେ ଫେରୁଛନ୍ତି । ଏବେବି ବହୁ ଲୋକ ଏହି ଅର୍ଥରାଶି ପାଇବାରୁ ବଞ୍ଚିତ ହୋଇଥିବାରୁ ତାହା ଚଳିତ ନିର୍ବାଚନ ଉପରେ ପ୍ରଭାବ ପକାଇବ ବୋଲି ମତପ୍ରକାଶ ପାଇଛି । ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତରୁ ଏହି ଯୋଜନାରେ କମ୍ ସଂଖ୍ୟକ ହିତାଧିକାରୀ ସହାୟତା ରାଶି ପାଇଥିବା ବେଳେ ବହୁ ଲୋକ ବାଦ୍ ପଡିଛନ୍ତି । ଫଳରେ ବାଦ୍ ପଡିଥିବା ଚାଷୀ ଏବଂ ଭୂମିହୀନ ଲୋକମାନେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ବୁଗବୁଗା ଗ୍ରାମ୍ୟ କୃଷି କର୍ମଚାରୀ କିଶୋର ଦାସ କୁହନ୍ତି, କେବେ ପଇସା ଆସିବ ନ ଆସିବ ଆମେ କହିପାରିବୁ ନାହିଁ। ଆମେ କେବଳ ଫର୍ମ ଡିପୋଜିଟ କରୁଛୁ ।

# ପୌରାଣିକ ମହୋତ୍ସବ ହରିହର ଭେଟ ସମ୍ପନ୍ନ

**ଅମ୍ବାଭୋନା, ୨୩।୩ (ଡି.ଏନ.ଏ.)**

ଅମ୍ବାଭୋନା ବ୍ଲକ ସୀମାନ୍ତ ବଡଧରା ଗ୍ରାମରେ ଦୁଇ ପଡୋଶୀ ରାଜ୍ୟ ମଧ୍ୟରେ କେଉଁ ଆବହମାନ କାଳରୁ ଅନୁଷ୍ଠିତ ହୋଇଆସୁଥିବା ମହାନ୍ ପୌରାଣିକ ମହୋତ୍ସବ ହରିହର ଭେଟ ଗୁରୁବାର ସମ୍ପନ୍ନ ହୋଇଛି । ଭାଇଚାରାର ଅନନ୍ୟ ନିଦର୍ଶନ ଏହି ଫଗୁ ଓ ଫଗୁଣର ପର୍ବ ଦୋଳପୂର୍ଣ୍ଣିମା । ଏହି ଅବସରରେ ଆନ୍ତଃରାଜ୍ୟ ସମ୍ପର୍କରେ ସେତୁ ସୃଷ୍ଟି କରିଥିବା ଏହି ଫଗୁ ଯାତରାକୁ ଦେଖିବାକୁ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ସମାଗମ ହୋଇଥିଲା । ପଡୋଶୀ ଛତିଶଗଡ ରାଜ୍ୟର ବଡନୁଆଁପରା ଗ୍ରାମରୁ ହର ମହାଦେବ ବୃଷଭ ପିଠିରେ ବିଦ୍ୟମାନ ହୋଇ ବଡଧରା ଗୌନ୍ତିଆ ସୁବାଷ ଚନ୍ଦ୍ର ପଧାନଙ୍କ ଗାଆଁ ଦେଉଳଟିକ୍ରାକୁ ପହଞ୍ଚିଥିଲେ । ହର ମହାଦେବଙ୍କୁ ବରଣ କରିବା ପାଇଁ ହିରଣ୍ୟକଶ୍ୟପ ମଧ୍ୟ ସୁସଜ୍ଜିତ ବିମାନରେ ପାତ୍ର ମନ୍ତ୍ରୀଙ୍କ ସହ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ । ଅନ୍ୟପଟେ ଛତିଶଗଡ, ନୂଆପଡା ଗୌନ୍ତିଆ ଚିନ୍ତାମଣି ସାହାଙ୍କ ଗୁଆ ନିମନ୍ତ୍ରଣ ପାଇ ଭଗବାନ ବିଷ୍ଣୁ ଗରୁଡ ପୃଷ୍ଠରେ ବସି ଯାତ୍ରା ପଡିଆକୁ ପହଞ୍ଚିଥିଲେ। ବିଷ୍ଣୁ ଭକ୍ତ ପ୍ରହଲ୍ଲାଦ ଦେବତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ପୂଜାର୍ଚ୍ଚନା କରି ହରିହରଙ୍କୁ ଭେଟ କରାଇ ଫଗୁ ଅବିର ଖେଳିଥିଲେ। ଯାତ୍ରା ପଡିଆରେ ଛତିଶଗଡ ରାଜ୍ୟର ସାରଙ୍ଗଗଡ ବିଧାୟିକା ଉତ୍ତରା ଜାଙ୍ଗଡେ, ଯୁବ କଂଗ୍ରେସ ନେତା ବାବୁଲୁ ଦେବତା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ସଞ୍ଚାର ଦଳ ଏବଂ ନାଟ୍ୟାଭିନୟରେ ହିରଣାକ୍ଷ୍ୟ ବଧ, ହିରଣ୍ୟକଶିପୁ ବଧ ଏବଂ ହୋଲିକା ଦହନ ଆଦି ଖୋଲାମଞ୍ଚ ଅନୁଷ୍ଠିତ ହୋଇଥିଲା । ହିରଣ୍ୟକଶ୍ୟପଙ୍କ ରାଜଦରବାରରେ ରାଜ ଅତିଥି ଭାବେ ବିଜେଡି ଯୁବନେତା ସୁବ୍ରତ ସିଂ, ଗୋବିନ୍ଦ ପ୍ରଧାନ, କଂସ ଅଭିନେତା ହୃଷିକେଶ ଭୋଇ, ଗୌନ୍ତିଆ ସୁବାଷ ଚନ୍ଦ୍ର ପଧାନ, ପୂର୍ବତନ ସରପଞ୍ଚ ଅନନ୍ତରାମ ସାହୁ, ବିଷ୍ଣୁ ପୂଜକ ଗୌରହରି ପଣ୍ଡା, ଉପଦେଷ୍ଟା ଶ୍ୟାମସୁନ୍ଦର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଭାଜପା ଯୁବ ସମ୍ପାଦକ ଇରାଶିଷ ଆଚାର୍ଯ୍ୟ, ସୁଶାନ୍ତ ମିଶ୍ର, ଭୁକ୍ତା ଜୋନ ସଭାପତି ସତ୍ରାଜିତ ସାହୁ, ଅମ୍ବାଭୋନା ଭାଜପା ମଣ୍ଡଳ ସଭାପତି ପୁରୁଷୋତ୍ତମ ପାତିକାର ପ୍ରମୁଖ ହିରଣ୍ୟକଶ୍ୟପଙ୍କ ରାଜଦରବାରରେ ମଞ୍ଚାସୀନ ଥିଲେ । ହିରଣାକ୍ଷ୍ୟ ବଧ, ହିରଣ୍ୟକଶ୍ୟପ ବଧ ଓ ହୋଲିକା ଦହନ ପରେ ତିନିଦିନ ଧରି ଚାଲିଥିବା ହୋଲି ମହୋତ୍ସବ ଉଦଯାପିତ ହୋଇଥିଲା । ଶୁକ୍ରବାର ସନ୍ଧ୍ୟାରେ ମହିମାଧର୍ମୀ ସାଧୁସନ୍ଥ ବଡଧରା ଗ୍ରାମରେ ମହିମାଯଜ୍ଞ ଅବସରରେ ଘୃତ ଆହୁତି ଦେଇ ଜଗତର କଲ୍ୟାଣ ମନାସୀ ଥିଲେ। ବ୍ରହ୍ମ ଅବଧୂତ ଉଦ୍ଧବ ବାବା, ସନ୍ଥ ଦାରୁକ ଦାସ, ସ୍ୱରୂପା ଦାସ, କାହ୍ନା ଦାସ ପ୍ରମୁଖ ସାମିଲ ହୋଇଥିଲେ । ରାଧାକୃଷ୍ଣ ଗ୍ରାମ୍ୟ କମିଟି ସମ୍ପାଦକ ଅଭିମନ୍ୟୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


ହରିହର ଭେଟ କାର୍ଯ୍ୟକ୍ରମ ଚାଲିଛି ।

## ଥାନା ଛକରେ ଟ୍ରାଫିକ୍ ସମସ୍ୟା

**ସୋହେଲା, ୨୩।୩ (ଡି.ଏନ.ଏ)**

ସୋହେଲା ଥାନା ଛକରେ ଟ୍ରାଫିକ ସମସ୍ୟା ଲାଗି ରହୁଛି । ପ୍ରତି ସପ୍ତାହର ଶନିବାର ଡାକ୍ତରଖାନା ନିକଟରେ ବଜାର ବସିଥାଏ । ସକାଳୁ ସଞ୍ଜ ଯାଏଁ ବସୁଥିବା ଏହି ବଜାର ଅଞ୍ଚଳର ମୁଖ୍ୟ ବଜାର ଅଟେ। ଆଖପାଖ ଅଞ୍ଚଳ ତଥା ଛତିଶଗଡ ରାଜ୍ୟର ବେପାରୀ ତଥା ଗ୍ରାହକମାନେ ଏହି ବଜାର ଉପରେ ନିର୍ଭର କରିଥାନ୍ତି। ବେପାରୀମାନେ ଥାନା ଛକରୁ ବଜାର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ନିଜ ନିଜର ପସରା ମେଲାଇ ବେପାର କରୁଛନ୍ତି । ଫଳରେ ରାସ୍ତା ଜାମ୍ ହୋଇ ଯାନବାହନ ଯିବା ଆସିବାରେ ସମସ୍ୟା ସୃଷ୍ଟି ହେଉଛି । ବରପାଲିକୁ ଯାଇଥିବା ଏହି ରାସ୍ତାରେ ଡାକ୍ତରଖାନା, ଶିଶୁ ବିଦ୍ୟାମନ୍ଦିର ଏବଂ ପବ୍ଲିକ ସ୍କୁଲ ରହିଛି। ବଜାର ଯୋଗୁ ଯାନବାହନ ଚଳାଚଳ ବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ପହଣ୍ଡିରେ ଷୋହଳ ପ୍ରହର ନାମଯଜ୍ଞ

**ବିଜେପୁର, ୨୩।୩ (ଡି.ଏନ.ଏ)**

ବିଜେପୁର ବ୍ଲକ ପହଣ୍ଡିରେ ତିନିଦିନ ବ୍ୟାପୀ ଚାଲିଥିବା ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଫଗୁଣ ପୂର୍ଣ୍ଣିମାରେ ସମ୍ପନ୍ନ ହୋଇଛି । ସ୍ଥାନୀୟ କଟାରୁ ଭବ୍ୟ ମାନସିକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା । ଅଧିବାସ ସହ ପାରମ୍ପରିକ ରୀତିରେ ଯଜ୍ଞାନୁଷ୍ଠାନ ହୋଇ ଗୁରୁବାର ପୂର୍ଣ୍ଣାହୂତି ହୋଇଥିଲା । ନୂଆପଡା, କୁଲୁଣ୍ଡା, ଅର୍ଡା, ପ୍ରଧାନମାଳ, ଝିଲ୍ଲି ଆଦି ଗ୍ରାମର ସଂକୀର୍ତ୍ତନ ଦଳ ଯୋଗଦେଇ ବିଭୁନାମ ଜପ କରିଥିଲେ । ସୁଶୀଲ କୁମାର ସାହୁ ଦମ୍ପତ୍ତି କର୍ତ୍ତା ଓ ନରେନ୍ଦ୍ର ଦାଶ ପୁରୋହିତ କର୍ମ ସମ୍ପାଦନ କରିଥିଲେ। ସେହିପରି ସ୍ଥାନୀୟ ସହରର ଭୋଇପଡାରେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାନନ ସେଠ ଦମ୍ପତ୍ତି କର୍ତ୍ତା, ସୁରେନ୍ଦ୍ର ମହାପାତ୍ର ପୁରୋହିତ ଦାୟିତ୍ୱ ତୁଲାଇଥିଲେ ।





# ଭାଜପା: ଟିକେଟ ନ ମିଳିବାରୁ ଅସନ୍ତୋଷ



ଦୋଳଗୋବିନ୍ଦ ନାୟକଙ୍କୁ କେନ୍ଦ୍ରାପଡ଼ା ଜିଲା ଆଳି ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କରାଯିବା ପ୍ରତିବାଦରେ ଭୁବନେଶ୍ୱରସ୍ଥିତ ଦଳୀୟ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।



କନ୍ଧମାଳ ଜିଲା ଜି.ଉଦୟଗିରି ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ଅର୍ଚ୍ଚନା ନାୟକଙ୍କୁ ପ୍ରାର୍ଥୀ କରାଯିବା ପ୍ରତିବାଦରେ ଭୁବନେଶ୍ୱରସ୍ଥିତ ଦଳୀୟ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।



ମିଲନ ସେଠ୍‌ଙ୍କୁ ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କରାଯିବା ପ୍ରତିବାଦରେ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।



କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଅଲେଖ ଜେନାଙ୍କୁ ଭାଜପା ପ୍ରାର୍ଥୀ କରିବା ପ୍ରତିବାଦରେ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ।







ଭୁବନେଶ୍ୱର-ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀର ନେତା ଅମିୟ ଦାଶଙ୍କୁ ଉପେକ୍ଷା କରି ବାବୁ ସିଂଙ୍କୁ ଭାଜପା ପକ୍ଷରୁ ଟିକେଟ ଦିଆଯିବା ପ୍ରତିବାଦରେ ରାଜ୍ୟ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ।

କଂଗ୍ରେସ





ରଶ୍ମିରେଖା ମହାପାତ୍ରଙ୍କୁ କଂଗ୍ରେସ ତରଫରୁ ଭୁବନେଶ୍ୱର-ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ କରାଯିବା ବିରୋଧରେ ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର କଂଗ୍ରେସ ଭବନରେ ହୋଇଥିବା ଭଙ୍ଗାରୁଜା।

■ ଟିକେଟ ନ ମିଳିବାରୁ ତୁମ୍ବୁଳକାଣ୍ଡ

## କଂଗ୍ରେସ ଭବନରେ ବ୍ୟାପକ ଭଙ୍ଗାରୁଜା

**ଭୁବନେଶ୍ୱର,୨୩ା୩ (ବ୍ୟୁରୋ)**

ଟିକେଟ ଘୋଷଣା ହେବା ପରଠାରୁ ଅନ୍ୟ ଦଳ ଭଳି କଂଗ୍ରେସର ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଚରମସୀମାରେ ପହଞ୍ଚିଛି। ଏକାମ୍ର ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ରଶ୍ମିରେଖା ମହାପାତ୍ରଙ୍କୁ ଦଳ ପ୍ରାର୍ଥୀ ଘୋଷଣା କରିଛି। ମାତ୍ର ଏହାକୁ ଅନ୍ୟ ଏକ ଗୋଷ୍ଠୀ ତୀବ୍ର ବିରୋଧ କରିଛି। ଜଣେ ଟିକେଟ ଆଶାୟୀଙ୍କ ସମର୍ଥକମାନେ ଶନିବାର ରାତି ପ୍ରାୟ ୮ଟାରେ କଂଗ୍ରେସ ଭବନରେ ପଶି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ସେମାନେ ରାହୁଲ ଗାନ୍ଧୀ ଓ ରାଜ୍ୟ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ସ୍ଲୋଗାନ ଦେବା ସହ କଂଗ୍ରେସ ଭବନ ମୁଖ୍ୟ ଗେଟ୍ ତାଲା ଭାଙ୍ଗି ଭିତରେ ପଶିଥିଲେ। କମ୍ପ୍ୟୁଟର, ଚେୟାର, ଟେବୁଲ ଓ ବିଭିନ୍ନ ସାମଗ୍ରୀକୁ ଫିଙ୍ଗାଫୋପଡ଼ା କରିବା ସହ ଭାଙ୍ଗି ଦେଇଥିଲେ। ଏପରିକି କଂଗ୍ରେସ ଭବନ ସମ୍ମୁଖରେ ଲାଗିଥିବା ପୋଷ୍ଟର ଓ ବ୍ୟାନର ଚିରି ଦେଇଥିଲେ। ଖବର ପାଇ କ୍ୟାପିଟାଲ ଥାନା ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଅନ୍ୟପକ୍ଷରେ କଂଗ୍ରେସର କେତେଜଣ ବରିଷ୍ଠ ନେତା ଓ କର୍ମୀମାନେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ସେମାନେ ଟିକେଟ ବଣ୍ଟନକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ କଂଗ୍ରେସ ଜିଲା ସଭାପତିଙ୍କ କାର୍ଯ୍ୟଧାରାକୁ ବିରୋଧ କରି ନାନା ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଦୀର୍ଘ ସମୟ ଧରି କଂଗ୍ରେସ ଭବନ ପରିସରରେ ଉତ୍ତେଜନାତ୍ମକ ପରିସ୍ଥିତି ଲାଗି ରହିଥିଲା। ଏ ନେଇ କ୍ୟାପିଟାଲ ଥାନା ଅଧିକାରୀ ଗିରିଜାଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ଘଟଣା ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯିବ। ତେବେ ଉତ୍ତେଜନାଠାରୁ କଂଗ୍ରେସ ଭବନ ନିକଟରେ ପୋଲିସ ମୁତୟନ କରାଯାଇଛି।

ପାଟଣା ଆସନ ପାଇଁ ପ୍ରାର୍ଥୀ ଘୋଷଣା ପରେ କର୍ମୀଙ୍କ ବିରୋଧ

## ଭାଜପା ଜିଲା କାର୍ଯ୍ୟାଳୟରେ ତାଲା ପକାଇ ଭଙ୍ଗାରୁଜା

**କେନ୍ଦୁଝର, ୨୩ା୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଭାବେ ଭବାନୀ ଶଙ୍କର ନାୟକଙ୍କ ନାମ ଘୋଷଣା ପରେ ବିଦ୍ରୋହ ଦେଖାଦେଇଛି। ପ୍ରାର୍ଥୀ ଚୟନ ନେଇ ଅସନ୍ତୁଷ୍ଟ ଥିବା କର୍ମୀମାନେ ଶନିବାର ଅପରାହ୍ନରେ ଜିଲା ଭାଜପା କାର୍ଯ୍ୟାଳୟରେ ଭଙ୍ଗାରୁଜା କରିବା ସହ ତାଲା ପକାଇ ଧାରଣା ଦେଇଛନ୍ତି। ଫଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ଘଟଣା ସମ୍ପର୍କରେ ଜିଲା ସଭାପତି ରାଧାକାନ୍ତ ମହାନ୍ତ କହିଛନ୍ତି, ଗଣ୍ଡଗୋଳ ଖବର ପାଇଛି। ପ୍ରାର୍ଥୀ ଚୟନକୁ ନେଇ ଦଳରେ ଅସନ୍ତୋଷ ଦେଖାଦେଇଛି। ପ୍ରାର୍ଥୀ ଚୟନ ନିଷ୍ପତ୍ତି ଉପରସ୍ତରରେ ହୋଇଛି। ଜଣେ ଶିକ୍ଷିତ ପ୍ରାର୍ଥୀ ଭାବେ ଅଖିଳ ନାୟକଙ୍କୁ ପ୍ରାର୍ଥୀ କରା ନ ଯିବାରୁ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନେ ସେ ବାହାରେ ଅଛନ୍ତି। ତେବେ ଖୁବ୍‌ଶୀଘ୍ର ସେ ଘଟଣା ଅନୁଧ୍ୟାନ କରି ଦେଖିବେ ବୋଲି ମହାନ୍ତ କହିଛନ୍ତି। ଏ ସମ୍ପର୍କରେ ଆଶାୟୀ ପ୍ରାର୍ଥୀ ଅଖିଳ ନାୟକ କହିଛନ୍ତି, ଭୋଟର ଓ କର୍ମୀ ଯାହା କହିବେ ତାହା କରିବେ। ଅନ୍ୟ କୌଣସି ଦଳକୁ ଯିବେନାହିଁ। ଆବଶ୍ୟକ ହେଲେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବେ ବୋଲି ନାୟକ କହିଛନ୍ତି।

# ନବୀନ ନିବାସରେ ଭିଡ଼

























ବିଜେଡି ପକ୍ଷରୁ ବହୁ ଆସନରେ ପ୍ରାର୍ଥୀ ଘୋଷଣା ହୋଇ ନ ଥିବାବେଳେ ଶନିବାର ନବୀନ ନିବାସରେ ଆଶାୟୀ, ଦଳୀୟ ନେତା ଓ ଦଳବଦଳ କରି ଆସିଥିବା ନେତାମାନେ।




କଟକ ଜିଲାର ବଡ଼ମ୍ବା ବିଧାନସଭା ନିର୍ବାଚନମଣ୍ଡଳୀରେ ଦେବୀ ପ୍ରସାଦ ମିଶ୍ରଙ୍କୁ ବିଜେଡି ଟିକେଟ ନ ଦେବା ପାଇଁ ଦାବି କରି ନବୀନ ନିବାସ ଆସିଥିବା ସ୍ଥାନୀୟ ଅଞ୍ଚଳର କର୍ମୀ।



ଅନୁଗୋଳ ଜିଲାର ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ମହେଶ ସାହୁଙ୍କୁ ବିଜେଡି ଟିକେଟ ନ ଦେବା ପାଇଁ ଦାବି କରି ନବୀନ ନିବାସ ଆସିଥିବା ସ୍ଥାନୀୟ ଅଞ୍ଚଳର ନେତା ଓ କର୍ମୀ।





# କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

## ଲୋକ ସଭା

- ବଲାଙ୍ଗୀର: ସମରେନ୍ଦ୍ର ମିଶ୍ର
- କୋରାପୁଟ:ସପ୍ତଗିରି ଉଲାକା

## ବିଧାନସଭା

- ବିଜେପୁର: ରିପୁନାଥ ସେଠ୍
- ଭଟଲି: ସରୋଜ ମହାପାତ୍ର
- ଝାରସୁଗୁଡ଼ା: ମହେନ୍ଦ୍ର ନାୟକ
- ତଳସରା: ପ୍ରଫୁଲ୍ଲ ମାଝି
- ସୁନ୍ଦରଗଡ଼: ଅମିତା ବିଶ୍ୱାଳ
- ରଘୁନାଥପାଲି: ପ୍ରଶାନ୍ତ ସେଠୀ
- ରାଉରକେଲା: ମୁକ୍ତିକାନ୍ତ ବିଶ୍ୱାଳ
- କୁଚିଣ୍ଡା: ଶୋଭାରାମ ପ୍ରଧାନ
- ରେଙ୍ଗାଲି: ବାଳକୃଷ୍ଣ ରୋହିଦାସ
- ସମ୍ବଲପୁର: ଅଶ୍ୱିନୀ କୁମାର ଗୁରୁ
- ରେଢାଖୋଲ: ଅସଫ୍ ଅଲି ଖାନ
- ଦେବଗଡ଼: ଉମାଶଙ୍କର ସାହୁ
- ଆନନ୍ଦପୁର: ଜୟଦେବ ଜେନା
- କେନ୍ଦୁଝର: ବିଦ୍ୟାଧର ଦେହୁରି
- ଚମ୍ପୁଆ: ଯଦୁମଣି ବାରିକ
- କରଞ୍ଜିଆ: ସୁଦାମ ଚରଣ ନାୟକ
- ଜଳେଶ୍ୱର: ସୁଦର୍ଶନ ଦାସ
- ନୀଳଗିରି: ମନୋଜମଞ୍ଜରୀ ଦେବୀ
- କୋରେଇ: ବନ୍ଦିତା ପରିଡ଼ା
- ଢେଙ୍କାନାଳ: ନବୀନ ନନ୍ଦ
- ପାଲଲହଡ଼ା: ସୁବ୍ରତ ଗଡ଼ନାୟକ
- ତାଳଚେର: ସୁରେଶ ଚନ୍ଦ୍ର ବେହେରା
- ଅନୁଗୋଳ: ବିପ୍ଳବ ଜେନା
- ଛେଣ୍ଡିପଦା: ସସ୍ମିତା ବେହେରା
- ଆଠମଲ୍ଲିକ: ବିଜୟାନନ୍ଦ ଚୋଲିୟା
- ସୋନପୁର: ଚିତ୍ତରଞ୍ଜନ ମିଶ୍ର
- ଲୋଇସିଂହା: ନବକିଶୋର ନାୟକ
- ଟିଟିଲାଗଡ଼: ସୁରେନ୍ଦ୍ର ସିଂଭୋଇ
- କଣ୍ଟାବାଞ୍ଜି: ସନ୍ତୋଷ ସିଂ ସାଲୁଜା
- ଉମରକୋଟ: ଯଶୋଦାରାଣୀ ଗଣ୍ଡ
- ଜୁନାଗଡ଼: ଅନିଲ ସିଂ ଦେଓ
- ଭବାନୀପାଟଣା: ସାଗର ଚରଣ ଦାସ
- ନର୍ଲା: ଚିତ୍ତରଞ୍ଜନ ମଣ୍ଡଳ
- ବାଙ୍କୀ: ଦେବାଶିଷ ପଟ୍ଟନାୟକ
- ଆଠଗଡ଼: ଉମାବଲ୍ଲଭ ରଥ
- ବାରବାଟୀ-କଟକ: ମହମ୍ମଦ ମୋକିମ୍
- କଟକ-ସଦର: ରତ୍ନାକର ବେହେରା
- କେନ୍ଦ୍ରାପଡ଼ା: ଗଣେଶ୍ୱର ବେହେରା
- ଆଳି: ଦେବେନ୍ଦ୍ର ଶର୍ମା
- ରାଜନଗର: ଅଂଶୁମାନ ମହାନ୍ତି
- ଜଗତ୍ସିଂହପୁର: ଚିରଞ୍ଜୀବ ବିଶ୍ୱାଳ
- କାକଟପୁର: ବିଶ୍ୱଭୂଷଣ ଦାସ
- ବ୍ରହ୍ମଗିରି: ଉମାକାନ୍ତ ବରାଳ
- ସତ୍ୟବାଦୀ: ପ୍ରସାଦ ହରିଚନ୍ଦନ
- ଭୁବନେଶ୍ୱର-ଏକାମ୍ର: ରଶ୍ମିରେଖା ମହାପାତ୍ର
- ଜଟଣୀ: ସୁରେଶ କୁମାର ରାଉତରାୟ
- ରଣପୁର: ଶୁଭଶ୍ରୀ ପଣ୍ଡା
- ଖଲ୍ଲିକୋଟ: ଭୋକାଲି ସେଟ୍ଟି
- ସୋରଡ଼ା: ସଂଗ୍ରାମ ମହାନ୍ତି
- ଦିଗପହଣ୍ଡି: ପ୍ରଫୁଲ୍ଲ ପଣ୍ଡା
- ପାରଳାଖେମୁଣ୍ଡି: କେ. ସୂରିୟା ରାଓ
- ରାୟଗଡ଼ା: ଆପାଲସ୍ୱାମୀ କାଡ୍ରକା
- ଲକ୍ଷ୍ମୀପୁର: କୈଳାସ କୁଲେସିକା
- କୋଟପାଡ଼: ଚନ୍ଦ୍ରଶେଖର ମାଝି



ପ୍ରସାଦ ହରିଚନ୍ଦନ | ଶୁଭଶ୍ରୀ ପଣ୍ଡା | ସନ୍ତୋଷ ସିଂ ସାଲୁଜା
ପ୍ରଫୁଲ୍ଲ ମାଝି | ଦେବାଶିଷ ପଟ୍ଟନାୟକ | ଜୟଦେବ ଜେନା
କେ. ସୂରିୟା ରାଓ | ସୁରେନ୍ଦ୍ର ସିଂଭୋଇ | ସମରେନ୍ଦ୍ର ମିଶ୍ର
ଚିରଞ୍ଜୀବ ବିଶ୍ୱାଳ | କୈଳାସ କୁଲେସିକା | ଗଣେଶ୍ୱର ବେହେରା
ଅଂଶୁମାନ ମହାନ୍ତି | ମହମ୍ମଦ ମୋକିମ୍ | ନବୀନ ନନ୍ଦ

# ଭାଜପାର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

### ଲୋକ ସଭା: କଳାହାଣ୍ଡି — ବସନ୍ତ ପଣ୍ଡା



ବିଧାନସଭା:
- ନୂଆପଡ଼ା: ହୋମ୍‌ସିଂ ମାଝି
- ଖଡ଼ିଆଳ: ରୀତାରାଣୀ ବଗର୍ତ୍ତୀ
- ଲାଞ୍ଜିଗଡ଼: ରମେଶ ମାଝି
- ଜୁନାଗଡ଼: ମନୋଜ ମେହେର
- ଧର୍ମଗଡ଼: ଅନନ୍ତ ପ୍ରତାପ ଦେଓ
- ଭବାନୀପାଟଣା: ପ୍ରଦୀପ ନାୟକ
- ନର୍ଲା: ଅନିରୁଦ୍ଧ ପ୍ରଧାନ

### ଲୋକ ସଭା: ନବରଙ୍ଗପୁର — ବଳଭଦ୍ର ମାଝି



ବିଧାନସଭା:
- ଉମରକୋଟ: ନିତ୍ୟାନନ୍ଦ ଗଣ୍ଡ
- ଝରିଗାଁ: ପର୍ଶୁରାମ ମାଝି
- ନବରଙ୍ଗପୁର: ଗୌରୀ ମାଝି
- ଡାବୁଗାଁ: ପଦ୍ମନ ନାୟକ
- କୋଟପାଡ଼: ଖଗେଶ୍ୱର ପୂଜାରୀ
- ମାଲକାନଗିରି: ଆଦିତ୍ୟ ମାଢ଼ି
- ଚିତ୍ରକୋଣ୍ଡା: ପଦୁ ମାଝି

### ଲୋକ ସଭା: କୋରାପୁଟ — ଜୟରାମ ପାଙ୍ଗି



ବିଧାନସଭା:
- ଗୁଣୁପୁର: ଶିଶିର ଗମାଙ୍ଗ
- ବିଷମକଟକ: ଶିବଶଙ୍କର ଉଲାକା
- ରାୟଗଡ଼ା: ବସନ୍ତ ଉଲାକା
- ଲକ୍ଷ୍ମୀପୁର: କୁମୁଦ ସାଉଁଟା
- ଜୟପୁର: ଗୌତମ ସାମନ୍ତରାୟ
- କୋରାପୁଟ: ତ୍ରିପୁରା ଗର୍ଦା
- ପଟାଙ୍ଗୀ: ରାମଚନ୍ଦ୍ର ପାଙ୍ଗି

### ଲୋକ ସଭା: ବ୍ରହ୍ମପୁର — ଭୃଗୁ ବକ୍ସିପାତ୍ର



ବିଧାନସଭା:
- ଛତ୍ରପୁର: ପ୍ରଶାନ୍ତ କର
- ଗୋପାଳପୁର: ବିଭୂତି ଜେନା
- ବ୍ରହ୍ମପୁର: କାହ୍ନୁ ପତି
- ଦିଗପହଣ୍ଡି: ପିଙ୍କି ପ୍ରଧାନ
- ଚିକିଟି: ମନୋରଞ୍ଜନ ଦ୍ୟାନସାମନ୍ତରାୟ
- ମୋହନା: ପ୍ରଶାନ୍ତ ମଲ୍ଲିକ
- ପାରଳାଖେମୁଣ୍ଡି: କେ. ନାରାୟଣ ରାଓ

### ଲୋକ ସଭା: ବରଗଡ଼ — ସୁରେଶ ପୂଜାରୀ



ବିଧାନସଭା:
- ପଦମ୍‌ପୁର: ପ୍ରଦୀପ ପୁରୋହିତ
- ବିଜେପୁର: ଘୋଷଣା ହୋଇନି
- ବରଗଡ଼: ଅଶ୍ୱିନୀ ଷଡ଼ଙ୍ଗୀ
- ଅତାବିରା: ମିଳନ ସେଠ୍
- ଭଟଲୀ: ଈରାଶିଷ ଆଚାର୍ଯ୍ୟ
- ବ୍ରଜରାଜନଗର: ରାଧାରାଣୀ ପଣ୍ଡା
- ଝାରସୁଗୁଡା: ଘୋଷଣା ହୋଇନି

### ଲୋକ ସଭା: ସୁନ୍ଦରଗଡ଼ — ଜୁଏଲ ଓରାମ



ବିଧାନସଭା:
- ତଳସରା: ଭବାନୀ ଭୋଇ
- ସୁନ୍ଦରଗଡ଼: କୁସୁମ ଟେଟେ
- ବୀରମିତ୍ରପୁର: ଶଙ୍କର ଓରାମ
- ରଘୁନାଥପାଲ୍ଲୀ: ଜଗବନ୍ଧୁ ବେହେରା
- ରାଉରକେଲା: ନିହାର ରାୟ
- ରାଜଗାଙ୍ଗପୁର: ନରସିଂହ ମିଞ୍ଜ
- ବଣାଇ: ଅନିଲ ବାର୍ଲା

### ଲୋକ ସଭା: ବଲାଙ୍ଗୀର — ସଙ୍ଗୀତା କୁମାରୀ ସିଂଦେଓ



ବିଧାନସଭା:
- ବୀରମହାରାଜପୁର: ରଘୁନାଥ ଜଗଦଲା
- ସୋନପୁର: ଅଶୋକ ପୂଜାରୀ
- ଲୋଇସିଂହା: ମୁକେଶ ମହାଲିଙ୍ଗ
- ପାଟଣାଗଡ଼: କନକବର୍ଦ୍ଧନ ସିଂଦେଓ
- ବଲାଙ୍ଗୀର: ଅନନ୍ତ ଦାସ
- ଟିଟିଲାଗଡ଼: ଅଶୋକ ଦୋରା
- କଣ୍ଟାବାଞ୍ଜି: ଲକ୍ଷ୍ମଣ ବାଗ

### ଲୋକ ସଭା: କନ୍ଧମାଳ — ଘୋଷଣା ହୋଇନି



ବିଧାନସଭା:
- ବାଲିଗୁଡ଼ା: କରେନ୍ଦ୍ର ମାଝି
- ଜି.ଉଦୟଗିରି: ଅର୍ଚ୍ଚନା ପ୍ରଧାନ
- ଫୁଲବାଣୀ: ଘୋଷଣା ହୋଇନି
- କଣ୍ଟାମାଳ: କହ୍ନେଇ ଡାଙ୍ଗ
- ବୌଦ୍ଧ: ସୁଶାନ୍ତ ପ୍ରଧାନ
- ଦଶପଲ୍ଲା: ପୂର୍ଣ୍ଣଚନ୍ଦ୍ର ନାୟକ
- ଭଞ୍ଜନଗର: ପ୍ରଦ୍ୟୁମ୍ନ ନାୟକ

### ଲୋକ ସଭା: ଆସିକା — ଅନିତା ପ୍ରିୟଦର୍ଶିନୀ



ବିଧାନସଭା:
- ପୋଲସରା: ଗୋକୁଳାନନ୍ଦ ମଲ୍ଲିକ
- କବିସୂର୍ଯ୍ୟନଗର: ରଞ୍ଜନ ପଲାଇ
- ଖଲ୍ଲିକୋଟ: ଭାରତୀ ବେହେରା
- ଆସିକା: ଦେବରାଜ ମହାନ୍ତି
- ସୋରଡ଼ା: ନୀଳମଣି ବିଶୋୟୀ
- ସାନଖେମୁଣ୍ଡି: ବିଜୟ ସ୍ୱାଇଁ
- ହିଞ୍ଜିଳି: ଘୋଷଣା ହୋଇନି

### ଲୋକ ସଭା: ସମ୍ବଲପୁର — ନୀତେଶ ଗଙ୍ଗଦେବ



ବିଧାନସଭା:
- କୁଚିଣ୍ଡା: ରବିନାରାୟଣ ନାୟକ
- ରେଙ୍ଗାଲୀ: ନାଉରି ନାୟକ
- ସମ୍ବଲପୁର: ଜୟନାରାୟଣ ମିଶ୍ର
- ରେଢାଖୋଲ: ଘୋଷଣା ହୋଇନି
- ଦେବଗଡ଼: ସୁବାସ ପାଣିଗ୍ରାହୀ
- ଛେଣ୍ଡିପଦା: ଅଗସ୍ତି ବେହେରା
- ଆଠମଲ୍ଲିକ: ଘୋଷଣା ହୋଇନି

### ଲୋକ ସଭା: କେନ୍ଦୁଝର — ଅନନ୍ତ ନାୟକ



ବିଧାନସଭା:
- ତେଲକୋଇ: ଧନୁର୍ଜୟ ସିଦ୍ଧୁ
- ଘସିପୁରା: ପୃଥ୍ୱୀରାଜ କୁଅଁର
- ଆନନ୍ଦପୁର: ଭାଗୀରଥି ସେଠୀ
- ପାଟଣା: ଭବାନୀ ଶଙ୍କର ନାୟକ
- କେନ୍ଦୁଝର: ମୋହନ ମାଝି
- ଚମ୍ପୁଆ: ଘୋଷଣା ହୋଇନି
- କରଞ୍ଜିଆ: ପଦ୍ମଚରଣ ହାଇବ୍ରୁ

### ଲୋକ ସଭା: ଢେଙ୍କାନାଳ — ରୁଦ୍ର ନାରାୟଣ ପାଣି



ବିଧାନସଭା:
- ଢେଙ୍କାନାଳ: କୃଷ୍ଣଚନ୍ଦ୍ର ପାତ୍ର
- ହିନ୍ଦୋଳ: ଅଶୋକ ନାୟକ
- କାମାକ୍ଷାନଗର: ଶତ୍ରୁଘ୍ନ ଜେନା
- ପରଜଙ୍ଗ: ବିଭୂତି ପ୍ରଧାନ
- ପାଲଲହଡ଼ା: ଅଶୋକ ମହାନ୍ତି
- ତାଳଚେର: କାଳନ୍ଦୀ ସାମଲ
- ଅନୁଗୋଳ: ପ୍ରତାପ ପ୍ରଧାନ

### ଲୋକ ସଭା: କଟକ — ଘୋଷଣା ହୋଇନି



ବିଧାନସଭା:
- ବଡ଼ମ୍ବା: ବିଜୟ କୁମାର ଦଳବେହେରା
- ବାଙ୍କୀ: ଘୋଷଣା ହୋଇନି
- ଆଠଗଡ଼: ଘୋଷଣା ହୋଇନି
- ବାରବାଟୀ-କଟକ: ସମୀର ଦେ
- ଚୌଦ୍ୱାର-କଟକ: ନୟନ କିଶୋର ମହାନ୍ତି
- କଟକ ସଦର: ଦିଲୀପ ମଲ୍ଲିକ
- ଖଣ୍ଡପଡ଼ା: ସିଦ୍ଧାର୍ଥ ସିଂ ମର୍ଦ୍ଦରାଜ

### ଲୋକ ସଭା: ପୁରୀ — ସମ୍ବିତ ପାତ୍ର



ବିଧାନସଭା:
- ପୁରୀ: ଘୋଷଣା ହୋଇନି
- ବ୍ରହ୍ମଗିରି: ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର
- ସତ୍ୟବାଦୀ: ଓମ୍ ପ୍ରକାଶ ମିଶ୍ର
- ପିପିଲି: ଆଶ୍ରିତ ପଟ୍ଟନାୟକ
- ଚିଲିକା: ପୃଥ୍ୱୀରାଜ ହରିଚନ୍ଦନ
- ରଣପୁର: ସୁରମା ପାଢ଼ୀ
- ନୟାଗଡ଼: ଇରାନୀ ରାୟ

### ଲୋକ ସଭା: ଭୁବନେଶ୍ୱର — ଅପରାଜିତା ଷଡ଼ଙ୍ଗୀ



ବିଧାନସଭା:
- ଜୟଦେବ: ଘୋଷଣା ହୋଇନି
- ଭୁବନେଶ୍ୱର-ମଧ୍ୟ: ଜଗନ୍ନାଥ ପ୍ରଧାନ
- ଭୁବନେଶ୍ୱର-ଉତ୍ତର: ଘୋଷଣା ହୋଇନି
- ଭୁବନେଶ୍ୱର-ଏକାମ୍ର: ବାବୁ ସିଂ
- ଜଟଣୀ: ଘୋଷଣା ହୋଇନି
- ବେଗୁନିଆ: ଘୋଷଣା ହୋଇନି
- ଖୋର୍ଦ୍ଧା: କାଳୁ ଖଣ୍ଡାୟତରାୟ

### ଲୋକ ସଭା: ମୟୂରଭଞ୍ଜ — ଘୋଷଣା ହୋଇନି



ବିଧାନସଭା:
- ଯଶୀପୁର: ଗଣେଶରାମ ଖୁଣ୍ଟିଆ
- ସାରସକଣା: ବୁଧାନ ମୁର୍ମୁ
- ରାଇରଙ୍ଗପୁର: ଘୋଷଣା ହୋଇନି
- ବାଙ୍ଗିରିପୋଷି: ସୁକୁଡ଼ା ମୁର୍ମୁ
- ଉଦଳା: ଭାସ୍କର ମଡ଼େଇ
- ବାରିପଦା: ପ୍ରକାଶ ସୋରେନ
- ମୋରଡ଼ା: ଘୋଷଣା ହୋଇନି

### ଲୋକ ସଭା: ବାଲେଶ୍ୱର — ପ୍ରତାପ ଷଡ଼ଙ୍ଗୀ



ବିଧାନସଭା:
- ବଡସାହି: ସନାତନ ବିଜୁଳି
- ଜଳେଶ୍ୱର: ଜୟନାରାୟଣ ମହାନ୍ତି
- ଭୋଗରାଇ: ଘୋଷଣା ହୋଇନି
- ବସ୍ତା: ଘୋଷଣା ହୋଇନି
- ବାଲେଶ୍ୱର: ମଦନମୋହନ ଦତ୍ତ
- ରେମୁଣା: ଗୋବିନ୍ଦ ଚନ୍ଦ୍ର ଦାସ
- ନୀଳଗିରି: ଘୋଷଣା ହୋଇନି

### ଲୋକ ସଭା: ଭଦ୍ରକ — ଘୋଷଣା ହୋଇନି



ବିଧାନସଭା:
- ସୋରୋ: ରାକେଶ ମଲ୍ଲିକ
- ସିମୁଳିଆ: ପଦ୍ମଲୋଚନ ପଣ୍ଡା
- ଭଣ୍ଡାରିପୋଖରୀ: ଘୋଷଣା ହୋଇନି
- ଭଦ୍ରକ: ଘୋଷଣା ହୋଇନି
- ବାସୁଦେବପୁର: ମାଧବାନନ୍ଦ ମଲ୍ଲିକ
- ଧାମନଗର: ବିଷ୍ଣୁ ସେଠୀ
- ଚାନ୍ଦବାଲି: ମନମୋହନ ସାମଲ

### ଲୋକ ସଭା: ଯାଜପୁର — ଘୋଷଣା ହୋଇନି



ବିଧାନସଭା:
- ବିଞ୍ଝାରପୁର: ବବିତା ମଲ୍ଲିକ
- ବରୀ: ବିଶ୍ୱରଞ୍ଜନ ମଲ୍ଲିକ
- ବଡ଼ଚଣା: ଅମର ନାୟକ
- ଧର୍ମଶାଳା: ତୁଷାର ପରିଡ଼ା
- ଯାଜପୁର: ଗୌତମ ରାୟ
- କୋରେଇ: ବିଶ୍ୱଜିତ୍ ନାୟକ
- ସୁକିନ୍ଦା: ପ୍ରଦୀପ ବଳସାମନ୍ତ

### ଲୋକ ସଭା: କେନ୍ଦ୍ରାପଡ଼ା — ବୈଜୟନ୍ତ ପଣ୍ଡା



ବିଧାନସଭା:
- ସାଲେପୁର: ପ୍ରକାଶ ବେହେରା
- ମାହାଙ୍ଗା: ସାରଦା ପ୍ରଧାନ
- ପାଟକୁରା: ଘୋଷଣା ହୋଇନି
- କେନ୍ଦ୍ରାପଡ଼ା: ଘୋଷଣା ହୋଇନି
- ଆଳି: ଦୋଳଗୋବିନ୍ଦ ନାୟକ
- ରାଜନଗର: ଅଲେଖ ଜେନା
- ମହାକାଳପଡ଼ା: ଘୋଷଣା ହୋଇନି

### ଲୋକ ସଭା: ଜଗତ୍‌ସିଂହପୁର — ଘୋଷଣା ହୋଇନି



ବିଧାନସଭା:
- ନିଆଳି: ଘୋଷଣା ହୋଇନି
- ପାରାଦୀପ: ଘୋଷଣା ହୋଇନି
- ତିର୍ତ୍ତୋଲ: ରମାକାନ୍ତ ଭୋଇ
- ବାଲିକୁଦା-ଏରସମା: ଡା. ଦାମୋଦର ରାଉତ
- ଜଗତ୍‌ସିଂହପୁର: ସତ୍ୟବ୍ରତ ମହାପାତ୍ର
- କାକଟପୁର: ତୁଷାରକାନ୍ତି ବେହେରା
- ନିମାପଡ଼ା: ପ୍ରଭାତୀ ପରିଡ଼ା

## ଅଯୋଗ୍ୟ ଘୋଷିତ ହେବେ ୫ ବିଜେଡି ବିଧାୟକ

**ଭୁବନେଶ୍ୱର, ୨୩।୩ (ବ୍ୟୁରୋ)**

ଦଳ ଛାଡି ଅନ୍ୟ ଦଳରେ ଯୋଗ ଦେଇଥିବା ୫ ବିଜେଡି ବିଧାୟକ ଅଯୋଗ୍ୟ ଘୋଷିତ ହେବେ । ସେହି ବିଧାୟକମାନେ ହେଲେ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ମୋହାନା ବିଧାୟିକା ବାସନ୍ତି ମଲ୍ଲିକ, ଆସିକା ବିଧାୟକ ଦେବରାଜ ପ୍ରଧାନ, ଦଶପଲ୍ଲା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ନାୟକ ଏବଂ ଗୁଣୁପୁର ବିଧାୟକ ତ୍ରିନାଥ ଗମାଙ୍ଗ। ସେହି ବିଧାୟକମାନେ ଦଳ ବଦଳ କରିଥିବାରୁ ସେମାନଙ୍କୁ ଅଯୋଗ୍ୟ ଘୋଷିତ କରିବାକୁ ସରକାରୀ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ବାଚସ୍ପତିଙ୍କୁ ଶନିବାର ପିଟିଶନ ଦେଇଛନ୍ତି। ବାଚସ୍ପତି ପ୍ରଦୀପ ଅମାତ କହିଛନ୍ତି ଯେ ଏହାକୁ ଅନୁଧ୍ୟାନ କରାଯାଉଛି। ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ।

ଏଠାରେ ସୂଚନା ଯୋଗ୍ୟ ଯେ ଆସନ୍ତା ନିର୍ବାଚନ ପାଇଁ ଟିକେଟ ନ ମିଳିବାରୁ ଉକ୍ତ ବିଧାୟକମାନେ ବିଜେଡିରୁ ଇସ୍ତଫା ଦେଇ ଅନ୍ୟ ଦଳରେ ଯୋଗ ଦେଇଛନ୍ତି।

## ବୁଝିଗଲେ ଅର୍କ, ଦଳକୁ ଫେରିଲେ

**ଭୁବନେଶ୍ୱର, ୨୩।୩(ବ୍ୟୁରୋ)**

କଳାହାଣ୍ଡି ଏମ୍‌ପି ଅର୍କକେଶରୀ ଦେଓଙ୍କୁ ବିଜେଡି ପକ୍ଷରୁ ବୁଝାସୁଝା କରାଯାଇଥିବା ଜଣାପଡିଛି। ଶନିବାର ନବୀନ ନିବାସରେ ଅର୍କ ଏବଂ ତାଙ୍କ ସ୍ତ୍ରୀ ମାଳବିକାଙ୍କୁ ଦେଖିବାକୁ ମିଳିଥିଲା। କଳାହାଣ୍ଡି ଲୋକ ସଭା ଆସନରୁ ବିଜେଡି ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ପ୍ରାର୍ଥୀ କରିଛି। ଏହାକୁ ଅର୍କ ପ୍ରଥମେ ଗ୍ରହଣ କରିପାରି ନ ଥିଲେ। ଦଳୀୟ ନିଷ୍ପତ୍ତିରେ କ୍ଷୋଭ ପ୍ରକାଶ କରିବା ସହ ବିଜେଡିରୁ ଇସ୍ତଫା ମଧ୍ୟ ଦେଇଥିଲା। ହେଲେ ପରବର୍ତ୍ତୀ ସମୟରେ ତାଙ୍କର ମାନଭଞ୍ଜନ କରାଯାଇଥିଲା। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଅର୍କ ଭାଜପା ପ୍ରାର୍ଥୀ ହେବା ପାଇଁ ମଧ୍ୟ ଚେଷ୍ଟା ଚଳାଇଥିଲା। ହେଲେ ଭାଜପା କେନ୍ଦ୍ରୀୟ ନିର୍ବାଚନ କମିଟି ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନାଁ ସ୍ଥିର କରିସାରିଥିଲା। ତେଣୁ ଅର୍କଙ୍କ ଭାଜପା ରାସ୍ତା ବନ୍ଦ ହୋଇଯାଇଥିଲା। ତେଣୁ ଭବିଷ୍ୟତରେ ରାଜନୈତିକ ଥଇଥାନ ଆଶ୍ୱସନା ପାଇଁ ବିଜେଡିକୁ ଫେରିଥିବା ତାଙ୍କ ନିକଟତମ ମହଲରୁ ପ୍ରକାଶ।

## ବିଜେଡିରେ ବହୁ କର୍ମୀ ସାମିଲ

**ଭୁବନେଶ୍ୱର,୨୩।୩(ବ୍ୟୁରୋ)**

ସାଧାରଣ ନିର୍ବାଚନ ଘୋଷଣା ହେବା ଦିନଠାରୁ ବିଭିନ୍ନ ଦଳରେ ମିଶ୍ରଣ ପର୍ବ ଜାରି ରହିଛି। ଏହି କ୍ରମରେ ଶନିବାର ବିଜେଡିରେ ମଧ୍ୟ ବିଭିନ୍ନ କର୍ମୀ ଏବଂ ସଙ୍ଗଠନ ଯୋଗଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ବରଗଡ ଧନୁଯାତ୍ରାର ପୂର୍ବତନ କଂସ ଗୋପାଳ ସାହୁ, ଶିକ୍ଷକ ନେତା କମଳାକାନ୍ତ ତ୍ରିପାଠୀ, କଳାହାଣ୍ଡି ଜିଲାର ତୁଳେଶ୍ୱର ନାୟକ, ସୁନ୍ଦରଗଡର ସୁନୀଲ ସିଂଦେଓ ସାମିଲ ଅଛନ୍ତି । ସେହିପରି ବ୍ରହ୍ମପୁର ଅଞ୍ଚଳର ନେତା ରୂପେଶ ମହାପାତ୍ରଙ୍କ ସମେତ ସଂଖ୍ୟାଧିକ ଭାଜପା କାଉନସିଲର ବିଜେଡିରେ ସାମିଲ ହୋଇଛନ୍ତି।

■ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ: ବଦଳିଲେ କଂଗ୍ରେସ ପ୍ରାର୍ଥୀ

# ବିସ୍ମୟଙ୍କ ବଦଳରେ ଲଢ଼ିବେ ପ୍ରଫୁଲ୍ଲ

**ଦିଗପହଣ୍ଡି,୨୩।୩(ଡି.ଏନ.ଏ.)**



ସୂର୍ଯ୍ୟ ନାରାୟଣ ପାତ୍ର | ପିଙ୍କି ପ୍ରଧାନ | ପ୍ରଫୁଲ୍ଲ ପଣ୍ଡା

ଗଞ୍ଜାମ ଜିଲା ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ (ନଂ.୧୩୪) ନିମନ୍ତେ କଂଗ୍ରେସ ତା'ର ପ୍ରାର୍ଥୀ ବଦଳାଇଛି। ପୂର୍ବରୁ ନିଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ମୁକୁଲ ୱାସନିକଙ୍କ ଦସ୍ତଖତରେ କଂଗ୍ରେସ ନିର୍ବାଚନ କମିଟି ପକ୍ଷରୁ ଗତ ୧୮ ତାରିଖରେ ତାଲିକା ପ୍ରକାଶ ପାଇଥିଲା। ଏଥିରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ନିମନ୍ତେ ବିସ୍ମୟ ମହାପାତ୍ରଙ୍କ ନାମ ରହିଥିଲା। ୨୨ ତାରିଖରେ ପ୍ରକାଶିତ ଚୂଡାନ୍ତ ପ୍ରାର୍ଥୀ ତାଲିକାରେ ପ୍ରଫୁଲ୍ଲ ପଣ୍ଡାଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

କଂଗ୍ରେସ ଦଳର ପ୍ରାର୍ଥୀ ବଦଳ ପରେ ଆସନ୍ତା ବିଧାନସଭା ନିର୍ବାଚନରେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହେବାନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ନଗରପାଳ ତଥା ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରଫୁଲ୍ଲ ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ ସଭାପତି ଭାବେ ପୂର୍ବରୁ ଦାୟିତ୍ୱରେ ଥିଲେ। ୨୦୦୦ ମସିହାରୁ ସେ କ୍ରମାଗତ ଭାବେ ଏନ୍‌ଏସି କାଉନସିଲର ଭାବେ ନିର୍ବାଚିତ ହୋଇଆସିଛନ୍ତି। ବର୍ତ୍ତମାନ ସେ ୮ନଂ. ୱାର୍ଡର କାଉନ୍‌ସିଲର ଅଛନ୍ତି।

ଅପରପକ୍ଷରେ ସିନେ ଅଭିନେତ୍ରୀ ପିଙ୍କି ପ୍ରଧାନଙ୍କୁ ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଦିଗପହଣ୍ଡି ବ୍ଲକ ନରେନ୍ଦ୍ରପୁର ଗାଁରେ ପିଙ୍କି ବିବାହ କରିଥିବାରୁ ଦିଗପହଣ୍ଡିର ବୋହୂ ହିସାବରେ ସେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନାକୁ ପାଥେୟ କରି ସେ ନିର୍ବାଚନ ପ୍ରଚାରକୁ ଜୋରଦାର କରିବେ ବୋଲି କହିଛନ୍ତି।

ସେହିପରି ନିର୍ବାଚନ ମଣ୍ଡଳୀରେ ହୋଇଥିବା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଯୋଗାଣ, କୃଷି, ଜଳସେଚନ ଆଦି ବିଭିନ୍ନ ବିକାଶ କାର୍ଯ୍ୟକୁ ଆୟୁଧ କରି ପ୍ରଚାରକୁ ଜୋରଦାର କରାଯିବ ବୋଲି ବିଜେଡି ପ୍ରାର୍ଥୀ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି। ନିର୍ବାଚନ ମଣ୍ଡଳୀରୁ ଗତ ୨୦୦୯ ଓ ୨୦୧୪ରେ କ୍ରମାଗତ ଭାବେ ବିଜୟୀ ହୋଇଥିବା ସୂର୍ଯ୍ୟ ଚଳିତଥର ହ୍ୟାଟ୍ରିକ ହାସଲ କରିବେ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ବିଜେଡି ଓ ଭାଜପା ଉଭୟଙ୍କୁ କଡ଼ା ଟକ୍କର ଦେବାକୁ କଂଗ୍ରେସ ପ୍ରସ୍ତୁତ ହୋଇସାରିଛି। ନିର୍ବାଚନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଭ୍ରଷ୍ଟାଚାର, ଦୁର୍ନୀତି, ନିଯୁକ୍ତି ଓ ନିର୍ବାଚନ ମଣ୍ଡଳୀର ବିକାଶ ଦିଗରେ ଅବହେଳା ଆଦି ବିଭିନ୍ନ ପ୍ରସଙ୍ଗକୁ ମୁଖ୍ୟ ଅସ୍ତ୍ର ଭାବେ ପ୍ରଚାର କରିବ ବୋଲି ଦଳୀୟ ପ୍ରାର୍ଥୀ ପ୍ରଫୁଲ୍ଲ ପଣ୍ଡା କହିଛନ୍ତି। ସମସ୍ତ ରାଜନୈତିକ ଦଳର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ ପରେ ମତଦାନ ଅପେକ୍ଷାରେ ରହିଛନ୍ତି ନିର୍ବାଚନ ମଣ୍ଡଳୀର ଭୋଟରମାନେ। କାହା ସପକ୍ଷରେ ଯିବ ଜନମତ ସେଥିନିମନ୍ତେ ଅବଗଣନା ଆରମ୍ଭ ହୋଇଯାଇଛି।

■ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ

# ଛିଣ୍ଡୁନି ଅଙ୍କ, ବ୍ରଜଙ୍କ ଉପରେ ଭାଜପା ଆଖି

**ପୁରୀ ଅଫିସ,୨୩।୩**

ପୁରୀ ବିଧାନସଭା କ୍ଷେତ୍ରରୁ କିଏ ହେବ ଭାଜପା ପ୍ରାର୍ଥୀ ତାହା ସ୍ପଷ୍ଟ ହୋଇପାରୁ ନାହିଁ। କିଏ ମହେଶ୍ୱର ମହାନ୍ତିଙ୍କୁ ଚ୍ୟାଲେଞ୍ଜ ଦେବ ଏହି ଅଙ୍କ କଷୁଛି ଭାଜପା। ହେଲେ ପଦ୍ମ ଦଳର ଅଙ୍କ ଛିଣ୍ଡୁ ନ ଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ପୁରୀ ପାଇଁ ଦ୍ୱନ୍ଦ୍ୱରେ ପଡିଛି ଗେରୁଆ ଦଳ। ପରିବର୍ତ୍ତନର ହାୱାକୁ ଏଥର ସୁଯୋଗ ବୋଲି ଭାବିଥିବା ଭାଜପା କାହାକୁ ଠିଆ କରି ବାଜିମାରିବ ସେହି ଚିନ୍ତାରେ ରହିଛି। ଏସବୁ ଭିତରେ ନେତୃତ୍ୱଙ୍କ ଆଖି ପଡିଛି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ଉପରେ। ହେଲେ ବ୍ରଜଙ୍କ ସମୀକରଣକୁ ନେଇ ଅଡୁଆରେ ପଡିଛି ଦଳ, ଯେଉଁଥିପାଇଁ ପୁରୀ ନିର୍ବାଚନମଣ୍ଡଳୀ ପାଇଁ ଭାଜପାର ପ୍ରାର୍ଥୀ ଚୟନ ଝୁଲି ରହିଥିବା ଶୁଣିବାକୁ ମିଳୁଛି।

ଗତ ନିର୍ବାଚନରେ ଏଠାରେ ଭାଜପା ତୃତୀୟ ସ୍ଥାନରେ ଥିଲା। ଭାଜପା ପ୍ରାର୍ଥୀଙ୍କୁ ୧୭,୫୬୦ ଖଣ୍ଡ ଭୋଟ ମିଳିଥିଲା। ପ୍ରଥମ ସ୍ଥାନରେ ଥିଲେ ମହେଶ୍ୱର ମହାନ୍ତି। ମହେଶ୍ୱର ପାଇଥିଲେ ୭୬,୭୬୦ ଭୋଟ। ବିଜେଡି ଓ ଭାଜପା ମଧ୍ୟରେ ଭୋଟ ବ୍ୟବଧାନ ଥିଲା ପ୍ରାୟ ୬୦ ହଜାର। ତେଣୁ ଏଥର ପୁରୀକୁ ହାତେଇବାକୁ ଭାଜପା ଅଣ୍ଟା ଭିଡ଼ିଛି। ଏକାଧିକ ସଭା, ସମାବେଶ ଦଳ ଏଠାରେ ଆୟୋଜନ କରିଛି। ବହୁ ତୁଙ୍ଗ ନେତା ପୁରୀ ଆସି ସଭା କରିଛନ୍ତି। ତେଣୁ ଦଳ ପାଇଁ ପୁରୀ ଏକ ସମ୍ମାନର ପ୍ରଶ୍ନ ପାଲଟିଛି। ଅନ୍ୟପକ୍ଷରେ ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଦଳର ଏକାଧିକ ଆଶାୟୀ ଲାଇନରେ ଅଛନ୍ତି। ଏମାନଙ୍କ ମଧ୍ୟରେ ବହୁ ଯୁବକ ବି ଆଶା ବାନ୍ଧିଛନ୍ତି। ହେଲେ ଦଳ କାହା ଉପରେ ଭରସା କରିପାରୁ ନ ଥିବା ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଟିକେଟ ବଣ୍ଟନରୁ ଜଣାପଡୁଛି। କେବଳ ପୁରୀକୁ ବାଦ୍ ଦେଇ ଜିଲାର ଅନ୍ୟ ୫ଟି ନିର୍ବାଚନମଣ୍ଡଳୀ (ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି, କାକଟପୁର, ନିମାପଡ଼ା) ଲାଗି ଦଳ ପ୍ରାର୍ଥୀ ସ୍ଥିର କରିସାରିଥିବା ସ୍ପଷ୍ଟ କରୁଛି।

ତେବେ ରାଜନୈତିକ ବିଶେଷଜ୍ଞଙ୍କ ମହଲରୁ ଶୁଣିବାକୁ ମିଳିଛି ଯେ, ମହେଶ୍ୱରଙ୍କୁ ଗାଦିଚ୍ୟୁତ୍ କରିବାକୁ ବ୍ରଜଙ୍କୁ ଭରସା କରିଛି ଭାଜପା। ଏଥିପାଇଁ ବ୍ରଜଙ୍କ ସହ ଭାଜପା ଯୋଗାଯୋଗ ମଧ୍ୟ କରିଛି। ବ୍ରଜ ତାଙ୍କ ସମତା କ୍ରାନ୍ତି ପାର୍ଟିରୁ ପ୍ରାର୍ଥୀ ହେବେ ଏବଂ ଭାଜପା ତାଙ୍କୁ ସମର୍ଥନ ଦେଉ ବୋଲି ଚାହୁଁଛନ୍ତି। କାରଣ ସମତା କ୍ରାନ୍ତି ଦଳକୁ ସେ ହିଁ ତିଆରି କରିଛନ୍ତି। ତେଣୁ ନିଜେ ଗଢିଥିବା ଦଳକୁ କିପରି ପଛକୁ ଠେଲି ଆଉ ଏକ ଦଳୀୟ ଚିହ୍ନକୁ ଆଦରି ନେବେ ତାହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ବ୍ରଜ। କିନ୍ତୁ ତାଙ୍କ ସର୍ତ୍ତକୁ ଗେରୁଆ ଦଳ ହଜମ କରିପାରୁନି। ଭାଜପା ପରି ଏକ ଜାତୀୟ ଦଳ କିପରି ବ୍ରଜଙ୍କ ସମତାକ୍ରାନ୍ତି ପାଖରେ ହାତ ଟେକିଦେବ ସେ ନେଇ ଦଳୀୟ ନେତୃତ୍ୱ ସହମତି ହୋଇପାରୁ ନାହାନ୍ତି। ଏମିତି ଦୋଛକିରେ ଏବେ ଭାଜପା ଏବଂ ବ୍ରଜ ଛିଡା ହୋଇଛନ୍ତି। ଏଥିପାଇଁ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଭାଜପା ପ୍ରାର୍ଥୀ ଘୋଷଣା ହୋଇପାରୁ ନ ଥିବା ଚର୍ଚ୍ଚା ହେଉଛି।

ଏ ସମ୍ପର୍କରେ ବ୍ରଜ ତ୍ରିପାଠୀ କହିଛନ୍ତି, ମୋ ସହିତ କୌଣସି ଦଳ ପ୍ରତ୍ୟକ୍ଷ ଭାବେ ଆଲୋଚନା କରିନାହାନ୍ତି। ଜନମତ ଚାପରେ ଏହା କେବଳ ଏକ ରାଜନୈତିକ ଆଲୋଚନା ମାତ୍ର। ଏ ସମ୍ପର୍କରେ ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର କହିଛନ୍ତି, ଦଳ ସବୁ ଦିଗକୁ ବିଚାର କରି ସ୍ଥିର କରୁଛି। ବିଜେଡିକୁ ଚ୍ୟାଲେଞ୍ଜ ଦେବା ପାଇଁ ଯଦି କିଛି ରଣକୌଶଳ ପ୍ରସ୍ତୁତ କରୁଥିବ ତେବେ ଏଥିରେ ଅସ୍ୱାଭାବିକତା କିଛି ନାହିଁ।

## ଏ ସପ୍ତାହର ପ୍ରଶ୍ନ

(୧) ଭାରତର ଜାତୀୟ ସଂକେତ -------କୁ କୁହାଯାଏ ?
(୨)ଭାରତର ଜାତୀୟ ଧ୍ୱନି ---------?
(୩)ଗୋଳାବାରୁଦ କାରଖାନା ଓଡିଶାର --------ଠାରେ ଅବସ୍ଥିତ ?
(୪)ଓଡିଶାର ମିଗ୍ ବିମାନ କାରଖାନା ------ଠାରେ ରହିଛି ?
(୫)ପିତ୍ତଳ ବାସନ କାମ ପାଇଁ ଓଡିଶାର -------ସ୍ଥାନ ପ୍ରସିଦ୍ଧ ?

## ଗତ ସପ୍ତାହର ଉତ୍ତର

୧ ସମୁଦ୍ର ଗୁପ୍ତ
୨ ଗୁପ୍ତବଂଶ
୩ ବିକ୍ରମାଦିତ୍ୟ
୪ ଶ୍ରୀଗୁପ୍ତ
୫ ସ୍ୱାଇରିଡନ୍ ଲୁଇସ୍

## ଉତ୍ତରଦାତା


ସତ୍ୟମ୍ ଆଚାର୍ଯ୍ୟ
ନାଲ୍କୋ ନଗର
ଅନୁଗୋଳ


ମୁକେଶ ଚନ୍ଦ୍ର ରଣା
ଶେରଗଡ଼
ଗଞ୍ଜାମ


ଐଶ୍ୱର୍ଯ୍ୟା ସ୍ୱାଇଁ
ନିଆଳି
କଟକ

## ଟପ୍ ୧୦

### ପୃଥିବୀର ସୁନ୍ଦରତମ ମ୍ୟୁଜିୟମ୍


ଦ ନାଇଟେରୋଇ କଣ୍ଟେମ୍ପୋରାରୀ ଆର୍ଟ ମ୍ୟୁଜିୟମ୍

୧. ଦ ନାଇଟେରୋଇ କଣ୍ଟେମ୍ପୋରାରୀ ଆର୍ଟ ମ୍ୟୁଜିୟମ୍------ ବ୍ରାଜିଲ
୨. ଦ ଲୌଭର ମ୍ୟୁଜିୟମ୍----------------------ଫ୍ରାନ୍ସ
୩. ଦ ମ୍ୟୁଜିଓ ସୌମୟା----------------------ମେକ୍ସିକୋ
୪. ଦ ଗଗେନ୍‌ହେମ୍ ବିଲ୍‌ବାଓ----------------------ସ୍ପେନ୍
୫. ଦ ହାନୋଇ ମ୍ୟୁଜିୟମ୍----------------------ଭିଏତ୍‌ନାମ୍
୬. ଦ ଜିୱିସ୍ ମ୍ୟୁଜିୟମ୍----------------------ଜର୍ମାନୀ
୭. ଦ ମ୍ୟୁଜିୟମ୍ ଅଫ୍ ଇସ୍‌ଲାମିକ୍ ଆର୍ଟ----------------କାତାର
୮. ଡେନ୍‌ଭର୍ ଆର୍ଟ ମ୍ୟୁଜିୟମ୍----------------------ୟୁଏସ୍‌ଏ
୯. ଦ ଲୁଇସ୍ ଭୁଇଟୋନ୍ ଫାଇଣ୍ଡେସନ୍----------------ଫ୍ରାନ୍ସ
୧୦. ଲୌଭର୍- ଆବୁଧାବି----------------------ୟୁଏଇ

## ଫାଷ୍ଟ ଇମ୍ପ୍ରେସନ୍

**ସାଧାରଣତଃ ଆପଣ ଯେତେବେଳେ କାହା ସହ ପ୍ରଥମ ଥର କଥା ହେବାକୁ ଯାଉଛନ୍ତି ତେବେ କିପରି କଥାହେବେ, ନିଜର ସ୍ୱଭାବ, ଆଚାର ବ୍ୟବହାର କେମିତି ରହିଲେ ତାହା ଅନ୍ୟଙ୍କୁ ପ୍ରଭାବିତ କରିବ ଜାଣନ୍ତୁ ସେ ସମ୍ପର୍କରେ ଟିପ୍ସ...**



- ପ୍ରଥମେ ଆପଣ କେଉଁ ବାତାବରଣରେ ରହୁଛନ୍ତି ସେ ଅନୁସାରେ ଡ୍ରେସ ପରିଧାନ କରନ୍ତୁ।
- ସମୟ ପ୍ରତି ଯଥେଷ୍ଟ ଧ୍ୟାନ ରଖନ୍ତୁ। ନିର୍ଦ୍ଧାରିତ ସମୟ ପୂର୍ବରୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚନ୍ତୁ।
- କାହାର ନକଲ କରିବା ବଦଳରେ ନିଜର ଷ୍ଟାଇଲ୍ ନିଜେ ଚୟନ କରନ୍ତୁ। କଥାହେବା ସମୟରେ ସରି ଏବଂ ଥ୍ୟାଙ୍କ୍ୟୁ କହିବାକୁ ଭୁଲନ୍ତୁ ନାହିଁ।
- କାହାର ଆସିବାକୁ ଯଦି ଅପେକ୍ଷା କରି ରହିଥାନ୍ତି ତେବେ ସେ ଆସିବା ମାତ୍ରେ ଠିଆ ହୋଇ ତାଙ୍କୁ ସ୍ୱାଗତ କରନ୍ତୁ।
- ମୁହଁରେ ସବୁବେଳେ ହସ ଏବଂ ସକାରାତ୍ମକ ଚିନ୍ତାଧାରା ରଖନ୍ତୁ।
- ଯେତେବେଳେ ଆପଣଙ୍କୁ କିଏ ଖାଇବାକୁ ଆମନ୍ତ୍ରିତ କରୁଛନ୍ତି ପ୍ରଥମେ ମେନୁ ଚାର୍ଟ ଧରି ମନଇଚ୍ଛା ଅର୍ଡର ନ କରି ସାମ୍ନାରେ ବସିଥିବା ବ୍ୟକ୍ତି କ'ଣ ଖାଇବାକୁ ଚାହୁଁଛନ୍ତି ତାହା ପଚାରି ବୁଝିଲା ପରେ ଅର୍ଡର ଦିଅନ୍ତୁ।

# ମି- ଟାଇମ୍



ଆଜିର ବ୍ୟସ୍ତବହୁଳ ଜୀବନଶୈଳୀ ପ୍ରତ୍ୟେକ ମଣିଷକୁ ଏକ ମେଶିନରେ ପରିଣତ କରିଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏକ୍ଷେତ୍ରରେ ଆଜିର ଯୁବ ସମାଜ ବହୁ ମାତ୍ରାରେ ପ୍ରଭାବିତ ହେଉଥିବାର ଦେଖାଯାଉଛି। କ୍ୟାରିୟର ପ୍ରତି ବିଶେଷ ସଚେତନ ଥିବା ଯୁବପିଢି ଦିନ ସାରାର ଲମ୍ବା କଲେଜ ଲେକ୍‌ଚର୍, ଏକ୍ସଟ୍ରା କୋଚିଙ୍ଗ କ୍ଲାସ୍, ପର୍ସନାଲ ଷ୍ଟଡିଜ୍ ପରେ ନିଜ ପାଇଁ ଆଉ ସମୟ ବାହାର କରିପାରି ନ ଥାନ୍ତି। ଅନୁରୂପ ଭାବେ କର୍ମଜୀବୀ ଯୁବତୀଯୁବକମାନେ ଅଫିସ୍‌ର ଲମ୍ବା ୱାର୍କିଂ ଆୱାର ତଥା କାମର ପ୍ରେସର ହେତୁ ଘରେ ବି କିଛି ଜଣ ଅଫିସ୍ କାମ କରିଥାନ୍ତି। ତେଣୁ ନିଜ ପାଇଁ ସମୟ ବାହାର କରିବା ପ୍ରାୟ ସ୍ୱପ୍ନ ହୋଇଗଲାଣି। ସବୁବେଳେ କାମରେ ଏବଂ ପାଠ ପଢାରେ ବ୍ୟସ୍ତ ରହୁଥିବା ହେତୁ ସେମାନଙ୍କ ମାନସିକ ସ୍ଥିତି ବହୁ ମାତ୍ରାରେ ପ୍ରଭାବିତ ହୋଇଥାଏ ବୋଲି ଗବେଷଣାରୁ ଜଣାଯାଇଛି। ଫଳରେ ସେମାନଙ୍କଠାରେ ଷ୍ଟ୍ରେସ୍, ଡିପ୍ରେଶନ୍ ଭଳି ମାନସିକ ରୋଗ ଦେଖାଯାଇଥାଏ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ତେଣୁ ଏ ସବୁ ସମସ୍ୟାରୁ ଦୂରେଇ ରହିବା ଲାଗି ଦିନର ବା ସପ୍ତାହର କିଛି ସମୟ 'ମି-ଟାଇମ୍' ରହିବା ନିହାତି ଆବଶ୍ୟକ। 'ମି-ଟାଇମ୍' ଅର୍ଥ ନିଜକୁ ସମୟ ଦେବା, ନିଜକୁ ଖୁସି ମିଳୁଥିବା କାର୍ଯ୍ୟ କରିବା ତଥା ନିଜର ଯତ୍ନ ନେବା। ତେବେ ଏହି 'ମି-ଟାଇମ୍‌କୁ' ଆପଣ କିଭଳିଭାବେ ଉପଭୋଗ କରିପାରିବେ ଜାଣନ୍ତୁ ସେ ସମ୍ପର୍କରେ......

**ସ୍ୱାସ୍ଥ୍ୟର ଯତ୍ନ ପାଇଁ ବ୍ୟାୟାମ–** କୁହାଯାଏ ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆପଣ ସୁସ୍ଥ ରହିଲେ ହିଁ ସବୁ କାର୍ଯ୍ୟ କରିବା ଲାଗି ସକ୍ଷମ ହୋଇପାରିବେ। ତେଣୁ ନିଜର ସ୍ୱାସ୍ଥ୍ୟର ଯତ୍ନ ନେବା ଲାଗି ପ୍ରତ୍ୟେକ ଦିନ ଅନ୍ତତଃ ଅଧଘଣ୍ଟା ବ୍ୟାୟାମ କରନ୍ତୁ। ଏଥି ସକାଶେ ଆପଣ ଯୋଗ, ପ୍ରାଣାୟାମ୍, ମର୍ଣ୍ଣିଂ ୱାକ୍ ତଥା ଜିମ୍ ଯାଇ ୱାର୍କ ଆଉଟ କରିପାରିବେ। କେବଳ ସେତିକି ନୁହେଁ, ଆପଣଙ୍କ ମନପସନ୍ଦର ସ୍ପୋର୍ଟ୍ସ ଯଥା ବ୍ୟାଡମିଣ୍ଟନ୍, କ୍ରିକେଟ, ଫୁଟବଲ, ସ୍ୱିମିଂ, ସାଇକ୍ଲିଂ ଆଦି କରିବା ଦ୍ୱାରା ଫିଟ୍ ରହିବା ସହ ଏହା ଆପଣଙ୍କୁ ଖୁସି ମଧ୍ୟ ପ୍ରଦାନ କରିବ। ଏହା ବ୍ୟତୀତ ମାନସିକ ସୁସ୍ଥତା ପାଇଁ ପ୍ରତ୍ୟେକ ଦିନ କିଛି ସମୟ ମେଡିଟେସନ୍ କରନ୍ତୁ।

**ବିୟୁଟି ଥେରାପି ଦ୍ୱାରା ଶରୀରର ଯତ୍ନ–** ସ୍ୱାସ୍ଥ୍ୟର ଯତ୍ନ ଭଳି ଶରୀରର ଯତ୍ନ ମଧ୍ୟ ଜରୁରୀ। କାମ ଏବଂ ପାଠ ପଢାର ବିଜି ସେଡ୍ୟୁଲ ଭିତରେ ଅନେକେ ପ୍ରାୟ ନିଜ ଶରୀରର ଯତ୍ନ ଠିକ୍ ସେ ନେଇପାରି ନ ଥାନ୍ତି। ଫଳରେ ତ୍ୱଚା, କେଶ ଆଦିରେ ବିଭିନ୍ନ ସମସ୍ୟା ମଧ୍ୟ ଦେଖାଦେଇଥାଏ। ତେଣୁ ସପ୍ତାହରେ ବା ୧୫ ଦିନରେ ଥରେ ବିୟୁଟି ଥେରାପି ଯଥା- ହେୟାର ସ୍ପା, ବଡି ସ୍ପା, ବଡି ମସାଜ୍, ଅଏଲ ମସାଜ୍, ଫେସିଆଲ, ପେଡିକିଓର, ମେନିକିଓର ଆଦି ଦ୍ୱାରା ନିଜର ଯତ୍ନ ନେବା ସହ ଆପଣ ରିଲାକ୍ସ ମଧ୍ୟ ଫିଲ୍ କରିବେ। କିଛି ଜଣ ନିଜର ଲୁକ୍ ଚେଞ୍ଜ କରିବାରେ ମଧ୍ୟ ଖୁସି ପାଆନ୍ତି। ଏଥିପାଇଁ ନୂଆ ହେୟାର କଟ୍, ହେୟାର କଲରିଙ୍ଗ ଆଦି ମଧ୍ୟ ଟ୍ରାଏ କରିପାରିବେ।

**ଚିତ୍ତବିନୋଦନ ବି ଜରୁରୀ–** କାମ ଏବଂ ପାଠପଢାର ହେକ୍ଟିକ ସେଡ୍ୟୁଲ ପରେ ମାନସିକ ଶାନ୍ତି ଲାଗି ଚିତ୍ତବିନୋଦନ ବି ଜରୁରୀ। ଦିନର କିଛି ସମୟ ଏପରି ବାହାର କରନ୍ତୁ ଯେଉଁ ସମୟରେ ଆପଣଙ୍କୁ ଭଲ ଲାଗୁଥିବା କିଛି କାର୍ଯ୍ୟ କରିପାରିବେ। ଯେପରି କିଛି ଜଣଙ୍କୁ ଗୀତ ଶୁଣିବା, ଟିଭି ଦେଖିବାକୁ ଭଲ ଲାଗୁଥିବା ବେଳେ କିଛି ଜଣ ଆନନ୍ଦ ପାଆନ୍ତି ଗାର୍ଡେନିଂରେ, କିଛି ଜଣଙ୍କୁ ନୂଆ ନୂଆ ରେସିପି ଏକ୍ସପେରିମେଣ୍ଟ କରିବାକୁ ଭଲ ଲାଗୁଥିବା ବେଳେ କିଛି ଜଣ ଖୁସି ହୁଅନ୍ତି ନିଜ ପାଇଁ ଶପିଙ୍ଗ କରିବାରେ। ତେଣୁ ଦିନର ବା ସପ୍ତାହର କିଛି ସମୟ ମନକୁ ଆନନ୍ଦ ଦେଉଥିବା କାର୍ଯ୍ୟରେ ନିଜକୁ ନିୟୋଜିତ କରନ୍ତୁ।

### କାହିଁକି ଜରୁରୀ 'ମି-ଟାଇମ୍'?

* ମସ୍ତିଷ୍କ ପୁନଃ କାର୍ଯ୍ୟକ୍ଷମ ହୋଇଥାଏ।
* ମାନସିକ ଶାନ୍ତି ମିଳିଥାଏ।
* କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଥାଏ।
* ଏକାଗ୍ରତା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।
* ଅବସାଦ ଦୂର କରିବାରେ ସହାୟକ ହୋଇଥାଏ।
* ଆତ୍ମ ବିଶ୍ଳେଷଣ ବା ନିଜକୁ ଆଉ ଟିକିଏ ଭଲଭାବେ ବୁଝିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ।
* ଠିକ୍ ନିଷ୍ପତ୍ତି ନେବାରେ ସହାୟକ ହୋଇଥାଏ।
* ସାମାଜିକ ସମ୍ପର୍କ ସୁଦୃଢ କରିବାରେ ସାହାଯ୍ୟ କରିଥାଏ।

**ସାମାଜିକ ସମ୍ପର୍କ ଏବଂ ଯୋଗାଯୋଗ ସ୍ଥାପନ କରନ୍ତୁ–** କାର୍ଯ୍ୟ ବ୍ୟସ୍ତତା ଏବଂ ପାଠ ପଢାର ଚାପ ଭିତରେ ଅନେକେ ସାମାଜିକ ବନ୍ଧନଠାରୁ ପ୍ରାୟ ଦୂରେଇ ଯାଇଥାନ୍ତି। ଫଳରେ ସେମାନଙ୍କ ଫ୍ରେଣ୍ଡ ସର୍କଲ ବି ଆସ୍ତେ ଆସ୍ତେ କମି କମି ଯାଇଥାଏ। ବହୁଦିନ ଧରି ସାଙ୍ଗମାନଙ୍କ ସହ କଣ୍ଟାକ୍ଟରେ ନ ରହିବା ହେତୁ ସେମାନେ ବି ଆପଣଙ୍କୁ ଭୁଲିବା ଆରମ୍ଭ କରନ୍ତି। ତେଣୁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ନିଜର ସମ୍ପର୍କୀୟ ତଥା ବନ୍ଧୁ ପରିଜନଙ୍କ ସହ ଯୋଗାଯୋଗ କରନ୍ତୁ। ଯଦି ସମ୍ଭବ ସପ୍ତାହକୁ ବା ମାସକୁ ଥରେ ନିଜ ପ୍ରିୟଜନଙ୍କ ସହ ଛୋଟ ଗେଟ୍ ଟୁଗେଦର୍‌ର ଆୟୋଜନ କରି ସେହି ସମୟକୁ ମନ ଭରି ଉପଭୋଗ କରନ୍ତୁ।

**ମି– ଟାଇମ୍ ପାଇଁ ଭ୍ରମଣ ହେଉଛି ବେଷ୍ଟ ଅପ୍ସନ୍:** ବ୍ୟସ୍ତ ବହୁଳ ଜୀବନ ଭିତରୁ କିଛି ସମୟ ବାହାର କରି ପରିବାର ସଦସ୍ୟ ତଥା ସାଙ୍ଗସାଥୀଙ୍କ ସହ କୌଣସି ଏକ ଦୂର ସ୍ଥାନକୁ ଟ୍ରିପ୍ ପ୍ଲାନ କରନ୍ତୁ। ଆପଣ ଯଦି ଚାହାନ୍ତି ତେବେ ସୋଲୋ ଟ୍ରାଭଲର ଭାବେ ଏକା ମଧ୍ୟ ବୁଲିବାକୁ ଯାଇପାରିବେ। ଏହି ସମୟରେ କାମର ଚାପକୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ଭ୍ରମଣର ମଜା ନିଅନ୍ତୁ।

– ଲିପ୍ସା ବିଶୋଇ

## କ'ଣ କୁହନ୍ତି ଏମାନେ



**ନିଜର ଉନ୍ନତି ସକାଶେ ମି ଟାଇମ୍ ଜରୁରୀ–** ଏକ ଧରାବନ୍ଧା ନିୟମରେ ପଡି ଆଜିକାଲିର ଜୀବନଶୈଳୀ ସମ୍ପୂର୍ଣ୍ଣ ରୂପେ ଯନ୍ତ୍ରବତ ହୋଇଗଲାଣି। ପାଠ ପଢାର ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବା ବି ନିହାତି ଜରୁରୀ। ତେଣୁ ପ୍ରତ୍ୟେକ ଦିନ ବିଜି ସେଡ୍ୟୁଲରୁ ଏକ ଘଣ୍ଟା ମୋ ନିଜ ପାଇଁ ଦିଏ। ମୋତେ ନୋଭେଲ, ଟ୍ରାଭଲ ଷ୍ଟୋରି, ଇତିହାସ ସମ୍ପର୍କରେ ପଢିବା ପାଇଁ ବହୁତ ଭଲ ଲାଗେ। ଦିନକୁ ଦଶରୁ ପନ୍ଦର ମିନିଟ ମେଡିଟେସନ୍ କରେ। ଏହା ମୋତେ ଷ୍ଟ୍ରେସ୍ ଫ୍ରି କରାଇବା ସହ ମୋ ଭିତରୁ ନକାରାତ୍ମକ ଶକ୍ତି ଦୂର କରିବାରେ ସାହାଯ୍ୟ କରିଥାଏ। ଏହାବ୍ୟତୀତ ମୁଁ ମୋଟିଭେଶନାଲ ଭିଡିଓ ଦେଖେ ଯାହା ମୋତେ ଆଗକୁ ବଢିବାରେ ପ୍ରେରଣା ଯୋଗାଏ। ତେଣୁ ନିଜର ଉନ୍ନତି ସକାଶେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ମି-ଟାଇମ୍ ଜରୁରୀ।

*–ଅମ୍ରିତା ଅମୃତାୟନୀ, ଓଲ୍ଡ ଟାଉନ୍ , ଭୁବନେଶ୍ୱର*



**ମାମା ପାପାଙ୍କ ସହ ସୁଖ ଦୁଃଖ ଶେୟାର କରିବାକୁ ମୁଁ ମୋର ମି-ଟାଇମ୍ ବୋଲି ଭାବେ–** ମୋ ପାଇଁ 'ମି-ଟାଇମ' ହେଉଛି ସେହି ସମୟ, ଯେଉଁ ସମୟକୁ ମୁଁ ମନ ଭରି ଉପଭୋଗ କରେ। ଯେହେତୁ ମୁଁ ଜଣେ ଗାୟିକା ତେଣୁ ମ୍ୟୁଜିକ୍ ଭିତରେ ଆନନ୍ଦ ପାଏ। ବେଳେବେଳେ ଇଚ୍ଛା ହେଲେ ଲାଉଡ ମ୍ୟୁଜିକ ଲଗେଇ ଏମିତି ନାଚେ ଯେମିତି ଆଗରୁ କେବେ ନାଚିନି। ଏହାବ୍ୟତୀତ ମୁଁ ମୋ ସାଙ୍ଗମାନଙ୍କ ସହ ସମୟ ବିତେଇବାକୁ ଭଲପାଏ। ସେମାନଙ୍କ ସହିତ ଥିଲା ବେଳେ ମୁଁ ମୋ ନିଜକୁ ଆବିଷ୍କାର କରେ। ନିଜ ପାଇଁ ସମୟ ଦେବା କଥା ଯେତେବେଳେ ଆସେ, ବହି ପଢାକୁ ମୁଁ ନିଶ୍ଚୟ ଏଥିରେ ସାମିଲ କରେ। ଏହାଛଡା ମାମା ପାପାଙ୍କ ସହ ବସି କଥା ହେବା, ସେମାନଙ୍କ ସହ ମୋ ସୁଖ ଦୁଃଖ ଶେୟାର କରିବାକୁ ମଧ୍ୟ ମୁଁ ମୋର ମି-ଟାଇମ୍ ବୋଲି ଭାବେ।

*– ସଞ୍ଚିତା ଶୁଭଦର୍ଶିନୀ, ନ୍ୟୁ ଏ.ଜି. କଲୋନୀ, ଭୁବନେଶ୍ୱର*



**ଶୋଇବା ହେଉଛି ମୋର ଫେଭରାଇଟ୍ ମି-ଟାଇମ୍:** ଦିନକୁ ଦିନ ଲାଇଫ୍ ହେକ୍ଟିକ ହେବାରେ ଲାଗିଛି। ଯା ଭିତରେ ନିଜ ପାଇଁ ସମୟ ବାହାର କରିବା କାଠିକର ପାଠ ହୋଇଗଲାଣି। ମୁଁ ଜଣେ ଆର୍ଟିଷ୍ଟ ତା' ସହ ଜଣେ ଉଦ୍ୟୋକ୍ତା। ତେଣୁ ଦୁଇଟି କାମକୁ ବାଲାନ୍ସ କରି ଚାଲିବାକୁ ହୁଏ। ଏସବୁ ଭିତରେ ବି ମୁଁ ମୋ ନିଜ ପାଇଁ କିଛି ସମୟ ବାହାର କରେ। ତେବେ ଯେତିକି ବି ସମୟ ମିଳେ ତା' ଭିତରେ ମୋତେ ଶୋଇବା ପାଇଁ ଭଲଲାଗେ। ଏହା ବ୍ୟତୀତ ନୂଆ ନୂଆ ରେସିପି ଏକ୍ସପେରିମେଣ୍ଟ କରିବା, କାଗଜ/ବାଲିରେ କ୍ରାଫ୍ଟ ପ୍ରସ୍ତୁତ କରିବା, ପେଣ୍ଟିଙ୍ଗ କରିବା ଆଦି ମୋର ମି-ଟାଇମ୍ ଅନ୍ତର୍ଭୁକ୍ତ। ଏକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ପରିବାର ସଦସ୍ୟ, ସାଙ୍ଗସାଥୀ ବା ବେଳେବେଳେ ଏକା ମଧ୍ୟ କୌଣସି ଦୂର ସ୍ଥାନକୁ ବୁଲିବାକୁ ଯାଏ। *– ବିଶ୍ୱଜିତ୍ ନାୟକ, ରାଉରକେଲା, ସୁନ୍ଦରଗଡ*

## ସମର ଡ୍ରିଙ୍କ୍ସ

**ଖରାଦିନେ ଡିହାଇଡ୍ରେସନ୍‌ରୁ ରକ୍ଷା ପାଇବା ପାଇଁ ଦେଶୀ ପାନୀୟ ଜରୁରୀ। ଏହା ଥକ୍କାପଣ ଦୂର କରିବା ସହ ଆପଣଙ୍କୁ କୁଲ୍ ବି ରଖିବ। ଜାଣନ୍ତୁ ସେ ନେଇ କିଛି ଟିପ୍ସ...**

**ଥଣ୍ଡା ପାଣି –** ଖରାଦିନେ ଫ୍ରିଜ୍ ପାଣି ପରିବର୍ତ୍ତେ ମାଠିଆ ପାଣି ପିଅନ୍ତୁ। ଏହି ପ୍ରାକୃତିକ ପାନୀୟ ପ୍ରତି ଋତୁରେ ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏହା ଶରୀରକୁ ଥଣ୍ଡା ରଖିବା ସହ ଏନର୍ଜି ଯୋଗାଇଥାଏ।

**ପଇଡ ପାଣି –** ଏଥିରେ ପ୍ରଚୁର ପରିମାଣରେ ରହିଛି ଇଲେକ୍ଟ୍ରୋଲାଇଟ୍। ଆମ ଶରୀରରେ ଇଲେକ୍ଟ୍ରୋଲାଇଟ୍‌ର ଯଥେଷ୍ଟ ଆବଶ୍ୟକତା ରହିଛି। କିନ୍ତୁ ପରିସ୍ରା ଏବଂ ଝାଳ ଦ୍ୱାରା ଏହା ଶରୀରରୁ ପ୍ରଚୁର ମାତ୍ରାରେ ବାହାରିଯାଇଥାଏ। ତେଣୁ ଇଲେକ୍ଟ୍ରୋଲାଇଟ୍‌ଯୁକ୍ତ ପାନୀୟ ପିଅନ୍ତୁ।

**ଲେମ୍ବୁ ପାଣି –** ଭିଟାମିନ୍ ସି'ରେ ଭରପୂର ଲେମ୍ବୁ ପାଣି ପିଇବା ମାତ୍ରେ ହିଁ ତାହା ଶରୀରକୁ ଥଣ୍ଡା ରଖିଥାଏ। ଲେମ୍ବୁ ପାଣିରେ ଲୁଣ ମିଶାଇ ପିଅନ୍ତୁ। ଆପଣ ଚାହିଁଲେ ଏଥିରେ ଚିନି ବି ମିଶାଇପାରିବେ। ଏଥିରେ ବି ରହିଛି ଇଲୋକ୍ଟ୍ରାଲାଇଟ୍ ଯାହା କି ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ୍ କରିଥାଏ।

**ତରଭୁଜ ଜୁସ୍ –** ତରଭୁଜରେ ରହିଛି ୯୨ ପ୍ରତିଶତ ଜଳୀୟ ଅଂଶ। ପ୍ରତିଦିନ ଏହାକୁ ପିଅନ୍ତୁ।

**ତେନ୍ତୁଳି ପାଣି –** ଏଥିରେ ଭିଟାମିନ୍ ସି, ମିନେରାଲ୍ସ, ଇଲେକ୍ଟ୍ରୋଲାଇଟ୍ସ ଭଳି ପଦାର୍ଥ ମହଜୁଦ ରହିଛି। ତେନ୍ତୁଳି ପାଣିକୁ ଫୁଟାଇ ଏଥିରେ ଚିନି ମିଶାଇ ପିଅନ୍ତୁ। ଏହା ଶରୀରରେ ତାପମାତ୍ରାକୁ ନର୍ମାଲ ରଖିବା ସହ ପେଟ ସମସ୍ୟା ବି ଦୂର କରିଥାଏ।

**ଘୋଳ ଦହି –** ଘୋଳ ଦହି ସମସ୍ତଙ୍କ ପସନ୍ଦ। ଏଥିରେ ପ୍ରଚୁର ମାତ୍ରାରେ ରହିଛି ପ୍ରୋବାୟୋଟିକ୍, ଭିଟାମିନ୍ ଏବଂ ମିନେରାଲ୍ସ। ଖରାଦିନେ ଏହାକୁ ପିଇବା ନିହାତି ଜରୁରୀ। ହାଲ୍‌କା ଭଜାଯାଇଥିବା ଜୀରା ଗ୍ରାଇଣ୍ଡିଂ କରି ଏଥିରେ ମିଶାଇ ପିଇପାରିବେ। ଲୁଣ ଏବଂ ପୋଦିନା ମିଶାଇ ପିଇଲେ ବି ଏହାର ଦୁଇଗୁଣ ଫାଇଦା ପାଇପାରିବେ।

**ଆଖୁ ରସ –** ଖରାଦିନେ ଥକ୍କା ଅନୁଭବ କରୁଥିଲେ ଏହା ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ୍। ପୋଟାସିୟମ୍, ଗ୍ଲୁକୋଜ୍, ଆଣ୍ଟିଅକ୍ସିଡାଣ୍ଟ, କ୍ୟାଲ୍‌ସିୟମ୍ ଏବଂ ମ୍ୟାଗ୍ନେସିୟମ୍‌ରେ ଭରପୂର ଏହି ଜୁସ୍ ଶରୀରକୁ ତୁରନ୍ତ ଏନର୍ଜି ପ୍ରଦାନ କରିଥାଏ।

**ଫ୍ରୁଟ୍ ସେକ୍ –** ତାଜା ଫଳର ସେକ୍ ପ୍ରସ୍ତୁତ କରି ପିଅନ୍ତୁ। ଶରୀର ପାଇଁ ଏହା ବେଶ୍ ଉପକାରୀ।









## BRIDE WANTED

ତେଲି ପାତ୍ର ୫୫ ମାଟ୍ରିକ୍, କମ୍ପାନୀ ଚାକିରିଙ୍କ ପାଇଁ ସହୃଦୟା ମହିଳା ଆବଶ୍ୟକ। 7377316197. D-59928

Educated Odia brahmin girl 27-31 required for boy 34 Leo MBA finance Senior Analyst MNC Bangalore. No dowry. Early Marriage. 08986826298. D-11741

Suitable alliance invited for a Brahmin boy, 1988, 6', B.Tech, Sr. Cyber Security Consultant, E&Y, Bengaluru. Contact: 9437272735, 6371404833. D-66206

ଜ୍ୟୋତିଷ ଜାତିର ୩୯ବର୍ଷ, ବାଙ୍ଗାଲୋରରେ କାର୍ଯ୍ୟରତ ପୁଅ ପାଇଁ ୩୦ ବା ତଦୂର୍ଦ୍ଧ୍ୱ ବୟସ୍କା କନ୍ୟା ପାତ୍ରୀ ତୁରନ୍ତ ଆବଶ୍ୟକ: 8598960617 (କଟକ). ଧ-୬୬୪୧୬

Karan boy 1987, 5'6", B.Tech serving Engineer Pune "Sunasansar". 9937512659. D-11780

## GROOM WANTED

Hindu, Teli, 32/5'2", MA (Hindi), fair, divorced searching a suitable groom any caste except SC/ST. 7381500497. D-11735

Divorcee bride Bank Manager 42, Railway 38, Business 43 (caste-no-bar)-7873374269. D-66415

୪୦ବର୍ଷୀୟା କାମାକ୍ଷା ନଗରସ୍ଥିତ ଛାଡପତ୍ର ପ୍ରାପ୍ତ ସୁନ୍ଦର ଝିଅଙ୍କ ପାଇଁ ବିବାହିତ/ ଅବିବାହିତ ପୁଅ ଦରକାର: 7381460017. D-60827

ଭୁବନେଶ୍ୱର ନିବାସୀ ଶିକ୍ଷିତ ବିଶ୍ୱକର୍ମା ପରିବାରର ସ୍ୱାସ୍ଥ୍ୟବତୀ ନିରାମିଷାଶୀ 5'3"/ 31/ BA/ PGDCA ଶିକ୍ଷୟିତ୍ରୀ କନ୍ୟା ନିମନ୍ତେ ଉପଯୁକ୍ତ ବରପାତ୍ର ଆବଶ୍ୟକ: 9237023852. D-65625

Extremely (most) beautiful Brahmin girl 1991/5'4" MBA. Require service/ business preferable Bhubaneswar based. Karan/ Khandayat no bar. Barsha. 9338229705, 7749883585. D-66114




## SALE

WagonR 2010, Alto 2013, Indica 2012 model for sale. Two wheeler also available. Contact Motodeal, Cuttack. 9437323645. D-66036

Lt pc 71 komatsu excavator immediately sale in excellent condition. Model 2010. Mo no: 9437278100. D-11548

Mitsubishi Lancer modified, Cedia sports, Cruze, Hyundai Elantra, Pajero SFX, Passat. 7381091234, 9861194627. D-65382

## PURCHASE

Swarz, Mahindra, Sonalika, eicher tractor ଯେଉଁମାନେ ବିକ୍ରି କରିବାକୁ ଚାହୁଁଛନ୍ତି: 9437619903. D-66301




## SALE

Booking open for 2,3 BHK flats near Patrapada Mall. Contact: 7381003669. D-11080

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Sun Green Gardens at Kanti presents: sthitiban, litigation free, gharabari, high leavel, lowcost land for immediate construction under BDA Extension area with 30ft. internal road near Xavier University/ Aditya Birla International School. Promoted by: Bijan Patnaik Group: 8984647778, 9861028878. D-65396

ଭୁବନେଶ୍ୱର Tamando Kendriya Vihar Colony ନିକଟରେ yellowzone 30' road plot. 9348767829. D-65395

ସମସ୍ତ ସୁବିଧା ଥାଇ ଭୁବନେଶ୍ୱର ନିକଟରେ ୨ଟି farmhouse lease/sale ହେବ। 8249584100. D-66410

୨୦୦ ଫୁଟ ରାସ୍ତାକୁ ଲାଗି BDA yellow zoneରେ ଜାଗା ବିକ୍ରିହେଉଛି। ବର୍ଗଫୁଟର ମୂଲ୍ୟ ୧୫୦ ଟଙ୍କା। Contact: 7609067166. D-59927

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

Booking simplex 2BHK 1200 sqft. land 20,50,000/- near Tankapani road Sai Temple 70% finance available. 7735738102. D-11721

500 sqft. office space 1st floor road side at Ashoknagar for sale. Contact: 9438015558. D-61049

ପୁରୀ ବାଟମଙ୍ଗଳା ନିକଟ ବାଟଗାଁଛକ ପାଖରେ ସ୍ଥିତିବାନ ଘରବାଡି ପ୍ଲଟ ପାଚେରିସହ 1000 ବର୍ଗଫୁଟକୁ 5 ଲକ୍ଷ 50 ହଜାର ଟଙ୍କା। 8144658008, 8144634252. D-11760

Tamando Market ପାଖରେ, Janla NH-5 ପାଖରେ ଘରବାରି plot ନେଇ ଘରକରନ୍ତୁ। 9438859527. D-11762

3BHK flat for sale Jharpada Main Road. 6370535558. Genuine buyers call only. D-11759

**Well developed yellowzone, gharabari plot for sale at Trisuila (Patpur Mouza) Cuttack 2.5km. from High Court, new bridge. Contact: 9438664354, 9937253888.** D-66045

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66047

ଭୁବନେଶ୍ୱର ହଂସପାଳ ପାଖରେ 15,00,000/-, ପୁରୀରେ 8,00,000/-ର plot ମିଳୁଛି। 8093465134, 9668194157. D-65398

Bhubaneswar ପିତାପଲ୍ଲି ଛକରେ BDA plot electric, 30'road available. 9090963952. D-65389

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200କୁ 3,60,000/- general plot 1200କୁ 5,40,000/- (outright) 9776934361, 7749026703. D-65385

3BHK flat at prime location of Ashok Nagar, Bhubaneswar, sound parties. Contact: 9861122710, 7008695474. D-65623

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200କୁ 3,00,000/- (outright). 9776934361, 7749026703. D-65386

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No brokers please. 7809525452.** D-65861

Patia KIIT ଜଗନ୍ନାଥ ମନ୍ଦିରଠାରେ residential plot 30'road, electricity ପାଚେରିସହ 1150/-. 8658935829. D-65392

Ready to move 2/3 BHK apartment at Jaydev Vihar near Mayfair Lagoon, Bhubaneswar. Contact: 6371040313, 9040106942. D-59853

Conversion demarcation plot sale Brahmanjharilo, Nakhara 1200 sqft. 6,60,000/-. 9437306208. D-66113

3BHK flat at Bomikhal with 2 parking slot for sale. Phone: 9937023223. D-66205

ଏସ୍‌ସି ଘରବାରି ଇନ୍‌ଫୋଭ୍ୟାଲି ୧୫୦ ଫୁଟରୁ ୩୦ଫୁଟ ରାସ୍ତା ଏରିଆ ୧୮୦୦ ସ୍କୋୟାରଫୁଟ ବାଉଣ୍ଡରିୱାଲ୍, ବୋରୱେଲ ଅଛି। ଶୀଘ୍ର ବିକ୍ରିହେବ: 9438044320. ଧ-୬୦୯୪୬

**BDA approved plot available near Gandamunda Reliance Fresh, Jagamara, BBSR. Contact: 9438382205, 9439776090.** D-64951

Book premium 3BHK/ 4BHK duplex at Gudiapokhari, Uttara. Bank loan available pay EMI after take possession. 7537874306. D-66049

## PURCHASE

Required 50 to 200 acres of agriculture low cost land at Ganjam and Nayagarh. Contact: 7990065093, 7978585396. D-66051

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Do you want to construct buildings on your own plot. Contact: Sachi Pattanaik B.Tech (Civil. Eng). 9853916309, 9338401309. D-62164

Drawing, design, estimation and construction/ interior decoration by professional Engineers and interior decorators. N.N. Consructions and interior. 8093688008, 9437628185. D-66037

Construct your building @ 1100/- with all branded materials, delivery in time. 1year service free. 7327043914. D-66050

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388

ଏକ ଧୂପକାଠି ଏବଂ ସାନିଟାରୀ ଜିନିଷ wholesale ବ୍ୟବସାୟ ବନ୍ଦ କରାଯିବାରୁ ସମସ୍ତ ଜିନିଷ କିଣାଦାମ୍‌ଠାରୁ କମ୍ ଦାମ୍‌ରେ ବିକ୍ରୟହେବ। 7978918437. D-66409




Beautifully renovated 3BHK flat at Keshari Palace Delta Square. 9000001508. D-64947

**First floor 3bed, dining, drawing, kitchen, parkings, Rs. 14000/- for lease office, guest house near Cuttack road. 8847882402, 8763862809.** D-11779

1800 sqft. office space for rent at Goutam Nagar, Bhubaneswar. 9337117523. D-62169

Furnished 3BHK house 2nd floor, At- N/4, Nayapalli for rent. Contact: 9438015558. D-61048

A well-furnished AC room with attached toilet, balcony available for rent, N-4/ 356, IRC Village. Contact: 9437055095. D-56637

Small furnished office rooms (Monthly rent 3600/-) available at Samantarapur mainroad, Bhubaneswar. 6309629747. D-63940

Two bedroom flat on top floor having builtup area 1200 sqft. for rent, only for family at Canal Road, Bomikhal, Bhubaneswar. Contact: 9861077612. D-11750

4BHK 1st floor Rs. 18000/- P/M- office, Guest house, service holder near C.S.Pur Bharat Petrol pump. Contact: 9658197163. D-61050

1200 sft. commercial space for rent available for shop/ office/ godown touching NH bypass Bhubaneswar near Sai Temple, Tankapani Road. Contact: 8093010200. D-64211

300 sqft. shop at 1st floor Deendayal Bhawan, Ashok Nagar, Bhubaneswar. Contact: 9861122710, 7008695474. D-65624

3BHK marbled flat at Unit-8, Soubhagya Nagar, Main road. Contact: 9000001508. D-64952

## ACCOMMODATION

We largest realestate marketing agency requires project of plot, duplex and apartment in Bhubaneswar and near Bhubaneswar for exclusive marketing rights, if any builder, property owners are interested to quickly disposed of his property, then contact us immediately. 9937711302. D-66052




Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Ayurvedic full body massage ladies/ gents smart experts therapist. 9114697517. D-65859

Ayurvedic full body massage ladies/ gents experts therapist. 8338097451 . D-65860

Herbal full body massage with refreshment by well trained therapist. 7381239385, 06742540855. D-66038

Experience full body massage with us by experts. Enquiry. 06742597822, 7377048581. D-66039

Herbal full body massage by smart/ expert therapist. Contact: 8338067247. D-66040

Newly opening ayurvedic body massage smart therapist, Shree herbal. 7750020754. D-66041

Improving your health, skin care through expert therapist, excellent offer. 9668374480. D-66042

Now Matrimonial ads. only on Wednesday & Sunday Book 1 Get 1 FREE

## LOST

ଆମ୍ଭେ ବୃଷକେତୁ ସ୍ୱାଇଁ, ହୃଷୀକେଶ ସ୍ୱାଇଁ, ପିତା-ନିରଞ୍ଜନ ସ୍ୱାଇଁ, ଗ୍ରାମ ଅଲିଯୋଡା, ପୋ- କୁଆଁପାଳ, ଥାନା-ମାହାଙ୍ଗା, ଜି-କଟକ, ଦଲିଲ ନଂ. ୧୯୮୨, ଖାତାନଂ. ୨୬୦, ପ୍ଲଟନଂ ୭୪୯ ଗତ ୨୩।୧୨।୧୮ ତାରିଖରେ ବାଇକ ଡିକିରେ ଉକ୍ତ ଦଲିଲଟିକୁ ନେଇ କୁଆଁପାଳ ବ୍ୟାଙ୍କକୁ ଜରୁରୀ କାର୍ଯ୍ୟରେ ଯାଉଥିଲାବେଳେ କେଉଁଠି ହଜିଯାଇଛି। ଯଦିକୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଇଥାନ୍ତି ମୋବାଇଲ ନଂ ୯୪୩୭୨୨୬୪୦୯ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୧୭୮୨

**ଚତୁର୍ଥତମ ଜନ୍ମଦିନ ଶୁଭେଚ୍ଛା**



**Drisana Bag**
**Balasore**

ତୁମ ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା। ତୁମର ଭବିଷ୍ୟତ ଉଜ୍ଜ୍ୱଳ ଓ ସୁଖମୟ ହେଉ ଏବଂ ତୁମର ଚଲାପଥ କୁସୁମିତ ହେଉ। ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ବାପା, ମା, ଜେଜେ, ଜେଜେମା, ନନା, ନାନୀ, ଅଜା, ଆଈ ଓ ଆତ୍ମୀୟସ୍ୱଜନ। ଧ-୬୬୦୪୮

## CLASSIFIED BOOKING STATIONS

### CUTTACK

**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

### BERHAMPUR

**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**JOGESWAR DAS**
Rayagada Contact: Mr. Jogeswar Das, Mob: 9437234611, 06856 222611.

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob- 9337180581, 9124380581

**EUREKA ADVERTISER**
N-6/259, IRC Village,Nayapali, BBSR, Nihar Ranjan Mohanty, Ph:0674-2360820, 9337111752

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob- 9437211887

**TAMANNA COMMUNICATION**
Plot-2132/4177(B),Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph- 2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda Nilamadhab Sahoo, Mob: 9439897622, 9777927622

**AMAN ADDCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**PANCHAMUKHI ADVERTISERS**
Baramunda, Jagannath Vihar, Lane no-1, Road No-2, BBSR. Mr. Swayang Prava Nayak, Mob: 9937791331.

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera, Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, 9337124748 (What's app) 9439963384

**NET POINT**
Plot No. 516/1758, Sujata House, KIIT Square, Patia, Binit Ku. katual, Ph: 0674-2726335, 9337013246




**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଦାସ**
ମିଶ୍ରସାହି, ଅଲେଇ ଲେନ, ପୁରୀ
ଆବିର୍ଭାବ: ତା୦୯।୦୬।୧୯୩୭
ତିରୋଧାନ: ତା୧୩।୦୩।୨୦୧୯

ତୁମର ସ୍ନେହ, ଶ୍ରଦ୍ଧା ଓ ସରଳତା ଆମ ଜୀବନର ପାଥେୟ ହେଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅ- ବିଜୟ, ବିରଞ୍ଚି, ଝିଅ- ହରପ୍ରିୟା, ଲକ୍ଷ୍ମୀପ୍ରିୟା, ନାତିନାତୁଣୀ- ଶଙ୍କର, ଗଣେଶ, ସୌମ୍ୟା ଓ ପରିବାରବର୍ଗ। ଧ-୬୩୭୬୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶାନ୍ତିଲତା ନାୟକ**
ପାଙ୍ଗିଡ଼ି, ବୁଗୁଡ଼ା, ଗଞ୍ଜାମ
ଆବିର୍ଭାବ: ୦୩।୦୫।୧୯୪୫
ତିରୋଧାନ: ୦୫।୦୩।୨୦୧୮

ତୁମ ସ୍ନେହ, ସଦିଚ୍ଛା ଓ କଲ୍ୟାଣପ୍ରଦ ମନୋଭାବ ଅବିସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ- ନବୀନ ଚନ୍ଦ୍ର ନାୟକ (ଅବସରପ୍ରାପ୍ତ OPS (1)), ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ନାତୁଣୀବଧୂ, ନାତୁଣୀଜ୍ୱାଇଁ ଏବଂ ଆତ୍ମୀୟସ୍ୱଜନଗଣ। ଧ-୧୧୭୮୧

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଡକ୍ଟର ସ୍ମିତା ଆଚାର୍ଯ୍ୟ**
(ରୋଜି)
ପିତା:-ଶ୍ରୀଧନେଶ୍ୱର ଆଚାର୍ଯ୍ୟ
ପ୍ଲଟନଂ:-୨୯୦୧, ଶୁଭମ୍
(ନାଗେଶ୍ୱର ଟାଙ୍ଗୀ), ଭୁବନେଶ୍ୱର
ତିରୋଧାନ: ଚୈତ୍ର କୃଷ୍ଣପକ୍ଷ ଚତୁର୍ଥୀ
(ତା. ୧୦.୦୩.୨୦୧୫)

ମାଟିଦେହ ସିନା ଶ୍ମଶାନ ଗ୍ରାସିଛି, ମାତ୍ର ଯଶୋଦେହେ ତୁମେ ଆୟୁଷ୍ମତୀ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ବାପା, ବୋଉ, ଭଉଣୀ-ଭଉଣୀଜ୍ୱାଇଁ, ଭାଇ-ଭାଉଜ, ଝିଆରୀ ଓ ପୁତୁରା ଏବଂ ବନ୍ଧୁବର୍ଗ। ଧ-୫୮୦୬୨

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଅତୁଲ କୁମାର ମାନସିଂହ**
ଅମଲାପଡ଼ା, ଢେଙ୍କାନାଳ
ଆବିର୍ଭାବ: ୨୧।୦୮।୧୯୪୬
ତିରୋଧାନ: ୧୦।୦୩।୨୦୧୫

ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା। ଆପଣଙ୍କର ପତ୍ନୀ- ବାସନ୍ତୀ, ପୁଅ- ଟିଟୁ, ଲିଟୁ, ମଣ୍ଟୁ, ବୋହୂ- ପିଙ୍କି, ଶିନା, ଝିଅଜ୍ୱାଇଁ- ଲିଜା, ମୁନା, ଲିଟି, ପପୁ, ନାତି- ଲିମୁନ, ପିଣ୍ଟୁ, ଇଶୁ, ସ୍ୱରାଂଶ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ମେସର୍ସ ଅତୁଲ ଏଣ୍ଟରପ୍ରାଇଜର୍ସ- ବସ୍ତ୍ରାଞ୍ଚ ଢେଙ୍କାନାଳ। ଧ-୬୨୦୮୭

## ସଂକ୍ଷେପରେ

### କର୍ଣ୍ଣାଟକ ବ୍ୟାଙ୍କରେ ୧୩ କୋଟି ଠକେଇ

ନୂଆଦିଲ୍ଲୀ,୨୩-୩: କର୍ଣ୍ଣାଟକ ବ୍ୟାଙ୍କରେ ୧୩.୨୬ କୋଟି ଟଙ୍କାର ଠକେଇ ହୋଇଥିବା ବ୍ୟାଙ୍କ ପକ୍ଷରୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ଜଣାଇଦିଆଯାଇଛି। ବ୍ୟାଙ୍କ ପକ୍ଷରୁ ଶନିବାର ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ଏସ୍‌ଆର୍‌ଏସ୍ ଫାଇନାନ୍ସ ଲିମିଟେଡ୍‌କୁ ଦିଆଯାଇଥିବା ଆର୍ଥିକ ସହାୟତା ବାବଦରେ ଏହି ଠକେଇ ହୋଇଛି ବୋଲି ବ୍ୟାଙ୍କ କହିଛି। ଠକେଇ ସମ୍ପର୍କରେ ଆର୍‌ବିଆଇକୁ ସୂଚନା ଦିଆଯାଇଥିବା ନେଇ ବ୍ୟାଙ୍କ ପକ୍ଷରୁ ଷ୍ଟକ୍ ମାର୍କେଟକୁ ଜଣାଇ ଦିଆଯାଇଛି।

### ଆର୍‌ବିଆଇ ଏମ୍‌ପିସି ବୈଠକ ତାରିଖ ଘୋଷଣା



ମୁମ୍ବାଇ,୨୩-୩: ଆସନ୍ତା ଆର୍ଥିକ ବର୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମୁଦ୍ରାନୀତି କମିଟି(ଏମ୍‌ପିସି)ର ୬ଟି ବୈଠକ ବସିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ଏମ୍‌ପିସିର ପ୍ରଥମ ବୈଠକ ଏପ୍ରିଲ୨ରୁ ୪ ତାରିଖ ଯାଏ ବସିବ। ୪ରେ ମୁଦ୍ରାନୀତି ଘୋଷଣା ହେବ। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏମ୍‌ପିସି ବୈଠକରେ ସରକାରଙ୍କ ଦୁଇ ଜଣ ଓ ବାହାରୁ ୩ ଜଣ ପ୍ରତିନିଧି ରହିବେ। ବାହାର ପ୍ରତିନିଧି ଭାବେ ଭାରତୀୟ ପରିସଂଖ୍ୟାନ ସଂସ୍ଥାର ପ୍ରଫେସର ଚେତନ ଘାଟେ, ଦିଲ୍ଲୀ ସ୍କୁଲ୍ ଅଫ୍ ଇକୋନୋମିକ୍ସର ନିର୍ଦ୍ଦେଶକ ପାମୀ ଦୁଆ ତଥା ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ-ଅହମ୍ମଦାବାଦ୍‌ର ପ୍ରଫେସର ରବୀନ୍ଦ୍ର ଏଚ୍.ଢ଼ୋଲକିଆ ବୈଠକରେ ଯୋଗ ଦେବେ। ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ଦ୍ୱିତୀୟ ଏମ୍‌ପିସି ୩ରୁ ୬ ଜୁନ, ତୃତୀୟ ୫ରୁ୭ ଅଗଷ୍ଟ, ଚତୁର୍ଥ ୧ରୁ ୪ ଅକ୍ଟୋବର, ପଞ୍ଚମ ୩ରୁ ୫ ଡିସେମ୍ବର ଓ ଷଷ୍ଠ ତଥା ଶେଷ ବୈଠକ ୪ରୁ ୬ ଫେବୃଆରୀ, ୨୦୨୦ରେ ବସିବ।

### ଏନ୍‌ବିଡବ୍ଲ୍ୟୁ ଖାରଜ ଲାଗି ଚୋକ୍‌ସିଙ୍କ ଆବେଦନ



ମୁମ୍ବାଇ,୨୩-୩: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଠକେଇର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସି ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଖାରଜ କରିବା ଲାଗି ସ୍ଥାନୀୟ ପିଏମ୍‌ଏଲ୍‌ଏ କୋର୍ଟରେ ଆବେଦନ କରିଛନ୍ତି। ଏହି ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଭଣଜା ନୀରବ ମୋଦି ଲଣ୍ଡନରେ ଗିରଫ ହେବାର ଦୁଇଦିନ ପରେ ଚୋକ୍‌ସି ଶୁକ୍ରବାର ଅଦାଲତରେ ଆବେଦନ ଦାଖଲ କରିଛନ୍ତି। ୨୦୧୮ରେ ମହାଠକେଇ ଧରାପଡିବା ପୂର୍ବରୁ ବିଦେଶ ପଳାଇଥିବା ଚୋକ୍‌ସି ତାଙ୍କ ଆବେଦନରେ ସ୍ୱାସ୍ଥ୍ୟ ଖରାପ ଥିବା ଦର୍ଶାଇଛନ୍ତି। ତାଙ୍କ ଓକିଲ ସଞ୍ଜୟ ଆବଟ କହିଛନ୍ତି ଯେ, ଚୋକ୍‌ସି ଦୀର୍ଘଦିନ ହେବ ହୃଦ୍‌ଘାତ ସମସ୍ୟାରେ ପୀଡିତ ଏବଂ ତାଙ୍କ ମୁଣ୍ଡରେ ରକ୍ତ ଜମାଟ ବାନ୍ଧିଯିବାରୁ ସେ ସ୍ୱାସ୍ଥ୍ୟଗତ ସମସ୍ୟା ସହ ସଂଘର୍ଷ କରୁଛନ୍ତି। ଏହାଛଡ଼ା ଭାରତରେ ତାଙ୍କ ଜୀବନ ପ୍ରତି ବିପଦ ଥିବା ସେ କହିଛନ୍ତି।

### ପୂରଣ ହେଲା ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ

ନୂଆଦିଲ୍ଲୀ,୨୩-୩: କେନ୍ଦ୍ର ସରକାର କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ୮୦ ହଜାର କୋଟି ଟଙ୍କାର ପୁଞ୍ଜିପ୍ରତ୍ୟାହାର ଲକ୍ଷ୍ୟକୁ ଟପିବାରେ ସମର୍ଥ ହୋଇଛନ୍ତି। ଶୁକ୍ରବାର ରୁରାଲ ଇଲେକ୍ଟ୍ରିଫିକେଶନ କର୍ପୋରେଶନକୁ ୧୪,୫୦୦ କୋଟି ଟଙ୍କାରେ ପାୱାର ଫାଇନାନ୍ସ କର୍ପୋରେଶନ ଅଧିଗ୍ରହଣ କରିବା ପରେ ସରକାରଙ୍କ ଲକ୍ଷ୍ୟ ପୂରଣ ହେବା ସମ୍ଭବ ହୋଇଛି। ଅନ୍ୟପକ୍ଷରେ ସରକାର ରାଷ୍ଟ୍ରାୟତ୍ତ କ୍ଷେତ୍ରର ଇଟିଏଫ୍‌ର ପଞ୍ଚମ କିସ୍ତିରୁ ୯୫୦୦ ଟଙ୍କା ପାଇଛନ୍ତି। ଏହାଦ୍ୱାରା ସରକାର ମୋଟରେ ୨୪ ହଜାର କୋଟି ଟଙ୍କା ଗୋଟିଏ ଦିନରେ ପାଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଟୁଇଟ୍ ଯୋଗେ ଏହା ଜଣାଇଛନ୍ତି। ୨୦୧୭-୧୮ରେ ସରକାର ପୁଞ୍ଜି ପ୍ରତ୍ୟାହାରରୁ ୧ ଲକ୍ଷ କୋଟି ଟଙ୍କା ହାସଲ କରିଥିଲେ।

---

"ଅର୍ଥ ଆୟୋଗକୁ ଏକ ସ୍ଥାୟୀ ଷ୍ଟାଟସ୍ ପ୍ରଦାନ କରିବାର ଆବଶ୍ୟକତା ରହିଛି।"
-ଶକ୍ତିକାନ୍ତ ଦାସ, ଆର୍‌ବିଆଇ ଗଭର୍ନର



"ଭାରତର ନୂତନ ପିଢି ଟୁରିଷ୍ଟ ମାନେ ବର୍ତ୍ତମାନ ଫେଷ୍ଟିଭାଲ୍ ଟୁରିଜିମ୍‌କୁ ଗୁରୁତ୍ୱ ଦେଉଛନ୍ତି।"
-ରାଜୀବ୍ କାଲେ, ସଭାପତି, ଥୋମାସ୍ କୁକ୍ ଇଣ୍ଡିଆ



---

### ୮୧୦୦ କୋଟିର ବ୍ୟାଙ୍କ ଠକେଇ

# ଗିରଫ ହେଲେ ଷ୍ଟର୍ଲିଂ ବାୟୋଟେକ୍ ନିର୍ଦ୍ଦେଶକ

**ନୂଆଦିଲ୍ଲୀ,୨୩-୩**

ଗୁଜରାଟ କମ୍ପାନୀ ଷ୍ଟର୍ଲିଂ ବାୟୋଟେକ୍‌ର ୮୧୦୦ କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ ପଳାତକ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନିର୍ଦ୍ଦେଶକ ହିତେଶ କୁମାର ନରେନ୍ଦ୍ର ଭାଇ ପଟେଲଙ୍କୁ ଆଲ୍‌ବାନିଆରେ ଗିରଫ କରାଯାଇଛି। ଭାରତୀୟ ଯାଞ୍ଚ ଏଜେନ୍ସିଗୁଡ଼ିକ ତାଙ୍କୁ ଗିରଫ କରିବା ଲାଗି ଦୀର୍ଘଦିନ ହେବ ପ୍ରୟାସ ଚଳାଇଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସୂତ୍ର ଅନୁଯାୟୀ, ହିତେଶଙ୍କ ବିରୋଧରେ ମାର୍ଚ୍ଚ ୧୧ରେ ରେଡ୍ କର୍ନର ନୋଟିସ ଜାରି କରାଯାଇଥିଲା। ତାଙ୍କୁ ଗତ ୨୦ରେ ଆଲବାନିଆରେ ରାଷ୍ଟ୍ରୀୟ ଅପରାଧ ବ୍ୟୁରୋ ତିରାନାରୁ ଗିରଫ କରାଯାଇଥିଲା। ତାଙ୍କୁ ଖୁବଶୀଘ୍ର ପ୍ରତ୍ୟର୍ପଣ କରାଯିବ ବୋଲି ଇଡି ଆଶାବ୍ୟକ୍ତ କରିଛି।




ଏଥିପୂର୍ବରୁ ଚଳିତ ବର୍ଷ ଜାନୁୟାରୀରେ ଦିଲ୍ଲୀର ପାଟିଆଲା ହାଉସ କୋର୍ଟ ଅତିରିକ୍ତ ସ୍ୱତନ୍ତ୍ର ବିଚାରପତି ସତୀଶ କୁମାର ଅରୋରା ଷ୍ଟର୍ଲିଂ ବାୟୋଟେକ ଲିମିଟେଡ୍ (ଏସ୍‌ବିଏଲ୍) ମନି ଲଣ୍ଡରିଂ ମାମଲାରେ କମ୍ପାନୀର ୪ ନିର୍ଦ୍ଦେଶକଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ। ଏହି ଅଭିଯୁକ୍ତଙ୍କ ମଧ୍ୟରେ ରହିଛନ୍ତି ନୀତିନ ଜୟନ୍ତୀଲାଲ ସନ୍ଦେସରା, ଚେତନ କୁମାର ଜୟନ୍ତୀଲାଲ ସନ୍ଦେସରା, ଦୀପ୍ତି ଚେତନ ସନ୍ଦେସରା ଏବଂ ହିତେଶ କୁମାର ନରେନ୍ଦ୍ର ଭାଇ ପଟେଲ। ଇଡି ପକ୍ଷରୁ ମନିଲଣ୍ଡରିଂ ଆଇନ ଅଧୀନରେ ବିଭିନ୍ନ ଧାରାରେ ୮୧୦୦ କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲା ଦାୟର କରାଯାଇଥିଲା। ଅଭିଯୁକ୍ତମାନଙ୍କ ପକ୍ଷରୁ ଆୟକର ବିଭାଗର ଅଧିକାରୀଙ୍କୁ ଲାଞ୍ଚ ଦିଆଯାଇଥିବା ନେଇ ଇଡି ଏବେ ଯାଞ୍ଚ କରୁଛି। ଅଦାଲତ ପକ୍ଷରୁ ଗୁଜରାଟର ଫାର୍ମା କମ୍ପାନୀ ନିର୍ଦ୍ଦେଶକମାନଙ୍କ ବିରୋଧରେ ସମନ ଜାରି କରାଯାଇଥିଲା। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ୮୧୦୦ କୋଟି ଟଙ୍କା ବ୍ୟାଙ୍କ ଠକେଇ କରିବା ପରେ ଷ୍ଟର୍ଲିଂ ବାୟୋଟେକ୍‌ର ଉକ୍ତ ୪ ନିର୍ଦ୍ଦେଶକ, ରାଜଭୂଷଣ ଦୀକ୍ଷିତ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେମନ୍ତ ହାଥୀ ଏବଂ ମଧ୍ୟସ୍ଥ ଗଗନ ଧୱନ ଗିରଫଦାରିରୁ ରକ୍ଷା ପାଇବା ଲାଗି ବିଦେଶ ପଳାଇଛନ୍ତି। ଷ୍ଟର୍ଲିଂ ବାୟୋଟେକ ଲିମିଟେଡ, ପିଏମ୍‌ଟି ମେସିନ୍ସ ଲିମିଟେଡ, ଷ୍ଟର୍ଲିଂ ସେଜ୍ ଆଣ୍ଡ ଇନଫ୍ରା ଲିମିଟେଡ, ଷ୍ଟର୍ଲିଂ ପୋର୍ଟ ଲିମିଟେଡ, ଷ୍ଟର୍ଲିଂ ଅଏଲ ରିସୋର୍ସ ଲିମିଟେଡ ଓ ୧୭୦ରୁ ଊର୍ଦ୍ଧ୍ୱ ଭୂତ କମ୍ପାନୀ ଷ୍ଟର୍ଲିଂ ଗ୍ରୁପ୍ ଅଧୀନରେ ରହିଛି। ଉଲ୍ଲେଖଥାଉ କି, ଷ୍ଟର୍ଲିଂ ବାୟୋଟେକ ଗ୍ରୁପ୍ ଆନ୍ଧ୍ର ବ୍ୟାଙ୍କ ନେତୃତ୍ୱରେ ଏକ ବ୍ୟାଙ୍କ ସମୂହରୁ ୮୧୦୦ କୋଟି ଟଙ୍କାର ଋଣ ନେଇ ଆଉ ପରିଶୋଧ କରି ନ ଥିଲେ। ପରେ ଏହାକୁ ଏନ୍‌ପିଏ (ଅନାଦାୟ ଋଣ) ଭାବେ ଘୋଷଣା କରାଯାଇଥିଲା।

**୨୧ଦେଶର ସହାୟତା ନେବ ଇଡି**

ଦିଲ୍ଲୀର ଏକ ଅଦାଲତ ଷ୍ଟର୍ଲିଂ ବାୟୋଟେକ ମାମଲାର ଅଧିକ ଯାଞ୍ଚ ଲାଗି ବ୍ରିଟେନ, ୟୁନାଇଟେଡ ଆରବ ଏମିରେଟ୍ସ(ୟୁଏଇ) ସହିତ ୨୧ ଦେଶକୁ ଲେଟର୍ସ ରୋଗେଟରି(ଏଲ୍‌ଆର୍) ପଠାଇବାକୁ ଇଡିକୁ ଅନୁମତି ଦେଇଛନ୍ତି। ଅତିରିକ୍ତ ସ୍ୱତନ୍ତ୍ର ବିଚାରପତି ସତୀଶ କୁମାର ଅରୋରା ଆମେରିକା, ଚାଇନା, ପାନାମା ତଥା ଅଷ୍ଟ୍ରିଆ ସହିତ ବିଭିନ୍ନ ଦେଶକୁ ଏଲ୍‌ଆର୍ ପଠାଇବା ଲାଗି ଇଡିର ଆବେଦନକୁ ଗ୍ରହଣ କରିଛନ୍ତି। ଇଡି ପକ୍ଷରୁ ଆଲବାନିଆକୁ ମଧ ଏଲ୍‌ଆର ପଠାଯିବ। କାରଣ ସେଠାରେ ଷ୍ଟର୍ଲିଂ ବାୟୋଟେକ୍‌ର ଦୁଇ ନିର୍ଦ୍ଦେଶକ ନୀତିନ ସନ୍ଦେସରା ଓ ଚେତନ କୁମାର ସନ୍ଦେସରା ନାଗରିକତା ଗ୍ରହଣ କରି ବସବାସ କରୁଛନ୍ତି। ଏହି ସୂଚନାକୁ ଗ୍ରହଣ କରି ଆଲବାନିଆରୁ ସେମାନଙ୍କୁ ପ୍ରତ୍ୟର୍ପଣ ଲାଗି ଅଦାଲତ ଇଡିକୁ ଅନୁମତି ଦେଇଛନ୍ତି।

## ଏମ୍‌ଜି ମୋଟର୍ସର ନୂଆ ବ୍ରାଣ୍ଡ ଆମ୍ବାସାଡର



**ନୂଆଦିଲ୍ଲୀ,୨୩-୩**

ପ୍ରମୁଖ କାର ନିର୍ମାତା କମ୍ପାନୀ ମୋରିସ ଗ୍ୟାରେଜେସ୍ (ଏମ୍‌ଜି) ଇଣ୍ଡିଆ ପକ୍ଷରୁ ବ୍ରିଟିଶ ଅଭିନେତା ବେନେଡିକ୍ଟ କମ୍ବରବ୍ୟାଚ୍‌ଙ୍କୁ ଏହାର ନୂଆ ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରାଯାଇଛି। ବିଭିନ୍ନ ଲୋକପ୍ରିୟ ଟିଭି ଶୋ' ତଥା ସିନେମାରେ ନିଜର ଅଭିନୟ ଯାଦୁ ଦେଖାଇଥିବା ଏହି ଅଭିନେତା ଏମ୍‌ଜିର ଭାରତ ଅପରେଶନର ପ୍ରମୁଖ ଭୂମିକା ନେବେ। ଏକ କ୍ଲାସିକ ତଥା ପ୍ରସିଦ୍ଧ ବ୍ରାଣ୍ଡ ଭାବେ ଏମ୍‌ଜି ଜଣାଶୁଣା। ଏମ୍‌ଜି ଇଣ୍ଡିଆ ଟିମ୍‌ରେ ଯୋଡିହୋଇ ଖୁସି ବୋଲି ସେ କହିଛନ୍ତି। ଏଥିସହ କମ୍ପାନୀ ଏମ୍‌ଜି ହେକ୍ଟର ମଡେଲକୁ ବଜାରକୁ ଆଣିଛି। ଏମ୍‌ଜିକୁ ପ୍ରତିନିଧିତ୍ୱ କରିବାରେ ବେନେଡିକ୍ଟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କମ୍ପାନୀର ଏମ୍‌ଡି ତଥା ସିଇଓ ରାଜୀବ ଛାବା କହିଛନ୍ତି।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଶତବାର୍ଷିକୀ ପାଳିତ

**ଭୁବନେଶ୍ୱର,୨୩-୩**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ଶତବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ବିଶିଷ୍ଟ ଗ୍ରାହକ ଓ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଗ୍ରାହକମାନେ ବ୍ୟାଙ୍କର ସୁଦୃଢ ଏବଂ ନିରନ୍ତର ଅଭିବୃଦ୍ଧି ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ରୂପଲାଲ ମିନା ଏଥିରେ କହିଛନ୍ତି। ସନ୍ତୁଷ୍ଟ ଗ୍ରାହକ ବ୍ୟାଙ୍କର ବ୍ରାଣ୍ଡ ଆମ୍ବାସାଡର। ଗ୍ରାହକଙ୍କୁ ସନ୍ତୁଷ୍ଟି ପ୍ରଦାନ କରିବା ବ୍ୟାଙ୍କର ଦାୟିତ୍ୱ। ପୂର୍ବତନ କର୍ମଚାରୀଙ୍କ ନିରନ୍ତର ଉଦ୍ୟମ ପାଇଁ ବ୍ୟାଙ୍କ ଦେଶର ଏକ ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ହୋଇ ପାରିଥିବା ସେ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ମେଜର ଜେନେରାଲ ଏସ୍.ଡି. ମହାନ୍ତି, ଉପ-କ୍ଷେତ୍ରୀୟ ମୁଖ୍ୟ ବିନୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମାଲ୍ୟାଙ୍କ ସମ୍ପତ୍ତି ଜବତ ଲାଗି ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୩-୩**

ଚିଫ୍ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ଅଦାଲତ ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ବେଙ୍ଗାଲୁରୁସ୍ଥିତ ସମ୍ପତ୍ତିକୁ ଜୁଲାଇ ୧୦ ତାରିଖ ସୁଦ୍ଧା ଜବତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫରେନ ଏକ୍ସଚେଞ୍ଜ ରେଗୁଲେଶନ ଆକ୍ଟ(ଫେରା) ଉଲ୍ଲଂଘନ ମାମଲାରେ ଶନିବାର ଜଷ୍ଟିସ ଦୀପକ ଶେରାୱତ ଉକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ମାଲ୍ୟାଙ୍କ ସମ୍ପତ୍ତି ଜବତ କରିବା ଲାଗି ଅଧିକ ସମୟ ଲୋଡି ବେଙ୍ଗାଲୁରୁ ପୋଲିସ ପକ୍ଷରୁ ଇଡି ଓକିଲ ଏନ୍.କେ.ମଟ୍ଟା ଏବଂ



ଓକିଲ ସମବେଦନା ବର୍ମାଙ୍କ ଜରିଆରେ ଅପିଲ କରାଯାଇଥିଲା। ଏହା ଉପରେ ଶୁଣାଣି କରି ଅଦାଲତ ସଦ୍ୟତମ ନିର୍ଦ୍ଦେଶ ଜାରି କରିଛନ୍ତି। ଜୁଲାଇ ୧୦ରେ ପରବର୍ତ୍ତୀ ଶୁଣାଣି ହେବାକୁ ଥିବା ବେଳେ ଏହା ପୂର୍ବରୁ ମାଲ୍ୟାଙ୍କ ସମ୍ପତ୍ତି ଜବତ କରାଯିବା ଆବଶ୍ୟକ ବୋଲି ବିଚାରପତି ତାଙ୍କ ନିର୍ଦ୍ଦେଶରେ କହିଛନ୍ତି। ସୂଚନାଥାଉ କି, ମାଲ୍ୟାଙ୍କ ୧୫୯ କୋଟି ଡଲାର ସମ୍ପତ୍ତି ଚିହ୍ନଟ ହୋଇଛି ବୋଲି ବେଙ୍ଗାଲୁରୁ ପୋଲିସ ପକ୍ଷରୁ ଅଦାଲତକୁ କୁହାଯାଇଥିଲା। ସମନ ପାଳନ ନ କରିବାରୁ ଅଦାଲତ ମାଲ୍ୟାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏହାପରେ ୨୦୧୮ ମେ' ୮ରେ ବେଙ୍ଗାଲୁରୁ ପୋଲିସକୁ ମଦ ବ୍ୟବସାୟୀଙ୍କ ସମ୍ପତ୍ତି ଜବତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ବିରୋଧରେ ୨୦୧୭ ଏପ୍ରିଲ ୧୨ରେ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଥିଲା।

## ଏପ୍ରିଲରେ ପିଏମ୍ କିଷାନ ଯୋଜନାର ଦ୍ୱିତୀୟ କିସ୍ତି

**ନୂଆଦିଲ୍ଲୀ,୨୩-୩**

ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଅଧୀନରେ ପଞ୍ଜୀକୃତ ପ୍ରାୟ ୪.୭୪ କୋଟି ଚାଷୀଙ୍କୁ ଆସନ୍ତା ଏପ୍ରିଲରେ ଦ୍ୱିତୀୟ କିସ୍ତି ସହାୟତା ମିଳିବ। ଏହା ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ଦେଶରେ ସାଧାରଣ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ହେବା ପୂର୍ବରୁ ଚଳିତ ମାସ ୧୦ରେ ଚାଷୀଙ୍କୁ ପ୍ରଥମ କିସ୍ତି ସହାୟତା ପ୍ରଦାନ କରାଯାଇଥିଲା। ଜଣେ ବରିଷ୍ଠ ଅଧିକାରୀ ଶନିବାର କହିଛନ୍ତି ଯେ, ୪.୭୪କୋଟି ଚାଷୀଙ୍କ ମଧ୍ୟରୁ ୨.୭୪ କୋଟି ଲାଭାର୍ଥୀଙ୍କୁ ପ୍ରଥମ କିସ୍ତି ମିଳିସାରିଛି। ଅବଶିଷ୍ଟଙ୍କୁ ଚଳିତ ମାସ ଶେଷ ସୁଦ୍ଧା ସହାୟତା ରାଶି ପ୍ରଦାନ କରାଯିବ। ମାର୍ଚ୍ଚ ୧୦ ପୂର୍ବରୁ ପଞ୍ଜୀକୃତ ଚାଷୀଙ୍କୁ ପ୍ରଥମ ଓ ଦ୍ୱିତୀୟ କିସ୍ତି ସହାୟତା ଦେବାକୁ ନିର୍ବାଚନ କମିଶନ କୃଷି ମନ୍ତ୍ରଣାଳୟକୁ ଅନୁମତି ପ୍ରଦାନ କରିଛନ୍ତି। ସୂଚନାଥାଉ କି, କେନ୍ଦ୍ର ସରକାର ଚାଷୀଙ୍କୁ ସହାୟତା ବାବଦରେ ୩ଟି କିସ୍ତିରେ ୨ ହଜାର ଟଙ୍କା ଲେଖାଏ ଦେବାକୁ ଅନ୍ତରୀଣ ବଜେଟରେ ଘୋଷଣା କରି ଏଥିଲାଗି ୭୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରିଥିଲେ। ଫେବୃୟାରୀ ୨୪ରେ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଲାଗୁ କରାଯାଇଥିଲା।

### ବ୍ରିଟେନର ଧନୀ ଏସୀୟ ତାଲିକା

# ହିନ୍ଦୁଜା ପରିବାର ଶୀର୍ଷରେ

**ଲଣ୍ଡନ,୨୩-୩**

ବ୍ରିଟେନରେ ବସବାସ କରୁଥିବା ଏସୀୟଙ୍କ ମଧ୍ୟରେ ହିନ୍ଦୁଜା ପରିବାର ଧନୀ ତାଲିକାରେ କ୍ରମାଗତ ଷଷ୍ଠ ବର୍ଷ ଲାଗି ଶୀର୍ଷରେ ରହିଛନ୍ତି। ଚଳିତବର୍ଷ ଲାଗି ପ୍ରକାଶ ପାଇଥିବା ତାଲିକାରେ ୨୫.୨ ବିଲିୟନ ପାଉଣ୍ଡ ସହ ଏହି ପରିବାର ଶୀର୍ଷରେ ରହିଛନ୍ତି। ଗତ ବର୍ଷକ ମଧ୍ୟରେ ପରିବାରର ମୋଟ ସମ୍ପତ୍ତିର ପରିମାଣ ୩ ବିଲିୟନ ପାଉଣ୍ଡ ବୃଦ୍ଧି ପାଇଛି। ଏସିଆନ ବିଜନେସ ଆୱାର୍ଡସ ଉତ୍ସବରେ ବ୍ରିଟେନସ୍ଥିତ ଭାରତୀୟ ହାଇ କମିଶନର ରୁଚି ଘନଶ୍ୟାମଙ୍କ ଦ୍ୱାରା ଏସିଆନ ରିଚ୍ ଲିଷ୍ଟ ୨୦୧୯ ତାଲିକା ପ୍ରକାଶ କରାଯାଇଥିଲା। ଏଥିରେ ଷ୍ଟିଲ ମ୍ୟାଗନେଟ୍ସ ଲକ୍ଷ୍ମୀ ମିତ୍ତଲ ଏବଂ ତାଙ୍କ ପୁଅ ଆଦିତ୍ୟ ମିତ୍ତଲ ଯଥାକ୍ରମେ ୧୧.୨ ବିଲିୟନ ପାଉଣ୍ଡ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତେବେ ସେମାନଙ୍କର ସମ୍ପତ୍ତି ଆଲୋଚ୍ୟ ବର୍ଷରେ ୨.୮ବିଲିୟନ ପାଉଣ୍ଡ ହ୍ରାସ ପାଇଛି। ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ସଫଳତା ହାସଲ କରିଥିବା ଏସ୍.ପି.ଲୋହିଆ ୫.୮ ବିଲିୟନ ପାଉଣ୍ଡ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଚଳିତ ବର୍ଷର ଏସୀୟ ରିଚ୍ ଲିଷ୍ଟରେ ଧନୀଙ୍କ ମୋଟ୍ ସମ୍ପତ୍ତି ପରିମାଣ ୮୫.୨ ବିଲିୟନ ପାଉଣ୍ଡ ବୋଲି କୁହାଯାଇଛି। ଗତବର୍ଷ ଅପେକ୍ଷା ଏଥିରେ ମୋଟ ୫ ବିଲିୟନ ପାଉଣ୍ଡ ଅଧିକ ସମ୍ପତ୍ତି ଯୋଡି ହୋଇଛି। ଏହି ତାଲିକାରେ ହୋଟେଲିୟର ଯୋଗିନ୍ଦର ସାଙ୍ଗର ଓ ତାଙ୍କ ପୁତ୍ର ଗିରିଶ୍ ସାଙ୍ଗରଙ୍କ ସମେତ ୭ ଜଣ ନୂଆ ଧନୀଙ୍କୁ ସାମିଲ କରାଯାଇଛି। ଅନ୍ୟତମ ଶୀର୍ଷ ଧନୀ ଲର୍ଡ ସ୍ୱରାଜ ପଲ୍ ଓ ତାଙ୍କ ପରିବାର ୯୦୦ ମିଲିୟନ ପାଉଣ୍ଡ ସହ ତାଲିକାର ୧୭ତମ ସ୍ଥାନରେ ରହିଛନ୍ତି। ତାଲିକା ପ୍ରସ୍ତୁତ କରିଥିବା ଏସିଆନ ମାର୍କେଟିଂ ଗ୍ରୁପ୍‌ର ଏକଜିକ୍ୟୁଟିଭ ଏଡିଟର ଶୈଳେଶ ସୋଲାଙ୍କି କହିଛନ୍ତି ଯେ, ଏକ ବିଶେଷଜ୍ଞ ଦଳ ଦ୍ୱାରା ଉକ୍ତ ତାଲିକା ପ୍ରସ୍ତୁତ କରାଯାଇଛି।

# ଭାରତୀୟ ଅର୍ଥନୀତିକୁ ନେଇ ବିରୋଧାଭାସ

**ନୂଆଦିଲ୍ଲୀ,୨୩-୩**

ଭାରତର ଅର୍ଥନୀତିକୁ ନେଇ ଅନ୍ତର୍ଜାତୀୟ ଏଜେନ୍ସିରେ ବିରୋଧାଭାସ ଦେଖାଯାଇଛି। ଗୋଟିଏ ପଟେ ଫିଚ୍ ରେଟିଂ ଏଜେନ୍ସି ଭାରତର ଅର୍ଥନୈତିକ ଅଭିବୃଦ୍ଧି(ଜିଡିପି ଅଭିବୃଦ୍ଧି) ହ୍ରାସ କରିଥିବା ବେଳେ ଅନ୍ୟପଟେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଭାରତର ଅର୍ଥନୀତିରେ ହେଉଥିବା ସଂସ୍କାରକୁ ପ୍ରଶଂସା କରି ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ବୋଲି ଉଲ୍ଲେଖ କରିଛି। କ୍ରେଡିଟ ରେଟିଂ ଏଜେନ୍ସି ଫିଚ୍ ପକ୍ଷରୁ ଏହାର ରିପୋର୍ଟରେ ୨୦୧୯-୨୦ ଲାଗି ଭାରତର ଜିଡିପି ଅଭିବୃଦ୍ଧି ହାର ୬.୮୦% ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଏଜେନ୍ସି ଚଳିତ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ହାର ପୂର୍ବାନୁମାନକୁ ୭.୨%ରୁ ୬.୯%କୁ ହ୍ରାସ କରିଛି। ଏଥିପୂର୍ବରୁ ଏହା ଗତବର୍ଷ ଡିସେମ୍ବରରେ ଜିଡିପି ଅଭିବୃଦ୍ଧି ହାର ୭.୮%ରୁ ହ୍ରାସ କରି ୭.୨% ରହିବ ବୋଲି ପୂର୍ବାନୁମାନ କରିଥିଲା। ଜିଡିପି ଅଭିବୃଦ୍ଧି ଆଶାଠାରୁ ଅଧିକ ଧୀମା ହେବା କାରଣରୁ ପୂର୍ବାନୁମାନ ହ୍ରାସ କରାଯାଇଛି ବୋଲି ଫିଚ୍ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଆଇଏମ୍‌ଏଫ ନିର୍ଦ୍ଦେଶକ(ସଞ୍ଚାର) ଗ୍ୟାରି ରାଇସ କହିଛନ୍ତି ଯେ, ଭାରତ ଗତ ୫ ବର୍ଷ ଭିତରେ ଆର୍ଥିକ କ୍ଷେତ୍ରରେ ବ୍ୟାପକ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନେଇଛି।

## ଆନନ୍ଦ ମାର୍ଗ ସ୍କୁଲକୁ ଏସ୍‌ବିଆଇ ଲାଇଫ୍‌ର ସହାୟତା




**ଭୁବନେଶ୍ୱର,୨୩-୩**

ଏସ୍‌ବିଆଇ ଲାଇଫ୍ ରାଜ୍ୟରେ ଅପପୁଷ୍ଟି ସମସ୍ୟାର ସମାଧାନ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ରାଜ୍ୟର ବାଲେଶ୍ୱର ଜିଲା ଆକିନିଆରେ ଥିବା ଆନନ୍ଦ ମାର୍ଗ ସ୍କୁଲର ପିଲାମାନଙ୍କ ପାଇଁ ମୌଳିକ ଆବଶ୍ୟକତା ସୁବିଧା ପ୍ରଦାନ ଦିଗରେ କମ୍ପାନୀ କାର୍ଯ୍ୟ କରିଛି। ଏହି ସ୍କୁଲରେ ଶିକ୍ଷା ଗ୍ରହଣ କରୁଥିବା ସମାଜର ଅର୍ଥନୈତିକ ସ୍ତରରେ ଦୁର୍ବଳ ଶ୍ରେଣୀର ୭୦ ଆବାସିକ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ ଦିଗରେ ଏହା ଯୋଗଦାନ ରଖୁଛି। ଅତିଥିମାନଙ୍କ ମଧ୍ୟରେ ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ସଞ୍ଜୟ ଭଟ୍ଟନାଗର ଏକ ଚେକ୍‌କୁ ଆନନ୍ଦ ମାର୍ଗ ସ୍କୁଲର ସମ୍ପାଦକ ଭାସ୍କର ଚନ୍ଦ୍ର ଜେନାଙ୍କୁ ହସ୍ତାନ୍ତର କରିଛନ୍ତି।



> ଭାରତୀୟ ଓ ବିଦେଶୀ ଖେଳାଳିଙ୍କ ଉପଯୁକ୍ତ ସମିଶ୍ରଣ ଯୋଗୁ ଦିଲ୍ଲୀ କ୍ୟାପିଟାଲ୍ସ ଆଇପିଏଲର ଏକ ଶକ୍ତିଶାଳୀ ଦଳ ହୋଇ ଉଭା ହେବ ।
> –କାଗିସୋ ରାବାଡା, ଦକ୍ଷିଣ ଆଫ୍ରିକୀୟ ଷ୍ଟିଡ୍ଷ୍ଟର



> ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଏଥର ଅନ୍ୟ ଦଳଗୁଡ଼ିକ ତୁଳନାରେ କୋଲକାତା ନାଇଟ ରାଇଡର୍ସର ବ୍ୟାଟିଂ ଲାଇନ୍ ଅପ୍ ସବୁଠାରୁ ଶକ୍ତିଶାଳୀ ।
> –ସିମନ କାଟିଚ୍, ନାଇଟ୍ ରାଇଡର୍ସ ସହକାରୀ କୋଚ୍



## ସଂକ୍ଷେପରେ

### ଟାଟା ଷ୍ଟିଲ ଭଲିବଲ ଦଳ ଘୋଷିତ

**କଟକ ଅଫିସ,୨୩।୩:** ଜାମସେଦପୁରର ଜେଆର୍‌ଡି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଶନିବାରଠାରୁ ଆନ୍ତଃ ଡିଭିଜନାଲ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉକ୍ତ ଟୁର୍ନାମେଣ୍ଟରେ ପ୍ରଥମ ଥର ଓଡ଼ିଶା ପକ୍ଷରୁ ଟାଟା ଷ୍ଟିଲ ଦଳ ଅଂଶଗ୍ରହଣ କରିବ। ଆଶୁତୋଷ ପାତ୍ର ଦଳର କୋଚ୍ ରହିଛନ୍ତି। ଘୋଷିତ ଦଳ- ପି.ପି. କ୍ରାନ୍ତି(ଅଧିନାୟକ), ପ୍ରୀତିସାଗର ଦାସ, ହିମାଂଶୁ ଶେଖର, ରାହୁଲ ସିଂ, ଟି. ରବିକାନ୍ତ, ସନ୍ଦୀପ ଗୁପ୍ତା, ଭିନୟ ଚୌବେ, ଅମିତ ମଣ୍ଡଳ, ଚିନ୍ମୟ ଗୁପ୍ତା, ରବି କୁମାର ରଣା, ଲଳିତ ମୋହନ ସିଂ, ଆଲୋକ ପ୍ରଧାନ ।

### ଜ୍ୟାକ୍ସଙ୍କ ୨୫ ବଲ୍‌ରେ ଶତକ



**ନୂଆଦିଲ୍ଲୀ, ୨୩।୩ (ପି.ଟି.):** ଦୁବାଇଠାରେ ଗୁରୁବାର ଲଙ୍କାଶାୟାର ବିପକ୍ଷ ଏକ ପ୍ରି-ସିଜନ ଟି୧୦ ମୁକାବିଲାରେ ସରେ ଦଳର ବ୍ୟାଟ୍ସମ୍ୟାନ ୱିଲ ଜ୍ୟାକ୍ସ ମାତ୍ର ୨୫ ବଲ୍‌ରୁ ଶତକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ସେ ତାଙ୍କ ଶତକୀୟ ଇନିଂସରେ ମୋଟ ଉପରେ ୮ ଚୌକା ଏବଂ ୧୧ ଛକା ଲଗାଇଛନ୍ତି। ଜ୍ୟାକ୍ସ ତାଙ୍କ ଶତକ ପଥରେ ଗୋଟିଏ ଓଭରରେ ୬ଟି ଛକା ମାରିଥିଲେ। ସେ ଆହୁରି ମଧ୍ୟ ୧୦ଓଭର ଫର୍ମାଟରେ ଗତବର୍ଷ ଆଲେକ୍ସ ହେଲ୍ସଙ୍କ ସର୍ବାଧିକ ସ୍କୋର ରେକର୍ଡ (୮୭ରନ)କୁ ଭଙ୍ଗ କରିଦେଇଛନ୍ତି। ଜ୍ୟାକ୍ସ ପ୍ରଥମେ ମାତ୍ର ୧୪ଟି ବଲ୍‌ରେ ତାଙ୍କ ଅର୍ଦ୍ଧଶତକ ହାସଲ କରିଥିଲେ। ପରେ ଲଗାତର ୬ଟି ଛକା ସହାୟତାରେ ସେ ଶତକ ଅର୍ଜନ କରିଥିଲେ। ଜ୍ୟାକ୍ସଙ୍କ ପ୍ରଭାବୀ ପ୍ରଦର୍ଶନ ସହାୟତାରେ ସରେ ୧୭୬ ରନ ସ୍କୋର କରିପାରିଥିଲା। ଏଥିସହିତ ଦଳ ୯୫ ରନରେ ବିଜୟ ହାସଲ କରିଥିଲା। ସୂଚନାଯୋଗ୍ୟ, ୨୦ବର୍ଷୀୟ ଜ୍ୟାକ୍ସ ଗତ ସିଜନରେ ସରେ ଦଳ ସହି ତାଙ୍କ ପ୍ରଥମଶ୍ରେଣୀ, ଲିଷ୍ଟ ଏ’ ଓ ଟି୨୦ ପଦାର୍ପଣ କରିଥିଲେ। ରୟାଲ ଲଣ୍ଡନ କପ୍‌ରେ ଗ୍ଲୋସେଷ୍ଟରଶାୟାର ବିପକ୍ଷ ଏକ ମ୍ୟାଚରେ ସେ ୧୦୦ ବଲ୍‌ରେ ୧୨୧ରନ କରିଥିଲେ।




ଚାମ୍ପିୟନ ଭାରତୀୟ ମହିଳା ଫୁଟବଲ ଦଳର ଖେଳାଳିମାନେ ଖୁସି ମନାଉଛନ୍ତି।

# ଭାରତକୁ କ୍ରମାଗତ ୫ମ ସାଫ୍ ଟାଇଟଲ

**ନୂଆଦିଲ୍ଲୀ,୨୩।୩(ପିଟି)**

ସାଫ ମହିଳା ଚାମ୍ପିୟନଶିପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତୀୟ ଦଳ କ୍ରମାଗତ ୫ମ ଟାଇଟଲ ହାସଲ କରିଛି। ଫାଇନାଲରେ ନେପାଳକୁ ୩–୧ ଗୋଲରେ ହରାଇ ଭାରତ ଏହି ସଫଳତା ପାଇଛି। ଟୁର୍ନାମେଣ୍ଟରେ ଭାରତୀୟ ଦଳର କ୍ରମାଗତ ବିଜୟ ଧାରା ୨୩ ମ୍ୟାଚ୍‌ରେ ପହଞ୍ଚିଛି। ଭାରତ ପକ୍ଷରୁ ଦାମିଲା ଛିବର, ଗ୍ରେସ ଡାଙ୍ଗମେଇ ଓ ଅନଜୁ ତାମଙ୍ଗ ଗୋଲ ଦେଇଥିଲେ। ମ୍ୟାଚ୍‌ର ପ୍ରଥମ ମିନିଟ୍‌ରୁ ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ହୋଇଥିଲା। ୨୬ତମ ମିନିଟ୍‌ରେ ଛିବର ଭରତ ପାଇଁ ପ୍ରଥମ ଗୋଲ ଦେଇଥିଲେ। ଏହାର ଜବାବରେ ୩୪ତମ ମିନିଟ୍‌ରେ ନେପାଳ ଲାଗି ସାବିତ୍ରୀ ଭାଣ୍ଡାରୀ ସ୍କୋର କରି ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲେ। ଦ୍ୱିତୀୟାର୍ଦ୍ଧରେ ଗ୍ରେସ (୭୩ ତମ ମିନିଟ୍) ଓ ଅଞ୍ଜୁ (୭୮ ତମ ମିନିଟ୍) ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

## ଫାଓ ପକ୍ଷରୁ ଜବାମଣୀଙ୍କୁ ଆର୍ଥିକ ପୁରସ୍କାର



**କଟକ ଅଫିସ,୨୩।୩:** ନେପାଳର ଶହୀଦ ରଙ୍ଗଶାଳା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ସାଫ୍ ମହିଳା ଫୁଟବଲ ଚାମ୍ପିୟନଶିପରେ ଭାରତ ୩–୧ ଗୋଲରେ ଆୟୋଜକ ନେପାଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହି ଚାମ୍ପିୟନ ଦଳର ସଦସ୍ୟା ଭାବେ ଓଡ଼ିଶାର ଜବାମଣୀ ଟୁଡୁ ରହିଥିଲେ। ଫାଇନାଲ ମୁକାବିଲାର ପ୍ରାରମ୍ଭିକ ଏକାଦଶରେ ଜବାମଣୀଙ୍କୁ ସୁଯୋଗ ମିଳିଥିଲା। ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲର ଅନ୍ତେବାସୀ ଥିବା ଜବାମଣୀଙ୍କୁ ଏହି ଅବସରରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ଏଥିସହ ଫାଓ ପକ୍ଷରୁ ଆର୍ଥିକ ପୁରସ୍କାର ରାଶି ପ୍ରଦାନ ନେଇ ଘୋଷଣା ମଧ୍ୟ କରାଯାଇଛି। ଜବାମଣୀଙ୍କୁ ୧୦ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଫାଓ ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି। ସୂଚନା ଥାଉକି, ଭାରତ ଲଗାତାର ଭାବେ ଏହି ଚାମ୍ପିୟନଶିପ ୫ଥର ବିଜୟୀ ହୋଇଛି।

■ ପ୍ରଦୀପ ମେମୋରିଆଲ କ୍ରିକେଟ

# ସେରସା–କାନାରା ବ୍ୟାଙ୍କ ଫାଇନାଲ ଆଜି

**ବନ୍ତ, ୨୩।୩ (ଡି.ଏନ.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମଠାରେ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଅନ୍ତର୍ଜାତୀୟ ୨୬ତମ ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ କାନାରା ବ୍ୟାଙ୍କ (ବାଙ୍ଗାଲୋର) ପ୍ରବେଶ କରିଛି। ଶନିବାର ଇଣ୍ଡିଆନ ନେଭି (ମୁମ୍ବାଇ) ଓ କାନାରା ବ୍ୟାଙ୍କ (ବାଙ୍ଗାଲୋର) ମଧ୍ୟରେ ୨ୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଣ୍ଡିଆନ ନେଭିକୁ ହରାଇ କାନାରା ବ୍ୟାଙ୍କ ଫାଇନାଲକୁ ପ୍ରବେଶ କରିଛି।

କାନାରା ବ୍ୟାଙ୍କ ଟସ୍ ଜିତି ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା। ଇଣ୍ଡିଆନ ନେଭି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ନକୁଲ ଶର୍ମାଙ୍କ ୬୦ ଓ ଅନସୁଲ୍ ଗୁପ୍ତାଙ୍କ ୩୫ ରନ୍ ସହାୟତାରେ ୮ ଉଇକେଟ ହରାଇ ୧୭୭ ରନ୍ କରିଥିଲା। ପ୍ରତିପକ୍ଷ ବୋଲର ପ୍ରିନ୍ସ ଆୟପ୍ପା ଓ ପି.କେ ଦାସ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ବିଜୟ ଲକ୍ଷ୍ୟକୁ ପିଛା କରି କାନାରା ବ୍ୟାଙ୍କ ୧୬.୨ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ରାଜୁ ଭଟ୍ଟକଲଙ୍କ ୬୬ ଓ କେଏଲ୍ ସୁଜିତ୍‌ଙ୍କ ୪୦ ରନ୍ କରିଥିଲେ। ଅତିଥି ଭାବେ ଆସୋସିଏଶନର ଉପସଭାପତି ମାନସ ନାୟକ, ସମ୍ପାଦକ ଅସିତ୍ କର, ସୁଧାଂଶୁ ନାୟକ ଓ ପ୍ରଭୁପାଦ ଜେନା କାନାରା ବ୍ୟାଙ୍କର ରାଜୁ ଭଟ୍ଟକଲଙ୍କୁ ସରସ୍ୱତୀ ସେଲ୍ସ ପ୍ରଦତ୍ତ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଓସିଏ ଅମ୍ପାୟର ଲଲାଟ କେଶରୀ ନନ୍ଦ, ରଞ୍ଜନ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସଞ୍ଜୟ କୁମାର ମଜୁମଦାର, କନ୍ହେୟା ଲାଲ, ନାରାୟଣ ଧଳ ଏବଂ ସ୍କୋରର ଭାବେ ଶାନ୍ତନୁ ନାୟକ, ଶଙ୍କର୍ଷଣ ଧଳ, ବାପୁନ ଜେନା, ମିଥୁନ ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ରବିବାର ସେରସା ଆଦ୍ରା ରେଲୱେ ବନାମ ବାଙ୍ଗାଲୋର କାନାରା ବ୍ୟାଙ୍କ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସଭାପତି ଇଂ. ଲକି ମାଷ୍ଟର ସ୍ୱାଇଁ, ବରିଷ୍ଠ ସଦସ୍ୟ ରମାକାନ୍ତ ପାଣିଗ୍ରାହୀ ଓ ପ୍ରଦ୍ୟୁମ୍ନ ସାହୁ ଜଣାଇଛନ୍ତି।



ରାଜୁ ଭଟ୍ଟକଲ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ ଉଦ୍‌ଘାଟିତ

**ପୁରୀ ଅଫିସ,୨୩।୩**

ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏଶନ ଆନୁକୂଲ୍ୟରେ ଦୁଇ ଦିନିଆ ୪୧ତମ ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହୋଇଛି। ଏହା ରବିବାର ଉଦ୍‌ଯାପିତ ହେବ। ମିନି, ସବ୍‌ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ୮ଟି ଜିଲାରୁ ୧୩୦ଜଣ ପ୍ରତିଯୋଗୀ ଯୋଗଦାନ କରିଛନ୍ତି। ଏଥିରେ ପୁରୀ ସମେତ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ସମ୍ବଲପୁର, ଗଞ୍ଜାମ, ମୟୂରଭଞ୍ଜ ଓ କୋରାପୁଟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି।

ଜିମ୍ନାଷ୍ଟିକ କୋଚ୍ ପ୍ରଦୀପ ସାହୁ ପ୍ରତିଯୋଗିତାର ପରିଚାଳନା ଦାୟିତ୍ୱରେ ରହିଥିବାବେଳେ ରେଫରି ଭାବେ କେ. କ୍ରିଷ୍ଣାରାଓ, ସାଗର ସାହୁ, ଶୁଭେନ୍ଦୁ ପାତ୍ର, ଆର୍. ମହେଶ, କ୍ରୀଡ଼ା ସଂଗଠକ ସବ୍ୟସାଚୀ ରଥ ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ହୃଷିକେଶ କାଣ୍ଡି, ଆନ୍ତର୍ଜାତୀୟ କୋଚ୍ ଅଶୋକ ମିଶ୍ର, ଇଂ. ସୁବ୍ରତ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ।

## ଶୀର୍ଷରେ ମନ୍ଧାନା, ଗୋସ୍ୱାମୀ

**ଦୁବାଇ,୨୩।୩:** ଆଇସିସି ପକ୍ଷରୁ ପ୍ରକାଶିତ ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଓପନର ସ୍ମୃତି ମନ୍ଧାନା ଓ ଫାଷ୍ଟ ବୋଲର ଝୁଲନ ଗୋସ୍ୱାମୀ ଯଥାକ୍ରମେ ବ୍ୟାଟ୍ସଓମ୍ୟାନ ଓ ବୋଲର ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଭଲ ପ୍ରଦର୍ଶନ ପାଇଁ ମନ୍ଧାନା ଶୀର୍ଷରେ ନିଜ ସ୍ଥିତି ଦୃଢ଼ କରିଛନ୍ତି। ତାଙ୍କ ପଛକୁ ଅଷ୍ଟ୍ରେଲିଆର ଇଲିସେ ପେରି, ଆମି ସାଟ୍ଟରୱେଟ, ଭାରତର ମିଥାଲି ରାଜ ରହିଛନ୍ତି।

# ଭାରତର ବିଜୟ ଅଭିଯାନ



ଗୋଲ୍‌ସ୍କୋର ପରେ ଉଲ୍ଲସିତ ଭାରତୀୟ ଦଳ।

**ଇପୋ (ମାଲେସିଆ),୨୩।୩ (ପି.ଟି.)**

ଏଠାରେ ଆରମ୍ଭ ହୋଇଥିବା ୨୮ତମ ଆଜଲାନ ଶାହ କପ୍ ହକି ଟୁର୍ନାମେଣ୍ଟରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ଖେଳାଯାଇଥିବା ଭାରତ ଦମ୍‌ଦାର ପ୍ରଦର୍ଶନ କରି ତା’ର ପ୍ରଥମ ମ୍ୟାଚ୍‌ରେ ଏସିଆନ ଗେମ୍ସ ଚାମ୍ପିୟନ ଜାପାନକୁ ୨–୦ ଗୋଲରେ ପରାସ୍ତ କରିଛି। ମ୍ୟାଚ୍‌ର ୨୪ତମ ମିନିଟ୍‌ରେ ବରୁଣ କୁମାର ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରାଇଥିଲେ। ଏହାପରେ ୫୫ତମ ମିନିଟ୍‌ରେ ସିମରନଜିତ୍ ସିଂ ଅଧିନାୟକ ମନପ୍ରୀତ ସିଂଙ୍କ ଚମତ୍କାର ପାସ୍‌କୁ ଗୋଲରେ ପରିଣତ କରି ଦଳକୁ ୨–୦ରେ ଅଗ୍ରଣୀ କରାଇଥିଲେ। ଏହି ବିଜୟ ସହ ୫ଥର ଟାଇଟଲ ହାସଲ କରିଥିବା ଭାରତ ୩ ପଏଣ୍ଟ ହାସଲ କରିଛି। ଭାରତ ତା’ର ପରବର୍ତ୍ତୀ ମ୍ୟାଚ୍‌ରେ ରବିବାର କୋରିଆକୁ ଭେଟିବ। ସେହିପରି ୨୬ ତାରିଖ ଦିନ ଭାରତ ମାଲେସିଆ, ୨୭ ତାରିଖରେ କାନାଡ଼ା ଓ ୨୯ ତାରିଖରେ ପୋଲାଣ୍ଡକୁ ଭେଟିବ। ରାଉଣ୍ଡ ରବିନ୍ ଲିଗ୍‌ର ଶ୍ରେଷ୍ଠ ଦୁଇଟି ଦଳ ୩୦ ତାରିଖରେ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ।

ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ କୌଣସି ଦଳ ଗୋଲ ଦେବାରେ ସଫଳ ହୋଇ ନ ଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ଧୀରେ ଧୀରେ ପ୍ରଭାବ ବିସ୍ତାର କରି ଖେଳିଥିଲା। ଦ୍ୱିତୀୟ କ୍ୱାର୍ଟର ଶେଷ ହେବାକୁ ଆଉ ୮ ମିନିଟ ବାକିଥିବା ବେଳେ ଭାରତର ବରୁଣ ପେନାଲ୍ଟି ଜରିଆରେ ଗୋଲ ଦେବାକୁ ସକ୍ଷମ ହୋଇଥିଲେ। ଅଧିନାୟକ ମନପ୍ରୀତ ସିଂ ଓ କୋଥାଜିତ୍ ସିଂ ମିଳିତ ଭାବେ ଦଳ ପାଇଁ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ

**ଆଜଲାନ ଶାହ କପ୍ ହକି**

ମଧ୍ୟ ଫରୱାର୍ଡ ବିଫଳତା ଯୋଗୁ ଅଧିକ ଗୋଲ ସମ୍ଭବ ହୋଇପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଶେଷ ହେବାକୁ ଆଉ ୪ ମିନିଟ ବାକିଥିବା ବେଳେ ମନଦୀପ ଏକ ସୁଯୋଗ ହାତଛଡ଼ା କରିଥିଲେ। ତୃତୀୟ କ୍ୱାର୍ଟରରେ ଜାପାନ ୩୩ତମ ମିନିଟ୍‌ରେ ତା’ର ପ୍ରଥମ ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ତେବେ ଭାରତୀୟ ଗୋଲ କିପର ପି.ଆର. ଶ୍ରୀଜେସ୍ ଜାପାନର ଏହି ପ୍ରୟାସକୁ ପଣ୍ଡ କରିଥିଲେ। ଏହାପରେ ଉଭୟ ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ତୃତୀୟ କ୍ୱାର୍ଟରର ୩ ମିନିଟ ପୂର୍ବରୁ ଜାପାନ ଷ୍ଟ୍ରାଇକର କେନଜି କିଟାଜାଟୋ ଶଟ୍ ମାରିଥିଲେ ମଧ୍ୟ ଲକ୍ଷ୍ୟଚ୍ୟୁତ ହୋଇଥିଲା। ଚତୁର୍ଥ କ୍ୱାର୍ଟରରେ ଭାରତକୁ ଆଉ ଏକ ପେନାଲ୍ଟି କର୍ନର ସୁଯୋଗ ମିଳିଥିଲେ ମଧ୍ୟ ବରୁଣ ଏଥର ଫେଲ୍ ମାରିଥିଲେ। ଏହାପରେ ଜାପାନ ବିଭିନ୍ନ କୌଶଳ ଅବଲମ୍ବନ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ୫୫ତମ ମିନିଟ୍‌ରେ ଜାପାନ ତା’ର ଗୋଲ କିପରଙ୍କୁ ହଟାଇ ଦ୍ୱାଦଶ ଖେଳାଳିଙ୍କର ଉପଯୋଗ କରିଥିଲା। ତେବେ ଏହି ପଦକ୍ଷେପ ଜାପାନ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଭାରତ ଏହାର ଫାଇଦା ଉଠାଇ ସିମରନଜିତ୍‌ଙ୍କ ଜରିଆରେ ଗୋଲ ଦେବାରେ ସଫଳ ହୋଇଥିଲା ଓ ଭାରତ ୨–୦ରେ ଅଗ୍ରଣୀ ହୋଇଥିଲା। ମ୍ୟାଚ୍ ଶେଷ ହେବାକୁ ଆଉ ଦୁଇ ମିନିଟ ବାକିଥିବା ବେଳେ ଜାପାନକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ତେବେ ଜାପାନର ଏହି ପ୍ରୟାସକୁ ସୁରେନ୍ଦ୍ର କୁମାର ଓ ଗୋଲ କିପର କ୍ରିଷ୍ଣନ୍ ପାଠକ ପଣ୍ଡ କରିଥିଲେ। ହାଫ୍ ଟାଇମ୍ ପରେ ଶ୍ରୀଜେସଙ୍କ ବଦଳରେ ପାଠକ ଗୋଲ କିପର ଦାୟିତ୍ୱ ତୁଲାଇଥିଲେ।

ଧରିତ୍ରୀ CAREER APPOINTMENT
every Wednesday & Saturday

**CORESONANT SYSTEMS IT TECHNOLOGIES**
Wanted Graduates with Computer Skills for SUPERVISOR Role at Haldia, WB.
SALARY: 2.2 Lakhs/Annum.
Interview: 26th & 27th March 2019.
Hotel Grand Central, Old Station Bazar Road, Bhubaneswar.
Contact: +91 9748124266, +91 9652478657.

**WANTED**
COMPUTER OPERATOR FOR BHUBANESWAR BASED SHOP.
Qualification- +2 with Tally. And Knowledge in Accounts.
CONTACT - WHATSAPP :- 7978646669
CALL-7894430954

**WANTED**
•TALLY ACCOUNTANT
•SAP Data Entry Operator
•House Keeping staff
•Transport Asst.
•Driver
Salary with ESI
Office: Hanspal, Rudrapur, BBSR
Email: e4consulting@gmail.com

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs. Monthly salary upto Rs.25000/-.
Contact Immediately
Mob: 8763257042

**DOMINOS PIZZA HIRING**
Delivery Boy Full Time / Part Time
Salary Rs. 9000/- to 10,000/- per month + Incentive.
Qualification: 10th Pass
Driving License Must.
CALL: 9040033665

**REQUIRED**
• Banking Asst.( Field) - 2 Nos.
• Civil Supervisor- 1 No
• Purchase Executive- 1 No
Salary 8000/-+ fuel
Mail your C.V :
careersgarggroup@gmail.com

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above.
Monthly Salary upto Rs.27000/-.
(Part Time/Full Time)
Contact: 9938676412

**REQUIRED**
STAFF WITH COMPUTER KNOWLEDGE for Packing, Embossing and Stickering works at Bhubaneswar, Berhampur, Rourkela, Sambalpur, Balasore, Jajpur.
Contact : 9348195700
Email: btisteels@gmail.com

**WANTED**
ଭୁବନେଶ୍ୱରରେ ଥିବା ଏକ ଲଣ୍ଡ୍ରୀ Workshopପାଇଁ ପିକ୍ ଅପ୍ ଡେଲିଭରୀ ପିଲା, ଇସ୍ତ୍ରୀ କରିବାପାଇଁ କାରିଗର ଓ ଥାକ ସଜାଡିବା ପାଇଁ ପୁଅ କିମ୍ବା ଝିଅ ପିଲା ଆବଶ୍ୟକ ।
Contact : 9238356740
Versa care, Rabi Talkies, BBSR

**ଧରିତ୍ରୀ DHARITRI**
**ଆବଶ୍ୟକ କରୁଛି**
**ମେଶିନ ଅପରେଟର**
ଯୋଗ୍ୟତା: ପ୍ରାର୍ଥୀ ଅନ୍ୟୂନ +୨ ପାସ୍ କରିଥିବା ସହ ଆଇଟିଆଇ ଶିକ୍ଷା ହାସଲ କରିଥିବେ। ୱେବ୍ ଅଫ୍‌ସେଟ୍ ମେଶିନ୍ ଚାଳନାରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। ଠିକ୍ ସମୟ ଭିତରେ ଭଲ ପ୍ରିଣ୍ଟ ଏବଂ କମ୍ ୱେଷ୍ଟେଜ୍ ଉପରେ ପ୍ରାଧାନ୍ୟ ଦିଆଯିବ।
**ମେଶିନ ସହଯୋଗୀ**
ଯୋଗ୍ୟତା: ଅନ୍ୟୂନ ୧୦ମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ। ୱେବ୍ ଅଫ୍‌ସେଟ ମେଶିନରେ ପୂର୍ବରୁ କାର୍ଯ୍ୟ କରିଥିବା ପ୍ରାର୍ଥୀଙ୍କୁ ପ୍ରାଥମିକତା ଦିଆଯିବ।
ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି–୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର–୭୫୧୦୧୦
ଇ–ମେଲ: recruitment@dharitri.com
ବି.ଦ୍ର.: ପ୍ରାର୍ଥୀ ଯେଉଁ ପଦବୀ ପାଇଁ ଆବେଦନ କରୁଛନ୍ତି, ତାହାର ନାମ ଦରଖାସ୍ତ ଲଫାପା ଉପରେ ଉଲ୍ଲେଖ କରିବା ଆବଶ୍ୟକ।

**ଲୋୟାଲ୍ ଟେକ୍ସଟାଇଲ୍ ମିଲ୍ସ ଲିଃ**
21/4 ମିଲ୍ ଷ୍ଟ୍ରିଟ୍, କୋଭିଲପାଟ୍ଟି-628501 (ତାମିଲନାଡୁ)
**ଆବଶ୍ୟକ**
ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ଆଇଏମ୍‌ଏସ୍ ପ୍ରମାଣଧାରୀ ତଥା ବାର୍ଷିକ ଟ.1400 କୋଟିର ବିଶ୍ୱବ୍ୟାପୀ କାରବାରଧାରୀ ଭର୍ଟିକାଲି ଇଣ୍ଟିଗ୍ରେଟେଡ୍ ଫୋର୍ ଷ୍ଟାର୍ ଏକ୍ସପୋର୍ଟ ହାଉସ୍ ଏହାର କୋଭିଲପାଟ୍ଟି, ତାମିଲନାଡୁସ୍ଥିତ ୟୁନିଟ୍ ପାଇଁ ନିମ୍ନଲିଖିତ ପ୍ରାର୍ଥୀ ଆବଶ୍ୟକ କରୁଛି।
**ନିଯୁକ୍ତି ଅଧିକାରୀ / ମ୍ୟାନ୍‌ପାୱାର୍ ମୋବିଲାଇଜର୍**
ଡିଗ୍ରୀ ସହିତ ସ୍ପିନିଂ, ୱିଭିଂ ଏବଂ ଗାର୍ମେଣ୍ଟ କାରଖାନା ନିମନ୍ତେ ଅଣକୁଶଳୀ କର୍ମଚାରୀ ନିଯୁକ୍ତି (ପୁରୁଷ/ମହିଳା)ରେ ଶ୍ରମବଳ କ୍ଷେତ୍ରରେ 5–7 ବର୍ଷର ଅଭିଜ୍ଞତା। ମନୋନୀତ ପ୍ରାର୍ଥୀ ନିଜସ୍ୱ ସହରରୁ କାମ କରିବେ। ପଦବୀରେ ଆକର୍ଷଣୀୟ ବେତନ ଏବଂ କାର୍ଯ୍ୟ ପ୍ରଦର୍ଶନ ଭିତ୍ତିକ ପ୍ରୋତ୍ସାହନ ରାଶି ରହିଛି। ଉପଯୁକ୍ତ ପ୍ରାର୍ଥୀମାନେ ସେମାନଙ୍କ ରିଜ୍ୟୁମ୍ ତଥା ପାସ୍‌ପୋର୍ଟ ଆକାରର ଫଟୋଗ୍ରାଫ୍ 10 ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ପଠାଇପାରନ୍ତି।
ଭାଇସ୍ ପ୍ରେସିଡେଣ୍ଟ - ୱାର୍କସ୍, ଲୋୟାଲ୍ ଟେକ୍ସଟାଇଲ୍ ମିଲ୍ସ ଲିଃ, 21/4, ମିଲ୍ ଷ୍ଟ୍ରିଟ୍, କୋଭିଲପାଟ୍ଟି - 628501 (ତାମିଲନାଡୁ)।
ଇମେଲ୍: hr@loyaltextiles.com, ଫୋନ୍: 6379226900, 9442530210

**RAJDHANI Pvt. I.T.I Group of Institutions**
(Affiliated to N.C.V.T & S.C.T.E & V.T, Govt. of Odisha)
BBSR Campus: Plot: 137, District Centre, Chandrasekharpur, Bhubaneswar-751016.
CUTTACK Campus: Plot: 81, Patapur, Brahmanigaon, Trisulia, Cuttack-754005.
KHORDA Campus: Plot:180, At/Po: Daleiput, Khurda.
Contact: 7749836754, 9338822999, 9040009990. Email: rajdhaniitc06@gmail.com
WALK-IN INTERVIEW

| POST | EXPERIENCE | QUALIFICATION |
|---|---|---|
| T.O (Electrician-4 Nos. / Fitter-4 Nos.) | Minimum 3 yrs in respective post & CTI trained preferred. | Diploma (Mech./Elect.) |
| A.T.O (Elect.- 8 Nos. & Fitter- 8 Nos.) | Minimum 2 yrs for Diploma/ 3 years ITI in respective post with Knowledge in Engg. Drawing (More Preference to CTI certified) | Diploma/ ITI (Elect./Fitter) |
| A.T.O (IT)- 3Nos. | Minimum 3 Years in respective Post (Freshers can also apply) | BCA / BSc. Comp. Sc. / COPA/ DOEACC O Level. |
| A.T.O Employability Skill)- cum- Office - 3 nos. | 3 Years Teaching Experience with proficient Computer Knowledge | BBA with DOEACC A Level. |
| Accountant-2 Nos. | Minimum 5 yrs experience in the respective field | B. Com with tally |
| Supporting Staff Peon- 4 nos. Cook- 4nos. Sweeper- 4Nos. | Minimum 3 yrs experience in respective post (Most preferred for Cook with Peon) | Matriculation / Under Matric |

Above Posts are for CUTTACK, BHUBANESWAR & KHORDA Campus.
Walk-in Interview with your complete bio-data with original certificates, Experience , Aadhar Copy, Recent Photograph etc. for verification from Dt.21.03.2019 to Dt.28.03.2019 from 11a.m to 2p.m except Sunday & Govt. Holidays at Rajdhani Pvt. I.T.I, Plot No.- 137, District Centre, Chandrasekharpur, Bhubaneswar-751016.
Sd/-Secretary

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।

> ମୋତେ କେବଳ ଅଧିନାୟକ ବିରାଟ କୋହଲିଙ୍କ କ୍ରୋଧକୁ ଭୟ, ଅନ୍ୟ କାହାରିକୁ ମୋର ଡର ନ ଥାଏ ।
> —ରିଷଭ ପନ୍ତ, ଉଇକେଟକିପର ବ୍ୟାଟ୍ସମ୍ୟାନ



> ଅଷ୍ଟ୍ରେଲୀୟ ଓପନର ଡେଭିଡ୍ ୱାର୍ନର ଚମତ୍କାର ବ୍ୟାଟିଂ ଦ୍ୱାରା ଅନେକ ଦର୍ଶକଙ୍କୁ ଆକର୍ଷିତ କରିଥାନ୍ତି ।
> —ୟୁସୁଫ୍ ପଠାନ, ସନରାଇଜର୍ସ ଖେଳାଳି



# ଉଦ୍‌ଘାଟନୀ ମ୍ୟାଚ୍‌ରେ ଚେନ୍ନାଇର ସହଜ ବିଜୟ

**ଆଇପିଏଲ୍-୧୨**

**ଚେନ୍ନାଇ,୨୩।୩(ପି.ଟି.)**

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଦ୍ୱାଦଶ ସଂସ୍କରଣ ଆରମ୍ଭ ହୋଇଛି। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଲିଗ୍‌ର ଉଦ୍‌ଘାଟନୀ ମୁକାବିଲାରେ ଗତଥରର ଚାମ୍ପିୟନ ତଥା ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ୧୪ଟି ବଲ ବାକି ଥାଇ ୭ ଉଇକେଟରେ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଘରୋଇ ପରିବେଶରୁ ଫାଇଦା ଉଠାଇ ଚେନ୍ନାଇର ସ୍ପିନରମାନେ ଦମ୍‌ଦାର ପ୍ରଦର୍ଶନ କରି ବିପର୍ଯ୍ୟୟ ଘଟାଇବା ସହ ବାଙ୍ଗାଲୋରକୁ ବଡ଼ ସ୍କୋର ହାସଲ କରିବାରୁ ବଞ୍ଚିତ କରିଥିଲେ। ଟସ୍ ଜିତି ଚେନ୍ନାଇ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ ବାଙ୍ଗାଲୋର ୧୭.୧ ଓଭରରେ ମାତ୍ର ୭୦ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଚେନ୍ନାଇ ୧୭.୪ ଓଭରରେ ୩ ଉଇକେଟ ବିନିମୟରେ ୭୧ ରନ କରି ମ୍ୟାଚ୍ ହାତେଇ ନେଇଥିଲା। କେଦାର ଯାଦବ ୧୩ ଓ ରବୀନ୍ଦ୍ର ଜାଡେଜା ୬ ରନ କରି ଅପରାଜିତ ରହି ଚେନ୍ନାଇକୁ ଜିତାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମ୍ବାତି ରାୟୁଡୁ ୪୨ବଲରୁ ୨ ଚୌକା ଓ ୧ ଛକା ସହ ୨୮, ସୁରେଶ ରାଇନା ୨୧ ବଲରୁ ୩ ଚୌକା ସହ ୧୯ ରନ କରି ଆଉଟ ହୋଇଥିଲେ। ତେବେ ଅଧିନାୟକ ତଥା ଓପନର ସେନ ୱାଟସନ ପ୍ରଥମେ ଖାତା ଖୋଲିବା ପୂର୍ବରୁ ୟୁଜବେନ୍ଦ୍ର ଚହଲଙ୍କ ଦ୍ୱାର କ୍ଲିନ୍ ବୋଲ୍ଡ ହୋଇଥିଲେ। ବୋଲିଂରେ ୟୁଜବେନ୍ଦ୍ର ଚହଲ, ମୋଇନ ଅଲି ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ବାଙ୍ଗାଲୋର ପ୍ରତିପକ୍ଷ ସ୍ପିନରଙ୍କ ସମ୍ମୁଖୀନ ହୋଇପାରି ନ ଥିଲା। ଚେପକର ଏହି ମନ୍ଥର ଉଇକେଟରେ ଚେନ୍ନାଇ ସ୍ପିନରମାନେ ଫାଇଦା ଉଠାଇଥିଲେ। ଫଳରେ ବାଙ୍ଗାଲୋର ୧୭.୧ ଓଭରରେ ମାତ୍ର ୭୦ ରନ୍ କରି ଅଲଆଉଟ୍ ହୋଇଥିଲା। ନିୟମିତ ଅନ୍ତରରେ ଜଣକ ପରେ ଜଣେ ତାରକା ବ୍ୟାଟ୍ସମ୍ୟାନ ପାଭିଲିୟନ ଫେରିଥିଲେ। ଏପରି କି ଦଳର ୧୦ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। କେବଳ ଓପ୍‌ନର ତଥା ଉଇକେଟକିପର ପାର୍ଥିବ ପଟେଲ ୩୫ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ସହ ୨୯ ରନ୍ କରି ଶେଷ ବ୍ୟାଟ୍ସମ୍ୟାନ ଭାବେ ଚେନ୍ନାଇ ଦ୍ରୁତ ବୋଲର ଡ୍ୱେନ ବ୍ରାଭୋଙ୍କ ବଲ୍‌ରେ ରବୀନ୍ଦ୍ର ଜାଡେଜାଙ୍କ ହାତରେ ଧରାପଡି ଆଉଟ ହୋଇଥିଲେ। ୮ଟି ଉଇକେଟ ସ୍ପିନରମାନେ ହାତେଇ ନେଇଥିଲେ। ଅଭିଜ୍ଞ ସ୍ପିନର ହରଭଜନ ସିଂ ପ୍ରଥମ ୩ଟି ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମେ ଅଧିନାୟକ ବିରାଟ କୋହଲି ମାତ୍ର ୬ ରନ କରି ହରଭଜନଙ୍କ ବଲ୍‌ରେ ଜାଡେଜାଙ୍କୁ କ୍ୟାଚ୍ ଦେଇ ପାଭିଲିୟନ ଫେରିଥିଲେ। ଏହାପରେ ମୋଇନ୍ ଅଲୀ ୯, ଅଭିଜ୍ଞ ଏବି ଡି ଭିଲର୍ସ ୯ ରନ କରି ହରଭଜନଙ୍କ ଶିକାର ହୋଇଥିଲେ। ସିମରନ ହେଟମେୟର ଖାତା ଖୋଲିବା ପୂର୍ବରୁ ସୁରେଶ ରାଇନାଙ୍କ ଥ୍ରୋରେ ଉଇକେଟକିପର ଧୋନୀଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ। ଏହାପରେ ଶିବମ ଦୁବେ ୨ ରନ କରି ଇମ୍ରାନ ତାହିରଙ୍କ ଦ୍ୱାରା ଆଉଟ ହୋଇଥିଲେ। କଲିନ୍ ଡି ଗ୍ରାଣ୍ଡହୋମ୍ ୪ ରନ କରିଥିବା ବେଳେ ଜାଡେଜାଙ୍କ ଶିକାର ହୋଇଥିଲେ। ନବଦୀପ ସଇନି ୨ ଓ ୟୁଜବେନ୍ଦ୍ର ଚହଲ ୪ ରନ କରି ଯଥାକ୍ରମେ ତାହିରଙ୍କ ଦ୍ୱିତୀୟ ଓ ତୃତୀୟ ଶିକାର ହୋଇଥିଲେ। ଉମେଶ ଯାଦବ ୧ ରନ କରିଥିବା ବେଳେ ଜାଡେଜାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ବୋଲିଂରେ ହରଭଜନ ଓ ତାହିର ୩ଟି ଲେଖାଏ, ଜାଡେଜା ୨ ଓ ବ୍ରାଭୋ ଗୋଟିଏ ଉଇକେଟ ହାସଲ କରିଥିଲେ।



ଉଇକେଟ ହାସଲ ପରେ ହରଭଜନ ସିଂଙ୍କୁ ସାଥୀ ଖେଳାଳିଙ୍କ ବଧାଇ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ୧୭.୧ ଓଭରରେ ୭୦ ଅଲଆଉଟ (ପାର୍ଥିବ– ୨୯, ହରଭଜନ– ୩/୨୦, ତାହିର– ୩/୯, ଜାଡେଜା– ୨/୧୫, ବ୍ରାଭୋ– ୧/୦)।

ଚେନ୍ନାଇ ସୁପର କିଙ୍ଗ୍ସ ୧୭.୪ ଓଭରରେ ୭୧/୩ (ରାୟୁଡୁ– ୨୮, ରାଇନା– ୧୯, ଚହଲ– ୧/ ୬, ମୋଇନ– ୧/୧୯, ସିରାଜ– ୧/ ୫)

**ଆଜିର ମ୍ୟାଚ**

କୋଲକାତା ନାଇଟ୍ ରାଇଡର୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ
ସ୍ଥାନ: କୋଲ୍‌କାତା
ସମୟ: ଅପରାହ୍ନ-୪ଟା

ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ
ସ୍ଥାନ: ମୁମ୍ବାଇ
ସମୟ: ରାତି ୮ଟା

ପ୍ରସାରଣ: ସୋନି ସ୍ପୋର୍ଟ୍ସ

## ପାକିସ୍ତାନରେ ହେବ ନାହିଁ ପ୍ରସାରଣ

**ନୂଆଦିଲ୍ଲୀ, ୨୩।୩ (ପିଟି):** ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ପ୍ରସାରଣକୁ ଭାରତରେ ବ୍ୟାନ କରାଯିବା ପରେ ପାକିସ୍ତାନ ଆଇପିଏଲର ୧୨ତମ ସଂସ୍କରଣର ପ୍ରସାରଣକୁ ବ୍ୟାନ କରିଛି। ଏ ନେଇ ଦେଶରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଫୱାଦ ଚୌଧାରୀ ସ୍ପଷ୍ଟ କରିଛନ୍ତି। ପିଏସ୍‌ଏଲର ଅଫିସିଆଲ ପ୍ରସାରଣକାରୀ ସଂସ୍ଥା ଡି ସ୍ପୋର୍ଟ୍ସ ଚୁକ୍ତିରୁ ଓହରିବା ଯୋଗୁ ପାକିସ୍ତାନ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଆଇପିଏଲକୁ ବ୍ୟାନ କରିବା ଲାଗି ନିଷ୍ପତ୍ତି ହୋଇଛି। ଯେଉଁଭଳି ଭାବେ ଭାରତୀୟ କମ୍ପାନୀ ଓ ସରକାର ପାକିସ୍ତାନ କ୍ରିକେଟ ପ୍ରତି ପିଏସ୍‌ଏଲ ବେଳେ ଯେଉଁଭଳି ବ୍ୟବହାର କରିଥିଲେ, ତାହା କଦାପି ଗ୍ରହଣୀୟ ନୁହେଁ। ଏଣୁ ପାକିସ୍ତାନରେ ଆଇପିଏଲ ପ୍ରସାରଣ କରାଯିବ ନାହିଁ। ଏହା ଆଇପିଏଲ ଓ ଭାରତୀୟ କ୍ରିକେଟ ପାଇଁ ଶକ୍ତ ଧକ୍କା ହେବ ବୋଲି ଚୌଧାରୀ କହିଛନ୍ତି। ପାକିସ୍ତାନ ମନ୍ତ୍ରୀ ଆହୁରି କହିଛନ୍ତି ଭାରତୀୟ ଦଳ କ୍ରିକେଟକୁ ରାଜନୈତୀକରଣ କରୁଛି। ଆମେ ସର୍ବଦା କ୍ରିକେଟକୁ ରାଜନୀତି ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛୁ। ମାତ୍ର ଭାରତୀୟ ଦଳ ଆର୍ମୀ କ୍ୟାପ ପିନ୍ଧି ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଖେଳିଥିଲା। ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲ ନାହିଁ। ଉଲ୍ଲେଖଥାଉ କି, ଆସନ୍ତା ଶନିବାରଠାରୁ ଆଇପିଏଲ ଆରମ୍ଭ ହୋଇଛି।

## ମୁମ୍ବାଇକୁ ଧକ୍କା

**ମୁମ୍ବାଇ,୨୩।୩:** ଆଇପିଏଲ ଫ୍ରାଞ୍ଚାଇଜ ମୁମ୍ବାଇ ଇଣ୍ଡିଆନ୍ସକୁ ପୁଣି ଏକ ଝଟ୍‌କା ଲାଗିଛି। ନ୍ୟୁଜିଲାଣ୍ଡ ପେସର ଆଡାମ ମିଲନେ ଆଗାମୀ ସିଜନରୁ ଓହରି ଯାଇଛନ୍ତି। ଗୋଇଠି ଜନିତ ସମସ୍ୟା ଯୋଗୁ ମିଲ୍‌ନେ ଆଇପିଏଲରେ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ତାଙ୍କୁ ୭୫ ଲକ୍ଷ ଟଙ୍କାରେ ମୁମ୍ବାଇ ଫ୍ରାଞ୍ଚାଇଜ କିଣିଥିଲା। ଏହି କିୱି ବୋଲରଙ୍କ ରେକର୍ଡ ଆଇପିଏଲରେ ସେତେଟା ଭଲ ନାହିଁ। ସେ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ୨୦୧୭ରେ ୫ ମ୍ୟାଚ୍ ଖେଳିଥିଲେ। ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଦଳର ପ୍ରଥମ ୬ ମ୍ୟାଚ୍ ଲାଗି ଅଭିଜ୍ଞ ବୋଲର ଲାସିଥ ମଲିଙ୍ଗା ଉପଲବ୍ଧ ହୋଇପାରିବେ ନାହିଁ ବୋଲି ସୂଚନା ଦେଇଥିଲେ।

## ଭାରତ ପାଇଁ 'କର ଅବା ମର' ପରିସ୍ଥିତି

**ତାସ୍‌କେଣ୍ଟ, ୨୩।୩ (ପି.ଟି.)**

ଏଏଫ୍‌ସି ୨୩ ବର୍ଷରୁ କମ୍ ଫୁଟ୍‌ବଲ ଯୋଗ୍ୟତାପର୍ଯ୍ୟାୟ ଟୁର୍ନାମେଣ୍ଟରେ ଭାରତ ରବିବାର ତାଜିକିସ୍ତାନକୁ ଭେଟିବ। ପ୍ରଥମ ମ୍ୟାଚରେ ଗତଥରର ଚାମ୍ପିୟନ ଉଜ୍‌ବେକିସ୍ତାନ ନିକଟରୁ ପରାଜିତ ହୋଇଥିବାରୁ ଏହି ମ୍ୟାଚ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ବୋଲି ମୁଖ୍ୟ କୋଚ୍ ଡେରିକ୍ ପେରିରା ପ୍ରକାଶ କରିଛନ୍ତି। ଆମ ପାଇଁ 'କର ଅବା ମର ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ଆମକୁ ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ଶୁକ୍ରବାର ଉଜ୍‌ବେକିସ୍ତାନ ବିପକ୍ଷ ମ୍ୟାଚର ପ୍ରଥମ ୪୫ ମିନିଟ୍ ଖେଳରେ ଆମେ ଭଲ ଫାଇଟ ଦେଇଥିଲେ ମଧ୍ୟ ପରେ ୦–୩ରେ ପରାଜିତ ହୋଇଥିଲୁ। ଅନଭିଜ୍ଞତା ଆମ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେଲା ବୋଲି ପେରିରା କହିଛନ୍ତି। ଉଜ୍‌ବେକିସ୍ତାନ ଖେଳାଳିମାନେ ଶାରୀରିକ ଦୃଷ୍ଟିକୋଣରୁ ଆମଠାରୁ ତୁଳନାତ୍ମକ ଭାବେ ଆମଠାରୁ ଶକ୍ତିଶାଳୀ। ତଥାପି ଆମେ ପ୍ରଥମାର୍ଦ୍ଧରେ ଦୁଇଟି ସୁଯୋଗ ପାଇଥିଲୁ। ଏହାକୁ ଗୋଲରେ ପରିଣତ କରିପାରିଥିଲେ ହୁଏତ ଆମେ ଫାଇଦାରେ ରହିଥାନ୍ତୁ। ପ୍ରତିଯୋଗିତାର ଗ୍ରୁପ୍ ଏ'ରେ କେବଳ ୩ଟି ଦଳ ରହିଥିବାରୁ ଆସନ୍ତାବର୍ଷ ଥାଇଲାଣ୍ଡରେ ହେବାକୁଥିବା ଫାଇନାଲ ପର୍ଯ୍ୟାୟ ଲାଗି ପ୍ରତିଟି ଗେମ୍ ଗୁରୁତ୍ୱପୂର୍ଣ୍ଣ। ତାଜିକିସ୍ତାନ ବିପକ୍ଷ ମ୍ୟାଚରେ ପ୍ରତ୍ୟାବର୍ତ୍ତନ ଲାଗି ଆମର ସାମର୍ଥ୍ୟ ରହିଛି ବୋଲି ଭାରତୀୟ ଦଳର ଅଧିନାୟକତ୍ୱ କରିଥିବା ବିନିତ୍ ରୟ ଆଶା ପ୍ରକାଶ କରି କହିଛନ୍ତି।

## ମାଲିଙ୍ଗାଙ୍କ ଅବସର ଘୋଷଣା

**ସେଞ୍ଚୁରିଆନ,୨୩।୩(ଏଏଫ୍‌ପି):** ଶ୍ରୀଲଙ୍କା ସୀମିତ ଓଭର କ୍ରିକେଟ ଦଳର ଅଧିନାୟକ ଲସିଥ ମାଲିଙ୍ଗା ଆଗାମୀ ବର୍ଷ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେବେ। ଇଂଲଣ୍ଡରେ ହେବାକୁ ଥିବା ଆଇସିସି ବିଶ୍ୱକପ୍ ତାଙ୍କର ଅନ୍ତିମ ଦିନିକିଆ ଇଭେଣ୍ଟ ହେବ। ଏହାପରେ ଅଷ୍ଟ୍ରେଲିଆରେ ୨୦୨୦ ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ଟି୨୦ ବିଶ୍ୱକପ୍ ଖେଳାଯିବ। ମୁଁ ଟି୨୦ ବିଶ୍ୱକପ୍ ଖେଳିବାକୁ ଚାହେଁ। ଏହାପରେ ମୋ କ୍ରିକେଟ କ୍ୟାରିୟରର ଅନ୍ତ ହେବ ବୋଲି ୩୫ ବର୍ଷୀୟ ମଲିଙ୍ଗା କହିଛନ୍ତି।

## ଅଷ୍ଟ୍ରେଲିଆକୁ ଜିତାଇଲେ ଫିଞ୍ଚ

**ଶାରଜା,୨୩।୩(ପିଟି)**

ଆରୋନ ଫିଞ୍ଚଙ୍କ ଶତକ ବଳରେ ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଦଳ ୮ ଉଇକେଟରେ ପାକିସ୍ତାନକୁ ହରାଇ ଦେଇଛି। ଏଥିସହ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ୧–୦ ବ୍ୟବଧାନର ଅଗ୍ରଣୀ ହାସଲ କରିଛି। କ୍ୟାରିୟରର ଦ୍ୱାଦଶ ଶତକ ହାସଲ କରିଥିବା ଫିଞ୍ଚଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

୨୮୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଅଷ୍ଟ୍ରେଲିଆ ଦଳ ୬୩ ରନ୍‌ରେ ଓପ୍‌ନର ଉସ୍‌ମାନ ଖ୍ୱାଜା (୨୪)ଙ୍କ ଉଇକେଟ ହରାଇଥିଲା। ଏହାପରେ ଅଧିନାୟକ ଫିଞ୍ଚ୍ (୧୧୬) ଓ ଶନ୍ ମାର୍ଶ ଦ୍ୱିତୀୟ ଉଇକେଟ ପାଇଁ ୧୭୩ ରନ୍ ଯୋଡ଼ି ଦଳକୁ ବିଜୟ ନିକଟତର କରାଇଥିଲେ। ଫିଞ୍ଚ୍ ଆଉଟ ହେବା ପରେ ମାର୍ଶ ଓ ପିଟର ହାଣ୍ଡସ୍କମ୍ବ ଦଳକୁ ୪୯ତମ ଓଭରରେ ବିଜୟୀ କରାଇଥିଲେ। ମାର୍ଶ ୯୧ ଓ ହାଣ୍ଡସ୍କମ୍ବ ୩୦ ରନ୍ କରି ଅପରାଜିତ ଥିଲେ। ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଦଳ ଧାର୍ଯ୍ୟ ୫୦ ଓଭରରେ ୫ ଉଇକେଟ ହରାଇ ୨୮୦ ରନ୍ କରିଥିଲା। ଦଳ ପାଇଁ ହାରିସ ସୋହେଲ ୧୦୧ ଓ ଉମର ଅକ୍‌ମଲ ୪୮ ରନ୍ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପକ୍ଷରୁ ନାଥନ କୁଲ୍ଟର ନାଇଲ ୨ ଉଇକେଟ ହାତେଇଥିଲେ।



ଆରୋନ ଫିଞ୍ଚ

## ରାଜ୍ୟ ଜୁନିୟର, କ୍ୟାଡେଟ୍ କରାଟେ ପ୍ରତିଯୋଗିତା ଆରମ୍ଭ



କରାଟେ ପ୍ରତିଯୋଗିତା ଅବସରରେ ଦୁଇ ପ୍ରତିଯୋଗୀ।

**ଭୁବନେଶ୍ୱର, ୨୩।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଓଡ଼ିଶା ରାଜ୍ୟ ଜୁନିୟର, କ୍ୟାଡେଟ୍ ଓ ୨୧ ବର୍ଷରୁ କମ୍ (ମହିଳା ଓ ପୁରୁଷ) କରାଟେ ପ୍ରତିଯୋଗିତା ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଆସାମର ଗୁଆହାଟୀଠାରେ ଆସନ୍ତା ୫ରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତା ପାଇଁ ଏଥିରୁ କରାଟେକାମାନେ ମନୋନୀତ ହେବେ। ରବିବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ।

## ଘରୋଇ ଦର୍ଶକ ହେବେ ଦ୍ୱାଦଶ ଖେଳାଳି

**ଜ୍ୟାକ୍ କାଲିସ୍**

ପୁଣି ଥରେ ମୋର ଦ୍ୱିତୀୟ ଘରକୁ ଫେରିଛି। ଗତ ଏକ ବର୍ଷ ଶୀଘ୍ର ଅତିବାହିତ ହୋଇଗଲା। ମାତ୍ର କେତେ ସପ୍ତାହ ଅତିବାହିତ ହେବା ଭଳି ଲାଗୁଛି। ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ପ୍ରତ୍ୟେକ ସଂସ୍କରଣ ପୂର୍ବରୁ ବେଶ୍ ଉତ୍ସାହିତ ହୋଇଥାଏ। କ୍ୟାରିୟରର ପ୍ରତ୍ୟେକ ପର୍ଯ୍ୟାୟରେ ଜଣେ ଖେଳାଳି ଓ କୋଚ୍ ହିସାବରେ ଆଇପିଏଲକୁ ମୁଁ ସମାନ ଗୁରୁତ୍ୱ ଦେଇଥାଏ। ଏଥର କୋଲକାତା ନାଇଟ୍ ରାଇଡର୍ସ(କେକେଆର)ର ମୁଖ୍ୟ କୋଚ୍ ହିସାବରେ ଦଳ ଭଲ ପ୍ରଦର୍ଶନ କରିବ ଓ ମୁଁ ଏ ନେଇ ବେଶ୍ ଉତ୍ସାହିତ ଅଛି। ଗତବର୍ଷ ଅପେକ୍ଷା ଆମ ଦଳ ନିଶ୍ଚିତ ଭାବେ ଏକ ଉନ୍ନତ ଓ ସନ୍ତୁଳିତ ଦଳ ବୋଲି ମୁଁ ଭାବୁଛି। ଦଳର ପ୍ରତ୍ୟେକ ବିଭାଗ ବେଶ୍ ଶକ୍ତିଶାଳୀ ମନେ ହେଉଛି। ବିଶେଷ କରି ଦ୍ରୁତ ବୋଲିଂରେ ଆମ ପାଖରେ ଉନ୍ନତ ବିକଳ୍ପ ରହିଛି। ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଅନରିଚ୍ ନୋର୍ଜ ଇଞ୍ଜୁରି କାରଣରୁ ଓହରିଯିବା ଦଳ ପାଇଁ ଝଟ୍‌କା ସଦୃଶ ହୋଇଛି। ତେବେ ପେସାଦାର କ୍ରିକେଟରେ ଏପରି ବିଡମ୍ବନା ଦେଖିବାକୁ ମିଳିଥାଏ। ଖାସ୍ କରି ଦ୍ରୁତ ବୋଲରଙ୍କ କ୍ଷେତ୍ରରେ ଏଭଳି ବାରମ୍ବାର ହୋଇଥାଏ। ଅନରିଚ୍ ଜଣେ ପ୍ରତିଭାସମ୍ପନ୍ନ ଦ୍ରୁତ ବୋଲର। ଆଇପିଏଲରେ ଆଗାମୀ ଦିନରେ ସେ ବେଶ୍ ସଫଳତା ହାସଲ କରିବେ ବୋଲି ଆଶା କରୁଛି। ଦଳର ଅଧିକାଂଶ ଖେଳାଳି ବର୍ଷସାରା ବିଭିନ୍ନ ଏକାଡେମୀ ସେସନରେ ଅଂଶଗ୍ରହଣ କରିଛନ୍ତି। ଏଥିରୁ ଖେଳାଳିମାନେ ବେଶ୍ ଲାଭବାନ ହୋଇଥିବେ। ସାଧାରଣ ଟ୍ରେନିଂ ତଥା ପ୍ରଶିକ୍ଷଣ ନେବା ସହ ଏମାନେ ସ୍ୱତନ୍ତ୍ର କୌଶଳ ଉପରେ ଅଭ୍ୟାସ କରିଥିଲେ ଓ ଏହାର ଫାଇଦା ଆମକୁ ମିଳିବ। ଦଳର ସବୁ ସଦସ୍ୟ ବେଶ୍ ପ୍ରତିଭା ସମ୍ପନ୍ନ, ଦକ୍ଷ ହେବା ସହ ସମ୍ପୂର୍ଣ୍ଣ ଭାବେ ଫିଟ୍ ଅଛନ୍ତି। ଅଭ୍ୟାସ ସେସନ ଓ ୱାର୍ମଅପ୍ ମ୍ୟାଚ୍‌ଗୁଡିକ ବେଶ୍ ଚମତ୍କାର ହୋଇପାରିଛି। ଦଳରେ ଉତ୍ସାହ ଆଣିବା ପାଇଁ ସ୍ୱତନ୍ତ୍ର ଭାବେ ଅଭ୍ୟାସ କରିବାର ଅବଶ୍ୟକତା ରହିଥାଏ। କିନ୍ତୁ ଗତ ୧୦ ଦିନ ମଧ୍ୟରେ ଏହାର ଆବଶ୍ୟକତା ରହି ନାହିଁ ବୋଲି ଭାବୁଛି। ସବୁଠାରୁ ବଡ଼ ଖୁସି ଖବର ହେଉଛି ଆମର ସବୁ ଘରୋଇ ମ୍ୟାଚ୍ ଇଡେନ ଗାର୍ଡେନରେ ଖେଳାଯିବ। ସବୁ ଦଳ ନିଜ ଘରୋଇ ଦର୍ଶକଙ୍କ ସମ୍ମୁଖରେ ମ୍ୟାଚ୍ ଖେଳିବାକୁ ପସନ୍ଦ କରିବେ। ଇଡେନ ଗାର୍ଡେନର ଘରୋଇ ଦର୍ଶକ ଦଳ ପାଇଁ ଦ୍ୱାଦଶ ଖେଳାଳିର ଭୂମିକା ନିର୍ବାହ କରିବେ। ଆମ ଦଳରେ କେତେଜଣ ନୂଆ ଖେଳାଳି ସ୍ଥାନ ପାଇଛନ୍ତି। ଆମର କେତକ ଖେଳାଳି ପୂର୍ବ ସଂସ୍କରଣରେ ଦଳ ପାଇଁ ବେଶ୍ ଉପଯୋଗୀ ପ୍ରଦର୍ଶନ କରିଛନ୍ତି। କୋଲକାତା ନାଇଟ ରାଇଡର୍ସ ପରିବାର ଅନ୍ୟମାନଙ୍କଠାରୁ ଅଲଗା ଓ ସ୍ୱତନ୍ତ୍ର ବୋଲି ସମସ୍ତେ ଜାଣନ୍ତି। ଆମେ ଦଳର ଖେଳାଳିମାନଙ୍କୁ ସେତେଟା ହାଲକା ଭାବେ ନେଇ ନ ଥାଉ। ଦଳର ବରିଷ୍ଠ ଖେଳାଳିମାନେ ସମ୍ପୂର୍ଣ୍ଣ ଫିଟ ଅଛନ୍ତି ଓ ସଫଳତା ପାଇଁ ବେଶ୍ ବ୍ୟଗ୍ର ଅଛନ୍ତି। ସାଧାରଣତଃ କେତେକ ଖେଳାଳି ଦୀର୍ଘଦିନ ଧରି ଘରୋଇ କ୍ରିକେଟ କିମ୍ବା ଆନ୍ତର୍ଜାତିକ କ୍ରିକେଟ ଖେଳୁଥିବାରୁ ବେଶ୍ କ୍ଲାନ୍ତ ଅନୁଭବ କରିଥାନ୍ତି। କିନ୍ତୁ ଏଥର ସେଭଳି କିଛି ପରିସ୍ଥିତି ସୃଷ୍ଟି ହୋଇନାହିଁ। ପ୍ରଥମ ମ୍ୟାଚ୍ ଆୟୋଜନ ହେବା ପୂର୍ବରୁ କୌଣସି ଖେଳାଳିଙ୍କୁ ରିକଭରୀ ଟାଇମ୍‌ର ଆବଶ୍ୟକତା ନାହିଁ। ଏଥର ଆଇପିଏଲ୍‌ରେ କେକେଆର ଦମ୍‌ଦାର ପ୍ରଦର୍ଶନ କରିବ।

—(ଗେମ୍ ପ୍ଲାନ୍ / ଟିଭାକ୍ ସ୍ପୋର୍ଟ୍ସ)






ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ମାର୍ଚ୍ଚ ୨୪/୨୦୧୯ Sambalpur, Sunday, March 24 / 2019

## ପୂର୍ବ ଶତ୍ରୁତାରୁ ଗୁଳିମାଡ଼, ଯୁବକ ମୃତ

**ଝାରସୁଗୁଡ଼ା ଅଫିସ,୨୩।୩**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଓରିଏଣ୍ଟ ଥାନା ଅନ୍ତର୍ଗତ ମଣ୍ଡଲିଆସ୍ଥିତ ଏକ ଜଳାଶୟ ନିକଟରେ ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି। ଏଥିରେ ସମ୍ପୃକ୍ତ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରଜରାଜନଗରର ପିଣ୍ଟୁ ବାଉରି (୨୯)। ଗୁଳିମାଡ଼ କରି ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ପୋଲିସ ଏକ ମାମଲା (ନଂ. ୩୯/୧୯) ରୁଜୁ କରି ତଦନ୍ତ କରୁଛି। ଘଟଣାସ୍ଥଳରୁ ପୋଲିସ ୨ଟି ଖୋକା ଜବତ କରିଛି। ତେବେ ଶନିବାର ସନ୍ଧ୍ୟା ସୁଦ୍ଧା ଅଭିଯୁକ୍ତଙ୍କ ଟେର୍ ପାଇପାରି ନାହିଁ ପୋଲିସ। ତଦନ୍ତ ଜାରି ରହିଛି। ଘଟଣାରେ ୪ଜଣ ଯୁବକଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସାରଙ୍ଗ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଫେଲ୍ ମାରିଲା ଡକାୟତି ଯୋଜନା: ୨ ଗିରଫ

**ଭଦ୍ରକ ଅଫିସ, ୨୩।୩ :** ଭଦ୍ରକ ଜିଲା ଚରମ୍ପା ଅଞ୍ଚଳରେ ଥିବା ଏକ ଜୁଏଲାରୀ ଦୋକାନରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗାନ୍ଧୀନଗର, ମଧ୍ୟପ୍ରଦେଶର ରାହୁଲ ସିଂ ଓ ପଶ୍ଚିମବଙ୍ଗର ଅଜୟ ସିଂ। ସେମାନଙ୍କ ନିକଟରୁ ଏକ ବନ୍ଧୁକ ଜବତ ହୋଇଛି। ପୋଲିସ ଚରମ୍ପା ଅଞ୍ଚଳରୁ ଏହି ୨ ଜଣଙ୍କୁ କାବୁ କରିଥିଲା।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ମାମଲା

# ମୁଖ୍ୟ ଶାସନ ସଚିବଙ୍କୁ ବ୍ୟକ୍ତିଗତ ହାଜିରା ଆଦେଶ

**କଟକ ଅଫିସ,୨୩।୩**

ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ଜଣେ ଯୁବକଙ୍କ ପରିବାରକୁ କ୍ଷତିପୂରଣ ଦେବାରେ ସରକାର ଅବହେଳା କରିଛନ୍ତି। ଏ ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ରେ ମାମଲା ରୁଜୁ ହୋଇଥିଲା। ମାମଲାର ଶୁଣାଣି କରି କମିଶନଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ଶକ୍ତି ବିଭାଗର ସଚିବଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ଆଦେଶ ଦିଆଯାଇଛି। ଏପ୍ରିଲ ୨୫ ତାରିଖ ସୁଦ୍ଧା ଉଭୟ କମିଶନରେ ହାଜର ହୋଇ ଜବାବ ରଖିବାକୁ ଆଦେଶରେ ଉଲ୍ଲେଖ ରହିଛି। ରିପୋର୍ଟ ଅନୁଯାୟୀ, ୨୦୧୪ ଜୁଲାଇ ୭ ତାରିଖରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅଧୀନ କନ୍ଧୁମୁଣ୍ଡା ଗ୍ରାମରେ ଘଟଣାଟି ଘଟିଥିଲା। ବଲାଙ୍ଗୀର ଜିଲା ଟିଟିଲାଗଡ ରଣାବନ୍ଧ ଗ୍ରାମର ରଇବାର ଦୋରାଙ୍କ ପୁଅ ପବିତ୍ର ନିଜ ଭିଣୋଇ ଘରକୁ ଆସିଥିଲେ। ସାଇକେଲ ଯୋଗେ ସେ ଡୁଙ୍ଗୁରିପାଲି ବଜାରକୁ ମିଠା ଆଣିବାକୁ ଯାଇଥିଲେ। ମାତ୍ର କନ୍ଧୁମୁଣ୍ଡା ନିକଟରେ ଏକ ରାଇସ ମିଲ୍‌କୁ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ଖୁଣ୍ଟରୁ ତଳକୁ ଓହଳି ପଡିଥିଲା। ପବିତ୍ର ଜାଣି ନ ପାରି ସାଇକେଲକୁ ଉକ୍ତ ତାର ଉପରେ ଚଢାଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପବିତ୍ରଙ୍କ ମୃତ୍ୟୁକୁ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାସ ଏନ୍‌ଏଚ୍‌ଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୪ ଜୁଲାଇ ୧୪ ତାରିଖରେ ଜୟନ୍ତ ଏ ନେଇ ମାମଲା ରୁଜୁ କରିଥିଲେ। ମାମଲାରେ ସେ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହିତ ଏଭଳି ଅବହେଳାରେ ସାମିଲ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପିଟିସନରେ ନିବେଦନ କରିଥିଲେ। ମାମଲାର ଶୁଣାଣି କରି କମିଶନ ୨୦୧୮ ଫେବୃୟାରୀ ୧୪ ତାରିଖରେ ମୃତକଙ୍କ ପରିବାରକୁ ସରକାର ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଆଦେଶ ଦେଇଥିଲେ। କ୍ଷତିପୂରଣ ଦେବା ସମ୍ପର୍କିତ ସମସ୍ତ ପ୍ରମାଣ କମିଶନରେ ଦାଖଲ କରିବାକୁ ଆଦେଶ ଥିଲା। ମାତ୍ର ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ କୌଣସି ସହାୟତା ଦିଆଯାଇ ନ ଥିଲା କିମ୍ବା ସହାୟତା ପ୍ରଦାନ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରାଯାଇ ନ ଥିଲା। ଫଳରେ କମିଶନଙ୍କ ପକ୍ଷରୁ ଏଭଳି ସାନି ଆଦେଶ ଦିଆଯାଇଛି।

**କ୍ଷତିପୂରଣ ଦେବାରେ ସରକାରଙ୍କ ଅବହେଳା**

## ଚଉଠି ପୂର୍ବରୁ ସ୍ତ୍ରୀଙ୍କୁ ପ୍ରେମିକ ହାତରେ ଟେକିଦେଲେ ସ୍ୱାମୀ

**ବଡ଼ଗାଁ, ୨୩।୩ (ଡି.ଏନ.ଏ.)**

ବିବାହ ବନ୍ଧନରେ ବାନ୍ଧିହେଲା ପରେ ମଧ ପ୍ରେମ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡି ନ ଥିଲା। ବିବାହର ୪ ଦିନ ପରେ ଅର୍ଥାତ୍ ଚଉଠି ପୂର୍ବରୁ ପ୍ରେମିକାଙ୍କୁ ନେବାକୁ ଆସିଥିଲେ ପ୍ରେମିକ। ଆଉ ନବବଧୂ ସାଜି ଆସିଥିବା ପ୍ରେମିକା ବି ପ୍ରେମିକ ସହିତ ଯିବାକୁ ଜିଦ ଧରିଥିଲେ। ଶେଷରେ ସ୍ତ୍ରୀଙ୍କ ଜିଦ୍ ଆଗରେ ହାର ମାନିଥିଲେ ସ୍ୱାମୀ। ଚଉଠି ପୂର୍ବରୁ ସ୍ତ୍ରୀଙ୍କୁ ତାଙ୍କ ପ୍ରେମିକ ହାତରେ ଟେକିଦେଇଥିଲେ। ଏଭଳି ଅଭାବନୀୟ ଘଟଣା ଘଟିଛି ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଚଳନାମୁଣ୍ଡା ପଡାରେ। ଏହି ପଡାର ଜଣେ ଯୁବକ ହେମଗିର ଥାନା ଅନ୍ତର୍ଗତ ରତନସରା ଗ୍ରାମର ଜଣେ ଯୁବତୀଙ୍କୁ ବୈଦିକ ରୀତିନୀତିରେ ଗତ ୧୭ ତାରିଖରେ ବିବାହ କରିଥିଲେ। ମାତ୍ର ଯୁବତୀ ଜଣ ନିଜ ଗ୍ରାମରେ ଜଣେ ଯୁବକଙ୍କୁ ଭଲ ପାଉଥିଲେ। ୨୦ ତାରିଖ ଯୁବତୀଙ୍କ ପ୍ରେମିକ ଓ ତାଙ୍କ ୨ ସହଯୋଗୀ ଚଳନାମୁଣ୍ଡା ଆସିଥିଲେ। ନବବଧୂ ହୋଇ ଆସିଥିବା ଯୁବତୀଙ୍କ ଶାଶୁ ଘର ନିକଟରେ ବୁଲାବୁଲି କରୁଥିଲେ। ଯୁବକମାନଙ୍କ ଗତିବିଧିକୁ ଦେଖି ସନ୍ଦେହ ହେବାରୁ ସ୍ଥାନୀୟ ଯୁବକମାନେ ପଚରାଉଚରା କରିଥିଲେ। ପରେ ସେମାନଙ୍କ ଉଦ୍ଦେଶ୍ୟ ଜଣାପଡିଥିଲା। ଏହା ପରେ ଉକ୍ତ ଅଞ୍ଚଳର ଲୋକମାନେ ସମ୍ପୃକ୍ତ ୩ଜଣଙ୍କୁ ଅଟକ ରଖି ପଚାରିବାରେ ବନବିବାହିତା ଯୁବତୀଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଥିବା ଜଣାଇଥିଲେ। ନବବଧୂ ସାଜିଥିବା ଯୁବତୀଙ୍କ ମା, ବାପା ଓ ପ୍ରେମିକଙ୍କ ଘର ଲୋକଙ୍କୁ ଜାତି ସମାଜ ଲୋକେ ଡକାଇଥିଲେ। ଯୁବତୀଙ୍କ ପରିବାର ଲୋକେ ଆସିଥିଲେ ମଧ ପ୍ରେମିକଙ୍କ ପରିବାର ଲୋକେ ଆସି ନ ଥିଲେ। ଯୁବତୀ ଯେଉଁ ଯୁବକଙ୍କୁ ବିବାହ କରିଥିଲେ ତାଙ୍କୁ ଡ଼କାଯାଇଥିଲା। ନବ ବିବାହିତାଙ୍କ ସହିତ ତାଙ୍କ ସ୍ୱାମୀ, ପ୍ରେମିକ, ଜାତିସମାଜ ଲୋକେ ଥାନାକୁ ଯାଇଥିଲେ। ସେଠାରେ ଆପୋସ ଆଲୋଚନା ପରେ ନବ ବିବାହିତା ସ୍ତ୍ରୀଙ୍କୁ ତାଙ୍କ ପ୍ରେମିକ ହାତରେ ଟେକିଦେଇଥିଲେ ସ୍ୱାମୀ। ବିବାହ ସମୟରେ ହୋଇଥିବା ଖର୍ଚ୍ଚ ଭରଣା କରିଦେବାକୁ କହିଥିଲେ। ହେଲେ ପ୍ରେମିକ ଅକ୍ଷମତା ପ୍ରକାଶ କରିଥିଲେ। ନବ ବିବାହିତାଙ୍କୁ ପଚାରିବାରୁ ଦେଢ଼ ବର୍ଷ ହେଲା ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ସ୍ୱୀକାର କରିଥିଲେ। ବିବାହ ପୂର୍ବରୁ ପଦକ୍ଷେପ ନ ନେବା ଓ ସମସ୍ତଙ୍କୁ ହଇରାଣରେ ପକାଇବା ଭୁଲ ହୋଇଛି ବୋଲି ଉଭୟେ କହିଥିଲେ। ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଆଲୋଚ୍ୟ ବିଷୟ ହୋଇଛି। ସୂଚନାଯୋଗ୍ୟ ଯେ, ଗତ ବର୍ଷ ଅନୁରୂପ ଘଟଣା ବଡଗାଁ ଥାନା ଅନ୍ତର୍ଗତ ପାମରା ଗ୍ରାମରେ ଘଟିଥିଲା।

## କୁଣ୍ଡରେ ପଡ଼ି ଦେଢ଼ବର୍ଷ ଶିଶୁର ପ୍ରାଣ ଗଲା

**ସଜନାଗଡ଼, ୨୩।୩(ଡି.ଏନ.ଏ.)**

ନୀଳଗିରି ଜନସ୍ୱାସ୍ଥ୍ୟ ବିଭାଗର ଖାମଖିଆଲ ନୀତି ଯୋଗୁ ଢାଙ୍କୁଣି ନ ଥିବା ଏକ ପାଣିକୁଣ୍ଡରେ ପଡ଼ି ଜଣେ ଦେଢବର୍ଷ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ନୀଳଗିରି ଏନ୍‌ଏସି ଅଧୀନ ୯ନଂ. ୱାର୍ଡ଼ କାହାଳିଆ ଗ୍ରାମର ସନିଆ ସିଂଙ୍କ ପୁଅ ଅମନ (ଦେଢ଼ବର୍ଷ) ଗତ ୨୧ତାରିଖ ସନ୍ଧ୍ୟାରେ ସାଙ୍ଗମାନଙ୍କ ସହିତ ଗାଁଦାଣ୍ଡରେ ଖେଳୁଥିବା ବେଳେ ଘର ନିକଟସ୍ଥ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଅର୍ଦ୍ଧନିର୍ମିତ ଢାଙ୍କୁଣି ନ ଥିବା କୁଣ୍ଡରେ ପଡ଼ିଯାଇଥିଲେ। କୁଣ୍ଡ ଭିତରେ ପିଲାଟି ଦୀର୍ଘସମୟ ଧରି ପଡ଼ିରହିବା ଯୋଗୁ ତା'ର ମୃତ୍ୟୁ ହୋଇଯାଇଥିଲା। ପରେ ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ଅଣାଯାଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜନସ୍ୱାସ୍ଥ୍ୟ ବିଭାଗର ଏଭଳି ଖାମଖିଆଲ ନୀତିକୁ ବିରୋଧ କରି ଗ୍ରାମବାସୀ ମୃତ ଶିଶୁ ପରିବାରଙ୍କୁ ସରକାରୀ ସହାୟତା ଦାବିକରି ଅଫିସ ଆଗରେ ଧାରଣାରେ ବସିଥିଲେ। ବିଭାଗୀୟ ଏସ୍‌ଡିଓ ପ୍ରଫୁଲ୍ଲ ନାୟକ ପହଞ୍ଚି ଜିଲାପାଳଙ୍କ ସହ ଆଲୋଚନା କରି ରେଡ୍‌କ୍ରସ ଓ ଅନ୍ୟ ସରକାରୀ ସଂସ୍ଥାରୁ ସହାୟତା ଦେବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଛି।

**ଜନସ୍ୱାସ୍ଥ୍ୟ ବିଭାଗ ଅଫିସ ଆଗରେ ଧାରଣା**

## ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ପୁରୀ ଅଫିସ,୨୩।୩:**

ପବିତ୍ର ଦୋଳ ପୂର୍ଣ୍ଣିମାରେ ଗତ ଗୁରୁବାର ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ରତ୍ନସିଂହାସନରେ ଦାରୁବିଗ୍ରହ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସେହିପରି ଦୋଳବେଦିରେ ଶ୍ରୀଦୋଳଗୋବିନ୍ଦଙ୍କୁ ମଧ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିବା ଲାଗି ଶ୍ରୀମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଶୁକ୍ରବାର ମହାପ୍ରଭୁଙ୍କ ହୋଲି ନୀତି ସମ୍ପନ୍ନ ହୋଇଛି।

**ହସଖୁସିରେ ପାଳିଲେ ହୋଲି**

ଅନ୍ୟପକ୍ଷରେ ରଙ୍ଗର ପର୍ବ ହୋଲି ପୁରୀ ସହରରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଶୁକ୍ରବାର ସକାଳୁ ସହରର ପ୍ରତି ଗଳିକନ୍ଦିରେ ହୋଲି ଖେଳ ଜମିଥିଲା। ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଏଥିରେ ମଜ୍ଜି ଯାଇଥିଲେ। ପରସ୍ପରକୁ ଅବିର ଲଗାଇ ହୋଲି ପର୍ବର ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପରିସରରେ ମଧ ଖୁବ୍ ଧୂମ୍‌ଧାମରେ ହୋଲି ପର୍ବ ପାଳନ କରାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ବିଦେଶୀ ନାଗରିକମାନେ ହୋଲି ଖେଳର ମଜ୍ଜା ଉଠାଇଥିଲେ। ସେମାନେ ପରସ୍ପରକୁ ରଙ୍ଗ ଲଗାଇବା ସହ ଏହାକୁ ମନଭରି ଉପଭୋଗ କରିଥିଲେ। କେତେକ ଅନୁଷ୍ଠାନ ପକ୍ଷରୁ ରାସାୟନିକ ରଙ୍ଗ ବ୍ୟବହାର ନ କରି ପ୍ରାକୃତିକ ରଙ୍ଗରେ ହୋଲି ଖେଳିବାକୁ ସଚେତନତା କରାଯାଇଥିଲା। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ମଧ ବେଶ୍ ଆନନ୍ଦ ଉଲ୍ଲାସରେ ରଙ୍ଗର ପର୍ବ ପାଳନ କରାଯାଇଥିଲା। ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ହୋଲି ଖେଳିଥିଲେ।




## ବେଆଇନ ବନ୍ଧୁକ ରଖି ୨ ଜଣ ଗିରଫ

**ବାମରା,୨୩।୩(ସ୍ୱ.ପ୍ର.)**

ସମ୍ବଲପୁର ଜିଲା କୁଚିଣ୍ଡା ଓ ମହୁଲପାଲି ଥାନା ପୋଲିସ ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି। ଜଣେ ହେଲେ ମହୁଲପାଲି ଥନା ଜଣ୍ଡା ଗ୍ରାମର ରାଜକିଶୋର ଶବର। ଅନ୍ୟ ଜଣେ ସିରିଡ ଗ୍ରାମରେ ଉପେନ୍ଦ୍ର ନାୟକ। କୁଚିଣ୍ଡା ଉପଖଣ୍ଡ ପୋଲିସ ଅଧିକାରୀ ରାଜକିଶୋର ମିଶ୍ର ସୂଚନା ଦେଇଛନ୍ତି ଯେ, ବେଆଇନ ବନ୍ଧୁକ ରଖିଥିବା ଖବର ପାଇ ମହୁଲପାଲି ଥାନା ଆଇଆଇସି ଜ୍ୟୋତ୍ସ୍ନାରାଣୀ ବେହେରା ପୋଲିସ କର୍ମଚାରୀଙ୍କୁ ନେଇ ଜଣ୍ଡା ଗାଁରେ ଚଢ଼ାଉ କରିଥିଲେ। ଅଭିଯୁକ୍ତ ରାଜକିଶୋରଙ୍କୁ ଗିରଫ କରି ତାଙ୍କଠାରୁ ମାଉଜର୍ ଲୋଡର୍ ବନ୍ଧୁକ, ଗନ ପାଉଡର ଓ ଗୁଳି ଜବତ କରିଥିଲେ । ସେହିପରି କୁଚିଣ୍ଡା ଥାନା ଅଧିକାରୀ ପି.କେ. କର୍ଣ୍ଣ ସିରିଡ ଗ୍ରାମରେ ଉପେନ୍ଦ୍ର ନାୟକଙ୍କ ଘରେ ଚଢ଼ାଉ କରି ଏକ ବନ୍ଧୁକ ଜବତ କରିଥିଲେ । ଉଭୟ ଜଙ୍ଗଲରେ ଶିକାର କରିବା ଉଦ୍ଦେଶ୍ୟରେ ଏହି ବନ୍ଧୁକ ରଖିଥିଲେ ବୋଲି ପୋଲିସ ଆଗରେ ମାନିଛନ୍ତି।



For a test drive, SMS 'KWID' to 53030 or call on 1800 300 44444 (Open from Monday to Sunday 7:00 am -11:00 pm). Also available in CSD. Special offers for Defence Personnel, Government, PSU and Corporate employees.
*Terms and conditions apply. #Price mentioned is for the base variant for ex-showroom Bhubaneswar and is exclusive of local taxes. Offers may vary across variants and cities. Benefits are applicable only on select variants of 2019 manufacturing. Additional offers available on select stocks only. The abovementioned offers are valid till 31st March, 2019. *** 0% Rate of Interest is calculated on a loan amount of ₹2,05,312 for a tenure of 18 months. Rate of interest may vary based on loan amount and tenure. Finance at the sole discretion of Renault Finance. **Warranty of 4 years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India, and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in
SHOWROOMS: ODISHA: SAMBALPUR: RENAULT Sambalpur Mob: +91 8860048351. BHUBANESWAR: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. BALANGIR: RENAULT Balangir Mob: +91 9643800378. JHARSUGUDA: RENAULT Jharsuguda Mob: +917290055349. ROURKELA: RENAULT Rourkela Mob: + 91 8860875802, + 91 9778845542.
L&K | SAATCHI & SAATCHI




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।

- ଆର.ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ୬୦ ଲିଟର ମଦ ଜବତ, ଜଣେ ଗିରଫ

**ପଦ୍ମପୁର, ୨୩।୩ (ଡି.ଏନ.ଏ)-** ପଦ୍ମପୁର ଥାନା ଅନ୍ତର୍ଗତ ସଁପିଆ ଗ୍ରାମରେ ପଦ୍ମପୁର ପୋଲିସ ଶୁକ୍ରବାର ରାତିରେ ଚଢ଼ାଉ କରି ମଦରନ୍ଧା ସାମଗ୍ରୀ ସହ ୬୦ ଲିଟର ମଦ ଜବତ କରିଥିଲା । ଏହାସହ ଅଭିଯୁକ୍ତ ବୁଲୁ ବେହେରାଙ୍କୁ ଗିରଫ କରିଛି । ବୁଲୁଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି ।

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ପଦ୍ମପୁର, ୨୩।୩ (ଡି.ଏନ.ଏ)-** ଗତ ୨୦ ତାରିଖରେ ପାଇକମାଳ ରାସ୍ତାରେ ସଂଘଟିତ ଏକ ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ଯୁବକଙ୍କ ଗତ ୨୨ ତାରିଖରେ ମୃତ୍ୟୁ ଘଟିଛି । ମୃତକ ହେଲେ ମହୁଲପାଲି ଗ୍ରାମର ବାସୁଦେବ ସୁନା(୨୫) । ଏକ ବୋଲେରୋ ବାଇକ ଆରୋହୀ ବାସୁଦେବଙ୍କୁ ଧକ୍କା ହେବାରୁ ସେ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ବୁର୍ଲାରୁ କଟକ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା । ପଦ୍ମପୁରରେ ତାଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିଲା । ପୋଲିସ ଡ୍ରାଇଭର ବିରେନ୍ଦ୍ର ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

### ଚକୁଳି ଫାର୍ମରେ ହତ୍ୟାକାଣ୍ଡ

**ସରଣ୍ଡା, ୨୩।୩ (ଡି.ଏନ.ଏ.)-** ବରଗଡ ଜିଲା ଅତାବିରା ଥାନା ଅନ୍ତର୍ଗତ ଚକୁଳି ଫାର୍ମ ସତୀଯୋର ନିକଟରେ ଜଣେ ବ୍ୟକ୍ତିଙ୍କୁ ଗୁରୁବାର ରାତିରେ ହତ୍ୟା କରାଯାଇଛି । ମୃତକ ହେଲେ ଚକୁଳି ଫାର୍ମ ନୂଆ ଖଇରପାଲି ନିବାସୀ ପି. ସତ୍ୟପ୍ରସାଦ ଚୌଧୁରୀ (୫୫) । ହତ୍ୟାକାଣ୍ଡର କାରଣ ଜଣାପଡି ନ ଥିବାବେଳେ ହତ୍ୟାକାରୀ ଫେରାର ଅଛନ୍ତି । ଘଟଣାସ୍ଥଳରେ ଅତାବିରା ଥାନା ଓ ଗୋଡଭଙ୍ଗା ଫାଣ୍ଡି ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି । ଏ ନେଇ ଅତାବିରା ଥାନାରେ ଏକ ମାମଲା ( ନଂ. ୭୬/୧୯) ରୁଜୁ କରାଯାଇଥିବା ଆଇଆଇସି ପୁରୁଷୋତ୍ତମ ଭୋଇ ପ୍ରକାଶ କରିଛନ୍ତି । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି ।

### ବିଜେଡିର କର୍ମୀ ସମ୍ମିଳନୀ

**ବରପାଲି, ୨୩।୩ (ଡି.ଏନ.ଏ)-** ବରପାଲି ରାଜବାଟି ସ୍ଥିତ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ସନ୍ଧ୍ୟାରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଧାୟିକା ରୀତା ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସମାବେଶରେ ବିଜେପୁର ନିର୍ବାଚନରେ ପ୍ରସ୍ତାବିତ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ସହ ନିଃସ୍ୱାର୍ଥପର ଭାବେ କାମ କରିବାକୁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ । ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମାବେଶରେ ବହୁ ସଂଖ୍ୟକ କର୍ମୀ ଯୋଗ ଦେବାକୁ କହିଥିଲେ । ଏଥିରେ ବିଜେଡି ସଦସ୍ୟ ଲାଲବିକ୍ରମ ସିଂଙ୍କ ସମେତ ଦଳର କର୍ମୀ ଉପସ୍ଥିତ ଥିଲେ ।

# ତିନି ପୁରୁଣା ମୁହଁ ମଧ୍ୟରେ ପୁଣି ଲଢ଼େଇ

**ଭେଡ଼େନ, ୨୩।୩ (ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଏନଏସି, ଭେଡ଼େନ ଏବଂ ଅତାବିରା ବ୍ଲକକୁ ନେଇ ଗଠିତ ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ (ଏସ୍‌ସି) ପାଇଁ ଆସନ୍ତା ୧୮ ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବ । ୨୦୦୯ ଏବଂ ୨୦୧୪ ନିର୍ବାଚନ ପରି ଏଥର ମଧ୍ୟ ତିନି ପୁରୁଖାଙ୍କ ମଧ୍ୟରେ ଲଢ଼େଇ ହେବା ସ୍ପଷ୍ଟ ହୋଇଯାଇଛି । ଏହି ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡ଼ି ପକ୍ଷରୁ ବର୍ତ୍ତମାନର ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥିନୀ ଭାବେ ପ୍ରଥମେ ଘୋଷଣା କରାଯିବା ପରେ କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏବଂ ଭାଜପା ମିଳନ ସେଠଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଛି । ବିଗତ ଦୁଇଟି ନିର୍ବାଚନରେ ଅତାବିରାବାସୀ ଏହି ତିନି ଜଣଙ୍କ ମଧ୍ୟରେ ଲଢ଼େଇ ଦେଖି ଆସିଛନ୍ତି । ୨୦୦୯ ନିର୍ବାଚନରେ କଂଗ୍ରେସର ନିହାର ମହାନନ୍ଦ ୧୩, ୩୨୯ ଭୋଟରେ ବିଜୟୀ ହୋଇଥିଲେ । ଏହି ନିର୍ବାଚନରେ ମୋଟ ଭୋଟର ସଂଖ୍ୟା ୧୮୯୧୪୪ ମଧ୍ୟରୁ ୧୨୪୬୨୦ଜଣ ଭୋଟ ଦେଇଥିଲେ । ସେଥିମଧ୍ୟରୁ କଂଗ୍ରେସ

**ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ**



ମିଳନ ସେଠ



ନିହାର ମହାନନ୍ଦ



ସ୍ନେହାଙ୍ଗିନୀ ଛୁରିଆ

ଦଳର ନିହାର ମହାନନ୍ଦ ୪୯,୩୯୬ ଭୋଟ(୩୯.୬୫%) ପାଇଥିବା ବେଳେ ବିଜେଡ଼ିର ସ୍ନେହାଙ୍ଗିନୀ ଛୁରିଆ ୩୬,୦୬୯(୨୮.୯୫%) ଭୋଟ ପାଇଥିଲେ । ତେବେ ଭାଜପା ପକ୍ଷରୁ ଟିକେଟ ନ ପାଇ ସ୍ୱାଧୀନ ଭାବେ ଲଢ଼ିଥିବା ମିଳନ ସେଠ ୧୬,୩୦୮ (୧୩.୦୯%) ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ । ଭାଜପାର ଦଳୀୟ ପ୍ରାର୍ଥୀ ବିପିନ ଭୋସାଗର ୧୧,୦୬୬ (୮.୮୮%) ଭୋଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ । କିନ୍ତୁ ୨୦୧୪ରେ ଏଥିରେ ପରିବର୍ତ୍ତନ ହୋଇଥିଲା । ସେତେବେଳେ ବିଜେଡ଼ି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ୨୫,୪୭୪ ଭୋଟ ବ୍ୟବଧାନରେ ତତ୍‌କାଳୀନ ବିଧାୟକ ଥିବା ନିହାର ରଞ୍ଜନ ମହାନନ୍ଦଙ୍କୁ ପରାସ୍ତ କରି ପ୍ରଥମ ଥର ପାଇଁ ବିଧାୟିକା ନିର୍ବାଚିତ ହୋଇଥିଲେ । ଏହି ନିର୍ବାଚନରେ ମୋଟ ୨,୦୨,୫୦୬ରୁ ୧,୫୪, ୯୭୪ ଜଣ ମତଦାନ କରିଥିଲେ। ସେଥି ମଧ୍ୟରୁ ବିଜେଡ଼ି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ୬୯, ୬୦୨ ( ୪୪.୯୨%) ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ନିହାର ରଞ୍ଜନ ମହାନନ୍ଦ ୪୪,୧୨୮(୨୮.୯୮%) ଭୋଟ ପାଇଥିଲେ। ଏହି ନିର୍ବାଚନରେ ଭାଜପା ପକ୍ଷରୁ ମିଳନ ସେଠ ପ୍ରାର୍ଥୀ ହୋଇ ୩୩,୭୩୫(୨୧.୭୭%) ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ । ଚଳିତ ନିର୍ବାଚନରେ ୨୫୬ଟି ପୋଲିଙ୍ଗ ବୁଥରେ ମୋଟ ୨,୧୨,୦୧୪ଜଣ ଭୋଟ ଦେବେ। କିଏ ବିଜୟୀ ହେବେ ତାହା ଆଗାମୀ ଦିନରେ ଜଣାପଡ଼ିବ।

୧୯୬୧ ମସିହାରେ ପ୍ରଥମ ଥର ପାଇଁ ଅତାବିରା ନିର୍ବାଚନ ମଣ୍ଡଳୀ ଗଠିତ ହୋଇ ଅନୁସୂଚିତ ଜାତିର ବର୍ଗଙ୍କ ପାଇଁ ସଂରକ୍ଷିତ ରହିଥିଲା । ସେହି ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଦଳଗଞ୍ଜନ ଛୁରିଆ (ଯେ କି ବର୍ତ୍ତମାନର ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ଅଜା ଶ୍ୱଶୁର) ୨୫୮ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସେ ମୋଟ ୫୫୦୮ ଖଣ୍ଡ (୪୫.୦୨%) ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଗଣତନ୍ତ୍ର ପରିଷଦ ପ୍ରାର୍ଥୀ ଘାସି ଭିଖାରୀଙ୍କୁ ୫୨୫୦ ଖଣ୍ଡ ଭୋଟ ମିଳିଥିଲା। ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଦ୍ୱିତୀ ଗଣ୍ଡଙ୍କୁ ୧୪୭୬ ଭୋଟ ମିଳିଥିଲା । ପରେ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ହୋଇ ଅତାବିରା ନିର୍ବାଚନ ମଣ୍ଡଳୀର ଭେଡ଼େନ ଓ ଅତାବିରା ବ୍ଲକର କିଛି ପଞ୍ଚାୟତ ବରଗଡ଼ ବିଧାନସଭାରେ ମିଶିଥିଲା । ସେହିପରି ଅତାବିରା ବ୍ଲକର ଅନ୍ୟ କେତେକ ପଞ୍ଚାୟତ ସମ୍ବଲପୁର ନିର୍ବାଚନ ମଣ୍ଡଳୀରେ ମିଶିଥିଲା। ଗତ ୨୦୦୯ରେ ଅତାବିରା ନିର୍ବାଚନ ମଣ୍ଡଳୀ ପୁଣିଥରେ ଗଠିତ ହୋଇଥିଲା ।



କଂସ ମହାରାଜା ।

## ଜଗଲପାଟରେ ଫଗୁଣ ଉତ୍ସବ ଉଦ୍‌ଯାପିତ

**ଗାଇସିଲେଟ, ୨୩।୩ (ଡି.ଏନ.ଏ)**

ଗାଇସିଲେଟ ବ୍ଲକ ଜଗଲପାଟ ଗ୍ରାମରେ ଫଗୁଣ ଉତ୍ସବ ଉଦ୍‌ଯାପିତ ହୋଇ ଯାଇଛି। ଏହି ଉପଲକ୍ଷେ ତୁଳସୀ ଦାସ ରାମାୟଣ ପାରାୟଣ, ଗୋଟିଏ ଦିନରେ ଖୋଲା ରଙ୍ଗମଞ୍ଚରେ କଂସବଧ ଦୃଶ୍ୟ ଅଭିନିତ ହୋଇଥିଲା। କଂସ ଭୂମିକାରେ ନବୀନ ଚନ୍ଦ୍ର ଷାଣ୍ଢ ଅଭିନୟ କରିଥିଲେ । ରାମାୟଣ ପାରାୟଣରେ ବଲାଙ୍ଗୀର ରାମଜୀ ପଡାର ପିତାମ୍ବର ମିଶ୍ର ବ୍ୟାସ କାର୍ଯ୍ୟ ସମ୍ପାଦନ କରିଥିଲେ । ଚିନ୍ତାମଣି ଷାଣ୍ଢ ଓ ତାଙ୍କ ସ୍ତ୍ରୀ ଯାଜ୍ଞସେନୀ କର୍ତ୍ତା ଏବଂ ପଣ୍ଡିତ ଚତୁର୍ଭୁଜ ପଣ୍ଡା ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ପୂର୍ବତନ ସରପଞ୍ଚ ସଞ୍ଜୀବ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବରଗଡ଼ ଅଫିସ୍, ୨୩।୩**

ବରଗଡ଼ ସହରରେ ହୋଲିପର୍ବରେ ଲୋକେ ଉତ୍ସାହ, ଉଦ୍ଦୀପନାରେ ମସଗୁଲ୍ ଥିବାବେଳେ ସ୍ଥାନୀୟ ଏକ ଘରୋଇ ଶିକ୍ଷାନୁଷ୍ଠାନ ଛାତ୍ରାବାସରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତ ଛାତ୍ର ଜଣକ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଗାନ୍ଧୀନଗର ନିବାସୀ ରିକି ଭୂମିକ । ଶନିବାର ଇଂଲିଶ ପରୀକ୍ଷା ଥିଲା । ମାତ୍ର ଇଂଲିଶ ପରୀକ୍ଷା ପୂର୍ବଦିନ ଅର୍ଥାତ୍ ଶୁକ୍ରବାର ଛାତ୍ରାବାସରେ ରହୁଥିବା କୋଠରୀରୁ ତାଙ୍କ ମୃତଦେହ ଉଦ୍ଧାର ହେବା ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବରଗଡ଼ ଟାଉନ ଥାନା ଆଇଆଇସି ମାନସ ରଞ୍ଜନ ପ୍ରଧାନ କହିଛନ୍ତି ।

## ବିଜେଡିରେ ମିଶ୍ରଣ ପର୍ବ



ବିଜେଡ଼ିରେ ଅନ୍ୟଦଳର କାର୍ଯ୍ୟକର୍ତ୍ତା ଯୋଗ ଦେଉଛନ୍ତି ।

**ବରଗଡ଼ ଅଫିସ୍, ୨୩।୩**

ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଶନିବାର ବିଜେଡ଼ିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ଏହି ମିଶ୍ରଣ ପର୍ବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମେତ ଦଳର ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ । ଅନ୍ୟ ଦଳର କର୍ମୀମାନେ ବିଜେଡ଼ିରେ ସାମିଲ ହୋଇଥିଲେ । ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ହର୍ଷ ସାହୁ, ଟାଇଗୁନ ବିଶ୍ୱାଳ, ପଣ୍ଡିତ ପଠାନ, ବିମ୍ବାଧର ଷାଣ୍ଢଙ୍କ ସମେତ ବହୁ ପୂର୍ବତନ ସରପଞ୍ଚ, ସମିତିସଭ୍ୟ ବିଜେଡ଼ିରେ ସାମିଲ ହୋଇଥିଲେ । ଦଳର ଜିଲା ଉପସଭାପତି ବିମଳ ଦେବତା, କାର୍ଯ୍ୟକାରିଣୀ ସଭ୍ୟ ଅଚ୍ୟୁତାନନ୍ଦ ମହାପାତ୍ର, ସମ୍ପାଦକ ଶ୍ୟାମସୁନ୍ଦର ଅଦାବର, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ସମୀର ସିଂ, ଉମେଶ ପଣ୍ଡା, ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଜୁନିୟର ରେଡ଼କ୍ରସ ଶିବିର ଉଦ୍‌ଯାପିତ

**ବରଗଡ଼ ଅଫିସ୍, ୨୩।୩**

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ନବଜ୍ୟୋତି ହାଇସ୍କୁଲରେ ଚାଲିଥିବା ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିବିର ଉଦ୍‌ଯାପିତ ହୋଇଛି । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଶିକ୍ଷାବିତ୍ ସରୋଜ କୁମାର ଭୋଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜିଲା ବିଜ୍ଞାନ ନିରୀକ୍ଷକ ତ୍ରୈଲୋକ୍ୟ ନାଏକ, ଚିରଞ୍ଜି ପ୍ରଧାନ, ରକ୍ଷାକାରୀ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଜିଲା ଶିକ୍ଷା ଅଧିକାରୀ ଉଦଘାଟନ କରିଥିଲେ । ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ୨୦ଜଣ ରକ୍ତଦାନ କରିଥିଲେ। ଗାଁରେ ସ୍ୱଚ୍ଛ ଭାରତ, ପରିବେଶ ସୁରକ୍ଷା, ନିଶା ନିବାରଣ, ସଡ଼କ ସୁରକ୍ଷା ସକାଶେ ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ଏକ ଜେଆରସି ରାଲି ହୋଇଥିଲା । ଆଇ.ପି ପ୍ରଶାନ୍ତ କୁମାର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସେହିପରି ଜୁନିୟର ଛାତ୍ରୀଛାତ୍ରମାନେ ପ୍ରବନ୍ଧ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ବକ୍ତୃତା, ଦଳଗତ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇଥିଲେ ଏବଂ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରମୋଦ କୁମାର ବେହେରା, ଶୁଭଶ୍ରୀ ଭୋଇ, ଚୂଳସୁନ୍ଦର ମେହେର, ମନୋଜ ସାହୁ, ମୁନସୀ ପାତ୍ର, ଆଦିକନ୍ଦ ସ୍ୱାଇଁ, ଡଃ ଡୋଲାମଣି ଶତପଥୀ, ଜ୍ୟୋତ୍ସ୍ନା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ଆନନ୍ଦ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।




ଜୁନିୟର ରେଡ଼କ୍ରସ ଶିବିରରେ ସଚେତନତା ସୃଷ୍ଟି କରାଯାଉଛି ।

## କାଳିଆ ଯୋଜନାରେ ମିଳିନି ସହାୟତା

**ଜାମଟିକ୍ରା, ୨୩।୩ (ଡି.ଏନ.ଏ)**

ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ବହୁ ହିତାଧିକାରୀ କୌଣସି ସହାୟତା ରାଶି ନ ପାଇବାରୁ ଏହାକୁ ନେଇ ଏବେ ଚାଷୀ ଏବଂ ଭୂମିହୀନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏଥିରେ ଦିଆଯାଉଥିବା ଅର୍ଥକୁ ସଠିକ ବିନିଯୋଗ କରାଯାଉ ନ ଥିବା ବିରୋଧୀ ଭାଜପା ଏବଂ କଂଗ୍ରେସ ଅଭିଯୋଗ କରିଛନ୍ତି। ଅନେକଙ୍କ ମୋବାଇଲକୁ ମେସେଜ୍ ଆସୁଛି କିନ୍ତୁ ଆକାଉଣ୍ଟରେ ଟଙ୍କା ଜମା ହୋଇନାହିଁ। ଫଳରେ ସେମାନେ ବ୍ୟାଙ୍କକୁ ଯାଇ ନିରାଶରେ ଫେରୁଛନ୍ତି । ଏବେବି ବହୁ ଲୋକ ଏହି ଅର୍ଥରାଶି ପାଇବାରୁ ବଞ୍ଚିତ ହୋଇଥିବାରୁ ତାହା ଚଳିତ ନିର୍ବାଚନ ଉପରେ ପ୍ରଭାବ ପକାଇବ ବୋଲି ମତପ୍ରକାଶ ପାଇଛି । ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତରୁ ଏହି ଯୋଜନାରେ କମ୍ ସଂଖ୍ୟକ ହିତାଧିକାରୀ ସହାୟତା ରାଶି ପାଇଥିବା ବେଳେ ବହୁ ଲୋକ ବାଦ୍ ପଡିଛନ୍ତି । ଫଳରେ ବାଦ୍ ପଡିଥିବା ଚାଷୀ ଏବଂ ଭୂମିହୀନ ଲୋକମାନେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ବୁଗବୁଗା ଗ୍ରାମ୍ୟ କୃଷି କର୍ମଚାରୀ କିଶୋର ଦାସ କୁହନ୍ତି, କେବେ ପଇସା ଆସିବ ନ ଆସିବ ଆମେ କହିପାରିବୁ ନାହିଁ। ଆମେ କେବଳ ଫର୍ମ ଡିପୋଜିଟ କରୁଛୁ ।

# ପୌରାଣିକ ମହୋତ୍ସବ ହରିହର ଭେଟ ସମ୍ପନ୍ନ

**ଅମ୍ବାଭୋନା, ୨୩।୩ (ଡି.ଏନ.ଏ.)**

ଅମ୍ବାଭୋନା ବ୍ଲକ ସୀମାନ୍ତ ବଡଧରା ଗ୍ରାମରେ ଦୁଇ ପଡୋଶୀ ରାଜ୍ୟ ମଧ୍ୟରେ କେଉଁ ଆବହମାନ କାଳରୁ ଅନୁଷ୍ଠିତ ହୋଇଆସୁଥିବା ମହାନ୍ ପୌରାଣିକ ମହୋତ୍ସବ ହରିହର ଭେଟ ଗୁରୁବାର ସମ୍ପନ୍ନ ହୋଇଛି । ଭାଇଚାରାର ଅନନ୍ୟ ନିଦର୍ଶନ ଏହି ଫଗୁ ଓ ଫଗୁଣର ପର୍ବ ଦୋଳପୂର୍ଣ୍ଣିମା । ଏହି ଅବସରରେ ଆନ୍ତଃରାଜ୍ୟ ସମ୍ପର୍କରେ ସେତୁ ସୃଷ୍ଟି କରିଥିବା ଏହି ଫଗୁ ଯାତରାକୁ ଦେଖିବାକୁ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ସମାଗମ ହୋଇଥିଲା । ପଡୋଶୀ ଛତିଶଗଡ ରାଜ୍ୟର ବଡନୁଆଁପରା ଗ୍ରାମରୁ ହର ମହାଦେବ ବୃଷଭ ପିଠିରେ ବିଦ୍ୟମାନ ହୋଇ ବଡଧରା ଗୌନ୍ତିଆ ସୁବାଷ ଚନ୍ଦ୍ର ପଧାନଙ୍କ ଗାଆଁ ଦେଉଳଟିକ୍ରାକୁ ପହଞ୍ଚିଥିଲେ । ହର ମହାଦେବଙ୍କୁ ବରଣ କରିବା ପାଇଁ ହିରଣ୍ୟକଶ୍ୟପ ମଧ୍ୟ ସୁସଜ୍ଜିତ ବିମାନରେ ପାତ୍ର ମନ୍ତ୍ରୀଙ୍କ ସହ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ । ଅନ୍ୟପଟେ ଛତିଶଗଡ, ନୂଆପଡା ଗୌନ୍ତିଆ ଚିନ୍ତାମଣି ସାହାଙ୍କ ଗୁଆ ନିମନ୍ତ୍ରଣ ପାଇ ଭଗବାନ ବିଷ୍ଣୁ ଗରୁଡ ପୃଷ୍ଠରେ ବସି ଯାତ୍ରା ପଡିଆକୁ ପହଞ୍ଚିଥିଲେ। ବିଷ୍ଣୁ ଭକ୍ତ ପ୍ରହଲ୍ଲାଦ ଦେବତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ପୂଜାର୍ଚ୍ଚନା କରି ହରିହରଙ୍କୁ ଭେଟ କରାଇ ଫଗୁ ଅବିର ଖେଳିଥିଲେ। ଯାତ୍ରା ପଡିଆରେ ଛତିଶଗଡ ରାଜ୍ୟର ସାରଙ୍ଗଗଡ ବିଧାୟିକା ଉତ୍ତରା ଜାଙ୍ଗଡେ, ଯୁବ କଂଗ୍ରେସ ନେତା ବାବୁଲୁ ଦେବତା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ସଞ୍ଚାର ଦଳ ଏବଂ ନାଟ୍ୟାଭିନୟରେ ହିରଣାକ୍ଷ୍ୟ ବଧ, ହିରଣ୍ୟକଶିପୁ ବଧ ଏବଂ ହୋଲିକା ଦହନ ଆଦି ଖୋଲାମଞ୍ଚ ଅନୁଷ୍ଠିତ ହୋଇଥିଲା । ହିରଣ୍ୟକଶ୍ୟପଙ୍କ ରାଜଦରବାରରେ ରାଜ ଅତିଥି ଭାବେ ବିଜେଡି ଯୁବନେତା ସୁବ୍ରତ ସିଂ, ଗୋବିନ୍ଦ ପ୍ରଧାନ, କଂସ ଅଭିନେତା ହୃଷିକେଶ ଭୋଇ, ଗୌନ୍ତିଆ ସୁବାଷ ଚନ୍ଦ୍ର ପଧାନ, ପୂର୍ବତନ ସରପଞ୍ଚ ଅନନ୍ତରାମ ସାହୁ, ବିଷ୍ଣୁ ପୂଜକ ଗୌରହରି ପଣ୍ଡା, ଉପଦେଷ୍ଟା ଶ୍ୟାମସୁନ୍ଦର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଭାଜପା ଯୁବ ସମ୍ପାଦକ ଇରାଶିଷ ଆଚାର୍ଯ୍ୟ, ସୁଶାନ୍ତ ମିଶ୍ର, ଭୁକ୍ତା ଜୋନ ସଭାପତି ସତ୍ରାଜିତ ସାହୁ, ଅମ୍ବାଭୋନା ଭାଜପା ମଣ୍ଡଳ ସଭାପତି ପୁରୁଷୋତ୍ତମ ପାତିକାର ପ୍ରମୁଖ ହିରଣ୍ୟକଶ୍ୟପଙ୍କ ରାଜଦରବାରରେ ମଞ୍ଚାସୀନ ଥିଲେ । ହିରଣାକ୍ଷ୍ୟ ବଧ, ହିରଣ୍ୟକଶ୍ୟପ ବଧ ଓ ହୋଲିକା ଦହନ ପରେ ତିନିଦିନ ଧରି ଚାଲିଥିବା ହୋଲି ମହୋତ୍ସବ ଉଦଯାପିତ ହୋଇଥିଲା । ଶୁକ୍ରବାର ସନ୍ଧ୍ୟାରେ ମହିମାଧର୍ମୀ ସାଧୁସନ୍ଥ ବଡଧରା ଗ୍ରାମରେ ମହିମାଯଜ୍ଞ ଅବସରରେ ଘୃତ ଆହୂତି ଦେଇ ଜଗତର କଲ୍ୟାଣ ମନାସୀ ଥିଲେ। ବ୍ରହ୍ମ ଅବଧୂତ ଉଦ୍ଧବ ବାବା, ସନ୍ଥ ଦାରୁକ ଦାସ, ସ୍ୱରୂପା ଦାସ, କାହ୍ନା ଦାସ ପ୍ରମୁଖ ସାମିଲ ହୋଇଥିଲେ । ରାଧାକୃଷ୍ଣ ଗ୍ରାମ୍ୟ କମିଟି ସମ୍ପାଦକ ଅଭିମନ୍ୟୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ହରିହର ଭେଟ କାର୍ଯ୍ୟକ୍ରମ ଚାଲିଛି ।

## ଥାନା ଛକରେ ଟ୍ରାଫିକ୍ ସମସ୍ୟା

**ସୋହେଲା, ୨୩।୩ (ଡି.ଏନ.ଏ)**

ସୋହେଲା ଥାନା ଛକରେ ଟ୍ରାଫିକ ସମସ୍ୟା ଲାଗି ରହୁଛି । ପ୍ରତି ସପ୍ତାହର ଶନିବାର ଡାକ୍ତରଖାନା ନିକଟରେ ବଜାର ବସିଥାଏ । ସକାଳୁ ସଞ୍ଜ ଯାଏଁ ବସୁଥିବା ଏହି ବଜାର ଅଞ୍ଚଳର ମୁଖ୍ୟ ବଜାର ଅଟେ । ଆଖପାଖ ଅଞ୍ଚଳ ତଥା ଛତିଶଗଡ ରାଜ୍ୟର ବେପାରୀ ତଥା ଗ୍ରାହକମାନେ ଏହି ବଜାର ଉପରେ ନିର୍ଭର କରିଥାନ୍ତି। ବେପାରୀମାନେ ଥାନା ଛକରୁ ବଜାର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ନିଜ ନିଜର ପସରା ମେଲାଇ ବେପାର କରୁଛନ୍ତି । ଫଳରେ ରାସ୍ତା ଜାମ୍ ହୋଇ ଯାନବାହନ ଯିବା ଆସିବାରେ ସମସ୍ୟା ସୃଷ୍ଟି ହେଉଛି । ବରପାଲିକୁ ଯାଇଥିବା ଏହି ରାସ୍ତାରେ ଡାକ୍ତରଖାନା, ଶିଶୁ ବିଦ୍ୟାମନ୍ଦିର ଏବଂ ପବ୍ଲିକ ସ୍କୁଲ ରହିଛି। ବଜାର ଯୋଗୁ ଯାନବାହନ ଚଳାଚଳ ବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ପହଣ୍ଡିରେ ଷୋହଳ ପ୍ରହର ନାମଯଜ୍ଞ

**ବିଜେପୁର, ୨୩।୩ (ଡି.ଏନ.ଏ)**

ବିଜେପୁର ବ୍ଲକ ପହଣ୍ଡିରେ ତିନିଦିନ ବ୍ୟାପୀ ଚାଲିଥିବା ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଫଗୁଣ ପୂର୍ଣ୍ଣିମାରେ ସମ୍ପନ୍ନ ହୋଇଛି । ସ୍ଥାନୀୟ କଟାରୁ ଭବ୍ୟ ମାନସିକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା । ଅଧିବାସ ସହ ପାରମ୍ପରିକ ରୀତିରେ ଯଜ୍ଞାନୁଷ୍ଠାନ ହୋଇ ଗୁରୁବାର ପୂର୍ଣ୍ଣାହୂତି ହୋଇଥିଲା । ନୂଆପଡା, କୁଲୁଣ୍ଡା, ଅର୍ଡା, ପ୍ରଧାନମାଳ, ଝିଲ୍ଲି ଆଦି ଗ୍ରାମର ସଂକୀର୍ତ୍ତନ ଦଳ ଯୋଗଦେଇ ବିଷ୍ଣୁନାମ ଜପ କରିଥିଲେ । ସୁଶୀଲ କୁମାର ସାହୁ ଦମ୍ପତ୍ତି କର୍ତ୍ତା ଓ ନରେନ୍ଦ୍ର ଦାଶ ପୁରୋହିତ କର୍ମ ସମ୍ପାଦନ କରିଥିଲେ। ସେହିପରି ସ୍ଥାନୀୟ ସହରର ଭୋଇପଡାରେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାନନ ସେଠ ଦମ୍ପତ୍ତି କର୍ତ୍ତା, ସୁରେନ୍ଦ୍ର ମହାପାତ୍ର ପୁରୋହିତ ଦାୟିତ୍ୱ ତୁଲାଇଥିଲେ ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

**ଘଣ୍ଟାପଡା, ୨୩।୩ (ଡି.ଏନ.ଏ.)-** କନ୍ଧମାଳ ବ୍ଲକ ଘଣ୍ଟାପଡା ଫାଣ୍ଡି ଅନ୍ତର୍ଗତ ନାରାୟଣପ୍ରସାଦ ଗ୍ରାମପଞ୍ଚାୟତର ଲୁଣ୍ଡୁରୁବାହାଲ ଗ୍ରାମର ନିତ୍ୟା ମହାନନ୍ଦଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି । ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ସେ ଫେରାର ଥିଲେ। ସୂଚନାଯୋଗ୍ୟ, ଗତ ଫେବୃୟାରୀ ୨୦ ତାରିଖରେ ଘଣ୍ଟାପଡା ପୋଲିସ ତେଲ ନଦୀ ଘାଟରେ ଚଢାଉ କରି ଡଙ୍ଗାରୁ ୩୦ କେଜି ଗଞ୍ଜେଇ ସହିତ ୩ ଟି ବାଇକ ଜବତ କରିଥିଲା । ଏହି ସମୟରେ ଅଭିଯୁକ୍ତମାନେ ଖସି ପଳାଇଥିଲେ । ଏହି ଘଟଣାରେ ପୋଲିସ ୬ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା । ଆଉ ୫ ଜଣଙ୍କୁ ଯଥାଶୀଘ୍ର ଧରାଯିବ ବୋଲି ଓଆଇସି ପୂର୍ଣ୍ଣଚନ୍ଦ୍ର କିସାନ କହିଛନ୍ତି ।

### କଂଗ୍ରେସ ପ୍ରାର୍ଥୀଙ୍କ ସମଲେଶ୍ୱରୀ ଦର୍ଶନ

**ବରପାଲି, ୨୩।୩ (ଡି.ଏନ.ଏ.)-** ବିଜେପୁର ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ରିପୁନାଥ ସେଠଙ୍କ ନାମ ଘୋଷିତ ହେବା ପରେ ଏଠାରେ ଖୁସିର ଲହରୀ ଖେଳି ଯାଇଛି। ଏ ନେଇ ଶନିବାର ପ୍ରାର୍ଥୀ ରିପୁନାଥ ସେଠ ନିଜ ଦଳର କର୍ମୀମାନଙ୍କ ସହ ଏକ ଶୋଭାଯାତ୍ରାରେ ଯାଇ ସମଲେଶ୍ୱରୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ । ସେ ଆସନ୍ତା ୨୫ ତାରିଖରେ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଜଣାଯାଇଛି ।



### ସରୋଜ ମିଶ୍ର ପାଇଲେ ଶ୍ରେଷ୍ଠ ରେଞ୍ଜର ପୁରସ୍କାର

**ମନମୁଣ୍ଡା, ୨୩।୩ (ଡି.ଏନ.ଏ.)-** ବୌଦ୍ଧ ବନଖଣ୍ଡ ଅଧୀନ ମନମୁଣ୍ଡା ରେଞ୍ଜ ଅଫିସର ସରୋଜ କୁମାର ମିଶ୍ରଙ୍କୁ ଶ୍ରେଷ୍ଠ ବନାଞ୍ଚଳ ଅଧିକାରୀ ପୁରସ୍କାର ପ୍ରଦାନ କରାଯାଇଛି । ବନ ଦିବସ ଉପଲକ୍ଷେ ଗତ ୨୧ ତାରିଖରେ ଭୁବନେଶ୍ୱର ସୂଚନା ଭବନଠାରେ ଅନୁଷ୍ଠିତ ଉତ୍ସବରେ ତାଙ୍କୁ ବନ ସଚିବ ସୁରେଶ ମହାପାତ୍ର ପ୍ରମାଣପତ୍ର, ମେଡାଲ ସହ ୫ହଜାର ଟଙ୍କାର ଚେକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଅଭୟକାନ୍ତ ପଠାନ ଓ ରେବିକା ନାୟାର, ମୁଖ୍ୟ ବନ ସଂରକ୍ଷକ ଓ.ପି ସିଂହ, ପିସିସିଏଫ ସନ୍ଦୀପ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

### ନାମଯଜ୍ଞ, ପାରାୟଣ ଉଦ୍‌ଯାପିତ

ମନମୁଣ୍ଡା, ୨୩।୩ (ଡି.ଏନ.ଏ) ବୌଦ୍ଧ ଜିଲା ବରଗୋଛାଠାରେ ନିର୍ମିତ ଭବ୍ୟ ନାମମଣ୍ଡପ ପ୍ରତିଷ୍ଠା ସହ ନାମଯଜ୍ଞ, ପାରାୟଣ, ବୈଠକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୧୮ତାରିଖରେ ଅଙ୍କୁରାରୋପଣ, ୧୯ରେ ଗଙ୍ଗାବରଣ ଓ କଳସ ଶୋଭାଯାତ୍ରା, ୨୦ରେ ନାମମଣ୍ଡପ ପ୍ରତିଷ୍ଠା ଓ କଳସ ଧ୍ୱଜ ବନ୍ଧନ, ୨୧ରେ ଅଧିବାସ ଓ ନାମାରମ୍ଭ, ୨୨ରେ ନଗର ପରିକ୍ରମା, ହୋଲି ଉତ୍ସବ, ପୂର୍ଣ୍ଣାହୂତି ହୋଇଥିଲା । ଏହି ଅବସରରେ ପ୍ରିୟମ୍ବଦା ମିଶ୍ରଙ୍କ ଦ୍ୱାରା ତୁଳସୀ ରାମାୟଣ ଓ ସୁନ୍ଦରାକାଣ୍ଡ ପାରାୟଣ ଏବଂ ମହିଳା କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ଦିନ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ଏହି ଉତ୍ସବରେ ଶାନ୍ତନୁ ଥାଟି ଏବଂ ତାଙ୍କ ସ୍ତ୍ରୀ ମମିତା ଥାଟି କର୍ତ୍ତା ହୋଇଥିବା ବେଳେ କ୍ଷମାନିଧି ମିଶ୍ର ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ । ଉତ୍ସବର ସଭାପତି ଟିକେଶ୍ୱର ମଲିକ, ସମ୍ପାଦକ ବନମାଳି ପ୍ରଧାନ, ମୁଖ୍ୟ ପରିଚାଳକ ସସ୍ମିତା ଥାଙ୍ଗିଙ୍କ ନେତୃତ୍ୱରେ ଗ୍ରାମବାସୀ ସହଯୋଗ କରିଥିଲେ ।

## ସୁଭାଷଙ୍କୁ ମିଳିଲାନି ଭାଜପା ଟିକେଟ

# କେନ୍ଦ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ପଦ୍ମପୁର, ୨୩।୩ (ଡି.ଏନ.ଏ)**

ଭାଜପା ପକ୍ଷରୁ ଓଡିଶାର ୫ଟି ଲୋକସଭା ଓ ୨୨ଟି ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି । ଏହି ତାଲିକାରେ ବରଗଡ ଲୋକସଭା ଆସନରେ ସୁରେଶ ପୂଝାରୀଙ୍କୁ ପ୍ରାର୍ଥୀ କରାଯାଇଛି । ଗତ ଥର ବରଗଡ ଲୋକସଭା ଆସନରୁ ଭାଜପା ପ୍ରାର୍ଥୀ ଭାବେ ଲଢ଼ିଥିବା ସୁବାଷ ଚୌହାନ କମ୍ ଭୋଟ୍ ବ୍ୟବଧାନରେ ପରାସ୍ତ ହୋଇଥିଲେ । ଏଣୁ ସେ ପୁଣି ଏଥର ଏହି ଆସନ ପାଇଁ ଆଶାୟୀ ଥିଲେ। କିନ୍ତୁ ତାଙ୍କୁ ଟିକେଟ୍ ମିଳି ନ ଥିବାରୁ ତାଙ୍କ ସମର୍ଥକମାନେ ଶନିବାର ପଦ୍ମପୁର ମୁଖ୍ୟ ଭେଉଁରିଆଛକରେ ବିକ୍ଷୋଭ କରିବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ଏଥିସହ ବିଧାୟକ ପ୍ରଦୀପ ପୁରୋହିତ ଓ ଅନ୍ୟ ପଦାଧିକାରୀଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ । ଏଥିରେ ରାଜୁ ଘିବେଲା, ଚିନ୍ମୟ ପଣ୍ଡା, ପ୍ରଶାନ୍ତ ମାଝୀ, ହରି ସିଂ, ଦୁର୍ବାସା ସାହୁ, ଗୁଣମଣି ପଟେଲ, ସୁନୀଶ ଦୋରା, ରମେଶ ଗର୍ଗଙ୍କ ସମେତ ଅନେକ କର୍ମୀ ସାମିଲ ହୋଇଥିଲେ ।



ସୁଭାଷ ଚୌହାନଙ୍କ ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।





ଆହତ ଦୁଇ ମହିଳା ।

## ଭାଲୁ ଆକ୍ରମଣରେ ୨ ଆହତ

**ମନମୁଣ୍ଡା, ୨୩।୩ (ଡି.ଏନ.ଏ)**

ମନମୁଣ୍ଡା ଥାନା ଶୁଣ୍ଠିପଦର ପଞ୍ଚାୟତ କଳାସୁଲିଆ ଏବଂ ଲକ୍ଷ୍ମୀପ୍ରସାଦ ଗ୍ରାମରେ ଭାଲୁ ଆକ୍ରମଣରେ ୨ଜଣ ମହିଳା ଆହତ ହୋଇଛନ୍ତି । ଶନିବାର ସକାଳ ପ୍ରାୟ ୬ଟା ବେଳେ କଳାସୁଲିଆର ସୀମା ଷାଣ୍ଢ (୪୦) ଶୌଚ ପାଇଁ ନିକଟସ୍ଥ ବିଲକୁ ଯାଇଥିଲେ । ହଠାତ ଏକ ଭାଲୁ ଉକ୍ତ ମହିଳାଙ୍କୁ ଆକ୍ରମଣ କରିଥିଲା । ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳକୁ ଆସୁଥିବା ଦେଖି ଭାଲୁଟି ମହିଳାଙ୍କୁ ଛାଡି ପଳାଇଥିଲା। ପରେ ସେଠାରୁ ୩କିମି ଦୂର ଲକ୍ଷ୍ମୀପ୍ରସାଦ ଗ୍ରାମର ମହିଳା ଫୁଲ ଭୋଇ ମହୁଲ ଗୋଟାଇବାକୁ ଯାଇଥିବା ବେଳେ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ଆହତ ଦୁଇ ମହିଳା ଏ ନେଇ ମନମୁଣ୍ଡା ଥାନା ଓ ରେଞ୍ଜ ଅଫିସରେ ଅଭିଯୋଗ କରିଛନ୍ତି । ରେଞ୍ଜ ଅଫିସର ସରୋଜ ମିଶ୍ର ଘଟଣାସ୍ଥଳକୁ ଷ୍ଟାଫ୍ ପଠାଇ ପରିସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଭାଲୁକୁ ବାଣ ଫୁଟାଇ ଜଙ୍ଗଲ ଆଡକୁ ଘଉଡାଇ ଦେବା ପାଇଁ କହିଛନ୍ତି ।

## ବିଧାୟକଙ୍କୁ ଅଡୁଆ ସ୍ୱାଧୀନ ପ୍ରାର୍ଥୀ

**ବୌଦ୍ଧ,୨୩।୩ (ସ୍ୱ.ପ୍ର)**

ବୌଦ୍ଧ ଜିଲାର କନ୍ଧମାଳ ବିଧାନସଭା କ୍ଷେତ୍ର ପାଇଁ ବିଧାୟକ ମହୀଧର ରଣାଙ୍କୁ ବିଜେଡି ପୁଣିଥରେ ଟିକେଟ ଦେଇଛି । ଦଳର ଅସନ୍ତୁଷ୍ଟ ନେତାମାନେ ମହୀଧରଙ୍କୁ ଟିକେଟ ନ ଦେବା ପାଇଁ ଦାବି କରିଆସୁଥିଲେ । ତେବେ ସେମାନଙ୍କ ଦାବିକୁ ଅଣଦେଖା କରି ପୁଣି ମହୀଧରଙ୍କୁ ଟିକେଟ୍ ଦିଆଯିବାକୁ ନେଇ ବିରୋଧାଭାସ ପ୍ରକାଶ ପାଇଛି । ଏହି କ୍ରମରେ ଅସନ୍ତୁଷ୍ଟ ଗୋଷ୍ଠୀ ପକ୍ଷରୁ ଦଳର ବରିଷ୍ଠ ନେତା ତଥା ରାଜ୍ୟ ବୟନିକା ସଭାପତି ଶେଷ କୁମାର ମେହେରଙ୍କୁ ସ୍ୱାଧୀନ ପ୍ରାର୍ଥୀ କରିବା ପାଇଁ ଏକ ପ୍ରକାର ନିଷ୍ପତ୍ତି ହୋଇଛି ଏବଂ ସେ ଆସନ୍ତା ୨୬ ତାରିଖରେ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡିଛି । ବିଧାୟକ ରଣା ଗତ ଗୁରୁବାର ଟିକେଟ ଧରି ଭୁବନେଶ୍ୱରରୁ ଆସିବା ବେଳେ ଦଳ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରାର

**ଶୋଭାଯାତ୍ରାରେ ବରିଷ୍ଠ ନେତାଙ୍କ ଦେଖାନାହିଁ**

ଆୟୋଜନ କରାଯାଇଥିଲା । କିନ୍ତୁ ଏହି ଶୋଭାଯାତ୍ରାରେ ଦଳର କୌଣସି ବରିଷ୍ଠ ନେତା, ବୌଦ୍ଧ ଓ କନ୍ଧମାଳ ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଭାପତି ଓ ସଭ୍ୟ ମାନଙ୍କ ଦେଖା ନ ଥିଲା । ସେପଟେ କନ୍ଧମାଳ ବିଧାନସଭା ପାଇଁ ଭାଜପା ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ଯୁବ ନେତା ପ୍ରଶାନ୍ତ ସାହୁଙ୍କ ପ୍ରାର୍ଥୀ କରିଛି । ଏଥର କନ୍ଧମାଳ ବିଧାନସଭା ନିର୍ବାଚନ ପାଇଁ ସବୁ ପ୍ରାର୍ଥୀ ଯଦି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୁଅନ୍ତି, ତେବେ କଡା ଟକ୍କର ହେବ ବୋଲି ରାଜନୈତିକ ସମୀକ୍ଷକ ମହଲରେ ଚର୍ଚ୍ଚା ଜୋର୍ ଧରିଛି । ବିଶେଷ କରି ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ହିଁ ମହୀଧରଙ୍କୁ ଅଡୁଆରେ ପକାଇବେ ବୋଲି ଆଲୋଚନା ଚାଲିଛି ।

## ମନମୁଣ୍ଡାରେ ହୋଲି ଉତ୍ସବ ପାଳିତ

**ମନମୁଣ୍ଡା, ୨୩।୩ (ଡି.ଏନ.ଏ)**

ମନମୁଣ୍ଡା କଙ୍କାଳିଘାଟ, ଭୁଲିଆପଡା ଘାଟ ଏବଂ ନରୀପଡା ତେଲନଦୀ ଘାଟରେ ଗତ ୨୦ ତାରିଖରେ ହୋଲି ଉତ୍ସବ ପାଳିତ ହୋଇଯାଇଛି । ଯୁବକମାନେ ଗ୍ରାମରୁ ଭୁଗା, ଚୁପା, ପେଟି, କାଠ ଇତ୍ୟାଦି ସହ ଭୋଗରାଗ ଆଣି ଘାଟରେ ହୋଲି ପୂଜା ସହ ପରମ୍ପରା ଅନୁଯାୟୀ ହୁଲ କରିଥିଲେ। ୨୧ ତାରିଖରେ ସ୍ଥାନୀୟ ଶ୍ରୀ ଦଧିବାମନ ମନ୍ଦିର ଏବଂ ଶ୍ରୀ ସୁବର୍ଣ୍ଣମେରୁ ମନ୍ଦିରରେ ଦୋଳପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଥିଲା। ରାତିରେ ହରିହର ଭେଟ ଦେଖିବାକୁ ଜନସମାଗମ ହୋଇଥିଲା । ଦୋଳ ପୂର୍ଣ୍ଣିମା ଉତ୍ସବରେ ଶ୍ରୀ ଦଧିବାମନ ମନ୍ଦିରରେ ପୂଜକ ଗୋପୀନାଥ ହୋତାଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ପରମ୍ପରା ଅନୁସାରେ ବଂଶାନୁକ୍ରମିକ ଜ୍ୟୋତିଷ ଜ୍ୟୋତିଷି ପାଠ କରି ଭଲମନ୍ଦ ଜଣାଇଥିଲେ । ୨୨ ତାରିଖରେ ହୋଲି ଉତ୍ସବ ହୋଇଥିଲା। ଭେଦଭାବ ଭୁଲି ଏକାକାର ହୋଇ ସମସ୍ତେ ସମସ୍ତଙ୍କୁ ଫଗୁ ବୋଳିଥିଲେ ।

## କହ୍ନେଇ ଡାଙ୍ଗ କନ୍ଧମାଳ ଭାଜପା ପ୍ରାର୍ଥୀ

**ମନମୁଣ୍ଡା, ୨୩।୩ (ଡି.ଏନ.ଏ)**

କନ୍ଧମାଳ ବିଧାନସଭା ଆସନ ପାଇଁ ଭାଜପା ବରିଷ୍ଠ ନେତା ତଥା ଆଇନଜୀବୀ କହ୍ନେଇ ଚରଣ ଡାଙ୍ଗଙ୍କ ନାମ ଘୋଷଣା କରିଛି । ସେହିପରି କଂଗ୍ରେସରୁ ପ୍ରଶାନ୍ତ ସାହୁ, ବିଜେଡିରୁ ବିଧାୟକ ମହୀଧର ରଣାଙ୍କ ନାମ ଘୋଷଣା ହୋଇଥିବା ବେଳେ ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ଭାବେ ବୟନିକା ସଭାପତି ତଥା ଆଇନଜୀବୀ ଶେଷ ମେହେର ପ୍ରାର୍ଥୀ ମନୋନୟନ ପତ୍ର ଆଣିଛନ୍ତି । ୨୫ ତାରିଖରେ ବିଜେଡି ଓ କଂଗ୍ରେସ ମନୋନୟନପତ୍ର ଦାଖଲ କରିବାକୁ ସ୍ଥିର କରିଥିବା ବେଳେ ୨୬ ତାରିଖରେ ଭାଜପା ଏବଂ ସ୍ୱାଧୀନ ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିବେ ବୋଲି ଜଣାଯାଇଛି । ଭାଜପା ପ୍ରାର୍ଥୀ କହ୍ନେଇ ଓ ସ୍ୱାଧୀନ ପ୍ରାର୍ଥୀ ଶେଷ ଉଭୟେ ବନ୍ଧୁ ଓ ଗୋଟିଏ ପଞ୍ଚାୟତର ବାସିନ୍ଦା । ଏଠାରେ ଚତୁର୍ମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆଲୋଚନା ଚାଲିଛି ।

## ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ

**ବରପାଲି, ୨୩।୩ (ଡି.ଏନ.ଏ)**

ବରପାଲି ଫାର୍ମାସୀ କଲେଜର ୩୩ତମ ବାର୍ଷିକୋତ୍ସବ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଟିଙ୍ଗିପାଲି ସ୍ଥିତ ସମଲେଶ୍ୱରୀ ବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି । କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ନରେନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ରାଉରକେଲା ବିପିୟୁଟି ପ୍ରଫେସର ଡ. ଚିତ୍ତରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ବରଗଡ ମୁଖ୍ୟ ଜିଲା ଚିକିତ୍ସାଧିକାରୀ ଡା. ନନ୍ଦ କିଶୋର ପାଢ଼ୀ, ବରପାଲି ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଶିଶୁ ବିଶେଷଜ୍ଞ ନିମାଇଁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରତିଷ୍ଠାତା ଅଧ୍ୟକ୍ଷ ରାଜୀବଲୋଚନ ହୋତା, ନିର୍ଦ୍ଦେଶକ ରଞ୍ଜନ କୁମାର ସାହୁ, ଅଧ୍ୟକ୍ଷ ଅନୁଦାତ୍ୟ ମହାନ୍ତି, ସମ୍ପାଦକ ନରେନ୍ଦ୍ର ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଥିଲେ । ଉତ୍ସବରେ କୃତୀ ଛାତ୍ର ଗଣେଷ ଗୌଡ ଓ ଛାତ୍ରୀ ଜୁହି ତିୱାରୀଙ୍କୁ ଟପ୍ପର ଭାବେ ସ୍ୱର୍ଣ୍ଣପଦକ ପ୍ରଦାନ ସହ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ବିକାଶରେ ବିଦାୟ ସମ୍ବର୍ଦ୍ଧନା ସମାରୋହ

**ବରଗଡ଼ ଅଫିସ୍, ୨୩।୩**

ବରଗଡ଼ବିକାଶଶିକ୍ଷାନୁଷ୍ଠାନପରିସରରେ ରହିଥିବା ଅଡ଼ିଟୋରିୟମରେ ବିକାଶ ଡିଗ୍ରୀ କଲେଜର ଯୁକ୍ତ ତିନି ଶେଷବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ତୃତୀୟବର୍ଷ ଛାତ୍ରୀଛାତ୍ରଙ୍କୁ ବାସ୍ତବ ଜୀବନରେ ନିଜ ଜୀବନ ଶୈଳୀକୁ ସୁଦୃଢ଼ କରିବା ପାଇଁ ଉପଦେଶ ଦେଇଥିଲେ । ଅନୁଷ୍ଠାନର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ଛାତ୍ର ସମାଜ ହିଁ ବିକାଶ କଲେଜର ଦୃଢ଼ ଭିତ୍ତିଭୂମି ବୋଲି ମତପ୍ରକାଶ କରିଥିଲେ । ଏହି ଅବସରରେ ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଏଠାରୁ ଉତ୍ତୀର୍ଣ୍ଣ ହୋଇ ଗଲାପରେ ମଧ୍ୟ ଛାତ୍ର କଲେଜର ଅଭିନ୍ନ ଅଙ୍ଗ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା ଛାତ୍ରୀଛାତ୍ରଙ୍କ ସଫଳତାର ସ୍ମୃତିଚାରଣ କରିଥିଲେ । ଛାତ୍ରୀଛାତ୍ର କଲେଜରେ ନିଜ ନିଆରା ଅନୁଭୂତି ବର୍ଣ୍ଣନା କରିଥିବାବେଳେ ଶେଷବର୍ଷର ଛାତ୍ରୀଛାତ୍ର କଲେଜକୁ ନିଜ ଭଲ ପାଇବା ସ୍ୱରୂପ ଏକ ପ୍ରସ୍ତର ନିର୍ମିତ ବୀଣାପାଣିଙ୍କ ମୂର୍ତ୍ତି ଅନୁଷ୍ଠାନକୁ ପ୍ରଦାନ କରିଥିଲେ। ସେହିପରି ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।




ସମ୍ବର୍ଦ୍ଧନା ସମାରୋହରେ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ଗୁଁଡିଖାଇ ତିହାର ପାଳିତ

**ବିଜେପୁର, ୨୩।୩ (ଡି.ଏନ.ଏ)**

ବିଜେପୁର ବ୍ଲକ ଅଞ୍ଚଳରେ ଗୁଁଡିଖାଇ ତିହାର୍ ଗୁରୁବାର ପାଳିତ ହୋଇଯାଇଛି। ପୂର୍ବଦିନ କୁଳଲଳନାକାନେ ଘରଦ୍ୱାର, ଅଗଣାକୁ ଲିପାପୋଛା କରି ପରିଷ୍କାର କରିଥିଲେ । ଗୁରୁବାର ଭୋରରୁ କୁଳବଧୂମାନେ ସ୍ନାନଶୌଚାଦି ସମାପନ କରିଥିଲେ । ନୂଆଁଖାଇରେ ଠାକୁରଙ୍କ ନିକଟରେ ଅନ୍ନଭୋଗ ଅର୍ପଣ କରାହୁଏ । ସେହିପରି ଏହି ତିହାରରେ ଆମ୍ବ, ଚାର, ମହୁଲ, ପାଁକେଲ, ସାଗରପଟି, ଚନା, ଗୁରକେ ମାହାପୁରୁ ନିକଟରେ ଭୋଗ ଲାଗି ହୋଇଥାଏ । ଦେବୀଦେବଙ୍କୁ ଫଗୁ ଲଗାହୁଏ । ଚଳିତ ବର୍ଷ ଚାର, ମହୁଲ, ଆମ୍ବ ଫଳମୂଳ ଭଲ ହେଉ ବୋଲି ପରିବାର ଲୋକେ ଦେବୀଙ୍କ ନିକଟରେ ନିବେଦନ କରିଥିଲେ । ପରେ ପରିବାର ଲୋକେ ପ୍ରସାଦସେବନ କରି ବର୍ଷଟି ସୁଖରେ କଟୁ ବୋଲି ଗୁହାରି କରିଥିଲେ । ଶୁକ୍ରବାର ରଙ୍ଗର ପର୍ବ ହୋଲିକୁ ଲୋକମାନେ ହର୍ଷଉଲ୍ଲାସରେ ପାଳନ କରିଥିବା ପରିଲକ୍ଷିତ ହୋଇଥିଲା ।

## ବଦଳି ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦାବିରେ ତାଲା

**ତଳଗାଁ, ୨୩।୩ (ଡି.ଏନ.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତଳଗାଁ ପଞ୍ଚାୟତର ଗଣ୍ଡିସର ଏମ୍ଇ ସ୍କୁଲରୁ ବଦଳି ହୋଇଥିବା ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦାବିରେ ଶନିବାର ସକାଳେ ଅଭିଭାବକ ଓ ସ୍କୁଲ କମିଟି କର୍ମକର୍ତ୍ତା ଗେଟରେ ତାଲା ପକାଇ ଧାରଣାରେ ବସିଛନ୍ତି । ଏହି ଧାରଣାରେ କମିଟି ସଭାପତି ସୁଦର୍ଶନ ବେହେରା, ମାମିନା ଭୋକ୍ରା, ପୁଷ୍ପାଞ୍ଜଳି ପ୍ରଧାନ, ରୁକ୍ମଣୀ କହଁର, ପ୍ରଭାତି ମିଶ୍ର, ବସନ୍ତ ନାୟକ, ରବିନାରାୟଣ ନାୟକ, ରାଜ କୁମାର ବେହେରା, ସୁଶାନ୍ତ ନାୟକ, ପ୍ରଶ୍ନ ବେହେରା, ସାରଥି ବେହେରା ଓ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାମିଲ ହୋଇଛନ୍ତି ।

## ବନବାସପାଲିରେ ଧର୍ମସଭା

**ବରଗଡ଼ ଅଫିସ୍, ୨୩।୩**

ଗୁରୁବାର ବରଗଡ଼ ବ୍ଲକ ଅନ୍ତର୍ଗତ ଏସ୍. ଡୁମ୍ବେରପାଲି ପଞ୍ଚାୟତ ଅନ୍ତର୍ଗତ ବନବାସପାଲିରେ ଗୁରୁବାର ଧର୍ମସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୌନ୍ତିଆ ଗଣେଶ ସାହୁ ଅଧ୍ୟକ୍ଷତା କରିଥିଲେ । ଏହି ସଭାରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ, ସାମ୍ପ୍ରତିକ ବିପଥଗାମୀ ସମାଜକୁ ଠିକ୍ ପଥରେ ପରିଚାଳିତ କରିବା, ବିଶୃଙ୍ଖଳିତ ସମାଜକୁ ଶୃଙ୍ଖଳିତ କରିବାରେ ଧାର୍ମିକ ପ୍ରବୃତ୍ତି ଓ ନୈତିକ ଶିକ୍ଷାର ପ୍ରମୁଖ ଭୂମିକା ରହିଛି । ସେହିପରି ଛତିଶଗଡ଼ ଡୁମ୍ବେରପାଲିର ପ୍ରବଚିକା ଆରତ ଦାଶ, ସାତେରର ପ୍ରବଚକ ଅକ୍ରୂର ବିଶି, କୈଶ୍ୟ ବାରିକ, ଜିଲା ସଂସ୍କୃତ ଶିକ୍ଷକ ସଂଘ ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତ, ସାମାଜିକ କର୍ମୀ ବେଣୁଧର ମହାପାତ୍ର, ସଦାଶିବ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପଣ୍ଡିତ କେଦାରନାଥ ଶାସ୍ତ୍ରୀ, ସନ୍ତୋଷ ସାହୁ ବୈଦିକ ଯଜ୍ଞର ଆୟୋଜନ କରିଥିଲେ। ଧରଣୀ ବରିହା, ଯୁବରାଜ ସାହୁ, ଟିକେଲାଲ ସାହୁ, ବେଢ଼ା ସାହୁ, ଭବାନୀ ସାହୁ, ଲକ୍ଷ୍ମଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଦୋଳ ଉତ୍ସବ, ହରି ହର ଭେଟ

**ଘଣ୍ଟାପଡା, ୨୩।୩ (ଡି.ଏନ.ଏ)**

କନ୍ଧମାଳ ବ୍ଲକ ଘଣ୍ଟାପଡାଠାରେ ଦୋଳ ପୂର୍ଣ୍ଣିମା ଦିନ ହରିହର ଭେଟ ପାଳିତ ହୋଇଯାଇଛି । ହରିହର ଭେଟ ପରେ ଗ୍ରାମ ପରିକ୍ରମା କରାଯାଇଥିଲା । ପ୍ରତ୍ୟେକ ଘରେ ମହିଳାମାନେ ଜାଗର ଜାଳି ପୂଜାର୍ଚ୍ଚନା କରିଥିଲେ । ପରମ୍ପରା ଅନୁଯାୟୀ ଦୋଳ ମଣ୍ଡପରେ ରାଧାକୃଷ୍ଣଙ୍କ ହରିହର ଭେଟ ମଣ୍ଡପରେ ସ୍ଥାନୀୟ ପଣ୍ଡିତଙ୍କ ଦ୍ୱାରା ନୂତନ ପିକା ପୂଜା କରାଯାଇଥିଲା । ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଦୋଳ ଉତ୍ସବ ଦିନ ସମସ୍ତେ ଫଗୁ ଖେଳିଥିଲେ । ସେହିପରି ଖୁଣ୍ଟିଗୋରା, ଖମନମୁଣ୍ଡ, ଦେଢେଣମାଲ, ଆମ୍ବଗାଁ, ଫଟାମୁଣ୍ଡା, ବନ୍ଧଗୋରା ଆଦି ସ୍ଥାନରେ ଦୋଳ ଉତ୍ସବ ପାଳନ କରାଯାଇଥିଲା ।

### ଜିଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ

## ଜଙ୍ଗଲ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

**ବୌଦ୍ଧ, ୨୩।୩ (ସ୍ୱପ୍ର)**

ବୌଦ୍ଧ ବନଖଣ୍ଡ ପକ୍ଷରୁ ଗୁରୁବାର ଜିଲାସ୍ତରୀୟ ବିଶ୍ୱ ବନ ଦିବସ ବାମଣ୍ଡା ସ୍ଥିତ ମେଗା ନର୍ସରୀଠାରେ ପାଳିତ ହୋଇଯାଇଛି । ବୌଦ୍ଧ ବନଖଣ୍ଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସହକାରୀ ବନ ସଂରକ୍ଷକ ଭୈରବ ଚନ୍ଦ୍ର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବୌଦ୍ଧ ବନଖଣ୍ଡ ଅଧିକାରୀ ସେଠୀ ଜିଲାରେ ପରିବେଶର ସୁରକ୍ଷା ପାଇଁ ନୂତନ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରାଯିବାକୁ ଗୁରୁତ୍ୱ ଦେବା ସହ ଜଙ୍ଗଲର ସୁରକ୍ଷା ସମସ୍ତଙ୍କ ଗୁରୁ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ମଣିଷ ସମାଜ ବଞ୍ଚିବା ପାଇଁ ଜଙ୍ଗଲ ନିହାତି ଦରକାର ଓ ଜଙ୍ଗଲର ସୁରକ୍ଷା ଦ୍ୱାରା ତାପମାତ୍ରା ନିୟନ୍ତ୍ରଣ, ପରିବେଶର ସୁରକ୍ଷା, ପ୍ରଦୂଷଣ ମୁକ୍ତ, ଜଳସ୍ତରର ସୁରକ୍ଷା ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଏହାସହ ଜଙ୍ଗଲରେ ଯେପରି ନିଆଁ ନ ଲାଗିବ ସେଥିପ୍ରତି ଧ୍ୟାନ ଦେବାକୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ମୁଣ୍ଡିପଦର ପୂର୍ଣ୍ଣଚନ୍ଦ୍ର ହାଇସ୍କୁଲକୁ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପାଇଁ ମାନପତ୍ର ଓ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି ଦିବସ ପାଳନରେ ସମସ୍ତ ବନ କର୍ମଚାରୀ, ବାମଣ୍ଡା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ।
- ସେନେକା



## ସଂକ୍ଷେପରେ

### କିଡ୍‌ନୀ ରୋଗରେ ବୃଦ୍ଧଙ୍କ ମୃତ୍ୟୁ

**ଲୋଇସିଂହା,୨୩।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ପଞ୍ଚାୟତ ପତ୍ରପାଲି ଗାଁରେ କିଡ଼ନୀ ରୋଗର ପ୍ରାଦୁର୍ଭାବ ଦେଖାଦେଇଛି। ଶୁକ୍ରବାର ରାତିରେ ଏହି ଗାଁର ପ୍ରସନ୍ନ ପଧାନ(୫୬)ଙ୍କ ମୃତ୍ୟୁ ଘଟିଛି । ପ୍ରସନ୍ନ ଦୀର୍ଘଦିନ ହେଲା କିଡ଼ନୀ ରୋଗରେ ପୀଡିତ ହୋଇ ବୁର୍ଲା ମେଡିକାଲରେ ଚିକିତ୍ସିତ ହୋଇଥିଲେ। ହେଲେ ଅର୍ଥାଭାବରୁ ଚିକିତ୍ସିତ ହୋଇ ନ ପାରି ଘରେ ପଡି ରହି ମୃତ୍ୟୁ ସହ ସଂଗ୍ରାମ କରୁଥିଲେ । ଶେଷରେ ଶୁକ୍ରବାର ରାତିରେ ଆଖି ବୁଜିଥିଲେ । ଘରେ ବିଧବା ସ୍ତ୍ରୀ ଓ ଅବିବାହିତ ଦୁଇ ପିଲା ଅଛନ୍ତି। ଗ୍ରାମବାସୀଙ୍କ ସୂଚନାମତେ, କିଡ଼ନୀରେ ଆକ୍ରାନ୍ତ ହୋଇ କେବଳ ପ୍ରସନ୍ନଙ୍କ ମୃତ୍ୟୁ ଘଟି ନାହିଁ, ଏହାପୂର୍ବରୁ ମଡା ପଧାନ, ତମ୍ବରୁ ପଧାନ, ବିଶି ମୁଦଲି, ମଗଶିର ପଧାାନ, ବାଳକିଷନ ପଧାନଙ୍କ ମୃତ୍ୟୁ ହୋଇ ସାରିଛି । ଗାଁର ଅନ୍ୟ ଜଣେ ଗୁରୁତର କିଡ଼ନୀ ରୋଗୀ ଅରୁଣ ପଧାନ(୫୮)ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଲୋଇସିଂହା ବ୍ଲକ କର୍ଲିପାଟ, କଦଳୀପାଲି ଓ ପତ୍ରପାଲି, ମାଣ୍ଡିଆପଦର ଗ୍ରାମରେ କିଡ଼ନୀ ରୋଗ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏଥିପ୍ରତି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଲୋଇସିଂହାଠାରୁ ମାତ୍ର ୩ କିମି ଦୂରରେ ଅବସ୍ଥିତ ପତ୍ରାପାଲି ଗାଁରେ ଥିବା ନଳକୂପରୁ ଫ୍ଲୋରାଇଡ ମିଶ୍ରିତ ପାଣି ବାହାରୁଛି । ଏହାକୁ ଗ୍ରାମବାସୀ ପାନୀୟ ଭାବେ ଗ୍ରହଣ କରି କିଡ଼ନୀ ରୋଗାକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି।

### ଧୁମ୍‌ଧାମ୍‌ରେ ପାଳିତ ହେଲା ହୋଲି

**ବିନିକା, ୨୩।୩(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ସହର ଗୁରୁକୂଳ ସେବା ସମିତି ସଭାପତି ସୌମିତ୍ରୀ ପତିଙ୍କ ନେତୃତ୍ୱରେ ହୋଲି ପାଳିତ ହୋଇଯାଇଛି। ଏହି ଅବସରରେ ସହରର ପାଲିପଡାଠାରୁ ଶତାଧିକ ଲୋକେ ଏକ ଶୋଭାଯାତ୍ରାରେ ସହରର ପରିକ୍ରମା କରିଥିଲେ । ଏଥିରେ ବଲାଙ୍ଗୀର, ବରଗଡ, ସମ୍ବଲପୁର, ବୌଦ୍ଧ ଏବଂ ସୁବର୍ଣ୍ଣପୁର ପ୍ରଭୃତିସ୍ଥଳରୁ ଗୁରୁକୂଳ ସେବା ସମିତିର ଭକ୍ତମାନେ ସାମିଲ ହୋଇଥିଲେ। ସମିତି ପକ୍ଷରୁ ପଳାସ ଫୁଲ, ହଳଦୀ ଓ ଗଙ୍ଗାଜଳକୁ ମିଶାଇ କରାଯାଇଥିବା ରଙ୍ଗକୁ ବ୍ୟବହାର କରାଯାଇଥିଲା ।

### ଏକ୍ସପ୍ରେସ୍ ଟ୍ରେନ୍ ରହଣି ଦାବି : ନିର୍ବାଚନ ପରେ ଆନ୍ଦୋଳନକୁ ବ୍ୟାପକ କରାଯିବ

**ଦେଓଗାଁ,୨୩।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବସ୍‌ଷ୍ଟାଣ୍ଡ ନିକଟରେ ଶନିବାର ସନ୍ଧ୍ୟାରେ ଗ୍ରାମ୍ୟ ଉନ୍ନୟନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଡା. ଶଶୀଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦେଓଗାଁ ବ୍ଲକ ବାସିନ୍ଦାଙ୍କ ପ୍ରମୁଖ ଦାବି ଦେଓଗାଁ ରେଲଷ୍ଟେଶନରେ ଏକ୍ସପ୍ରେସ ଟ୍ରେନର ରହଣି ଦାବି ପ୍ରତି ବିଭାଗୀୟ ବୈମାତୃକ ମନୋଭାବ ପ୍ରତି ଅସନ୍ତୋଷ ପ୍ରକାଶ ପାଇଥିଲା । ସାଧାରଣ ନିର୍ବାଚନ ପରେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଅଞ୍ଚଳବାସୀଙ୍କ ତରଫରୁ ଦୁଇଥର ରୋଲରୋକୋ ଆନ୍ଦୋଳନ ତଥା ୩ଦିନ ଧରି ରିଲେ ଅନଶନ ପରେ ମଧ ବିଭାଗ କୌଣସି କର୍ଣ୍ଣପାତ ନକରିବା ଓ ପ୍ରତିଶ୍ରୁତି ଦେଇ ଦିନ ଗଡାଇବା ଅଞ୍ଚଳବାସୀଙ୍କୁ କୁଠାରଘାତ ହୋଇଥିବା ବୈଠକରେ ମତପ୍ରକାଶ ପାଇଥିଲା। କମଦିନ ବ୍ୟବଧାନରେ ନିକଟତମ ଷ୍ଟେଶନମାନଙ୍କରେ ଏକ୍ସପ୍ରେସ ଟ୍ରେନ ରହଣୀ ଦାବି ପୂରଣ ହୋଇଥିବା ବେଳେ ଦେଓଗାଁ ରେଲଷ୍ଟେଶନରେ ରହଣି ନ ହେବା ସମସ୍ତଙ୍କୁ ବ୍ୟଥିତ କରିଛି ବୋଲି ଉପସ୍ଥିତ କର୍ମକର୍ତ୍ତା ମତପୋଷଣ କରିଥିଲେ । ଏଥିସହ ରୋଲରୋକୋ ସମୟରେ ୨୩ଜଣଙ୍କ ନାମରେ ଜିଆରପି ମାମଲା ରୁଜୁ କରିବା ପରିତାପର ବିଷୟ ବୋଲି କୁହାଯାଇଥିଲା ।

### ନିର୍ବାଚନ ପାଇଁ ତାଲିମ

**ପାଟଣାଗଡ, ୨୩।୩ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡର ୪ଗୋଟି ସ୍ଥାନରେ ସାଧାରଣ ନିର୍ବାଚନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ସହରସ୍ଥିତ ସୁଭଦ୍ରା ଭବନ ଏବଂ ବ୍ଲକ ସମ୍ମିଳନୀ କକ୍ଷରେ ପ୍ରିଜାଇଡିଂ ଏବଂ ପ୍ରଥମ ପୋଲିଙ୍ଗ ଅଫିସରମାନଙ୍କର ତାଲିମ ହୋଇଥିଲା। ଅନୁରୂପ ଭାବେ ବେଲପଡା ଏବଂ ଖପ୍ରାଖୋଲ ବ୍ଲକ ପରିସରରେ ମଧ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏହି ତାଲିମରେ ସେକ୍ଟର ଅଫିସରମାନେ ଉପସ୍ଥିତ ଥିଲେ। ପ୍ରତ୍ୟେକ ଶିବିରରେ ଜିଲାସ୍ତରୀୟ ମାଷ୍ଟର ଟ୍ରେନର ଏବଂ ସହକାରୀ ଜିଲାସ୍ତରୀୟ ମାଷ୍ଟର ଟ୍ରେନର ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ।

# ଫଗୁଖେଳ ଭିତରେ ସମ୍ପନ୍ନହେଲା ଦେବ ମିଳନ

**ବୀରମହାରାଜପୁର, ୨୩।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ଐତିହ ସମ୍ପନ୍ନ ଦୋଳଯାତ୍ରା ଶୁକ୍ରବାର ସମ୍ପନ୍ନ ହୋଇଛି। ପ୍ରବଳ ଜନସମାଗମ ମଧ୍ୟରେ ତିନିଦିନ ଧରି ଏହି ମହାପର୍ବ ଅନୁଷ୍ଠିତ ହୋଇଥିଲା। ପର୍ବର ଅନ୍ତିମ ପର୍ଯ୍ୟାୟରେ ଆୟୋଜିତ ହରିହର ଭେଟ ଦେଖିବା ପାଇଁ ଏଥର ମେଲଣ ପଡିଆରେ ପୂର୍ବବର୍ଷମାନଙ୍କ ଅପେକ୍ଷା ଅଧିକ ଲୋକଙ୍କ ଭିଡ ଅନୁଭୂତ ହୋଇଥିଲା। ଏଥର ଯାତ୍ରା ପଡିଆରେ ଶହଶହ ସଂଖ୍ୟାରେ ଦୋକାନୀ ପସରା ମେଲାଇଥିଲେ । ସଂସ୍କୃତି ଓ ପରମ୍ପରାର ଏକ ନିଆରା ନିଦର୍ଶନ ଭାବେ ଏଠାକାର ହରିହର ଭେଟ ଉତ୍ସବ କାହିଁ କେତେବର୍ଷ ପୂର୍ବରୁ ପାଳିତ ହୋଇ ଆସୁଛି। ଫାଲ୍‌ଗୁନ ପୂର୍ଣ୍ଣିମାର ସକାଳେ ଏଥର ସମ୍ପନ୍ନ ହୋଇଥିଲା ଦେବ ମିଳନ। ଏହି ମହାର୍ଘ୍ୟ ମେଳାରେ ହଜାରହଜାର ଶ୍ରଦ୍ଧାଳୁ ସାମିଲ ହେବା ସହିତ ଫଗୁ ଓ ଅବିରରେ ରଙ୍ଗେଇ ହୋଇଥିଲେ।

ଚଳିତ ବର୍ଷ ଚମ୍ପାମାଳର ବାବା ଚମ୍ପେଶ୍ୱର, କମଳପୁରର ବାବା ଗୁପ୍ତେଶ୍ୱର, ଟିଠିପାଲିର ବାବା ରାମେଶ୍ୱର ତଥା ବାଗବର, ଷଣ୍ଡା ଓ କୁମୁରସିଂଘା ଗ୍ରାମର ରାଧାକୃଷ୍ଣ ମନ୍ଦିରରୁ ହରିଙ୍କ ପ୍ରତିମା ସୁସଜ୍ଜିତ ବିମାନରେ ବିଜେ ହୋଇଥିଲେ। ସେହିପରି ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ସ୍ୱତନ୍ତ୍ର ବିମାନରେ ଦୋଳଗୋବିନ୍ଦ ଆସି ମେଳନ ପଡିଆରେ ପହଞ୍ଚିଥିଲେ। ହରିହର ଭେଟ ପରେ ଦୋଳ ମଣ୍ଡପକୁ ବିଜେ କରାଯାଇ ମାଙ୍ଗଳିକ ବିଧି ସମ୍ପନ୍ନ ସହିତ ମହାଆଳତି ଅର୍ପଣ କରାଯାଇଥିଲା। ତେଣେ ତିନିଦିନ ଧରି ଦୋଳ ମଣ୍ଡପଠାରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞରେ ମଧ ପୂର୍ଣ୍ଣାହୂତି ପଡିଥିଲା। ଏଥର ଦୋଳଯାତ୍ରକୁ ଅଧିକ ଆକର୍ଷଣୀୟ ଓ ଶୃଙ୍ଖଳିତ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ଦେବୋତ୍ତର ବିଭାଗ ସହିତ ନାମଯଜ୍ଞ କମିଟି ଓ ବିଭିନ୍ନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ତତ୍‌ସହିତ ଯାତ୍ରା ପଡିଆ ଓ ପ୍ରମୁଖ ସ୍ଥାନମାନଙ୍କରେ ଉଜ୍ଜ୍ୱଳ ଆଲୋକ ସହିତ ରଙ୍ଗୀନ ଆଲୋକ ସଜ୍ଜା, ପାନୀୟ ଜଳ ଯୋଗାଣ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ସାଙ୍ଗକୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜାଗାଜାଗାରେ ପୋଲିସ ଫୋର୍ସ ମୁତୟନ କରାଯାଇଥିବାରୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ଏହି ପର୍ବ ସମାପିତ ହୋଇଥିଲା। ଏଥିରେ ହିଲୁଙ୍ଗ, ଉଫୁଲା, ବାଗବର ଓ ଚମ୍ପାମାଳ ପଞ୍ଚାୟତ କର୍ତ୍ତୃପକ୍ଷ ବିଶେଷ ସହଯୋଗ କରିଥଲେ। ଉଲ୍ଲେଖଯୋଗ୍ୟ ଯେ, ଜିଲାରେ ଏହି ଫଗୁ ଉତ୍ସବର ସୁଦୀର୍ଘ ପରମ୍ପରା ରହିଛି। ରାଜାରାଜୁଡା ଅମଳରୁ ଦୋଳ ମଣ୍ଡପରେ ଭେଟ ହୋଇଆସୁଛନ୍ତି ହରି ଓ ହର। ଶହଶହ ବର୍ଷ ଧରି ପାଳିତ ହୋଇ ଆସୁଥିବା ଏହି ଦୋଳଯାତ୍ରା ମାଧମରେ ବୀରମହାରାଜପୁର ଅଞ୍ଚଳର ସାଂସ୍କୃତିକ ଇତିହାସ ବିଶେଷ ମହନୀୟତାର ପରିଚୟ ଦେଇ ଆସୁଛି।



ବୀରମହାରାଜପୁର ମେଲଣ ପଡିଆରେ ହରିହର ଭେଟ।

## ଉଦେପଦରରେ ହରିହର ମିଳନ

**ଉଲୁଣ୍ଡା, ୨୩।୩ (ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ଉଦେପଦର ଗ୍ରାମରେ ପାରମ୍ପରିକ ହରିହର ମିଳନ ତଥା ହୋଲି ଉତ୍ସବ ସମ୍ପନ୍ନ ହୋଇଛି। ପ୍ରଥମେ ଗ୍ରାମର ୧୫୧ ମହିଳାଙ୍କ ଦ୍ୱାରା କଳସ ଯାତ୍ରା କରାଯାଇ ମିଳନ ପଡିଆରେ ସ୍ଥାପନ କରାଯାଇଥିଲା। ପରେ ପଣ୍ଡିତ କରୁଣାକର ପୁରୋହିତ ପୂଜାର୍ଚ୍ଚନା କରି ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ କରିଥିଲେ। ଏଥିରେ ବଡକର୍ଲେ, ମୁଣ୍ଡିମହୁଲ, କୁକିଆ, ପଞ୍ଚମହଲା ଆଦି ଗ୍ରାମରୁ କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ରାତ୍ରରେ ଗୌଡଗାଁର ଦଧିବାମନ, ଗଇଲମୁରାର ଗୁପ୍ତେଶ୍ୱର, ଲସ୍ତଲାର ଜଗନ୍ନାଥ, ଡାଲଡବାର ଚନ୍ଦ୍ରଶେଖର, ଉଦେପଦର ରଘୁନାଥ ଏବଂ ଉଲୁଣ୍ଡାର ଭୁବନେଶ୍ୱର ମହାଦେବଙ୍କ ଚଳନ୍ତି ବିଗ୍ରହଙ୍କୁ ପୂଜାର୍ଚ୍ଚନା କରାଯାଇ ମିଳନ ପିଠରେ ସ୍ଥାପନ କରାଯାଇଥିଲା। ପାରମ୍ପରିକ ପୂଜାର୍ଚ୍ଚନା ପରେ ପାହାନ୍ତି ପ୍ରହରରେ ଶ୍ରଦ୍ଧାଳୁଙ୍କୁ ନେଇ ରଙ୍ଗ ଖେଳ ଅନୁଷ୍ଠିତ ହୋଇଥିଲା। ଗୌନ୍ତିଆ ପ୍ରଶାନ୍ତ ପାଣୀଗ୍ରାହୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

## ଆତ୍ମରକ୍ଷା ତାଲିମ ଛାତ୍ରୀଙ୍କୁ ବାସ୍ତବ ଜୀବନରେ ସାହସୀ କରାଇବ

**ସୋନପୁର,୨୩।୩(ନି.ପ୍ର)**

ସୁବର୍ଣ୍ଣପୁର ସହର ଉପକଣ୍ଠ ଧୋବାବାହାଲିସ୍ଥିତ ସୁକାନ୍ତି ଡିଗ୍ରୀ କଲେଜରେ ଛାତ୍ରୀମାନଙ୍କ ସକାଶେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପ୍ରାକ୍ତନ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆତ୍ମରକ୍ଷା ସମ୍ପର୍କିତ ଏହି ତାଲିମ କାର୍ଯ୍ୟକ୍ରମ ବାସ୍ତବ ଜୀବନରେ ଛାତ୍ରୀମାନଙ୍କୁ ବେଶ ସାହାସୀ କରାଇବ ବୋଲି କହିଥିଲେ। କଲେଜ ଅଧ୍ୟାପକ ମଧୁସୂଦନ ସାହୁ ସଭାରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷ ଡ. ଦେବବ୍ରତ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ବର୍ତ୍ତମାନ ସମାଜରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଅଧ୍ୟାପିକା ଅହଲ୍ୟା ନାୟକ, ରୋମି ବେହେରା, ଅର୍ଚ୍ଚନା ବଡୁ, ରମେଶ ମିଶ୍ର ଓ ସ୍ୱାଗତ ସାହୁ ଯୋଗଦାନ କରି ନାରୀ ଅବଳା କି ଦୁର୍ବଳା ନୁହଁ ବୋଲି କହିଥିଲେ। ମାଷ୍ଟର ଟ୍ରେନର ଶୁଭଶ୍ରୀ ଶୁଭସ୍ମିତା ଦାସ ଓ ଅଙ୍କିତା କହଁର ଛାତ୍ରୀମାନଙ୍କୁ ଆତ୍ମରକ୍ଷା ସମ୍ପର୍କିତ ବିଭିନ୍ନ କୌଶଳର ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ୬୦ଛାତ୍ରୀ ତାଲିମ ନେବେ। ଏହା ୧୨ଦିନ ଧରି ଚାଲିବ।



ସୁକାନ୍ତି ଡିଗ୍ରୀ କଲେଜର ଆତ୍ମରକ୍ଷା ତାଲିମ ଶିବିରରେ ମଞ୍ଚାସୀନ ଅତିଥି ।

## ଘରେ ପଶି ଆକ୍ରମଣ ଅଭିଯୋଗ

**ବଲାଙ୍ଗୀର ଅଫିସ, ୨୩।୩**

ବଲାଙ୍ଗୀର ଟାଉନ୍ ଥାନା ଅନ୍ତର୍ଗତ ଗେଟ୍ ସରୋବରପଡାରେ ଶନିବାର ସକାଳେ ଏକ ଗଣ୍ଡଗୋଳ ଘଟିଛି । ପଡାର ଦୈତାରୀ କୁମ୍ଭାରଙ୍କ ଘରେ ପଶି ସୁରେଶ ହରପାଲ ଓ ଅନ୍ୟ ୪/୫ ଜଣ ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ଟାଉନ୍ ଥାନାରେ ଏକ ମାମଲା (ନଂ.୧୩୪/୧୯) ରୁଜୁ ହୋଇଛି । ଆକ୍ରମଣକାରୀ ଦୁଇ ମହିଳା ସଦସ୍ୟଙ୍କୁ ମଧ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ ହୋଇଥିବା କୁହାଯାଇଛି । ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି।

## ଜିଲାସ୍ତରୀୟ ଚିତ୍ରାଙ୍କନରେ ସିକୁ ପ୍ରଥମ

**ବିନିକା, ୨୩।୩(ଡି.ଏନ୍.ଏ.)**

ବିନିକା ବ୍ଲକ ଅନ୍ତର୍ଗତ ଅରିଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ର ସିକୁ ସେଟ୍ ଜିଲାସ୍ତରରେ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ଅନୁଷ୍ଠିତ ୭ମ ବିଶ୍ୱ ବନ ଦିବସ ଉପଲକ୍ଷେ ଆୟୋଜିତ ଜଙ୍ଗଲ, ପରିବେଶ ଚିତ୍ରକଳାରେ କୃତିତ୍ୱ ହାସଲ କରିଥିବା ସିକୁଙ୍କୁ ୫ହଜାର ଟଙ୍କା ଓ ପ୍ରମାଣପତ୍ର ପ୍ରଦାନ କରିଛନ୍ତି ଜିଲା ପ୍ରକଳ୍ପ ଅଧିକାରୀ ସୂର୍ଯ୍ୟନାରାୟଣ ଦାଶ । ଏହି କାର୍ଯ୍ୟକ୍ରମରେ ଜିଲା ଜଙ୍ଗଲ ଅଧିକାରୀ ସୁଶାନ୍ତ ସାମନ୍ତରାୟ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଅରିଗାଁ ସ୍କୁଲ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସ୍କୁଲର ପ୍ରଧାନଶିକ୍ଷକ ଜୟ ନାରାୟଣ ପୂଜାରୀ, ସହକାରୀ ଶିକ୍ଷୟିତ୍ରୀ ନମିତା ସାହୁ, ଗୀତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଜଙ୍ଗଲ, ପରିବେଶ ଚିତ୍ରକଳାରେ କୃତିତ୍ୱ ହାସଲ କରିଥିବା ସିକୁ ସେଟଙ୍କୁ ପୁରସ୍କୃତ କରାଯାଉଛି।

# ନିର୍ବାଚନ ସୁପରିଚାଳନା ପାଇଁ ଏମ୍‌ସିଏମ୍‌ସି ଉଦ୍‌ଘାଟିତ

## ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଗୁରୁତ୍ୱ

**ସୋନପୁର,୨୩।୩(ନି.ପ୍ର)**

ନିର୍ବାଚନର ସୁପରିଚାଳନା ପାଇଁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ଏମସିଏମସି(ମିଡିଆ ସାର୍ଟିଫିକେସନ ଆଣ୍ଡ ମନିଟରିଂ କମିଟି) ଗଠନ କରାଯାଇଛି। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ମଧୁସୂଦନ ମିଶ୍ର ଏମସିଏମସିର ଉଦ୍‌ଘାଟନ କରିଛନ୍ତି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ରିଟର୍ଣ୍ଣିଂ ଅଫିସର ବଳରାମ ମଲ୍ଲିକ, ନିର୍ବାଚନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ ଓ ଡିଆଇପିଆରଓ ଅଶୋକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କମିଟି ବିଜ୍ଞାପନର ପ୍ରମାଣିକରଣ, ପ୍ରିଣ୍ଟିଂ ଓ ଇଲେକ୍ଟ୍ରୋନିକ ମିଡିଆ ଏବଂ କେବୁଲ ନେଟୱାର୍କର ପର୍ଯ୍ୟବେକ୍ଷଣ ସହ ସିଡି ଓ ଡିଭିଡିରେ ରେକର୍ଡ ରଖିବା ଭଳି କାର୍ଯ୍ୟ କରିବ।

ସେହିପରି ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ୧୦-ବଲାଙ୍ଗୀର ଲୋକ ସଭା ନିର୍ବାଚନ ମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଦେବବ୍ରତ ରାୟ ସୁବର୍ଣ୍ଣପୁର ଜିଲା ପରିଦର୍ଶନରେ ଆସିଥିଲେ। ରାୟ ୬୪-ବୀରମହାରାଜପୁର ଓ ୬୫-ସୋନପୁର ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପ୍ରସ୍ତୁତିକୁ ନେଇ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ମିଶ୍ର, ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ପଣ୍ଡା ଓ ବିଭିନ୍ନ ଟିମ୍‌ର ସଦସ୍ୟମାନଙ୍କ ସହ ଆଲୋଚନା କରିଛନ୍ତି। ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ କରିବା ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ। ଏହା ପୂର୍ବରୁ ବିଧାନସଭା ନିର୍ବାଚନ ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଗୁରୁପ୍ରିତ ସିଂହ ଜିଲାର ଉଭୟ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଅନ୍ୟପକ୍ଷେ ସୋନପୁର ନିର୍ବାଚନମଣ୍ଡଳୀ ପାଇଁ ସୋନପୁର କଲେଜରେ ଓ ବୀରମହାରାଜପୁର ନିର୍ବାଚନମଣ୍ଡଳୀ ପାଇଁ ବୀରମହାରାଜପୁର ଉପଜିଲାପାଳଙ୍କ ଅଫିସରେ ଷ୍ଟ୍ରଙ୍ଗରୁମ କରାଯାଇଛି । ଉଭୟ ସ୍ଥାନରେ ଇଭିଏମ ଓ ଭିଭିପିଏଟି କଡା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ଶନିବାର ନାମାଙ୍କନପତ୍ର ଦାଖଲ କରିବାର ଚତୁର୍ଥ ଦିନ ସୁଦ୍ଧା ବୀରମହାରାଜପୁର ଓ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କୌଣସି ନାମାଙ୍କନ ପତ୍ର ଦାଖଲ ହୋଇନାହିଁ ।




ଜିଲାପାଳ ମଧୁସୂଦନ ମିଶ୍ର ଏମସିଏମସିର ଉଦଘାଟନ କରୁଛନ୍ତି।

## ବଲାରପାଲିରେ କିଡ୍‌ନୀ ରୋଗ ଆତଙ୍କ

**ଦେଓଗାଁ, ୨୩।୩(ଡି.ଏନ.ଏ.)**

ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ ଅନ୍ତର୍ଗତ ବଲାରପାଲିରେ କିଛିବର୍ଷ ହେଲା କିଡ଼ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧିହେବା ଦ୍ୱାରା ଗାଁରେ ଆତଙ୍କ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଖବର ପ୍ରସାରିତ ହେବା ପରେ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁରେନ୍ଦ୍ର ପାରକିଆଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଗାଁରେ ପହଞ୍ଚି ଏକ ସ୍ୱାସ୍ଥ୍ୟ ଶିବିର ମାଧମରେ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିସହ ଗାଁରେ ସମସ୍ତ ୧୦ଟି ଯାକ ନଳକୂପର ଜଳ ନମୂନା ଓ ରୋଗୀଙ୍କ ରକ୍ତ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିବା ଡାକ୍ତର ପାରକିଆ ସୂଚନା ଦେଇଛନ୍ତି। ଡାକ୍ତରୀ ଦଳର ସୂଚନା ଅନୁସାରେ ଗାଁର ଟିକେଟା ଭୋଇ, ଅର୍ଜୁ ସାହୁ, ବିପ୍ର ସାହୁ ପ୍ରମୁଖ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଅନେକ ଦିନ ହେଲା ଚିକିତ୍ସିତ ହେଉଛନ୍ତି।

# ଚିକିତ୍ସିତ ହୋଇ ଫେରିଲେ ୧୧ଶିଶୁ

**ସୋନପୁର,୨୩।୩(ନି.ପ୍ର)**

ଜନ୍ମରୁ ହୃଦ୍‌ରୋଗରେ ଆକ୍ରାନ୍ତ ଥିବା ସୁବର୍ଣ୍ଣପୁର ଜିଲାର ୧୧ ଜଣ ଶିଶୁଙ୍କର ମାଗଣା ଶଲ୍ୟ ଚିକିତ୍ସା କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ରାଷ୍ଟ୍ରୀୟ ବାଲ ସୁରକ୍ଷା କାର୍ଯ୍ୟକ୍ରମ ଜରିଆରେ ଅହମଦାବାଦସ୍ଥିତ ସତ୍ୟ ସାଇ ହସପିଟାଲରେ ସେମାନଙ୍କ ଚିକିତ୍ସା ହୋଇଥିଲା। ଶିଶୁମାନେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ନିଜ ନିଜ ଘରକୁ ଫେରିଛନ୍ତି। ଚିକିତ୍ସିତ ଶିଶୁମାନେ ହେଲେ ସଙ୍ଗୀତା ସାହୁ, ନନ୍ଦିତା ପଧାନ, ମୌସୁମୀ ପର୍ଡିଆ, ଲିଜା ଡାଙ୍ଗ, ନମିତା ଛତ୍ରିଆ, ମଧୁସୂଦନ ଦାସ, ସନ୍ଧ୍ୟାରାଣୀ ପଧାନ, ସୁନା ବେହେରା, ଆରାଧନା ନାୟକ, ଶ୍ୱେତା ବରଗ୍ଡି ଓ ହିମାଦ୍ରି ଠେଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସରୋଜ କୁମାର ନାୟକ, ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳିକା ଡ. ମୌସୁମୀ ମିଶ୍ର ଓ ଜିଲାର ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପରିଚାଳକ ସୁଧାଂଶୁ ଶେଖର ପଧାନଙ୍କ ତତ୍ତ୍ୱାବଧାନରେ ଶିଶୁମାନଙ୍କୁ ଅହମଦାବାଦ ପଠାଯାଇଥିଲା। ବିନିକା ଡାକ୍ତରଖାନାରେ କାର୍ଯ୍ୟରତ ଥିବା ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଆୟୁଷ ଡାକ୍ତର ଉମାକାନ୍ତ ମହାନନ୍ଦ ଏବଂ ଜିଲାର ସ୍ପେସିଆଲ ଏଜୁକେଟର ରତନ ବିଶ୍ୱାଳ ଏହି ଶିଶୁମାନଙ୍କୁ ସେମାନଙ୍କ ଘରେ ପହଞ୍ଚାଇବାର ବ୍ୟବସ୍ଥା କରିଛନ୍ତି ।




ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚିକିତ୍ସିତ ହୋଇଥିବା ଶିଶୁ ଓ ସେମାନଙ୍କ ଅଭିଭାବକ ।

## ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ

# ଡୁଙ୍ଗୁରିପାଲି ବ୍ଲକରୁ ୩ ପ୍ରମୁଖ ଦଳର ପ୍ରାର୍ଥୀ

**ସୋନପୁର,୨୩।୩(ନି.ପ୍ର.)**

ପ୍ରମୁଖ ରାଜନୈତିକ ଦଳଗୁଡିକ ପ୍ରାର୍ଥୀ ଘୋଷଣା କରିବା ପରେ ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ପୂର୍ବରୁ ବିଜୁ ଜନତା ଦଳ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ଶୁକ୍ରବାର ଭାଜପା ଓ କଂଗ୍ରେସ ଏହି ନିର୍ବାଚନ ମଣ୍ଡଳୀ ସକାଶେ ପ୍ରାର୍ଥୀ ଘୋଷଣା କରିଛନ୍ତି। ଭାଜପା ବରିଷ୍ଠ ନେତା ଅଶୋକ କୁମାର ପୂଜାରୀଙ୍କୁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସ ଚିତ୍ତରଞ୍ଜନ ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ୩ପ୍ରମୁଖ ଦଳ ଅଧିକ ସଂଖ୍ୟକ ମତଦାତା ଥିବା ଜିଲାର ଡୁଙ୍ଗୁରିପାଲି ବ୍ଲକକୁ ଫୋକସ କରିଥିବା ପ୍ରାର୍ଥୀ ଚୟନରୁ ସ୍ପଷ୍ଟ ହୋଇଛି। ବିଜେଡି ଓ ଭାଜପାର ପ୍ରାର୍ଥୀଙ୍କ ଘର ଏହି ବ୍ଲକର ରାମପୁର ଅଞ୍ଚଳରେ। ସେହିପରି କଂଗ୍ରେସ ପ୍ରାର୍ଥୀ ଚିତ୍ତରଞ୍ଜନଙ୍କ ଘର ଡୁଙ୍ଗୁରିପାଲି ବ୍ଲକର ସଦର ମହକୁମାରେ। ଫଳରେ ଏହି ବ୍ଲକ ଏବେ ରାଜନୈତିକ ଦୃଷ୍ଟିକୋଣରୁ ସ୍ପର୍ଶକାତର ହୋଇପଡିଛି। ବିଜେଡି ପ୍ରାର୍ଥୀ ନିରଞ୍ଜନ ବିନିକାରୁ ୨ଥର ଓ ସୋନପୁରରୁ ୨ଥର ନିର୍ବାଚନ ଜିତିଛନ୍ତି। ଅଶୋକ ଭାଜପାର ନୂଆ ମୁହଁ ହୋଇଥିଲେ ହେଁ ଅଭିଜ୍ଞ। ପୂର୍ବରୁ ସେ କଂଗ୍ରେସ ଟିକେଟ୍‌ରୁ ବିନିକା ନିର୍ବାଚନମଣ୍ଡଳୀରୁ ଲଢିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ଚିତ୍ତରଞ୍ଜନ ଅଭିଜ୍ଞ ରାଜନେତା । ସେ ବ୍ଲକ ରାଜନୀତିରେ ସକ୍ରିୟ ଥିଲେ। ପ୍ରଥମ ଥର ପାଇଁ ସେ ବିଧାୟକ ଟିକେଟ ପାଇବାରେ ସକ୍ଷମ ହୋଇଛନ୍ତି। ଦଳୀୟ ଟିକେଟ ପାଇଁ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଦଳୀୟ ହାଇକମାଣ୍ଡଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି। ଏଥର ଲଢେଇ ଜୋରଦାର ହେବ ବୋଲି ଆଶା କରାଯାଉଛି । ସୁବର୍ଣ୍ଣପୁର ମ୍ୟୁନିସିପାଲିଟି, ତରଭା ଏନଏସି ଏବଂ ସୋନପୁର, ତରଭା, ଡୁଙ୍ଗୁରିପାଲି ବ୍ଲକ ସହିତ ବିନିକା ବ୍ଲକର ଘୁଲୁଣ୍ଡା, କୁଇବାହାଲ ଓ ମହଦା ପଞ୍ଚାୟତକୁ ନେଇ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠିତ।



ନିରଞ୍ଜନ ପୂଜାରୀ



ଅଶୋକ କୁମାର ପୂଜାରୀ



ଚିତ୍ତରଞ୍ଜନ ମିଶ୍ର

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୪ ମାର୍ଚ୍ଚ, ୨୦୧୯



ଯେଉଁ ଲୋକ କେବେ ରାଗେ ନାହିଁ, ସେ ଅନ୍ୟକୁ ଆଦେଶ ଦେବାର ଅଧିକାରୀ ହୋଇଥାଏ।
- ସେଣ୍ଟ୍ ଜନ୍ ପଲ୍



## ସଂକ୍ଷେପରେ

### ବଲାରପାଲିରେ କିଡ୍‌ନୀ ରୋଗ ଆତଙ୍କ: ପରୀକ୍ଷା ପାଇଁ ଗଲା ପାନୀୟ ଜଳ, ରକ୍ତ ନମୁନା

**ଦେଓଗାଁ, ୨୩।୩(ଡି.ଏନ.ଏ.):** ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ ଅନ୍ତର୍ଗତ ବଲାରପାଲିରେ କିଛିବର୍ଷ ହେଲା କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧିହେବା ଦ୍ୱାରା ଗାଁରେ ଆତଙ୍କ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଖବର ପ୍ରସାରିତ ହେବା ପରେ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁରେନ୍ଦ୍ର ପାରକିଆଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଗାଁରେ ପହଞ୍ଚି ଏକ ସ୍ୱାସ୍ଥ୍ୟ ଶିବିର ମାଧମରେ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିସହ ଗାଁରେ ସମସ୍ତ ୧୦ଟି ଯାକ ନଳକୂପର ଜଳ ନମୂନା ଓ ରୋଗୀଙ୍କ ରକ୍ତ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିବା ଡାକ୍ତର ପାରକିଆ ସୂଚନା ଦେଇଛନ୍ତି। ଡାକ୍ତରୀ ଦଳର ସୂଚନା ଅନୁସାରେ ଗାଁର ଗିକେଟା ଭୋଇ, ଅର୍ଜୁସାହୁ, ବିପ୍ର ସାହୁ ଓ ଚକା ନନ୍ଦ ପ୍ରମୁଖ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଅନେକ ଦିନ ହେଲା ଚିକିତ୍ସିତ ହେଉଛନ୍ତି। ଚତୃ ଘଡେଇ, ରସିକ ଭୋଇ ଓ ଭୀମସେନ କୁଅଁର ପ୍ରମୁଖଙ୍କ ଦୁର୍ବଳତାଜନିତ ରୋଗ ହୋଇଛି।

### ପାରମ୍ପରିକ ଦଣ୍ଡନୃତ୍ୟର ଉଠା ପର୍ବ

**ଟିକ୍ରାପଡା, ୨୩।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାଠାରେ ପାରମ୍ପରିକ ଦଣ୍ଡନୃତ୍ୟର ଉଠାପର୍ବ ଶୁକ୍ରବାର ସମ୍ପନ୍ନ ହୋଇଛି। ଗୁରୁ ନେହେରୁ ଯାଦବ, ଭୁବନ ରଣାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ଉପଲକ୍ଷେ ପାଣିଦଣ୍ଡ, ଘାଟ ପୂଜା, ରାତ୍ର ପୂଜା ଆଦି ନୀତି କରାଯାଇଥିଲା। ବ୍ରତଧାରୀମାନେ ଛତ୍ର ସହ ବିଭିନ୍ନ ଗ୍ରାମ ପଦଯାତ୍ରାରେ ୪୫ଦିନ ପାଇଁ ଯିବେ। ଗ୍ରାମମାନଙ୍କରେ ରାତ୍ରକାଳରେ ରାଧାକୃଷ୍ଣ ଲୀଳା ସହ ଯୋଗୀ ଯୋଗିଆଣି, ଚଢେୟା ଚଢେୟାଣୀ ସମେତ ବିଭିନ୍ନ ଉପାଖ୍ୟାନକୁ ହାସ୍ୟ ରସାତ୍ମକ ଢଙ୍ଗରେ ପରିବେଷଣ କରିବେ।

### ସାଧାରଣ ନିର୍ବାଚନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ତାଲିମ

**ପାଟଣାଗଡ, ୨୩।୩ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡର ୪ଗୋଟି ସ୍ଥାନରେ ସାଧାରଣ ନିର୍ବାଚନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ସହରସ୍ଥିତ ସୁଭଦ୍ରା ଭବନ ଏବଂ ବ୍ଲକ ସମ୍ମିଳନୀ କକ୍ଷରେ ପ୍ରିଜାଇଡିଂ ଏବଂ ପ୍ରଥମ ପୋଲିଙ୍ଗ ଅଫିସରମାନଙ୍କର ତାଲିମ ହୋଇଥିଲା। ଅନୁରୂପ ଭାବେ ବେଲପଡା ଏବଂ ଖପ୍ରାଖୋଲ ବ୍ଲକ ପରିସରରେ ମଧ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏହି ତାଲିମରେ ସେକ୍ଟର ଅଫିସରମାନେ ଉପସ୍ଥିତ ଥିଲେ। ପ୍ରତ୍ୟେକ ଶିବିରରେ ଜିଲାସ୍ତରୀୟ ମାଷ୍ଟର ଟ୍ରେନର ଏବଂ ସହକାରୀ ଜିଲାସ୍ତରୀୟ ମାଷ୍ଟର ଟ୍ରେନର ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ପାଟଣାଗଡ ଉପଜିଲାପାଳ କେ. ଶକ୍ତ୍ୟ କ୍ରିଷ୍ଣନ କେ.ପି, ସହକାରୀ ଜିଲାପାଳ କ୍ଷିରୋଦ କୁମାର ସାହୁ ଏବଂ ପଦ୍ମନାଭ ପୁରୋହିତ ସମସ୍ତ ତାଲିମ ସ୍ଥାନକୁ ଯାଇ ନିରୀକ୍ଷଣ କରିଥିଲେ। ଆସନ୍ତା ଏପ୍ରିଲ ୨ ତାରିଖରୁ ତୃତୀୟ ପର୍ଯ୍ୟାୟ ତାଲିମ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

### ଅଶୋକଙ୍କ ପ୍ରାର୍ଥିତ୍ୱ ଘୋଷଣା ପରେ କର୍ମୀ ମହଲରେ ଉତ୍ସାହ

**ଗୁଡ଼ଭେଲା, ୨୩।୩(ଡି.ଏନ.ଏ.):** ଭାଜପା ପକ୍ଷରୁ ଟିଟିଲାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରାଙ୍କୁ ପ୍ରାର୍ଥୀ କରିଥିବାରୁ ଦଳୀୟ ମହଲରେ ଖୁସିର ଲହରି ଖେଳି ଯାଇଛି। ବ୍ଲକ ଅନ୍ତର୍ଗତ ଜାମମୁଣ୍ଡା ଗ୍ରାମସ୍ଥିତ ଦୋରାଙ୍କ ବାସଭବନକୁ ଯାଇ ଦଳୀୟ କର୍ମୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କର୍ମୀମାନେ ଖୁସିରେ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ମଣ୍ଡଳ ସଭାପତି ଖଗେଶ୍ୱର ରଣା, ଦୀନବନ୍ଧୁ ବେହେରା, ପ୍ରକାଶ ଚନ୍ଦନ, ଓମ ପ୍ରକାଶ ଶର୍ମା, ଅମରେଶ କେଡ଼ିଆ, ତରୁଣ ମାଝୀ, ତ୍ରିଗତ ରଣା, ବିଦୁର ବେହେରା, ରାଜେଶ ପ୍ରଧାନ, ଯୁଗଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ ଜଳ ଦିବସ ପାଳିତ

**ଟିକ୍ରାପଡା, ୨୩।୩(ଡି.ଏନ.ଏ.):** ସଇଁତଲା ବ୍ଲକ ଟିକ୍ରାପଡାସ୍ଥିତ ଶିଶୁ ସୈନିକ ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଚନ୍ଦ୍ରମଣି ରାଜପଲିଆ ସଭାରେ ଅଧକ୍ଷତା କରିଥିଲେ। ଦିଲୁ ବାଗ, ସୁରେନ୍ଦ୍ର ବରର୍ଡ଼ା, ରସନ୍ତି ପୁଟେଲ ଅତିଥିଭାବେ ଯୋଗଦେଇଥିଲେ। ଦେବସ୍ମିତା ରାଜପଲିଆ, ପ୍ରିତମ ରାଜପଲିଆ, ରିଙ୍କି ମେହେର, ଜ୍ୟୋସ୍ନାମୟୀ ବରର୍ଡ଼ା ଆଲୋଚନାରେ ଭାଗନେଇଥିଲେ। ଜଳର ଆବଶ୍ୟକତା, ସଦୁପଯୋଗ ସମ୍ବନ୍ଧରେ ବକ୍ତାମାନେ ବୁଝାଇଥିଲେ।

### ଆନ୍ତଃରାଜ୍ୟ କଫ୍ ସିରପ୍ ଚୋରାଚାଲାଣ ର୍ୟାକେଟ୍‌ର ପର୍ଦ୍ଦାଫାଶ

# ୩୫୨୦ ବୋତଲ ଜବତ, ୫ ଗିରଫ

**ବଲାଙ୍ଗୀର ଅଫିସ,୨୩।୩**



ଗିରଫ ୫ ଅଭିଯୁକ୍ତ।

- ସ୍କର୍ପିଓ, ମିନିଟ୍ରକ, ୪ ମୋବାଇଲ, ୯ହଜାର ଟଙ୍କା ଜବତ
- ଜବତ କଫ୍‌ସିରପ୍‌ର ମୂଲ୍ୟ ସାଢ଼େ ୩ଲକ୍ଷ
- ରାୟପୁରରୁ ରେଳରେ ଆସୁଥିଲା

ବଲାଙ୍ଗୀର ଟାଉନ୍ ପୋଲିସ ଆନ୍ତଃରାଜ୍ୟ କଫ୍ ସିରପ୍ ଚୋରାଚାଲାଣ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଗୁରୁବାର ସକାଳେ ଏକ କଳାରଙ୍ଗର ସ୍କର୍ପିଓ (ଓଆର୦୨ବିଡବ୍ଲ୍ୟୁ-୦୨୩୪) ଏବଂ ଏକ ଟାଟା ଏସିଇ ମିନିଟ୍ରକ୍ (ଓଡି୦୩ଏ-୨୦୯୩) ଉପରେ ପୋଲିସ ଅତର୍କିତ ଚଢ଼ାଉ କରିବା ପରେ ସେହି ଗାଡିରୁ ୨୨ ବସ୍ତା (୩୫୨୦ ବୋତଲ) କଫ୍ ସିରପ, ୪ଟି ମୋବାଇଲ ଓ ୯ହଜାର ୨ ଶହ ଟଙ୍କା ଜବତ୍ କରିଥିଲା। ଏହି ର୍ୟାକେଟ୍‌ରେ ସକ୍ରିୟ ଥିବା ୫ଜଣଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ବଲାଙ୍ଗୀର ବରପାଲିପଡାର ଅଜିତ୍ କୁମାର ନନ୍ଦ (୨୭), ସୁଦପଡାର ଅଭିଷେକ୍ ଦୋରା (୨୮), ସାଲେପାଲିର ଗୁଟୁ ପାଣ୍ଡେ ଓରଫ୍ ଧ୍ରୁବ ପାଣ୍ଡେ (୩୨), ସଦର ଥାନା ଅନ୍ତର୍ଗତ କୁଶମେଲ ଗାଁର ନାରାୟଣ ମଲ୍ଲିକ (୨୩) ଓ ତେଲିଗୋଠପଡାର ସୁବାସିଂ ମେହେର (୪୩)। ଏହି ଘଟଣାକୁ ନେଇ ଟାଉନ୍ ଥାନାରେ ଭାରତୀୟ ଦଣ୍ଡବିଧି ଆଇନ୍‌ର ଧାରା ୨୧ (ବି) ଓ ୨୯ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୧୩୩/୧୯) ରୁଜୁ କରାଯାଇଛି। ପ୍ରାରମ୍ଭିକ ତଦନ୍ତରୁ ଏହି ଚୋରା କଫ୍ ସିରଫ ଛତିଶଗଡରୁ କୌଣସି ଏକ ଟ୍ରେନ୍ ଯୋଗେ ବଲାଙ୍ଗୀରକୁ ଚାଲାଣ ହେଉଥିବା ଜଣାପଡିଛି। ଷ୍ଟେଶନ୍‌ରୁ ଉକ୍ତ କଫ୍ ସିରପ୍ ପେଟି ସବୁକୁ ନିଆଯାଉଥିବା ବାଟରେ ପୋଲିସ ଚଢ଼ାଉ କରି ଜବତ୍ କରିଥିଲା। ବଲାଙ୍ଗୀର ସଦର ପୋଲିସ ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ଟାଉନ୍ ଥାନା ଆଇଆଇସି ତୋଫାନ୍ ବାଗ ଆଦର୍ଶ ଟାଉନ୍ ଥାନାରେ ଏକ ଖବରଦାତା ସମ୍ମିଳନୀ କରି ଏହି ଆନ୍ତଃରାଜ୍ୟ ଚୋରା କଫ୍ ସିରପ ର୍ୟାକେଟ୍‌ର ପର୍ଦ୍ଦାଫାଶ ସମ୍ପର୍କରେ ସୂଚନା ଦେଇଥିଲେ।

ଗତ କିଛି ବର୍ଷ ହେଲା ବଲାଙ୍ଗୀର ସହରରେ ଖୋଲାଖୋଲି କଫ୍‌ସିରପ ବା ନିଶା କାରବାର ଦ୍ରୁତ ଗତିରେ ବୃଦ୍ଧି ପାଇଥିବା ନେଇ ଅଭିଯୋଗ ହୋଇଛି। ଏହି ନିଶା କାରବାର ଯୋଗୁ ସହରରେ ବଡଧରଣର ଆପରାଧିକ ଘଟଣା ସବୁ ଘଟିଛି। ବଲାଙ୍ଗୀରର ସାନ ନେଗି ନାମକ ଜଣେ ଅପରାଧି ଏହି କଫ୍ ସିରପ୍ କାରବାରରେ ଲିପ୍ତ ଥିବା ଖୋଲାଖୋଲି ଅଭିଯୋଗ ହୋଇଛି। ତେବେ ବହୁ ଉଦ୍ୟମ ସତ୍ତ୍ୱେ ପୋଲିସ ଏହି ର୍ୟାକେଟ୍ ପାଖରେ ପହଞ୍ଚି ପାରୁ ନ ଥିଲା। ଗୁରୁବାର ବଲାଙ୍ଗୀର ଟାଉନ୍ ଥାନା ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ରାୟପୁରର ସାଇକ୍ରିଷ୍ଣା ସର୍ଜିକୋ ନାମକ ଏକ ଦୋକାନରୁ ବଲାଙ୍ଗୀର ଶ୍ରୀସାଇ ମେଡିଫାର୍ମା ନାମରେ ୩୫୨୦ ବୋତଲ ଏସ୍‌କଫ୍ ବ୍ରାଣ୍ଡର କଫ୍ ସିରପ ଆସି ରେଲୱେ ମାଲଗୋଦାମରେ ରହିଥିବା ଖବର ମିଳିଥିଲା। ଏହାପରେ ଟାଉନ୍ ଥାନା ସବ୍‌ଇନ୍ସପେକ୍ଟର ସୁଶାନ୍ତ କୁମାର ସାହୁ ଓ ସରୋଜ ରଥଙ୍କ ନେତୃତ୍ୱରେ ଏକ ଟିମ୍ ବଲାଙ୍ଗୀର ରେଳୱେଷ୍ଟେଶନ୍ ମାଲଗୋଦାମଠାରେ ଜଗି ରହିଥିଲେ। ଦୁର୍ବୃତ୍ତମାନେ ଗୁରୁବାର ସକାଳେ ଉକ୍ତ ୨୨ବସ୍ତା କଫ୍ ସିରପ୍ ଏକ ସ୍କର୍ପିଓ ଓ ଏକ ମିନିଟ୍ରକ୍‌ରେ ନେବାବେଳେ ପୋଲିସ ସମସ୍ତଙ୍କୁ କାବୁ କରିନେଇଥିଲା। ଜବତ୍ କଫ୍ ସିରପର ଆନୁମାନିକ ମୂଲ୍ୟ ସାଢ଼େ ୩ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି। ଗିରଫ ଅଜିତ୍ କୁମାର ନନ୍ଦଙ୍କ ନେତୃତ୍ୱରେ ବଲାଙ୍ଗୀରକୁ ଏହି କଫ୍‌ସିରପ ଆସୁଥିଲା ଓ ଏହି ମାମଲାରେ ମଧ ଫେରାର କୁଖ୍ୟାତ୍ କଫ୍‌ସିରପ ବେପାରୀ ସାନ ନେଗୀ ସମ୍ପୃକ୍ତ ଥିବା କୁହାଯାଇଛି। ତଦନ୍ତ ଅବ୍ୟାହତ ରହିଛି ଓ ଏଥିରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ସମସ୍ତଙ୍କ ବିରେଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ବାରିକ କହିଛନ୍ତି।



ଜବତ ୨୨ ବସ୍ତା ଚୋରା କଫ୍‌ସିରପ।





ଜବତ ୨ ଗାଡି।

### କିଡ୍‌ନୀ ରୋଗରେ ବୃଦ୍ଧଙ୍କ ମୃତ୍ୟୁ

**ଲୋଇସିଂହା,୨୩।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ପଞ୍ଚାୟତ ପତ୍ରପାଲି ଗାଁରେ କିଡ଼ନୀ ରୋଗର ପ୍ରାଦୁର୍ଭାବ ଦେଖାଦେଇଛି। ଶୁକ୍ରବାର ରାତିରେ ଏହି ଗାଁର ପ୍ରସନ୍ନ ପଧାନ(୫୬)ଙ୍କ ମୃତ୍ୟୁ ଘଟିଛି। ପ୍ରସନ୍ନ ଦୀର୍ଘଦିନ ହେଲା କିଡ଼ନୀ ରୋଗରେ ପୀଡିତ ହୋଇ ବୁର୍ଲା ମେଡିକାଲରେ ଚିକିତ୍ସିତ ହୋଇଥିଲେ। ହେଲେ ଅର୍ଥାଭାବରୁ ଚିକିତ୍ସିତ ହୋଇ ନ ପାରି ଘରେ ପଡି ରହି ମୃତ୍ୟୁ ସହ ସଂଗ୍ରାମ କରୁଥିଲେ। ଶେଷରେ ଶୁକ୍ରବାର ରାତିରେ ଆଖି ବୁଜିଥିଲେ। ଘରେ ବିଧବା ସ୍ତ୍ରୀ ଓ ଅବିବାହିତ ଦୁଇ ପିଲା ଅଛନ୍ତି। ଗ୍ରାମବାସୀଙ୍କ ସୂଚନାମତେ, କିଡ଼ନୀରେ ଆକ୍ରାନ୍ତ ହୋଇ କେବଳ ପ୍ରସନ୍ନଙ୍କ ମୃତ୍ୟୁ ଘଟି ନାହିଁ, ଏହାପୂର୍ବରୁ ମଡା ପଧାନ, ଡମ୍ବରୁ ପଧାନ, ବିଶି ମୁଦଲି, ମଗଶିର ପଧାାନ, ବାଳକିଷନ ପଧାନଙ୍କ ମୃତ୍ୟୁ ହୋଇ ସାରିଛି। ଗାଁର ଅନ୍ୟ ଜଣେ ଗୁରୁତର କିଡ଼ନୀ ରୋଗୀ ଅରୁଣ ପଧାନ(୫୮)ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଲୋଇସିଂହା ବ୍ଲକ କର୍ଲାପାଟ, କଦଳୀପାଲି ଓ ପତ୍ରପାଲି, ମାଣ୍ଡିଆପଦର ଗ୍ରାମରେ କିଡ଼ନୀ ରୋଗ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏଥିପ୍ରତି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଲୋଇସିଂହାଠାରୁ ମାତ୍ର ୩ କିମି ଦୂରରେ ଅବସ୍ଥିତ ପତ୍ରାପାଲି ଗାଁରେ ଥିବା ନଳକୂପରୁ ଫ୍ଲୋରାଇଡ ମିଶ୍ରିତ ପାଣି ବାହାରୁଛି। ଏହାକୁ ଗ୍ରାମବାସୀ ପାନୀୟ ଭାବେ ଗ୍ରହଣ କରି କିଡ଼ନୀ ରୋଗାକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି।

### ଦେଓଗାଁରେ ଏକ୍ସପ୍ରେସ୍ ଟ୍ରେନ୍ ରହଣି ଦାବି ପ୍ରସଙ୍ଗ

## ନିର୍ବାଚନ ପରେ ଆନ୍ଦୋଳନକୁ ବ୍ୟାପକ କରାଯିବ

**ଦେଓଗାଁ,୨୩।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବସ୍‌ଷ୍ଟାଣ୍ଡ ନିକଟରେ ଶନିବାର ସନ୍ଧ୍ୟାରେ ଗ୍ରାମ୍ୟ ଉନ୍ନୟନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଡା. ଶଶୀଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦେଓଗାଁ ବ୍ଲକ ବାସିନ୍ଦାଙ୍କ ପ୍ରମୁଖ ଦାବି ଦେଓଗାଁ ରେଳଷ୍ଟେଶନରେ ଏକ୍ସପ୍ରେସ ଟ୍ରେନର ରହଣି ଦାବି ପ୍ରତି ବିଭାଗୀୟ ବୈମାତୃକ ମନୋଭାବ ପ୍ରତି ଅସନ୍ତୋଷ ପ୍ରକାଶ ପାଇଥିଲା। ସାଧାରଣ ନିର୍ବାଚନ ପରେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଅଞ୍ଚଳବାସୀଙ୍କ ତରଫରୁ ଦୁଇଥର ରୋଳରୋକୋ ଆନ୍ଦୋଳନ ତଥା ୩ଦିନ ଧରି ରିଲେ ଅନଶନ ପରେ ମଧ ବିଭାଗ କୌଣସି କର୍ଣ୍ଣପାତ ନକରିବା ଓ ପ୍ରତିଶ୍ରୁତି ଦେଇ ଦିନ ଗଡାଇବା ଅଞ୍ଚଳବାସୀଙ୍କୁ କୁଠାରଘାତ ହୋଇଥିବା ବୈଠକରେ ମତପ୍ରକାଶ ପାଇଥିଲା। କମଦିନ ବ୍ୟବଧାନରେ ନିକଟତମ ଷ୍ଟେଶନମାନଙ୍କରେ ଏକ୍ସପ୍ରେସ ଟ୍ରେନ ରହଣୀ ଦାବି ପୂରଣ ହୋଇଥିବା ବେଳେ ଦେଓଗାଁ ରେଳଷ୍ଟେଶନରେ ରହଣି ନ ହେବା ସମସ୍ତଙ୍କୁ ବ୍ୟଥିତ କରିଛି ବୋଲି ଉପସ୍ଥିତ କର୍ମକର୍ତ୍ତା ମତପୋଷଣ କରିଥିଲେ। ଏଥିସହ ରୋଳରୋକୋ ସମୟରେ ୨୩ଜଣଙ୍କ ନାମରେ ଜିଆରପି ମାମଲା ରୁଜୁ କରିବା ପରିତାପର ବିଷୟ ବୋଲି କୁହାଯାଇଥିଲା। ବୈଠକରେ ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି, ଦେଓଗାଁ ବଣିକ ସଂଘ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଧଣ୍ଡାମୁଣ୍ଡା ଦୋଳ ଉତ୍ସବ ଉଦ୍‌ଯାପିତ

**ଖପ୍ରାଖୋଲ, ୨୩।୩ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡାଠାରେ ୮୦ତମ ଦୋଳ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇ ଯାଇଛି। ଏହି ଅବସରରେ ହରି ଏବଂ ହରଙ୍କ ଦୋଳ ମେଳଣ ବେଶ ଆକର୍ଷଣୀୟ ହୋଇଥିଲା। ଧଣ୍ଡାମୁଣ୍ଡାରୁ ହରି ଏବଂ କଟାପାଲି ଗାଁରୁ ହରଙ୍କ ଦୋଳ ବିମାନ ମେଳଣ ପଡିଆରେ ପହଞ୍ଚିଥିଲା। ଶହଶହ ଶ୍ରଦ୍ଧାଳୁ ଘଣ୍ଟ ଘଣ୍ଟା, ସଂକୀର୍ତ୍ତନ୍ୟ, ବିଭିନ୍ନ ପ୍ରକାର ବାଦ୍ୟର ତାଳେ ତାଳେ ବାଣ ରୋଶଣି ସହ ମେଳଣ ସମୟରେ ଉପସ୍ଥିତ ଥିଲେ। ଦୋଳଉତ୍ସବ ଅବସରରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପୂଜାକର୍ତ୍ତାଭାବେ ଲୋକନାଥ ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ। ଦୋଳ ଉତ୍ସବ ପାଇଁ ଧଣ୍ଡାମୁଣ୍ଡା ଗାଁ ଉତ୍ସବ ମୁଖର ହୋଇଉଠିଥିବାବେଳେ ମୀନା ବଜାର, ବିଭିନ୍ନ ପ୍ରକାର ଦୋଳି, ଭଳିକି ଭଳି ଖାଦ୍ୟର ପସରା ମାନ ଦେଖିବାକୁ ମିଳିଥିଲା। ସେହିପରି ପ୍ରତ୍ୟେକ ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜା କମିଟି ସଭାପତି ପଞ୍ଚାନନ ସାହୁ, ଦେବକାନ୍ତ ପାଣିଗ୍ରାହୀ, ପ୍ରଶାନ୍ତ ମିଶ୍ର, ଅମୂଲ୍ୟ ଭୋଇ, ଦେବେନ୍ଦ୍ର ସାହୁ ପ୍ରମୁଖ କମିଟି କର୍ମକର୍ତ୍ତା କାର୍ଯ୍ୟ ସମ୍ପାଦନରେ ସହଯୋଗ କରିଥିଲେ।

## ବିଶ୍ୱ ବନ ଦିବସରେ ସଭା, ଶୋଭାଯାତ୍ରା



ବିଶ୍ୱ ବନ ଦିବସ ପାଳନ ଅବସରରେ ଛାତ୍ରୀଛାତ୍ରଙ୍କ ସହ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଉପସ୍ଥିତ ବନ ବିଭାଗ ଅଧିକାରୀ।

**ସଇଁତଲା, ୨୩।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବନ ବିଭାଗ ତରଫରୁ ସଇଁତଲା ବ୍ଲକ ଡେଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ଜିଲା ବନ ବିଭାଗର ଅଧିକାରୀ ସମୀର କୁମାର ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସଇଁତଲା ରେଞ୍ଜ ଅଫିସର ରାଜକିଶୋର ହରପାଲ, ଫରେଷ୍ଟର ବିମ୍ବାଧର ବେହେରା, ରାଧେଶ୍ୟାମ ପୁଟେଲ, ଅଶ୍ୱିନୀ କୁମାର ଥନାପତି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଲମ୍ବୋଦର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରକୃତିବନ୍ଧୁ ତଥା ଶିକ୍ଷକ ରାମନାରାୟଣ ଦାଶ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଉପଖଣ୍ଡସ୍ତରୀୟ ପରିବେଶ ସୁରକ୍ଷା ପାଇଁ ଡେଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ବନରକ୍ଷୀ ରଞ୍ଜିତ କୁମାର, ଗଙ୍ଗାଧର ମିଶ୍ର, ପ୍ରଦୀପ କୁମାର ନନ୍ଦ, ସଞ୍ଜୟ କୁମାର ନନ୍ଦ, ମମତା ରାଉତ, ଶୁଭଜ୍ୟୋତ୍ସ୍ନା ସାହୁ, ଭାରତୀ ମାଝୀ, ମିଳନ ଗହୀର, ପ୍ରଭୁଦତ ବେହେରା, ଶିକ୍ଷୟିତ୍ରୀ ରେଣୁକା ସାହୁ, ଭାରତୀ ପଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେନ୍ଦ୍ର ରଣା, ଗଣେଶ ରଣା, ଜୁନିୟର ରେଡ଼କ୍ରସର ଛାତ୍ରୀଛାତ୍ରଙ୍କ ସହ ଗ୍ରାମବାସୀ ସଭାରେ ଉପସ୍ଥିତ ଥିଲେ। ପରେ ଏକ ସଚେତନତା ରାଲି ଗ୍ରାମ ପରିକ୍ରମା କରିଥିଲା। ଶୋଭାଯାତ୍ରା କାଳରେ ମନ୍ଦିର ଓ ଗୀର୍ଜା ସମ୍ମୁଖରେ ବୃକ୍ଷର ଉପକାରିତା ସମ୍ବନ୍ଧରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଶେଷରେ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଯାଦବ ସମାଜର ଦୋଳ ପୂର୍ଣ୍ଣିମା ଉତ୍ସବ।

## ପୌରାଞ୍ଚଳ ଯାଦବ ସମାଜ ପକ୍ଷରୁ ଦୋଳ ଉତ୍ସବ

**ବଲାଙ୍ଗୀର ଅଫିସ, ୨୩।୩**

**ଯୋଡିହେଲେ ରାଜନେତା, ଜନସାଧାରଣ**

ଯାଦବ ସମାଜ ଆନୁକୂଲ୍ୟରେ ୨୩ ତମ ପବିତ୍ର ଦୋଳ ମହୋତ୍ସବ ଜିଲା ଯାଦବ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଦବ ସମାଜର କାର୍ଯ୍ୟକର୍ତ୍ତା, ସଦସ୍ୟ ସହ ବଲାଙ୍ଗୀର ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଯାଦବ ଭବନଠାରେ ପୂଜାର୍ଚ୍ଚନା ପରେ ପାରମ୍ପରିକ ଗଉଡ ବାଡି ଖେଳ ଅନୁଷ୍ଠିତ ହୋଇଥିଲା। ଏହାପରେ ଏକ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଧରି ସହର ପରିକ୍ରମା କରାଯାଇଥିଲା। ଦୋଳ ମହୋତ୍ସବ ପୂଜାରେ ପୂଜାକର୍ତ୍ତାଭାବେ ବୀବସ୍ର ନାଏକ ଏବଂ ଭବାନୀ ନାଏକ ରାଧାକୃଷ୍ଣଙ୍କ ଦୋଳ ବେଶରେ ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟ ମାର୍କେଟରେ ଯାଦବମାନେ ଦଧିହାଣ୍ଡି ଭଙ୍ଗା ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ସ୍ଥାନୀୟ ସ୍ଥାନୀୟ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଯୋଗଦେଇ ହୋଲିର ଶୁଭେଚ୍ଛା ଜଣାଇଥିଲେ। ଅନ୍ୟତମ ଅତିଥିଭାବେ ପୌରାଧକ୍ଷା ସନ୍ତୋଷିନୀ ବେହେରା, ଆଦ୍ରିଜା ମଞ୍ଜିରୀ ସିଂଦେଓ, ମହେନ୍ଦ୍ର ନାଏକ, ସତ୍ୟନାରାୟଣ ବାଗ, ଦୁର୍ବାଦଳ ମହାକୁର, ସୁଭଦ୍ରା ବାଗ, ଧ୍ରୁବଚରଣ ଜୁଏଡ, ଧୀରୁ ବନଛୋର, ବାଦଲ ମହାକୁର, ମିଟୁ ଜୁଏଡ, ମହେନ୍ଦ୍ର ବାଗ, ଦମୟନ୍ତୀ ବାଗ, ଗୋପାଳଜୀ ପାଣିଗ୍ରାହୀ, ମୃଣ୍ମୟୀ ଭୋଇ, ପୌରାଞ୍ଚଳର ସମସ୍ତ କମିଟି ସଦସ୍ୟ ଉପସ୍ଥିତ ରହି ଦୋଳ ପୂର୍ଣ୍ଣିମା ଉତ୍ସବରେ ସାମିଲ ହୋଇଥିଲେ। ଯାଦବ ସମାଜ କାର୍ଯ୍ୟକର୍ତ୍ତା ଅରକ୍ଷିତ ଜୁଏଡ, ସନ୍ତୋଷ କୁମାର ବରର୍ତ୍ତି, ଖରତ କୁମାର ରାଉତ, ପ୍ରଶାନ୍ତ ମହାକୁର, ଅକ୍ଷୟ ବାଗ, ଦିଲୀପ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଞ୍ଜିବ ବାଗ, ଜୟଦେବ ଜାଲ, ବିନୋଦ କାଲସାଏ ସହଯୋଗ କରିଥିଲେ।

### ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନନ୍ତ ଭାଜପା ପ୍ରାର୍ଥୀ

# ବିଦ୍ରୋହ ସୂଚନା ଦେଲେ ବାସୁଦେବ

**ବଲାଙ୍ଗୀର ଅଫିସ,୨୩।୩**



- ଟିକେଟ ଚୟନରେ ଚକ୍ରାନ୍ତ ଅଭିଯୋଗ ଆଣିଲେ
- ଭାଜପା ପାର୍ଟି ଅଫିସ ଜମିକିଣା ଦୁର୍ନୀତି ପ୍ରସଙ୍ଗ ଉଠାଇଲେ
- କର୍ମୀ ସମାବେଶ ପରେ ବଡଧରଣର ନିଷ୍ପତ୍ତି ନେବା ସୂଚନା

ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ଭାଜପା ତରଫରୁ ଚଳିତବର୍ଷ ନୂଆ ଚେହେରା ଭାବେ ଅନନ୍ତ ଦାଶଙ୍କୁ ଦଳୀୟ ଟିକେଟ ଦିଆଯାଇଛି। ଏହି ଘୋଷଣା ପରେ ଆଶାୟୀ ଥିବା ୨୦୧୪ ନିର୍ବାଚନ ପ୍ରାର୍ଥୀ ଡା ବାସୁଦେବ ପତି ଓ ଗୋପାଲଜୀ ପାଣିଗ୍ରାହୀଙ୍କ ସମର୍ଥକ ମହଲରେ ନିରାଶା ଖେଳିଯାଇଛି। ଟିକେଟ ପାଇବା ପରେ ଦାଶ ସମର୍ଥକଙ୍କ ସହ ଶନିବାର ସକାଳୁ ପାଟଣେଶ୍ୱରୀ ଓ ସମଲେଶ୍ୱରୀ ମନ୍ଦିର ଯାଇ ଦେବୀ ଦର୍ଶନ କରିଥିଲେ। ଏହି ଅବସରରେ ଦାଶଙ୍କୁ ପଚାରିବାରୁ ଟିକେଟ ପାଇଥିବାରୁ ଖୁସି ବ୍ୟକ୍ତ କରିବା ସହ ଜିଲାର ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଶୀଘ୍ର ସମ୍ପୂର୍ଣ୍ଣ କରିବା, ବାଇପାସ୍ ନିର୍ମାଣ ଓ ବିଜୟାନନ୍ଦ ସମବାୟ ଚିନିକଳ ପୁନଃ କାର୍ଯ୍ୟକ୍ଷମକୁ ସେ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ଅନ୍ୟପଟେ ଭାଜପାରୁ ଦୁଇଥର ପ୍ରାର୍ଥୀ ହୋଇଥିବା ଓ ଚଳିତ ନିର୍ବାଚନରେ ସବୁଠାରୁ ବଡ ଟିକେଟ ଦାବିଦାର ଥିବା ଡା. ବାସୁଦେବ ପତିଙ୍କ ପ୍ରାର୍ଥୀତ୍ୱ କାଟ୍ ଖାଇବା ପରେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ ଡାକି ଦଳୀୟ କିଛି ନେତାଙ୍କ ଚକ୍ରାନ୍ତ ଯୋଗୁଁ ସେ ଟିକେଟ ପାଇବାରୁ ବଞ୍ଚିତ ହୋଇଥିବା କହିଛନ୍ତି। ୨୦୦୯ ନିର୍ବାଚନରେ ସେ ଭାଜପା ପ୍ରାର୍ଥୀ ଭାବେ ପ୍ରାୟ ୩୩ ହଜାର ଓ ୨୦୧୪ରେ ୩୬ ହଜାର ଭୋଟ୍ ପାଇଥିଲେ। ଏତେ ସଂଖ୍ୟକ ଭୋଟ ପାଇଥିବାରୁ ଚଳିତ ନିର୍ବାଚନ ପାଇଁ ଦଳୀୟ ସର୍ଭେ ସମୟରେ ତାଙ୍କୁ ଟିକେଟ ଦିଆଯିବାକୁ ସବୁ ସ୍ତରରୁ ସୁପାରିଶ କରାଯାଇଥିଲା। ଦିଲ୍ଲୀରୁ ତାଙ୍କ ନାଁରେ ଟିକେଟ ଆସିବା ସତ୍ତ୍ୱେ ପ୍ରାଦେଶିକ ସ୍ତରରେ ଚକ୍ରାନ୍ତ କରାଯାଇ ତାଙ୍କୁ ଉପେକ୍ଷା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏଭଳିକି ବଲାଙ୍ଗୀର ଓ ପାଟଣାଗଡ ବିଧାନସଭା କ୍ଷେତ୍ରରେ କଂଗ୍ରେସ ସହ ଭାଜପା ବିପଜ୍ଜନକ ଚୁକ୍ତି କରିଛି ଓ ଏହି କାରଣରୁ ତାଙ୍କର ଟିକେଟ କଟାଯାଇ ତାଙ୍କ ସ୍ଥାନରେ ଭାଜପା ଏକ ଦୁର୍ବଳ ପ୍ରାର୍ଥୀ ଦେଇଛି ବୋଲି ସେ ଅଭିଯୋଗ କରିଛନ୍ତି। ରବିବାର ଦେଓଗାଁ ବ୍ଲକ୍‌ରେ ଓ ବଲାଙ୍ଗୀରରେ ଦୁଇଟି କର୍ମୀ ସମାବେଶ କରି ସେ ଏକ ବଡଧରଣର ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାଜପା ବଲାଙ୍ଗୀର ପାର୍ଟି ଅଫିସ ଜମିକିଣା ପ୍ରସଙ୍ଗ ଉଠାଇ ଏହି ଜମି କିଣା ଦୁର୍ନୀତିରେ ଏବେକାର ଭାଜପା ପ୍ରାର୍ଥୀ ସଂଶ୍ଳିଷ୍ଟ ଅଛନ୍ତି ବୋଲି ପତି ଅଭିଯୋଗ କରିଥିଲେ। ଏହି ମାମଲା କୋର୍ଟରେ ବିଚାରଧୀନ ଥିବା ସତ୍ତ୍ୱେ ତାଙ୍କୁ ଦଳ ଟିକେଟ ଦେଇ ଦୁର୍ନୀତିକୁ ସମର୍ଥନ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ଭାଜପା ପ୍ରାର୍ଥୀ ହୋଇଥିବା ଦାଶଙ୍କୁ ପଚାରିବାରୁ କିଏ କେଉଁଠାରେ କ'ଣ ପ୍ରେସ୍ ମିଟ କରିଛନ୍ତି ସେ ବିଷୟରେ ସେ ଜାଣି ନାହାନ୍ତି। ତେବେ ତାଙ୍କ ବିରୋଧରେ କୌଣସି ଜମି କିଣା ଅଭିଯୋଗ ନାହିଁ ବୋଲି ସେ କହିଛନ୍ତି। ଭାଜପା ପ୍ରାର୍ଥୀ ଘୋଷଣା ପରେ ବଲାଙ୍ଗୀରରେ ଦଳୀୟ ଅସନ୍ତୋଷ ଓ ବିଦ୍ରୋହ ସ୍ପଷ୍ଟ ହେବାରେ ଲାଗିଲାଣି।



ଧନ ଥିଲେ ଦାରିଦ୍ର୍ୟର ଭୟ ଅଛି। ଜ୍ଞାନରେ ଅଜ୍ଞାନର ଭୟ, ସର୍ବୋପରି ଦେହ ଥିଲେ ମୃତ୍ୟୁର ଭୟ ଅଛି। ଏହି ଜଗତର ସମୁଦାୟ ବସ୍ତୁ ଭୟଯୁକ୍ତ। କିନ୍ତୁ ଯେଉଁ ବ୍ୟକ୍ତି ସର୍ବସ୍ୱ ତ୍ୟାଗ କରିଛି ତାହାର କୌଣସି ଭୟ ନାହିଁ। ସେ ଭୟ ଶୂନ୍ୟ ନିର୍ଭୀକ।
- ସ୍ୱାମୀ ବିବେକାନନ୍ଦ



**ସଂକ୍ଷେପରେ**

## ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

ଖଡିଆଳ,୨୩।୩ (ଡି.ଏନ୍.ଏ.) ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଗଡ଼ରାମୁଣ୍ଡା ଗାଁରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଏକ ନୂତନ ଘର ନିର୍ମାଣରେ ନିୟୋଜିତ ଜଣେ ଶ୍ରମିକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ ଗଜିନ୍ଦ୍ର ବନଛୋର(୫୦) । ମିଳିଥିବା ସୂଚନା ମୁତାବକ, ଗଜିନ୍ଦ୍ର ନିଜ ପରିବାର ଅନ୍ୟ ସଦସ୍ୟଙ୍କ ସହ ଗାଁର ତେଜୁ ନାଏକଙ୍କ ନିର୍ମାଣାଧୀନ ଘରେ କାମ କରୁଥିଲେ। ସେତିକିବେଳେ ସେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛାତ ଉପରୁ ତଳକୁ ଛିଟିକି ପଡିଥିଲେ। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଖଡ଼ିଆଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଖଡିଆଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ମସିଗାଁରେ ୧୫ ଦିନ ହେଲା ଜଳ ଯୋଗାଣ ବନ୍ଦ

କୁନାଗଡ଼,୨୩।୩(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ନେଇ ସରକାର ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରି ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ତେବେ ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ଯୋଜନା ବାଟବଣା ହେବାରେ ଲାଗିଛି। ଫଳରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକେ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା କୁନାଗଡ଼ ବ୍ଲକ ତଳମଲା ପଞ୍ଚାୟତ ମସିଗାଁରେ। ଗ୍ରାମରେ ବସବାସ କରୁଥିବା ଲୋକଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ପାଇଁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ମାସକ ତଳେ ନିକଟସ୍ଥ ତଳମଲା ଓଭରହେଡ ପାଣି ଟାଙ୍କିରୁ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ଏନେଇ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଛି। ଗ୍ରାମରେ ପାଇପ୍ ପାଣି ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ତେବେ ନିମ୍ନମାନର କାମ ଯୋଗୁ କିଛି ଦିନ ହେଲା ବିଭିନ୍ନ ସ୍ଥାନରେ ପାଇପ୍‌ଗୁଡିକ ଫାଟି ଯାଇଛି। ଫଳରେ ଜଳଯୋଗାଣ ବନ୍ଦ ହୋଇଯାଇଛି। ଘଟଣାର ୧୫ଦିନ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ଏହାକୁ ମରାମତି କରାଯାଇ ନାହିଁ। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫାଟି ଯାଇଥିବା ପାଇପ୍‌ଗୁଡିକୁ ଶୀଘ୍ର ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀ, ସମ୍ପୃକ୍ତ ଠିକାଦାରଙ୍କୁ ଗ୍ରାମବାସୀ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅନ୍ୟପକ୍ଷେ ପାଇପ୍ ଜଳ ଯୋଗାଣ ବନ୍ଦ ହୋଇ ଯିବାରୁ ଗ୍ରାମରେ ଜଳକଷ୍ଟ ଦେଖାଦେଇଛି। ଗ୍ରାମର ଅଧିକାଂଶ ନଳକୂପରେ ବିଶୁଦ୍ଧ ପାଣି ବାହାରୁ ନ ଥିବାରୁ ଲୋକ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେଉଁ କେତୋଟି ନଳକୂପରେ ବିଶୁଦ୍ଧ ପାଣି ବାହାରୁଛି ସେଠାରେ ଲୋକଙ୍କ ଲମ୍ବା ଧାଡି ଲାଗୁଥିବା ଦେଖିବାକୁ ମିଳିଛି। ସେହିପରି ଗ୍ରାମର ମହିଳା ପାଣି ପାଇଁ ୧କି.ମି ଦୂର ବାଗଡିସରକୁ ଯାଉଥିବା ଜଣାପଡିଛି। ମସିଗାଁରେ ୩ଟି ୱାର୍ଡରେ ପାଖାପାଖି ୨ହଜାର ଲୋକ ବସବାସ କରୁଛନ୍ତି। ସେହିପରି ନିକଟସ୍ଥ ଶ୍ରୀରାମପଡ଼ାକୁ ଯାଇଥିବା ପାଇପ୍ ମଧ୍ୟ ଫାଟି ଯାଇଥିବାରୁ ସେଠାରେ ମଧ୍ୟ ଜଳ ଯୋଗାଣ ବ୍ୟାହତ ହୋଇଛି। ନିମ୍ନମାନର ପାଇପ୍ ସହ ଷ୍ଟାଣ୍ଡପୋଷ୍ଟରେ ଶସ୍ତା ସାମଗ୍ରୀ ବ୍ୟବହାର କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ଅନିୟମିତତା ପଦାକୁ ଆସି ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ବିନୋଦ କୁମାର ସିଂହଙ୍କୁ ପଚାରିବାରୁ ଘଟଣା ସଂକ୍ରାନ୍ତରେ ଠିକାଦାରଙ୍କୁ କୁହାଯାଇଛି। ଖୁବ ଶୀଘ୍ର ମରାମତି କମା କରାଯିବ ବୋଲି କହିଛନ୍ତି।



ଗ୍ରାମର ମହିଳାମାନେ ବାଗଡିସରରୁ ପାଣି ଆଣୁଛନ୍ତି।



ବନ୍ଦ ହୋଇପଡିଥିବା ଷ୍ଟାଣ୍ଡପୋଷ୍ଟ।

- ପାଣି ପାଇଁ ଲୋକେ ହନ୍ତସନ୍ତ
- ନିମ୍ନମାନର ସାମଗ୍ରୀ ବ୍ୟବହାର ଅଭିଯୋଗ
- ଭିଜିଲାନ୍ସ ତଦନ୍ତ ଦାବି
- ଦୃଷ୍ଟି ଦେଉନି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ

## ଦୋଳପୂର୍ଣ୍ଣିମାରେ ନାମଯଜ୍ଞ, ରାମାୟଣ ପାରାୟଣ

ଦେଓଗାଁ,୨୩।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ଗ୍ରାମରେ ଦୋଳପୂର୍ଣ୍ଣିମା ଉପଲକ୍ଷେ ଚାଲିଥିବା ନାମଯଜ୍ଞ ଓ ରାମାୟଣ ପାରାୟଣ ସମ୍ପନ୍ନ ହୋଇଯାଇଛି । ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁର ରାଧାକୃଷ୍ଣ ମନ୍ଦିର ପରିସରରେ ଅନୁଷ୍ଠିତ ୧୬ପ୍ରହର ନାମଯଜ୍ଞ ଶୁକ୍ରବାର ଅପରାହ୍ନରେ ପୂର୍ଣ୍ଣାହୂତି ସହ ସମ୍ପନ୍ନ ହୋଇଯାଇଛି। ଏଥିରେ କର୍ତ୍ତାଭାବେ ପୀତାମ୍ବର ଭୋଇ ଓ ତାଙ୍କ ସ୍ତ୍ରୀ ରଞ୍ଜୁଲତା ଭୋଇ ଦାୟିତ୍ୱ ତୁଲାଇଥିଲେ । ସେହିପରି କୁଲିଆବାହାଲରେ ସ୍ଥାନୀୟ ଶିବମନ୍ଦିର ପରିସରରେ ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞରେ କର୍ତ୍ତାଭାବେ ସୁରେଶ କୁମାର ମେହେର ଓ ତାଙ୍କ ସ୍ତ୍ରୀ ଯଶୋଦା ମେହେର ଦାୟିତ୍ୱ ତୁଲାଇଥିଲେ। ଜରାସିଂହାରେ ଦୟାନିଧି ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ରାମାୟଣ ପାରାୟଣରେ ବ୍ୟାସଭାବେ ବନ୍ଦିତା ନାୟକ ଓ ସାଥି ଯୋଗ ଦେଇଥିଲେ।



ଚନ୍ଦ୍ରପୁରରେ ଦୋଳପୂର୍ଣ୍ଣିମା ସମ୍ପନ୍ନ ଅବସରରେ ନଗର ପରିକ୍ରମା।

### ବିଦେଶୀ ମଦ ଦୋକାନ ସ୍ଥାନାନ୍ତରକୁ ବିରୋଧ

## ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କଲେ ପଞ୍ଚାୟତବାସୀ

ଭବାନୀପାଟଣା, ୨୩।୩ (ଡି.ଏନ୍.ଏ.)

ଭବାନୀପାଟଣା ସଦର ବ୍ଲକ ଅଧୀନ ବୋର୍ଡାରେ ଥିବା ବିଦେଶୀ ମଦ ଦୋକାନକୁ ରିଷିଗାଁକୁ ସ୍ଥାନାନ୍ତରଣ ପ୍ରକ୍ରିୟା ଜାରି ରହିଛି। ଏହାକୁ ବିରୋଧ କରି ରିଷିଗାଁ ପଞ୍ଚାୟତର ମହିଳା ପୁରୁଷ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମହିଳାମାନେ ଅଭିଯୋଗ କରିଛନ୍ତି ଯେ, ରିଷିଗାଁ ପଞ୍ଚାୟତରେ ପୂର୍ବରୁ ଗୋଟିଏ ଦେଶି ମଦ ଭାଟି ଏବଂ ସରକାରୀ ମଦ ଦୋକାନ ରହିଛି। ଫଳରେ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ଲୋକେ ମଦ ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପୁଣି ଅଞ୍ଚଳରେ ଆଉ ଏକ ମଦ ମଦ ଦୋକାନ ସ୍ଥାପନ କରାଗଲେ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ଏନେଇ ମଦ ଦୋକାନ ସ୍ଥାନାନ୍ତରକୁ ପଞ୍ଚାୟତବାସୀ ବିରୋଧ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।




ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ରିଷିଗାଁ ପଞ୍ଚାୟତବାସୀ।

## କେସିଙ୍ଗାରେ ବିଜେଡି ପ୍ରାର୍ଥୀ ଦୁଷ୍ମନ୍ତ ନାଏକଙ୍କୁ ସ୍ୱାଗତ

କେସିଙ୍ଗା, ୨୩।୩ (ଡି.ଏନ.ଏ)

ବିଜେଡି ପ୍ରାର୍ଥୀ ଦୁଷ୍ମନ୍ତ ନାଏକଙ୍କୁ ଗୁରୁବାର ଅପରାହ୍ନ ୩ଟା କେସିଙ୍ଗାସ୍ଥିତ ବଲାଙ୍ଗୀର ଛକ ନିକଟସ୍ଥ ଦଳୀୟ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ କର୍ମୀମାନେ ତାଙ୍କୁ ଦଳୀୟ କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ। ଏହି ଅବସରରେ ଟାଉନ ସଭାପତି ରମାକାନ୍ତ ଗଉଡଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଦୁଷ୍ମନ୍ତଙ୍କୁ ଟିକେଟ ଦେଇଥିବାରୁ ବିଜେଡି କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ବିଜେଡି ପ୍ରାର୍ଥୀ ଦୁଷ୍ମନ୍ତ କର୍ମୀମାନଙ୍କୁ ଏକତ୍ରିତ ହୋଇ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ଜିତାଇବାକୁ କହିଥିଲେ। ଏଥିରେ କେସିଙ୍ଗା ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସହ ଦଳୀୟ କର୍ମୀ ଯୋଗଦେଇଥିଲେ। ଯୁବ ବାହିନୀର ସଭାପତି ସିଲୁ ପରିଡ଼ା, ପୂର୍ବତନ କାଉନସିଲର ନୃପରାଜ ଯାଦବ, ବୀରେନ୍ଦ୍ର ନାଏକ, ଚମ୍ପକ ସାହା, ନର ନିହାଲ ଉପସ୍ଥିତ ଥିଲେ।



କେସିଙ୍ଗାରେ ବିଜେଡି ପ୍ରାର୍ଥୀ ଦୁଷ୍ମନ୍ତ ନାଏକଙ୍କୁ ସ୍ୱାଗତ କରାଯାଉଛି।

## ମୋହନଗିରିରେ ମାଓବାଦୀ ପୋଷ୍ଟର

ମୋହନଗିରି,୨୩।୩(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି ତଗାବାଜୁ ଗାଁରେ ଶନିବାର ରାତ୍ରିରେ ମାଓବାଦୀମାନେ ପୋଷ୍ଟର ଲଗାଇ ନିଜ ଉପସ୍ଥିତି ଜାହିର କରିଛନ୍ତି। ପୋଷ୍ଟର କେକେବିଏନ୍ ମାଓବାଦଇ ସଂଗଠନ ଉଲ୍ଲେଖ ରହିଛି। ଏପରି କି ପୋଷ୍ଟରରେ ଆସନ୍ତା ସାଧାରଣ ନିର୍ବାଚନକୁ ବିରୋଧ କରି ଭୋଟ ବର୍ଜନ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି। ପୋଷ୍ଟରରେ ଆହୁରି ଉଲ୍ଲେଖ ରହିଛି ଯେ, ଗ୍ରାମ ରୋଜଗାରସେବକଙ୍କ ଦାବି ସରକାର ପୂରଣ କରୁନାହାନ୍ତି, ସରକାର ଓପେପା କର୍ମଚାରୀଙ୍କ ପ୍ରତିଶ୍ରୁତି ପାଳନ କରନ୍ତୁ, ସମସ୍ତ ଦେଶୀ ବିଦେଶୀ ମଦ ଦୋକାନ ସରକାର ବନ୍ଦ କରନ୍ତୁ, ଘୁ ଉଦୟଗିରିକୁ ଉପଖଣ୍ଡ ମାନ୍ୟତା ସହ ୮ ପଞ୍ଚାୟତକୁ ନେଇ ବ୍ରାହ୍ମଣୀ ଗାଁ ବ୍ଲକ ଏବଂ ତଗାବାଲିକୁ ନୂତନ ପଞ୍ଚାୟତ ତିତ୍‌ଲି କ୍ଷୟକ୍ଷତି ପୂରଣ ସହ ୯ ଦଫା ଦାବି ପୋଷ୍ଟରରେ ଉପସ୍ଥାପନ କରାଯାଇଛି। ଏପରି କି ପୋଷ୍ଟରରେ ଭାଜପା, ବିଜେଡି ସରକାରଙ୍କ ବିରୋଧରେ କଟୁ ସମାଲୋଚନା କରାଯାଇଛି। ଆସନ୍ତା ସାଧାରଣ ନିର୍ବାଚନକୁ ବର୍ଜନ କରି ଭୋଟ ମାଗିବାକୁ ଆସୁଥିବା ନେତା, ମନ୍ତ୍ରୀଙ୍କୁ ଅଞ୍ଚଳରୁ ଘଉଡାଇଦେବା ପାଇଁ ମାଓବାଦୀ ସଂଗଠନ ପକ୍ଷରୁ ଜନସାଧାରଣଙ୍କୁ ପୋଷ୍ଟର ମାଧ୍ୟମରେ କୁହାଯାଇଛି । ତଗାବାଜୁ ଗ୍ରାମର ବିଭିନ୍ନ ଗଛରେ ଏହି ପୋଷ୍ଟର ଓ ଲଫ୍‌ଲେଟ ଲଗାଯାଇଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ସେଠାରେ ପହଞ୍ଚି ପାରି ନାହିଁ।



ଗଛରେ ଲଗାଯାଇଥିବା ମାଓବାଦୀ ପୋଷ୍ଟର ଏବଂ ଲିଫ୍‌ଲେଟ।

## ଘରେ ପଶି ଆକ୍ରମଣ ଅଭିଯୋଗ

ବଲାଙ୍ଗୀର ଅଫିସ, ୨୩।୩

ବଲାଙ୍ଗୀର ଟାଉନ୍ ଥାନା ଅନ୍ତର୍ଗତ ଗେଟ୍ ସରୋବରପଡାରେ ଶନିବାର ସକାଳେ ଏକ ଗଣ୍ଡଗୋଳ ଘଟିଛି । ପଡାର ଦୈତାରୀ କୁମ୍ଭାରଙ୍କ ଘରେ ପଶି ସୁରେଶ ହରପାଲ ଓ ଅନ୍ୟ ୪/୫ ଜଣ ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ଟାଉନ୍ ଥାନାରେ ଏକ ମାମଲା (ନଂ.୧୩୪/୧୯) ରୁଜୁ ହୋଇଛି । ଆକ୍ରମଣକାରୀ ଦୁଇ ମହିଳା ସଦସ୍ୟଙ୍କୁ ମଧ୍ୟ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛଇ। ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ ହୋଇଥିବା କୁହାଯାଇଛି । ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି।

## ସର୍ଦ୍ଦାରଙ୍କ ଘରେ ବନ୍ଧା ପଡ଼ିଛନ୍ତି ଶ୍ରମିକ
### ୧୦ ଦିନ ବିତିଲା, ଉଦ୍ଧାର କାର୍ଯ୍ୟରେ ବିଳମ୍ବ

କେସିଙ୍ଗା, ୨୩।୩ (ଡି.ଏନ.ଏ.)

ମହାରାଷ୍ଟ୍ରକୁ ଦାଦନ ଖଟିବାକୁ ଯାଇ ୫ଜଣ ଶ୍ରମିକ ଚଳିତ ମାସ ୧୩ ତାରିଖରେ ଟ୍ରେନ ଯୋଗେ ଗ୍ରାମକୁ ଫେରୁଥିଲେ। ହେଲେ ଜଣେ ଦାଦନ ସର୍ଦ୍ଦାର ଶ୍ରମିକମାନଙ୍କୁ କଣ୍ଟାବାଞ୍ଜି ରେଳ ଷ୍ଟେଶନରୁ ଅପହଣ କରି ନେଇଥିଲେ। ଏପରି କି ଦାଦନ ସର୍ଦ୍ଦାର ଜଣେ ଶ୍ରମିକଙ୍କୁ ତାଙ୍କ ଘରେ ବନ୍ଧକ ରଖି ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି।

ଚଳିତ ମାସ ୧୩ ତାରିଖରେ କଳାହାଣ୍ଡି ଜିଲା କେସିଙ୍ଗା ଅଞ୍ଚଳର ୫ଜଣ ଶ୍ରମିକ ଦାଦନ ଖଟିବାକୁ ଯାଇ ମହାରାଷ୍ଟ୍ରରୁ ଘରକୁ ଫେରୁଥିଲେ। ହେଲେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବ୍ଲକ ଅଧୀନ ଜାମୁରଖୁଲା ଅଞ୍ଚଳର ଜଣେ ଦାଦନ ସର୍ଦ୍ଦାର ଶ୍ରମିକମାନଙ୍କୁ କଣ୍ଟାବାଞ୍ଜି ରେଳ ଷ୍ଟେଶନରୁ ଅପହରଣ କରି ନେଇଥିଲେ। ପରବର୍ତ୍ତୀ ସମୟରେ ସେ ୪ଜଣ ଶ୍ରମିକଙ୍କୁ ଛାଡି ଦେଇଥିବା ବେଳେ ଅନ୍ତ ଗଉଡ(୫୮) ନାମକ ଜଣେ ଶ୍ରମିକଙ୍କୁ ଅଧିକ ଅଗ୍ରିମ ଟଙ୍କା ନେଇଥିବା କହି ଏକ କାଗଜରେ ଦସ୍ତଖତ କରାଇ ତାଙ୍କ ଘରେ ଅଟକ ରଖିଥିଲେ। ଦାଦନ ସର୍ଦ୍ଦାର ଅନ୍ତଙ୍କୁ ନିଜ ଘର କାମରେ ଲଗାଇବା ସହିତ ରାତ୍ରିରେ ଏକ ଘରେ ତାଲା ପକାଇ ରଖୁଛନ୍ତି। ଏପରି କି ଖାଇବାକୁ ନ ଦେଇ ନିର୍ଯାତନା ଦେଉଥିବା ଅନ୍ତଙ୍କ ସ୍ତ୍ରୀ ସୁଶିଳା ଗଉଡ଼ ଜିଲାଶ୍ରମ ଅଧିକାରୀଙ୍କ ନିକଟରେ ଗତ ୧୬ ତାରିଖରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏନେଇ ଅତିରିକ୍ତ ଜିଲାଶ୍ରମ ଅଧିକାରୀ ସଂଗ୍ରାମ ଦଲାଇ ସୁଶିଳାଙ୍କୁ କେସିଙ୍ଗା ଥାନାରେ ଅଭିଯୋଗ କରିବାକୁ କହିଥିଲେ। ଏନେଇ ସୁଶିଳା କେସିଙ୍ଗା ଥାନାକୁ ଆସି ଅଭିଯୋଗ କରିଥିଲେ। ହେଲେ ଥାନାରେ ତାଙ୍କ ଅଭିଯୋଗ ପତ୍ରକୁ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏନେଇ କେସିଙ୍ଗା ଥାନା ଆଇଆଇସି ଅଶୋକ କୁମାର ମାହାପାତ୍ରଙ୍କୁ ପଚାରିବାରୁ ପୋଲିସ ପକ୍ଷରୁ ସମସ୍ତ ସାହାର୍ଯ୍ୟ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ମହାରାଷ୍ଟ୍ରରେ ବର୍ତ୍ତମାନ ୧୧ଜଣ ଶ୍ରମିକଙ୍କ ସହ ୫ଜଣ ଶିଶୁ ଅଟକ ରହିଥିବା ଜଣାପଡିଛି। ୫ମାସ ହେଲା ସେମାନଙ୍କୁ ଉଦ୍ଧାର କରାଯାଉ ନ ଥିବାରୁ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

### ଭୋଟର ପରିଚୟପତ୍ରରେ ବ୍ୟାପକ ତ୍ରୁଟି

# ଭୋଟ ବର୍ଜନ ଚେତାବନୀ ଦେଲେ ଗ୍ରାମବାସୀ

କୋକସରା ,୨୩।୩(ଡି.ଏନ୍.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡପୋଡଗୁଡା ପଞ୍ଚାୟତ ଅଧୀନରେ ରହିଛି ୧୧ଟି ଗ୍ରାମ। ସେଗୁଡିକ ହେଲା ଭାଲିଆଜୋର, ବାବେକୋହରା, ତେଲିଗୁଡା, ତଳାଗାଁ, ରଏନଗୁଡା, ସର୍ଗିଗୁଡା, ପୋଡାଗୁଡା, ଦାବ୍ରିଗୁଡା, କଛାରପଦର, କରଙ୍ଗାପଡା, ଡଙ୍ଗରିଗୁଡ଼ା। ଏହି ୧୧ଟି ଗ୍ରାମର ଭୋଟରଙ୍କ ସଂଖ୍ୟା ପଖାପାଖି ୫ ହଜାର। ହେଲେ ପଞ୍ଚାୟତ ଅଧୀନ ତଳାଗାଁର ଭୋଟର ସଂଖ୍ୟା ୫୦୦ ରହିଥିବାବେଳେ ଭୋଟର ପରିଚୟପତ୍ରରେ ବ୍ୟାପକ ତ୍ରୁଟି ରହିଥିବା ଅଭିଯାଗ ହୋଇଛି। ଏନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଭୋଟର ପରିଚୟ ପତ୍ରରେ ସଂଶୋଧନ ହୋଇ ପାରିନାହିଁ। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପରିଚୟ ପତ୍ରରେ ନିଜ ଗାଁ ନାମ ନ ଥିବା ଯୋଗୁ ବିଭିନ୍ନ ସରକାରୀ କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରି କି ନିର୍ବାଚନ ବେଳେ ଭୋଟ ଦେବା ପାଇଁ ତଳାଗାଁ ଗ୍ରାମବାସୀ ୨ କି.ମି ଦୂର ଭାଲିଆଜୋର ଭୋଟ ଗ୍ରହଣ କେନ୍ଦ୍ରକୁ ଯିବାକୁ ପଡିଥାଏ । ଏନେଇ ବୁଢ଼ା ବୃଦ୍ଧମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବିଧାନସଭା ଓ ଲୋକସଭା ନିର୍ବାଚନ ପୂର୍ବରୁ ଯଦି ଭୋଟର ପରିଚୟପତ୍ର ସଂଶୋଧନ ନ ହୁଏ ନିର୍ବାଚନ ବର୍ଜନ କରିବାକୁ ତଳାଗାଁ ଗ୍ରାମର ଭଜମନ ନାଏକ, ସପୁରସିଂ ନାଗ, କ୍ଷୀରୋଦ ନାଏକ, ବସନ୍ତ ବାଗ, ଶଶିଧର ନାଏକ, ଅକ୍ଷୟ ନାଏକ, ଭକ୍ତ ନାଏକ, ଶିବରାମ ନାଏକ, ଧର୍ମାନନ୍ଦ ନାଏକ ସମେତ ମହିଳା ନବିନା ମାଝି ପ୍ରଫଲ ମାଝି, ଭାମା ବାଗ, ଲକ୍ଷ୍ମୀ ବିଶି, ହେମନ୍ତି ନାଏକ, ସୁପ୍ରିୟା ନାଏକ ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ସେଠୀଙ୍କୁ ପଚାରିବାରୁ ଭୋଟ ପୂର୍ବରୁ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରାଯିବ ବୋଲି କହିଛନ୍ତି।



ତଳାଗାଁର ଗ୍ରାମବାସୀ।



ବୁନ୍ଦାଏ ବିଷ ଯେପରି ହାଣ୍ଡିଏ କ୍ଷୀରକୁ ନଷ୍ଟ କରିଦିଏ, ସେହିପରି ଟିକିଏ ମିଛ କହିବା ଦ୍ୱାରା ସାରାଜୀବନ ନଷ୍ଟ ହୋଇଯାଏ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ମାନବ ଜାତିର ଉତ୍ଥାନ ଲାଗି ପ୍ରେମ ଆବଶ୍ୟକ

ସମ୍ବଲପୁର, ୨୩।୩ (ବ୍ୟୁରୋ)

ମାନବ ଜାତିର ଉତ୍ଥାନ ଲାଗି ପ୍ରେମ ଆବଶ୍ୟକ । ମଣିଷକୁ ଭଲ ନ ପାଇଲେ ଜୀବନ ଓ ଚେତନାର ବିବର୍ତ୍ତନ ଅସମ୍ଭବ । ଶ୍ରୀଅରବିନ୍ଦଙ୍କ ସାହିତ୍ୟ, ଆଧ୍ୟାତ୍ମିକ ଦର୍ଶନ ଓ ଜୀବନତତ୍ତ୍ୱ ଏ ଭିତ୍ତି ଉପରେ ପ୍ରତିଷ୍ଠିତ ବୋଲି ଦେଦରନୂଆପାଲିସ୍ଥିତ ଉଦୀୟମାନ ମାତୃକ୍ଷେତ୍ରର ରାଜ୍ୟସ୍ତରୀୟ ହୋଲି ଶିବିରରେ ବକ୍ତାମାନେ କହିଛନ୍ତି । ବୁର୍ଲା ଭିମ୍‌ସାର ପ୍ରଫେସର ମହେନ୍ଦ୍ର ଏକ୍କା, ଶିକ୍ଷାବିତ୍ ଭାଗିରଥି ମହାପାତ୍ର, ଅଧ୍ୟାପକ ରାଧାକାନ୍ତ ମିଶ୍ର ବକ୍ତାଭାବେ ଯୋଗ ଦେଇଥିଲେ । ମାତୃକ୍ଷେତ୍ର ଆବାସିକ ଶିକ୍ଷାକେନ୍ଦ୍ରର ପରିଚାଳନା ସଭାପତି ମନୋରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଟ୍ରଷ୍ଟି ବୀରେନ୍ଦ୍ର କୁମାର ପାଣିଗ୍ରାହୀ ବିବରଣୀ ପ୍ରଦାନ ଓ ସଂଯୋଜକ ପ୍ରଫୁଲ୍ଲ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ଉଗ୍ରସେନ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ବସନ୍ତ କୁମାର ପଟ୍ଟନାୟକଙ୍କ ପରିଚାଳନା ପୂର୍ବାହ୍ନରେ ମା'ଙ୍କୁ ଭଲ ପାଅ ବିଷୟ ଉପରେ ଆଲୋଚନାଚକ୍ର ମଧ ହୋଇଥିଲା । ଦେବରାଜ ବେହେରା, ବିନୋଦ ନାୟକ ବକ୍ତା ଭାବେ ଯୋଗ ଦେଇଥିଲେ। ଆଧ୍ୟାତ୍ମିକ ପତାକା ଉତ୍ତୋଳନ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ ଓ ଶାରୀରିକ କ୍ରୀଡ଼ା କୌଶଳ ପ୍ରଦର୍ଶନ କରାଯାଇଥିଲା । ରମେଶ ଚନ୍ଦ୍ର ସାହୁଙ୍କ ପରିଚାଳନାରେ 'ବିଜୟ ସୁନିଶ୍ଚିତ' ଶୀର୍ଷକ ଆଲୋଚନା ଚକ୍ରରେ ଭାଗିରଥି ମହାପାତ୍ର, ଅଧ୍ୟାପକ ଚିତ୍ତରଞ୍ଜନ ସାହୁ ବକ୍ତା ଥିଲେ । ସେହିପରି ଆଜି ମା'ଙ୍କ କାମ କରିବା ଆମ ଜୀବନର ବ୍ରତ ଉପରେ ରାଜ୍ୟ ପୂର୍ଣ୍ଣାଙ୍ଗ ଶିକ୍ଷା ଆନ୍ଦୋଳନର ମୁଖ୍ୟ ସଂଯୋଜକ ପ୍ରସାଦ ତ୍ରିପାଠୀ, ଅଧ୍ୟାପକ ରାଧାକାନ୍ତ ମିଶ୍ର, ପ୍ରାଧାପକ ଚିତ୍ତରଞ୍ଜନ ସାହୁ, ପ୍ରାଧାପକ ସୁପ୍ରକାଶ ଚୌଧୁରୀ, ଶିକ୍ଷାବିତ୍ ଶେଖ ଅବଦୁଲ କାଶମ୍, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନା କରିଥିଲେ । ଏଥିସହ ସୃଜନଶୀଳ କବିତା ପାଠୋତ୍ସବ ହୋଇଥିଲା। ଶିବିରରେ ରାଜ୍ୟର ମାତୃପ୍ରେମୀ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

### ଲାୟନ୍ସ କ୍ଲବର ନୂତନ କର୍ମକର୍ତ୍ତା

ହୀରାକୁଦ, ୨୩।୩ (ଡି.ଏନ.ଏ.)

ଲାୟନ୍ସ କ୍ଲବ ଅଫ୍ ହୀରାକୁଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ସଭାପତି ଭାବରେ ଲାୟନ୍ସ ବାସୁଦେବ ସେଠୀ, ସମ୍ପାଦକ ଭାବେ ଲାୟନ୍ସ ନିଲିମା ପଣ୍ଡା ଏବଂ କୋଷାଧ୍ୟକ୍ଷ ଭାବରେ ଲାୟନ୍ସ ମୃତ୍ୟୁଞ୍ଜୟ ସ୍ୱାଇଁଙ୍କୁ ବଛା ଯାଇଛି । ସେହିପରି ଭାବରେ ଆଇପିପି ଲାୟନ୍ସ ରଞ୍ଜନ ଦାସ, ଉପସଭାପତି ଭାବରେ ରାଜେଶ ପଣ୍ଡା, ଅଜିତ କୁମାର ସିଂହ, ମହେଶ୍ୱର ବିଶୋଇ, ବୋର୍ଡ ଅଫ୍ ଡାଇରେକ୍ଟର ଭାବରେ ପୀୟୁଷ ହୋତା, ଗୋପକୃଷ୍ଣ ଦାସ ଏବଂ ତୀର୍ଥବାସୀ ବାଞ୍ଛି, ସର୍ଭିସ ଚେୟାରମେନ୍ ଭାବରେ ଗୋପକୃଷ୍ଣ ଦାସ, ଲିଡରସିପ୍ ଚେୟାରମ୍ୟାନ ଭାବରେ ନୟନା ପଣ୍ଡା ଏବଂ ପବ୍ଲିକ ରିଲେସନ ଅଫିସର ଭାବରେ ତୀର୍ଥବାସୀ ବାଞ୍ଛିଙ୍କୁ ରଖା ଯାଇଛି । ନିର୍ବାଚିତ ସମସ୍ତ କର୍ମକର୍ତ୍ତା ଆସନ୍ତା ଜୁଲାଇ ୧ ତାରିଖରୁ କାର୍ଯ୍ୟଭାର ଗ୍ରହଣ କରିବେ।

# କାଠଫାଳିଆରେ ପିଟି ସ୍ତ୍ରୀଙ୍କୁ ହତ୍ୟା

- ଯୌତୁକଜନିତ ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ
- ପରକୀୟା ପ୍ରୀତି ଯୋଗୁ ପ୍ରାଣ ଗଲା କହିଲେ ସ୍ୱାମୀ

ନୂଆପଡା ଅଫିସ/
କୋମନା/ତରବୋଡ, ୨୩।୩

ଏହି ଜିଲା କୋମନା ଥାନା ଅନ୍ତର୍ଗତ ସିଲେଟପାଣି ଗାଁର ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ କଳହ ଶେଷରେ କାଳ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ସ୍ୱାମୀ କୁରୁପତି ମାଝି(୨୨)ଙ୍କ କାଠ ଫାଳିଆ ମାଡରେ ସ୍ତ୍ରୀ ସୁମତୀ (୨୦)ଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସୁମତୀଙ୍କ ବାପଘର ଲୋକେ ଯୌତୁକଜନିତ ହତ୍ୟା ବୋଲି ଅଭିଯୋଗ କରିଥିବାବେଳେ ସ୍ତ୍ରୀଙ୍କ ପରକୀୟା ପ୍ରୀତି ଜୀବନ ନେଲା ବୋଲି ସ୍ୱାମୀ କୁରୁପତି ବୟାନ ଦେଇଛନ୍ତି। ପୋଲିସ ଏସମ୍ପର୍କରେ ଦଫା ୪୯୮, ୩୦୨ରେ ଏକ ମାମଲା (ନଂ. ୮୯/୨୦୧୯) ରୁଜୁ କରି କୁରୁପତିଙ୍କୁ ଗିରଫ କରିଛି।

ବିବରଣୀମତେ ଶୁକ୍ରବାର ଅପରାହ୍ନରେ ଘରେ ସମସ୍ତେ ଖାଇପିଇ ସାରିବା ପରେ ଦୁହିଁଙ୍କ ମଧ୍ୟରେ ଝଗଡା ଆରମ୍ଭ ହୋଇଥିଲା। ହଠାତ୍ କୁରୁପତି ରାଗିଯାଇ କୁଆଡେ ଏକ କାଠ ଫାଳିଆରେ ସୁମତିଙ୍କ ମୁଣ୍ଡରେ ମାଡ କରିଥିଲେ। ସୁମତୀ ସେଠାରେ ପଡିଯାଇ ଅଚେତ ହୋଇଯାଇଥିଲେ। କିଛି ସମୟରେ ପରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଏହାକୁ ନେଇ କୁରୁପତି ଶ୍ୱଶୁର ଘର ଲୋକଙ୍କୁ ଫୋନ କରି ଜଣାଇଥିଲେ। ପରିବାର ଲୋକ ତୁରନ୍ତ ଆସି ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଡିଏସପି ସ୍ୱସ୍ତିକ ପଣ୍ଡା, ତହସିଲଦାର ସୁରେଶ ନନ୍ଦ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ସନ୍ଦେହରେ ସ୍ୱାମୀ ଏବଂ ଶ୍ୱଶୁରଙ୍କୁ ଥାନାକୁ ନେଇ ଅଟକ ରଖିଥିଲେ। ପ୍ରାଥମିକ ତଦନ୍ତ ପରେ ଶନିବାର ସନ୍ଧ୍ୟାରେ କୁରୁପତିଙ୍କୁ ପୋଲିସ ଗିରଫ କରିଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବାକୁ ଥିବା କୋମନା ଥାନା ପୋଲିସ କହିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆଜିକୁ ବର୍ଷକ ତଳେ କୁରୁପତି ପଡୋଶୀ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ମାଲପା ମୁଣ୍ଡା ଗାଁର ସୁମତିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେତିକିବେଳେ ଆବଶ୍ୟକ ଯାନିଯୌତୁକ ଦେଇଥିଲେ। ହେଲେ ବିବାହ ପରେ ଦୁହିଁଙ୍କ ଭିତରେ ବିଭିନ୍ନ ସମୟରେ ଝଗଡା ଲାଗି ରହିଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଯୌତୁକ ଜନିତ ହତ୍ୟା କରାଯାଇଛି ବୋଲି ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ କୁରୁପତିଙ୍କୁ ପୋଲିସ ବାରମ୍ବାର ଜେରା କରିବା ପରେ ସେ ଏହା ଯୌତୁକ ଜନିତ ନୁହେଁ, ବରଂ ସ୍ତ୍ରୀଙ୍କ ପରକୀୟା ପ୍ରୀତି ଜୀବନ ନେଇଛି ବୋଲି କହିଛନ୍ତି। ବାରମ୍ବାର ମନା କରିବା ସତ୍ତ୍ୱେ ସ୍ତ୍ରୀ ସୁମତି କେହି ଜଣେ ଅଜଣା ଯୁବକଙ୍କ ସହ ଫୋନରେ କଥାହେଉଥିଲେ। ପ୍ରେମ ସମ୍ପର୍କ ରଖୁଥିଲେ। ଏଥିରେ ସେ ଉତ୍କ୍ଷିପ୍ତ ହୋଇ ମାଡ ମାରିଥିଲେ। ସେଥିରେ ତାଙ୍କର ପ୍ରାଣ ଚାଲିଯିବ ସେ ଭାବି ନ ଥିଲେ ବୋଲି କହିଛନ୍ତି। ତେବେ ସବିଶେଷ ତଦନ୍ତ ପରେ ସବୁକିଛି ଜଣାପଡିବ ବୋଲି ପୋଲିସ କହୁଛି।



ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

## କବିତା ପାଠୋତ୍ସବ, ଆଲୋଚନାଚକ୍ର

ସମ୍ବଲପୁର, ୨୩।୩ (ବ୍ୟୁରୋ)

ସମ୍ବଲପୁର ଚିତ୍ରଗୁପ୍ତ କଲ୍ୟାଣ ସଂଘ ସଭାକକ୍ଷରେ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ପ୍ରଣତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କପ୍ରଜ୍ଞା ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ ସଂଯୋଜନା କରିଥିଲେ । ଅତିଥି ଭାବେ ଡା. ରମାବଲ୍ଲଭ ମିଶ୍ର, ଲକ୍ଷ୍ମୀନାରାୟଣ ହୋତା ଯୋଗ ଦେଇଥିଲେ । ମମତା ନାଥ କବିତା ପାଠ ସଂଯୋଜନା କରିଥିଲେ ।

## ୮୮ତମ ଶହୀଦ ଦିବସ ପାଳିତ

ଜୁନାଗଡ, ୨୩।୩(ସ୍ୱ.ପ୍ର)

ସ୍ଥାନୀୟ ସଂସ୍କୃତି ଭବନଠାରେ ଅଖିଳ ଭାରତ ଛାତ୍ର ସଂଘ(ଏଆଇଏସ୍ଏଫ) ପକ୍ଷରୁ ଶହୀଦ ଭଗତ ସିଂ, ଶୁଖଦେବ ଓ ରାଜଗୁରୁଙ୍କ ୮୮ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ର ସଂଘ ଜିଲା ଯୁଗ୍ମ ୨୨ଆବାହକ ଜଗଦୀଶ ଦୁର୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆବାହକ ଝିଲି ବାଗ, ଛାତ୍ରନେତା ରାଜାରାମ ଡୁଙ୍ଗୁରୀ, ପୂର୍ବତନ ଛାତ୍ରନେତା ଭବାନୀ ଶଙ୍କର ଧଙ୍ଗଡା ମାଝି, ଭୀଷ୍ମ ସୁନାନୀ, ଅକ୍ଷୟ ମେହେର, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଭାଷାବିତ୍ ଅଜୟ ଦାସ, ସଞ୍ଜୀବ ଦାଶ, ରଜନୀ କାନ୍ତ ବୈଠାରୁ ପ୍ରମୁଖ ଉପସ୍ଥିତ ରହି ଶହୀଦଙ୍କ ଆଦର୍ଶ ଜୀବନ ଉପରେ ଉଦ୍‌ବୋଧନ ଦେଇଥିଲେ। ସେହିପରି ମୁଣ୍ଡରାଗୁଡାଠାରେ ପ୍ରଫେସର ଭୁବନେଶ୍ୱର ବେହେରା ୟୁଥ ଅର୍ଗାନାଇଜେଶନ, ନେହେରୁ ଯୁବକେନ୍ଦ୍ର ଓ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଶହୀଦ ଦି୨ବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ବସନ୍ତ ନାଏକ, ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷକ ନନ୍ଦି କିଶୋର ନାଏକ, ସାମାଜିକ କର୍ମୀ ବଂଶୀଧର ସୁନାନୀ, ସୁନ୍ଦର ମୋହନ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଯୁବ ସଂଗଠକ ଅବିନାଶ ମୁଣ୍ଡ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସିଲେଇ ଶିକ୍ଷାକେନ୍ଦ୍ରର ସମସ୍ତ ଛାତ୍ରୀଙ୍କ ସମେତ ସ୍କୁଲ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଏଆଇଏସ୍ଏଫ ଜିଲା ଆବାହକ ଶହୀଦଙ୍କ ସ୍ମୃତି ଚାରଣ କରୁଛନ୍ତି।

ରାଜ୍ୟସ୍ତରୀୟ ନାଟବାଦୀ, ଗୀତିନାଟ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

# ମଞ୍ଚସ୍ଥ ହେଲା ନାଟକ ଲାଲ୍‌ସା

- କମଳିନୀ ପଣ୍ଡାଙ୍କୁ କୋସଲ ଗୌରବ ଭାଷା ସାହିତ୍ୟ ସମ୍ମାନ
- ଦିଲୀପ ମହାନ୍ତିଙ୍କୁ କୋସଲ ଗୌରବ ନାଟ୍ୟ ସମ୍ମାନ

ବଲାଙ୍ଗୀର ଅଫିସ, ୨୩।୩

ବଲାଙ୍ଗୀର ସଦାଇପାଲିସ୍ଥିତ ସାଇଟ୍ ରାଧାକୃଷ୍ଣ ମଣ୍ଡପରେ ଅଷ୍ଟମ ରାଜ୍ୟସ୍ତରୀୟ ନାଟବାଦୀ ଓ ଗୀତିନାଟ୍ୟ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଛି । ୯ଦିନ ବ୍ୟାପୀ ହେବାକୁ ଥିବା ଏହି ପ୍ରତିଯୋଗିତାରେ କୋସଲୀ ଭାଷାର ୧୫ଟି ନାଟକ ଓ ୮ଟି ଗୀତିନାଟ୍ୟ ମଞ୍ଚସ୍ଥ ହେବ । ଉଦ୍‌ଘାଟନୀ ଉତ୍ସବରେ ସାଇଟ୍ ସାଂସ୍କୃତିକ ପରିଷଦ ସଭାପତି ଡ. ଶ୍ରୀକର ମିଶ୍ର ସଭାପତିତ୍ୱ କରିଥିଲେ । ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ଓ ପଶ୍ଚିମ ଓଡିଶା ନାଟକ ସଂଘ ସଭାପତି ବ୍ରଜମୋହନ ମିଶ୍ର ଅତିଥି ଭାବେ ଯୋଗଦେଇ ଅଷ୍ଟମ ନାଟବାଦୀକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କୋସଲୀ ଭାଗବତର ଅନୁବାଦିକା ବିଶିଷ୍ଟ ଲେଖିକା କମଳିନୀ ପଣ୍ଡାଙ୍କୁ କୋସଲ ଗୌରବ ଭାଷା ସାହିତ୍ୟ ସମ୍ମାନ ଓ ବୌଦ୍ଧର ନାଟ୍ୟକାର ଦିଲୀପ କୁମାର ମହାନ୍ତିଙ୍କୁ କୋସଲ ଗୌରବ ନାଟ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା । ମଞ୍ଚରେ ନାଟବାଦୀ ଅଧ୍ୟକ୍ଷ ହରିନାରାୟଣ ପୂଜାରୀ, ଆବାହକ ହିମାଂଶୁ ଶେଖର ପାଢ଼ୀ, ସମ୍ପାଦକ ଇଂ. ନାରାୟଣ ପ୍ରସାଦ ମିଶ୍ର, ସଂଯୋଜକ ପ୍ରହଲ୍ଲାଦ ଦର୍ଜୀ, ନିର୍ଦ୍ଦେଶକ ପ୍ରଶାନ୍ତ ଖମାରୀ ମଞ୍ଚାସୀନ ଥିଲେ । ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ନାଟକ ଲାଲ୍‌ସା । ବରପାଲି ନେତାଜୀ ନାଟ୍ୟ ସଂସଦ ପକ୍ଷରୁ ପରିବେଷିତ ଏହି ନାଟକରେ ମଣିଷ ଭିତରେ ଥିବା ଲାଲସାର ପ୍ରତାଡନାରେ ମଣିଷ କିପରି ମାନବିକତାକୁ ଭୁଲିଯାଏ ତାହା ପଦର୍ଶିତ ହୋଇଥିଲା । ଆଧୁନିକ ବିଜ୍ଞାନ ଯୁଗର ମଣିଷ ଗୋଟିଏ ପଟେ ଅନ୍ୟ ଗ୍ରହରେ ଜୀବସତ୍ତା ଖୋଜିବାରେ ବ୍ୟସ୍ତ ଥିବାବେଳେ ମାନବିକତାକୁ ହରାଇ ସ୍ନେହଭରା ପରିବାରକୁ କିପରି ଛିନ୍ନଛତ୍ର କରିଦେଇଛି ଓ ପରେ ପଶ୍ଚାତାପର ଅଗ୍ନିରେ ଜଳି ନିଜକୁ ଖୋଜୁଛି ତାହା ଦେଖାଯାଇଥିଲା । ଆଧୁନିକ ସମାଜରେ ଅନ୍ଧବିଶ୍ୱାସର କୁପରିଣତିକୁ ନେଇ ନାଟ୍ୟକାର ନିର୍ଦ୍ଦେଶକ ପ୍ରଭୁଚରଣ ମହାନ୍ତି ବେଶ୍ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ । ବିଭିନ୍ନ ଭୂମିକାରେ ପ୍ରଭୁଚରଣ ମହାନ୍ତି, ଧର୍ମରାଜ ସିଂ ବରିହା, ଚନ୍ଦ୍ରକାନ୍ତି ସୁନା, ସୁଧାଂଶୁ ଭୋଇ, ସୁଶାନ୍ତ ମେହେର, ପଦ୍ମଲୋଚନ ସାହୁ, ଅରୁଣ ବାଗ, ଆଶିଷ ଦୀପ ଅଭିନୟ କରିଥିଲେ । ରଜତ ନାଗ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ । ସୁବ୍ରତ କୁମାର ମିଶ୍ର କଣ୍ଠଦାନ କରିଥିବାବେଳେ ବାଦ୍ୟ ଯନ୍ତ୍ରରେ ଦିଲୀପ ଗଣ୍ଡ, ଦେବେଶ ମହାରଣା ସହଯୋଗ କରିଥିଲେ । ପଦ୍ମଲୋଚନ ସାହୁଙ୍କ ମଞ୍ଚକଳା ଓ ଗୁଣନିଧି ମେହେରଙ୍କ ମଞ୍ଚ ପରିଚାଳନା ନାଟକଟିକୁ ବେଶ ଉପଭୋଗ୍ୟ କରିଥିଲା । ପରେ ମଞ୍ଚସ୍ଥ ହୋଇଥିଲା କୁଟେନ୍‌ପାଲିର ଭବାନୀ ଶଙ୍କର କଳା ପରିଷଦ ସୀତାଚୋରୀ ଲୀଳା ନାଟକ । ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ରାଜେନ୍ଦ୍ର ମଲ୍ଲିକ, ଅଚ୍ୟୁତ ଅତକୁଆଲି, ସୁଜିତ କୁମାର ମେର୍ଲ୍ଲି, ଗୋକୁଳ ବରଗ୍ରି, ବିପିନ ବିହାରୀ ବେହେରା, ଅନ୍ତରାମ କୁଅଁର, ଘନଶ୍ରାମ ମେରଲି, ଶତ୍ରୁଘ୍ନ ସାହୁ, ମନବୋଧ ଥପ୍ପା, ପ୍ରଶାନ୍ତ ସାହୁ, ହରେରାମ ମହାକୁର । ଶେଷରେ ହିମାଂଶୁ ଶେଖର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।



ନାଟବାଦୀ ଉଦ୍‌ଘାଟନୀ ସନ୍ଧ୍ୟାରେ କୋସଲୀ ଭାଗବତର ଅନୁବାଦିକା କମଳିନୀ ପଣ୍ଡାଙ୍କୁ କୋସଲ ଗୌରବ ଭାଷା ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି ।

## ଜରାସିଂହାରେ କଂଗ୍ରେସ କର୍ମୀ ସମାବେଶ

ଦେଓଗାଁ, ୨୩।୩(ଡି.ଏନ.ଏ.)

ବଲାଙ୍ଗୀର ବିଧାନସଭା ପାଇଁ ନରସିଂହ ମିଶ୍ର ଓ ଲୋକ ସଭା ଆସନ ପାଇଁ ତାଙ୍କ ପୁଅ ସମରେନ୍ଦ୍ର ମିଶ୍ର ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ ତରଫରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଦଳ ପକ୍ଷରୁ ଏହି ଘୋଷଣା ପରେ ବଲାଙ୍ଗୀର ଲୋକ ସଭା କ୍ଷେତ୍ର ପାଇଁ ଅନ୍ୟତମ ଆଶାୟୀ ଥିବା ଲକ୍ଷ୍ମଣ କୁମାର ମେହେରଙ୍କ ସମର୍ଥକମାନେ ନିରାଶ ହୋଇଛନ୍ତି। ଗୁରୁବାର ଅପରାହ୍ନରେ ଜରାସିଂହା ମିନିଷ୍ଟାଡିୟମଠାରେ ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ବହିଦାରଙ୍କ ଆବାହକତ୍ୱରେ ଏକ କର୍ମୀ ସମାବେଶରେ ବ୍ଲକର ୨୬ ପଞ୍ଚାୟତରୁ ୩୫୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇଥିଲେ । ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ଯୋଗଦେଇ ଲୋକ ସଭା ପ୍ରାର୍ଥୀରୁ ଦଳ ବଞ୍ଚିତ କଲେ ମଧ ମୁଁ ଦଳ ବିରୋଧରେ ରହିବି ନାହିଁ ବୋଲି କହିଛନ୍ତି। ହେଲେ ପିସିସି ସାଧାରଣ ସମ୍ପାଦକ ପଦବୀ ତ୍ୟାଗ କରିବି ବୋଲି ସୂଚନା ଦେଇଥିଲେ ।



ଜରାସିଂହାରେ ଅନୁଷ୍ଠିତ କଂଗ୍ରେସ କର୍ମୀ ସମାବେଶରେ ଉପସ୍ଥିତ କର୍ମକର୍ତ୍ତା ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ଡଙ୍ଗାପଟା ବିଜୟୀ

କର୍ଲାମୁଣ୍ଡା, ୨୩।୩ (ଡି.ଏନ.ଏ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ଜମୁନାପୁରଠାରେ ଶନିବାର ଜମୁନାପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଦଳଜିତ ସିଂ ଯୋଗଦେଇଥିବା ବେଳେ ରବିଶଙ୍କର ନାଗ, ପ୍ରଫୁଲ୍ଲ ସାହୁ, ମହେନ୍ଦ୍ର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ ଡଙ୍ଗାପଟା ଏବଂ ରସ୍ତାମାଲ ଦଳ ମଧ୍ୟରେ ହୋଇଥିଲା। ଡଙ୍ଗାପଟା ଦଳ ୩-୦ ଗୋଲରେ ବିଜୟ ହୋଇଥିଲା। ଆୟୋଜକଙ୍କ ପକ୍ଷରୁ ବିଜୟୀ ଡଙ୍ଗାପଟା ଦଳକୁ ନଗଦ ୫ ହଜାର ଟଙ୍କା ଏବଂ ରନର୍ସଅପ ରସ୍ତାମାଲ ଦଳକୁ ନଗଦ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜକ କମିଟିର ଡୁମ୍ବେଶ୍ୱର ସାହୁ, ସୁରେଶଚନ୍ଦ୍ର ସାହୁ, ଅଜୀତ କୁମାର ସାହୁ, ବିକ୍ରମ ସାହୁ, ଧନେଶ୍ୱର ଭୋଇ ରବି ସାହୁ, ଇନ୍ଦ୍ରମଣି ଭୋଇ, ଶେଷଦେବ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ବିକ୍ରମ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।




ମୁଖ୍ୟଅତିଥି ବିଜୟୀ ଡଙ୍ଗାପଟା ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

# କେନ୍ଦ୍ର ଅବହେଳା, ହକ୍ ମାଗୁଛି ଓଡ଼ିଶା

- ଗାଁ ଗାଁରେ ଏହି ବାର୍ତ୍ତା ଦେବୁ: ବିଜେଡି

ନୂଆପଡା ଅଫିସ, ୨୩।୩

ବର୍ତ୍ତମାନ ରାଜ୍ୟବାସୀ ବିଭିନ୍ନ ସମସ୍ୟାରେ ଜର୍ଜରିତ ହୋଇ ରହିଛନ୍ତି। ଏଥିସକାଶେ ଆମେ ବାରମ୍ବାର କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିଆସିଛୁ। ହେଲେ ଓଡ଼ିଶାବାସୀଙ୍କ ପ୍ରତି ଅବହେଳା କରିଛନ୍ତି। ଯୁବ ସମାଜକୁ ନିଯୁକ୍ତି ଦେଇନାହାଁନ୍ତି। ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ଦେଇନାହାଁନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦେବାରେ ବିଫଳ ହୋଇଛନ୍ତି। ରେଳବାଇ ସୁବିଧା ଦେବାରେ ଉଦାସୀନତା ଦେଖାଇଛନ୍ତି। ତେଣୁ କରି ବର୍ତ୍ତମାନ ହକ ମାଗୁଛନ୍ତି ଓଡ଼ିଶାବାସୀ। ଆମେ କେନ୍ଦ୍ର ବିରୋଧରେ ଅଭିଯାନକୁ ଆରମ୍ଭ କରୁଛୁ ବୋଲି ଜିଲା ଯୁବ ବିଜେଡି ସଭାପତି ରାଜେଶ କୁମାର ନିଗମ କହିଛନ୍ତି। ଶନିବାର ସ୍ଥାନୀୟ ଖରିଆରରୋଡସ୍ଥିତ ବିଜେଡି କାର୍ଯ୍ୟାଳୟରେ ଆହୂତ ଏକ ଖବରଦାତା ସମ୍ମିଳନୀରେ ସେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଆସନ୍ତା ୨୬, ୨୮ ଏବଂ ୩୦ ତାରିଖ ୩ଦିନ ଧରି ଜିଲାବ୍ୟାପି ଏହି ଅଭିଯାନ ଚାଲିବ। ୨୬ତାରିଖ ଏହା ସ୍ଥାନୀୟ ଭାଲେଶ୍ୱର ଗ୍ରାମପଞ୍ଚାୟତରୁ ଆରମ୍ଭ ହେବାକୁ ଥିବାବେଳେ ୩ ଦିନରେ ୬ଟି ଜିଲା ପରିଷଦ ଜୋନରେ ଆମେ ଗାଁକୁ ଗାଁ ବୁଲି ସଚେତନତା ସୃଷ୍ଟିକରିବୁ ବୋଲି କହିଛନ୍ତି। ଏଥିରେ ଜିଲା ତଥା ରାଜ୍ୟସ୍ତରୀୟ ବହୁନେତା ସାମିଲ ରହିବେ। ଏଥିସକାଶେ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିବା ସଭାପତି ନିଗମ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନୂଆପଡା ବିଧାନସଭା ଯୁବ ବିଜେଡି ସଭାପତି ସୁଧୀର କୁମାର ମିଶ୍ର, ନିଶାନ୍ତ ଡାଗା ପ୍ରମୁଖ ଯୋଗ ଦେଇଥିଲେ।




ଖବରଦାତା ସମ୍ମିଳନୀରେ ବିଜେଡି କର୍ମକର୍ତ୍ତାମାନେ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

**ଲହୁଣୀପଡା, ୨୩।୩ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଠିଆବେର୍ଣ୍ଣା ଗ୍ରାମରେ ଶୁକ୍ରବାର ଗାଧୋଉଥିବା ବେଳେ ପୋଖରୀରେ ବୁଡି ବିଷ୍ଣୁ ମୁଣ୍ଡା (୬) ନାମକ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ହୋଲି ଚାଲିଥିବାବେଳେ ବିଷ୍ଣୁ ହୋଲି ଖେଳିଥିଲେ। ପରେ ନିକଟସ୍ଥ ପୋଖରୀରେ ଗାଧୋଉଥିବାବେଳେ ଗୋଡ ଖସି ଯିବାରୁ ପାଣିରେ ବୁଡିଯାଇଥିଲେ। ବିଷ୍ଣୁ ଠିଆବେର୍ଣ୍ଣା ଗ୍ରାମରେ ଅଜା ଘରେ ରହି ପାଠପଢୁଥିଲେ। ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

### ଯୁବକଙ୍କ ମୁଣ୍ଡରେ ଟ୍ରକ୍ ଚଢ଼ିଗଲା

**ବଡଗାଁ, ୨୩।୩ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ନିକଟ ଫୁଟବଲ ପଡିଆ ସମ୍ମୁଖ ରାସ୍ତାରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୦ଟାରେ ବାଇକ ଚାଳକ ନିୟନ୍ତ୍ରଣ ହରାଇ ପଡିଯିବାରୁ ଚାଳକ ଲହଣ୍ଡାବୁଡ ଗ୍ରାମର ଭବାନୀ ବନଛୁର (୩୫)ଙ୍କ ମୁଣ୍ଡାରେ ଟ୍ରକ ଚଢ଼ିଯାଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ସୂଚନାନୁଯାଇ, ଭବାନୀ ଓ ତାଙ୍କ ୨ସାଙ୍ଗ ଜରଙ୍ଗଲୋଇ ଗ୍ରାମକୁ କୌରସି କାମରେ ଆସିଥିଲେ । ଫେରୁଥିଲା ବେଳେ ଖେଳପଡିଆ ସମ୍ମୁଖ ରାସ୍ତାରେ ୧୨ ଚକିଆ ଟ୍ରକ ନଂ. ଓଡି ୧୬ ସି- ୨୨୩୫ ବୁଲାଣିରେ ମୁହାଁମୁହିଁ ହେବାରୁ ବ୍ରେକ୍ ଦେଇ ପଡିଯାଇଥିଲା । ୨ ସାଙ୍ଗ ରାସ୍ତ ପାର୍ଶ୍ୱକୁ ଝିଟିକି ପଡିଥିଲା ବେଳେ ଚାଳକ ରାସ୍ତା ଉପରେ ପଡିଯିବାରୁ ଟ୍ରକ ଚକ ଚଢ଼ିଯାଇଥିଲା ।

### ଭାଟିରେ ମଦ ବିକ୍ରେତାଙ୍କୁ ପିସ୍ତଲ ଦେଖାଇ ଧମକ: ଯୁବକ ଫେରାର

**ବଡଗାଁ, ୨୩।୩ (ଡି.ଏନ.ଏ):** ବଡଗାଁ ଥାନା ଅନ୍ତର୍ଗତ ଡେମୁପଡା ନିକଟରେ ଥିବା ସରକାରୀ ଲାଇସେନ୍ସପ୍ରାପ୍ତ ଦେଶୀ ମଦ ଭାଟିରେ ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ବଡଗାଁରେ ରହୁଥିବା ଆକାଶ ସରଲିଆ ପିସ୍ତଲ ଦେଖାଇ ଧମକ ଦେବା ଥାନାରେ ଅଭିଯୋଗ ହୋଇଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାଇ, ଅଭିଯୁକ୍ତ ନକଲି ପିସ୍ତଲ ଦେଖାଇ ଭାଟିରେ କର୍ମଚାରୀଙ୍କୁ ଧମକ ଦେବା ସୂଚନାପାଇ ଯିବା ବେଳକୁ ଫେରାର ହୋଇଯାଇଥିଲେ।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**କୁଆଁରମୁଣ୍ଡା, ୨୩।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ କଲୋନୀର ଜନୈକା ଯୁବତୀ (୨୬)ଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ସରବେନୀ ଅଞ୍ଚଳର ସଞ୍ଜୟ ମିଶ୍ରଙ୍କୁ ଶନିବାର ଗିରଫ କରିଛି। ଉଭୟଙ୍କ ମଧ୍ୟରେ ୩ବର୍ଷ ହେଲା ପ୍ରେମ ସମ୍ପର୍କ ଥିଲା। ଶେଷରେ ଯୁବତୀଙ୍କୁ ବିବାହ ପାଇଁ ଯୁବକ ମନା କରିବାରୁ ଯୁବତୀ ବଳାତ୍କାର ଅଭିଯୋଗ କରିଥିଲେ। ବୀରମିତ୍ରପୁର ଥାନା ପୋଲିସ ଏକ ମାମଲା (ନଂ.୪୦/୨୦୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି।

## ପ୍ରାର୍ଥୀ ଘୋଷଣା ପରେ ବଢୁଛି ରାଜନୈତିକ ଉଷ୍ମତା

# ଭାଜପାରୁ କୁସୁମ, କଂଗ୍ରେସରୁ ଅମିତା

**ସୁନ୍ଦରଗଡ଼, ୨୩।୩ (ଡି.ଏନ୍.ଏ)**

ଟିକେଟ ନ ମିଳିବାରୁ ବିଜେଡି ଛାଡି ଭାଜପାରେ ଯୋଗଦେଇଥିବା ସୁନ୍ଦରଗଡ଼ ବିଧାନସଭା ଆସନ ପାଇଁ ଆଶାୟୀ ଥିବା କୁସୁମ ଟେଟେଙ୍କୁ ୨୪ଘଣ୍ଟା ନ ପୂରୁଣୁ ଭାଜପା ତାଙ୍କୁ ଏହି ଆସନରୁ ପ୍ରାର୍ଥୀ ଘୋଷଣା କରିଛି। ଭୁବନେଶ୍ୱର ଭାଜପା ରାଜ୍ୟ କାର୍ଯ୍ୟାଳୟରେ କୁସୁମ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦାନ ପରେ ଶୁକ୍ରବାର ସୁନ୍ଦରଗଡ ପହଞ୍ଚିବା ପରେ ଭାଜପା ପକ୍ଷରୁ ଭବ୍ୟ ସ୍ୱାଗତସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଉପଲକ୍ଷେ ଜିଲା କାର୍ଯ୍ୟାଳୟ ଠାରେ ଜିଲା ସଭାପତି ବଟକିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ

**ସୁନ୍ଦରଗଡ଼ ବିଧାନସଭା ଆସନ**

ପୂର୍ବତନ ବିଧାୟିକା ସୁଷମା ପଟେଲ, ନଗରମଣ୍ଡଳ ସଭାପତି ଯଶୋବନ୍ତ ନାଏକ, ଆଡଭୋକେଟ ଗିରିଶ ଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ଜାତୀୟ ଅନୁସୂଚିତ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ତନ୍ତୀ ପ୍ରମୁଖ ଦଳୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିବା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂଙ୍କୁ ବିଜେଡି ପ୍ରାର୍ଥୀ କରିବା ପରେ କଂଗ୍ରେସ ଏହି ଆସନରୁ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ଅମିତା ବିଶ୍ୱାଳଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ଘୋଷଣା ପରେ ବର୍ତ୍ତମାନ ରାଜନୈତିକ ଉଷ୍ମତା ଧୀରେ ଧୀରେ ବଢିବାରେ ଲାଗିଛି। ସେହିପରି ତଳସରା ବିଧାନସଭା ଆସନରେ ବିଧାୟକ ଡାଃ ପ୍ରଫୁଲ୍ଲ କୁମାର ମାଝିଙ୍କୁ କଂଗ୍ରେସ ଚତୁର୍ଥ ଥର ପାଇଁ ପ୍ରାର୍ଥୀ କରିଛି। ବିଜେଡି ଏହି ଆସନରୁ ଷ୍ଟିଫେନ ସୋରେନଙ୍କୁ ପ୍ରାର୍ଥୀ କରିଛି। ଭବାନୀ ଭୋଇ ଏହି ଆସନରୁ ଭାଜପା ପ୍ରାର୍ଥୀ ହୋଇଛନ୍ତି। ରାଜଗାଙ୍ଗପୁର ଆସନରୁ ମଙ୍ଗଳା କିଷାନ ପୁଣି ବିଜେଡିରୁ ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସ ଏଥର ଏହି ଆସନରେ ନୂତନ ଯୁବ ପ୍ରାର୍ଥୀ ଡଃ ରାଜେନ ଏକ୍କାଙ୍କୁ ପ୍ରାର୍ଥୀ କରିଛି। ନରସିଂହ ମିଞ୍ଜଙ୍କୁ ଭାଜପା ଏହି ଆସନରୁ ପ୍ରାର୍ଥୀ କରିଛି। ବୀରମିତ୍ରପୁର ଆସନ ପାଇଁ ବିଜେଡି ବର୍ତ୍ତମାନ ସୁଦ୍ଧା ତାର ପ୍ରାର୍ଥୀ ଘୋଷଣା କରିନଥିବା ବେଳେ କଂଗ୍ରେସ ରୋହିତ ଯୋଶେଫ ତିର୍କୀଙ୍କୁ ପ୍ରାର୍ଥୀ କରିଛି। ରଘୁନାଥପାଲିର ପୂର୍ବତନ ବିଧାୟକ ଶଙ୍କର ଓରାମଙ୍କୁ ଏହି ଆସନରୁ ଭାଜପା ପ୍ରାର୍ଥୀ କରିଛି । ବଣାଇଁ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ସିପି ଆଇଏମ୍ ରୁ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡିରୁ ରଣଜିତ କିଷାନ ଓ ଭାଜପାରୁ ଅନୀଲ ବାର୍ଲା ପ୍ରାର୍ଥୀ ହୋଇଛନ୍ତି। ରଘୁନାଥପାଲି ଆସନରେ ବିଜେଡିରୁ ସୁବ୍ରତ ତରାଇ, କଂଗ୍ରେସରୁ ସେଠୀ, ଭାଜପାରୁ ଜଗବନ୍ଧୁ ବେହେରା ପ୍ରାର୍ଥୀ ହୋଇଛନ୍ତି। ରାଉରକେଲା ଆସନରୁ ବିଜେଡିରେ ଶାରଦା ନାୟକ , ଭାଜପାରୁ ନିହାର ରାୟ, କଂଗ୍ରେସରୁ ମୁକ୍ତିକାନ୍ତ ବିଶ୍ୱାଳ ପ୍ରାର୍ଥୀ ହୋଇଛନ୍ତି।

## ଘରୋଇ କଳିକୁ କେନ୍ଦ୍ରକରି ବଡ଼ବାପା ପୁଅଙ୍କୁ ହତ୍ୟା

**ଟେନ୍‌ସା, ୨୩।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ଗଗୁଆ ଗ୍ରାମରେ ଘରୋଇ କଳିକୁ କେନ୍ଦ୍ରକରି ବଡବାପାଙ୍କ ପୁଅକୁ ବାଡିରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର ବଣାଇଁ କୋର୍ଟ ଚାଲାଣ କରିଛି। ଘଟଣାରୁ ଜଣାପଡିଛି ଯେ, ଗତ ୧୫ ତାରିଖ ବଡବାପାଙ୍କ ପୁଅ ପବିତ୍ର ନାଏକ ମଦପିଇ ଘରେ ପାଟିତୁଣ୍ଡ କରୁଥିଲେ। ଏହାକୁ ବିରୋଧ କରି ମହେନ୍ଦ୍ର ନାଏକ ପାଟିତୁଣ୍ଡ ନ କରିବାକୁ ପବିତ୍ରଙ୍କୁ ମନା କରିଥିଲେ। ଏନେଇ ଦୁଇ ଭାଇଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପବିତ୍ର ଗାଳିଗୁଲଜ କରିବାରୁ ମହେନ୍ଦ୍ର ଏକ ବାଡିରେ ଦୁଇ ଦିନ ଥର ପିଟି ଦେଇଥିଲେ। ଏଥିରେ ଅଚେତ ହୋଇଯାଇଥିବାରୁ ପବିତ୍ରଙ୍କୁ ଯୋଡା ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ତିନି ଦିନ ରହିବା ପରେ ଗତ ୧୯ ତାରିଖ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଚାନ୍ଦ ନାଏକ କୋଇଡା ଥାନାରେ ଅଭିଯୋଗ କରିବା ପରେ କୋଇଡା ଥାନା ଅଧିକାରୀ ଦେବେନ୍ଦ୍ର କୁମାର ପେଙ୍ଗୁଆ ଗଗୁଆ ଗ୍ରାମରେ ପହଞ୍ଚିଥିଲେ। ଅଭିଯୁକ୍ତ ମହେନ୍ଦ୍ରଙ୍କୁ ଗିରଫ କରିଥିଲେ। ମୋର ସାନ ଭାଇଙ୍କୁ ମାରିବା ପାଇଁ ପିଟି ନ ଥିଲି। ସେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବାରୁ ବାଡିରେ ପିଠି ଦେଇଥିଲି। ମୁଁ ମଧ୍ୟ ତାର ଚିକିତ୍ସା କରିବାକୁ ମୋର ସାନଭାଇକୁ ନେଇଯାଇଥିଲି ବୋଲି ମହେନ୍ଦ୍ର ପୋଲିସ ନିକଟରେ ବୟାନ ଦେଇଛନ୍ତି। ପୋଲିସ ଦଫା ୩୦୨ ରେ ଏକ ମାମଲା (ନଂ. ୨୯/୨୦୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଭାଜପାରୁ ସୁନ୍ଦରଗଡ଼ ଜିଲା ଉପସଭାପତି ସୁରେନ୍ଦ୍ର ଭିତ୍ରିଆଙ୍କ ଇସ୍ତଫା

**ସୁନ୍ଦରଗଡ଼, ୨୩।୩ (ଡି.ଏନ୍.ଏ)**

ଚଳିତ ନିର୍ବାଚନରେ କ୍ଷମତା ପାଇଁ ନେତା, ପ୍ରାର୍ଥୀ ଓ ରାଜନୈତିକ ଦଳଗୁଡିକ ନିଜ ତଥା ଦଳୀୟ ନୀତି ଆଦର୍ଶକୁ ଭୂଲି ଯିବାକୁ ପଛେଇ ନାହାନ୍ତି। ଏଭଳି କ୍ଷେତ୍ରରେ ସୁନ୍ଦରଗଡ ବିଧାନସଭା ଆସନକୁ ନେଇ ଆଶାୟୀଙ୍କ ଦଳଡିଆଁ ରାଜନୀତି ବେଶ ଚର୍ଚ୍ଚାରେ ରହିଛି। ଏହି ଆସନକୁ ହାତେଇବା ପାଇଁ ଦଳଗୁଡିକ ଦଳୀୟ ପ୍ରାର୍ଥୀଙ୍କ ଅପେକ୍ଷା ଅନ୍ୟଦଳରୁ ପ୍ରାର୍ଥୀ ଆମଦାନୀକୁ ବିଶେଷ ଗୁରୁତ୍ୱ ଦେଉଥିବା ଦେଖାଯାଇଛି । କଂଗ୍ରେସ ଛାଡି ଯୋଗେଶ ସିଂ ବିଜେଡିରେ ଯୋଗଦେଇଥିବାବେଳେ କୁସୁମ ଟେଟେ ବିଜେଡି ଛାଡି ଭାଜପାରେ ଯୋଗ ଦେଇ ଟିକେଟ ହାତେଇବାରେ ସଫଳ ହୋଇଛନ୍ତି। ହେଲେ ବିଶେଷ କରି ଭାଜପାରେ କୁସୁମ ଟେଟେଙ୍କ ଯୋଗଦାନ ପରେ ତାଙ୍କୁ ରାତାରାତି ଦଳୀୟ ଟିକେଟ ପ୍ରଦାନ କରି ଦଳୀୟ ନେତୃବୃନ୍ଦ ଉଲ୍ଲସିତ ଥିବା ବେଳେ ଏହି ଆସନରୁ ବିଧାୟକ ପ୍ରାର୍ଥୀ ହେବା ପାଇଁ ଟିକେଟ ଆଶାୟୀଙ୍କ ମଧ୍ୟରେ ନିରାଶାଭାବ ସୃଷ୍ଟି କରିଛି । ଭାଜପାର ଏଭଳି ନୀତିରେ ଅସନ୍ତୋଷ ପ୍ରକାଶ କରି ସୁନ୍ଦରଗଡ ସାଙ୍ଗଠାନିକ ଜିଲାର ଉପସଭାପତି ତଥା ଅନ୍ୟତମ ଟିକେଟ ଆଶାୟୀ ସୁରେନ୍ଦ୍ର କୁମାର ଭିତ୍ରିଆ ନିଜପଦ ଓ ଦଳରୁ ଆନୁଷ୍ଠାନିକ ଭାବେ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଜିଲା ସଭାପତିଙ୍କ ନିକଟକୁ ପଠାଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସେ ୧୯୯୨ମସିହାରୁ ଭାଜପାରେ ଯୋଗଦେଇ ବିଭିନ୍ନ ସମୟରେ ଟାଉନ ସଭାପତି, ଜିଲା ପରିଷଦ ସଭ୍ୟ, ଜିଲା ସାଧାରଣ ସମ୍ପାଦକ ଓ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲା ଉପସଭାପତି ଭାବେ ଦଳପ୍ରତି ଆନୁଗତ୍ୟ ଦେଖାଇ ନିଷ୍ଠାର ସହ କାର୍ଯ୍ୟ କରୁଥିଲେ। କିନ୍ତୁ ବର୍ତ୍ତମାନ ଦଳ ବ୍ୟବସାୟିକ ଭିତ୍ତିରେ ପରିଚାଳିତ ହେଉଛି। ଦଳର ନୀତିନିୟମ ଓ ଆଦର୍ଶକୁ ଭୁଲିଯାଇ ସରକାର ଗଢିବାର ଲୋଭରେ ପୁରାତନ ସାଙ୍ଗଠନିକ କର୍ମକର୍ତ୍ତାମାନଙ୍କୁ ଅଣଦେଖା କରାଯିବାର ସେ ଅନୁଭବ କରିଛନ୍ତି। ଏଣୁ ସେ ତାଙ୍କ ସହକର୍ମୀଙ୍କ ସହ ଦଳରୁ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି।

## ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

**ଖଡିଆଳ, ୨୩।୩ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଗଡ଼ରାମୁଣ୍ଡା ଗାଁରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଏକ ନୂତନ ଘର ନିର୍ମାଣରେ ନିୟୋଜିତ ଜଣେ ଶ୍ରମିକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ ଗଜିନ୍ଦ୍ର ବନଛୋର(୫୦) । ମିଳିଥିବା ସୂଚନା ମୁତାବକ, ଗଜିନ୍ଦ୍ର ନିଜ ପରିବାର ଅନ୍ୟ ସଦସ୍ୟଙ୍କ ସହ ଗାଁର ତେଜୁ ନାଏକଙ୍କ ନିର୍ମାଣାଧୀନ ଘରେ କାମ କରୁଥିଲେ। ସେତିକିବେଳେ ସେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛାତ ଉପରୁ ତଳକୁ ଛିଟିକି ପଡିଥିଲେ। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଖଡ଼ିଆଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଖଡିଆଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।



ଶହୀଦ ଦିବସ ଅବସରରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଶହୀଦ ଦିବସ: ରକ୍ତଦାନ ଶିବିର

**ସୁନ୍ଦରଗଡ଼, ୨୩। ୩ (ଡି.ଏନ୍.ଏ.)**

ହିନ୍ଦୁ ଏକତା ମଞ୍ଚ ସୁନ୍ଦରଗଡ ଶାଖା ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିଉପଲକ୍ଷେ ଶନିବାର ସ୍ଥାନୀୟ ଜିଲା ରେଡକ୍ରସ ରକ୍ତଭଣ୍ଡାରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଭାରତୀୟ ସ୍ଥଳସେନାର ଅବସରପ୍ରାପ୍ତ ସୁବେଦାର ମେଜର ସୁଶାନ୍ତ କୁମାର ଘୋଷ, ହାବିଲଦାର ହେମନ୍ତ କୁମାର ପ୍ରସାଦ, ସ୍ୱରାଜ ମୁଣ୍ଡା, ମୋଚିରାମ ସେଠୀ, ଦୁର୍ଗା ମାଧବ ପଟେଲ, ଜୁଲିୟସ କେରକେଟା ଓ ସୁରମଣି ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସର୍ବପ୍ରଥମେ ଆମର ବୀରତ୍ୱର ପ୍ରତୀକ ଶହୀଦ ଭଗତ ସିଂ, ରାଜଗୁରୁ ଓ ସୁଖଦେବଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ବୀରତ୍ୱ ଗାଥା ଓ ଦେଶ ମାତୃକାର ସେବା ପାଇଁ ପ୍ରାଣବଳୀ ଆଜିର ଯୁବସମାଜର ଧେୟ ହେଉ ବୋଲି କହିଥିଲେ । ପରେ ହିନ୍ଦୁ ଏକତା ମଞ୍ଚର ସଭାପତି ଜନାର୍ଦ୍ଦନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିରରେ ହିନ୍ଦୁ ଏକତା ମଞ୍ଚର ସଦସ୍ୟମାନେ ରକ୍ତଦାନ କରିଥିଲେ। ରକ୍ତଭଣ୍ଡାରର ଅଧିକାରୀ ଡଃ ଶରତ ଚନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନରେ ଟେକ୍ନସିଆନ୍ ରତ୍ନପ୍ରଭା ନାଏକ, ରଶ୍ମିତା ପ୍ରଧାନ, ଜୋସ୍ନାରାଣୀ ବେଉରିଆ, ମଦନ ସୁନାନୀ, ଦୁଷ୍ମନ୍ତ ପଟେଲ, ବିଜୟ ରକ୍ସା ଓ ରୀନା ମହାନନ୍ଦ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଭଣ୍ଡାରିଶଙ୍କରାରେ ନାମସଂକୀର୍ତ୍ତନ ସମାପନ

**ବାଲିଶଙ୍କରା, ୨୩।୩ (ଡି.ଏନ.ଏ)**

ଭଣ୍ଡାରୀଶଙ୍କରା ଜଗନ୍ନାଥ ମଣ୍ଡପରେ ୩ଦିନ ଧରି ୧୬ପ୍ରହରୀ ନାମସଂକୀର୍ତ୍ତନ ସମାପନ ହୋଇଯାଇଛି। ପ୍ରଥମ ଦିନରେ ଗ୍ରାମର ମହିଳାମାନେ ୧୦୮ କଳସ ଧାରଣ କରି ନିକଟସ୍ଥ ପାଖରୀରୁ କଳସ ଯାତ୍ରା କରି ମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତାରୂପେ ରଞ୍ଜନ ବେହେରା ଓ ସହଧର୍ମଣୀ ହରିପ୍ରିୟା ବେହେରା ଥିବାବେଳେ ପୂଜକ ରୂପେ ତପେଶ୍ୱର ଶତପଥି ଦାୟିତ୍ୱ ତୁଲାଇଥିଲେ। ସହଯୋଗର ହାତ ବଢ଼ାଇଥିଲେ ଉପେନ୍ଦ୍ର ଚିତା, ଉଗ୍ରେସନ ବେହେରା, ପବିତ୍ର ବେହେରା, ଦୀପକ ନାଏକ, ସିତାରାମ ନାଏକ, ବସନ୍ତ ବାରିକ, ଅଲେଖ ଚନ୍ଦ୍ର ବାରିକ, ଗୌରାଙ୍ଗ ଚିତା, ପାର୍ଥ ସିଂହ, ଲକ୍ଷ୍ମଣ, ବସନ୍ତ ପ୍ରଧାନ, ଶଶି ସା, କିଶୋର ବେହେରା, ଏପରି ଜୟ ଜଗନ୍ନାଥ କମିଟିର ସମସ୍ତ କର୍ମକର୍ତ୍ତା। ଉକ୍ତ ସମାରୋହରେ ଭଣ୍ଡାରୀଶଙ୍କରା, କିରାଇ, ଜଡାମାଳ, ମାୟାବାହାଲ, ଜମୁନା, ଥାନାଶଙ୍କରା, ଡୁମୁଲିଆ, ସବଡେଗା, ବାଲିଶଙ୍କରା, କିର୍ତ୍ତନ୍ୟ ମଣ୍ଡଳୀ ଯୋଗଦେଇଥିଲେ । ଶେଷ ଦିନ ଗ୍ରାମରେ ନଗରକୀର୍ତ୍ତନ୍ୟ ଭ୍ରମଣ କରି ଦଧିଭାଣ୍ଡ ଭଞ୍ଜନ କରି ହୋଲିପର୍ବକୁ ଧୁମଧାମରେ ପାଳିଥିଲେ ।



ନାମ ସଂକୀର୍ତ୍ତନ ଚାଲିଛି।

## କାଠ ଫାଳିଆରେ ପିଟି ବାପାଙ୍କୁ ହତ୍ୟା

**ଟେନ୍‌ସା, ୨୩।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୋଇଡା ଥାନା ଅନ୍ତର୍ଗତ ତୋଡା ନିକଟ କଛାଟୋଲା ଗ୍ରାମରେ ଗତ ୨୧ ତାରିଖ ଘରୋଇ କଳିକୁ କେନ୍ଦ୍ରକରି କାଠ ଫାଳିଆରେ ବାପାଙ୍କୁ ହତ୍ୟା କରିଛି ପୁଅ। କଛାଟୋଲାର ବାସିନ୍ଦା ବୈକୁଣ୍ଠ ନାୟକ (୨୨) କିଛି ଦିନ ହେବ ଜନୈକା ଝିଅକୁ ଭଲ ପାଇ ଘରେ ଆଣି ରଖିଥିଲେ। ଏହାକୁ ନେଇ ବାପା ମୋହୁଲିଆ ନାୟକଙ୍କ ସହିତ ସବୁବେଳେ ପାଟିତୁଣ୍ଡ ହେଉଥିଲା। ଗତ ୨୧ ତାରିଖ ବୈକୁଣ୍ଠ ତାଙ୍କ ବଡ ଭାଇକୁ ମୋବାଇଲ ମେମୋରି କାର୍ଡ ମାଗିଥିଲେ। ତାର ବଡ ଭାଇ ମେମୋରି କାର୍ଡ ଦେବାରୁ ମନା କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ତାଙ୍କ ବଡ ଭାଇ ତାଙ୍କ ବାପା ମହୁଲିଆକୁ ସମସ୍ତ କଥା କହିଥିଲେ। ବୈକୁଣ୍ଠ ସବୁବେଳେ ଗାଳିଗୁଲଜ କରୁଛି ତାକୁ ଟିକେ ବୁଝାନ୍ତୁ। ବାପା ବୈକୁଣ୍ଠକୁ ତୁ କାହିଁକି ପାଟିତୁଣ୍ଡ କରିଛୁ ଏବଂ ଭାଇକୁ ଏପରି ଭାଷା କାହିଁକି ବ୍ୟବହାର କରୁଛି ବୋଲି କହିବାରୁ ବୈକୁଣ୍ଠ ରାଗି ଯାଇଥିଲେ। ସବୁବେଳେ ଭାଇର ସପଟ ନେଇଛ ଆଉ ମୋତେ ପର କରି ଦେଉଛି ବୋଲି କହିଥିଲେ। ନିକଟରେ ଥିବା ଏକ କାଠରେ ବାପାକୁ ପିଟି ହତ୍ୟା କରିଥିଲେ। କୋଇଡା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଛି । ଏନେଇ (ନଂ.୩୦/୧୯)ରେ କେଶ ରୁଜୁହୋଇଛି ।



ଅଭିଯୁକ୍ତ ବୈକୁଣ୍ଠ ନାୟକ ।

## ଜାତୀୟ ସେମିନାରରେ ଯୋଗଦେଲେ ଶିକ୍ଷାବିତ୍

**ଲହୁଣୀପଡା, ୨୩।୩ (ଡି.ଏନ.ଏ)**

ଲହୁଣୀପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସ୍ମିତା ମହାନ୍ତ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ସେକ୍ଟର- ୧୬ର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁସ୍ମିତା ମହାପାତ୍ର ଭୋପାଳର ରିଜିଓନାଲ ଇନଷ୍ଟିଚ୍ୟୁଟ ଅଫ୍ ଏଜୁକେସନ (ଆରଆଇଇ)ଠାରେ ଏନସିଇଆରଟି ଦ୍ୱାରା ପ୍ରୟୋଜିତ ଜାତୀୟ ସେମିନାରରେ ଅଂଶଗ୍ରହଣ କରି ନିଜର ଗବେଷଣାପତ୍ର ଉପସ୍ଥାପନ କରିଛନ୍ତି । ଏନସିଇଆରଟି ଦ୍ୱାରା ମାର୍ଚ୍ଚ ୧୫ରୁ ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ଆୟୋଜିତ ଏହି ସେମିନାର ମୁଖ୍ୟ ବିଷୟବସ୍ତୁ ଥିଲା ଆସିଟି ଇଣ୍ଟିଗ୍ରେସନ୍ ଇନ୍ ଏଜୁକେସନ୍ ଆଣ୍ଡ ଲର୍ଣ୍ଣିଂ ଆନାଲିଟିକ୍ସ। ସ୍ମିତା ତାଙ୍କର ଗବେଷଣା ପତ୍ର ଆର୍ଟିଫିସିଆଲ ଇଣ୍ଟେଲିଜେନସ୍ ଆନ୍ ଏଜୁକେସନାଲ ଟୁଲ ଟୁ ଆଟଭ ଗୋଲସ ଅଫ ଏଜୁକେସନ ବା ଶିକ୍ଷାର ଲକ୍ଷ୍ୟ ପ୍ରାପ୍ତ କରିବା ନିମନ୍ତେ କୃତ୍ରିମ ବୁଦ୍ଧି ମତ୍ତାର ଉପଯୋଗ ବିଷୟରେ ତାଙ୍କର ଗବେଷଣା ପତ୍ର ପ୍ରଦାନ କରିଛନ୍ତି । ଯାହାକି ଭବିଷ୍ୟତରେ ଏନସିଇଆରଟିର ପାଠ୍ୟ ପ୍ରସ୍ତୁତିରେ ସହାୟକ ହୋଇପାରିବ । ଶିକ୍ଷାଶାସ୍ତ୍ରରେ ପ୍ରଯୁକ୍ତି ବିଦ୍ୟା ବା ଟେକ୍ନୋଲୋଜି ଇନ୍ ପେଡାଗୋଗୀ ଉପରେ ସୁସ୍ମିତା ନିଜର ଗବେଷଣା ପତ୍ର କୃତିତ୍ୱର ସହ ପ୍ରଦାନ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସର୍ବଭାରତୀୟ ସ୍ତରରେ ୯୭ଜଣ ଶିକ୍ଷାବିତ ଏହି ସେମିନାରରେ ଅଂଶଗ୍ରହଣ କରିଥିଲେ ।ଏନସିଇଆରଟିର ନିର୍ଦ୍ଦେଶକ ଏଚକେ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ଆଇସିଟିର ବ୍ୟବହାର ବିଷୟରେ ଆଲୋଚନା କରିଥିଲେ ।




ଜାତୀୟ ସେମିନାରରେ ଯୋଗଦେଇ ଶିକ୍ଷୟିତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

## ଲହୁଣୀପଡ଼ାରେ ହୋଲି ଉତ୍ସବ ପାଳିତ

**ଲହୁଣୀପଡା, ୨୩।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଅଞ୍ଚଳରେ ଶୁକ୍ରବାର ଆନନ୍ଦ ଉଲ୍ଲାସର ସହିତ ଭାଇଚାରାର ପର୍ବ ହୋଲି ଉତ୍ସବ ପାଳିତ ହୋଇଯାଇଛି। ସକାଳ ୮ଟାରୁ ବିଭିନ୍ନ ଗ୍ରାମ, ଛକ, ସାହିମାନଙ୍କରେ ପିଲାରୁ ବଡଯାଏ ଏବଂ ମହିଳାମାନେ ପରସ୍ପର ଦେହରେ ପବିତ୍ର ହୋଲିର ରଙ୍ଗ ଲଗାଇ ଅଭିନନ୍ଦନ ଜଣାଇଥିଲେ । ଯୁବକମାନେ ଦଳ ଦଳ ହୋଇ ବିଭିନ୍ନ ଗ୍ରାମକୁ ଯାଇ ରଙ୍ଗଲଗାଇବା ସହିତ ଶୁଭେଚ୍ଛା ଜଣାଇଥିଲେ। ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବଣେଇ ଉପଖଣ୍ଡର ବିଭିନ୍ନ ସ୍ଥାନକୁ ଯାଇ ହୋଲି ରଙ୍ଗ ଲଗାଇବା ସହିତ ଶୁଭେଚ୍ଛା ଜଣାଇଥିଲେ। ଛକମାନଙ୍କରେ ପଥଚାରୀମାନଙ୍କୁ ଅଟକାଇ ସେମାନଙ୍କୁ ରଙ୍ଗ ଲଗାଇଥିବା ବେଳେ ବିଭିନ୍ନ ସ୍ଥାନରେ ଡିଜେ, ବାଜା, ନୃତ୍ୟ ଗୀତର ମାହୋଲ ମଧ୍ୟ ଦେଖାଯାଇଥିଲା ।



ଲହୁଣୀପଡାରେ ଯୁବକମାନେ ହୋଲି ଖେଳୁଛନ୍ତି।



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗୀଦାର ହୋଇଥାଏ।

- ମେରି ଆଣ୍ଟିନ



## ସଂକ୍ଷେପରେ

### କଂଗ୍ରେସ ହାଇକମାଣ୍ଡଙ୍କୁ ସମାଲୋଚନା

**ରାଉରକେଲା ଅଫିସ,୨୩।୩-** କଂଗ୍ରେସର ପୁରୁଖା କର୍ମୀ ତଥା ଲାଠିକଟା ମଜଦୁର ମଞ୍ଚ ସାଧାରଣ ସମ୍ପାଦକ କ୍ଷେତ୍ରମୋହନ ମସାନ୍ତ ଏକ ବିବୃତିରେ କଂଗ୍ରେସ ହଇକମାଣ୍ଡଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସରେ ୩୦-୪୦ ବର୍ଷ ଧରି ପଡ଼ି ରହିଥିବା କର୍ମୀଙ୍କୁ ହତାଦର କରାଯାଉଛି। ଦଳରେ ଶୃଙ୍ଖଳିତ ଓ ସମର୍ପିତ ଭାବ ନେଇ କାର୍ଯ୍ୟ କରୁଥିବା କର୍ମୀ ନିରାଶ ହୋଇଛନ୍ତି। ଏହା ଦଳ ପାଇଁ ଶୁଭଙ୍କର ନୁହେଁ। କଂଗ୍ରେସ ସହ ଆଦୌ ସମ୍ପର୍କ ନ ଥିବା ଦୁଇ ନେତାଙ୍କୁ ରାଉରକେଲା ଓ ରଘୁନାଥପାଲି ବିଧାନସଭା କ୍ଷେତ୍ରରୁ ଦଳ ଟିକେଟ ଦେଇଛି। ହାଇକମାଣ୍ଡଙ୍କ ନିଷ୍ପତ୍ତିରେ ବହୁ ନେତା କର୍ମୀ ନିରାଶ ହୋଇଛନ୍ତି। ଏହି ଅସନ୍ତୋଷ ତୀବ୍ର ହେବା ସମ୍ଭାବନା ସୃଷ୍ଟି କରିଛି ବୋଲି ମସାନ୍ତ କହିଛନ୍ତି। ଏପରି ଅବସ୍ଥାରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୬ ତାରିଖରେ ନାମାଙ୍କନପତ୍ର ଦାଖଲ କରିବେ ବୋଲି ମସାନ୍ତ ପ୍ରକାଶ କରିଛନ୍ତି।

### ମିଳିଲାନି ଟିକେଟ, ପରବର୍ତ୍ତୀ ପଦକ୍ଷେପକୁ ଅପେକ୍ଷା

**ରାଉରକେଲା ଅଫିସ,୨୩।୩-** ନିରାଶ ହୋଇଛନ୍ତି କେତେଜଣ ମୂଳ ଭଜପା କର୍ମୀ। ଦଳ ପ୍ରତି ଆନୁଗତ୍ୟ ପ୍ରକାଶ କରିବା ଠିକ୍ ନା କାହାର ଅନୁଗତ ହୋଇ ରହିବା ଠିକ୍ ସେ ନେଇ ତର୍ଜମା ଚାଲିଛି। ଦୀର୍ଘବର୍ଷ ଧରି ଦଳୀୟ ନୀତିଆଦର୍ଶରେ ଅନୁପ୍ରାଣିତ ଆଶାୟୀଙ୍କୁ ଏଥର ରାଉରକେଲା କିମ୍ବା ରଘୁନାଥପାଲି ବିଧାନସଭା କ୍ଷେତ୍ରରୁ ଟିକେଟ ମିଳି ନାହିଁ। କାଲି ସକାଳେ ଦଳରେ ପଶି ଆସ୍ଥାନ ଜମାଇଥିବା ନେତା ଟିକେଟ ହାଇତେବାରେ ସକ୍ଷମ ହୋଇଛନ୍ତି। ଏପରି ଅବସ୍ଥାରେ ଦଳର ମୂଳ କର୍ମୀ, ନେତା ଓ ଟିକେଟ ଆଶାୟୀ ନିରାଶ ହୋଇଛନ୍ତି। ତେବେ ନିର୍ବାଚନରେ ସେମାନଙ୍କ ଭୂମିକା କ'ଣ ହେବ ତାହାକୁ ଉତ୍କଣ୍ଠାର ସହ ଚାହିଁ ବସିଛନ୍ତି ଷ୍ଟିଲ ସିଟିବାସୀ। ଏମାନେ ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ହେଲେ ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେବ ବୋଲି ଆକଳନ କରାଯାଉଛି।

# ଦଳରେ ବିଦ୍ରୋହୀ, ଆଶଙ୍କାରେ ପ୍ରାର୍ଥୀ

**ରାଉରକେଲା ଅଫିସ,୨୩।୩**

ଷ୍ଟିଲ ସିଟିରେ ବଢୁଛି ନିର୍ବାଚନୀ ତାତି। ଟିକେଟ ପାଇଥିବା ଆଶାୟୀ ଖୁସିରେ ମସଗୁଲ ଥିବାବେଳେ ବଞ୍ଚିତ ପ୍ରାର୍ଥୀ ମନମାରି ବସିଛନ୍ତି। ପରବର୍ତ୍ତୀ ରଣକୌଶଳ ନେଇ ସେମାନେ ସମର୍ଥକଙ୍କ ସହ ମନ୍ତ୍ରଣା ଚଳାଇଛନ୍ତି। କିଏ ଦଳ ଛାଡ଼ି ଅନ୍ୟ ଦଳରେ ଯୋଗଦେଉଛି ତ ଆଉ କିଏ ଉପରିସ୍ଥ ନେତାଙ୍କ ଉପରେ ରାଗ ଶୁଝାଇବାକୁ ଯୋଜନା କରୁଛି। ବିଶେଷକରି ଦଳରେ ଦୀର୍ଘବର୍ଷ ଧରି ପଡ଼ି ରହିଥିବା ନେତା ହାଇକମାଣ୍ଡଙ୍କ ଅବିଚାର ମହଙ୍ଗା ପଡ଼ିବ ବୋଲି କହି ବୁଲୁଛନ୍ତି। ଦଳରେ ବିଦ୍ରୋହୀଙ୍କ ଉପସ୍ଥିତି ନେଇ ପ୍ରାର୍ଥୀ ଆଶଙ୍କାରେ ପଡ଼ିଛନ୍ତି। ଭାଜପାର ଦୁଇ ନେତା ଧୀରେନ ସେନାପତି ଓ ଦୁର୍ଗା ତନ୍ତୀ। ରାଉରକେଲା ପାଇଁ ମୁଖ୍ୟ ଦାବିଦାର କୁହାଯାଉଥିବା ଧୀରେନ ଓ ରଘୁନାଥପାଲି ପାଇଁ ସଜବାଜ ହେଉଥିବା ଦୁର୍ଗାଙ୍କ ପ୍ରାର୍ଥିତ୍ୱକୁ ଦଳ ବିଚାରକୁ ନେଇ ନାହିଁ। ନିହାର ରାୟଙ୍କୁ ଭଜପା ରାଉରକେଲା ପ୍ରାର୍ଥୀ କରିଥିବା ବେଳେ ରଘୁନାଥପାଲିରେ ଗତ ନିର୍ବାଚନରେ ପରାଜିତ ପ୍ରାର୍ଥୀ ଜଗବନ୍ଧୁ ବେହେରାଙ୍କୁ ଏଥର ମଧ୍ୟ ଦଳ ପ୍ରାର୍ଥୀ କରିଛି। ଏପରି ଅବସ୍ଥାରେ ନିରାଶ ହୋଇଛନ୍ତି ଦଳର ମୂଳ କର୍ମୀ। ପୁରୁଣା ନେତାଙ୍କୁ ଦଳ ସୁଯୋଗ ଦେଇ ନ ଥିବାରୁ ଏହା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ନିରାଶ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକଙ୍କୁ ଦଳ ମନାଇବାରେ କେତେଦୂର ସଫଳ ହେଉଛି ତାହା ଆଗାମୀ ଦିନରେ ଜଣାପଡ଼ିବ। ତେବେ ରାଉରକେଲା ଓ ରଘୁନାଥପାଲି ଭାଜପାରେ ଏ ନେଇ ଚାପା ଅସନ୍ତୋଷ ସୃଷ୍ଟି ହୋଇଛି। ଆଗକୁ ଏହା କେଉଁ ରୂପ ନେବ ତାହା ସମୟ କହିବ। ସେହିଭଳି ରଘୁନାଥପାଲି ବିଜେଡି ଟିକେଟ ଆଶାୟୀ ଯୁବନେତା ପ୍ରଶାନ୍ତ ସେଠୀ ଶୁକ୍ରବାର ସନ୍ଧ୍ୟାରେ କଂଗ୍ରେସରେ ଯୋଗଦେବା ପରେ ଏହି ଦଳରୁ ଟିକେଟ ପାଇ ନିର୍ବାଚନ ଲଢ଼ିବା ରାସ୍ତା ସଫା କରିଛନ୍ତି। ପ୍ରଶାନ୍ତ ଦୀର୍ଘବର୍ଷ ହେବ ବିଜେଡିରେ ରହିବା ସହ ରାଜ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟ ସମ୍ପାଦକ ଭାବେ ବେଶ୍ ଲୋକପ୍ରିୟ ଥିଲେ।

ସାମାଜିକ ସଂଗଠନ ମାନବିକତା ମାଧ୍ୟମରେ ସେ ସମାଜସେବାରେ ମନୋନିବେଶ କରିଥିଲେ। ଦଳ ତାଙ୍କୁ ଅବହେଳା କରିଥିବାରୁ ସେ ବିଜେଡି ଛାଡ଼ି କଂଗ୍ରେସରେ ଯୋଗଦେଇଥିବା ପ୍ରକାଶ କରିଛନ୍ତି। ସେପଟେ ରାଉରକେଲା ଆସନ ନିମନ୍ତେ ବିଜେଡିର ଅନ୍ୟତମ ଆଶାୟୀ ମିନତୀ ଦେବତା ଫର୍ମ କିଣିଛନ୍ତି। ସେ କେଉଁ ଦଳରୁ ପ୍ରାର୍ଥୀ ହେବେ ତାହା ସ୍ପଷ୍ଟ ହୋଇ ନାହିଁ। ଜଣେ ଟାଣୁଆ ନେତ୍ରୀ ଭାବେ ଜଣାଶୁଣା ଦେବତା ଯଦି ନିର୍ବାଚନ ମଇଦାନକୁ ଓହ୍ଲାନ୍ତି ତେବେ ଏହା ବିଜେଡି ପାଇଁ କିଛି ମାତ୍ରାରେ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ଆଲୋଚନା ହେଉଛି। ତେବେ ସୋମବାର ସୁଦ୍ଧା କେଉଁ ଦଳର କେତେ ବିଦ୍ରୋହୀ ନିର୍ବାଚନକୁ ଓହ୍ଲାଉଛନ୍ତି ତାହା ସ୍ପଷ୍ଟ ହୋଇଯିବ ବୋଲି କୁହାଯାଉଛି। ରାଉରକେଲା ଆସନ ପାଇଁ କଂଗ୍ରେସ ମୁକ୍ତିକାନ୍ତ ବିଶ୍ୱାଳଙ୍କ ନାମ ଘୋଷଣା କରିବା ପରେ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ପରେ ଦଳ କାହାକୁ ପ୍ରାର୍ଥୀ କରୁଛି ତାହାକୁ ଉତ୍ସାହର ସହ ଅପେକ୍ଷା କରିଛନ୍ତି ରାଉରକେଲାବାସୀ। ମୋଟାମୋଟି ସବୁ ଦଳରେ ବିଦ୍ରୋହୀଙ୍କ ଉପସ୍ଥିତି ଅନୁଭବ କରାଯାଉଥିବା ବେଳେ ରାଉରକେଲା ବିଜେଡି ପ୍ରାର୍ଥୀ ଏକପ୍ରକାର ସୁବିଧା ଜନକ ସ୍ଥିତିରେ ରହିବେ ବୋଲି ଆକଳନ କରାଗଲାଣି। ରଘୁନାଥପାଲିରେ ବିଜେଡି ଛାଡ଼ିଥିବା ପ୍ରଶାନ୍ତ କଂଗ୍ରେସ ଟିକେଟ ପାଇବା ପରେ ବିଜେଡି ପାଇଁ କଣ୍ଟା ସାଜିପାରନ୍ତି ବୋଲି ଆଲୋଚନା ହେଉଛି।



ବିଜେଡି ଛାଡ଼ି କଂଗ୍ରେସରେ ଯୋଗଦାନ ଅବସରରେ ପ୍ରଶାନ୍ତ ସେଠୀ ଓ ଅନ୍ୟମାନେ।

## କଂଗ୍ରେସରେ ମିଶି ଟିକେଟ ହାତେଇଲେ ପ୍ରଶାନ୍ତ

**ରାଉରକେଲା ଅଫିସ,୨୩।୩**

ବିଜେଡି ଟିକେଟ ଆଶାୟୀ ପ୍ରଶାନ୍ତ ସେଠୀ ଏଥିରୁ ବଞ୍ଚିତ ହେବା ପରେ ଗୁରୁବାର ଦଳ ତ୍ୟାଗ କରିଥିଲେ। ନିଜ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ସେ ନେଇ ଖୁବଶୀଘ୍ର ଜଣାଇବାକୁ ଘୋଷଣା କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଦଳରେ ଯୋଗଦେଇ ସେ ରାତିଅଧିଆ ଟିକେଟ ହାସଲ କରିଛନ୍ତି। ଏହା ବିରୋଧୀଙ୍କୁ ଚକିତ କରିଛି।

## ବିଧାୟକଙ୍କୁ ଅଡୁଆ ସ୍ୱାଧୀନ ପ୍ରାର୍ଥୀ

**ବୌଦ୍ଧ,୨୩।୩ (ସ୍ୱ.ପ୍ର)**

ବୌଦ୍ଧ ଜିଲାର କଣ୍ଟାମାଳ ବିଧାନସଭା କ୍ଷେତ୍ର ପାଇଁ ବିଧାୟକ ମହୀଧର ରଣାଙ୍କୁ ବିଜେଡି ପୁଣିଥରେ ଟିକେଟ ଦେଇଛି । ଦଳର ଅସନ୍ତୁଷ୍ଟ ନେତାମାନେ ମହୀଧରଙ୍କୁ ଟିକେଟ ନ ଦେବା ପାଇଁ ଦାବି କରିଆସୁଥିଲେ । ତେବେ ସେମାନଙ୍କ ଦାବିକୁ ଅଣଦେଖା କରି ପୁଣି ମହୀଧରଙ୍କୁ ଟିକେଟ୍ ଦିଆଯିବାକୁ ନେଇ ବିରୋଧାଭାସ ପ୍ରକାଶ ପାଇଛି । ଏହି କ୍ରମରେ ଅସନ୍ତୁଷ୍ଟ ଗୋଷ୍ଠୀ ପକ୍ଷରୁ ଦଳର ବରିଷ୍ଠ ନେତା ତଥା ରାଜ୍ୟ ବୟନିକା ସଭାପତି ଶେଷ କୁମାର ମେହେରଙ୍କୁ ସ୍ୱାଧୀନ ପ୍ରାର୍ଥୀ କରିବା ପାଇଁ ଏକ ପ୍ରକାର ନିଷ୍ପତ୍ତି ହୋଇଛି ଏବଂ ସେ ଆସନ୍ତା ୨୬ ତାରିଖରେ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡିଛି । ବିଧାୟକ ରଣା ଗତ ଗୁରୁବାର ଟିକେଟ ଧରି ଭୁବନେଶ୍ୱରରୁ ଆସିବା ବେଳେ ଦଳ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । କିନ୍ତୁ ଏହି ଶୋଭାଯାତ୍ରାରେ ଦଳର କୌଣସି ବରିଷ୍ଠ ନେତା, ବୌଦ୍ଧ ଓ କଣ୍ଟାମାଳ ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଭାପତି ଓ ସଭ୍ୟ ମାନଙ୍କ ଦେଖା ନ ଥିଲା । ସେପଟେ କଣ୍ଟାମାଳ ବିଧାନସଭା ପାଇଁ ଭାଜପା ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ଯୁବ ନେତା ପ୍ରଶାନ୍ତ ସାହୁଙ୍କ ପ୍ରାର୍ଥୀ କରିଛି । ଏଥର କଣ୍ଟାମାଳ ବିଧାନସଭା ନିର୍ବାଚନ ପାଇଁ ସବୁ ପ୍ରାର୍ଥୀ ଯଦି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୁଅନ୍ତି, ତେବେ କଡା ଟକ୍କର ହେବ ବୋଲି ରାଜନୈତିକ ସମୀକ୍ଷକ ମହଲରେ ଚର୍ଚ୍ଚା ଜୋର୍ ଧରିଛି । ବିଶେଷ କରି ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ହିଁ ମହୀଧରଙ୍କୁ ଅଡୁଆରେ ପକାଇବେ ବୋଲି ଆଲୋଚନା ଚାଲିଛି ।

**ଶୋଭାଯାତ୍ରାରେ ବରିଷ୍ଠ ନେତାଙ୍କ ଦେଖାନାହିଁ**

■ କ୍ଷମତା କୈନ୍ଦ୍ରିକ ରାଜନୀତିରେ ମତଦାତା ବାଟବଣା

## ଯୋଗ୍ୟ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବାକୁ ଆହ୍ୱାନ

**ରାଉରକେଲା ଅଫିସ,୨୩।୩**

ଲୋକ ତଥା ରାଷ୍ଟ୍ର ସେବାର ଶ୍ରେଷ୍ଠ ମାର୍ଗ କୁହାଯାଉଥିବା ରାଜନୀତି କ୍ରମଶଃ କ୍ଷମତା କୈନ୍ଦ୍ରିକ ହୋଇପଡୁଛି। ଏଥିରେ ସାଧାରଣ ଲୋକେ ବାଟବଣା ହେବା ଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଏକ ପ୍ରେସ ବିବୃତିରେ କହିଛନ୍ତି ବିଶ୍ୱ ହିନ୍ଦୁ ପରିଷଦ ନେତା ତଥା ସାମାଜିକ କର୍ମୀ ଶାନ୍ତନୁ କୁସୁମ। ଯୋଗ୍ୟ ପ୍ରାର୍ଥୀ ଚୟନ ନେଇ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। କୁସୁମ କହିଛନ୍ତି, ଗୋଳମାଳିଆ ରାଜନୈତିକ ପରିସ୍ଥିତି ପ୍ରାର୍ଥୀଙ୍କଠାରୁ ସାମାଜିକ ପ୍ରତିବଦ୍ଧତା ଛଡ଼ାଇ ନେଇଛି। ଯେନତେନ ସାଲିସ କରି କ୍ଷମତା ଜାବୋଡ଼ି ଧରିବାକୁ ସମସ୍ତେ ଏକମୁହାଁ ହୋଇଛନ୍ତି। ଯାହା ଶୁଭଲକ୍ଷଣ ନୁହେଁ ବୋଲି କୁସୁମ ଆଶଙ୍କା ବ୍ୟକ୍ତ କରିଛନ୍ତି। ରାଜ୍ୟରେ ଆରମ୍ଭ ହୋଇଥିବା ଦଳଡିଆଁ ରାଜନୀତି ବୁଦ୍ଧିଜୀବୀଙ୍କୁ ଚକିତ କରିଛି। ଦଳ ଓ ନେତା ନୀତିଆଦର୍ଶଠାରୁ ଯେମିତି ଦୂରକୁ ଚାଲିଯିବା ଭଳି ଅବସ୍ଥା ସୃଷ୍ଟି ହୋଇଛି। ଗଣତନ୍ତ୍ର ପାଇଁ ଏହା ବିପଦ ସୃଷ୍ଟି କରଛି। ଶାସନ ଗାଦି ମାଡ଼ି ବସିବାକୁ ଆରମ୍ଭ ହୋଇଥିବା ଧାଁଦଉଡ଼ ଶେଷରେ ରାଜ୍ୟ ଓ ଦେଶର କି ଅବସ୍ଥା ସୃଷ୍ଟି କରିବ ସେଥିପ୍ରତି କାହାର ଖାତିର ନାହିଁ। ଛାତି ପିଟି ସମାଜସେବାର ଦ୍ୱାହି ଦେଉଥିବା ପ୍ରାର୍ଥୀ ଏବେ କ୍ଷମତା ପାଇଁ ହାତ ଟେକି ଦେଇଛନ୍ତି। ମତଦାତା ଜଳକା ପ୍ରାୟ ଏମାନଙ୍କ ଗତିବିଧିକୁ ନିରୀକ୍ଷଣ କରୁଛନ୍ତି। ବିଭେଦର ବିଷ ମଞ୍ଜି ବୁଣା ଚାଲିଛି ତମାମ ରାଜ୍ୟରେ। ଏହା କେବଳ ପ୍ରାର୍ଥୀଙ୍କ ମଧ୍ୟରେ ସୀମିତ ହୋଇ ରହିନାହିଁ। ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ଗାଁଗହଳି, ସାହିବସ୍ତିରେ ସୃଷ୍ଟି ହେଲାଣି ତୁ ତୁ ମେଁ ମେଁ ପରିସ୍ଥିତି। ଲୋକଙ୍କୁ ବିକାଶର ସ୍ୱପ୍ନ ଦେଖାଇ ସ୍ୱାର୍ଥ ହାସଲ କରିବାକୁ ବଳ କଷାକଷିରେ ମାତି ରହିଥିବା ନେତା ଭୁଲି ଯାଇଛନ୍ତି ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ। ଜନସେବାର ଶ୍ରେଷ୍ଠ ମାର୍ଗ ଆଜି କଳୁଷିତ ହେବାକୁ ଯାଉଛି। ଯାହା ଭାରତୀୟ ଗଣତନ୍ତ୍ର ପ୍ରତି ଆହ୍ୱାନ ସୃଷ୍ଟି କରିଛି ବୋଲି କୁସୁମ କହିଛନ୍ତି। ଏପରି ଅବସ୍ଥାରେ ମତଦାତା ନିଜ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରନ୍ତୁ। ଦେଶର ସୁରକ୍ଷା, ସମୃଦ୍ଧିକୁ ନଜରରେ ରଖି ଉପଯୁକ୍ତ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବାକୁ କୁସୁମ ଆହ୍ୱାନ ଦେଇଛନ୍ତି।

ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ

## ଡୁଙ୍ଗୁରିପାଲି ବ୍ଲକରୁ ୩ ପ୍ରମୁଖ ଦଳର ପ୍ରାର୍ଥୀ

**ସୋନପୁର,୨୩।୩(ନି.ପ୍ର.)**

ପ୍ରମୁଖ ରାଜନୈତିକ ଦଳଗୁଡିକ ପ୍ରାର୍ଥୀ ଘୋଷଣା କରିବା ପରେ ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ପୂର୍ବରୁ ବିଜୁ ଜନତା ଦଳ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ଶୁକ୍ରବାର ଭାଜପା ଓ କଂଗ୍ରେସ ଏହି ନିର୍ବାଚନ ମଣ୍ଡଳୀ ସକାଶେ ପ୍ରାର୍ଥୀ ଘୋଷଣା କରିଛନ୍ତି। ଭାଜପା ବରିଷ୍ଠ ନେତା ଅଶୋକ କୁମାର ପୂଜାରୀଙ୍କୁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସ ଚିତ୍ତରଞ୍ଜନ ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ୩ପ୍ରମୁଖ ଦଳ ଅଧିକ ସଂଖ୍ୟାକ ମତଦାତା ଥିବା ଜିଲାର ଡୁଙ୍ଗୁରିପାଲି ବ୍ଲକକୁ ଫୋକସ କରିଥିବା ପ୍ରାର୍ଥୀ ଚୟନରୁ ସ୍ପଷ୍ଟ ହୋଇଛି। ବିଜେଡି ଓ ଭାଜପାର ପ୍ରାର୍ଥୀଙ୍କ ଘର ଏହି ବ୍ଲକର ରାମପୁର ଅଞ୍ଚଳରେ। ସେହିପରି କଂଗ୍ରେସ ପ୍ରାର୍ଥୀ ଚିତ୍ତରଞ୍ଜନଙ୍କ ଘର ଡୁଙ୍ଗୁରିପାଲି ବ୍ଲକର ସଦର ମହକୁମାରେ। ଫଳରେ ଏହି ବ୍ଲକ ଏବେ ରାଜନୈତିକ ଦୃଷ୍ଟିକୋଣରୁ ସ୍ପର୍ଶକାତର ହୋଇପଡିଛି। ବିଜେଡି ପ୍ରାର୍ଥୀ ନିରଞ୍ଜନ ବିନିକାରୁ ୨ଥର ଓ ସୋନପୁରରୁ ୨ଥର ନିର୍ବାଚନ ଜିତିଛନ୍ତି। ଅଶୋକ ଭାଜପାର ନୂଆ ମୁହଁ ହୋଇଥିଲେ ହେଁ ଅଭିଜ୍ଞ। ପୂର୍ବରୁ ସେ କଂଗ୍ରେସ ଟିକେଟ୍‌ରୁ ବିନିକା ନିର୍ବାଚନମଣ୍ଡଳୀରୁ ଲଢ଼ିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ଚିତ୍ତରଞ୍ଜନ ଅଭିଜ୍ଞ ରାଜନେତା । ସେ ବ୍ଲକ ରାଜନୀତିରେ ସକ୍ରିୟ ଥିଲେ। ପ୍ରଥମ ଥର ପାଇଁ ସେ ବିଧାୟକ ଟିକେଟ ପାଇବାରେ ସକ୍ଷମ ହୋଇଛନ୍ତି। ଦଳୀୟ ଟିକେଟ ପାଇଁ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଦଳୀୟ ହାଇକମାଣ୍ଡଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି। ଏଥର ଲଢେଇ ଜୋରଦାର ହେବ ବୋଲି ଆଶା କରାଯାଉଛି । ସୁବର୍ଣ୍ଣପୁର ମ୍ୟୁନିସିପାଲିଟି, ତରଭା ଏନ୍‌ଏସି ଏବଂ ସୋନପୁର, ତରଭା, ଡୁଙ୍ଗୁରିପାଲି ବ୍ଲକ ସହିତ ବିନିକା ବ୍ଲକର ଝୁଲୁଣ୍ଡା, କୁଇବାହାଲ ଓ ମହଦା ପଞ୍ଚାୟତକୁ ନେଇ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠିତ।

ସୁଭାଷଙ୍କୁ ମିଳିଲାନି ଭାଜପା ଟିକେଟ

## କେନ୍ଦ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ପଦ୍ମପୁର, ୨୩।୩ (ଡି.ଏନ.ଏ)**

ଭାଜପା ପକ୍ଷରୁ ଓଡିଶାର ୫ଟି ଲୋକସଭା ଓ ୨୨ଟି ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି । ଏହି ତାଲିକାରେ ବରଗଡ ଲୋକସଭା ଆସନରେ ସୁରେଶ ପୂଝାରୀଙ୍କୁ ପ୍ରାର୍ଥୀ କରାଯାଇଛି । ଗତ ଥର ବରଗଡ ଲୋକସଭା ଆସନରୁ ଭାଜପା ପ୍ରାର୍ଥୀ ଭାବେ ଲଢ଼ିଥିବା ସୁବାଷ ଚୌହାନ କମ୍ ଭୋଟ୍ ବ୍ୟବଧାନରେ ପରାସ୍ତ ହୋଇଥିଲେ । ଏଣୁ ସେ ପୁଣି ଏଥର ଏହି ଆସନ ପାଇଁ ଆଶାୟୀ ଥିଲେ। କିନ୍ତୁ ତାଙ୍କୁ ଟିକେଟ୍ ମିଳି ନ ଥିବାରୁ ତାଙ୍କ ସମର୍ଥକମାନେ ଶନିବାର ପଦ୍ମପୁର ମୁଖ୍ୟ ଭେଉଁରିଆଛକରେ ବିକ୍ଷୋଭ କରିବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ଏଥିସହ ବିଧାୟକ ପ୍ରଦୀପ ପୁରୋହିତ ଓ ଅନ୍ୟ ପଦାଧିକାରୀଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ । ଏଥିରେ ରାଜୁ ଘିବେଲା, ଚିନ୍ମୟ ପଣ୍ଡା, ପ୍ରଶାନ୍ତ ମାଝୀ, ହରି ସିଂ, ଦୁର୍ବାସା ସାହୁ, ଗୁଣମଣି ପଟେଲ, ସୁନୀଶ ଦୋରା, ରମେଶ ଗର୍ଗଙ୍କ ସମେତ ଅନେକ କର୍ମୀ ସାମିଲ ହୋଇଥିଲେ ।



ସୁଭାଷ ଚୌହାନଙ୍କ ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବରଗଡ଼ ଅଫିସ,୨୩।୩**

ବରଗଡ଼ ସହରରେ ହୋଲିପର୍ବରେ ଲୋକେ ଉତ୍ସାହ, ଉଦ୍ଦୀପନାରେ ମସଗୁଲ୍ ଥିବାବେଳେ ସ୍ଥାନୀୟ ଏକ ଘରୋଇ ଶିକ୍ଷାନୁଷ୍ଠାନ ଛାତ୍ରାବାସରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତ ଛାତ୍ର ଜଣକ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଗାନ୍ଧୀନଗର ନିବାସୀ ରିକି ଭୂମିକ । ଶନିବାର ଇଂଲିଶ ପରୀକ୍ଷା ଥିଲା । ମାତ୍ର ଇଂଲିଶ ପରୀକ୍ଷା ପୂର୍ବଦିନ ଅର୍ଥାତ୍ ଶୁକ୍ରବାର ଛାତ୍ରାବାସରେ ରହୁଥିବା କୋଠରୀରୁ ତାଙ୍କ ମୃତଦେହ ଉଦ୍ଧାର ହେବା ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବରଗଡ଼ ଟାଉନ ଥାନା ଆଇଆଇସି ମାନସ ରଞ୍ଜନ ପ୍ରଧାନ କହିଛନ୍ତି ।

## କହ୍ନେଇ ଡାଙ୍ଗ ହେଲେ କଣ୍ଟାମାଳ ଭାଜପା ପ୍ରାର୍ଥୀ

**ମନମୁଣ୍ଡା, ୨୩।୩ (ଡି.ଏନ.ଏ)**

କଣ୍ଟାମାଳ ବିଧାନସଭା ଆସନ ପାଇଁ ଭାଜପା ବରିଷ୍ଠ ନେତା ତଥା ଆଇନଜୀବୀ କହ୍ନେଇ ଚରଣ ଡାଙ୍ଗଙ୍କ ନାମ ଘୋଷଣା କରିଛି । ସେହିପରି କଂଗ୍ରେସରୁ ପ୍ରଶାନ୍ତ ସାହୁ, ବିଜେଡିରୁ ବିଧାୟକ ମହୀଧର ରଣାଙ୍କ ନାମ ଘୋଷଣା ହୋଇଥିବା ବେଳେ ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ଭାବେ ବୟନିକା ସଭାପତି ତଥା ଆଇନଜୀବୀ ଶେଷ ମେହେର ପ୍ରାର୍ଥୀ ମନୋନୟନ ପତ୍ର ଆଣିଛନ୍ତି । ୨୫ ତାରିଖରେ ବିଜେଡି ଓ କଂଗ୍ରେସ ମନୋନୟନପତ୍ର ଦାଖଲ କରିବାକୁ ସ୍ଥିର କରିଥିବା ବେଳେ ୨୬ ତାରିଖରେ ଭାଜପା ଏବଂ ସ୍ୱାଧୀନ ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିବେ ବୋଲି ଜଣାଯାଇଛି । ଭାଜପା ପ୍ରାର୍ଥୀ କହ୍ନେଇ ଓ ସ୍ୱାଧୀନ ପ୍ରାର୍ଥୀ ଶେଷ ଉଭୟେ ବନ୍ଧୁ ଓ ଗୋଟିଏ ପଞ୍ଚାୟତର ବାସିନ୍ଦା । ଏଠାରେ ଚତୁର୍ମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆଲୋଚନା ଚାଲିଛି ।

# ତିନି ପୁରୁଣା ମୁହଁ ମଧ୍ୟରେ ପୁଣି ଲଢ଼େଇ

**ଭେଡ଼େନ, ୨୩।୩ (ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଏନ୍‌ଏସି, ଭେଡ଼େନ ଏବଂ ଅତାବିରା ବ୍ଲକକୁ ନେଇ ଗଠିତ ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ (ଏସ୍‌ସି) ପାଇଁ ଆସନ୍ତା ୧୮ ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବ । ୨୦୦୯ ଏବଂ ୨୦୧୪ ନିର୍ବାଚନ ପରି ଏଥର ମଧ୍ୟ ତିନି ପୁରୁଖାଙ୍କ ମଧ୍ୟରେ ଲଢ଼େଇ ହେବା ସ୍ପଷ୍ଟ ହୋଇଯାଇଛି । ଏହି ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡ଼ି ପକ୍ଷରୁ ବର୍ତ୍ତମାନର ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥିନୀ ଭାବେ ପ୍ରଥମେ ଘୋଷଣା କରାଯିବା ପରେ କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏବଂ ଭାଜପା ମିଳନ ସେଠଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଛି । ବିଗତ ଦୁଇଟି ନିର୍ବାଚନରେ ଅତାବିରାବାସୀ ଏହି ତିନି ଜଣଙ୍କ ମଧ୍ୟରେ ଲଢ଼େଇ ଦେଖି ଆସିଛନ୍ତି। ୨୦୦୯ ନିର୍ବାଚନରେ କଂଗ୍ରେସର ନିହାର ମହାନନ୍ଦ ୧୩, ୩୨୯ ଭୋଟରେ ବିଜୟୀ ହୋଇଥିଲେ । ଏହି ନିର୍ବାଚନରେ ମୋଟ ଭୋଟର ସଂଖ୍ୟା ୧୮୯୧୪୪ ମଧ୍ୟରୁ ୧୨୪୬୨୦ଜଣ ଭୋଟ ଦେଇଥିଲେ । ସେଥିମଧ୍ୟରୁ କଂଗ୍ରେସ ଦଳର ନିହାର ମହାନନ୍ଦ ୪୯,୩୧୬ ଭୋଟ(୩୯.୬୫%) ପାଇଥିବା ବେଳେ ବିଜେଡ଼ିର ସ୍ନେହାଙ୍ଗିନୀ ଛୁରିଆ ୩୬,୦୬୯(୨୮.୯୫%) ଭୋଟ ପାଇଥିଲେ । ତେବେ ଭାଜପା ପକ୍ଷରୁ ଟିକେଟ ନ ପାଇ ସ୍ୱାଧୀନ ଭାବେ ଲଢ଼ିଥିବା ମିଳନ ସେଠ ୧୬,୩୦୮ (୧୩.୦୯%) ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ । ଭାଜପାର ଦଳୀୟ ପ୍ରାର୍ଥୀ ବିପିନ ଭୋସାଗର ୧୧,୦୬୬ (୮.୮୮%) ଭୋଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ । କିନ୍ତୁ ୨୦୧୪ରେ ଏଥିରେ ପରିବର୍ତ୍ତନ ହୋଇଥିଲା। ସେତେବେଳେ ବିଜେଡ଼ି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ୨୫,୪୭୪ ଭୋଟ ବ୍ୟବଧାନରେ ତତ୍କାଳୀନ ବିଧାୟକ ଥିବା ନିହାର ରଞ୍ଜନ ମହାନନ୍ଦଙ୍କୁ ପରାସ୍ତ କରି ପ୍ରଥମ ଥର ପାଇଁ ବିଧାୟିକା ନିର୍ବାଚିତ ହୋଇଥିଲେ । ଏହି ନିର୍ବାଚନରେ ମୋଟ ୨,୦୨,୫୦୬ରୁ ୧,୫୪, ୯୭୪ ଜଣ ମତଦାନ କରିଥିଲେ। ସେଥି ମଧ୍ୟରୁ ବିଜେଡ଼ି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ୬୯, ୬୦୨ ( ୪୪.୯୨%) ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ନିହାର ରଞ୍ଜନ ମହାନନ୍ଦ ୪୪,୧୨୮(୨୮.୯୮%) ଭୋଟ ପାଇଥିଲେ। ଏହି ନିର୍ବାଚନରେ ଭାଜପା ପକ୍ଷରୁ ମିଳନ ସେଠ ପ୍ରାର୍ଥୀ ହୋଇ ୩୩,୭୩୫(୨୧.୭୭%) ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ । ଚଳିତ ନିର୍ବାଚନରେ ୨୫୬ଟି ପୋଲିଙ୍ଗ ବୁଥ୍‌ରେ ମୋଟ ୨,୧୨,୦୧୪ଜଣ ଭୋଟ ଦେବେ। କିଏ ବିଜୟୀ ହେବେ ତାହା ଆଗାମୀ ଦିନରେ ଜଣାପଡ଼ିବ।

୧୯୬୧ ମସିହାରେ ପ୍ରଥମ ଥର ପାଇଁ ଅତାବିରା ନିର୍ବାଚନ ମଣ୍ଡଳୀ ଗଠିତ ହୋଇ ଅନୁସୂଚିତ ଜାତିର ବର୍ଗଙ୍କ ପାଇଁ ସଂରକ୍ଷିତ ରହିଥିଲା । ସେହି ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଦଳଗଞ୍ଜନ ଛୁରିଆ (ଯେ କି ବର୍ତ୍ତମାନର ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ଅଜା ଶ୍ୱଶୁର) ୨୫୮ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସେ ମୋଟ ୫୫୦୮ ଖଣ୍ଡ (୪୫.୦୨%) ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଗଣତନ୍ତ୍ର ପରିଷଦ ପ୍ରାର୍ଥୀ ଘାସି ଭିଖାରୀଙ୍କୁ ୫୨୫୦ ଖଣ୍ଡ ଭୋଟ ମିଳିଥିଲା। ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଦ୍ୱିତୀ ଗଣ୍ଡଙ୍କୁ ୧୪୭୬ ଭୋଟ ମିଳିଥିଲା । ପରେ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ହୋଇ ଅତାବିରା ନିର୍ବାଚନ ମଣ୍ଡଳୀର ଭେଡ଼େନ ଓ ଅତାବିରା ବ୍ଲକର କିଛି ପଞ୍ଚାୟତ ବରଗଡ଼ ବିଧାନସଭାରେ ମିଶିଥିଲା । ସେହିପରି ଅତାବିରା ବ୍ଲକର ଅନ୍ୟ କେତେକ ପଞ୍ଚାୟତ ସମ୍ବଲପୁର ନିର୍ବାଚନ ମଣ୍ଡଳୀରେ ମିଶିଥିଲା। ଗତ ୨୦୦୯ରେ ଅତାବିରା ନିର୍ବାଚନ ମଣ୍ଡଳୀ ପୁଣିଥରେ ଗଠିତ ହୋଇଥିଲା ।

**ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ**



ମିଳନ ସେଠ



ନିହାର ମହାନନ୍ଦ



ସ୍ନେହାଙ୍ଗିନୀ ଛୁରିଆ



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ଶହୀଦଙ୍କ ଉଦ୍ଦେଶ୍ୟରେ ହୋଲି ବର୍ଜନ କଲେ କ୍ଲବ ସଦସ୍ୟ

**କୋଲାବିରା,୨୩।୩(ଡି.ଏନ୍.ଏ.)**

ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ସମାସିଂହାସ୍ଥିତ ସୁପର କ୍ଲବ ସଦସ୍ୟମାନେ ହୋଲି ବର୍ଜନ କରିଛନ୍ତି। ହୋଲି ଉତ୍ସବ ପାଳନ ନେଇ କ୍ଲବ ପକ୍ଷରୁ ଏକ ବୈଠକ ବସିଥିଲା। ଏହି ଅବସରରେ ପୁଲୱାମା ଆତଙ୍କବାଦୀ ଆକ୍ରମଣର ନିନ୍ଦା କରାଯାଇଥିଲା। ଶହୀଦଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସେହିପରି ହୋଲି ଉତ୍ସବ ପାଳନ ନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସୂଚନା ଫଳକ ଲଗାଇ ଏ ସମ୍ପର୍କରେ ସମସ୍ତ ସଦସ୍ୟଙ୍କୁ ଅବଗତ କରାଯାଇଥିଲା। ଶୁକ୍ରବାର ସମଗ୍ର ଅଞ୍ଚଳରେ ହୋଲି ଉତ୍ସବ ପାଳନ କରାଯାଇଥିବା ବେଳେ କ୍ଲବ ସଦସ୍ୟମାନେ ଏହା ନ କରି ସହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। କ୍ଲବ ସଭାପତି ସଞ୍ଜୀବ ନାଏକ, ସମ୍ପାଦକ ସଦାନନ୍ଦ କିଷାନ, ବାବଲୁ ବନଛୋର, ପ୍ରହ୍ଲାଦ କାଲୋ, ବିଜୟ ନାଏକ, ଗୌରାଙ୍ଗ କାଲୋ, ପ୍ରଶାନ୍ତ କାଲୋ, ତିଲେଶ୍ୱର ବନଛୋର, ନରେନ ସେଠ୍, ଦଶରଥ ବନଛୋର, ରୂପେଶ କିଷାନ ପ୍ରମୁଖ କ୍ଲବ ସଦସ୍ୟ ଏକତ୍ରିତ ହୋଇ ହୋଲି ଉତ୍ସବ ବର୍ଜନ କରିଥଲେ।

## ଟ୍ରକ୍ ମାଲିକଙ୍କ ଖବରଦାତା ସମ୍ମିଳନୀ
# ପ୍ରସ୍ତାବିତ ସଂଘ ନିର୍ବାଚନକୁ ବିରୋଧ

**ଲଖନପୁର,୨୩।୩(ଡି.ଏନ୍.ଏ.)**

ପ୍ରସ୍ତାବିତ ନିର୍ବାଚନକୁ ବିରୋଧ କରି ବନ୍ଧବାହାଲ ମା' ସମଲେଇ ଟ୍ରକ୍ ମାଲିକ ସଂଘର କେତେଜଣ ସଦସ୍ୟ ଏକ ଖବରଦାତା ସମ୍ମିଳନୀ କରିଛନ୍ତି। ଏଥିରେ ସଂଘର ପୂର୍ବତନ ସଭାପତି ପ୍ରସନ୍ନ ସିଂହ, ସୁନୀଲ ମହାନ୍ତି, ରବୀନ୍ଦ୍ର ବିଶ୍ୱାଳ, ସୁରେନ୍ଦ୍ର ପଣ୍ଡା, ସୁରେଶ ସିଂହ, ସଞ୍ଜୀବ ଜେନା, ବିକାଶ ତାନା, ଅଜିତ ସ୍ୱାଇଁ, ଗାନ୍ଧୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ସଂଘର ନିର୍ବାଚନ ପାଇଁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଆସନ୍ତା ୨୯ ତାରିଖରେ ନିର୍ବାଚନ ତାରିଖ ଧାର୍ଯ୍ୟ କରାଯାଇଛି। ୨୩ ଓ ୨୪ ତାରିଖରେ ନାମାଙ୍କନପତ୍ର ଦାଖଲ, ୨୫ରେ ଯାଞ୍ଚ, ୨୬ରେ ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଛି। ହେଲେ ନିର୍ବାଚନ ପୂର୍ବରୁ ସଂଘ ସଦସ୍ୟଙ୍କ ଅବଗତି ନିମନ୍ତେ ଏକ ସାଧାରଣ ବୈଠକ ବସିବା ନିୟମ ରହିଛି। ଏହି ବୈଠକରେ ବିଗତ ୨ ବର୍ଷର ଆୟବ୍ୟୟ ହିସାବ ଅବଗତ କରାଯିବା କଥା। ସଂଘ ଏ ସବୁ ନ କରି ତରବରିଆ ଭାବେ ନିର୍ବାଚନ କରିବାକୁ ନିଷ୍ପତ୍ତି ନେଇଛି। ଏ ନେଇ ଅସନ୍ତୁଷ୍ଟ ଟ୍ରକ୍ ମାଲିକମାନେ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କେତେଜଣ ଟ୍ରକ୍ ମାଲିକ ସଂଘର ସଦସ୍ୟତା ଗ୍ରହଣ କରିବାକୁ ଚାହୁଁଥିବା ବେଳେ ସେମାନଙ୍କୁ ସଦସ୍ୟତା ଦିଆଯାଉ ନ ଥିବା ମାଲିକମାନେ ଅଭିଯୋଗ କରିଛନ୍ତି। ମାଲିକଙ୍କ ସ୍ୱାର୍ଥ ପାଇଁ ସଂଘ ଗଠନ ହୋଇଛି। କିନ୍ତୁ ସେମାନେ କୋଇଲା ପରିବହନ, ଭଡ଼ା ଆଦି ପାଇବାରେ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ମାଲିକମାନେ ସଂଘକୁ ଅବଗତ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି। କେତେଜଣ ଟ୍ରକ୍ ମାଲିକଙ୍କ ଆବଶ୍ୟକ କାଗଜପତ୍ର ନ ଥିବାବେଳେ ସେମାନେ ସଂଘ ସଦସ୍ୟ ରହିଛନ୍ତି। ଏହାର ଯାଞ୍ଚ କରି ସେମାନଙ୍କୁ ସଦସ୍ୟତାରୁ ବାଦ୍ ଦିଆଯାଉ। ୨ ବର୍ଷରେ ଥରେ ସଂଘ ନିର୍ବାଚନ ହେଉଥିବାବେଳେ ଏହାକୁ ପ୍ରତିବର୍ଷ କରିବା ପାଇଁ ମାଲିକମାନେ ଦାବି କରିଛନ୍ତି। ଏଭଳି ଅସନ୍ତୋଷକୁ ନେଇ କେତେଜଣ ଟ୍ରକ୍ ମାଲିକ ଶନିବାର ସକାଳେ ବିଓସିଏମ୍ ଛକରେ ଥିବା ସଂଘ କାର୍ଯ୍ୟାଳୟରେ ପହଞ୍ଚି ବିରୋଧ କରିଥିଲେ। ଫଳରେ କୋଇଲା ପରିବାହନ ପାଇଁ ରସିଦ୍ କଟା କିଛି ସମୟ ପାଇଁ ବନ୍ଦ ରହିଥିଲା। ଖବରପାଇ ସଂଘ ସମ୍ପାଦକ ସନ୍ତୋଷ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ମାଲିକଙ୍କ ସହିତ ଆଲୋଚନା କରିଥିଲେ। ପରେ ରସିଦ୍ କଟା ଆରମ୍ଭ ହୋଇ କୋଇଲା ପରବହନ ସ୍ୱାଭାବିକ ହୋଇଥିଲା।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଟ୍ରକ୍ ମାଲିକ।

## କୋଲାବିରାରେ ରଙ୍ଗର ପର୍ବ ହୋଲି

**କୋଲାବିରା,୨୩।୩(ଡି.ଏନ୍.ଏ.)**

କୋଲାବିରା ତଥା ଏହାର ଆଖପାଖ ଅଞ୍ଚଳରେ ଦୁଇଦିନ ଧରି ହର୍ଷୋଲ୍ଲାସରେ ପାଳିତ ହୋଇଛି ରଙ୍ଗର ପର୍ବ ହୋଲି। ଛୋଟ ବଡ଼, ମହିଳା ପୁରୁଷ, ଯୁବତୀ ଯୁବକ ସମସ୍ତେ ଏକତ୍ରିତ ହୋଇ ପରସ୍ପରକୁ ରଙ୍ଗ ବୋଳି ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ପଣା, ମିଷ୍ଟାନ୍ନ ବଣ୍ଟନ ସହ ନାଚଗୀତର ଆୟୋଜନ ମଧ୍ୟ କରାଯାଇଥିଲା। ଲୋକଙ୍କ ମଧ୍ୟରେ ଯଥେଷ୍ଟ ସଚେତନତା ସୃଷ୍ଟି ହୋଇଥିବାରୁ ଏଥର ରାସାୟନିକ ରଙ୍ଗରୁ ଦୂରେଇ ରହି ସମସ୍ତେ ହର୍ବାଲ ରଙ୍ଗ ବ୍ୟବହାର କରିଥିଲେ। ଅପରପକ୍ଷରେ ଗ୍ରାମର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ସେବାୟତଙ୍କ ଦ୍ୱାରା ବୁଧବାର ହୋଲିକା ଦହନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ହୋଲିକା ନାମରେ ନାମିତ ଶମୀ ବୃକ୍ଷ ସହ କାଠ, ନଡ଼ା, ଡାଳ ଆଦି ଦ୍ୱାରା ଆବୃତ କରି ଅଗ୍ନି ପ୍ରଜ୍ୱଳନ କରାଯାଇଥିଲା। ସେହି ଅଗ୍ନିକୁ ଗହମ, ଚଣା, ଧାନ ଆଦି ଶସ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ଏକତ୍ରିତ ହୋଇ ନିଜ ମନସ୍କାମନା ପୂରଣ ପାଇଁ ଭଗବାନ ଅଗ୍ନିଙ୍କୁ ପ୍ରଣାମ କରିଥିଲେ। ହୋଲିକା ଦହନ ସମୟର ଅଗ୍ନିଶିଖାର ଦିଗରୁ ଆସନ୍ତା ବର୍ଷର ପାଣିପାଗ ବିଷୟରେ ଚାଷୀଙ୍କୁ ଆଗୁଆ ସୂଚନା ମିଳିଥାଏ ବୋଲି ବିଶ୍ୱାସ ରହିଛି।

## ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

**କୋଲାବିରା,୨୩।୩(ଡି.ଏନ୍.ଏ.)**

ଦିନତମାମ ହୋଲି ଖେଳରେ ସମଗୁଲ ରହିବା ପରେ ଜଣେ ବନ୍ଧୁଙ୍କୁ ଦେଖା କରିବାକୁ ଆସୁଥିବା ୨ ଯୁବକ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଏଥିରେ ଉଭୟ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଝାରସୁଗୁଡ଼ା ସରବାହାଲ କୁମ୍ଭାରପଡ଼ାର ବିକାଶ ଗୁରୁ (୨୯) ଏବଂ ସଞ୍ଜୟ କରାଳୀ (୨୯)। ଶୁକ୍ରବାର ଏମାନେ ଝାରସୁଗୁଡ଼ାରେ ହୋଲି ଖେଳିବା ପରେ କୋଲାବିରା ଅଞ୍ଚଳରେ ରହୁଥିବା ଜଣେ ବନ୍ଧୁଙ୍କୁ ଦେଖା କରିବାକୁ ସନ୍ଧ୍ୟା ସାଢ଼େ ୫ରେ ସ୍କୁଟି (ନଂ. ଓଡି୨୩-ଏ୬୭୬୭) ଯୋଗେ ଆସୁଥିଲେ। ରଘୁନାଥପାଲି ନିକଟ ଏକ ଢାବାକୁ ଲାଗି ରହିଥିବା ଶିମିଳି ଗଛରେ ସ୍କୁଟି ଧକ୍କା ହୋଇଥିଲା। କୋଲାବିରା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୋଲାବିରା ମେଡିକାଲ ପଠାଇଥିଲେ। ବିକାଶଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। କୋଲାବିରା ପୋଲିସ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି।

## ରୋଜ୍ ବଡ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ




କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ଲଖନପୁର,୨୩।୩(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲସ୍ଥିତ ରୋଜ୍ ବଡ୍ ପବ୍ଲିକ୍ ସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀ ରବିରତନ ବାଗ, ମୁଖ୍ୟବକ୍ତା ଏମ୍‌ସିଏଲ୍ ଜିଏମ୍ (ଅପରେଶନ୍) ଅରୁଣ ସ୍ୱର୍ଣ୍ଣକାର,ସମ୍ମାନିତ ଅତିଥି ଭାବେ ଜିଲା ଖବରଦାତା ସଂଘ ସଭାପତି ନୀଳେନ୍ଦ୍ର କୁମାର ଗଜେନ୍ଦ୍ର, ଡା. ନକୁଳ ଚନ୍ଦ୍ର ସାମଲ, ଶ୍ରମିକନେତା ରବୀନ୍ଦ୍ର ପ୍ରସାଦ, ଜ୍ଞାନାଲୋକ ପବ୍ଲିକ୍ ସ୍କୁଲ ଏମ୍‌ଡି ଜୟଶ୍ରୀ ରଥ, ଶାଶ୍ୱତ ପବ୍ଲିକ୍ ସ୍କୁଲ ଏମ୍‌ଡି ସୌଭାଗ୍ୟ ପଟେଲ, ଶ୍ୟାମସୁନ୍ଦର ନାୟକ, ବୀରେନ୍ଦ୍ର ସିଂହ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲ ପରିଚାଳନା ନିର୍ଦ୍ଦେଶକ ସାଗର ନାୟକ ସ୍କୁଲ ସମ୍ପର୍କରେ ସୂଚନା ରଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ଶେଖର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୧୯୦ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୁନି ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗାୟତ୍ରୀ ସ୍ୱାଇଁ ଓ ରୂପଶ୍ରୀ ବେହେରାଙ୍କୁ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ପୁରସ୍କୃତ କରାଯାଇଥିଲା। ପ୍ରଭାସିନୀ ବାଗ, ଦୀପା ଚୌହାନ, ଜ୍ୟୋତି ପଟେଲ, ଲିନା ଶର୍ମା ପ୍ରମୁଖଙ୍କୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ପାଇଁ ପୁରସ୍କୃତ କରାଯାଇଥିଲା। ସ୍କୁଲ ପରିଚାଳନା କମିଟି ସଦସ୍ୟ ସାଲେଗ୍ରାମ ନାୟକ, ସଞ୍ଜୟ ସିଂହ, ସଞ୍ଜୟ ନାୟକ, ସୀତାରାମ ପଣ୍ଡା, ସରୋଜ କିଷାନ, ବିକାଶ ରଞ୍ଜନ ଶବର, ଧନେଶ ପ୍ରଧାନ, ଦୀପକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଦ୍ୱିତୀୟ ପର୍ଯ୍ୟାୟରେ ତାଲିମ ନେଲ ୨୨୪୬ ଅଫିସର

**ସମ୍ବଲପୁର,୨୩।୩(ବ୍ୟୁରୋ)**

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ପାଇଁ ୨ୟ ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯାଇଛି। ୧୧୨୩ ଜଣ ପୁଲିଂ ଓ ୧୧୨୩ ଜଣ ପ୍ରିଜାଇଡଂ ଅଫିସର ତାଲିମ ନେଇଥିଲେ । ସମବାୟ ବିଭାଗ ସଚିବ ଶୁଭ୍ରାଂଶୁ ମୋହାନ ମିଶ୍ର ତଦାରଖ କରିଥିଲେ । କୁଚିଣ୍ଡା କଲେଜର ୫୦୯, ବିଇଡି କଲେଜରେ ୬୫୦, ମୁନସିପାଲଟି ବାଳିକା ସ୍କୁଲରେ ୭୦୦, ରେଢାଖୋଲ ଭୀମ ଭୋଇ କଲେଜରେ ୩୬୭ ଜଣ ଅଧିକାରୀ ତାଲିମ ଗ୍ରହଣ କରିଥିଲେ। ସୂଚନା ଯୋଗ୍ୟ ଯେ, ଜିଲାର ୪ଟି ନିର୍ବାଚନ ମଣ୍ଡଳୀରେ ୪୦ଟି ବୁଥ୍ କରାଯାଇଛି । ଏହା ସହ ୬ଟି ଅତିରିକ୍ତ ବୁଥ୍ ପାଇଁ ଅନୁରୋଧ କରାଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ ସାମନ୍ତରାୟ ସୂଚନା ଦେଇଛନ୍ତି।

## ରାସେଶ୍ୱରୀ କହିଲେ ପ୍ରତିଶ୍ରୁତି ପାଳନ ହୋଇଛି

**ସମ୍ବଲପୁର,୨୩।୩(ବ୍ୟୁରୋ)**

ସମ୍ବଲପୁର ନିର୍ବାଚନ ମଣ୍ଡଳୀ ବୁଥାପଡା ଓ କ୍ଷେତରାଜପୁରରେ ବିଜେଡିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ରସେଶ୍ୱରୀ ପାଣିଗ୍ରାହୀ ଯୋଗ ଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ପ୍ରତିଶ୍ରୁତି ପାଳନ କରି ଅଞ୍ଚଳରେ ଅନେକ ବିକାଶ କାମ ହାତକୁ ନିଆଯାଇଛି । ସେ ମଧ୍ୟରୁ ଅଧିକ ସମ୍ପୂର୍ଣ୍ଣ ହୋଇସାରିଛି । ଆଗକୁ ମଧ୍ୟ ବିକାଶ ଧାରା ଜାରି ରହିବ ବୋଲି ବିଧାୟିକା ପାଣିଗ୍ରାହୀ କହିଥିଲେ। ବିଜେଡି ଟାଉନ ସଭାପତି ପ୍ରଫୁଲ୍ଲ ଦାସ, ଉମେଶ ରନବିଡା, ମହମ୍ମଦ ଜାଫର, ରମେଶ ସୁନା,ସଞ୍ଜୟ ସାହୁ, ସଦାନନ୍ଦ ନାଏକ ଉପସ୍ଥିତ ରହିଥିଲେ। ଏହି ଅବସରରେ ଶତାଧିକ ଯୁବକ ଓ ମହିଳା ବିଜେଡିରେ ଯୋଗ ଦେଇଥିଲେ । ବିଧାୟିକା ପାଣିଗ୍ରାହୀ ସେମାନଙ୍କୁ ସ୍ୱାଗତ କରି ଦଳ ପାଇଁ କାମ କରୁବାକୁ ପରାମର୍ଶ ଦେଇଥିଲେ।

## ବୃଦ୍ଧାଶ୍ରମରେ ହୋଲି ଉତ୍ସବ




ଅନ୍ତେବାସୀ ଓ କେନ୍ଦ୍ର କର୍ମଚାରୀ ହୋଲି ପାଳନ କରୁଛନ୍ତି।

**ଲଖନପୁର,୨୩।୩(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଗୋବିନ୍ଦପୁରସ୍ଥିତ ବୃଦ୍ଧାଶ୍ରମ 'ଭରସା କେନ୍ଦ୍ର'ରେ ଦୋଳପୂର୍ଣ୍ଣିମା ଓ ହୋଲି ଉତ୍ସବ ପାଳିତ ହୋଇଛି। ଏଥିରେ ଅନ୍ତେବାସୀ, କେନ୍ଦ୍ରର ଅଧିକାରୀ ଓ କର୍ମଚାରୀ ସାମିଲ ହୋଇ ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରିଥିଲେ। ଅନ୍ତେବାସୀ ରାଧାକୃଷ୍ଣଙ୍କ ଫଟୋଚିତ୍ରରେ ଅବିର ଲଗାଇ ପୂଜାର୍ଚ୍ଚନା କରିଥିଲେ। ପରେ ନାମସଂକୀର୍ତ୍ତନ, ଭଜନ, ଜଣାଣ ଆଦି ପରିବେଷଣ କରିଥିଲେ। ପରସ୍ପରକୁ ମିଠା ଖୁଆଇ ରଙ୍ଗ ଖେଳିଥିଲେ। କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ପିପୁଲ୍ସ ଫୋରମ୍‌ର ପ୍ରୋଗ୍ରାମ ଅଫିସର ସଞ୍ଜୟ ଜେଠି, ରଞ୍ଜିତ କୁମାର ଦାସ, ଶିବାନୀ ପରିଡ଼ା, ସୁଶୋଭି ନାୟକ, ଜ୍ୟୋସ୍ନା ବାରିକ, କବିତା ଛତ୍ରିଆ, ସନ୍ତୋଷ ସାହୁ, ଆଶିଷ ସାହୁ, ରୁଦ୍ର ଘୁସି, ସୁମନ୍ତ ଗରୁଡ଼ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ଆଜି ଓଡ଼ିଶା ଆଦର୍ଶ ସ୍କୁଲ ପ୍ରବେଶିକା ପରୀକ୍ଷା
# ଆବେଦନ କରିଥିବା ପ୍ରତି ଘରୋଇ ସ୍କୁଲର ଛାତ୍ରୀଛାତ୍ର ଦେଇପାରିବେ

**ସମ୍ବଲପୁର,୨୩।୩(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଥିବା ୩ଟି ଆଦର୍ଶ ସ୍କୁଲରେ ଚଳିତବର୍ଷ ନାମଲେଖା ପାଇଁ ରବିବାର ପ୍ରବେଶିକା ପରିକ୍ଷା ଅନୁଷ୍ଠିତ ହେବ। ସରକାରଙ୍କ ରେକୋନାଇଜସନ ସାର୍ଟିଫିକେଟ ନଥିବା ୨୬ ଘରୋଇ ସ୍କୁଲର ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇପାରିବେ । ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି ।ଏ ନେଇ ଜିଲାପ୍ରଶାସନ ପକ୍ଷରୁ ସୁଚନା ଦିଆଯାଇଛି । ଜିଲାର ଯୁଯୁମୁରା ହାଇସ୍କୁଲ, ରେଙ୍ଗାଲି ଓ ବାମରାରେ ପ୍ରବେଶିକା କେନ୍ଦ୍ର ରହିଛି। ସୂଚନା ଯୋଗ୍ୟ ଯେ, ଜିଲାରେ ଥିବା ଘରୋଇ ସ୍କୁଲର ରେକୋନାଇଜସନ ସାର୍ଟିଫିକେଟ ନ ଥିଲେ ସେହି ସ୍କୁଲର ଛାତ୍ରଛାତ୍ର ପ୍ରବେଶିକା ପରିକ୍ଷା ଦେଇ ପରିବେ ନାହିଁ ବୋଲି ପ୍ରଥମେ କୁହାଯାଇଥିଲା । ଏ ନେଇ ଅନେକ ଅଭିଭାବକ ମାନେ ଅଭିଯୋଗ କରିଥିଲେ । ଏହାକୁ ନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିଛି। ଆବେଦନ କରିଥିବା ପ୍ରତି ଛାତ୍ରୀଛାତ୍ର ଯେପରି ପ୍ରବେଶିକା ପରୀକ୍ଷାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି।

## ନିର୍ବାଚନ ବେଳେ ସଂଖ୍ୟାଲଘୁଙ୍କୁ ବ୍ୟବହାର କରାଯାଉଛି

**ସମ୍ବଲପୁର, ୨୩।୩ (ବ୍ୟୁରୋ)**

ସମ୍ବଲପୁର ବିଧାନସଭା କ୍ଷେତ୍ରରେ ସଂଖ୍ୟାଲଘୁଙ୍କ ବିକାଶ ହେଉନାହିଁ । କିନ୍ତୁ ରାଜନୈତିକ ଦଳ ଗୁଡିକ ନିର୍ବାଚନ ସମୟରେ ସଂଖ୍ୟାଲଘୁଙ୍କୁ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରୁଛନ୍ତି । ୫ବର୍ଷରେ ବିଧାୟକ, ସାଂସଦ ଓ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ମୁସଲମାନ୍ ଅଧୁଷିତ ଅଞ୍ଚଳରେ କୌଣସି ପ୍ରକାର କାର୍ଯ୍ୟ କରାଯାଇ ନାହିଁ । ଏହି ଅଞ୍ଚଳରେ ରାସ୍ତା ଶୋଚନୀୟ ହୋଇ ପଡିଛି । ଜନସାଧାରଣ ପାନୀୟ ଜଳ ପାଇପାରୁନାହାନ୍ତି । ନର୍ଦ୍ଦମା ଭିତରେ କିଛି ପାଣି ପାଇପ ଯାଇଛି । ତେଣୁ ବିଭିନ୍ନ ପ୍ରକାର ରୋଗ ବ୍ୟାପିବାରେ ଲାଗିଛି । ଶନିବାର ସମ୍ବଲପୁର ସୋନାପାଲି ସୟଦ ଗାର୍ଡେନ୍‌ଠାରେ ସଂଖ୍ୟାଲଘୁ ବିକାଶ ମଞ୍ଚ କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେମାନେ କହିଥିଲେ ଯେ, ୨୦୧୪ ମସିହାରେ ବିଜେଡି ପ୍ରାର୍ଥୀଙ୍କୁ ସଂଖ୍ୟାଲଘୁମାନେ ଭୋଟ ଦେଇଥିଲେ । କିନ୍ତୁ ବିଜୟୀ ହେବା ପରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ କୌଣସି ପ୍ରକାର ଉନ୍ନତି ମୂଳକ କାର୍ଯ୍ୟ କରିନାହାନ୍ତି । ତେଣୁ ଚଳିତ ବର୍ଷ ତାଙ୍କ ପ୍ରାର୍ଥୀତ୍ୱକୁ ମଞ୍ଚ ବିରୋଧ କରିବ ବୋଲି କହିଛନ୍ତି । ଖବରଦାତା ସମ୍ମିଳନୀରେ ଏସ.ଏ. କାସିମ୍, ମହମ୍ମଦ ନୱାବ, ମହମ୍ମଦ ୟୁସୁବ ଓ ହାଜି ମହମ୍ମଦ ୟୁସୁବ ଉପସ୍ଥିତ ଥିଲେ।

## ଏପ୍ରିଲ ୨ରେ ବିଏସ୍‌ପି ସମ୍ବଲପୁର ବିଧାୟକ, ଏମ୍‌ପି ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ

**ସମ୍ବଲପୁର, ୨୩।୩ (ବ୍ୟୁରୋ)**

ବହୁଜନ ସମାଜ ପାର୍ଟି (ବିଏସପି) ରାଷ୍ଟ୍ରୀୟ ଅଧକ୍ଷା ମାୟାବତୀ ଆସନ୍ତା ଏପ୍ରିଲ ୨ ତାରିଖରେ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡିଆରେ ଜନସମାବେଶରେ ଯୋଗ ଦେଇ ସମ୍ବଲପୁର ଲୋକସଭା ଓ ବିଧାନସଭା କ୍ଷେତ୍ରର ପ୍ରାର୍ଥୀ ଘୋଷଣା କରିବେ। ଶନିବାର ସମ୍ବଲପୁର ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ନିହାଲ ସିଂ ଏହି ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ମହମ୍ମଦ ମୁସ୍ତକିମ୍, ଲୋକସଭା ପ୍ରଭାରୀ ମହମ୍ମଦ ଫାରୁକ୍, ରେଢ଼ାଖୋଲ ବିଧାନସଭା ପ୍ରଭାରୀ ପଦ୍ମ ମହାନନ୍ଦ, ଜିଲା ସାଧାରଣ ସମ୍ପାଦକ ବିପିନ ବିହାରୀ ଷଡଙ୍ଗୀ, କୁନ୍ଦନ ନାଗ, ଟାଉନ ସଭାପତି ମହମ୍ମଦ ଜବିର ହୁସେନ୍, ସଭ୍ୟ ସୁନୀଲ କୁମାର ହଁସଦା ଓ ହମିଦ ରେହେମାନ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଲଟିଲା ସାର ବୋଝେଇ ଟ୍ରକ୍

**ଲଇକେରା,୨୩।୩(ଡି.ଏନ୍.ଏ.)**

ଲଇକେରା ଓଡ଼ିଆପାଲି ବୁଲାଣିରେ ଭାରସାମ୍ୟ ହରାଇ ଏକ ସାର ବୋଝେଇ ୧୦ ଚକିଆ ଟ୍ରକ ଓଲଟି ପଡ଼ିଛି। ଓଆର୧୫-କ୍ୟୁ୫୩୯୪ନଂ ଏହି ଟ୍ରକ୍‌ଟି ସମ୍ବଲପୁରରୁ ସୁନ୍ଦରଗଡ଼ ଜିଲା ସାହାଜବାହାଲ ଯାଉଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ସାର ମାଲିକ ଅନ୍ୟ ଏକ ଟ୍ରକରେ ସାର ବୋଝେଇ କରି ନେଇଥିବା ଜଣାପଡ଼ିଛି।



ଓଲଟି ପଡ଼ିଥିବା ଟ୍ରକ୍।

## କଂଗ୍ରେସ କାର୍ଯ୍ୟାଳୟରେ ତାଲା ପକାଇଲେ ଅସନ୍ତୁଷ୍ଟ

**ଝାରସୁଗୁଡ଼ା ଅଫିସ,୨୩।୩**

ଝାରସୁଗୁଡ଼ା ବିଧାନସଭା ଆସନରୁ ପ୍ରାର୍ଥୀ ଭାବେ କଂଗ୍ରେସ ମହେନ୍ଦ୍ର ନାୟକଙ୍କ ନାମ ଘୋଷଣା କରିବା ପରେ ଦଳର ପୁରୁଣା କର୍ମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅସନ୍ତୁଷ୍ଟ କର୍ମୀମାନେ ଶନିବାର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ଅପରପକ୍ଷରେ ନାୟକଙ୍କ ପ୍ରାର୍ଥିତ୍ୱକୁ ସ୍ୱାଗତ ଜଣାଇ ତାଙ୍କ ସମର୍ଥକମାନେ ବାଣ ଫୁଟାଇ ଖୁସି ଜାହିର କରିଛନ୍ତି। ଦଳୀୟ ପ୍ରାର୍ଥୀ ହେବାକୁ ଆଶାୟୀ ଥିବା ଅଶୋକ ମିଶ୍ର ଅଭିଯୋଗ କରିଛନ୍ତି ଯେ ନାୟକ ଦଳର ପ୍ରାଥମିକ ସଦସ୍ୟ ହୋଇ ନ ଥିବା ସତ୍ତ୍ୱେ ଦଳ ତାଙ୍କୁ ଟିକେଟ ଦେବାରୁ ପୁରୁଖା କର୍ମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ପ୍ରତିବାଦ କରି କର୍ମୀମାନେ କାର୍ଯ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବତନ ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ କଂଗ୍ରେସ ଛାଡ଼ିବା ପରେ ପୂର୍ବତନ ବିଧାୟକ ବୀରେନ୍ଦ୍ର ଚନ୍ଦ୍ର ପାଣ୍ଡେଙ୍କ ସମେତ ଅନେକେ ଟିକେଟ ଆଶାୟୀ ଥିଲେ। ତେବେ ମହେନ୍ଦ୍ର ନାୟକଙ୍କୁ ଦଳ ଟିକେଟ ଦେବାକୁ ସେମାନେ ନିରାଶ ହୋଇଛନ୍ତି। ନାୟକ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ପ୍ରଥମେ ବଜେଡି ଓ ପରେ ଭାଜପା ଟିକେଟ ପାଇଁ ଆଶାୟୀ ଥିଲେ। ତେବେ ତାଙ୍କୁ କଂଗ୍ରେସ୍ରୁ ଟିକେଟ ମିଳିଛି। ଗୋଣ୍ଡୱାନା ଗୋଣ୍ଡ ମହାସଭାର ରାଜ୍ୟ ସଭାପତି ଭାବେ ଅଞ୍ଚଳର ଆଦିବାସୀ ସଙ୍ଗଠନକୁ ସୁଦୃଢ଼ କରିବାରେ ତାଙ୍କର ଯଥେଷ୍ଟ ଅବଦାନ ରହିଛି। ନିକଟରେ ଜିଲାର ଲଇକେରା ଓ କିର୍ମିରା ବ୍ଲକକୁ ସିଡ୍ୟୁଲ ବ୍ଲକ ମାନ୍ୟତା ଦାବିନେଇ ନାୟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଉକ୍ତ ଦୁଇ ବ୍ଲକ ଅଞ୍ଚଳରେ ସଚେତନତା କାର୍ଯ୍ୟ ଜାରି ରଖିଛନ୍ତି।



ମହେନ୍ଦ୍ର ନାୟକ।